ମୃତ୍ୟୁଲୋକରେ ଋତୁ ସପ୍ତମ

ଶ୍ରୀ ଦାଶରଥି ଦାସ

Digitized by PPRACHIN, SOA

ମୃତ୍ୟୁଲୋକରେ
ଋତୁ ସପ୍ତମ

ଶ୍ରୀ ଦାଶରଥି ଦାସ

ଅଗ୍ରଦୂତ
କଟକ-୨

Digitized by PPRACHIN, SOA

ମୃତ୍ୟୁଲୋକରେ ଋତୁ ସପ୍ତମ

ଲେଖକ :
ଶ୍ରୀ ଦାଶରଥି ଦାସ,
ରୀଡର, ଓଡ଼ିଆ ବିଭାଗ
ବ୍ରହ୍ମର୍ଷି ଜଗବନ୍ଧୁ ବିଦ୍ୟାଧର କଲେଜ, ଭୁବନେଶ୍ୱର

ପ୍ରକାଶକ :
ଶ୍ରୀ ବୀରବର ମହାନ୍ତି
ଅଗ୍ରଦୂତ ପ୍ରକାଶନୀ
ବାଙ୍କା ବଜାର, କଟକ-୨

ପ୍ରଥମ ପ୍ରକାଶ : ଶାମ୍ବଦଶମୀ, ୨୮·୧୨·୧୯୭୯

ପ୍ରଚ୍ଛଦପଟ :
ଅସୀତ୍ ମୁଖାର୍ଜି

ମୁଦ୍ରଣ :
ସ୍ୱରାଜ ପ୍ରେସ, କଟକ-୧

ମୂଲ୍ୟ : ପନ୍ଦରଟଙ୍କା ମାତ୍ର

Mrityulokare Ritu Saptam

(Time and Man in Ramakanta)

by :
Sri Dasarathi Das
Reader in Oriya
B.J.B. College, Bhubaneswar-14

Publisher :
Sri Birabar Mohanty
Agradoot Publications
Bankabazar, Cuttack-2
Artist :
Asit Mukherjee
First Publication: **1979**
Printers :
Swaraj Press, Cuttack-1
Price : **Rupees Fifteen only**

Paper used for Printing of this book was made available by Government of Orissa at Concessional rate.

Digitized by PPRACHIN, SOA

ମୃତ୍ୟୁଶ୍ଳୋକରେ ଋତୁ ସପ୍ତମ

I still think that this world has no higher meaning. But I am also sure that something in it has meaning. This is man, for man alone in the universe insists upon having a meaning.

Albert Camus.

ଏକ :

ଶ୍ରୀରମାକାନ୍ତ ରଥଙ୍କୁ ଆମେ ସର୍ବାନ୍ତଃକରଣରେ କବି ବୋଲି ଜାଣୁ । ଆଧୁନିକ ଓଡ଼ିଆ କବିତାକୁ ଯେଉଁମାନଙ୍କର ଦାନ ସର୍ବପ୍ରଥମ ଶ୍ରଦ୍ଧାର ସହିତ ସ୍ମରଣୀୟ, ସେମାନଙ୍କ ମଧ୍ୟରେ ଶ୍ରୀରଥ ଅନ୍ୟତମ । ତାଙ୍କ ସାହିତ୍ୟିକ ସତତା ଅବିସମ୍ବାଦିତ । ଲକ୍ଷ୍ୟ ତାଙ୍କର କବିତା ଲେଖା ଦିଗରେ; ପାଠକ ଦିଗରେ ନୁହେଁ । ଅର୍ଥାତ୍ ଜନପ୍ରିୟତା ଅର୍ଜନ କରିବାକୁ ସେ ବ୍ୟଗ୍ର କି ବ୍ୟାକୁଳ ନୁହନ୍ତି, କେବଳ ନିଜ କବି-ସ୍ୱଭାବର

Digitized by PPRACHIN, SOA

ମିଳନ ପାଇଁ ପ୍ରଯତ୍ନଶୀଳ । ତାଙ୍କ କବିତା ପଢ଼ିଲାବେଳେ ମାର୍କ ହାରିସ୍‌ଙ୍କ କଥା ମନେ ପଡ଼େ । ସେ ଯେପରି ହାରିସ୍‌ଙ୍କ ଭାଷାରେ କହନ୍ତି, "I write, let the reader learn to read." ପ୍ରକୃତରେ କବିତା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ଯେଉଁ ପର୍ଯ୍ୟନ୍ତ ଜନସାଧାରଣଙ୍କ ହୃଦୟ କାବ୍ୟଚେତନାର ନୂତନ ଦିଗ୍‌ବଳୟ ଅଧିକାର ନ କରିଛି, ସେପର୍ଯ୍ୟନ୍ତ କେତେଜଣ ତୃତୀୟଶ୍ରେଣୀର କବିଙ୍କ ସ୍ଥୂଳ ଉଦ୍‌ବୋଧନ ଭିନ୍ନ ସମାଜ ଓ ସଭ୍ୟତାର ସମଗ୍ରତାଭିତରେ କୌଣସି ପ୍ରଥମଶ୍ରେଣୀର ଆଧୁନିକ କବିଙ୍କ କବିତା ପ୍ରବେଶପଥ ପାଇ ପାରିବ ନାହିଁ । ଭଲ କବିଙ୍କୁ ବଡ଼ ସୀମିତ ଆଦରରେ ସନ୍ତୁଷ୍ଟ ହେବାକୁ ହେବ । ଶ୍ରୀରଥ ଏହା ଜାଣନ୍ତି ବୋଲି ନୀରବରେ ବଡ଼ ସଙ୍କୋଚଭାବରେ ନିଜ ମନର ଆନ୍ଦୋଳନକୁ ମୁକାବିଲା କରନ୍ତି ଓ ନିର୍ମଳ କବିତା ଲେଖନ୍ତି । ଯେ କୌଣସି ଭଲ କବିଙ୍କର ଅବଶ୍ୟ ପ୍ରୟୋଜନୀୟ ଗୁଣଟି ହେଲା ଏହି ସାହିତ୍ୟିକ ସତତା । ତାହା ସହିତ ଅନ୍ୟାନ୍ୟ ଅନେକ ଗୁଣ ଶ୍ରୀରଥଙ୍କ କବିତାରୁ ବାରି ହୋଇପାରେ । ଅଛି ତାଙ୍କର ସମକାଳୀନ ଜୀବନ-ସମସ୍ୟାସମ୍ବନ୍ଧରେ ସ୍ପର୍ଶକାତରତା, ଅଛି ମଧ୍ୟ ଆଧୁନିକ କବିତାର ଧର୍ମବୋଧ ଓ ଉଭୟ ପ୍ରାଚ୍ୟପାଶ୍ଚାତ୍ୟ ଦର୍ଶନସାହିତ୍ୟସଙ୍କ୍ରାନ୍ତ ଜ୍ଞାନ । ଆଶାଚ୍ଛିତର ନିରନ୍ତର ଦୁରତ୍ୟାଶା ଯେବେ ରୋମାଣ୍ଟିସିଜମ୍‌ର ସନାତନ ଲକ୍ଷଣ ହୁଏ, ତେବେ ସେ ରୋମାଣ୍ଟିକ୍ ନିଶ୍ଚୟ । ମାତ୍ର କବି ଶେଲିକୀଟସ୍ ଯେଉଁ ଅର୍ଥରେ ରୋମାଣ୍ଟିକ୍, ସେହି ଅର୍ଥରେ ସେ ରୋମାଣ୍ଟିକ୍ ନୁହନ୍ତି । ସେ ସଂପୂର୍ଣ୍ଣ ଜଣେ ଆଧୁନିକ କବି । ବରଂ ତାଙ୍କୁ ଆମେ ନଓରୋମାଣ୍ଟିକ୍ କହି ପାରିବା ।[1] ସେ ତ୍ରାତା ନୁହନ୍ତି କି ବକ୍ତା ନୁହନ୍ତି, ନୁହନ୍ତି ମଧ୍ୟ ମାନବ-ଜାତିର ଅସ୍ୱୀକୃତ ବିଧାନକର୍ତ୍ତା । ତାଙ୍କ କବିସତ୍ତା ସଂଚେତନ ମଣିଷଟିଏ

---

୧ । ଦ୍ରଷ୍ଟବ୍ୟ : The basic elements in the modern neo-Romanticism are a quasi-mystical search for transcendental reality, experiments with forms to represent new models of vision, and a general metaphysical introspection. Sarah N. Lawall. Critics of Consciousness, Page 22.

Digitized by PPRACHIN, SOA

ମାତ୍ର । ସେ ନିଜକୁ ନିଜର ଚୈତନ୍ୟବହ୍ନିରେ ଦଗ୍ଧୀକରିବା ଭିନ୍ନ ଅନ୍ୟ କିଛି କରନ୍ତି ନାହିଁ । ତାଙ୍କର ସାଧ କାହିଁ ସେ ମଣିଷକୁ ସୁଖ ଓ ପ୍ରମୋଦ ଯୋଗାଇବେ ? ତାଙ୍କର ଅବଦାନ ଏକାନ୍ତ ଭାବରେ ଆଧ୍ୟାତ୍ମିକ । କବିତା ତେଣୁ ସର୍ବସ୍ୱ ଆଧ୍ୟାତ୍ମିକ ହୋଇ ଉଠିଛି; ତ୍ୟାଗକରିଛି ବସ୍ତୁ-ମୋହ ଓ ବର୍ଣ୍ଣନାର ସରଳ ଆକାଂକ୍ଷା, ତ୍ୟାଗ କରିଛି ମଧ୍ୟ ଶିକ୍ଷାଦାନ ଓ ସମ୍ବାଦସେବନର ଦାୟିତ୍ୱ । ଶ୍ରୀରଥଙ୍କ କାବ୍ୟଚେତନା ପଛରେ ଉଭୟ ପ୍ରାଚ୍ୟପାଶ୍ଚାତ୍ୟ ଦର୍ଶନ ଓ ସାହିତ୍ୟର ସୁବିସ୍ତୀର୍ଣ୍ଣ ପଟଭୂମି ବର୍ତ୍ତମାନ । ତାହା ଯେପରି ଜଟିଳ, ସେହିପରି ପରିଣତ ମଧ୍ୟ । ବିଶେଷତଃ ଆଧୁନିକ ସାହିତ୍ୟଦର୍ଶନରୁ ତାଙ୍କ କାବ୍ୟଚେତନାକୁ ବିଚ୍ଛିନ୍ନ କରି ଦେଖି ହେବ ନାହିଁ । ଔପନ୍ୟାସିକ ଡଷ୍ଟୋଭସ୍କି ଓ କାମ୍ୟୁ, ନାଟ୍ୟକାର ଷ୍ଟ୍ରିଣ୍ଡବର୍ଗ, ଚେକଭ୍, ପିରାଣ୍ଡେଲୋ, ବେକଟ୍ ଓ ପିଣ୍ଟର, କବି ବୋଦେଲେୟାର୍, ରିଲ୍‌କେ, ଇୟେଟସ୍, ଏଲିୟଟ୍ ଓ ଡିଲାନ ଟମାସ ତଥା ଦାର୍ଶନିକ ସାର୍ତ୍ରେ ଓ ଉନାମୁନୋ ଆଦିଙ୍କ ପରଂପରାରେ ତାଙ୍କୁ ବୁଝିବାକୁ ହୁଏ । ଓଡ଼ିଆ କବିତାଇତିହାସରେ ସେ କବି ସଚ୍ଚିଦାନନ୍ଦ ଓ ଗୁରୁପ୍ରସାଦଙ୍କ ଉତ୍ତରସୂରି ।

ରୋମାଣ୍ଟିକ କବିଗଣ ନିଜକୁ ଆଦର୍ଶ ରାଷ୍ଟ୍ର ଓ ସମାଜଗଠନର ଅନ୍ୟତମ ସ୍ଥପତି ବୋଲି ଭାବିଥିଲେ । ବିଶ୍ୱରେ ଆଧୁନିକ କବିତାର ପ୍ରାଣପ୍ରତିଷ୍ଠାତା ପିତୃପୁରୁଷ କବି ବୋଦେଲେୟାର କିନ୍ତୁ ଘୋଷଣା କଲେ ଯେ, କବି ରାଷ୍ଟ୍ର ବା ସମାଜଗଠନର ସ୍ଥପତି ନୁହନ୍ତି, ସେ ପରମ ଡ୍ୟାଣ୍ଡିଟିଏ ମାତ୍ର । (ଡ୍ୟାଣ୍ଡି—ଫୁଲ୍‌ବାବୁ !.) ତାଙ୍କର କାମହେଲା ଦର୍ପଣ ସମ୍ମୁଖରେ ଦିନଯାପନ କରିବା ଓ ନିଦ୍ରାଯିବା (to live and die before a mirror) । କବି ଶ୍ରୀରଥ ବୋଦେଲେୟାରଙ୍କର ସେହି ପରମ ଡ୍ୟାଣ୍ଡି; ଯେ ଦର୍ପଣ ସମ୍ମୁଖରେ ଦିନଯାପନ କରନ୍ତି ଓ ନିଦ୍ରା ଯାନ୍ତି । ଅବିରଳ ଆତ୍ମଦର୍ଶନ ଓ ଆତ୍ମପରୀକ୍ଷା ହିଁ ତାଙ୍କର ଏକମାତ୍ର କବିକୃତ୍ୟ । ଚୈତନ୍ୟ ତାଙ୍କର ବଡ଼ କ୍ଷମାହୀନ । ତେଣୁ ସେ ଶୋଇ ମଧ୍ୟ ଆତ୍ମବିସ୍ମୃତ ହୋଇ ପାରନ୍ତି ନାହିଁ । ସମାଜ ବା ଶାସନ ବିରୁଦ୍ଧରେ ବିଦ୍ରୋହ କରିବା ତାଙ୍କର କାମ ନୁହେଁ । ଅନେକଦିନରୁ କବିଙ୍କ ସହିତ ସମାଜର ବିଚ୍ଛେଦ ଘଟିଛି । ଆଧୁନିକ କବିମାନେ ଆତ୍ମନିର୍ବାସିତ ।

Digitized by PPRACHIN, SOA

ସମାଜର ଦୈନନ୍ଦିନ ଜୀବନଯାତ୍ରାରେ କଳ୍ପନା, କାବ୍ୟରଚନା ଓ ସମ୍ବେଦନଶୀଳତା ପାଇଁ ସ୍ଥାନ ବା କାହିଁ ? ସମାଜରେ ଥାଇ ମଧ୍ୟ ତାଙ୍କ କବିସତ୍ତ୍ୱା ନିର୍ଜନ ଓ ନିଃସଙ୍ଗ । ତେଣୁ ଜାଗତିକ କୌଣସି ବ୍ୟାପାରରେ ସେ ହସ୍ତକ୍ଷେପ କରନ୍ତି ନାହିଁ, ପାରିପାର୍ଶ୍ୱିକ ଜୀବନ ଓ ଜଗତରେ କିଛି ପରିବର୍ତ୍ତନ ମଧ୍ୟ ଘଟାଇ ପାରନ୍ତି ନାହିଁ । ତାଙ୍କର ଶକ୍ତି ବା କାହିଁ ? ସେ ଜାଣନ୍ତି, "ନଥିରେ ଲେଖିବି କେତେ ନିର୍ଦ୍ଦେଶ ଯାହାର/ଶକ୍ତି ନାହିଁ କୌଣସି କଥାକୁ/ବଦଳାଇ ଦେବାଲାଗି, ଯାହା ବଦଳୁଛି/ଅବରୋଧ କରିବାକୁ ତାକୁ ।" (ସେଷ୍ଟା ବାଟ) । ଅଥଚ ସେ ନିଜ ମଧ୍ୟରେ ନିଖିଳ ବେଦନାକୁ ଧାରଣ କରନ୍ତି, ଜାଗତିକ ଜଗତ ଓ ଜୀବନକୁ ବଦଳାଇବାକୁ ନୁହେଁ, କେବଳମାତ୍ର ଉଭୟକୁ ଭଲଭାବରେ ଉପଲବ୍ଧି କରିବାକୁ । ଜ୍ଞାନ ଓ ଅନୁଭୂତିର ଶକ୍ତିରେ ତାଙ୍କର ମହିମା । ତେଣୁ କବିତା ତାଙ୍କର ସାମାଜିକ ଆଳାପ ନୁହେଁ, ମୁଖ୍ୟତଃ ତାହା ସ୍ୱଗତୋକ୍ତି । ସେହି ସ୍ୱଗତୋକ୍ତି ପୁଣି ସ୍ୱୀକାରୋକ୍ତି ଭିନ୍ନ ଅନ୍ୟ କିଛି ନୁହେଁ । ଏପରି କବିତା ନାହିଁ, ଯେଉଁଥିରେ 'ମୁଁ' ଶବ୍ଦଟି ଥରେ ମଧ୍ୟ ବ୍ୟବହୃତ ହୋଇନାହିଁ । ତେଣୁ ତାଙ୍କ କବିତାର କଣ୍ଠସ୍ୱର ଓ ବଚନଭଙ୍ଗୀ ପାଖକୁ ଅନୁଚ୍ଚ ଅଥଚ ଅନ୍ତରଙ୍ଗ ଦୀର୍ଘଶ୍ୱାସ ପରି ଶୁଭିଥାଏ । ସେ ଦୁଃଖିତ କିନ୍ତୁ ନିରୁପାୟ ।[1]

୧୯୬୭ରେ 'ଅନେକ କୋଠରୀ'ର ପ୍ରକାଶନ କାଳଠାରୁ ଶ୍ରୀରଥଙ୍କ କବିତା ନିଜସ୍ୱ ଦୃଷ୍ଟି ଓ ମର୍ଯ୍ୟାଦା ଦେଇ ଅଗ୍ରସର ହୋଇଛି । 'କେତେଦିନର' (୧୯୬୨) ଥିଲା ପ୍ରାଥମିକ ଉଦ୍ୟମ ମାତ୍ର । ତା'ର 'ବାଘାବଲେକନ', ଗରୁଡ଼, ଧର୍ମପଦର ଆତ୍ମହତ୍ୟା ଓ 'ଲଣ୍ଠନ' ଆଦି କବିତା କିଛି କମ୍ ଅପରିଣତ ନୁହନ୍ତି । ସଙ୍କଳନଟିରେ ରମାକାନ୍ତୀୟ କ୍ଳାନ୍ତି, ବିତୃଷ୍ଣା ଓ ନୈରାଶ୍ୟ ଯେ କେହି ଲକ୍ଷ୍ୟକରି ପାରନ୍ତି, ମାତ୍ର ବାସ୍ତବତା ଓ ଜୀବନାନୁଭୂତିର ନିଗୂଢ଼ ପରିଚୟ କେବେ ପାଇବେନାହିଁ । ତେବେ ସେଦିନ ତା'ର ଉତ୍ତରାର୍ଦ୍ଧ 'ଅନ୍ୟଦିନର' କବିଙ୍କ ସମ୍ଭାବନାମୟ ଉଜ୍ଜ୍ୱଳ ଭବିଷ୍ୟତଟିକୁ ଆମପାଇଁ ସୁସ୍ପଷ୍ଟ କରି ଦେଇଥିଲା । 'ଅନେକ

---

୧ । ଦ୍ରଷ୍ଟବ୍ୟ : ମୁଁ ଦୁଃଖିତ କିନ୍ତୁ ନିରୁପାୟ । ମୁହୂର୍ତ୍ତ ହିଁ ପୃଥିବୀଙ୍କ ଜୀବନ । ସପ୍ତମଋତୁ ।

Digitized by PPRACHIN, SOA

କୋଠରୀ'ର ପ୍ରକାଶନ ଆଧୁନିକ ଓଡ଼ିଆ କବିତାର ଯେଉଁ ନବ ଦିଗନ୍ତ ଉନ୍ମୋଚନ କରିଥିଲା, 'ସନ୍ଦିଗ୍ଧ ମୃଗୟା' (୧୯୭୧) ଓ 'ସପ୍ତମ ଋତୁ' (୧୯୭୭) ତାହାକୁ ସଂପ୍ରସାରିତ ଓ ସମୁଦ୍ଭାସିତ କରିଛନ୍ତି ।[୩] ଶ୍ରୀରଥ ଆହୁରି ଅନେକ କବିତା ମଧ୍ୟ ଲେଖିବେ । ତାଙ୍କ ସମ୍ବନ୍ଧରେ ଚୂଡ଼ାନ୍ତ କୌଣସି ମନ୍ତବ୍ୟରେ ଉପନୀତ ହେବାର ସମୟ ବର୍ତ୍ତମାନ ଉପସ୍ଥିତ ହୋଇନାହିଁ । ତାଙ୍କ କବିତାର ପ୍ରକୃତିବିଚାର କଲାବେଳେ ତେଣୁ ଆମେ ଆମର ସୀମା ସମ୍ବନ୍ଧରେ ସଚେତନ ରହିଛୁ । ଏହି ବିଚାର ଓ ଆଲୋଚନା ଶ୍ରୀରଥଙ୍କ କାବ୍ୟ-ପ୍ରକୃତିର ଆସ୍ୱାଦନ ମାତ୍ର । କବି ଇଏଟ୍‌ସ୍ (W. B. Yeats) ପ୍ରତ୍ୟାଶା ରଖନ୍ତି ଯେ, ପାଠକ ତାଙ୍କର ଖଣ୍ଡ କବିତାଗୁଡ଼ିକୁ ସଂଯୋଜନା କରି ଏକ ଅଖଣ୍ଡ ମହାକାବ୍ୟ ରୂପେ ଉପଲବ୍ଧି କରିବାକୁ ଚେଷ୍ଟା କରନ୍ତୁ । ଏହାହିଁ ମଧ୍ୟ ସବୁ ଭଲ କବିଙ୍କର ପ୍ରତ୍ୟାଶା । ଆମେ 'ଅଲ୍ପଦିନର', 'ଅନେକ କୋଠରୀ', 'ସନ୍ଦିଗ୍ଧ ମୃଗୟା' ଓ 'ସପ୍ତମ ଋତୁ'ରେ ପ୍ରକାଶିତ ଖଣ୍ଡ କବିତାଗୁଡ଼ିକୁ ସଂଯୋଜନା କରି ଏକ ଅଖଣ୍ଡ ମହାକାବ୍ୟ ରୂପେ ଉପଲବ୍ଧି କରିବାକୁ ଚାହିଁଛୁ । ସେଗୁଡ଼ିକୁ କାଳାନୁକ୍ରମ ସନ ତାରିଖରେ ସଜାଇ ନାହୁଁ ଅବଶ୍ୟ । ସେପରି ନ ସଜାଇବାଟା ଅଲଙ୍ଘନୀୟ ବାଧା ହୋଇ ଦେଖା ଦେଉନାହିଁ । କାରଣ ସେ ଏପରି କୌଣସି କବିତା ଲେଖି ନାହାନ୍ତି, ଯାହା ତାଙ୍କ କବିବ୍ୟକ୍ତିତ୍ୱର ଅବିଚ୍ଛେଦ୍ୟ ଅଂଶ ନୁହେଁ । ଆତ୍ମସଂଗତି ତାଙ୍କ କବିତାର ଅନ୍ୟତମ ବଡ଼ ଗୁଣ; ସମସ୍ତ କବିତା ଯେପରି ଗୋଟିଏ ଭଲ କବିତାର ବୃହତ୍ତର ସଂସ୍କରଣ । ଭଲ କବିମାନେ ପ୍ରାୟ ନିଜକୁ ନିରନ୍ତର ପୁନରାବୃତ୍ତ କରିଥା'ନ୍ତି । କବି କାଳିଦାସଙ୍କର 'ମେଘଦୂତ', 'କୁମାରସମ୍ଭବ' ଓ 'ଅଭିଜ୍ଞାନ ଶକୁନ୍ତଳା'ର ବକ୍ତବ୍ୟ ସମାନ ନୁହେଁ କି ? ଅଂଧ ଅସଂଯତ ବନ୍ଧନହୀନ ପ୍ରେମ ଜୟଯୁକ୍ତ ହୁଏନାହିଁ, ଜୟଯୁକ୍ତ ହୁଏ ସେହି ପ୍ରେମ ଯାହା ତପସ୍ୟା ଦ୍ୱାରା ପରିଶୁଦ୍ଧ ଓ ପବିତ୍ର । କବି ଏଲିୟଟ୍ (T. S. Eliot) ମଧ୍ୟ ନିଜ ବକ୍ତବ୍ୟର ପୁନରାବୃତ୍ତି କରିଥାନ୍ତି; ସେ କହନ୍ତି,

---

୩ । 'ସପ୍ତମ ଋତୁ' ୧୯୭୮ର ଶ୍ରେଷ୍ଠ ଓଡ଼ିଆ ଗ୍ରନ୍ଥରୂପେ ଭାରତୀୟ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛି ।

Digitized by PPRACHIN, SOA

You say I am repeating.
Something I have saidbefore. I shall say it again
Shall I say it again ?

East Coker, III.

ଏମାନଙ୍କ କାବ୍ୟଚେତନାର ବିକାଶ ଥାଏ, ମାତ୍ର ବିଶେଷ କିଛି ବୈଚିତ୍ର୍ୟ ନ ଥାଏ । ବୈଚିତ୍ର୍ୟ ଆଣିବାକୁ ହୁଏ ବଚନଭଙ୍ଗିରେ ଓ ଚିତ୍ର ଚରିତ୍ର ଘଟଣାରେ । କବିତା ଦିନୁଦିନ ପରିଣତି ଲାଭ କରି ପ୍ରମାଣ ହୁଏ ମଧ୍ୟ ।

ଦୁଇ :

ଶ୍ରୀରଥଙ୍କ କବିତାର ଯଥାର୍ଥ ବିଷୟବସ୍ତୁ କ'ଣ ? ମୃତ୍ୟୁ ? ଦିନେ କବି ଦାନ୍ତେ କହିଥିଲେ କବିତାର ଯଥାର୍ଥ ବିଷୟବସ୍ତୁ ହେଉଛି ମାତ୍ର ତିନୋଟି : ଯୁଦ୍ଧ, ପ୍ରେମ ଓ ଈଶ୍ୱର । ତାଙ୍କ କଥା କି ଅନ୍ୟଥା ହୋଇଛି ? ଆମ ସମସ୍ତ ମୃତ୍ୟୁଗ୍ରସ୍ତ ନିଷ୍ଟସ୍ୱ । ଅନପନେୟ କ୍ଳାନ୍ତିବିତୃଷ୍ଣା, ଅପରିସୀମ ଶୂନ୍ୟତାନିଃସଙ୍ଗତା ଓ ଅନତିକ୍ରମ୍ୟ ଅର୍ଥହୀନତା ଭିନ୍ନ ଆଉ କ'ଣ ଅଛି ବା ଆମ ସମ୍ମୁଖରେ ? ଜୀବନ ଶୂନ୍ୟ, ବିଚ୍ଛିନ୍ନ, ଅର୍ଥହୀନ ଓ ଅପ୍ରକୃତିସ୍ଥ । କଣ୍ଟିଠା ନିର୍ମମ ମଧ୍ୟ । ଉଦ୍ଭଟ । ଏହି ଜୀବନ ପ୍ରତି ଅପରିସୀମ ବିତୃଷ୍ଣାରୁ ଶ୍ରୀରଥଙ୍କର ପ୍ରତିଟି କବିତା ମୃତ୍ୟୁଚେତନା ଆଛନ୍ତି । ସତେ ଯେମିତି ଜୀବନ ଅର୍ଥହୀନତା ଓ ଅଚରିତାର୍ଥତାର ଅନମନୀୟ କ୍ଳାନ୍ତିନୈରାଶ୍ୟ ଯେନ ତାଙ୍କ ସମ୍ମୁଖରେ ଉପସ୍ଥିତ । କବିତା ସେହି ଜୀବନ୍ତ ମରଣ ସହିତ ଏକ ମୁକାବିଲା, ଯାହାକୁ କହନ୍ତି an encounter with nothingness । ନାସ୍ତିତ୍ୱ ବେଦନାର୍ତ୍ତି, ବିଷାଦ ଘନ, ପଥକ୍ଳାନ୍ତ ଦୁର୍ବହ । ନୈରାଶ୍ୟ ଗଭୀର ଓ ଦୁର୍ଭେଦ୍ୟ; ଏତେ ଗଭୀର ଓ ଦୁର୍ଭେଦ୍ୟ ଯେ ତାଙ୍କୁ ଆତଙ୍କ କୁହାଯିବ । ତେବେ କ'ଣ ମୃତ୍ୟୁ ହେଉଛି ଶ୍ରୀରଥଙ୍କ କବିତାର ଯଥାର୍ଥ ବିଷୟ ବସ୍ତୁ ? ନା । ଦାନ୍ତେଙ୍କ କଥା ବୈତଥ୍ୟ ହୋଇ ନାହିଁ । ମୃତ୍ୟୁ କବିତାର ବିଷୟବସ୍ତୁ ହୋଇ ନ ପାରେ । ଶ୍ରୀରଥଙ୍କ କବିତାର ଯଥାର୍ଥ

Digitized by PPRACHIN, SOA

ବିଷୟବସ୍ତୁ ହେଉଛି ପ୍ରେମ, ଯଦିଓ ତାହା ଅକ୍ଷମ ଓ ଅଚରିତାର୍ଥ । କାବ୍ୟନାୟକ ମୃତ୍ୟୁଜର୍ଜର ନିଷ୍ପୃହ, ମାତ୍ର ତାର ଅମୃତାକାଂକ୍ଷା ଦୁଶ୍ଚିକିତ୍ସ୍ୟ । ସେ ସଦା ଶ୍ରେୟସ୍ବୋଧରେ ଉଦ୍‌ବୁଦ୍ଧ ହେବାକୁ ଚାହୁଁଛି, ତିକ୍ତ ସମୟର ବେଦନାରୁ ମୁକ୍ତ ହେବାକୁ ସପ୍ତମ ଋତୁର ପ୍ରତ୍ୟାଶା ରଖିଛି, ମୃତ୍ୟୁ ବାହାରେ କାଳାତୀତ ଏକ ସତ୍ୟ ସହିତ ଅର୍ଥପୂର୍ଣ୍ଣ ଏକ ସମ୍ପର୍କ ସ୍ଥାପି ଜୀବନର ସାର୍ଥକତା ଖୋଜୁଛି, ଅପାର ସୂଚୀଭେଦ୍ୟ ଅନ୍ଧକାର ଭିତରୁ ଆଲୋକର ସନ୍ଧାନ କରୁଛି । ଅବଶ୍ୟ ହାତ ପାଆନ୍ତାରେ ତାପାଇଁ ଶୁଭ୍ର ସୁନ୍ଦର ଆଲୋକର ଭୂଖଣ୍ଡ ନାହିଁ । ତଥାପି ସେ ଅମୃତ ଅନ୍ୱେଷଣରୁ କୌଣସି ପ୍ରକାରେ ନିବୃତ୍ତ ହେବ ନାହିଁ । ଖ୍ରିଷ୍ଟପଣ— we shall not cease from exploration । ତାପାଇଁ କ'ଣ ସପ୍ତମ ଋତୁର ସମ୍ଭାବନା ନାହିଁ ? ଜରାମରଣ ଯନ୍ତ୍ରଣାରୁ ମୁକ୍ତି ନାହିଁ ? 'ଅନେକ କୋଠରି' ଓ 'ସନ୍ଦିଗ୍ଧ ମୃଗୟା'ରେ ମୁକ୍ତିର ସମ୍ଭାବନା ଥିଲା । ଏବେ 'ସପ୍ତମ ଋତୁ'ରେ ସେହି ସମ୍ଭାବନା ଟିକକ ଅପସୃତ ହେବାକୁ ବସିଛି । 'ସପ୍ତମ ଋତୁ'ର ଅନୁଭୂତି ଓ ମନୋପ୍ରତିନ୍ୟାସ ଅନେକଟା ନେତିବାଚକ । କାବ୍ୟନାୟକ ଜୀବନ ଜ୍ୱରରୁ ପଳାଇବାକୁ ଚାହୁଁଛି, ଦୂରରୁ ଉତ୍ତୀର୍ଣ୍ଣ ଚେତନାର ସ୍ଥିର ଗନ୍ତବ୍ୟ ମଧ୍ୟ ଦେଖୁଛି, ମାତ୍ର ସେଠାରେ କେବେ କେମିତି ପହଞ୍ଚି ମଧ୍ୟ ପହଞ୍ଚି ପାରୁନାହିଁ । ପହଞ୍ଚିବାର ଆଶା ଦିନୁଦିନ ପରିକ୍ଷୀଣ ହୋଇ ଆସୁଛି । ଜୀବନର ନିଷ୍ଫଳତାରୁ କ'ଣ ନିଷ୍କୃତି ନାହିଁ ? ନିଷ୍କ୍ରମଣ କ'ଣ ଅସମ୍ଭବ ? କବି ନିସନ୍ଦିଗ୍ଧ ହୋଇ ପାରି ନାହାନ୍ତି । ଯେତେ ସାମାନ୍ୟ ହେଲେ ବି 'ସପ୍ତମ ଋତୁ'ରେ ଦ୍ୱନ୍ଦ୍ୱ ଅଛି । ମୃଗୟା ତଥାପି ସନ୍ଦିଗ୍ଧ । କଂସ ଗୋପୀ ହେବାକୁ ଚାହୁଁଛି, ଯଦିଓ କୌଣସି ପ୍ରକାର ସମ୍ଭାବନା ଦେଖୁନାହିଁ । 'ସପ୍ତମ ଋତୁ'ର ପୃଷ୍ଠବନ୍ଧରେ ଶ୍ରୀରାଧ 'ମଥୁରାମଙ୍ଗଳ' କାବ୍ୟର ଏକ ଅଭିନବ ବ୍ୟାଖ୍ୟା ପ୍ରସ୍ତୁତ କରିଛନ୍ତି । କବିମାନେ ଯେ ଗଦ୍ୟର ସୁଲେଖକ—ତାହା ଏହି ପୃଷ୍ଠବନ୍ଧଟି ପୁଣି ଥରେ ପ୍ରମାଣ କରି ଦେଉଛି । ଏପରି ପ୍ରାଣପୂର୍ଣ୍ଣ ସାହିତ୍ୟଗୁଣସମ୍ପନ୍ନ ସୁନ୍ଦର ଗଦ୍ୟଖଣ୍ଡ ଓଡ଼ିଆ ସାହିତ୍ୟରେ କ୍ୱଚିତ ଦେଖିବାକୁ ମିଳେ । ଏଥିରେ ସାହିତ୍ୟ ଓ ଜୀବନ ବିଷୟରେ କବିଙ୍କ ଜ୍ଞାନ, ବୋଧ, ଅନ୍ତର୍ଦୃଷ୍ଟି ଓ ଅଭିନିବେଶ ଏକାନ୍ତ ନିଜସ୍ୱ ଭାଷାରେ ବିଧୃତ ରହିଛି । ପଢ଼ି ହେଲେ

Digitized by PPRACHIN, SOA

କେବଳ ପ୍ରାଣ ପୁରିଯାଏ ନାହିଁ, ଜୀବନୋତ୍ସୁକ୍ୟରେ ମଧ୍ୟ ମନ ଭରିଯାଏ । ଆଜିକାଲି ଯେଉଁ ବିଚ୍ଛିନ୍ନତା ଓ ନିଃସଙ୍ଗତା କଥା କୁହାଯାଉଛି । ତାହାର କାବ୍ୟିକ ଅନୁଶୀଳନ ରୂପେ ମଥୁରାମଙ୍ଗଳର ଏହି ବ୍ୟାଖ୍ୟା ଅଭିନନ୍ଦନୀୟ ନିଶ୍ଚୟ । (ମଥୁରାମଙ୍ଗଳ କିନ୍ତୁ ଓଡ଼ିଶୀ ବୈଷ୍ଣବ ଧର୍ମର ପ୍ରାମାଣିକ ଗ୍ରନ୍ଥ ନୁହେଁ, ତାହା ରାଗାନୁଗା ମାର୍ଗର ଗ୍ରନ୍ଥ ।) ପ୍ରତ୍ୟେକ ଉଚ୍ଚକୋଟିର ସାହିତ୍ୟ ସୃଷ୍ଟିରେ ଯେଉଁ କାହାଣୀ ଥାଏ, ତାହା କେବେ ଶେଷ କଥା ନୁହେଁ । କେବଳ କାହାଣୀ ମୂଲ୍ୟରେ କେହି ବଡ଼ ହୋଇ ନାହିଁ । ସେହି କାହାଣୀର ଅନ୍ତର୍ନିହିତ ତାତ୍ପର୍ଯ୍ୟହିଁ ବଡ଼ କଥା । କାହାଣୀ ଥାଏ କେବଳ ତାତ୍ପର୍ଯ୍ୟଟିକୁ ଅଭିବ୍ୟଞ୍ଜିତ କରିବାକୁ । ଉଚ୍ଚ-କୋଟିର ସାହିତ୍ୟସୃଷ୍ଟି ମାତ୍ରେ ରୂପକାତ୍ମକ (allegorical) ହେବାକୁ ବାଧ୍ୟ । ଆହୁରି ମଜାର କଥା ଯେ, ସବୁକାଳେ ସବୁଦେଶର ସେହି ସବୁ ସୃଷ୍ଟି ଦୁଇଟି ପରସ୍ପର ବିରୋଧୀ ମୂଲ୍ୟବୋଧରୁ ଯେଉଁଟି ଉଚ୍ଚତର ଓ ଅଧିକତର ମାନବିକ, ତାହାକୁହିଁ ନିଃସଙ୍କୋଚରେ ସମର୍ଥନ କରିଥାନ୍ତି । 'ମଥୁରାମଙ୍ଗଳ' ବ୍ୟତିକ୍ରମ ହୁଅନ୍ତା କିପରି ? ସବୁଠିଁ କଂସ ମରେ ଓ ଗୋପୀଏ କୃଷ୍ଣଙ୍କ ପାଇଁ ବ୍ୟାକୁଳ ହୁଅନ୍ତି । ଶ୍ରୀରଥ ସବୁ ପ୍ରଥମେ ମଥୁରା-ମଙ୍ଗଳର ଏହି ନବତର ତାତ୍ପର୍ଯ୍ୟଟି ସମ୍ବନ୍ଧରେ ଆମକୁ ସଚେତନ କରିଥିବାରୁ ଧନ୍ୟବାଦାର୍ହ । 'ମଥୁରାମଙ୍ଗଳ'ର ଓଡ଼ିଆ ଆଲୋଚନା କେବେ ବୈଷ୍ଣବ ତତ୍ତ୍ୱର ନିଷ୍ପ୍ରାଣ ନିରର୍ଥକ ରୋମନ୍ଥନ ବାହାରକୁ ଯାଇ ତା'ର ଏହି ଅନ୍ତର୍ନିହିତ ରହସ୍ୟ ଉଦ୍‌ଘାଟନ କରିନାହିଁ । ଏହି ବ୍ୟାଖ୍ୟା ତେଣୁ ଓଡ଼ିଆ ସମାଲୋଚନାକୁ ନୂଆ ଦିଗ୍‌ଦର୍ଶନ ଦେଇଥାଏ । ଏଠାରେ ଆମ ପାଇଁ ଏହି ବ୍ୟାଖ୍ୟାର ଅନ୍ୟ ଏକ ଗୂଢ଼ତର ତାତ୍ପର୍ଯ୍ୟ ଅଛି । ଶ୍ରୀରଥ 'ମଥୁରାମଙ୍ଗଳ'ର କାବ୍ୟ ପ୍ରେରଣାଟିକୁ ଅନୁସନ୍ଧାନ କରିବାକୁ ଯାଇ ନିଜର କାବ୍ୟପ୍ରେରଣାଟିକୁ ଭେଟିଛନ୍ତି ଓ ଆମ ପାଇଁ ତାଙ୍କ ଦୁର୍ଭେଦ୍ୟ କାବ୍ୟଦ୍ୱାରଟିକୁ ସେହି ଅସତର୍କ ମୁହୂର୍ତ୍ତରେ ଉନ୍ମୋଚନ କରି ଦେଇଛନ୍ତି । ଅହଂସର୍ବସ୍ୱ ଦୃଷ୍ଟିର ସଙ୍କୀର୍ଣ୍ଣତାରୁ ଉତ୍ତରଣ ପାଇଁ ଯାହାଙ୍କ ବ୍ୟାକୁଳତାର ଅବଧି ନାହିଁ, ସେ ଲୋକଟି ଯେ ପ୍ରାଣପ୍ରକୃତିରେ ସତ୍ତ୍ୱ ବୈଷ୍ଣବର ଏକାନ୍ତ ନିକଟବର୍ତ୍ତୀ—ଏକଥା କାହାକୁ ବୁଝାଇ କହିବାକୁ ହେବ ନାହିଁ । ଯେଉଁମାନେ ତାଙ୍କ କବିତାରୁ ମୋହମୁକ୍ତ ଜଣେ

Digitized by PPRACHIN, SOA

ସନ୍ନ୍ୟାସୀର କଣ୍ଠସ୍ୱର ଶୁଣିଛନ୍ତି, ସେମାନେ ତାଙ୍କୁ ସହଜରେ ଭକ୍ତଚରଣଙ୍କ ସମଗୋତ୍ର ବୋଲି ଗ୍ରହଣ କରି ପାରିବେ । ଭକ୍ତି କବିମାନେ ଈଶ୍ୱର-ତୃଷିତ । ବୈଷ୍ଣବ ଭକ୍ତଙ୍କ ସହିତ ତାଙ୍କର ସାମ୍ୟ ତେଣୁ ଆଦୌ ଆକସ୍ମିକ ନୁହେଁ । ଶ୍ରୀରଥ ଯାହାକୁ 'ମଥୁରାମଙ୍ଗଳ'ର କାବ୍ୟପ୍ରେରଣା ବୋଲି ଘୋଷଣା କରନ୍ତି, ତାହାହିଁ ମଧ୍ୟ ତାଙ୍କର କାବ୍ୟର ପ୍ରେରଣା । "ଗୋଟିଏ ଦିଗରେ ବିଚ୍ଛିନ୍ନତା ଓ ଏକ ଆତ୍ମସର୍ବସ୍ୱ ବ୍ରହ୍ମାଣ୍ଡରେ ବ୍ୟକ୍ତିର ବିକାଶର ସମ୍ଭାବନା ର ନିଶ୍ଚିତ ବିନାଶ, ଅନ୍ୟ ଦିଗରେ ଏପରି ବ୍ରହ୍ମାଣ୍ଡର ପରିଧି ଅତିକ୍ରମ କରି ପୃଥକ ବ୍ୟକ୍ତିତ୍ୱ ସହିତ ଘନିଷ୍ଠ ଭାବେ ସଂଯୁକ୍ତ ହେବାଦ୍ୱାରା ବ୍ୟକ୍ତିତ୍ୱର ସାର୍ଥକତା, ଏ ଦୁଇଟି ଦିଗର ଦ୍ୱନ୍ଦ୍ୱ ଓ ମୂଲ୍ୟାୟନ. —" କେବଳ 'ମଥୁରାମଙ୍ଗଳ'ର କାବ୍ୟ ପ୍ରେରଣା ନୁହେଁ, ଏହାହିଁ ମଧ୍ୟ ଶ୍ରୀରଥଙ୍କ କବିତାର ପ୍ରକୃତ କାବ୍ୟପ୍ରେରଣା । ତାଙ୍କ କାବ୍ୟନାୟକ ଆତ୍ମସଚେତନ ବ୍ୟକ୍ତିଟିଏ । ସେ କଂସ ନିଷ୍ଠୁର, ମାତ୍ର ତା'ର ଗୋପୀଭିଳାଷରେ ସନ୍ଦେହ କରିବାରେ କିଛି ନାହିଁ । ସେ ଦୁରନ୍ତ କଂସ ପରି ଅହଂସର୍ବସ୍ୱ, ବିଚ୍ଛିନ୍ନ, ନଷ୍ଟମୂଲ୍ୟବୋଧ, ବ୍ୟର୍ଥ, ଉତ୍ପୀଡ଼ିତ, ମୃତ୍ୟୁକାତର ଓ ସମ୍ଭାବନାଶୂନ୍ୟ । ସେ କାହା ସହିତ କୌଣସି ପ୍ରକାର ଅର୍ଥପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିବାକୁ ସମର୍ଥ ହେଉ ନାହିଁ । ଅନ୍ୟ ପକ୍ଷରେ ସେ ମଧ୍ୟ ପ୍ରେମାକୁଳା ଗୋପୀଙ୍କ ପରି ଅନ୍ତର୍ଦୃଷ୍ଟିସମ୍ପନ୍ନ । ବୃହତ୍ତର ଏକ କାଳାତୀତ ସତ୍ୟ ସହିତ ମିଳିତ ହୋଇ ସେ ମୃତ୍ୟୁଜନିତ ବ୍ୟର୍ଥତାକୁ ଅତିକ୍ରମ କରି ଯିବାକୁ ନିରନ୍ତର ଉନ୍ମୁଖ ରହୁଛି । ତା ପାଇଁ ବିବର୍ଣ୍ଣ ମୃତ୍ୟୁ ଯେପରି ମିଥ୍ୟା ନୁହେଁ, ଠିକ୍ ସେପରି ମୃତ୍ୟୁ ଓ ବ୍ୟର୍ଥତା ବାହାରେ ଥିବା ଚିରନ୍ତନ ବାସ୍ତବତା ସହିତ ମିଳିତ ହେବାର ବ୍ୟାକୁଳତା ମଧ୍ୟ ଅସତ୍ୟ ନୁହେଁ । ବ୍ୟର୍ଥତା ଓ ନିଃସଙ୍ଗତା ଯେନ ସେ ତେଣୁ ଉଭୟ ଜୀବନକୁ ଚୈତନ୍ୟର ବିଦ୍ରୂପ ଦ୍ୱାରା ସଦା ଆହତ କରୁଥାଏ । ନାସ୍ତିଗର୍ଭ ମୃତ୍ୟୁ ତା'ର ଅମୋଘ ଭାଗ୍ୟ; ତଥାପି ଅଚିକିତ୍ସ୍ୟ ତା'ର ଅମୃତ ଆସ୍ପୃହା । ଜନ୍ମମରଣହାତରୁ ମୁକ୍ତ ହେବାକୁ ସେ କାଳାତୀତ ସତ୍ୟ ସନ୍ଧାନରୁ କେବେ ନିବୃତ୍ତି ହୋଇ ପାରିବ ନାହିଁ, ଯଦିଓ ସେ ସର୍ବାନ୍ତଃକରଣରେ ଜାଣିଛି ଯେ ଜନ୍ମମରଣ ତା'ର ଅମୋଘ ଭାଗ୍ୟ । ମଣିଷର ଏହି ନିରବକାଶ ଅନ୍ତର୍ଦ୍ୱନ୍ଦ୍ୱ ଓ ମୂଲ୍ୟାୟନ ଶ୍ରୀରଥଙ୍କ କାବ୍ୟର ମୂଳ

Digitized by PPRACHIN, SOA

ପ୍ରେରଣା । ଉଦ୍ଭଟ ମଣିଷର ଅକ୍ଷମ ଅମୃତାକାଙ୍କ୍ଷା ହିଁ ତାଙ୍କ କବିତାର ଏକମାତ୍ର ଥୀମ । ଏଠାରେ ସ୍ମରଣ ରଖିବାକୁ ହେବ ଯେ, ସାହିତ୍ୟର ଧ୍ୟେୟ ସମାଜ ନୁହେଁ କି ପ୍ରକୃତି ନୁହେଁ, ତାର ଏକମାତ୍ର ଧ୍ୟେୟ ମଣିଷର ଆତ୍ମାନୁସନ୍ଧାନ ।[୪] ସେହି ମଣିଷଟି ପୁଣି ବ୍ୟକ୍ତି ମଣିଷ ନୁହେଁ, ସେ ଜାତି ମଣିଷ । ଶ୍ରୀରଥଙ୍କ କବିତା ସତ୍ ସାହିତ୍ୟର ବ୍ରତ ପାଳନ୍ତି । ମୁଁ ଚିହ୍ନିତ କାବ୍ୟନାୟକ ତାଙ୍କର ବ୍ୟକ୍ତି ବିଶେଷ ହୋଇ ରହିନାହାନ୍ତି, ସେ ହୋଇଛନ୍ତି ସମଗ୍ର ମଣିଷଜାତିର ପ୍ରତିଭୂ । ସେ ଡିଲନ ଟମାସଙ୍କ ଭାଷାରେ lots of people (I am lots of people) । ନାରୀପୁରୁଷ ନିର୍ବିଶେଷରେ ତାଙ୍କ କବିତାର ସବୁ ଚରିତ୍ରକୁ ତେଣୁ ଗୋଟିଏ ଚରିତ୍ର ବୋଲି ସ୍ୱୀକରିବାକୁ ହେବ । ସେହି ଚରିତ୍ରଟି ମଣିଷ—କବିଙ୍କର ପର୍ସୋନା ବା ନଟସତ୍ତ୍ୱ । ସେ ଆଜି ଜନ୍ମ ନେଇଛନ୍ତି ଆଧୁନିକ ସଭ୍ୟତା କୋଳରେ ଆଧୁନିକ ବିଶ୍ୱରେ । ଚତୁପାଖର ବିଶ୍ୱ ଓ ମଣିଷ ତଥା ନିଜ ସହିତ ନିଜର ସମ୍ପର୍କ ସୂତ୍ରରେ କବି ଯେଉଁ ଭାବାନୁଭୂତି ଅର୍ଜିଛନ୍ତି, ତାହାକୁ ସେ ସେହି ଚରିତ୍ରର ସ୍ୱଗତୋକ୍ତି ମାଧ୍ୟମରେ ଅଭିବ୍ୟକ୍ତି ପ୍ରଦାନ କରିଛନ୍ତି । ସେ ନୈରାଶ୍ୟ ଭାରାତୁର ଓ ମୃତ୍ୟୁକାତର, ଅଥଚ କାଳାତୀତ ସତ୍ୟ ସହିତ ପ୍ରେମାବିଷ୍ଟ ସମ୍ପର୍କ ସ୍ଥାପିବାକୁ କିଛି କମ୍ ଆଗ୍ରହବାନ ନୁହେଁ । 'ଅନେକ କୋଠରୀ'ଠାରୁ 'ସପ୍ତମ ଋତୁ' ପର୍ଯ୍ୟନ୍ତ ସେହି କଂସର ଅସମର୍ଥ ଗୋପୀତ୍ୱା-ଭିଳାଷ ଚିହ୍ନିତ । ବିଚରା Time's eunuch; ତା ପାଇଁ rootsrain କାହିଁ ? ବିଶ୍ୱ ବିରୂପ । ଅଖଣ୍ଡ ମୃତ୍ୟୁ ସର୍ବତୋବ୍ୟାପୀ । ସେଦିନ 'ଓ୍ୱେଷ୍ଟ-ଲ୍ୟାଣ୍ଡ'ର ଫିସରମ୍ୟାନ ପାଇଁ 'ଫୋର୍ କ୍ୱାର୍ଟେଟସ୍'ର still point ଥିଲା,

୪ । ଉଲ୍ଲେଖ୍ୟ : The strusggle of man to define himself. to know himself, is the story of literature virtually from the beginning of civilisation. The Self in Mordern Literature, by Glicksberg.

୫ । G. M. Hopkins ପ୍ରାର୍ଥନା କରନ୍ତି,

Time's eunuch, and not breed one
work that wakes,
Mine, O thou lord of life, send my roots rain.

Thou art Indeed Just, Lord.

Digitized by PPRACHIN, SOA

ପ୍ରତ୍ୟାଶା ଥିଲା, ବିଶ୍ୱାସ ଥିଲା, ଥିଲା ମଧ୍ୟ ଉଦ୍‌ବ୍ୟାପ୍ତିର ସମ୍ଭାବନା । 'ସପ୍ତମ-ଋତୁ'ର ନାମରୁ ମନେ ହେଉଥିଲା ଶ୍ରୀରଥ କାବ୍ୟଗୁରୁ ଏଲିଅଟ୍‌ଙ୍କ ଆଦର୍ଶରେ ଓ୍ୱେଷ୍ଟଲ୍ୟାଣ୍ଡରୁ ଏଇ ଯେମିତି 'ଫୋର୍ କ୍ୱାର୍ଟେଟ୍‌ସ' ଅଭିମୁଖେ ବାହାରିଛନ୍ତି । ମାତ୍ର କବିତାର ଜୀବନବୋଧରେ ଧର୍ମବିଶ୍ୱାସ କାହିଁ ନା ଆତ୍ମପ୍ରତ୍ୟୟ କାହିଁ ? କାବ୍ୟନାୟକ ନିଃସୀମ ଶୂନ୍ୟତାର ସମ୍ମୁଖୀନ । ସେ ମର୍ତ୍ତ୍ୟପ୍ରତି ବିତୃଷ୍ଣ, ଅଥଚ ତାପାଇଁ ଅନାମୟ ସ୍ୱର୍ଗଧାମର ସମ୍ଭାବନା ରହୁନାହିଁ । ଆଶା ଯଥାସମ୍ଭବ ପରିକ୍ଷୀଣ, ଯଦିଓ ତଥାପି ମୃଗୟୁ ସନ୍ଧିତ୍ସୁ ।

ତିନି :

ମଣିଷର ଭାଗ୍ୟହିଁ ଶ୍ରୀରଥଙ୍କ କବିତାର ଏକମାତ୍ର ପ୍ରସଙ୍ଗ । କ'ଣ ଏ ଭାଗ୍ୟର ସ୍ୱରୂପ ? ମୃତ୍ୟୁଶାସିତ ଜୀବନର ଅସମ୍ପୂର୍ଣ୍ଣତା ମୋଚନାର୍ଥେ ସବୁପ୍ରକାର ଉଦ୍ୟମର ଅର୍ଥହୀନତାହିଁ ମଣିଷର ଅନତିକ୍ରମ୍ୟ ଭାଗ୍ୟ, ଅନ୍ତହୀନ ଅସାଫଲ୍ୟହିଁ ମଣିଷର କପାଳଲେଖନ । ମଣିଷର ଅସ୍ତିତ୍ୱ ତେଣୁ ଆବସର୍ଡ୍ ହେବାକୁ ବାଧ୍ୟ । ମଣିଷର ଆବସର୍ଡ୍ ଅସ୍ତିତ୍ୱହିଁ ଶ୍ରୀରଥଙ୍କ କବିତାର ଏକମାତ୍ର ଉପଜୀବ୍ୟ । କାବ୍ୟନାୟକ ଆବସର୍ଡ୍ ହିରୋ ସିସିଫସ୍ । ସିସିଫସ୍‌ର ନିୟତିହିଁ ମଣିଷର ନିୟତି । ପର୍ବତର ଶୀର୍ଷଦେଶକୁ ସେ ଠେଲି ଉଠାଉଛି ବାରମ୍ବାର ଏକ ବିଶାଳ ପ୍ରସ୍ତରଖଣ୍ଡ—ଅଥଚ ପ୍ରତିଥର ସେହି ପ୍ରସ୍ତର ନିଜଭାରରେ ଗଡ଼ି ଆସୁଛି ପର୍ବତର ପାଦଦେଶକୁ । ସିସିଫସ୍‌ର ଅପରାଧ ଯେ ସେ କବଳିତ କରିଥିଲା ମୃତ୍ୟୁକୁ । ତେଣୁ ଅସନ୍ତୁଷ୍ଟ ଦେବତାବର୍ଗ ଏପରି ଏକ ବ୍ୟର୍ଥ ନିଷ୍ଫଳ ପରିଶ୍ରମର କଠିନ ଶାସ୍ତି ବ୍ୟବସ୍ଥା କରି ଦେଇଛନ୍ତି । ନଶ୍ୱର ହୋଇ ସେ ମୃତ୍ୟୁ ବିରୁଦ୍ଧରେ ଲଢ଼ିଥିଲା, ମଣିଷର ଅନିବାର୍ଯ୍ୟକୁ ବାରଣ କରିବାକୁ ଚାହିଁଥିଲା, ତେଣୁ ତାକୁ ଶିରୋଧାର୍ଯ୍ୟ କରିବାକୁ ପଡ଼ୁଛି ଏହି କଠିନ ଶାସ୍ତିକୁ । ନିଷ୍ଫଳତା ନିଶ୍ଚିତ ଜାଣି ମଧ୍ୟ ସେ ନିଜର ଅନତିକ୍ରମ୍ୟ ସୀମାବଦ୍ଧତା ଓ ନିର୍ମମ

Digitized by PPRACHIN, SOA

ଉପାୟହୀନତା ବନ୍ଧୁରତାରେ ଅବିଚଳିତ ଓ ବିନୀତ ଧୈର୍ଯ୍ୟହୀନ ସଂଗ୍ରାମ କରି ଚାଲିଛି । ଶ୍ରୀରଥଙ୍କ କାବ୍ୟନାୟକର ସେହି ସିସିଫସୀୟ ଉଦ୍ୟମ ଦେଖନ୍ତୁ ,

ପ୍ରତି ଋତୁ ଭଙ୍ଗାହାଣ୍ଡି, ପ୍ରତି
ବର୍ଷ ଚିରା ଅଖା, ଯାକୁ ଗୋଡ଼ି ପଥରରେ
ଭର୍ତ୍ତି କରୁଛନ୍ତି ଏକ ପାଗଳାଖାନାର
ସ୍ତ୍ରୀଲୋକେ ଶତାବ୍ଦୀଙ୍କ ଅନନ୍ତ ସଂଧ୍ୟାରେ ।

—ସଂଧ୍ୟାବେଳର ଦୃଶ୍ୟ ।

ଉଦ୍ୟମ ବ୍ୟର୍ଥ । ସମସ୍ତ ଜୀର୍ଣ୍ଣ । ସମସ୍ତ ନିରର୍ଥକ । ସେ ଦୁଃଖିତ, କିନ୍ତୁ ନିରୁପାୟ । ସେ ବାରମ୍ବାର ନିଜର ଏହି ଅକ୍ଷମତା ଓ ସୀମାବଦ୍ଧତା ସମ୍ପର୍କରେ ନିଜକୁ ସଚେତନ କରି ଚାଲିଛି, "ମୁଁ ସ୍ୱତରାଂ କ୍ଳାନ୍ତ ଆଣ୍ଠୁ ଧରି ବୁଲେ ପାହାଡ଼ ଉପରେ ।" (ବାଘଶିକାର) । ସେ କେବେ ନିର୍ବୋଧ ନୁହେଁ, ବରଂ ବେଶ୍ ପ୍ରାଜ୍ଞ ଓ ବିଚକ୍ଷଣ । "ଥାଏ ମୁଣ୍ଡରେ ମସଲା କିଛି ।" (ଅନନ୍ତ ଶୟନ) । ସମସ୍ତ ଉଦ୍ୟମ ତାର ବିଡମ୍ବିତ ହେବ ବୋଲି ସେ ଭଲକରି ଜାଣେ, ମାନବିକ ଆବେଗଗୁଡ଼ିକର ମୌଳ ଅସାରତା ସମ୍ପର୍କରେ ମଧ୍ୟ ଅବହିତ ଥାଏ । ଜୀବନ ସ୍ୱୟଂ ଟ୍ରାଜେଡ଼ିଟିଏ । ତେବେ ତା'ର ଏହି ଟ୍ରାଜିକ୍ ଜୀବନବୋଧ ତାକୁ କିଛି କମ୍ ଆଧ୍ୟାତ୍ମିକ ଶକ୍ତି ପ୍ରଦାନ କରି ନ ଥାଏ । ଅନ୍ତର୍ଦୃଷ୍ଟି ଓ ଆତ୍ମଜ୍ଞାନ ମଣିଷ ଗୌରବର ଚୂଡ଼ାନ୍ତ ନୁହେଁ କି ? ଅନ୍ୟପକ୍ଷରେ ଅବଶ୍ୟ ଏହି ଅନ୍ତର୍ଦୃଷ୍ଟି ଓ ଆତ୍ମଜ୍ଞାନ ତାର ସବୁ ଆଧି ଓ ଆତଙ୍କର କାରଣ । ତେଣୁ ଉନାମୁନୋ ଏହି ଆତ୍ମସଚେତନତା (Consciousness)କୁ 'disease' ଆଖ୍ୟା ଦେଇଥାନ୍ତି । Consciousness is a disease [୬] ମଣିଷ ଏକ diseased animal, ସୁସ୍ଥ ଗଧ ଓ ଘୁଷୁରୀଙ୍କ ତୁଳନାରେ ଅବଶ୍ୟ ! ନିଜର ଭାଗ୍ୟକୁ ନିଜେ ଜାଣିବା କିଛି କମ୍ କଥା ନୁହେଁ । ଅଥଚ କେବଳ ସେଇଥି ଯୋଗୁ ସେ

୬ । Tragic Sense of Life, by Migüel De Unamuno, Page 18

Digitized by PPRACHIN, SOA

ମୃତ୍ୟୁର ଆନନ୍ଦରୁ ବଞ୍ଚିତ ହୁଏ, ପ୍ରତ୍ୟେକ ଜୀବନର ଅସଂପୂର୍ଣ୍ଣତାକୁ ମିଥ୍ୟା ମାୟାମେ ହର ପୂର୍ଣ୍ଣତା ଓ ମାଧୁର୍ଯ୍ୟ ଦେଇ ଭରିପାରେ ନାହିଁ । ତେବେ ସେ ଜାଣି ଜାଣି ବେଳେ ବେଳେ ମିଥ୍ୟାକୁ ପ୍ରଶ୍ରୟ ଦେଇପାରେ, ଯଦିଓ ତା ପାଇଁ ମିଥ୍ୟାର କୌଣସି ସ୍ୱଚ୍ଛ ପ୍ରତିଶ୍ରୁତି ନ ଥାଏ । ସେ ଜାଣେ ତା ପାଇଁ ପ୍ରେମର ସମ୍ଭାବନା ନାହିଁ, ତଥାପି ସେ ପ୍ରେମରେ ପଡ଼େ; ଜାଣେ ସ୍ୱପ୍ନ ନିଷ୍ଫଳ ହେବାକୁ ବାଧ୍ୟ, ତଥାପି ସ୍ୱପ୍ନ ଦେଖେ; ପ୍ରିୟଜନଙ୍କ ମୃତ୍ୟୁରେ କ୍ରନ୍ଦନ ନିରର୍ଥକ, ତଥାପି ସେ କାନ୍ଦେ । ସଦା ସର୍ବଦା ସେ ନୈରାଶ୍ୟ ସଚେତନ । କାଫକାଙ୍କ ବିଷୟରେ ଆଲୋଚନା କରିବାକୁ ଯାଇ କାମ୍ୟୁ ଯେଉଁ କାହାଣୀଟି କହିଛନ୍ତି, ତାହାକୁ ଆମେ ସ୍ମରଣ କରି ପାରିବା ।[୨] ମାନସିକ ରୋଗୀଟିଏ ଗାଧୁଆକୁଣ୍ଡରେ ବନଶୀ ପକାଉଥାଏ । ଡାକ୍ତର ପଚାରିଲେ, "ମାଛ ଖାଉଛନ୍ତି ?" ସଦୁତ୍ତର ମିଳିଗଲା ସାଙ୍ଗେ ସାଙ୍ଗେ, "ମୂର୍ଖ ! ଦେଖିପାରୁନ ? ଏଟା ଗାଧୁଆ କୁଣ୍ଡ ।" ଶ୍ରୀରଥଙ୍କ କାବ୍ୟନାୟକ ସେହି ମାନସିକ ରୋଗୀ—ଆତ୍ମସଚେତନ ମଣିଷ । ସେ ଗାଧୁଆ କୁଣ୍ଡରେ ମାଛ ନ ଥାଏ ବୋଲି ଜାଣି ମଧ୍ୟ ସେଇଠି ବନଶୀ ପକାଏ । କାରଣ ସେ ଏହା ମଧ୍ୟ ଜାଣେ ଯେ, ମାଛଧରିବାର ଅନ୍ୟସ୍ଥାନ ତା ପାଇଁ ନାହିଁ । ଏହି ସ୍ତରରେ ତା'ର ପ୍ରେମୋପଲବ୍ଧି ଲକ୍ଷ୍ୟ କରିବାର ବିଷୟ । ତା ପାଇଁ ପ୍ରେମ ଜହ୍ନରାତିର ମାୟା ଭିନ୍ନ ଅନ୍ୟ କିଛି ହୋଇ ନ ପାରେ,

> "ବେଳେ ବେଳେ ମନେହୁଏ ମୁଁ ଆକାଶ, ପ୍ରଶସ୍ତ ଅଥଚ
> ଫାଙ୍କା, ଏବଂ ଦେଖୁଅଛୁ ପୃଥିବୀ ଯେପରି
> ତମେ ଠିକ୍ ସେହିପରି ମେଲି କରିଅଛ ହାତମାନ
> ଯେଉଁଠାରେ ଓହ୍ଲାଇଲେ ସେହିଠାରେ ତମ ଆଲିଙ୍ଗନ ।

× × ×

---

୨ । The Myth of Sisyphus (Hope and tne Absurd in the work of Franz Kafka) କାହାଣୀଟି ଶ୍ରୀ ଶରତକୁମାର ମହାନ୍ତିଙ୍କ 'ଅସ୍ତିତ୍ୱବାଦର ମର୍ମକଥା' ଗ୍ରନ୍ଥରେ ମଧ୍ୟ ସନ୍ନିବେଶିତ, ଦ୍ରଷ୍ଟବ୍ୟ ପୃଷ୍ଠା ୩୦୫ ।

Digitized by PPRACHIN, SOA

ମୁଁ ଏଠାରୁ ପାରିବନି ଘୁଂଚି କାଳେ ଜହ୍ନ ବୁଡ଼ିଯିବ
କାଳେ ମୁଁ ଫେରିବାବେଳେ ସୂର୍ଯ୍ୟାଲୋକେ ବାଟ ନ ଦିଶିବ ।

—ଜହ୍ନରାତି

ପ୍ରେମର ଭାନକୁ ସେ ବଡ଼ ସଚେତନ ଭାବରେ ପ୍ରେମ ବୋଲି ଭାବି ନେଉଛନ୍ତି, କାରଣ ତା ପାଇଁ ଅନବଦ୍ୟ ପ୍ରେମ ସବୁବେଳେ ଅସମ୍ଭବ ବ୍ୟାପାର । ବିଚ୍ଛିନ୍ନତାବୋଧ ଅମୋଘ । ସଂପ୍ରୀତି ମିଥ୍ୟା । ଆଲିଙ୍ଗନର ଉଷ୍ମତା ଓ ମଧୁରତା ଅବର୍ତ୍ତମାନ । ଅଥଚ ଆମପାଇଁ ପୃଥିବୀ କେତେ ପ୍ରୀତିଉଚ୍ଛଳ ନୁହେଁ ! ଯେଉଁଠାରେ ଓହ୍ଲାଇଲେ ସେଇଠାରେ ଭୂମି ଆଲିଙ୍ଗନ ! ଶ୍ଳେଷ ଦୁର୍ଲକ୍ଷ୍ୟ ରହୁନାହିଁ । ଏପରି ପ୍ରଶସ୍ତ ଆଲିଙ୍ଗନ ପାଖକୁ ସୂର୍ଯ୍ୟାଲୋକେ ବାଟ ନ ଦିଶିବାର ଆଶଙ୍କାଟିକୁ ସୃଷ୍ଟି ସ୍ଥାପି କରି ସଚେତନ କାବ୍ୟନାୟକଙ୍କୁ ନିଜର ବିଚ୍ଛିନ୍ନ ଅସ୍ତିତ୍ୱ ସତ୍ତ୍ୱେ କୌଣସି ପ୍ରକାର ଆପୋଷରେ ଉପନୀତ ହେବାକୁ ସୁଯୋଗ ଦିଅନ୍ତି ନାହିଁ । ଏଠାରେ ଶ୍ଳେଷହିଁ ତାର ମୁକ୍ତ ଆତ୍ମଚେତନାର ଏକମାତ୍ର ରୂପ । ମିଥ୍ୟା ଓ ଅଧ୍ୟାସର କ'ଣ କୌଣସି ପ୍ରକାର ସାନ୍ତ୍ୱନା ନାହିଁ ? ମିଛ ଜହ୍ନରାତିର କ'ଣ ଆଶ୍ୱାସନା ନାହିଁ ? ହୁଏତ 'ଅନେକ କୋଠରୀ' ଓ 'ସନ୍ଦିଗ୍ଧ ମୃଗୟା'ରେ ଥିଲା, ଏବେ 'ସପ୍ତମ ଋତୁ'ରେ ଅପସୃତ ହେବାକୁ ବସିଛି । ଅଧ୍ୟାସର କିଛିଟା ସାନ୍ତ୍ୱନା ଥିଲା, ସ୍ୱପ୍ନର ଅର୍ଥ ଥିଲା । ସ୍ୱପ୍ନ ହୁଏତ ବେଳେ ବେଳେ ନିଜ ଅଧ୍ୟାସ ମଧ୍ୟରେ ଚରିତାର୍ଥ ହେଉଥିଲା । ଏବେ ସ୍ୱପ୍ନଟି ମଧ୍ୟ ଅପସୃତ ହେବାକୁ ବସିଛି । ସ୍ୱପ୍ନ ଅଛି ବୋଲି କାବ୍ୟନାୟକ ନ ଭାବୁଛନ୍ତି ନୁହେଁ । ମାତ୍ର ଅହରହ ଭେଟୁଛନ୍ତି ଅସରନ୍ତି ମରୁଡ଼ିର କର୍କଶ ଖରାକୁ । ଜହ୍ନରାତି ବିରଳ ହୋଇ ଆସୁଛି । କାବ୍ୟନାୟକ ନିଜକୁ ନିଜର ଉଦ୍ଭଟ ଅସ୍ତିତ୍ୱର ଶୀର୍ଣ୍ଣ ବିରଳ ସ୍ୱପ୍ନ ସମ୍ଭାବନା ସଂପର୍କରେ ସତତ ସଚେତନ କରି ଦେଉଛନ୍ତି । କହୁଛନ୍ତି,

"ଶୁଖିଲା କୂଅକୁ ଗରା ବାଲ୍ଟି ଧରିଯିବା ଲୋକଙ୍କର
କୁଡ଼ କୁଡ଼ କଙ୍କାଳରେ ପରିପୂର୍ଣ୍ଣ ଏ ମରୁଭୂମିରେ
ଜଣେ ମାତ୍ର ଲୋକ ଅଛି—
ସୁଲତାନ, ସେ କାନ୍ଦିବ ନାହିଁ

Digitized by PPRACHIN, SOA

ଅସଂଖ୍ୟ ବ୍ୟାକୁଳ ଲୋକ ଡାକୁଥିଲେ ଦେଖିଲେ
ତା ରାଜ୍ୟରେ ପାଚେରୀ ବାହାରେ
ସେ ବସି ରହିବ ଚିର ସାମିଆନା ତଳେ ।
ହାଓ୍ୱାର ବାର୍ତ୍ତାରେ କିଛି ମାନେନାହିଁ । ପ୍ରତ୍ୟେକ ମୁହୂର୍ତ୍ତ
ଛଳେ ତା ଅସରନ୍ତ ମରୁଡ଼ିର କର୍କଶ ଖରାରେ ।”

—ବଂଘାର ଜାମୁ କାମ୍ୟୁ

ଏ ମରୁଭୂମିର ସୁଲତାନଟି ଏଲିଅଟ୍‌ଙ୍କ ଓ୍ୱେଷ୍ଟ ଲ୍ୟାଣ୍ଡର ଫିସର କିଂଗ (fisher king)କୁ ସ୍ମରଣ କରାଇଦିଏ । ସିଏ ନପୁଂସକ । ରାଜ୍ୟ ପୁନଃସମ୍ଭାବନାହୀନ । କୂଅମାନେ ଶୁଖିଲା । ହତାଶାମୟ ଦୁଃସହ ପିପାସାରେ ପ୍ରଜାବର୍ଗ ମୃତପ୍ରାୟ । ତଥାପି ସେ ବସିରହିଛନ୍ତି ସ୍ୱପ୍ନ ଓ ସମ୍ଭାବନାର ପ୍ରତ୍ୟାଶା ନେଇ ! ଆଶ୍ଚର୍ଯ୍ୟ ତିତିକ୍ଷା ! ସାମିଆନା କିନ୍ତୁ ଚିର । ଜ୍ୟୋତ୍ସ୍ନା କାହିଁ ? ପାଚେରୀ ବାହାରକୁ ସେ ଯିବେନାହିଁ, ଭସ୍ମାବୃତ ସତ୍ୟକୁ ଚେଷ୍ଟାକୃତ ଚତୁରତା ଦ୍ୱାରା ଫାଙ୍କିଦେବ । କିନ୍ତୁ ଭାଗ୍ୟକୁ କିପରି ଫାଙ୍କିବ ? ପ୍ରତିକାରହୀନ ଖରାର ଦୌରାତ୍ମ୍ୟ ସୁଲତାନର ଏକମାତ୍ର ଭାଗ୍ୟ; ‘ପ୍ରତ୍ୟେକ ମୁହୂର୍ତ୍ତ ଛଳେ ତା ଅସରନ୍ତ ମରୁଡ଼ିର କର୍କଶ ଖରାରେ ।” ହାଓ୍ୱାର ବାର୍ତ୍ତାରେ କିଛି ମାନେ ନାହିଁ । କେବଳ ଶୂନ୍ୟତାର ବାର୍ତ୍ତାବହ । କାବ୍ୟ ନାୟକ ନିଜ ଉତ୍କଟ ଅସ୍ତିତ୍ୱର ସମ୍ମୁଖୀନ—କ’ଣ ତାର ସ୍ୱରୂପ ? ସାର୍ତ୍ରଙ୍କ ଭାଷାରେ ସେ ‘useless passion’ଟିଏ ମାତ୍ର । ଶ୍ରୀରଥଙ୍କ କବିତା ପଛରେ ଏଣୁ ନେତିବାଚକ ଅସ୍ତିତ୍ୱବାଦର ପ୍ରେରଣାକୁ ଅବଜ୍ଞା କରି ହୁଏନାହିଁ । ତେବେ ସାର୍ତ୍ରଙ୍କ ଅପେକ୍ଷା କାମ୍ୟୁଙ୍କ ସହିତ ତାଙ୍କର ସାଧର୍ମ୍ୟ ଅନେକ । ସେ ଶୂନ୍ୟତାବୋଧ ଦ୍ୱାରା ଅଭିଭୂତ ନୁହନ୍ତି । ବରଂ କାମ୍ୟୁଙ୍କ ପରି ସେ ସମକାଳୀନ ସର୍ବଶୂନ୍ୟତା ମଧ୍ୟରେ ମଧ୍ୟ ଆମପାଇଁ ନୈତିକ ଓଏସିସ୍‌ଟିର ସନ୍ଧାନ ରଖିଛନ୍ତି । ଶୂନ୍ୟତା ଯେବେ ଏକମାତ୍ର ଅଭିଜ୍ଞାସ୍ତ ସତ୍ୟ ହୁଅନ୍ତା ତେବେ ଭଲମନ୍ଦ, ଭୁଲଠିକ୍ ପ୍ରଶ୍ନ ଉଠନ୍ତା ନାହିଁ । କିନ୍ତୁ କବି ଶ୍ରୀରଥ ବୃହତ୍ତର ମାନବିକ ମୂଲ୍ୟବୋଧ ଗୁଡ଼ିକର ଚିରନ୍ତନତା ସ୍ୱୀକାର କରନ୍ତି; ଭଲମନ୍ଦ, ପାପପୁଣ୍ୟ ଈଶ୍ୱରବୋଧ ଅକ୍ଷୁଣ୍ଣ ରଖନ୍ତି । ଯାହା ବିବର୍ଣ୍ଣମୃତ୍ୟୁ, ନିର୍ମମ ଦୁଃଖ; ମୂଢ଼ ନିର୍ବୋଧତା, ସର୍ବଗ୍ରାସୀ

Digitized by PPRACHIN, SOA

କୁତ୍ସିତତା ଓ ନିଷ୍ଠୁରର ବନ୍ଧାରୁ ଆଡ଼କୁ ବାଟ କଢ଼ାଏ ତାହାହିଁ ତାଙ୍କ ପାଇଁ ପାପ ଓ ଅମଙ୍ଗଳ । ଅନ୍ୟପକ୍ଷରେ ଯାହା ଜୀବନୌତ୍ସୁକ୍ୟ ବଢ଼ାଏ, ଦୁଃଖଦୁର୍ଦ୍ଦଶାମୋଚନ କରିବାକୁ ଉନ୍ମୁଖଥାଏ, ସୃଜନଶୀଳତାକୁ ସମୁଦ୍ୟତ ରଖେ ଏବଂ ବୃହତ୍ତର ଏକ ଜ୍ଞାନାଶ୍ରିତ ବାସ୍ତବତା ସହିତ ମିଳିତ ହେବାକୁ ମଣିଷକୁ ପ୍ରବର୍ତ୍ତାଏ, ତାହାହିଁ ପୁଣ୍ୟ ଓ ଶୁଭଙ୍କର । ମଣିଷର ଅସ୍ତିତ୍ୱ ଥିବା ପର୍ଯ୍ୟନ୍ତ ବଞ୍ଚିବାର ଏହି ପରସ୍ପର ବିପରୀତ ଧର୍ମୀ ଦୁଇଟି ପ୍ରଣାଳୀ ମଧ୍ୟରେ ଦ୍ୱନ୍ଦ୍ୱ ଓ ମୂଲ୍ୟାୟନ ଅବଶ୍ୟମ୍ଭାବୀଭାବରେ ଅବ୍ୟାହତ ରହିଥିବ । ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ ବଡ଼ ସ୍ପଷ୍ଟ । ତେଣୁ କେଉଁଟିକୁ ମଣିଷ ନିର୍ବାଚନ କରିବ, ତାହା ନେଇ ମତଦ୍ୱୈଧର କୌଣସି ଆଶଙ୍କା ନାହିଁ । ଯେଉଁସବୁ ମୂଲ୍ୟବୋଧ ଉଦାର ଓ ଶୁଭଙ୍କର ସେଗୁଡ଼ିକୁ ଗ୍ରହଣକଲେ ମଣିଷର ଅସମ୍ପୂର୍ଣ୍ଣତା ସମ୍ପୂର୍ଣ୍ଣ ଦୂର ହୋଇଯିବ ନାହିଁକି, ବଶ୍ୟ, ସହିତ ତାର ଖଣ୍ଡିତତା ସମ୍ପୂର୍ଣ୍ଣ ଘୁଞ୍ଚିଯିବ ନାହିଁ, ସେ କେବଳ ତଦ୍ଦ୍ୱାରା ନିଜର ଉଦ୍ଭଟତାକୁ ସାମାନ୍ୟଭାବରେ ଅର୍ଥବାନ କରିପାରିବ । ସେତିକି କିଛି କମ ସୌଭାଗ୍ୟ ନୁହେଁ । ଶ୍ରୀରଥଙ୍କ କାବ୍ୟନାୟକର ଧର୍ମବିଶ୍ୱାସ ନାହିଁ ସିନା, ଚରମ ମଙ୍ଗଳ ପ୍ରତି ପରିପୂର୍ଣ୍ଣ ବିଶ୍ୱାସ ଅଛି, ମୂଲ୍ୟବତ୍ତାର ପ୍ରତିମାନ ଅଛି । ଈଶ୍ୱର ଏଷଣା ତା'ର ଅପ୍ରତିରୋଧ୍ୟ, ଯଦିଓ ତା ପାଇଁ ଈଶ୍ୱର ନାହାନ୍ତି । ସେ ଜାଣେ ବୃହତ୍ତର ସେହି ସତ୍ୟୋପଲବ୍ଧି ମଣିଷ ପକ୍ଷରେ ସର୍ବଥା ଅସମ୍ଭବ । କିନ୍ତୁ ତାଙ୍କୁ ନ ଜାଣିଲେ ନିଃସଙ୍ଗତା ଓ ମୃତ୍ୟୁଜନିତ ବ୍ୟର୍ଥତା ହାତରୁ ରକ୍ଷା ପାଇବାର ଅନ୍ୟପନ୍ଥା କାହିଁ ? ଉପନିଷଦୀୟ ସନାତନ ଅମୃତାକାଙ୍କ୍ଷାହିଁ ଶ୍ରୀରଥଙ୍କ କାବ୍ୟନାୟକର ଏକମାତ୍ର ଆକାଙ୍କ୍ଷା—'ତମେବ ବିଦିତ୍ୱାତି ମୃତ୍ୟୁମେତି ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।' (ଶ୍ୱେତାଶ୍ୱତରୋପନିଷଦ, ୩।୮) ଅନ୍ଧକାରର ପରପାରରେ କିନ୍ତୁ ଆଦିତ୍ୟବର୍ଣ୍ଣ ମହାନ୍ ପୁରୁଷ କାହାନ୍ତି ? ଶୁଭ୍ର ସୁନ୍ଦର ଭୂଖଣ୍ଡ କାହିଁ ? ସପ୍ତମ ଋତୁ କାହିଁ ? କିଛି ନାହିଁ । ସଂସାରରେ ନାହିଁ କି ପରପାରରେ ନାହିଁ । ଶ୍ରୀରଥ ତାଙ୍କ କବିତାରେ ସମକାଳୀନ ବିଶ୍ୱବ୍ୟାପୀ ସର୍ବଶୂନ୍ୟତାକୁ କେବଳ ଉପଲବ୍ଧି କରି ନାହାନ୍ତି, ଉଦ୍ଭାସିତ ରଖିଛନ୍ତି ମଧ୍ୟ; ତଥାପି ସେ ଶୂନ୍ୟତାର ଉଦ୍‌ଗାତା ନୁହନ୍ତି । ଜୀବନକୁ ତାତ୍ପର୍ଯ୍ୟମଣ୍ଡିତ କରିବାର ମଙ୍ଗଳାକାଙ୍କ୍ଷା ତାଙ୍କର ଅବିସମ୍ବାଦିତ । ବ୍ୟର୍ଥତାର

Digitized by PPRACHIN, SOA

ଅନୁଭୂତିରୁ ମଣିଷକୁ ମୁକ୍ତ ହେବାକୁ ହେବ, ମଣିଷ ମଣିଷ ଭିତରେ ସ୍ୱାର୍ଥ-ରହିତ ସ୍ୱାଭାବିକ ସମ୍ପର୍କ ସ୍ଥାପିବାକୁ ହେବ । ଅନାବିଳ ପ୍ରେମରେ ମଣିଷର ମୁକ୍ତି ନିହିତ । ପ୍ରେମର ଅନୁଶୀଳନ ଜୀବନକୁ ତାତ୍ପର୍ଯ୍ୟ ମଣ୍ଡିତ କରିବ । ତଥାପି ଶୂନ୍ୟତାରୁ ମୁକ୍ତିର ସମ୍ଭାବନା ଅଛି । ତାଙ୍କ କବିତାର ଦ୍ୱୈତ ଭୂମିକା—ତାହା ଯେପରି ଆଧୁନିକ ମଣିଷର ଯନ୍ତ୍ରଣା-ବୋଧକୁ ବିଶ୍ୱସ୍ତ ଭାବରେ ଉପସ୍ଥାପିତ କରେ ଠିକ୍ ସେପରି ତାକୁ ନୂତନ ଏକ ଅନ୍ତର୍ଦୃଷ୍ଟିରେ ଦୀକ୍ଷିତ କରେ ନିଜ ଉପରେ ବିଶ୍ୱାସ ରଖିବାକୁ ଓ ଚରମ ମଙ୍ଗଳ ଉପରେ ଆସ୍ଥା ସ୍ଥାପିବାକୁ । ସେହି କବିତାର ନିଃସଙ୍ଗ ବ୍ୟର୍ଥତାପୀଡ଼ିତ କାବ୍ୟନାୟକ ମଧ୍ୟରେ ତେଣୁ ଆମେ ଆମର ଗୂଢ଼ତମ ସତ୍ତାକୁ ଦେଖିବାକୁ ପାଉ ଓ ଆତ୍ମୋପଲବ୍ଧିର ଯାତନାମୟ ଆନନ୍ଦରେ ପୁଲକିତ ହେଉଁ । ଅନେକ କବିତା ଆମକୁ ଆମର ଅନ୍ତରାତ୍ମାର ସ୍ପର୍ଶ ଦିଅନ୍ତି ।

ଗୃହ :

ଶ୍ରୀରଥଙ୍କ କାବ୍ୟବୃତ୍ତ ମଧ୍ୟରେ ଦୁଇଟି ବିଷୟର ପ୍ରାଧାନ୍ୟ ଅନାୟାସଲକ୍ଷ୍ୟ : ଅମୋଘ ମୃତ୍ୟୁଚେତନା ଓ ଅକ୍ଷମ ଉତ୍ତରଣପ୍ରୟାସ । ତାଙ୍କ କବିତାର ପ୍ରାର୍ଥନା ହେଉଛି ମାନବାତ୍ମାର ସେହି ସନାତନ ପ୍ରାର୍ଥନା, 'ମୃତ୍ୟୋର୍ମାଽମୃତଂ ଗମୟ ।' ସଦ୍‌ଗତି କାମନା ଭିନ୍ନ କବିତାର ବା ଆଉ କି ପ୍ରାର୍ଥନା ଥାଇପାରେ ? କାବ୍ୟନାୟକ ଜୀବନମୃତ୍ୟୁ କୋଳରେ ପ୍ରକାଶ୍ୟ ମୃତ୍ୟୁକୁ ଅପେକ୍ଷା କରି ବଞ୍ଚେ ସିନା, କିନ୍ତୁ କାହିଁ କେବେ ସମୃଦ୍ଧତର ଜୀବନର ମୋହ ଛାଡ଼ିପାରେ ନାହିଁ । ତା'ର ବିଷାଦାକ୍ରାନ୍ତ ଜୀବନବୋଧକୁ କବି କୋର୍ବିୟେରଙ୍କ ଭାଷାରେ ଭଲ ବୁଝିହେବ,

> Waiting for life to start he died
> And lived awaiting death,

Digitized by PPRACHIN, SOA

ଆମେ ଶ୍ରୀରଥଙ୍କ କବିତାରୁ ମଣିଷର ଅନୁତ୍ତରଣୀୟ ଅକ୍ଷମତା ଓ ମହତ୍ତର ସାମର୍ଥ୍ୟର ଦ୍ୱନ୍ଦ୍ୱ ଲକ୍ଷ୍ୟ କରି ପାରିବା । କବି ମଣିଷର ଅନିବାର୍ଯ୍ୟ ଅସାମର୍ଥ୍ୟକୁ ତାର ସାମର୍ଥ୍ୟଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ କରି ଦେଖି ପାରନ୍ତି ନାହିଁ ।

ପାଞ୍ଚ :

କାବ୍ୟନାୟକ ବୟସରେ ପ୍ରୌଢ଼ । ସେ କବିଙ୍କର ସମକାଳୀନ ମାତ୍ର ନୁହନ୍ତି, ପ୍ରାୟ ସମବୟସ୍କ ମଧ୍ୟ । ସେ ମାନସିକତାରେ କିନ୍ତୁ ପୂରା ବୃଢ଼ାଲୋକଟିଏ, "ବାତଗ୍ରସ୍ତ ପ୍ରତି ଗଣ୍ଠି, ମୁଣ୍ଡଯାକ ଝୋଟେପରି ବାଳ ।" ସେ ମଧ୍ୟ ଗୃହସ୍ଥ । ଗୃହିଣୀ ଅସୁଖୀ ଓ ସନ୍ତାନବର୍ଗ ମୃତ । ଅତୀତରେ ତାର ପ୍ରେମିକାଟିଏ ଥିଲା, ଏବେ ସେ ମଧ୍ୟ ମରି ଯାଇଛି । କବି ଶ୍ରୀରଥ ସ୍ୱଗତଭାଷୀ ଏହି ନାୟକର ମୁଖାପିକ୍ଷ ଅପୂର୍ବ ନାଟକୀୟ ଦୂରତ୍ୱ ସୃଜି ପ୍ରାୟ ନିଜର କଥା ନିଜେହିଁ କହିଥାନ୍ତି । ନେପଥ୍ୟରୁ କେବଳ ତାଙ୍କ କଣ୍ଠସ୍ୱର ବାରି ହୋଇଯାଏ ନାହିଁ, ତାଙ୍କ ବିଶ୍ୱାସ, ବ୍ୟକ୍ତିତ୍ୱ ଓ ଅଭିଜ୍ଞତା ମଧ୍ୟ ସେହି ସ୍ୱରରୁ ଚିହ୍ନି ହୋଇଯାଏ । କବି ବଡ଼ ନିଃସଙ୍ଗ ଓ ବିଷଣ୍ଣ । ତାଙ୍କର କ୍ଲାନ୍ତି ଅପେକ୍ଷା କଠିନ ନିଷ୍ଫଳତାର ନୈରାଶ୍ୟ ଓ ବେଦନା ଅଧିକ । ଶ୍ରୀରଥ ସର୍ବଭାରତୀୟ ପ୍ରଶାସନିକ ଚାକିରି କ୍ଷେତ୍ରରେ ଜଣେ ସିନିୟର ଅଫିସର୍; ଆପାତ ଦୃଷ୍ଟିରେ ତାଙ୍କ ଜୀବନରେ ଅଭାବ ଓ ଅଭିଯୋଗ ନ ଥିଲା ପରି ମନେହେବା ସ୍ୱାଭାବିକ । ସ୍ୱାସ୍ଥ୍ୟ, ବିତ୍ତ, ପ୍ରଭୁତ୍ୱ, ପାରିବାରିକ ଶାନ୍ତି ଓ ଐତିହ୍ୟ, ସର୍ବୋପରି ନିଜର ପ୍ରଶାସନିକ ଦକ୍ଷତା ତଥା ବିଦ୍ୟା-ବୁଦ୍ଧିକବିତ୍ୱ—କିଛି ତ ଅଭାବ ନାହିଁ । ତେବେ ଏପରି ଏକ କବିଙ୍କର ଧୈର୍ଯ୍ୟନାଶକ ଏପରି ବିଷାଦବେଦନା ଓ ନୈରାଶ୍ୟର ଉତ୍ସ କେଉଁଠି ? ସଦୁତ୍ତର ଦୁର୍ଲଭ ନୁହେଁ । ଶ୍ରୀରଥଙ୍କ ବ୍ୟକ୍ତିସତ୍ତା ପଛରେ ବୃହତ୍ତର ଚେତନାବିଷ୍ଟ କବିସତ୍ତାଟିକୁ ସ୍ମରଣ ରଖିଲେ ଉତ୍ତର ମିଳିଯିବ । ତାଙ୍କ

Digitized by PPRACHIN, SOA

କବିସତ୍ତା ଉପନିଷଦର ସେହି ଦ୍ୱିତୀୟ ପକ୍ଷୀ: ସାକ୍ଷୀ ଚୈତନ୍ୟ।[୮] ଦେହବୃକ୍ଷକୁ ଆଶ୍ରୟ କରି ଥାଆନ୍ତି ଦୁଇଟି ପକ୍ଷୀ (ଜୀବାତ୍ମା ଓ ପରମାତ୍ମା)। ଗୋଟିଏ ସୁସ୍ୱାଦୁ ଫଳ ଭକ୍ଷଣ କରେ। ଅନ୍ୟଟି ନିଜେ ନ ଖାଇ ସାକ୍ଷୀରୂପେ ସଙ୍ଗୀର ଭକ୍ଷଣ ଲକ୍ଷ୍ୟ କରିଥାଏ। ତଥାପି ଦୁହେଁ ସର୍ବଦା ସଂଯୁକ୍ତ ଏବଂ ସଖା। ଠିକ୍ ସେହିପରି କବିଙ୍କ ବ୍ୟକ୍ତିସତ୍ତା ଓ କବିସତ୍ତା ପରସ୍ପର ସମ୍ପୂର୍ଣ୍ଣ ବିପରୀତ ଧର୍ମୀ ହୋଇ ମଧ୍ୟ ଆଲିଙ୍ଗନାବଦ୍ଧ। ଦୁହେଁ ଦୁଇ ହୋଇ ବି ଏକ ଓ ଏକ ହୋଇ ମଧ୍ୟ ଦୁଇ। ବ୍ୟକ୍ତିସତ୍ତା ଭୋକ୍ତା। କବିସତ୍ତା ସାକ୍ଷୀ। ତେବେ ସେ ନିରୁଦ୍‌ବିଗ୍ନ ନୁହେଁ। ଶ୍ରୀରଥଙ୍କ କବିସତ୍ତା କଷ୍ଟ ପାଉଛି ନିଜର ଉଦ୍ଭଟ ଅସ୍ତିତ୍ୱ ଯୋଗୁ। ମାନବଚୈତନ୍ୟର ପ୍ରତିଭୂ ସେ। ତା'ର ବିବେକଦଂଶନ ମର୍ମନ୍ତୁଦ। ଶ୍ରେୟୋବୋଧ ଯେଣୁ ସେହି କବିସତ୍ତା ସତ୍ୟ-ଶିବ-ସୁନ୍ଦରର ଅନୁସନ୍ଧାନ କରୁଛି, ମାତ୍ର ଭେଟୁଛି ବିରୂପ ବିଶ୍ୱ ଓ ଉଦ୍ଭଟ ଅସ୍ତିତ୍ୱକୁ। ତେଣୁ ସେ ନିଜର ଦୁଃଖଦୁର୍ଦ୍ଦଶା ଓ ବିଷାଦବେଦନା ଲାଗି ଦାୟୀ କରୁଛି ନିଜକୁ—ନିଜର ବ୍ୟକ୍ତିସତ୍ତାକୁ। ବ୍ୟକ୍ତିସତ୍ତାର ସୁଖ ସାଫଲ୍ୟ ପ୍ରତି ସେ ଆଦୌ ଆଗ୍ରହୀ ନୁହେଁ, ବରଂ ସେସବୁ ପ୍ରତି ବିଷାଦାନ୍ୱିତ ଏକ ତିକ୍ତତିର୍ଯ୍ୟକ୍ ମନୋଭାବ ସଦା ସମୁଦ୍ୟତ ରଖିଥାଏ। କବିତାରେ ଶ୍ରୀରଥଙ୍କ ଆତ୍ମଗତ ଉଚ୍ଛ୍ୱାସ ପ୍ରକାଶ ପାଇଛି ନିଶ୍ଚୟ, ଆତ୍ମାଭିମାନ ପ୍ରକଟିତ ହୋଇଛି ଅବଶ୍ୟ, କିନ୍ତୁ ତାହା ତାଙ୍କ ବ୍ୟକ୍ତିସତ୍ତାର ପରିଚୟସୂଚକ ନୁହେଁ। ସବୁବେଳେ ତାହା ମହତ୍ତର ଚେତନାର ଆବେଶ, କବିସତ୍ତାର ସମ୍ପୂର୍ଣ୍ଣ କଳ୍ପନା ଓ ଆଦର୍ଶର ଆବେଗ। ତେଣୁ କବିତାର ବିଷୟବସ୍ତୁ ଓ ପ୍ରକାଶ ଭଙ୍ଗିରେ ତାଙ୍କର ଯେଉଁ ଅଭିପ୍ରାୟ ବ୍ୟକ୍ତ ହୋଇଛି, ତାହା ସର୍ବତ୍ର ତାଙ୍କ ବ୍ୟକ୍ତିଗତ ଜୀବନର ବାସ୍ତବ ଅଭିପ୍ରାୟର ଯୋଗସୂତ୍ର ବିଶେଷ ନ ହେବା ସ୍ୱାଭାବିକ। ସେ ସୃଷ୍ଟିଶୀଳତାର ପ୍ରେରଣାରେ

୮। ଦ୍ୱା ସୁପର୍ଣ୍ଣା ସୟୁଜା ସଖାୟା
ସମାନଂ ବୃକ୍ଷଂ ପରିଷସ୍ୱଜାତେ
ତୟୋରନ୍ୟଃ ପିପ୍ପଳଂ ସ୍ୱାଦ୍ୱତ୍ତ୍ୟ
ନଶ୍ନନ୍ନନ୍ୟୋଽଭିଚାକଶୀତି ॥

ଶ୍ୱେତାଶ୍ୱତର, ୪।୬

Digitized by PPRACHIN, SOA

ବିଶ୍ୱାସ ରଖନ୍ତି, କବିତାରଚନା କର୍ମରେ ଏକ ପ୍ରକାର ଅନିବାର୍ଯ୍ୟତାକୁ ସ୍ୱୀକାର କରନ୍ତି । ସଚେତନ ଭାବରେ ପ୍ରେମକବିତା ଲେଖିବାକୁ ଯାଇ ସେ ଶେଷ ପର୍ଯ୍ୟନ୍ତ ଲେଖନ୍ତି ମୃତ୍ୟୁ ଓ ନୈରାଶ୍ୟଗ୍ରସ୍ତ କବିତାଟିଏ । ଏହାର ଠିକ୍ ଓଲଟା କଥା ମଧ୍ୟ ନ ଘଟିଛି ନୁହେଁ ।[୯] ବ୍ୟକ୍ତିସତ୍ତା ସେଠାରେ ସମ୍ପୂର୍ଣ୍ଣ ଅସହାୟ ଓ କର୍ତ୍ତୃତ୍ୱହୀନ । କବିତା ସୃଷ୍ଟିକାଳରେ କବି ଆଉ ବ୍ୟକ୍ତିମାତ୍ର ହୋଇ ରହନ୍ତି ନାହିଁ । ତାଙ୍କ ସତ୍ତାର ଉତ୍ତରଣ ଘଟେ । ସେହି ଉତ୍ତୀର୍ଣ୍ଣ ଦିବ୍ୟସତ୍ତାହିଁ କବିଧତ୍ତ —ଶାନ୍ତଂ କାବ୍ୟମୟଂ ବପୁଃ । ତାହାରି ପ୍ରରୋଚନାରେ ସେ କବିତା ଲେଖନ୍ତି । ଶ୍ରୀରଥଙ୍କର ଏହି କବିସତ୍ତାଟି ବଡ଼ ନିଃସଙ୍ଗ ଓ ବିଚ୍ଛିନ୍ନ; ବିମୂର୍ତ୍ତ ମଧ୍ୟ । ପ୍ରଶାସନିକ ବ୍ୟକ୍ତିସତ୍ତାର ଜାଗତିକ ସୁଖସାଫଲ୍ୟ ଓ ପ୍ରତିଷ୍ଠା ପ୍ରତିପତ୍ତି ଯେନ ସେ ଆଦୌ ଉତ୍ସାହିତ ନୁହେଁ, ବରଂ ସୁଯୋଗ ଉପସ୍ଥିତ ହେଲେ ମାତ୍ରେ ତା'ର ମୂଲ୍ୟବୋଧକୁ ବିଦ୍ରୂପ କରିବାକୁ ଛାଡ଼େ ନାହିଁ । କହେ, "କୁମରମଣିରେ ମୋର ବାଣିଜ୍ୟ ବା ରାଜକର୍ମ କର ।" (ବିମାନ ଦୁର୍ଘଟଣାରେ ମୃତ୍ୟୁ) । ବୃହତ୍ତର ସତ୍ୟସନ୍ଧାନ ବଦଳରେ ପ୍ରଶାସନିକବର୍ଗ ଅର୍ଥାଗମର ବାଟ ଖୋଜନ୍ତି ନାହିଁ କି ? ବ୍ୟକ୍ତିସତ୍ତାର ଦୁଃଖରେ ମଧ୍ୟ କବିସତ୍ତାର କୌତୁକ କିଛି କମ୍ ନୁହେଁ । 'ହୃଦୟେଶ୍ୱରୀ' କବିତାରେ ଦୁହେଁ ଦୁଇ ବନ୍ଧୁର ଭୂମିକାରେ ଆତ୍ମପ୍ରକାଶ କରିଛନ୍ତି । ନିହତ ବନ୍ଧୁର ପରିଣାମ ଚିନ୍ତା କବିସତ୍ତା ସହାନୁଭୂତି ଜ୍ଞାପନ କରି ନାହିଁ ଯେ ନିଜେ ନିଜକୁ ଯେନ ମଜା କରିଛି । ଆତ୍ମବ୍ୟଙ୍ଗ ବଡ଼ ଉପଭୋଗ୍ୟ,

"ମୁଁ ଜାଣିଛି ବିଭାଘର ଆଗୁଁ କାହା ପ୍ରେମରେ ପଡ଼ିଲେ,
ବା ବାପ୍‌ଦାଙ୍କୁ ଛାଡ଼ି ଆଉ କାହା ସଙ୍ଗେ ଘର କଲେ
ବା ଧନ ଅର୍ଜନ କରି କୋଠାଘର କଲେ, ବା ସୁନ୍ଦରୀ

---

୯ । କବି କହିଛନ୍ତି, Sometimes I have sat down to write a love poem and have ended up with a black poem dripping from death and despair, and vice-versa. Speech by Sri Ramakant Rath. (Sahity Academy Awards'78, Speeches by the Award winning Authors)

Digitized by PPRACHIN, SOA

ଭାର୍ଯାସଙ୍ଗେ ଦିନ ନେଲେ ଈଶ୍ୱରଙ୍କୁ ସ୍ମରଣ ନ କରି
ପରମାୟୁ ଅଳ୍ପ ହୁଏ ଓ ପ୍ରେତାତ୍ମା ଅଶାନ୍ତଭାବରେ
ବାରବର୍ଷ ପୃଥିବୀରେ ଇତସ୍ତତଃ ବୁଲେ ଅନ୍ଧକାରେ
ତାହା ପରେ ବିଶାଶହେ ବର୍ଷ ଧରି ନର୍କେ କ୍ଲେଶପାଏ
... ...
ଆହା ମୋ କଲେଜବେଳ ସାଙ୍ଗ କେତେ ଦୁଃଖ ନ ପାଇବ !

ଆତ୍ମବୀକ୍ଷା କବିକର୍ମ । ନିଜପ୍ରତି ତାଙ୍କର କ୍ଷମାହୀନତା କିଛି କମ୍ ନିର୍ମମ ନୁହେଁ । ସେ ଦୋଷ ଦିଅନ୍ତି ନିଜକୁ । ନିଜର କ୍ଷୁଦ୍ରତା, ଅକ୍ଷମତା, ଅର୍ଥହୀନତା ଓ ଆଧ୍ୟାତ୍ମିକ ପଙ୍ଗୁତା ପ୍ରତି ବିତୃଷ୍ଣା ହିଁ ତାଙ୍କ ଅନତିକ୍ରମ୍ୟ ବିଷାଦବେଦନାର ଉତ୍ସ । ସେ ନିଜର ତୃଷ୍ଣା ମେଣ୍ଟାଇବାକୁ ନିଜକୁ ହିଁ ମନ୍ଥନ କରନ୍ତି । ଏକାଧାରରେ ସେ ଦ୍ରାକ୍ଷାପୁଞ୍ଜ ଓ ବକଯନ୍ତ୍ର । ତାଙ୍କ କବିତାରୁ ଯେ କେହି ଦ୍ୱିଧାବିଭକ୍ତ ଆତ୍ମପ୍ରପୀଡ଼ିତ କବିଙ୍କୁ ଲକ୍ଷ୍ୟ କରି ପାରିବେ । ଜୀବନ-ସମୁଦ୍ରମନ୍ଥନରୁ ସେ କବିତା-ଲକ୍ଷ୍ମୀ ଲାଭ କରନ୍ତି ଓ ବିନମ୍ରପୂରେ ଅନନ୍ତବାସୁକୀବିଷରେ ଘାରି ହୁଅନ୍ତି । ସଂରକ୍ତ ଜୀବନ ସଂସକ୍ତି ଯେମିତି ପ୍ରବଳ, ଠିକ୍ ସେପରି ଦୁରନ୍ତ ଜୀବନବିତୃଷ୍ଣା ମଧ୍ୟ ପ୍ରଚଣ୍ଡ । ପ୍ରକୃତରେ ତାଙ୍କର ଜୀବନ ବିତୃଷ୍ଣା ଜୀବନ ସଂସକ୍ତିରହିଁ ପରିଣାମ । ନିବିଡ଼ ଜୀବନ ସଂସକ୍ତିହିଁ ମୃତ୍ୟୁଚେତନାର ପ୍ରମୁଖ କାରଣ । ତାଙ୍କର କୌଣସି କବିତା ପ୍ରତ୍ୟକ୍ଷ ଭାବରେ ନିଜ ବ୍ୟକ୍ତିଗତ ଜୀବନର ମୃତ୍ୟୁଜନିତ ଆଘାତବେଦନା ସହିତ ପ୍ରାୟ ଜଡ଼ିତ ନୁହେଁ । ହୁଏତ ଏକ ମାତ୍ର 'ଅତିଥିସତ୍କାର' ବ୍ୟତିକ୍ରମ ହୋଇପାରେ । ପ୍ରତ୍ୟକ୍ଷ ମୃତ୍ୟୁ ମଧ୍ୟ ତାଙ୍କ କବିତାର ମୁଖ୍ୟ କଥା ନୁହେଁ । ସେ ସ୍ପେନ୍‌ର ସିଜର୍ ଭାଲେଜୋ ଓ ଇଉଜେନିଓ ଫ୍ଲୋରିଟ୍‌ଙ୍କ ପରି ଅନେକଥର ନିଜକୁ ସଦ୍ୟମୃତ ବୋଲି ଘୋଷଣା କରି ନିଜର ଶବସତ୍କାର ବର୍ଣ୍ଣନା କରି ପାରନ୍ତି ।[୧୦] ଦୃଷ୍ଟିଭଙ୍ଗି

୧୦ । The Poem Itself କାବ୍ୟସଂକଳନରୁ କବିତା ଦୁଇଟି ଦ୍ରଷ୍ଟବ୍ୟ ।
(୧) Black Stone upon a White Stone—by Cesar Vallejo
(୨) Soneto by Eugenio Florit.

Digitized by PPRACHIN, SOA

ବେଶ୍ ନୈର୍ବ୍ୟକ୍ତିକ ଓ ବ୍ୟଙ୍ଗାତ୍ମକ । ଏପରି ମୃତ୍ୟୁଚିତ୍ରଣରେ ସେ ଦାର୍ଶନିକର ନିରାସକ୍ତି ଓ ମନନଶୀଳତାର ପରିଚୟ ଦେଇଥାନ୍ତି । ତେବେ କ'ଣ ତାଙ୍କ ମୃତ୍ୟୁବୋଧର ଉତ୍ସ ଦାର୍ଶନିକ କୌଣସି ଦୃଷ୍ଟିକୋଣ ? ନା । କବିଙ୍କ ମୃତ୍ୟୁଚିନ୍ତା କେଉଁଠି ବ୍ୟକ୍ତିହୃଦୟର ସ୍ପର୍ଶ ଅତିକ୍ରମ କରି ଦାର୍ଶନିକ ତତ୍ତ୍ୱ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇନାହିଁ । ମୃତ୍ୟୁଚେତନାର ଗଙ୍ଗୋତ୍ରି ହେଉଛି ସେହି ବଳିଷ୍ଠ କବିସତ୍ତ୍ୱର ଜୀବନସଂପ୍ରୀତି । ଶ୍ରୀରଥଙ୍କ କବିତାରେ ହୃଦୟର ଆବେଗ ଓ ଆଲୋକର ଭୂମିକା କିଛି କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ସେ ମନନଶୀଳ ହୋଇ ମଧ୍ୟ ବଡ଼ ଆବେଗପ୍ରବଣ । ବାସ୍ତବବାଦୀ ହୋଇ ମଧ୍ୟ ବଡ଼ ରୋମାଣ୍ଟିକ୍ । ହୃଦୟାବେଗ ତାଙ୍କୁ ପ୍ରେମପ୍ରବଣ କରେ; ଆଉ ଯେଉଁଠାରେ ପ୍ରେମ ସେଠାରେ ଅମୃତତ୍ତ୍ୱର ପ୍ରତ୍ୟାଶା ସ୍ୱାଭାବିକ କଥା । ପ୍ରେମ ମୃତ୍ୟୁକୁ ଅସ୍ୱୀକାର କରେ, ମାତ୍ର ମୃତ୍ୟୁ ଅମୋଘ । ତେଣୁ ହୃଦୟାକାଂକ୍ଷା ଓ ବାସ୍ତବ ସତ୍ୟ ମଧ୍ୟରେ ଉପୁଜୁଥିବା ଦ୍ୱନ୍ଦ୍ୱବିରୋଧହିଁ କବିଙ୍କୁ ମୃତ୍ୟୁ ସଚେତନ କରୁଛି । ନଚେତ୍ ଭକ୍ତି ଓ ପ୍ରେମ ଉଜ୍ଜ୍ୱଳ ହୋଇ ଉଠିଲେ କେହି କ'ଣ ଅସଂପୂର୍ଣ୍ଣ ଏହି ବିଶ୍ୱଜଗତକୁ ସହ୍ୟ କରି ପାରିବେ ? ମୃତ୍ୟୁକୁ ଭୁଲି ପାରିବେ ? କବିଙ୍କର ହୃଦୟବୃତ୍ତି ପ୍ରବଳ । ଅନୁଭୂତି ତୀବ୍ର । ଜୀବନକୁ ଗଭୀରଭାବରେ ସେ ଭଲ ପାଆନ୍ତି ବୋଲି ଜୀବନ ସହିତ ମୃତ୍ୟୁର ବିରୋଧ ସେ ସ୍ପଷ୍ଟ ଦେଖି ପାରନ୍ତି ଓ ମୃତ୍ୟୁଦ୍ୱାରା ଆତଙ୍କିତ ହୋଇ ଉଠନ୍ତି । ଜୀବନକୁ ଯେ ଭଲପାଆନ୍ତି ସେ ଜୀବନର ପରିଣାମ ସଂପର୍କରେ ସଚେତନ ନ ହୁଅନ୍ତେ କପରି ? ଔତ୍ସୁକ୍ୟ ଓ ଆଗ୍ରହ ନ ପ୍ରକାଶନ୍ତେ କପରି ? ଜୀବନର ପରିଣାମ ମୃତ୍ୟୁ । ତେଣୁ ଅନିବାର୍ଯ୍ୟ ନୈରାଶ୍ୟବାଦ ଓ ମୃତ୍ୟୁ ପ୍ରତି ସ୍ୱାଭାବିକ ସଚେତନତା ଶ୍ରୀରଥଙ୍କ କବି ପ୍ରକୃତିର ଅବିଚ୍ଛିନ୍ନ ଅଙ୍ଗ ହୋଇ ଦେଖାଦେଇଛି । ଆମ ପ୍ରେମର ମିଳନ ମଧ୍ୟରେ ସେ ଉପଲବ୍‌ଧି କରନ୍ତି ବିଚ୍ଛେଦର ତୀବ୍ର ଅନୁଭୂତି, ଆମ ଆନନ୍ଦ ମଧ୍ୟରେ ସେ ଶୁଣିପାରନ୍ତି ନୈରାଶ୍ୟର ନିଃଶବ୍ଦ ପଦସଞ୍ଚାର, ଆମ ସୌନ୍ଦର୍ଯ୍ୟ ପରିତୃପ୍ତିର ଚରମ ମୁହୂର୍ତ୍ତରେ ସେ ଲାଭକରନ୍ତି ମୃତ୍ୟୁସଚେତନତା । ଅନବଦ୍ୟ ପ୍ରେମ, ନିର୍ମଳ ଆନନ୍ଦ ଓ ସ୍ୱର୍ଗୀୟ ସୌନ୍ଦର୍ଯ୍ୟପାଇଁ ଯେ ସଦା କଳ୍ପନା-ପ୍ରବଣ ଅନ୍ତର୍ଦୃଷ୍ଟି ମେଲି ରଖିଥାନ୍ତି ସେ ମୃତ୍ୟୁକୁ ଭେଟିବେହିଁ ଭେଟିବେ । ମୃତ୍ୟୁର ନିବିଡ଼ ଉପଲବ୍‌ଧି ତେଣୁ ତାଙ୍କ କବିତାର ଏକ ବିଶେଷ ଧାରା, ନାନା ଭଙ୍ଗିରେ ଯା'ର ପରିପ୍ରକାଶ ।

Digitized by PPRACHIN, SOA

ଧ୍ୱଂସମୟ ପ୍ରତ୍ୟକ୍ଷ ମୃତ୍ୟୁ ଭୟାବହ ନିଶ୍ଚୟ । ମାତ୍ର ତାହାଠାରୁ ଆହୁରି ଅଧିକ ଭୟାବହ ଜୀବନ୍ମରଣ (death-in-life)। ନାନା ଭାବରେ ଶ୍ରୀରଥଙ୍କ କାବ୍ୟନାୟକ ଏହି ଜୀବନ୍ମରଣକୁ ଭେଟିଛନ୍ତି । ଆଧ୍ୟାତ୍ମିକ ପଙ୍ଗୁତା ଯେମିତି ବୁଢ଼ାହେବା ସଙ୍ଗେ ସଙ୍ଗେ ସେ ତା'ର ନିଜ ଜୀବନରେ ଯେପରି ମୃତ୍ୟୁର ଉଦ୍ଧତ ପଦକ୍ଷେପ ଶୁଣିଛନ୍ତି, ଠିକ୍ ସେପରି ଚତୁର୍ଦ୍ଦିଗରେ ଦେଖିଛନ୍ତି ସୌନ୍ଦର୍ଯ୍ୟଗ୍ରାସୀ ପ୍ରେତାୟିତ ପରିବେଶ । ତା ପାଇଁ କଏ ପୁଣି ମୃତ ନୁହେଁ ? ସ୍ୱୟଂ ସେ ମୃତ । ପତ୍ନୀ ମୃତ, ପ୍ରେମିକା ମୃତ, ବନ୍ଧୁ ମୃତ, ପିତା ମୃତ, ସନ୍ତାନ ମଧ୍ୟ ମୃତ । ବଂଶଗତ ଧାରିରେ ପ୍ରତିଶ୍ରୁତି-ହୀନ ଜୀବନ ବେନି ବଞ୍ଚିବା ମୃତ୍ୟୁଭଜିବା ଭିନ୍ନ ଅନ୍ୟ କିଛି ହୋଇ ନ ପାରେ । ଜନ୍ମ ମୁହୂର୍ତ୍ତରୁ ମଣିଷ ମୃତ । କାବ୍ୟନାୟକ ମୃତ୍ୟୁକୁ ଜନ୍ମାରୁ ବୋଲି ଜାଣେ, ଜନ୍ମିବା ମାନେ ମୃତ୍ୟୁକୋଳଆଶ୍ରିବା । ତେଣୁ ଶବସମ୍ପର୍କ ଓ ଶାଗୁଣାସମ୍ଭାର୍ଦ୍ଧି ଏଡ଼ାଇବା ସମ୍ବେଦନଶୀଳ କବିଙ୍କ ପକ୍ଷରେ ଅସମ୍ଭବ ହୋଇ ପଡ଼ିଛି । କାବ୍ୟଚେତନା ତାଙ୍କର ଅବଶ୍ୟମ୍ଭାବୀ ଭାବରେ ମୃତ୍ୟୁ ବୋଧ ଚହ୍ନିତ ରହିଛି । ତେବେ ସେହି ମୃତ୍ୟୁବୋଧରେ ଯୁଗର ବନ୍ଧ୍ୟାରୂପ ଓ ଜୀବନର ଅନର୍ଥତାର୍ଥତା ଯେତିକି ସତ୍ୟ, ଅନ୍ୟଏକ ପୂର୍ଣ୍ଣତର ସମୃଦ୍ଧତର ଜୀବନର ପ୍ରତ୍ୟାଶା ମଧ୍ୟ ସେତିକି ସତ୍ୟ । ଗୋପୀଭି ନ ବାଞ୍ଛିଲେ କେହି କାଣ ନିଜର କଂସମୂର୍ତ୍ତି ଦେଖିପାରେ ?

ଛଅ :

ଯୁଗ ଓ ଜୀବନର ବନ୍ଧ୍ୟା ଶୂନ୍ୟତା, ଆଧ୍ୟାତ୍ମିକ ପଙ୍ଗୁତା ଓ ଅନୁତ୍ତରଣୀୟ ଅର୍ଥହୀନତାର ନାମାନ୍ତର ମୃତ୍ୟୁ । ମଣିଷ ଆକ୍ଷରିକ ଅର୍ଥରେ ଜୀବିତ, ମାତ୍ର ତାର ଜୀବନ କାହିଁ ? ସେ ମୃତ । ଗୂଢ଼ତମ ପ୍ରକୃତତମ ଅର୍ଥରେ ସେ ମୃତ । ଏହି ମୃତ୍ୟୁର ନିବିଡ଼ ଉପଲବ୍ଧି ଜୀବନପ୍ରିୟ କବିଙ୍କର ଉତ୍ସାହ ଓ ଉଚ୍ଛ୍ୱାସକୁ ନିୟନ୍ତ୍ରଣ କରୁଛି, ମଣିଷ ଓ ଈଶ୍ୱରଙ୍କ ପ୍ରତି ପ୍ରବଳ ଅନୁରାଗକୁ ପ୍ରଶମିତ ରଖୁଛି, ତାଙ୍କର ଜୀବନଦର୍ଶନକୁ ସ୍ୱପ୍ନାକୁଳତା ଓ

Digitized by PPRACHIN, SOA

ଭାବାବେଗପ୍ରବଣତାରୁ ଯଥାସମ୍ଭବ ମୁକ୍ତକରି କଠିନ, ଆତ୍ମସଚେତନ ଓ ଆତ୍ମକୌତୁକମୟ କରୁଛି । ଜୀବନ୍ମରଣର ଆନୁଷଙ୍ଗିକ ଭୀଷଣ କ୍ଳାନ୍ତି, ବିତୃଷ୍ଣା, ନୈରାଶ୍ୟ ଓ ଶୂନ୍ୟତାର ଅଭିଷେକ ହେତୁ ତାଙ୍କ ଜୀବନବୋଧର ପ୍ରତ୍ୟକ୍ଷ ବୃହତ୍ତର ଅଂଶଟିକୁ ଅଧିକାର କରି ବସିଛି ।

ଆବସର୍ଡ଼ ଜୀବନର ଦୌରାତ୍ମ୍ୟହିଁ ମୃତ୍ୟୁ । ରିକ୍ତତା, ନିଷ୍ଫଳତା ଓ ଅଚରିତାର୍ଥତା ସର୍ବତୋବ୍ୟାପୀ । ସେହି କାରଣରୁ ଶ୍ରୀରଥଙ୍କ କବିତାର ପ୍ରକୃତି ରିକ୍ତ ଗ୍ରୀଷ୍ମର ପ୍ରକୃତି । ସେଠାରେ 'ମଧ୍ୟ ସୂର୍ଯ୍ୟାସ୍ତରେ ଶେଷ ନୁହେଁ ଖରା ।' ଜୀବନଟା ନିର୍ଧୂମ ଖରାର । ସମଗ୍ର ଭୂଖଣ୍ଡ ଦଗ୍ଧ ଓ ବିକଳାଙ୍ଗ । ସର୍ବତ୍ର ପରିବ୍ୟାପ୍ତ ଅଖଣ୍ଡ ମରୁଭୂମି । ଏଲିଅଟୀୟ ଓଏଷ୍ଟଲ୍ୟାଣ୍ଡ କବିଙ୍କ ମରୁଭୂମିରେ ସମ୍ପ୍ରସାରିତ ରହିଛି । ମଣିଷ ପୁରୁଷତ୍ୱହୀନ । ଜୀବନ ବିଧବା । ଏହି ମରୁଭୂମି କୌଣସି ଗ୍ରୀଷ୍ମମଣ୍ଡଳରେ ଅବସ୍ଥିତ ନୁହେଁ, ପରିବ୍ୟାପ୍ତ ଘରେ ଘରେ, ହୃଦୟେ ହୃଦୟେ । ନଗରକୂପ କେନାଲ ମାନେ ଶୁଖିଲା । କୋଠରି ମାନେ ଆଗ୍ନେୟ । ସବୁଠି ନିଆଁ ଓ ଶୂନ୍ୟତା । ସମ୍ଭାବନା ସବୁବେଳେ ଅନବଶେଷ ବନ୍ଧ୍ୟାତ୍ୱକୁ ଭେଟୁଛି । ନିଆଁରେ ପୋଡ଼ିହେବା ଛଡ଼ା ଗତ୍ୟନ୍ତର କାହିଁ ? ମରୁଭୂମିର ଉତ୍ତପ୍ତ ମଧ୍ୟାହ୍ନ ପ୍ରତିଷେଧହୀନ । କବି ଖ୍ରୀମ ସେଲିଭ ଓ ଏଲିଅଟଙ୍କ ପାଇଁ ମରୁଭୂମିର ମଧ୍ୟାହ୍ନ ନ ଥିଲା ନୁହେଁ । ଥିଲା । ମାତ୍ର ସେମାନଙ୍କ ପାଇଁ 'ହୁତାଶନରୁ ଜଳ ବୁନ୍ଦେ ହୁଏ ପ୍ରକାଶ ।' ଏଲିଅଟଙ୍କ ମରୁଭୂମିର ନିଆଁ ଶେଷ ପର୍ଯ୍ୟନ୍ତ ଦାବାଗ୍ନି ପ୍ରଭାବରେ ପ୍ରତିହତ ହୁଏ, ପ୍ରେମର ନବୀନ ମଞ୍ଜରିତ ଗୋଲାପ ଓ ଦାବାଗ୍ନି ଏକ ଓ ଅଭିନ୍ନ ହୋଇ ପୁଟନ୍ତି, "When the tongues of flame are in-folded/Into the crowned knot of fire/ And the fire and the rose are one". (Little Gidding V) କିନ୍ତୁ ଶ୍ରୀରଥଙ୍କ ପାଇଁ ଶୁଦ୍ଧି ଓ ମାଙ୍ଗଲ୍ୟର ପ୍ରତୀକ ଜଳବୁନ୍ଦେ କାହିଁ ? କାହିଁ ବା ଅନବଦ୍ୟ ପ୍ରେମ ଓ ସୌନ୍ଦର୍ଯ୍ୟର ପ୍ରତୀକ ଦାବାଗ୍ନି ? ତାଙ୍କ କାବ୍ୟନାୟକ ଜାଣୁଛି, 'ଅଗ୍ନିରେ ବଞ୍ଚିବା ମୋର କପାଳରେ ଅଛି ।' (ଅନ୍ୟଲେଖକର ପାଠି) । ଅଗ୍ନି ଅନୁତ୍ତରଣୀୟ । ନିଷ୍ପ୍ରାଣ ମରୁପ୍ରଦେଶରେ ଖରା ଓ ନିଆଁ ନିଷ୍ଟିଦ୍ର ଅନ୍ଧକାର ଭିନ୍ନ ଅନ୍ୟ କିଛି ନୁହେଁ । ଶ୍ରୀରଥଙ୍କ କବିତାରେ ଖରା, ନିଆଁ, ମରୁଭୂମି, ବିଧବା ଓ ଅନ୍ଧକାର ନିତ୍ୟଗ୍ରନ୍ଥିଯୁକ୍ତ ।

Digitized by PPRACHIN, SOA

ଜୀବନ ପର୍ଯ୍ୟୁଷିତ ମାତ୍ର ନୁହେଁ, କର୍ମମଣ୍ଡପରେ ପ୍ରତିଶ୍ରୁତିହୀନ ମଧ୍ୟ । ଅସମ୍ପୂର୍ଣ୍ଣତା, ଅଚରିତାର୍ଥତା ଓ ନିଷ୍ଫଳତାର ଯେଉଁ ଅନ୍ତହୀନ ଶୂନ୍ୟତା-ବୋଧ ବର୍ତ୍ତମାନ, ତାକୁ କବି ଘୋର ଅନ୍ଧକାର ରୂପେ ସର୍ବତ୍ର ଲକ୍ଷ୍ୟ କରିଛନ୍ତି, ମରୁଭୂମିର ଖରାର ନିଆଁ ବିଧବାର ନିଷ୍ଫଳ ଅନ୍ଧାର ଘେନ ଜଳସ୍ଥଳଅନ୍ତରୀକ୍ଷ ବ୍ୟାପିଛି । ମୁହୂର୍ତ୍ତଟିଏ ବି ଅବକାଶ ନାହିଁ, ଯାହା ପ୍ରେମ ଓ ସୌନ୍ଦର୍ଯ୍ୟବୋଧର ଅନୁକୂଳ ହେବ,

ସଞ୍ଜ ପରେ ଆଉ କାହିଁ
ଖରା ? ନଈର ସେ ପାଖେ
ଏକ ନାରୀମୂର୍ତ୍ତି ଯାର
ସରହଦ୍ ଦେଶ ଚନ୍ଦ୍ରାଲୋକେ ।
ତା ଆଖିରେ ଧ୍ୱଂସ ଖରା
ଏକ ଧ୍ୱସ୍ତ ସହର ସାମ୍ନାରେ
ଭଙ୍ଗାରୁଜା ବଖରାଙ୍କ ପଦ୍ମବନେ ଖରା
ହାଣ୍ଡି ପରି ଧସି ଗୁଳେ
ବିଧବାର ନିଷ୍ଫଳ ଅନ୍ଧାରେ ।

—ସୂର୍ଯ୍ୟାସ୍ତରେ ଖରା ଶେଷ ନୁହେଁ

ପରିବେଶ ମୃତ୍ୟୁଗ୍ରସ୍ତ । ପ୍ରକୃତିବକ୍ଷରେ ସନ୍ଧ୍ୟାପରେ ଚନ୍ଦ୍ରାଲୋକ ମିଥ୍ୟା ନୁହେଁ । ମାତ୍ର ସେହି ଚନ୍ଦ୍ରାଲୋକରେ ଠିଆ ହୋଇଥିବା ନାରୀଟିର ଆଖିରେ ଜ୍ୟୋତ୍ସ୍ନା କାହିଁ ? ଅଛି ଧ୍ୱଂସ ଖରା । ବୁଢ଼ା କାବ୍ୟନାୟକକୁ ହାଣ୍ଡିପରି ଧସି ଗୁଳିବାକୁ ହୁଏ । ନଚେତ୍ ଯୌବନର ରାଗ ଓ ବେଗ ପ୍ରକଟିତ ହେବ କିପରି ? ବୁଢ଼ାର ଉତ୍ସାହ ଓ ଉତ୍ତାପ କିଛି କମ୍ ନୁହେଁ । ମାତ୍ର ତା ପାଇଁ ଜ୍ୟୋତ୍ସ୍ନା ନାହିଁ, ପରିବର୍ତ୍ତେ ପ୍ରସରି ରହିଛି ବିଧବାର ନିଷ୍ଫଳ ଅନ୍ଧାର । କୋମଳ ବ୍ୟାକୁଳ ପ୍ରେମର ଅନୁକୂଳ ପ୍ରତିବେଶ କାହିଁ ? ଆମ ପ୍ରେମର ନିଷ୍ଫଳ ହାସ୍ୟକର ଦିଗଟି ପ୍ରକଟିତ ହେଉଛି ମାତ୍ର । ନିଷ୍ଫଳ ଅନ୍ଧକାର ପ୍ରତିକାରହୀନ—'ମତ ମତ ଅନ୍ଧାରର କାନ୍ଥ ନାହିଁ, ଛାତ ନାହିଁ ଅନନ୍ତ ପ୍ରକୋଷ୍ଠ ।' ଜୀବନ ଶୂନ୍ୟଗର୍ଭ । ସ୍ୱପ୍ନ ମାନେ ରକ୍ତାକ୍ତ ଓ ଅଚରିତାର୍ଥ, କାମନା ମାନେ ବିକଳାଙ୍ଗ, ତାରା ମାନେ

Digitized by PPRACHIN, SOA

ଧ୍ୱସ୍ତବିଧ୍ୱସ୍ତ । ଫୁଲ ମାନେ କାଠଦସ୍ତା । ଜୀବନର ଶୂନ୍ୟତା ଓ ଅସମ୍ପୂର୍ଣ୍ଣତା ସାଙ୍ଗକୁ ଅଛି ପୁଣି ଘୋର ନିଃସଙ୍ଗତାର ଯନ୍ତ୍ରଣା, ଯାହାକୁ କହନ୍ତି anguish of isolation । ମଣିଷ ବଡ଼ ଏକୁଟିଆ । ସମସ୍ତଙ୍କ ମେଳରେ ଥାଇ ମଧ୍ୟ ସେ ନିଜ ଅସ୍ତିତ୍ୱର ମୂଳ୍ୟବୋଧରୁ ବିଚ୍ଛିନ୍ନ ହୋଇ ପଡ଼ିଥାଏ । ଜୀଇ ରହିବା ଅର୍ଥ ଶରୀର ଧାରଣ କରିବା ଓ ଅନ୍ୟମାନଙ୍କ ଶରୀରଠାରୁ ପୃଥକ ହେବା । ମନ ସଂକୀର୍ଣ୍ଣ ଓ ପ୍ରେମହୀନ । ସବୁ ସେତୁ ଭଗ୍ନ । ଶେଷ ଟ୍ରେନ୍ ମଧ୍ୟ ଚାଲି ଯାଇଛି ତାଙ୍କ ଭିତରେ । ବିଚ୍ଛିନ୍ନତା ଅନତିକ୍ରମ୍ୟ । କାବ୍ୟନାୟକ ଏକୁଟିଆ 'ଆଡ଼ମ୍ବରପୂର୍ଣ୍ଣ ବୈଧବ୍ୟରେ ଠିଆ' ହୋଇ ରହୁଛି ଆଜୀବନ—"Alone, alone, all all alone/ Alone on a wide wide sea."

ନିଃସଙ୍ଗ, ନିଷ୍ଫଳ ଓ ସମ୍ଭାବନା ଶୂନ୍ୟ ଖଣ୍ଡଗ୍ରସ୍ତ ଜୀବନର ଉପରୋକ୍ତ ଶୂନ୍ୟତାକୁ କବି ନାନାଭାବରେ ନାନା ପ୍ରତୀକ ଓ ଚିତ୍ରକଳ୍ପ ମାଧ୍ୟମରେ ପ୍ରକାଶ କରି ଦେଇଛନ୍ତି । କେତୋଟି ଉଦାହରଣ ଦେଖନ୍ତୁ । ମୃତ୍ୟୁର ବୈଚିତ୍ର୍ୟ ଅଛି ।

(୧) ନିର୍ଜନ ହିଗନ୍ତ

(ହଳଦିଆ ଓଦା ଓଦା ଆଖି ତାର ଭ୍ରୂଲତା ଗୁଡ଼ିରେ)
ବୁଢ଼ିଆଣି ଜାଲ ବୁଣେ, ହାଇ ମାରେ, ଓ ସମବେଦନା
ପୂର୍ଣ୍ଣ କୁକୁରଟେ ଯାଏ, କେଉଁଥିରେ କଣ ଯାଏ ଆସେ ?
ସ୍ଥାନ ତୁଚ୍ଛା, କାଳ ତୁଚ୍ଛା, ତା ନଜର ଥିବା ନ ଥିବାରେ
କ'ଣ ଯାଏ ଆସେ ? ଓଦା ମେଘ ଆଖିରେ ପ୍ରଚୁର
ଓ ସ୍ୱର ହତାଶା ଏକ ଚିରସ୍ଥାୟୀ ଚକା ଭଉଁରୀ ।

ତା ପରେ ରାତି ଓ ସନ୍ଧ୍ୟାବେଳେ ଓଦା ପ୍ରାଚୀନ କାନ୍ଥରେ
ଝୁଲୁଥିବା ପ୍ରତିକୃତି ପରି ମଳ୍ଲ ସୁଦୀର୍ଘ ମୃତ୍ୟୁରେ

—ସନ୍ଧ୍ୟାବେଳର ଦୃଶ୍ୟ

(୨) ତମେ ଠିଆ ଶୁନ୍ ଶାନ୍ ପ୍ଲାଟଫର୍ମ ଉପରେ ତମର
ଫୁରୁ ଫୁରୁ ଉଡ଼ୁଥିବା ବାଳ କରେ କୁତୁକୁତୁ ତମେ ଆଉଜିବା

Digitized by PPRACHIN, SOA

ଖୁମ୍ବକୁ ସେ କୁରୁଡ଼େ ଓ ପ୍ଲାଟଫର୍ମ ସେପାଖେ ଆକାଶ
ଦେହରେ ଟେନାଏ ମେଘ କମଳାରଙ୍ଗର ।
ଏବଂ ରାତି ମାଡ଼ି ଆସେ ଝିଅର ସତୀତ୍ୱର ରକ୍ଷା କରିବାକୁ
ବନ୍ଧ ପରିକର
ବାପ ପରି ସହରର ନର୍ଦ୍ଦମା ରାସ୍ତାରେ ଗଳିରେ,
ରାସ୍ତାପୂର୍ଣ୍ଣ ଭଙ୍ଗାକାଚ ଠେକା ଏବଂ ଇତସ୍ତତଃ ପ୍ରାଚୀର ପତ୍ରରେ ।

—ସମସ୍ତଙ୍କୁ ଗୁଡ଼ମର୍ଣ୍ଣି ଶେଷ ଗୁଡ଼ବାଣି

(ଗ) ଧାନକ୍ଷେତ ଅପନ୍ତରା, ଖାଲି ଯାହା ଅୁଣ୍ଡା ହଳଦିଆ
ମୂଳମାନଙ୍କରୁ ବୁନ୍ଦେ ଟପ ଟପ୍ ସ୍ଫଟିକ କାକର
— — — — —
ଆମ ଦେହେ ଫଳ ନାହିଁ ଓ ଶୋଚନା ଟପ୍ ଟପ୍ ହୋଇ
ବୋହିଯାଏ ପ୍ରେମ ବନ୍ଧା କୁନି କୁନି ଫଟୋ ମାନଙ୍କରେ

—ଧାନକ୍ଷେତ

(ଘ) ରାତିପକ୍ଷୀ ଉଡ଼ି ଗୁଡ଼େ । ପ୍ରାର୍ଥନାର ପଛେ ପଛେ ମୋର
ତା ଉଡ଼ି ଗୋଡ଼ାଇ ଯାଏ ନକ୍ଷ ମୁହାଣକୁ,
ଏବଂ ସେହି ଶୂନ୍ୟତାରେ ଯେଉଁଠାରେ କିଛି ଦେଲେ ନାହିଁ
ଦେହ ହୁଏ ସ୍ମୃତି, ସ୍ମୃତି ହୁଏ ନଦ ବୁଡ଼ା ପଦ୍ମବନ୍ଦର
ସ୍ୱପ୍ନ ରାଜବାଟୀ ଦ୍ୱାରେ ଯାର ଦ୍ରବ୍ୟ ଅଗଣିତ ଚୋରଣଙ୍କ ପରେ
ଅପନ୍ତରା ଠାଏ ଠାଏ ପୁର୍ଣ୍ଣିଦେଶେ ସିନ୍ଧୁ ବୁଦା ଖପରା ଗଦାରେ

—କଳାହସ

ପ୍ରକାଶ୍ୟ ମୃତ୍ୟୁମୁଖୀ ନିଃସଙ୍ଗ ଜୀବନ ସବୁଠି ଅଭବ୍ୟ ଓ ପ୍ରତିଶ୍ରୁତିହୀନ । ସ୍ୱପ୍ନ ନିଷ୍ଫଳ ଓ ବିଡ଼ମ୍ବିତ । ସ୍ଥାନ ଭୁଲ୍‌ଛା, କାଳଭୁଲ୍‌ଛା । ଜୀବନର ରାସ୍ତା ପୂର୍ଣ୍ଣ ଭଙ୍ଗାକାଚ ଠେକା ଏବଂ ଇତସ୍ତତଃ ପ୍ରାଚୀର ପତ୍ରରେ । ବାପର ସାଧ କାହିଁ ଝିଅର ସତୀତ୍ୱ ରକ୍ଷା କରିବ ? ମଣିଷର ସାମର୍ଥ୍ୟ କାହିଁ ନିର୍ମଳ ଜୀବନ ଧରିବ ? ଆମ ଦେହେ ଫଳ କାହିଁ ? ସ୍ୱପ୍ନ ରାଜବାଟୀ ସୁଦ୍ଧା

Digitized by PPRACHIN, SOA

'ପୁଷ୍ପିତପଣେ ସିଙ୍ଘୁଚୁଡା ଖପର ଗଢାଟେରେ' । ତୋରଣଟି ଅବଶ୍ୟ ହବ୍ୟ !

ତଥାପି ସେହନ କାବ୍ୟନାୟକ ପାଇଁ ସ୍ୱପ୍ନ ଥିଲା, ଯଦ୍ୟପି ତାହା ପଦେ ପଦେ ବ୍ୟର୍ଥ ଓ ବିଡ଼ମ୍ବିତ ହେବାକୁ ବାଧ୍ୟ ବୋଲି ସେ ଭଲଭାବରେ ଜାଣିଥିଲା । ଭାଗ୍ୟକୁ ଅସ୍ୱୀକାର କରିବାର ସଙ୍କୀର୍ଣ୍ଣତା ସେ ଗ୍ରହଣ କରି ନାହିଁ, ଯଦ୍ୟପି ପ୍ରତିହିଂସାପ୍ରିୟ ଭାଗ୍ୟ ତା'ର ସାମାନ୍ୟତମ ପ୍ରତ୍ୟାଶାଟିକୁ ମଧ୍ୟ ଅଙ୍କୁରିତ ହେବାକୁ ସୁଯୋଗ ଦେଇ ନାହିଁ । ସୃଷ୍ଟିରେ ହେବ ଯୀଶୁଖ୍ରୀଷ୍ଟ । ସମୁଦ୍ର ଉପରେ ଚଲାଇ ନେବ କାର୍ । ଯୀଶୁ କ୍ଷତବିକ୍ଷତ ସମୁଦ୍ର ଉପରେ ପିତର ପାଖକୁ ଚାଲି ଯାଇ ନ ଥିଲେ କି ? କିନ୍ତୁ ଈଶ୍ୱରପୁତ୍ର ଯୀଶୁ କାହାନ୍ତି, ଆଉ କାହିଁ ଏ ଈଶ୍ୱରହୀନ ମଡର୍ନ ଯୀଶୁ ? କାହିଁ ବିଶ୍ୱାସ ? କାହିଁ ବା ଈଶ୍ୱରୋପଲବ୍ଧି ? ତକା ଫାଟେ । ମୁକ୍ତିର ସାମ୍ୟ ଅପସରି ଯାଏ । ବିଚିତ୍ର ଆତ୍ମଧିକ୍କାର କରେ । ବର୍ତ୍ତି ପ୍ରତ୍ୟାଶା ମଣିଷକୁ ସାନେଇ ଅବଶ୍ୟ । ଅତୀନ୍ଦ୍ରିୟ ଈଶ୍ୱରୋପଲବ୍ଧିର ହବ୍ୟ ଚେତନା ନ ହେଲା ନାହିଁ ଇନ୍ଦ୍ରିୟ ସୁଖ ସନ୍ଧାନ ଶ୍ରେଷ୍ଠ ସ୍ୱପ୍ନଟିଏ କ'ଣ ସାର୍ଥକ ହେବ ନାହିଁ ? ସେ ଶ୍ରେଷ୍ଠ ସ୍ୱପ୍ନଟିରେ ସାନ୍ତ୍ୱନା ଖୋଜିବ ।

'ଆଶା କରିବାକୁ ମୋର ପଡ଼ୋଶିନୀ ଆସି ମୋର
ଦୁଆରେ ଡାକିବ,
ମୋ ସ୍ୱାମୀ ନାହାନ୍ତି ଆଜ, ଆସ ଆମେ ପ୍ରେମକରିବା, ଓ
କିଏ ଜାଣେ, କାଲି ତମେ ମୃତ୍ୟୁ ସାଙ୍ଗେ ଠୋକ୍କର ଖାଇବ ।'

—ଯୀଶୁଖ୍ରୀଷ୍ଟ

କିନ୍ତୁ ପଡ଼ୋଶିନୀ କାହାନ୍ତି ? କ୍ଷଣିକ ଦେହସର୍ବସ୍ୱ ପ୍ରେମର ନିମନ୍ତ୍ରଣ ମଧ୍ୟ କାହିଁ ? ପରକୀୟା ପ୍ରେମ କିଛି ମନ୍ଦ ଲାଗନ୍ତା ନାହିଁ । କିନ୍ତୁ ଏ ଶ୍ରେଷ୍ଠ ସ୍ୱପ୍ନଟି ମଧ୍ୟ ସାର୍ଥକ ହେଉନାହିଁ । ପଡ଼ୋଶିନୀ ନାହାନ୍ତି ତାହାର । କ୍ରୁଶବିଦ୍ଧ ହେବାହିଁ ଭାଗ୍ୟ । ଯୀଶୁ ପୁଣି କ୍ରୁଶବିଦ୍ଧ ନ ହେବେ କିପରି ? ଅପ୍ରେମର ଯନ୍ତ୍ରଣା ନ ପାଇବେ କିପରି ? କାବ୍ୟନାୟକକୁ ଭାଗ୍ୟର ଉପହାସ ଜଳ ଜଳ ହସୁଛି,

Digitized by PPRACHIN, SOA

'ମୁଁ ଜାଣେ ଯେ ସକାଳେ ଠିଆ ହେବ ବଜାର ମଝିରେ
ମୋର ଗଳିତ ଶବ ହେବ ସହସ୍ର ବେଶ୍ୟାଙ୍କ
ଫାଙ୍କା ପେଟମାନଙ୍କର ଥଣ୍ଡାଦ୍ୱାରା ନିର୍ମିତ ଜଳୁଶରେ'

—ଯୀଶୁଖ୍ରୀଷ୍ଟ

ସମ୍ଭାବନାହୀନ ଜୀବନ ଶୂନ୍ୟଗର୍ଭ । ସ୍ୱପ୍ନ ଓ ପ୍ରତ୍ୟାଶା ବିଡ଼ମ୍ବିତ ହେବାକୁ ବାଧ୍ୟ । ସ୍ୱପ୍ନ ଅଛି, ପ୍ରତ୍ୟାଶା ଅଛି, ଅଥଚ ଚରିତାର୍ଥ ହେବାର ସମ୍ଭାବନା ନାହିଁ । ଏହା ଦୁଃଖ ଅବଶ୍ୟ, ନୈରାଶ୍ୟ ନୁହେଁ । ମାତ୍ର ଶ୍ରୀରଥଙ୍କ କାବ୍ୟନାୟକ ଅନେକଙ୍କ ଅତ୍ୟଧିକ ନୈରାଶ୍ୟରେ ଉତ୍ପୀଡ଼ିତ ହୋଇଛନ୍ତି । ସ୍ୱପ୍ନ ଦେଖିବା ପୂର୍ବରୁ ସ୍ୱପ୍ନର ସମ୍ଭାବନାମଧ୍ୟ ରହୁନାହିଁ, ଚରିତାର୍ଥ ହେବା ଦୂରର କଥା । ଶୂନ୍ୟତାବୋଧର ଘୋର ନୈରାଶ୍ୟ ଅମୋଘ ହୋଇ ଉଠୁଛି । କାବ୍ୟନାୟକ ବୁଝିଛି,

ମୁଁ ଛାପରେ ଏକା ଏକା ଯିବ, ମୋ ପଛରେ ଶୁଭୁଥିବ ହସ
ଛାଡ଼ିଥିବା ଜରେଇରେ ଫୁଟିଥିବା ନୋଷରଷ ଯେପରି ।
ବସ୍ତ୍ରାଙ୍କର ଚନ୍ଦ୍ରବର୍ଣ୍ଣ ଲାଗିଥିବ, ଏବଂ ମୋର ଅକ୍ଷୟ ଅମର
ମୁହୂର୍ତ୍ତିଙ୍କ ବଣ ଏକ ଭୂକମ୍ପରୁ ଅନ୍ୟ ଭୂକମ୍ପକୁ
ଲମ୍ଫିଥିବ—କମ୍ପା ଛାଡ଼ା ଛନ୍ତ୍ରିଥିବା ବିବର୍ଣ୍ଣ ପାଟେଷ୍ଟ
ଚପାଟ କରୁଛି ଥଣ୍ଡା ଗଛଙ୍କର ଶୁଖିଲା କାଠରେ
ପୃଥ୍ବୀ ମର୍ତ୍ତ୍ୟଧାମଠାରୁ ଅଙ୍ଗାର ପାଲଟିଥିବା ବୈକୁଣ୍ଠଧାମକୁ ।

—ପାଅନାହିଁ

ବୈକୁଣ୍ଠଧାମ ଦଗ୍ଧ । ଗନ୍ତବ୍ୟ ଏଠାରେ ଅପସ୍ତୃତ । କାହିଁଗଲେ ପାଶୋରିବ ମୃତ୍ୟୁ ପାପଦୁଃଖ ? ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ ଏକ ଏକ ଭୂକମ୍ପ—ଅଥଚ ପଳାଇ ଯିବାର ପଥନାହିଁ କି ଆଶ୍ରୟ ନେବାର ସ୍ଥାନନାହିଁ । ପ୍ରେମ, ପୂର୍ଣ୍ଣତା ଓ ଚରିତାର୍ଥତା ତା ପାଇଁ 'ଫେଗର ଫୁଲର ବାସ୍ନା, ଅନ୍ତର୍ଦ୍ଧାନ ରାଜଜ୍ୱର ତମ୍ବାପଟା, ଭଙ୍ଗାଦେଉଳ କାନ୍ଥରେ ଅପ୍‌ସରା ଓଠର ସରୁହସ ।' (ପବନ) ସମ୍ପୂର୍ଣ୍ଣ ଅସ୍ତିତ୍ୱହୀନ । ନିସ୍ତାର ନିଷ୍କରୁଣ ଏହି ଶୂନ୍ୟଗର୍ଭ ଜୀବନ ମୃତ୍ୟୁ ଭିନ୍ନ ଆଉ କ'ଣ ହୋଇପାରେ ?

Digitized by PPRACHIN, SOA

ଜୀବନ କେବଳ ଶୂନ୍ୟଗର୍ଭ ନୁହେଁ, ତାହା ମଧ୍ୟ ନିରର୍ଥକ, ଉଦ୍ଦେଶ୍ୟହୀନ ଓ ଚୋନୁଟତିକ । "କେ ଶକ୍ତି ଚଳାଏ ତାକୁ ? ସ୍ନେହ ନୁହେଁ, ଉନ୍ମାଦ ତ ନୁହେଁ ।" "ଉଦ୍ଦେଶ୍ୟ-ବିହୀନଭାବେ ତାହା ସ୍ୱୟଂ ଚାଲିଥାଏ ।" "ଗଡ଼ାଣି ରାସ୍ତାରେ ଏକ ଚାଳକ ବିହୀନ/ଗାଡ଼ିପରି ଅଟେ ତାର ବଳକା ଆୟୁଷ ।" (ମରିବାକୁ ଯାଉଥିବା ଲୋକ) । ଗଡ଼ବାଠା କିଛି କମ ଗତାନୁଗତିକ ନୁହେଁ । ଘରେ ଘରେ ପୃଥକକଳହଭିତ୍ତି । ସବୁଠି ସେହି ଜନ୍ମ, ମୃତ୍ୟୁ ଓ ପ୍ରଜନନକ୍ରିୟା । ସବୁ ଜଣାଶୁଣା । କେଉଁଠି ଆନନ୍ଦ ନାହିଁ କି ବିସ୍ମୟ ନାହିଁ । ନାହିଁ ମଧ୍ୟ କଲ୍ୟାଣବୋଧ । ଜୀବନ ନୁହଁଇ, ଜୀବନ୍ତ ମରଣ । ତା ବାହାରେ ମଧ୍ୟ ଝରଣାର କୁଳୁ କୁଳୁ ଡାକ ନାହିଁକି ସୁବାସିତ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ବନବାସ ନାହିଁ । 'କିନ୍ତୁ ଦେଖ ଆକାଶରେ ଜହ୍ନ ଉଏଁ ଜଣାଶୁଣା ଚାଳିଶ ବର୍ଷର ।' (ରାତ୍ରିର ଆକାଶ) । ମୁକ୍ତିସ୍ୱପ୍ନକୁ ଜଣାଶୁଣା ଜହ୍ନ ପରିହାସ କରୁଛି । ଗତାନୁଗତିକତାରୁ ମୁକ୍ତି ନାହିଁ ।

ମୃତ୍ୟୁପୀଡ଼ିତ ମଣିଷ କ୍ଲାନ୍ତ, ଅସହାୟ ଓ କରୁଣାର୍ଦ୍ର । ଆଧୁନିକ ସଭ୍ୟତା କି ତାର ଯନ୍ତ୍ରଣା ଲାଘବ କରୁଛି ? ନା । ସୀତାକାନ୍ତଙ୍କ କବି ବରଂ ଭାରତର ଆରଣ୍ୟକ ସଂସ୍କୃତିକୁ ଶ୍ରେୟସ୍କର ମଣନ୍ତି । କବିତାରେ ଆଧୁନିକ ସଭ୍ୟତାପ୍ରତି ସର୍ବଦ କଠୋର ବ୍ୟଙ୍ଗ ସମୁଦ୍ୟତ ରହିଛି । ସଭ୍ୟ ମଣିଷ ପ୍ରକୃତିରୁ ବିଚ୍ଛିନ୍ନ ହୋଇ ପଡ଼ୁଛି, ରହୁଛି ଉଦ୍ୟାନରେ । ଅନୁଭୂତିର ଚାରିକଡ଼େ ବାଡ଼ । ଜୀବନ ସ୍ୱାର୍ଥସର୍ବସ୍ୱ । ଖଣ୍ଡକ୍ଷୁଦ୍ର ନଗରପଲ୍ଲୀ ସୁଲଭ ଅବଶ୍ୟ; ପ୍ରକୃତି ମଧ୍ୟ ପୋଷାମାନେ ଓ ଶୃଙ୍ଖଳିତ ହୁଏ । ମାତ୍ର ସାମାଜିକ ଜୀବନ କାହିଁ ? କାହିଁ ବା ମହତ୍ତର ସତ୍ୟ-ସନ୍ଧାନ । ସଭ୍ୟ ମଣିଷ ପ୍ରାଚୀନ ଭାରତର ଆରଣ୍ୟକ ସଂସ୍କୃତିଠାରୁ ଦୂରକୁ ଆସି ନିଜ ଗଢ଼ା ଉଦ୍ୟାନରେ ନିଜକୁ ଆବଦ୍ଧ ରଖି ଜ୍ଞାନ ଓ ବିଜ୍ଞାନର ପରାଭବ ଭୋଗୁଛି, ନିଜର ପ୍ରାଣୀତ୍ୱକୁ ହେଟୁଛି । କାବ୍ୟନାୟକ ବୁଝୁଛି,

ତମର ବାରଣ୍ଡା ଏବେ ଲୋକାରଣ୍ୟ, ଫେରିଚନ୍ତ ତମର ସମସ୍ତେ
ତମେ ଫେରିଯାଇ ନାହିଁ ଜଙ୍ଗଲକୁ ଯେଉଁଠାରେ ବହୁ ଦେହାତୀତ

Digitized by PPRACHIN, SOA

ଉତ୍କଣ୍ଠ ଶିକ୍ଷକମାନେ କରୁଥିଲେ ତମର ଅପେକ୍ଷା,
ତେମ ବରଂ ରହିଗଲ ଉଦ୍ୟାନରେ, ଚନ୍ଦ୍ରାଲୋକ
ଯାହା ଉଦ୍‌ଭାସିତ ।

—ପୁନର୍ମିଳନ

ସଭ୍ୟତାର ମାୟାଅଛି; ଅଭିଶାପ ଅଛି । ମାସ୍‌ମେଡ଼ିଆ (Mass media)ର ସବୁ ପ୍ରକାର ଉନ୍ନତି ସତ୍ତ୍ୱେ ମଣିଷର ବିଚ୍ଛିନ୍ନତାବୋଧ ସ୍ପଷ୍ଟ ଓ ଅମୋଘ ହୋଇ ଉଠୁଛି । ଫୁଲଫଳ ଉତ୍ପାଦନର ସବୁପ୍ରକାର ଉଦ୍ୟୋଗ ସତ୍ତ୍ୱେ ଉଦ୍ୟାନ ବନ୍ଧ୍ୟା ଓ ଊଷର ରହୁଛି, ବରଂ ଆଧୁନିକ ମଣିଷର ଉଦ୍ୟମ ଜୀବନର ଅବଶିଷ୍ଟ ସମ୍ଭାବନାକୁ ଉନ୍ମୂଳ କରି ଚାଲିଛି । ମାଷ୍ଟ୍ରାଣୀ ଜୀବନର ସବୁ ସମ୍ଭାବନାକୁ ଉତ୍ଖାତ କରି ତା'ର ଉଦ୍ୟାନକୁ କିପରି ବସିବା ଲାଏକ କରି ଦେଉଛି ତାହା ଦେଖନ୍ତୁ,

ଏ ବଗିଚ୍ଚ ପରିଷ୍କାର, ମାଟି ତାର ବାରମ୍ବାର ଖୋଳି
ଖରାରେ ତା ଅନ୍ତପୋଡ଼, ପୋକଜୋକ ଏବଂ ଚେରମୂଳ
ସବୁ ନଷ୍ଟକରି ତାକୁ ମୁଁ ବସିବାଲାଏକ କରାଇ
ଏଠି ବସେଁ । ଆଉ କିଛି ଅର୍ଥ ନାହିଁ ଏହି ବଗିଚ୍ଚରେ ।
ଋତୁ ବନ୍ଦ ହୋଇଯିବା କଥା ଧୂଳି ଧୂଳି, ଚମତ୍କାର
ଅସ୍ୱସ୍ତି ଲାଗିବନାହିଁ । ଏ ବଗିଚ୍ଚର ବଡ଼ ଚମତ୍କାର ।

—ମାଷ୍ଟ୍ରାଣୀ

ବଡ଼ ଚମତ୍କାର ବଗିଚ୍ଚ ! ଏଠି ବସିଲେ ତେଣୁ ପ୍ରତିଘଣ୍ଟା ବହୁତ ଶତାବ୍ଦୀ ପରି ଲାଗିବା ବିଚିତ୍ର ନୁହେଁ । ଆଧୁନିକ ମଣିଷ ଏହି ଉଦ୍ୟାନବାସୀ ଯେଉଁ ଉଦ୍ୟାନରେ ଅଙ୍କୁରୋଦ୍‌ଗମ ହେବାର ସମ୍ଭାବନା ପର୍ଯ୍ୟନ୍ତ ନାହିଁ । ତାଙ୍କର ରୁଚି ଓ ସୌନ୍ଦର୍ଯ୍ୟବୋଧ ମଧ୍ୟ କିଛି କମ୍ ସ୍ଥୂଳ ନୁହେଁ । ଶ୍ରୀରଥଙ୍କ କାବ୍ୟନାୟକ ସହରକୁ ବଣ ଓ ସଭ୍ୟମଣିଷଙ୍କୁ ବଣମଣିଷ ବୋଲି ମଣେ । ତାଙ୍କର ହୃଦୟହୀନତା ଉଲ୍ଲଙ୍ଗ । ସେମାନେ ମାନ୍ୟଗଣ୍ୟ ନିଷ୍ଠୁର ! ମାତ୍ର

Digitized by PPRACHIN, SOA

ତାଙ୍କର ରୁଚି ବିକୃତ, କଳାବୋଧ ଓ କଳ୍ପନାଶକ୍ତି ଖର୍ବ, ଇତର । ଲାଉଡ଼ସ୍ପୀକରରୁ ସେମାନେ ଆଗ୍ରହରେ ବିକଟଘୋଷିତ ଗୀତ ଶୁଣନ୍ତି; କିନ୍ତୁ କୌଣସି ସ୍ତ୍ରୀଲୋକର ମଧୁର କଣ୍ଠରୁ ଲଳିତ ସଂଗୀତ ଶୁଣିଲେ ନିଦ୍ରା ଭଙ୍ଗ ଥିବା ଅପରାଧରେ ତାକୁ ହତ୍ୟାକରନ୍ତି । ଟ୍ରାଜେଡ଼ିଟିଏ ଦେଖି ଫେରିଲା ବେଳେ ସେମାନେ ଡିରେକ୍ଟରକୁ କହି ପାରନ୍ତି, 'ଖୁବ୍ ମଜା ହେଲା/ନାୟକ ନିହତ ହେଲା ।' (ଅନ୍ତ୍ୟସତ୍କାର) ମୃତ୍ୟୁରେ ଆମୋଦ । ସେମାନେ ଶିଳ୍ପ ସମ୍ଭୋଗଜନିତ ଆନନ୍ଦ କ'ଣ ତାହା ଜାଣନ୍ତି ନାହିଁ । ସମସ୍ତେ କିନ୍ତୁ "କି ସାହିତ୍ୟ କି ଦର୍ଶନ ସବୁ ବିଦ୍ୟାରେ କୁଶଳ !" ସଭା ଓ ସମ୍ବାଦପତ୍ର ତାଙ୍କ ବିଦ୍ୟା ଓ ବିଦ୍‌ବତ୍ତାର ପ୍ରଦର୍ଶନ କ୍ଷେତ୍ର । ଶ୍ରୀରଥଙ୍କ କାବ୍ୟନାୟକ ଆଧୁନିକ ସଭ୍ୟତାର ଏହି ଦୁଇଟି ଅପରିହାର୍ଯ୍ୟ ଅଙ୍ଗ ସଭା ଓ ସମ୍ବାଦ ପତ୍ରକୁ ଆଦୌ ସହ୍ୟ କରି ପାରେ ନାହିଁ । ସଭା ଓ ସମ୍ବାଦ ପତ୍ର ଆମ ଭିତରେ ଆଜି ଚିନ୍ତା ଓ ଚେତନାର ବିଶିଷ୍ଟତମ ଯୋଗସୂତ୍ର ହୋଇ ରହି ନାହାନ୍ତି କି ? ସଭାରେ ଭାଷଣ ଦେବା ଓ ସମ୍ବାଦ ପତ୍ରରେ ନାମ ବାହାରିବା ଉପରେ ଆମର ସବୁ ସମ୍ମାନ ଓ ସମ୍ଭ୍ରମ ନିର୍ଭର କରୁ ନାହିଁ କି ? ହିରୋଇଜମ୍‌ର ଏହାଠାରୁ ବଳି କରୁଣ ଦୃଷ୍ଟାନ୍ତ ଆଉ କ'ଣ ଥାଇପାରେ ? କାବ୍ୟନାୟକ ମାଧବୀକୁ ତା'ର ସୁଯୋଗ୍ୟ ହିରୋଟିକୁ ଚିହ୍ନାଇ ଦେଉଛି,

"......ଦେଖ

ତୁମର ପ୍ରେମିକ ଆସେ, ପାଖାପାଖି ବୟାଳିଶ, ଇଷତ୍ ସ୍ଥୂଳ
କୁହୁଡ଼ି ଭିତରେ, ଏ ଦୁର୍ଭେଦ୍ୟ ଗଡ଼ଖାଇ ପହଁରି ପହଁରି
ସୁନାରେ ଛାଉଣି ଦାନ୍ତ ଚିରସ୍ଥାୟୀ ହସରେ ବିସ୍ତୃତ
ସମ୍ବାଦପତ୍ରରେ ଗଢ଼ା ଗଧ ତା'ର ନିର୍ଭୀକ ବାହକ
ନିହତ ସଭାଙ୍କ ରକ୍ତେ ରଞ୍ଜିତ ତା କରେ କରବାଳ
ଅଭାଗିନି ! ତୁମେ ତାର ସ୍ୱୀଳଗନ୍ଧ ପେଟକୁ ଆଉଁସି
କହିବ କି ସାହିତ୍ୟ କି ଦର୍ଶନ ତମେ ସବୁ ବିଦ୍ୟାରେ କୁଶଳ !

—ମାଧବୀର ପଞ୍ଚବିଂଶତମ ଜନ୍ମୋତ୍ସବ ।

Digitized by PPRACHIN, SOA

ଦାର୍ଶନିକ କିଅରକେଗାର୍ଡ଼ ସମ୍ବାଦପତ୍ରକୁ ଜନତାର କୁକୁର ବୋଲି ଜାଣିଥିଲେ, ଶ୍ମିଥଙ୍କ କାବ୍ୟନାୟକ ତାକୁ ଗଧ ବୋଲି ଭାବେ । ଗଧ ଚଢ଼ାରେ ପୁଣି ଏତେ ଆନନ୍ଦ ! ଏତେ ଗୌରବ ! ଆଉ 'ଛେପ ସୁଙ୍ଘୁବୁଢ଼ା ଷଣ୍ଢରେ' ପୁଣି ଏତେ ତୃପ୍ତି ! (ଦ୍ରଷ୍ଟବ୍ୟ : ଅନାତ୍ମସ୍ୱ ନାଁ ଧଁଆ କବିତା) ଆଧୁନିକ ସଭ୍ୟତା ଓ ତା'ର ଉପାଦାନଉପକରଣ କୌଣସି ପ୍ରକାରେ ଜୀବନକୁ ତାତ୍ପର୍ଯ୍ୟ ମଣ୍ଡିତ କରିପାରୁ ନାହିଁ । ତେଣୁ ସେ ସବୁ ପ୍ରତି କାବ୍ୟନାୟକର ଉଦ୍ଧତ ଅବିଶ୍ୱାସ ବଦ୍ଧମୂଳ ।

ଜୀବନ୍ମୃତ୍ୟୁ ମଣିଷର ଅସ୍ଥିମଜ୍ଜାଗତ । ପୃଥିବୀ ନିର୍ଜନ । କବି ଦାନ୍ତେଙ୍କ ଇନ୍‌ଫର୍ନୋ (ନରକ) ଯେପରି ମର୍ତ୍ତ୍ୟକୁ ଅବତରଣ କରିଛି । ଚାରିଆଡ଼େ ଛାୟାମୂର୍ତ୍ତି । କାବ୍ୟନାୟକ ଜୀବନ୍ତ ଲୋକଟିଏ କାହିଁ ଦେଖୁ ନାହିଁ, ଗୋଟିଏ ଚିହ୍ନା ମୁହଁ ତା ଆଖିରେ ପଡ଼ୁନାହିଁ, ପ୍ରିୟମୁଖ ତ ଦୂରର କଥା । ଏଣେ ତେଣେ ଆଖିରେ ପଡ଼ନ୍ତି ଚଳନ୍ତ ଛାୟା ମାତ୍ର । ମଣିଷ ମାନେ ଶବ କି ଛାଇ । ସେମାନେ ଉଜ୍ଜ୍ୱଳ ବେଶପୋଷାକରେ ଭୂଷିତ ନ ହୋଇଥାନ୍ତି ନୁହେଁ । ମାତ୍ର ଜୀବନ କାହିଁ ? ବରଂ ସେମାନେ ବ୍ରାକେଟରେ ଝୁଲି ହୋଇ ଥିବା ଜାମାପଟା ପରି ଦିଶନ୍ତି । ଟାକ୍‌ସିଡ଼ର୍ମି (taxidermy) କରା ଯାଇଛି ସମସ୍ତଙ୍କ ଦେହ ଓ ମୁହଁ ।

ପ୍ରତ୍ୟକ ମୃତ୍ୟୁରେ ଏହି ଜୀବନ ମୃତ୍ୟୁରୁ ନିଷ୍କୃତି ଅଛି କି ? ମୃତ୍ୟୁର ପ୍ରତିଶ୍ରୁତି ଅଛି କି ? ସୁଖର କଥା ଯେ, କାହାକୁ ଜୀବନର ଦୌରାତ୍ମ୍ୟ ଏହି ଜୀବନ୍ମୃତ୍ୟୁକୁ ଚିରକାଳ ବହନ କରିବାକୁ ହୁଏ ନାହିଁ । ପ୍ରତ୍ୟକ୍ଷ ମୃତ୍ୟୁରେ ହିଁ ନିଷ୍କୃତି ଅଛି, ସାନ୍ତ୍ୱନା ଅଛି, "of death's twilight kingdom/The hope only/Of empty men." ହଲୋମ୍ୟାନ୍‌ର ବା ଆଉ କି ଆଶା ଅଛି ? ମୃତ୍ୟୁର କିନ୍ତୁ ତା ପାଇଁ କୌଣସି ପ୍ରତିଶ୍ରୁତି ନାହିଁ । ମୃତ୍ୟୁ ମଧ୍ୟ ଶୂନ୍ୟଗର୍ଭ । ନିଷ୍କରୁଣ ସେହି ପ୍ରତ୍ୟକ୍ଷ ମୃତ୍ୟୁର ପଟଭୂମିରେ ଜୀବନର ଶୂନ୍ୟତା, ନିଷ୍ଫଳତା, ନିରର୍ଥକତା ଓ ଅକିଞ୍ଚିତ୍କରତା ଆହୁରି ସ୍ପଷ୍ଟ ହୋଇ ଉଠେ । ମୃତ୍ୟୁ ଜୀବନକୁ ନୂଆ କରି ଗଢ଼େ ନାହିଁ, ଜୀର୍ଣ୍ଣ ଜୀବନ ମୃତ୍ୟୁସ୍ନାନ ମଧ୍ୟରେ ନବୀନ ହୋଇ ଉଠେ

Digitized by PPRACHIN, SOA

ନାହିଁ । ତାହା ମଧ୍ୟ ଶୂନ୍ୟତାର ଉପହାସ । ଶ୍ରୀରଥଙ୍କ କାବ୍ୟନାୟକ ପାଇଁ ଏହ ପ୍ରତ୍ୟକ୍ଷ ମୃତ୍ୟୁ ହେଉଛି ଜୀବନର ଚିରସ୍ଥାୟୀ ସୀମାଶୂନ୍ୟ ମହାପରିଣାମ, ଆଶା ଓ ପ୍ରେମର ଚିର ଅବସାନ । ତାହା ବଡ଼ ନିର୍ମମ ଓ ନିଷ୍କରୁଣ ମଧ୍ୟ । ଗ୍ରେକ୍ ଠୋକ୍ ଶେଷ ଭବିଷ୍ୟତ । ତା'ର ଧ୍ୱଂସମୟତା ଭୟାବହ । ବିଚ୍ଛିନ୍ନ ବିପନ୍ନ କାବ୍ୟନାୟକ ପ୍ରତ୍ୟକ୍ଷ ମୃତ୍ୟୁରେ ପରିତ୍ରାଣ ଖୋଜେ ଅବଶ୍ୟ, ମାତ୍ର ତାହାକୁ ସେ ଅମୃତ ସୋପାନ ବୋଲି ଭାବି ପାରେ ନାହିଁ । ନିଷ୍ଫଳ ଜୀବନର ନିଷ୍ଫଳ ଦୃଷ୍ଟାନ୍ତ ବୋଲି ତାହା ଶ୍ରେୟ, ଅନ୍ୟ କୌଣସି କାରଣରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ କି ତାତ୍ପର୍ଯ୍ୟ-ମଣ୍ଡିତ ନୁହେଁ । ସ୍ୱଳ୍ପଜୀବୀ ବୃକ୍ଷ ପତ୍ର ପରି ମଣିଷ ଜନ୍ମୁଛି ଓ ମରୁଛି । ମୃତ୍ୟୁ ତେଣୁ ମହାନ କିଛି ହୋଇ ନ ପାରେ । ନର୍ସର ଅନ୍ୟମନସ୍କତାରୁ ମଧ୍ୟ ମୃତ୍ୟୁ ଆସି ପହଞ୍ଚିଯାଏ 'ବୋଧହୁଏ ନର୍ସ ଭାବୁଥିବ/ତା କଲେଜ ବେଳି କଥା, କିମ୍ବା ପ୍ରେମ ହ୍ୱିସ୍କି ପିଇ/ଏବେ ଅମ୍ଳଜାନ ଦେବା ସେ ଭୁଲି ଯାଇଥିବ (ଅପେକ୍ଷା) । ରୋମାଣ୍ଟିକ କବିଙ୍କ ମୃତ୍ୟୁଦୃଷ୍ଟି ସହିତ ଶ୍ରୀରଥଙ୍କ ମୃତ୍ୟୁ ଦୃଷ୍ଟିକୁ ତୁଳନା କରାଯାଇ ପାରେ । କବି ରବୀନ୍ଦ୍ରନାଥଙ୍କ ମରଣବିଳାସ ବଡ଼ ରୋମାଣ୍ଟିକ୍ । ତାଙ୍କ ପାଇଁ ମୃତ୍ୟୁ ବଡ଼ ମଧୁର, ବଡ଼ ସୁନ୍ଦର । ଏଠି ସ୍ମରଣ ରଖିବାକୁ ହେବ ଯେ, ରୋମାଣ୍ଟିକ କବିଙ୍କର ପ୍ରେମିକପ୍ରେମିକା ବା ବରବଧୂ ସମ୍ପର୍କ ପ୍ରତି ଏକ ସ୍ୱାଭାବିକ ଆକର୍ଷଣ ଥାଏ । ମୃତ୍ୟୁ ମଧ୍ୟଦେଇ ଜୀବନର ପରିପୂର୍ଣ୍ଣତା—ଏଇ ବିଶ୍ୱାସର ସୂତ୍ର ଧରି କବି ରବୀନ୍ଦ୍ର ମୃତ୍ୟୁକୁ ଜୀବନର ବର ରୂପେ ଅଭିହିତ କରିଛନ୍ତି । "ମରଣରେ ତୁହୁଁ ମମ ଶ୍ୟାମ ସମାନ ।" ମରଣମିଳନ ମଧ୍ୟରେ ଅନନ୍ତ ଜୀବନ ଲାଭ କରାଯାଏ, କ୍ଷୁଦ୍ରତାରୁ ଭୂମା ହାତରେ ଯାଇ ହୁଏ । ଜୀବନ ରାଧା ତେଣୁ ମରଣ-ବରର ପ୍ରତୀକ୍ଷାରେ ରହେ । ଶ୍ୟାମ ବିନା ଶ୍ରୀମତୀଙ୍କର ଅନ୍ୟ ଗତି ବା କାହିଁ ? ଶ୍ରୀରଥଙ୍କ କାବ୍ୟନାୟକ ମଧ୍ୟ ଜୀବନକୁ ରାଧା ବୋଲି ଜାଣେ, ତା'ର ମିଳନୋତ୍କଣ୍ଠା ମଧ୍ୟ କିଛି କମ ଉଦଗ୍ର ନୁହେଁ । ମରଣ ଶ୍ୟାମ । 'ବର୍ଷାଋତୁ' କବିତାରେ ଯେଉଁ ଶ୍ୟାମ ଗୋପିକାଙ୍କ ଅଙ୍ଗବାସ ହରଣ କରିଥିଲେ, 'ରାଣୀ' କବିତାରେ ଏବେ ସେ ରାଧାଙ୍କୁ ମିଳନକୁଞ୍ଜରେ ନିବିଡ଼ ଆଲିଙ୍ଗନ ପାଶରେ ଆବଦ୍ଧ କରୁଛନ୍ତି । ଉଭୟଙ୍କ କଠିନ ଶ୍ଳେଷ ସମ୍ମୁଦ୍ୟତ ଅଛି, ବନ୍ଧୁଏ ନାହିଁ ଲିରିକ୍ ଆବେଗ

Digitized by PPRACHIN, SOA

କ ରାଗାତ୍ମିକ ଆନ୍ତରିକତା । ଜୀବନ ନିଦାଘର ସନ୍ତାପରୁ ପରିତ୍ରାଣ ଖୋଜି ଗୋପୀଏ ଜଳରେ ପଶିଲେ ବୃନ୍ଦାବନରୁ ବାହାରନ୍ତି କମଳନୟନ ! ଭାବୁଛନ୍ତି "ଗୋପିକାଙ୍କ ଅଙ୍ଗବାସ ଆଜି ଆମ୍ଭେ ହରଣ କରିବା ।" ଶ୍ରଦ୍ଧା ଓ ସମ୍ବେଦନାର ସୀମା କାହିଁ ? "ମାଂସ ମଧ୍ୟ ଲୁଗାପରି କାଳକ୍ରମେ ହୁଏ ପୁରାତନ/ପରିତ୍ୟକ୍ତ ହୁଏ କେଉଁ ଶ୍ମଶାନର କଦମ୍ବ ଡାଳରେ ।" ଆଉ ସେହି ଅଙ୍ଗବାସ କେହି କିନ୍ତୁ ଫେରିପାଏ ନାହିଁ । ନିଦାଘ ଅତ୍ୟନ୍ତ ଦାରୁଣ, ମୃତ୍ୟୁ ମଧ୍ୟ ନିର୍ମମ ଓ ଭୟଙ୍କର । 'ବର୍ଷାଋତୁର ଥିମ୍‌ଟି ପୁଣି ଥରେ 'ରାଣୀ' କବିତାରେ ପୁନରାବୃତ୍ତ ହୋଇଛି । ବୃନ୍ଦାବନକୁ ଶ୍ୟାମରାୟ ତ୍ୟାଗ କରୁଛନ୍ତି । ଜୀବନ ଏଠି ଗୋପୀମାନେ ନୁହେଁ, ସ୍ୱୟଂ ରାଧାରାଣୀ । ଏହି 'ରାଣୀ' କବିତାଟି ସିଧା ରବୀନ୍ଦ୍ରଙ୍କ 'ମରଣ' କବିତାକୁ ବ୍ୟଙ୍ଗ କରୁଛି । ମୃତ୍ୟୁର ଆଲିଙ୍ଗନ କେବଳ ତାପ ଘୁଞ୍ଚାଇବ ନାହିଁ, ଅମୃତତ୍ୱ ମଧ୍ୟ ଦାନ କରିବ !!! ହାଟପଦା ବୃନ୍ଦାବନ । ବୈଶାଖୀ ଝଡ଼ ପରି ମାଡ଼ି ଆସୁଛନ୍ତି ଶ୍ୟାମବନ୍ଧୁ । କୋକିଳକୁଳ ସ୍ତବ୍ଧ । ଶାରୁଣାଙ୍କ କଳରବ କ୍ରମଶଃ ସାନ୍ଦ୍ର କରି ତୋଳୁଛି ମଧୁର ମିଳନ ମୁହୂର୍ତ୍ତକୁ ! ମନୋହର ମଧ୍ୟାହ୍ନର ସୂର୍ଯ୍ୟାଲୋକ ଝରିଝରି ପଡୁଛି ! ପରିବେଶକୁ ପରିପୂର୍ଣ୍ଣ କରି ଦେଉଛି ଶ୍ୟାମବନ୍ଧୁଙ୍କ ଶୁଖିଲା ସମୁଦ୍ର ପରି ଖାଁ ଖାଁ ରୂପରାଶି ! କପାଳେ ପାଉଁଶ । ହାତ ତାଙ୍କର ନୀଳବର୍ଣ୍ଣ ନିସ୍ପନ୍ଦ; ମାତ୍ର ସେଥିରେ ବଂଶୀ ନାହିଁ, ଶୋଭା ପାଉଛି ଔଷଧର ଖାଲି ଶିଶି । ଆରୋଗ୍ୟ-ଲାଭର ସବୁ ସମ୍ଭାବନାକୁ ନିଃଶେଷ କରି ସେ ରାଧାଙ୍କୁ କୋଳକୁ ନେବେ । ଆଲିଙ୍ଗନ ପୁଣି ଏତେ ନିବିଡ଼ । ପୃଥିବୀର ସବୁ ସ୍ମୃତି ଓ ସମ୍ବନ୍ଧ ମୁହୂର୍ତ୍ତକେ ଦଗ୍ଧ ହୋଇ ଯାଉଛି । ଶ୍ରୀରାଧାଙ୍କ ଉପଲବ୍ଧି ଦେଖନ୍ତୁ ,

ମୁଁ ମଧ୍ୟ ନ ଥିଲି । ଶୀର୍ଶୀର୍ ହାଓ୍ୱା ଆମ୍ରପତ୍ରଙ୍କ ଭିତରେ
ବୋହୁଥିଲା, ସମ୍ଭବତଃ ତାହା ମୋର ଅନନ୍ତ ଯୌବନ
ନୀଳ ବର୍ଣ୍ଣ ଓ ଆଜଠୁଁ ଧୀରସ୍ଥିର ରଜାଙ୍କ ଇଚ୍ଛାରେ

—ରାଣୀ

ଅସ୍ତିତ୍ୱର ଚିର ଅବସାନ ଘଟୁଛି । ଜୀବନ୍ତ ମରଣରୁ ଉତ୍ତରଣ ପ୍ରୟାସ ପ୍ରତ୍ୟକ୍ଷ ମୃତ୍ୟୁକୁ ହିଁ ଭେଟୁଛି । ଏ ରଜାଙ୍କ ଇଚ୍ଛା ଅବ୍ୟର୍ଥ । ତାଙ୍କର

Digitized by PPRACHIN, SOA

ଇଚ୍ଛାରେ ସିଧାଙ୍କ ଅନନ୍ତ ଯୌବନ ମାଲବର୍ଣ୍ଣ ଧାରଣ କରିବ ଓ ଧୀରସ୍ଥିର ହେବ । ଜୀବନର ଶକ୍ତି, ସୌନ୍ଦର୍ଯ୍ୟ, ଉତ୍ତାପ ଓ ଉତ୍ସାହ ଅତୀତରେ ଅନ୍ତର୍ହିତ ହେବ । ଜୀବନ ଏକ ନିରର୍ଥକ ଶୂନ୍ୟତା । ମୃତ୍ୟୁ ମଧ୍ୟ ନିର୍ମମ । ଜୀବନ୍ତ ଜୀବନର ପ୍ରେମ କାହିଁ ? କାହିଁ ବା ପରିପୂର୍ଣ୍ଣତା ? ମରଣ ଶ୍ୟାମ ସମାନ ନିଶ୍ଚୟ । ମାତ୍ର ତାର ଧୃତବଷ୍ଟ୍ରୀ ଆଲିଙ୍ଗନ ଆନନ୍ଦ କି କଲ୍ୟାଣ ବହନ କରି ଆଣେ ନାହିଁ, ବହନ କରି ଆଣେ କେବଳ ନିର୍ମମ ଯନ୍ତ୍ରଣା ଓ ନିରର୍ଥକ ଶୂନ୍ୟତା । 'ଶେଷ ଦିନ ଅସରନ୍ତି ଦିନ'ର ଆତ୍ମଶ୍ଳେଷଲୀଳା ଦ୍ରଷ୍ଟବ୍ୟ ,

ଏହାସବୁ ଅନିବାର୍ଯ୍ୟ, ଯେତେବେଳେ ତମେ ଆଲିଙ୍ଗନ
କଲ ମୋତେ, ଏବଂ ତମ ମୁଠିରେ ମୁଁ ବୁଡ଼ିଗଲି
ହଠାତ୍ କେଉଁଠି
ଭୂମିକଂପ ହେଲା, କେଉଁ ସହରର ରକ୍ତିକ୍ତ ଦେଉଳ
କୋଠାଘର ବିଦ୍ୟାଳୟ ଗାଡ଼ିଘୋଡ଼ା
ବ୍ୟକ୍ତିଗତ କୃତିତ୍ୱର କଳକବଜା
ସବୁ ଭାଙ୍ଗି ଧୂଳିସାତ୍ ହେଲା ।
ମୁଁ ଶୁଣିଲି ତମ ହସ ଘଡ଼ଘଡ଼ି ଶବ୍ଦ ପରି
ଏକାଧାରେ ସନ୍ତୁଷ୍ଟ ଓ ଭୀଷଣ ଭୟଙ୍କର ।
ମୁଁ ଜାଣିଛି ଏହା ଅଟେ ଅନିବାର୍ଯ୍ୟ
ତମେ ଥିବ ମୋର ଅପେକ୍ଷାରେ
ମୋ ପାଇଁ ଉଦ୍ଦିଷ୍ଟ ଏକ ଚକ୍ର ଚକ୍ ଫାଶୀର ଇସ୍ପାତେ
ଅସରନ୍ତି ସମ୍ଭୋଗର ବାଧ୍ୟବାଧକତା
ଆଖିରେ ଓଠରେ ଏବଂ ସମଗ୍ର ଦେହରେ ।

ପ୍ରତ୍ୟକ୍ଷ ଏ ମୃତ୍ୟୁରେ ନବଜନ୍ମର ପ୍ରତିଶ୍ରୁତି ଅଛି କି ? ଏହା ଜୀବନାନ୍ତର ଅଭିମୁଖରେ ବାଟ କଢ଼ାଏ କି ? କବି ରବୀନ୍ଦ୍ରନାଥ ମୃତ୍ୟୁକୁ ଜୀବନର ଶୁଚିସ୍ନାନ ବୋଲି ଜାଣନ୍ତି, ତାହା ପୁରାତନ ଜୀବନକୁ ନବୀନ କରିଦିଏ । ମାତ୍ର ଶ୍ରୀରଥଙ୍କ କାବ୍ୟନାୟକ ପୁନର୍ଜନ୍ମରେ ବିଶ୍ୱାସ ରଖେ ନାହିଁ । ମୃତ୍ୟୁ ପୂର୍ଣ୍ଣଚ୍ଛେଦ । ବାରମ୍ବାର ସେ ମୃତ୍ୟୁକୁ ଶୂନ୍ୟଗର୍ଭ ବୋଲି

Digitized by PPRACHIN, SOA

ଉପଲବ୍ଧି କରୁଛି । ଧ୍ୱଂସମୟ ମୃତ୍ୟୁ ଜୀବନର ଚିର ଅବସାନ । ବ୍ୟକ୍ତିଗତ କୁଠିଭିତର ସବୁ କଳକବ୍ଜା ବିଧ୍ୱସ୍ତ ହେବ ହିଁ ହେବ । 'ବିମାନ ଦୁର୍ଘଟଣାରେ ମୃତ୍ୟୁ' କବିତାର ସୂଚନାକ୍ରମେ କବି ସ୍ୱୟଂ ବୁଝାଇଛନ୍ତି,[୧୧] "ଥରକର ମୃତ୍ୟୁ ପରେ ଆଉ ଫେରିବା କଥା ନାହିଁ । ତାର କାରଣ ଏହା ଯେ, ସମୟ ପଛକୁ ଫେରି ପାରିବ ନାହିଁ । ପ୍ରତ୍ୟାବର୍ତ୍ତନ ମିଥ୍ୟା ।" ପ୍ରତ୍ୟକ୍ଷ ମୃତ୍ୟୁର କୌଣସି ପ୍ରତିଶ୍ରୁତି ନାହିଁ । ଜୀବନ ଓ ମୃତ୍ୟୁର ଦେବତା ସେହି ଜଣେ ଶୂନ୍ୟତା । ବର୍ତ୍ତମାନ ଶୂନ୍ୟଗର୍ଭ, ଭବିଷ୍ୟତ ମଧ୍ୟ ସେହିପରି ଶୂନ୍ୟଗର୍ଭ । ସେ ଜାଣୁଛି,

"ସେ ମରିବ ଯେଉଁପରି ଫୁଙ୍କା ଦେହରେ
ଫେରିବାର ବାଟବନ୍ଦ ସମୟାନ୍ତରର
ମଶାଣିଠୁଁ ମେଘଯାଏ ଲମ୍ବିଥିବା ପରିବର୍ତ୍ତନରେ ।

—ଉଜ୍ଜ୍ୱଳ ଭବିଷ୍ୟତ

ଭବିଷ୍ୟତ ବଡ଼ ଉଜ୍ଜ୍ୱଳ ନୁହେଁ କି ? ଶ୍ଳେଷ ବଡ଼ କଠିନ । ସମୟାନ୍ତରର ସମ୍ଭାବନା ନାହିଁ । ସମୟାନ୍ତରର ପରିବର୍ତ୍ତନ ଅଛି, ମାତ୍ର ତାହା ମଶାଣିଠୁଁ ମେଘଯାଏ ନିଆଁରୁ ଧୂଆଁ ପର୍ଯ୍ୟନ୍ତ ବିସ୍ତୃତ ଯାହା ।

ଶ୍ରୀରଥଙ୍କ ମୃତ୍ୟୁବୋଧ ନଞାର୍ଥକ । ତେବେ ଥିଲା ପ୍ରସଜ୍ୟ ପ୍ରତିଷେଧ । ନିଷେଧ ମୁଖ୍ୟ । ଏବେ କେବେ କେମିତି ହୋଇଛି ପର୍ଯ୍ୟୁଦାସ । କାବ୍ୟନାୟକ ପୁନର୍ଜନ୍ମ ନାହିଁ ବୋଲି ନ କହି କେବେ କେମିତି କହୁଛି 'ପୁନର୍ଜନ୍ମ ଅନିଶ୍ଚିତ' (ନର୍ତ୍ତକୀ) । କବିଙ୍କ ଜୀବନଜିଜ୍ଞାସା ସଦା ସଂଶୟାନ୍ଦୋଳିତ । ମୃଗୟା ନିସନ୍ଦିଗ୍ଧ ହୋଇ ପାରୁନାହିଁ । ତଥାପି ବଳବତ୍ତର ରହିଛି ଅନେକାନ୍ତ ସେହି ପୂର୍ବର ମନୋପ୍ରତିନ୍ୟାସ : ମାଳ ନିର୍ମମ ମୃତ୍ୟୁ ମାତ୍ର ନିଶ୍ଚିତ ଭୁବନେ । ଜୀବନ୍ମୃତ୍ୟୁ ପ୍ରକାଶ୍ୟ ମୃତ୍ୟୁକୁ ହିଁ ଭେଟିବ । ପ୍ରକାଶ୍ୟ ମୃତ୍ୟୁ ଅସ୍ତିତ୍ୱର ପୂର୍ଣ୍ଣଚ୍ଛେଦ—ଚରମ ନାସ୍ତିର ପ୍ରତୀକ । ଜୀବନର ସବୁ ଉଦ୍‌ବେଗ ତେଣୁ ଏବଂ ମୃତ୍ୟୁ ଉଦ୍‌ବେଗର

---

୧୧ । 'ଅନେକ କୋଠରୀ'ର ପୃଷ୍ଠବନ୍ଧ, ପୃଷ୍ଠା ୮୦ ।

Digitized by PPRACHIN, SOA

ରୂପାନ୍ତର ମାତ୍ର । ଶ୍ରୀରଥଙ୍କ କାବ୍ୟନାୟକ ସଦା ଅର୍ଥହୀନ ଏକାକୀତ୍ୱର ସମ୍ମୁଖୀନ ହେଉଛନ୍ତି, ତାର ଆଶ୍ରୟ ନାହିଁ କି ଆଶ୍ୱାସନା ନାହିଁ, ଅଛି କେବଳ ଅବସାଦ, ମନୋବୈକଲ୍ୟ ଓ ଆତ୍ମଘ୍ନ ନୈରାଶ୍ୟଯନ୍ତ୍ରଣା । କବି ଏଲିୟଟ୍‌ଙ୍କ ସୁଇନ(Sweeney)ର ଉପଲବ୍ଧି ହିଁ ତା'ର ପ୍ରାଣର ଉପଲବ୍ଧି । "Death is life and life is death"—ଜୀବନ ଓ ମୃତ୍ୟୁ ଏକା କଥା । ସେତିକି ଏଲିୟଟ୍‌ଙ୍କ ଶ୍ଳେଷାତ୍ମକ ଭାଷାରେ ମଧ୍ୟ ଶ୍ରୀରଥଙ୍କ କାବ୍ୟନାୟକର ପ୍ରତ୍ୟୟସିଦ୍ଧ ଜୀବନବୋଧକୁ ଆମେ ସଂକ୍ଷେପରେ ଉପସ୍ଥାପନ କରି ପାରିବା, ମୃତ୍ୟୁ ମାତ୍ର ଧ୍ରୁବ ସତ୍ୟ ।

"That's all the facts when you come to
brass tacks:
Birth, and copulation, and death
I have been born, and once is enough
You don't remember, but I remember."

—Sweeny Agonistes

ସାତ :

କବି ଶ୍ରୀରଥଙ୍କ ମୃତ୍ୟୁବୋଧ ତାଙ୍କ ସମୟଚେତନା ସହିତ ନିତ୍ୟ-ଗ୍ରନ୍ଥିବଦ୍ଧ । ସମୟର ଅନ୍ୟ ନାମ କାଳ ନୁହେଁ କି ? କାଳ ସଂହାରକ ; କାଳ ହିଁ ମୃତ୍ୟୁ । ଗୀତାବାକ୍ୟ ସ୍ମର୍ତ୍ତବ୍ୟ । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିଜର ମହାକାଳ ରୂପ ସମ୍ବନ୍ଧରେ ସଚେତନ କରାଇଛନ୍ତି, "କାଲୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତ ।" (୧୧/୩୨) । 'ମୁଁ ଲୋକକ୍ଷୟକାରୀ କାଳ ଉତ୍ଥିତ ଓ ପ୍ରବୃଦ୍ଧ ହୋଇଛି; ଲୋକମାନଙ୍କୁ ସଂହାର କରିବା ହେଉଛି ମୋର ପ୍ରବୃତ୍ତି ଓ ସଂକଳ୍ପ । ଉଭୟ ଜୀବନ ଓ ପ୍ରକୃତିରେ କାଳର ଅଣଲେଉଟା ଗତି ସିଧା ମୃତ୍ୟୁରେହିଁ ଉପନୀତ ହୁଏ । "The best is yet to be" ପ୍ରତିଶ୍ରୁତି ଆଉ ବିଶ୍ୱାସ ଯୋଗ୍ୟ ନୁହେଁ ।

Digitized by PPRACHIN, SOA

କାଳର ସୃଷ୍ଟିଶୀଳତା ଅବଶ୍ୟ ଅବସମ୍ବାଦିତ । ସୃଷ୍ଟି ଓ ବିକାଶ ମୂଳରେ ତାହାକୁ ଅସ୍ୱୀକାର କରି ହେବ ନାହିଁ । Womb of time କି Father time କଥାଟା ଆଦୌ ମିଥ୍ୟା ନୁହେଁ । ମାତ୍ର କାଳ ସ୍ୱଗର୍ଭରୁ ଯାହାକୁ ଭୂମିଷ୍ଠ କରାଏ ପରମୁହୂର୍ତ୍ତରେ ତାକୁହିଁ ଗ୍ରାସ କରେ । କବି ବୋଦେଲେୟାର ତେଣୁ କ୍ରୋନସ୍ମୀଥ୍ (Cronosmyth) ବ୍ୟବହାର କରି ବୁଝାଇଛନ୍ତି, "Time devours our lives, and the dark Enemy who knows us seems to fatten on our heart's blood and grow the more." ୧୨ ବିକାଶ ତେଣୁ ବିନାଶ ଭିନ୍ନ ଅନ୍ୟ କିଛି ନୁହେଁ । ଯୋସେଫ୍ କୋନାର୍ଡ଼ ସେଦିନ ତାଙ୍କ ବନ୍ଧୁ କନିଙ୍ଗହାମ୍ ଗ୍ରାହାମଙ୍କୁ ଯାହା ଲେଖିଛନ୍ତି ତାହା ଆମେ ସ୍ମରଣ କରି ପାରିବା, 'The fate of humanity condemned ultimately to perish from cold is not worth troubling about. If you take it to heart it becomes an unendurable tragedy. If you believe in improvement you must weep, for the attained perfection must end in cold, darkness and silence ୧୩ ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ବିଶ୍ୱର ଧ୍ୱଂସ ଅବଶ୍ୟମ୍ଭାବୀ । ଯେ କୌଣସି ପ୍ରାକୃତିକ ଘଟଣାର ଶେଷ ପରିଣାମ ହେଉଛି ଏଣ୍ଟ୍ରପି (entropy) ବୃଦ୍ଧି । ଯେ କୌଣସି ବସ୍ତୁ ବା ଘଟଣାର ଭିନ୍ନକାଳୀନ ଦୁଇଟି ଅବସ୍ଥା ମଧ୍ୟରେ ଯେଉଁଟା ଅଧିକତର ବିଶୃଙ୍ଖଳ ତାହାକୁ ଏହି ଏଣ୍ଟ୍ରପି ପ୍ରତ୍ୟୟ ବଳରେ ପରବର୍ତ୍ତୀ ବୋଲି ଅମୋଘ ଭାବରେ ଚିହ୍ନିତ କରି ହେବ । କାଳ ଏଣ୍ଟ୍ରପି ବୃଦ୍ଧି ଦିଗରେ ସଦା ପ୍ରଧାବିତ । ଏକମାତ୍ର ଧ୍ୱଂସରେହିଁ ତାର ବିରାମ । ବିଶ୍ୱଧ୍ୱଂସ ହେଲେ କାଳ ସ୍ତବ୍ଧ ହେବ । କାଳର ଅଣଲେଉଟା ଗତି ତେଣୁ ଧ୍ୱଂସୋନ୍ମୁଖୀ । ଉଭୟ ବ୍ୟକ୍ତିଗତ ଜୀବନ କାଳ ଓ ବିଶ୍ୱଗତ ମହାକାଳ ଧ୍ରୁବ ମୃତ୍ୟୁରେ ଉପନୀତ ହେବେହିଁ ହେବେ । ଗତ୍ୟନ୍ତର ନାହିଁ । କବି ଯୁଗେ ଯୁଗେ କାଳକୁ ମୃତ୍ୟୁର

୧୨ । ଅନୁବାଦ—C. F. MacIntyre.

୧୩ । The works of Joseph Conrad: Life and letters vol I, Page 222.

Digitized by PPRACHIN, SOA

ଅଭିଜ୍ଞାନ ବୋଲି ଜାଣନ୍ତି । 'ମହାଭାରତ'ର ଯକ୍ଷ ପଚାରିଥିଲେ, 'ବାର୍ତ୍ତା କ'ଣ ?' ବାର୍ତ୍ତା ମୃତ୍ୟୁଭିନ୍ନ ଆଉ କ'ଣ ହୋଇ ପାରେ ? ଯୁଧିଷ୍ଠିର ଉତ୍ତର ଦେଲେ, 'ସଂସାର-କଟାହରେ ପ୍ରାଣୀଙ୍କୁ ନିକ୍ଷେପ କରି କାଳ ସୂର୍ଯ୍ୟାଗ୍ନି ଦ୍ୱାରା ପାକ କରୁଛି । ଦିବସରାତ୍ରି ଇନ୍ଧନ । ମାସ ଓ ଋତୁ ଚଟୁ । ପରନ୍ତୁ ହେବା ମାନେ ମୃତ୍ୟୁ ଭଜିବା । ନିସ୍ତବ୍ଧେ ଜୀବନ ସ୍ରୋତ ଧାଉଁଛି କେବଳ ମୃତ୍ୟୁକୁହିଁ ଭେଟିବାକୁ । ଓମରଖୟାମଙ୍କ ବାଣୀ ଆମ ସ୍ମରଣରେ ଅନ୍ତରଙ୍ଗ ହୋଇ ରହିଛି । "One thing at least is certain and rest is lies/The flower that once has blown forever dies." କବି ଗେଟେଙ୍କ ମେଫିଷ୍ଟୋଫିଲସ୍ କହିରଖିଛି, "for all things from the void called forth deserve to be destroyed." କିନ୍ତୁ କବି ସେକ୍ସପିଅର ମଧ୍ୟ କାଳର ଏକ ସଂହାରକ ମୂର୍ତ୍ତି ଲକ୍ଷ୍ୟ କରିଛନ୍ତି । ତା'ର ନିର୍ମମତା ପ୍ରତିକାରହୀନ—"And nothing against Time's scythe can make defense." ଓ "And nothing stands but for his scyth to mow." ତାହା ମଣିଷକୁ ସହସା ମୃତ୍ୟୁ କୋଳକୁ ଠେଲି ଦିଏ ନାହିଁ; ପ୍ରତିମୁହୂର୍ତ୍ତରେ କିନ୍ତୁ ମୃତ୍ୟୁ ଆଡ଼କୁ ଦ୍ରୁତ ଗତିରେ ଧାବିତ କରାଉଥାଏ,

> Like as the waves make towards
> the pebbled shore
> So do our minutes hasten to their end
>
> —Sonnet No 60.

ଶ୍ରୀରଥ ବଡ଼ କାଳସଚେତନ । ତାଙ୍କ କବିତାଗୁଡ଼ିକର ନାମକରଣରୁ ଏହା ଦୁର୍ଲକ୍ଷ୍ୟ ରହେ ନାହିଁ । କେତେଗୁଡ଼ିଏ କବିତାର ନାମ ଦେଖନ୍ତୁ : ବର୍ଷା ଋତୁ, ବସନ୍ତଋତୁ, ଅପରାହ୍ଣ, ସୂର୍ଯ୍ୟାସ୍ତରେ ଶବ-ସତ୍କାର, ସନ୍ଧ୍ୟାବେଳର ଦୃଶ୍ୟ, ସମୟକୁ ଗୁଡ୍‌ବାଇ ଶୈଶବଗୃହାଦି, ମୁହୂର୍ତ୍ତିକ ପୂର୍ବଙ୍କ ଜୀବନ, ଶୋଷଣହୀନ ଅସରନ୍ତି ଦିନ, ଉଜ୍ଜ୍ୱଳ ଭବିଷ୍ୟତ ଓ ଝରାପତ୍ର ସମୟର ଖେଳ ସମୟ, ଇତ୍ୟାଦି । ହାବ୍ୟନାପ୍ଲକ କାଳର ଅଶୁଭ ଅନୁଦାର ମୃତ୍ୟୁରୂପ ଦେଖେ । ମାନବ ଚେତନାରେ କାଳର ମୃତ୍ୟୁଭିନ୍ନ

Digitized by PPRACHIN, SOA

ଆଜି କେଉଁ ରୂପ ବା ଏତେ ସ୍ପଷ୍ଟ ଓ ଅବଧାରିତ ? କାଳ ତା ପାଇଁ କେବଳ ସଂହାରକ ନୁହେଁ; କୁତ୍ସିତ କଦାକାର ଓ ଅକଲ୍ୟାଣକର ମଧ୍ୟ । ସେ ମୂହୂର୍ତ୍ତେ ତାକୁ ଭୁଲିପାରେ ନାହିଁ । 'ପ୍ରତ୍ୟେକ ମିନିଟ୍ ଏକ ଛୁରିକାଘାତ ।' କବିଙ୍କ ଭାଷାରେ ତା'ର ଉପଲବ୍ଧି ଉଲ୍ଲେଖ୍ୟ,

(କ) ଧନପରେ ଧନ ବଢେ, ସମୁଦ୍ରର ମାଟିଆ ଲହଡ଼ି
କୂଳରେ ଭଙ୍ଗିଲା ପରି, କୂଳ କେତେ ଅସ୍ଥା ଧଶେ
ବଢ଼ଣା ଗୃହର, ଭଙ୍ଗାହାଣ୍ଡି ଆଜି
ଚିତ୍ର କାଗଜରେ ।

—ଗୃହସ୍ଥ

(ଖ) ସେମାନେ ତ ନିଜେ ଭାସି ଯାଉଛନ୍ତି ନଈର ପ୍ରଖର
ସୁଅରେ ଅଜଣା ଏବଂ ଅନ୍ଧକାରଚ୍ଛନ୍ନ ମୁହାଣକୁ ।
ସମସ୍ତେ ଅସ୍ଥିର ଆମେ, ପ୍ରତି ମିନିଟ୍‌ରେ
ଗୋଟିଏ ସ୍ଥିତିରୁ ଯାଉଁ ପୃଥକ ସ୍ଥିତିକୁ
ଏତେ କ୍ଷିପ୍ର ଗତିରେ ଯେ ମୁଣ୍ଡ ଘୁରିଯାଏ

—ଶିଷ୍ଟାଗୃହ ।

(ଗ) ଗୃହୁଁ ଗୃହୁଁ ଗୃଲିଯାଏ ବିଷଣ୍ଣ ସମୟ
ସିନ୍ଦୂର ଫାଟିବା ଆଗୁଁ ପୁଣି ଜନ୍ମାନ୍ତର ।
ଯେତେବେଳେ ତମ ରକ୍ତ ପାଶବିକ
ଓ ନ ଥିବ ଆଜି ସୂର୍ଯ୍ୟୋଦୟ,
ସେତେବେଳେ ଏହି ଶବ୍ଦ
କେତେ ହିଂସ୍ର ପ୍ରତିଶୋଧ ପ୍ରିୟ ।

—ଭାରତର ତିନିଟି ପ୍ରଧାନ ଋତୁ

ଜୀବନର ନଶ୍ୱରତା ଓ କାଳର ଅପ୍ରତିରୋଧ ଧ୍ୱଂସୋନ୍ମୁଖତାକୁ ଆଧୁନିକ ଯୁଗର କବି ଓ ଦାର୍ଶନିକଗଣ ଜୀବନ ବିଶ୍ଳେଷଣର ଭିତ୍ତିଭୂମି

Digitized by PPRACHIN, SOA

ରୂପେ ସ୍ୱୀକାର କରୁଛନ୍ତି । ସେମାନଙ୍କ ପାଇଁ ମଣିଷ କାଳାବିଷ୍ଟ (time-haunted) ପ୍ରାଣୀଟିଏ ମାତ୍ର । ଶ୍ରୀରଥ ସ୍ୱାଭାବିକ ଭାବରେ ପୂର୍ବସୂରୀମାନଙ୍କ ଦ୍ୱାରା ପ୍ରଭାବିତ ହେବା ବିଚିତ୍ର ନୁହେଁ । ଅସ୍ତିତ୍ୱବାଦ ମଣିଷର ମୃତ୍ୟୁବୋଧ ସମ୍ପର୍କରେ ନିସନ୍ଦେହ । ମଣିଷ ଏକମାତ୍ର ପ୍ରାଣୀ, ଯାହାର ମୃତ୍ୟୁଭୟ ଅନପନେୟ । ସେ ନିଜର ମୃତ୍ୟୁକୁ ବହୁ ପୂର୍ବରୁ ଦେଖି ପାରେ । କିନ୍ତୁ ତା'ର ଏହି ଅନ୍ତର୍ଦୃଷ୍ଟି ଆବିଷ୍କାର ମଧ୍ୟରେ ଅସ୍ତିତ୍ୱବାଦର କୃତିତ୍ୱ ନିହିତ ନୁହେଁ । କାରଣ ଲୋକବିଶ୍ୱାସ ଓ ଯୁଗଯୁଗର ଧର୍ମଧାରଣା ମଣିଷର ଏହି ମୃତ୍ୟୁସଚେତନତାକୁ ସବୁଠି ସବୁଦେଶରେ ଗୁରୁତ୍ୱ ଦେଇ ଆସିଛନ୍ତି । ହେଡ଼େଗାରଙ୍କୁ ମଧ୍ୟଯୁଗର ପ୍ରବଚନଟିଏ ଉଦ୍ଧାର କରି ନିଜର ଯୁକ୍ତିକୁ ଶାଣିତ କରିବାକୁ ପଡ଼ିଛି । ମଧ୍ୟଯୁଗର ଲୋକେ ମଧ୍ୟ ଜାଣିଥିଲେ ଯେ, "as soon as man is born, he is old enough to die." ସେହିପରି ସେକ୍ସପିଅର କାଳରୁ ଯେଉଁ ଦୁରନ୍ତ ମୃତ୍ୟୁରୂପ ଦେଖିଛନ୍ତି, ତାହା ଅସ୍ତିତ୍ୱବାଦୀଙ୍କ ନୈରାଶ୍ୟବେଦନା ଓ ଶୂନ୍ୟତାବୋଧଠାରୁ କିଛି କମ୍ ଗମ୍ଭୀର ଓ ଉଦ୍‌ବେଗଜନକ ନୁହେଁ । ମ୍ୟାକ୍‌ବେଥର ଶୋଚନା ଓ କ୍ରନ୍ଦନ ସ୍ମର୍ତ୍ତବ୍ୟ,

To-morrow and to-morrow and to-morrow
Creeps in this petty pace from day to day,
To the last syllable of recorded time;
And all our yesterdays have lighted fools
The way to dusty death. Out, out brief candle !
Life's but a walking shadow, a poor player
That struts and frets his hour upon the stage
And then is heard no more, it is a tale
Told by an idiot, full of sound and fury,
Signifying nothing.

ଅସ୍ତିତ୍ୱବାଦ ପ୍ରଭାବରେ କାଳ ସମ୍ପର୍କରେ ଏହାଠାରୁ ଭଲ ଆଧୁନିକ କବିତା ମଧ୍ୟ କେହି କେଉଁଠି ଲେଖିଥିବାର ଆମକୁ ଜଣାନାହିଁ । ତେବେ ଅସ୍ତିତ୍ୱବାଦର କୃତିତ୍ୱ କ'ଣ ? ଅସ୍ତିତ୍ୱବାଦ ପ୍ରଥମତଃ ତା'ର ସ୍ଥିର

Digitized by PPRACHIN, SOA

ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ, ମୃତ୍ୟୁ ହିଁ ମଣିଷର ଅବଧାରିତ ଭାଗ୍ୟ (fate), ଯାହା କୌଣସି ପ୍ରକାରେ ଅତିକ୍ରାନ୍ତ ହେବାର ନୁହେଁ । ସ୍ୱଭାବତଃ ଏହି ମୃତ୍ୟୁ ଉଦ୍‌ବେଗ ହିଁ ଅନ୍ୟ ସକଳ ଉଦ୍‌ବେଗର ଜନ୍ମଭୂମି । ଶ୍ରୀରଥ ଅସ୍ତିତ୍ୱବାଦର ଏହି ସିଦ୍ଧାନ୍ତ ମାନନ୍ତି । ମୃତ୍ୟୁ ହିଁ ତାଙ୍କ କାବ୍ୟ-ନାୟକର ଏକମାତ୍ର ଭାଗ୍ୟ—ଏକମାତ୍ର ଅନତିକ୍ରମ୍ୟ ନିୟତି । ଭାରତୀୟ ଅଦୃଷ୍ଟବାଦ ସହିତ ଏହି ଭାଗ୍ୟର ପାର୍ଥକ୍ୟ ଯେ କେହି ଲକ୍ଷ୍ୟ କରି ପାରିବେ । ଭାରତୀୟ ଚିନ୍ତା ଅଦୃଷ୍ଟକୁ ଅନ୍ଧ ଓ ଅନତିକ୍ରମ୍ୟ ବୋଲି ମନେ କରେ ନାହିଁ । ମଣିଷ ଚାହିଁଲେ ତା'ର କର୍ମକୁ ସ୍ୱାଧୀନ ଇଚ୍ଛା ଦ୍ୱାରା କେତେକାଂଶରେ ନିୟନ୍ତ୍ରଣ କରିପାରେ । ତେଣୁ ଆମ ଅଦୃଷ୍ଟବାଦ ସହିତ ପରଲୋକର ଆଶା ଓ ବିଶ୍ୱାସ ଅବିଚ୍ଛେଦ୍ୟ ଭାବରେ ଜଡ଼ିତ ରହିଛି । ଶ୍ରୀରଥଙ୍କ ଭାଗ୍ୟ କିନ୍ତୁ ଅନ୍ଧ, ଅର୍ଥଶୂନ୍ୟ ଓ ଅନତିକ୍ରମ୍ୟ । ତାକୁ 'କଳାହଂସ' କବିତାରେ ସେ ଆଙ୍କି ରଖିଛନ୍ତି, "ସେ କଳା ସ୍ୱେଟର ପିନ୍ଧା ଲୋକ ଲଗି ଏ'ତର ନ ଥିବା/ଆକାଶ ଦର୍ପଣ, ତା କଳା କାଚରେ/ମୁହଁ ଦେଖି ସେ ହୁଏତ ମୁଣ୍ଡ କୁଣ୍ଡେଇବ/ଦପ୍ ଦପ୍ ଇତସ୍ତତଃ ମାଳ ଆଲୁଆରେ ।" ସେ ଜଳୁଜଳିଆ ପୋକଙ୍କ ଅସ୍ଥିର ଆଲୁଅରେ ତର ନ ଥିବା ଆକାଶ ଦର୍ପଣର କଳା କାଚରେ ମୁହଁ ଦେଖିପାରେ, ସେହି କଳା ସ୍ୱେଟରପିନ୍ଧା ଲୋକଟି ଅନ୍ଧ ଭାଗ୍ୟ ଭିନ୍ନ ଆଉ କିଏ ହୋଇପାରେ ? "ପାହାଡ଼ଠୁଁ ଡେଙ୍ଗା ଏବଂ ସସ୍ତା ଘର ବିଲଠୁଁ ଚଉଡ଼ା" ଭୂଇଁ ତା'ର ସର୍ବତ୍ର ପରିବ୍ୟାପ୍ତ । ଦୁର୍ମୋଚନୀୟ । ହଂସ କଳା । ତାହା ପୁଣି କିଛି କମ୍ ଚମତ୍କାର ନୁହେଁ,

ହଂସ କିନ୍ତୁ ବଡ଼ ଚମତ୍କାର
ଖିଲ୍ ଖିଲ୍ ହୋଇ ଶୁଭେ କୁତୁକୁତୁ ନଈ ପାଣି ପରି
ଗୁପିଦେଇ କେତେ କାନ୍ଦ କେତେ ଦୀର୍ଘଶ୍ୱାସ
କୁକୁରଙ୍କ ଲମ୍ବା ବାହୁନା ଓ
ବିଲୁଆଙ୍କ କାନଫଟା ହୁକେ ହୋ ଚିତ୍କାର ।

ଭାଗ୍ୟର ଅଟ୍ଟହାସ୍ୟ ଆମର କରୁଣ କ୍ରନ୍ଦନ ଧ୍ୱନିକୁ ବୁଡ଼ାଇ ଦିଏ ନାହିଁକି ? ଲମ୍ବା ଦୀର୍ଘଶ୍ୱାସକୁ ଅଟରେ ଚପ୍ କରାଇ ଦିଏ ନାହିଁକି ?

Digitized by PPRACHIN, SOA

ଆମେ ଶୂନ୍ୟକୁ ଅନାଇ ବ୍ୟାକୁଳ ହୋଇ ମରୁ । ସେହି ଭାଗ୍ୟକୁ ଶ୍ରୀରଥ କେଉଁଠି ଅନ୍ଧ ବୋଲି ବ୍ୟଙ୍ଗ କରିଛନ୍ତି ତ ଆଉ କେଉଁଠି ରାକ୍ଷସୀ ବୋଲି ଅଭିଶାପ ଦେଇଛନ୍ତି । ତା ମାଝରେ ମଣିଷର ସୁଖଦୁଃଖ, ହସ-କାନ୍ଦ ଓ ସଦସତ୍ ଇଚ୍ଛା ଭୁଲିମୂଳି । ତେଣୁ ଆମେ କହିପାରିବା ଶ୍ରୀରଥଙ୍କ କାଳଚେତନାରେ ଅସ୍ତିତ୍ୱବାଦର ନିୟତିଧାରଣା ସ୍ପଷ୍ଟ ଓ ଗଭୀର ଛାୟାପାତ କରିଛି । ଅଧିକନ୍ତୁ ତାଙ୍କ କାବ୍ୟନାୟକର ସବୁ ଉଦ୍‌ବେଗ ମଧ୍ୟ ସେହି ମୃତ୍ୟୁ ଉଦ୍‌ବେଗର ରୂପାନ୍ତର । ତେବେ ଶ୍ରୀରଥ ମୃତ୍ୟୁର ଉଦ୍‌ଗାତା ନୁହନ୍ତି, ସେ ଅମୋଘ ଭାଗ୍ୟ ଓ ଅବଶ୍ୟମ୍ଭାବୀ ନିଷ୍ଠୁରତାକୁ ବିନା ସଂଗ୍ରାମରେ ପ୍ରଶ୍ରୟ ଦିଅନ୍ତି ନାହିଁ । ଦର୍ଶନ ପରେ ସାହିତ୍ୟର ପ୍ରଭାବ । ଆଧୁନିକ ସାହିତ୍ୟର ଅନ୍ୟତମ ମୁଖ୍ୟ ଥୀମ ହେଉଛି ଧ୍ୱଂସୋନ୍ମୁଖ କାଳ ସଚେତନତା । ଅଡେନ୍ (W. H. Auden) ସ୍ପଷ୍ଟ କହି ରଖିଛନ୍ତି, "The situation of our time sorrounds us like a baffling crime." ଇଂରାଜୀ ଭାଷା ଓ ସାହିତ୍ୟରେ ସୁପ୍ରସିଦ୍ଧ କବି ଔପନ୍ୟାସିକ ଡଷ୍ଟୋଭସ୍କି ଓ ପ୍ରୁଷ୍ଟ ତଥା କବି ବୋଦେଲେୟାର, ଶଲେକ୍, ଲୋର୍କା, ଇୟେଟସ୍, ଏଲିୟଟ୍ ଓ ଟମାସ୍ ଆଦିଙ୍କ ରଚନାରେ ନିଷ୍ଠୁର କାଳକୁ କରାଳ ବଦନ ମେଲି ରହିଥିବାର ଲକ୍ଷ୍ୟ କରିଥିବେ । ଅଧିକନ୍ତୁ ଆମ ଗୀତା, ଉପନିଷଦ ଓ ପୁରାଣରେ ମଧ୍ୟ କାଳର ଭୂମିକା କିଛି କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । କବି ଇୟେଟ୍‌ସ ଓ ଏଲିୟଟ୍ ଆମର ସାହିତ୍ୟରୁ କାଳହାତରୁ ମୁକ୍ତିର ଉପାୟ ଅନୁସନ୍ଧାନ କରିଛନ୍ତି । ଶ୍ରୀରଥଙ୍କ କାବ୍ୟଚେତନା ଏହି କାଳବୋଧ କ୍ଷେତ୍ରରେ ପ୍ରାଚ୍ୟପାଶ୍ଚାତ୍ୟ ଉଭୟ ଜଗତରେ ଆଶ୍ରୟ ଲୋଡ଼ିଛି । ମାତ୍ର ସେହି ଆଶ୍ରୟ ତାଙ୍କ ସ୍ୱାତନ୍ତ୍ର୍ୟର ଅନ୍ତରାୟ ହୋଇନାହିଁ । ସଂଶୟ-ସମୁଦ୍ରରୁ ସେ ବିଶ୍ୱାସର ଦୃଢ଼ଭୂମିକୁ କେଉଁଠି ଉଠି ପାରୁ ନାହାନ୍ତି । ଶେଷ ପର୍ଯ୍ୟନ୍ତ ସେ ସନ୍ଧିଗ୍ଧ କବିଟିଏ ମାତ୍ର; ସିଦ୍ଧସାଧକ ନୁହନ୍ତି କି ମିଷ୍ଟିକ୍ ନୁହନ୍ତି । ସଂଶୟୀ ମାନବାତ୍ମାର ବିମୂଢ଼ତା ହିଁ ତାଙ୍କ କବିବୈଶିଷ୍ଟ୍ୟ । କାଳ ତାଙ୍କର ପ୍ରବଳତମ ଶତ୍ରୁ—ଅପ୍ରତିରୋଧ୍ୟ ଅରାତି । ପ୍ରେମ, ଜୀବନ, ସ୍ମୃତି ଓ ସୌଭାଗ୍ୟ କେହି ତା ହାତରୁ ନିଷ୍କୃତି ପାଆନ୍ତି ନାହିଁ । ସେ ଏକଦା ଇୟେଟସ୍ ଓ ଏଲିୟଟ୍ ପ୍ରମୁଖ କବିଙ୍କ ଦ୍ୱାରା ବିଶେଷ ଭାବେ

Digitized by PPRACHIN, SOA

ପ୍ରଭାବିତ ହୋଇଛନ୍ତି । ଆମେ ସେହି ପ୍ରଭାବର ସୂତ୍ର ଧରି ତାଙ୍କ ବୈଶିଷ୍ଟ୍ୟରେ ଉପନୀତ ହେବା ।

କବି ଇଏଟ୍ସ୍ କାଳର ଅପ୍ରତିହତ ଗତିମୁଖରେ କେବଳ ମୃତ୍ୟୁକୁ ହିଁ ଭେଟନ୍ତି । ପ୍ରେମ, ସ୍ମୃତି ଓ କଳାସୃଷ୍ଟି କେହି ତା ହାତରୁ ଅବ୍ୟାହତି ପାଆନ୍ତି ନାହିଁ । ଜୀବନ ମୃତ୍ୟୁକୁ ଭେଟେ, ସଭ୍ୟତା ମାତ୍ରେ ଅନିବାର୍ଯ୍ୟତଃ ଉପନୀତ ହୁଅନ୍ତି ଧୂସର ମରୁପ୍ରାନ୍ତରରେ । 'levelling wind' ର ଧ୍ୱଂସ କ୍ଷମତା ପାଖରେ ମଣିଷ କଣ୍ଟିଛୁଆନ—"Everything that man esteems/Endures a moment or a day" ସେକ୍ସପିଅର ଓ ମାର୍ଲୋମେ ପ୍ରମୁଖ କବିଗଣ କବିତାର କଳାସୃଷ୍ଟି ଦ୍ୱାରା ଶାଶ୍ୱତଲାଭର ପ୍ରତ୍ୟାଶା ପୋଷିଥିଲେ, ଇଏଟ୍ସ୍ ସେ ବିଶ୍ୱାସ ହରାଇଛନ୍ତି । ସେ କହନ୍ତି, 'Day brings round the night' ଏବଂ 'before dawn man's glory and his, monuments are gone." 'ସିନ୍ଦୂର ଫାଟିବା ଆଗୁଁ ପୁଣି ଜନ୍ମାନ୍ତର' । ଶ୍ରୀରଥ ମଧ କର୍ତ୍ତିର ଆଖିରେ ଝୁଡ଼ିବାର ଚରମ ସମ୍ବାଦ ପଡ଼ନ୍ତି । କାଳ ସର୍ବହର । ମହାବଳୀଠାରୁ ମହାବଳୀ । 'ଲଗାଇଛୁ ଫାଶ ସେତୁ ସମସ୍ତଙ୍କ ଗଳେ ।' କବି ଡିଲନ ଟମାସ୍ ତେଣୁ କହନ୍ତି, ଜୀବନଧାରଣ କରିବା ମାନେ dressed to die ! ଗର୍ଭାଧାନ ମୁହୂର୍ତ୍ତରୁ ହିଁ କାଳ ଜୀବକୁ ହତ୍ୟାକରେ, ସେହି କବି ଟମାସ୍ କହିଛନ୍ତି ,

'Time shall not murder you', He said
'Nor the green nought be hurt;
Who could hack out your unsucked heart,
O green and unborn and undead ?''
I saw time murder me.

—Then was my neophyte.

ଆମ କବି ରାଧାନାଥ ଲକ୍ଷ୍ୟ କରିଛନ୍ତି, "ଜନ୍ମିବା ଆଗରୁ ସେହି (କାଳ) ଫାଶ ପିନ୍ଧି ଗଳେ/ଭୂମିଷ୍ଠ ହୁଅଇ ଜୀବ ଜନନୀ ଜଠରୁ ।" (ମହାଯାତ୍ରା) ଶ୍ରୀରଥଙ୍କ କାବ୍ୟନାୟକ ଭୁକ୍ତଭୋଗୀ । ସେ କହିଛି,

Digitized by PPRACHIN, SOA

ମୁଁ କଲୁ ଅଟଇ ବନ୍ଧୁ ଅବଚ୍ଛିନ୍ନ ମୃତ୍ୟୁର ନିର୍ଯ୍ୟାସ
ଜନମର ଗର୍ଭପାତ ଆଗୁ ମୋ ଗଳାରେ ତା ନାଡ଼ୀ
ଭିଡ଼ି ହେଲା ଫାଶ ପଡ଼ି ମଲ୍ଲୁଆ ହୋଇ ଜନ୍ମହେଲି ।

—ପୁତ୍ତଳକା

ଓ୍ୱେଲ୍ଲେକ୍ ମଧ୍ୟ ଏହା ହିଁ ଉପଲବ୍ଧି କରିଛନ୍ତି, "your death was already old/when your life began." ଶ୍ରୀରଥଙ୍କ କାବ୍ୟ-ନାୟକ ଜନ୍ମ ପୂର୍ବରୁ ମରି ନାହାଁନ୍ତି ? ସ୍ମର୍ତ୍ତବ୍ୟ : "ଯେହେତୁ ମୁଁ ସୂର୍ଯ୍ୟାସ୍ତର ବହୁ ଆଗୁ ମରି ସାରିଥିଲି/ଏବଂ ଏ ଘାଟକୁ ଆସିଥିଲି ଶେଷଥର ଲାଗି । ତମ ପାଖେ ବସି ଏଥର ସୂର୍ଯ୍ୟାସ୍ତର ଶୋଭା ଦେଖିବାକୁ ।" (ସୂର୍ଯ୍ୟାସ୍ତରେ ଶବସଂସ୍କାର କବି ଡିଲାନ ଟମାସ୍ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତରେ ଯୁଗପତ ଜନ୍ମ ଓ ମୃତ୍ୟୁକୁ ଭେଟିଥାନ୍ତି ৷ ଏବଂ ଜୀବନର ଆପାତତଃ ଅବିରଳ ସବୁ ମୁହୂର୍ତ୍ତ ସେହି ଗତାନୁଗତିକ ଗୋଟିଏ ମୁହୂର୍ତ୍ତର ପୁନରାବୃତ୍ତି ଭିନ୍ନ ଅନ୍ୟ କିଛି ନୁହେଁ ବୋଲି ସେ ବୁଝିଥାନ୍ତି । ମୁହୂର୍ତ୍ତ ହିଁ ପୂର୍ଣ୍ଣାଙ୍ଗ ଜୀବନ ! ଶ୍ରୀରଥ ମଧ୍ୟ ଜାଣନ୍ତି ମୁହୂର୍ତ୍ତ ହିଁ ପୂର୍ଣ୍ଣାଙ୍ଗ ଜୀବନ ! ପୂର୍ଣ୍ଣାଙ୍ଗ ଜୀବନ ସର୍ବଥା ଅସମ୍ଭବ କଥା । ସେହି ମୁହୂର୍ତ୍ତଟି ହିଁ ପୂର୍ଣ୍ଣାଙ୍ଗ ଜୀବନ, ଯେଉଁଠି ଜନ୍ମ ମୃତ୍ୟୁ ଅବଚ୍ଛିନ୍ନ—"ଏଠି ମୋ ଦେହାନ୍ତ ହୁଏ ଏଠି ପୁଣ ମୁଁ ପିଲ୍ଲ" (ମୁହୂର୍ତ୍ତ ହିଁ ପୂର୍ଣ୍ଣାଙ୍ଗ ଜୀବନ) ପ୍ରେମ ଓ ସୃଷ୍ଟି ନାହାନ୍ତି ବୋଲି ନୁହେଁ । ଅଛନ୍ତି । ମାତ୍ର ତାହା ଠିକ୍ ଉଦୟ ମୁହୂର୍ତ୍ତରେ ଅସ୍ତ ଯାନ୍ତି । "ଶେଷ ଟ୍ରେନ ଯାଏ ରୁଳିଯାଏ ତାଙ୍କ ଭିତରେ" । ମଣିଷ ନିରୁପାୟ ।

ଶ୍ରୀରଥଙ୍କ କବିତାରେ ଇୟେଟ୍ସ୍ ଓ ଟମାସ୍ଙ୍କ ଅପେକ୍ଷା ଏଲିୟଟଙ୍କ ପ୍ରଭାବ ଗରୀୟସୀ । କବି ଏଲିୟଟଙ୍କ କାବ୍ୟ ଓ କାବ୍ୟାଦର୍ଶ ଅନୁଶୀଳନରୁ ସେ ଆତ୍ମସଚେତନତା, ମନନବୈଚିତ୍ର୍ୟ, ଛନ୍ଦନୈପୁଣ୍ୟ ଓ ନୈର୍ବ୍ୟକ୍ତିକତାର ଆଦର୍ଶ ଲାଭ କରିଛନ୍ତି, ଐତିହ୍ୟନିଷ୍ଠ ହୋଇଛନ୍ତି ଏବଂ ପ୍ରେମ, ମୃତ୍ୟୁ, କାଳ ଓ ବିଧାତାଙ୍କ ସମ୍ବନ୍ଧରେ ନୂଆ କରି ଭାବିଛନ୍ତି । ତେବେ 'The Waste Land' ତାଙ୍କ ପ୍ରେରଣାର ଉତ୍ସ ନୁହେଁ, ତାଙ୍କ ପ୍ରେରଣାର ଉତ୍ସ ହେଉଛି 'The Waste Land' ପରବର୍ତ୍ତୀ ରଚନା—

Digitized by PPRACHIN, SOA

'Ash-wednesday', Ariel poems, Four Quartets', The Rock ଓ The Family Reunion ଆଦି କାବ୍ୟନାଟକାବଳୀ । ପ୍ରଭାବ ସନ୍ଧାନ ଦୁର୍ବଳ ଚିନ୍ତାର ପରିପୋଷକ । କବି ମଧ୍ୟ ସ୍ୱସମ୍ଭୂତଥ ଶକ୍ତିରେ କିନ୍ତି କମ୍ ମନ୍ତ୍ରମାନ୍ତି ତ ନୁହନ୍ତି । ଆମେ ପ୍ରଭାବ ଅନୁସନ୍ଧାନ କରୁଛୁ ସେହି ଶକ୍ତିର ଅନନ୍ୟତା ଜାଣିବାକୁ ମାତ୍ର । ବିଂଶ ଶତାବ୍ଦୀର ଅନନ୍ୟତମ ପ୍ରଧାନ କବି ହେଉଛନ୍ତି ଏହି ଟି· ଏସ୍· ଏଲିୟଟ । ତାଙ୍କ ପ୍ରତିଷ୍ଠା ଅପେକ୍ଷା ପ୍ରଭାବ ପୁଣି ବେଶି । ଓଡ଼ିଶାର ଆଧୁନିକ କବି ମାନେ ତାଙ୍କ ଶିଷ୍ୟତ୍ୱ ଅଙ୍ଗୀକାର କରିଛନ୍ତି । ଶ୍ରୀରଥ ବ୍ୟତିକ୍ରମ ନୁହନ୍ତି । ବରଂ ସେ ଚିନ୍ତା ଓ ଚେତନାରେ ଏଲିୟଟଙ୍କ ସହିତ ବେଶୀ ସାମଞ୍ଜସ୍ୟ ରଖନ୍ତି । ଦୁହେଁ ଭାଗ୍ୟବାଦୀ । ଦୁହେଁ ବିଶ୍ୱାସ କରନ୍ତି, "The decision will be made by powers beyond us/Which now and then emerge." (The Family Reunion) ସବୁ ପୂର୍ବ ନିର୍ଦ୍ଦିଷ୍ଟ । ରେଳଗାଡ଼ି ଓ ବସ୍‌ର ବୈଳ ଗଡ଼ି ଯାଇଥିଲେ ମଧ୍ୟ ଠିକ୍ ସମୟରେ ଅତିଥି ଉପଗତ ହୁଅନ୍ତି । 'କେଜାଣେ କି ଭିନ୍ନ ବାହାନରେ ।' (ଅତିଥି ସତ୍କାର) ଦୁହିଁଙ୍କ କବିତାରେ ମରୁଭୂମି (ବନ୍ଧ୍ୟାତ୍ୱ), ଉଦ୍ୟାନ (ନିର୍ଦ୍ଧାରିତ ଅନୁଭୂତି ପାଠନ) ପବନ (ଶୂନ୍ୟତା), ଅଗ୍ନି (ସନ୍ତାପ), ନଦୀ (ବ୍ୟକ୍ତିଗତ ଜୀବନ କାଳ), ତାରା (ସ୍ୱପ୍ନ ଓ ସମ୍ଭାବନା), ଫୁଲ (ପ୍ରେମ, ପୂର୍ଣ୍ଣତା ଓ ସୌନ୍ଦର୍ଯ୍ୟ) ଆଦି ଆର୍କେଟାଇପାଲ ପ୍ରତୀକ ସମାନ ଅର୍ଥରେ ପ୍ରଯୁକ୍ତ ହୋଇଛନ୍ତି । ହୁଏତ ପୂର୍ବ-ସୂରୀଙ୍କ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ଥାଇ ମଧ୍ୟ ଶ୍ରୀରଥ ଭାଗ୍ୟବାଦୀ ହୋଇ ପାରିଥାନ୍ତେ ଓ ଉପରୋକ୍ତ ପ୍ରତୀକଗୁଡ଼ିକୁ ବିଶ୍ୱଜନୀନ ଅର୍ଥରେ ବ୍ୟବହାର କରିଥାନ୍ତେ । ସାମଞ୍ଜସ୍ୟ ହୁଅନ୍ତା ଦୁଇ ମୌଳିକ ଆତ୍ମନିର୍ଭର ପ୍ରତିଭାର ଅନ୍ତସ୍ଥର ସାଦୃଶ୍ୟ ମାତ୍ର । କିନ୍ତୁ ଶ୍ରୀରଥ ବାଘ (ପେରେକ୍ଲିଷ୍ଟ ସତ୍ୟ) ଓ ଟ୍ରେନ (ସଚଳ ଯୋଗାଯୋଗ) ଆଦି ପ୍ରତୀକକୁ ଯେତେବେଳେ ଠିକ୍ ଏଲିୟଟୀୟ ଅର୍ଥରେ ପ୍ରୟୋଗ କରନ୍ତି, ସେତେବେଳେ ପ୍ରଭାବର ଗଭୀରତା ବୃଦ୍ଧି ହୁଏ । ତାଙ୍କ କାବ୍ୟନାୟକ ମଧ୍ୟ ମରୁବାସୀ ବୁଢ଼ାଲୋକ । କବି ଏଲିୟଟ୍ ସର୍ବଦା ଯନ୍ତ୍ରଣାଗ୍ରସ୍ତ ବୁଢ଼ାଲୋକ ପର୍ସୋନା ବ୍ୟବହାର କରିଛନ୍ତି । ତାଙ୍କ କାବ୍ୟନାୟକ ମାନେ ବୁଢ଼ାଲୋକ, ଏପରିକି ନାଟକର ହିରୋ ମାନେ ପରିଣତ ବୟସ୍କ । ପ୍ରୁଫ୍ରକ୍ ବୁଢ଼ା, ଜେରୋନସନ୍ ବୁଢ଼ା,

Digitized by PPRACHIN, SOA

ଟାଇରେସିଅସ୍ ବୁଢ଼ା, ମାଗାଇ ବୁଢ଼ା, ସିମିୟନ ବୁଢ଼ା, ପେରିକଲସ୍ ବୁଢ଼ା, ଏଲଡର ଷ୍ଟେଟସ୍‌ମ୍ୟାନ ବି ବୁଢ଼ା । ବାର୍ଦ୍ଧକ୍ୟ ସବୁଙ୍କ ଲକ୍ଷଣିକ ଅର୍ଥରେ ସାମର୍ଥ୍ୟହୀନତା ସୂଚାଉଥିଲେ ହେଁ ଏଲିୟଟଙ୍କ ରଚନାରେ କିନ୍ତୁ ସାମର୍ଥ୍ୟର ପ୍ରକାର ଭେଦ ଅଛି । ପ୍ରୁଫ୍ରକ୍ ଯେଉଁ ଅର୍ଥରେ ବୁଢ଼ା ମାଗାଇ କି ସିମିୟନ ସେହି ଅର୍ଥରେ ବୁଢ଼ା ନୁହନ୍ତି । ପ୍ରୁଫ୍ରକ୍ ନପୁଂସକ ବୋଲି ବୁଢ଼ା, ସେକ୍ସ ସାମର୍ଥ୍ୟହୀନତା ତା'ର ବାର୍ଦ୍ଧକ୍ୟର ହେତୁ । ଜେରୋନସନ୍ ଧର୍ମ ବିଶ୍ୱାସ ହୀନତା ଯୋଗୁ ବୁଢ଼ା, ଟାଇରେସିଆସ୍ କାମ ପ୍ରେମ ମଧ୍ୟରେ ବୋଧୁଲ୍ଲିମାନତା ଯୋଗୁ । କିନ୍ତୁ Ash wednesday ଓ Ariel poems ଆଦିର କାବ୍ୟନାୟକ କି ପରବର୍ତ୍ତୀ ନାଟ୍ୟାବଳୀର ହିରୋଗଣ ସେକ୍ସସାମର୍ଥ୍ୟହୀନତା କି ଧର୍ମବିଶ୍ୱାସହୀନତା ଯୋଗୁ ବୁଢ଼ା ନୁହନ୍ତି; କେବଳ ଆଧ୍ୟାତ୍ମିକ ଆସ୍ପୃହାର ଅଚରିତାର୍ଥତା ଯୋଗୁ ବୁଢ଼ା । ଆଧ୍ୟାତ୍ମିକ ପଙ୍ଗୁତା ତାଙ୍କର ବାର୍ଦ୍ଧକ୍ୟ । ଶ୍ରୀରଥଙ୍କ କାବ୍ୟନାୟକ ଏହି ଆଧ୍ୟାତ୍ମିକ ପଙ୍ଗୁତା ଯୋଗୁଁହିଁ ବୁଢ଼ା । ତା'ର ଅନ୍ତର୍ଦ୍ଦୃଷ୍ଟି ଅଛି । ଭେଦସ୍ୟାଭେଦ କ୍ଷମତା ଅଛି, ନାହିଁ କେବଳ ଉପଲବ୍ଧିର ଶକ୍ତି ଓ ସୌଭାଗ୍ୟ । ସତ୍ୟାନ୍ୱେଷାରେ ଜୀବନ ଉତ୍ସର୍ଗୀକୃତ । ମାତ୍ର ତା ପାଇଁ ସତ୍ୟ ଅନୁପସ୍ଥିତ । ନିମୂର୍ତ୍ତି ଫେବର । ଏଣୁ ବୁଝିବାକୁ ହୁଏ ପ୍ରୁଫ୍ରକ୍ ଶ୍ରୀରଥଙ୍କର ଆଦର୍ଶ ନୁହେଁ, ତାଙ୍କର ଆଦର୍ଶ ମାଗାଇ ଓ ପେରିକ୍ଲିସ । ସେକ୍ସ ତାଙ୍କର ସମସ୍ୟା ନୁହେଁ, ସମସ୍ୟା ଆଧ୍ୟାତ୍ମିକ ଆସ୍ପୃହାର ଅଚରିତାର୍ଥତା । ବୃଦ୍ଧ ମାଗାଇ ପରି ତାଙ୍କ କାବ୍ୟନାୟକ ଅନ୍ତର୍ଦ୍ଦୃଷ୍ଟି ବଳରେ ସତ୍ୟ ଓ ସୌନ୍ଦର୍ଯ୍ୟକୁ ଭେଟେ । ପ୍ରୀତି ଓ ପ୍ରଣତି ଜଣାଏ, ମାତ୍ର ଶେଷ ପର୍ଯ୍ୟନ୍ତ ତାକୁ ଦୂର ପଥ ବାହି ପୁଣି ସ୍ୱଭୂମିକୁ ଫେରିବାକୁ ହୁଏ । ଭୂମା ଦର୍ଶନ ସମ୍ଭବ ହୁଏ ନାହିଁ, ଯେଉଁଠି ଥିଲି ସେଇଠି ପୁଣି ସେ ନିଜକୁ ଆବିଷ୍କାର କରେ । ନବ ଜୀବନ ଲଗି ସେ ପ୍ରସ୍ତୁତ ନୁହେଁ କି ସମର୍ଥ ନୁହେଁ । ବୃଦ୍ଧ ପେରିକ୍ଲିସ୍ ପରି ସ୍ୱପ୍ନରେ ସେ ହରାଇଥିବା କନ୍ୟା ମ୍ୟାରିନାକୁ ଭେଟେ, ଜୀର୍ଣ୍ଣ ଜାହାଜ ଅଶା ଓ ଆନନ୍ଦରେ ପରିପୂର୍ଣ୍ଣ ହୋଇଯାଏ, ପକ୍ଷୀଏ ତା'ର ସ୍ୱାଗତିକା ଗାଆନ୍ତି । ମ୍ୟାରିନା ନବଜୀବନ । କାଙ୍କ୍ଷିତ ଧନ । ତାହାକୁ ପାଇଁ ସେ ନିଜର ଜୀର୍ଣ୍ଣ ଜୀବନଟିକୁ ଉତ୍ସର୍ଗ କରିବାକୁ ବାହାରି ପଡ଼େ,

Digitized by PPRACHIN, SOA

......let me
Resign my life for this life,
my speech for that unspoken,
The awakened, lips parted, the hope,
the new ships,

—Marina.

କିନ୍ତୁ ପରକ୍ଷଣରେ ସ୍ୱପ୍ନ ଭାଙ୍ଗେ । ହର୍କ୍ୟୁଲେସ୍ ପରି ସେ ନିର୍ମମ ନୈରାଶ୍ୟ ଓ କଠିନ ନିଃସଙ୍ଗତାର ସମ୍ମୁଖୀନ ହୁଏ । କବିତାଟିର ଏପିଗ୍ରାଫ୍ ମିଳନ ସମ୍ଭାବନାକୁ ଉନ୍ମୂଳ କରି ହର୍କ୍ୟୁଲେସ୍‌ର ଦୁରବସ୍ଥାକୁ ସୂଚାଏ । ଏପିଗ୍ରାଫ୍‌ଟି ସିନେକାଙ୍କର । ହର୍କ୍ୟୁଲେସ୍ ପାଗଳାବସ୍ଥାରେ ନିଜର ସନ୍ତାନକୁ ହତ୍ୟା କରିଛି । ଏବେ ପ୍ରକୃତିସ୍ଥ ହୋଇ ନିଜର ସ୍ଥିତି ଠିକ୍ କରି ପାରୁନାହିଁ, "what place is this, what land, what part of the world ?" ଏହି ଦୃଷ୍ଟିରୁ ପେରିକ୍ଲିସର ସ୍ୱପ୍ନ ବିଡ଼ମ୍ବିତ ହୋଇଅଛି । ତାହାରି ପରି ଶ୍ରୀରଥଙ୍କ କାବ୍ୟନାୟକ ଏକ ଟ୍ରାଜିକ୍ ଫିଗର୍ । ବଡ଼ କ୍ଲାନ୍ତ, ବଡ଼ ନିଃସଙ୍ଗ, ବଡ଼ ଅସହାୟ । ଆଖିରେ ତା'ର ଶୂନ୍ୟତାର ଆତଙ୍କ । ଇଚ୍ଛାମୃତ୍ୟୁଟି ବି ତା'ର କରାୟତ୍ତ ନୁହେଁ । ଶୂନ୍ୟକୁ ଚାହିଁ ବସିବା ଭିନ୍ନ ତା'ର ଉପାୟାନ୍ତର କାହିଁ ? ଏଲିୟଟ୍‌ଙ୍କ ଲର୍ଡ଼ କ୍ଲାଭେରଟନ୍‌ଙ୍କ ଭାଷାରେ ମଧ୍ୟ ତା'ର ଟ୍ରାଜେଡ଼ି ବୁଝିହେବ । "It's just like sitting in an empty waiting room/In a railway station on a branch line,/After the last train,............What am I waiting for/In a cold and empty room before an empty grate ?/ For no one. For nothing. (The Elder Statesman, Act one) ତା'ର ଶେଷ ଟ୍ରେନ୍ ଚଳି ଯାଇଛି ତସଙ୍କ ଭିତରେ । ଆଉ ଆଶା ନାହିଁ କି ଭରସା ନାହିଁ । "ଶୂନ୍ୟ ଘର, ଶୂନ୍ୟଗର୍ତ୍ତ ଖାଲି / ନିଛାଟିଆ ଷ୍ଟେସନରେ ଟ୍ରେନ ଚଳିଯିବାର ଆବାଜ ।" କାଳ ମଧ୍ୟ ତାର କାଳ । "And an old man driven by the Trades (time)/To a sleepy corner. (Gerontion) ଏଲିୟଟ୍‌ଙ୍କ କାବ୍ୟ ଓ ନାଟକରେ କାଳର

Digitized by PPRACHIN, SOA

ଭୂମିକା ବଡ଼ ଗୁରୁତ୍ୱପୂର୍ଣ୍ଣ । ଚରିତ ମାତ୍ରେ ତାଙ୍କର କାଳାବସ୍ଥା । ତେଣୁ ତାଙ୍କର ସବୁ ଉଦ୍ୟମ ସମୁଦ୍ୟତ କାଳୋତ୍ତୀର୍ଣ୍ଣ ଚେତନାରେ ଉପନୀତ ହେବାକୁ । କାଳ ଉତ୍ତରଣୀୟ । ଶ୍ରୀରଥଙ୍କ କାବ୍ୟନାୟକ ଅବିକଳ ସେହିପରି କାଳ ସଚେତନ । ତା'ର ଏକମାତ୍ର ଆକାଙ୍କ୍ଷା ମଧ୍ୟ କାଳୋତ୍ତୀର୍ଣ୍ଣ ହେବା । ଏହି ସୂତ୍ରରେ ମଧ୍ୟ ଏଲିୟଟ୍‌ଙ୍କ ପ୍ରଭାବକୁ ସ୍ୱୀକାର କରାଯାଉଛି । ତେବେ ଶ୍ରୀରଥଙ୍କ ପାଇଁ କାଳ ଏବେ ସୁଦ୍ଧା ଅନୁତ୍ତରଣୀୟ ରହିଛି । ମେରିକ୍ଲସ ପରି ସେ ସ୍ୱପ୍ନରେ କି ସ୍ମୃତିରେ ବର୍ଣ୍ଣୋତ୍ତୀର୍ଣ୍ଣ କାଳରେ ଉପନୀତ ନ ହୁଅନ୍ତି ନୁହେଁ, ମାତ୍ର ପରମୁହୂର୍ତ୍ତରେ ପୁଣି ସ୍ଥିର କାଳ ହାତରେ ପଡ଼ନ୍ତି । ଏଠାରେ ସ୍ମରଣ ରଖିବାକୁ ହେବ ଯେ, ଆମ ଭାରତୀୟ ଚିନ୍ତା ଓ ଚେତନାର ସବୁ ଉଦ୍ୟମ ସବୁକାଳେ କାଳୋତ୍ତୀର୍ଣ୍ଣ ହେବାକୁ ଚାହିଁଛି । ଦର୍ଶନ ଓ ସାହିତ୍ୟରେ କାଳସର୍ପ ଦଂଶନରୁ ମୁକ୍ତିର ବାଟ ନିର୍ଦ୍ଦିଷ୍ଟ ରହିଛି । କବି ଏଲିୟଟ୍ ଆମର ସାହିତ୍ୟ ଓ ଦର୍ଶନ ଅନୁଶୀଳନରୁ ମୁକ୍ତିର ବାଟ ପାଇଛନ୍ତି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ଶ୍ରୀରଥ କିନ୍ତୁ ଏଥିପାଇଁ ଏଲିୟଟ୍‌ଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏଥିରୁ ସେ ଭାରତୀୟ ଚିନ୍ତା ଓ ଚେତନା ସହିତ ଅପରିଚିତ ବୋଲି କେହି ଯେପରି ଭୁଲ ନ ବୁଝନ୍ତି । ବରଂ ସେ ଆମର ଆଧ୍ୟାତ୍ମିକ ଐତିହ୍ୟର ବଡ଼ ବିଶ୍ୱସ୍ତ ଦାୟାଦ । ଇଂରାଜୀ ସାହିତ୍ୟର ଛାତ୍ର ଥିବାରୁ କେବଳ ଇଂରାଜୀ ସାହିତ୍ୟ ବାଟ ଦେଇ ଆସିଛନ୍ତି ଯାହା । ବରଂ ଜଗନ୍ନାଥ-ଭକ୍ତଚରଣ-ଗ୍ରାମ-ମଧୁସୂଦନଙ୍କ ଉତ୍ତରାଧିକାର ଯେ ଆଧୁନିକ ଓଡ଼ିଆ ସାହିତ୍ୟରେ ସମ୍ପୂର୍ଣ୍ଣ ଅପଚିତ ହୋଇ ନାହିଁ, ତାଙ୍କ କବିତା ସେହି ଆଶ୍ୱାସର ବାଣୀ ବହନ କରୁଛି ।

କବି ଏଲିୟଟ୍‌ଙ୍କ କାଳ ବଡ଼ ସ୍ଥିର ଓ ଅବିଶ୍ୱାସୀ । ତେବେ ତାହା ଅକସ୍ମାତେ ଆସି ହାବୁଡ଼ ଯାଏ ନାହିଁ, ଆଜନ୍ମରୁ ମଣିଷକୁ ଗ୍ରାସିଥାଏ । କାଳର ଗତି ସହିତ ଉନ୍ନତି କି ପ୍ରଗତିର କୌଣସି ସମ୍ପର୍କ ନାହିଁ, ବରଂ ଅବକ୍ଷୟର ସମ୍ପର୍କ ଅବିଚ୍ଛେଦ୍ୟ । ମୃତ୍ୟୁ ତାର ଗନ୍ତବ୍ୟ । କବି ତାଙ୍କ ଆନିମୁଲା (Animula) କବିତାରେ ବାଲ୍ୟକାଳର ଆଶାଆନନ୍ଦକୁ ପରିଣତ ବୟସର ନୈରାଶ୍ୟବେଦନାରେ ଦ୍ରୁତ ରୂପାନ୍ତରିତ ହୋଇ ଯାଉଥିବାର ଲକ୍ଷ୍ୟ କରିଛନ୍ତି । ଆବେଗ ଘୋର ବିଷାଦାକ୍ରାନ୍ତ ।

Digitized by PPRACHIN, SOA

ଦୃଷ୍ଟିଭଙ୍ଗୀ ନିବଦ୍ଧ ନୈରାଶ୍ୟଭାରାତୁର । ଦେବଶିଶୁଟିର ବୟୋବୃଦ୍ଧି ନରକାଭିସାର ଭିନ୍ନ ଅନ୍ୟ କିଛି ହୋଇ ନ ପାରେ ।

> The pain of living and the drug of dreams
> Curl up the small soul in the window seat
> Behind the Encyclopaedia Britanica.
> Issues from the hand of time the simple soul
> Irresolute and selfish, misshappen, lame,
> Unable to fare forward or retreat,
>
> — — — — —
>
> Leaving disordered papers in a dusty room,
> Leaving first in the silence after the viaticum.

ମୂଢ଼ତା, ଅକ୍ଷମତା, ସ୍ୱାର୍ଥପରତା ଓ ଅସ୍ଥିରଚିତ୍ତତା ହିଁ ଏଠାରେ ଅପ୍ରତିଭ ମାନବାତ୍ମାର ଏକମାତ୍ର ନିୟତି । ଶ୍ରୀରଥଙ୍କ କାବ୍ୟନାୟକ କାଳର ଏହି ନିଷ୍ଠୁରତା ଓ କୁଟିଳତା ଜାଣେ । ଗ୍ଲେଣ୍ଠ ଝିଅଟିକୁ ସେ ମୃତ୍ୟୁ ଭଜୁଥିବାର ଦେଖେ, ବାଳଶ୍ରୀ ପରିଣତ ବୟସର କୁତ୍ସିତତାରେ ରୂପାନ୍ତରିତ ହୋଇଯାଏ । ପୂର୍ବ ପରିଚିତ ଗ୍ଲେଣ୍ଠ ଝିଅଟିକୁ ସେ ଏବେ ବହୁବର୍ଷ ପରେ ହଠାତ୍ କେଉଁ ଦୋକାନରେ ଦେଖିଛି, ସୌନ୍ଦର୍ଯ୍ୟ କାଳଗ୍ରସ୍ତ ।

> 'ଗ୍ଲେଣ୍ଠ ହୋଇ ନ ଥିଲି ସେ ତାର
> ବେକରେ ବହଳ ଚର୍ବି, ଡାହାଣ ହାତରେ
> ସଉଦାର ଝୁଲି ଏବଂ ନମସ୍କାର କଲି
> ଗୋଲଗାଲ ତା ବାଆଁ ହାତରେ ।
> ମୁଁ ଘରକୁ ଫେରି ପୁଣି
> ଗ୍ଲେଣ୍ଠ ଝିଅଟିକୁ
> ସୁମରି କାନ୍ଦିଲି କିନ୍ତୁ
> ବାରମ୍ବାର ମୋହର ସ୍ୱପ୍ନକୁ

Digitized by PPRACHIN, SOA

ପ୍ରବେଶ କରି ସେ ନାରୀ
ଭୃଙ୍ଗାର୍ତ୍ତ ବକ୍ଷେର ହୃଦକୁ ।
ତା ଆତ୍ମାରେ ଗଦା ଗଦା
ବିଜ୍ଞାପନ କେତେ ଜନତର ।

—ବିଚ୍ଛେଦର ଦୁଇଟି ମଧ୍ୟାନ୍ତର

ଉଦ୍ଧୃତ ବକ୍ରୋକ୍ତି ମାନେ 'The always rising of the night'. —ଶିବର ଶବ ପାଲଟିବା । କାବ୍ୟନାୟକ ବାଳକମନଟିକୁ ତା'ର ସ୍ୱପ୍ନ ଓ ସ୍ମୃତିରେ ସାଇତି ରଖିବାକୁ ଚାହୁଁଛି ଆଜୀବନ, ମାତ୍ର କାଳହାତରୁ ତାକୁ ରକ୍ଷା କରିପାରୁ ନାହିଁ । ଅବଶ୍ୟମ୍ଭାବୀ ମୃତ୍ୟୁକୁ ସେ ଅସହାୟ ଭାବରେ ଦେଖୁଛି । ଭବିଷ୍ୟତ ଉଜ୍ଜ୍ୱଳ ନିଶ୍ଚୟ ! ସେଇ ଉଜ୍ଜ୍ୱଳତା ଦେଖନ୍ତୁ,

'ମୋର ବେଶଭୂଷା ଯାହା ହେଉ ପଛେ
ଅନ୍ୟ ଏକ ମୃତ୍ୟୁ ହେବ ମୋ ମରିବା ଦିନ
ଫୁଙ୍ଗୁଳା ଦେହରେ କଙ୍କି ଧରିବାରେ କୋଳି ତୋଳିବାରେ
ସକାଳ ଗୋଟାକ କାଟୁଥିବା ବାଳକର
ସେଦିନ ଦେହାନ୍ତ ହେବ । ମୋର ଆଜୀବନ
ସେ ନ ମରି ରହିଥିଲା । ଚୁପ୍‌ଚୁପ୍ ସେ ଅଧ ବୃତ୍ତରେ
ଲୁଚି ଚାଲି ଯାଉଥିଲା ଖରାକୁ, ଘାସକୁ ।
ନିଜ ନିର୍ଦ୍ଦୋଷତାକୁ ଓ ପତ୍ର ଗହଳରେ
ଲୁଚିଥିବା ପକ୍ଷୀଙ୍କର କାକଳି ପାଖକୁ ।
ସେ ମରିବ ସେହିପରି—ଫୁଙ୍ଗୁଳା ଦେହରେ ।

ସମସ୍ତ ବିଧ୍ୱଂସିକାମୟ । ପରିତ୍ରାଣ କାହିଁ ? ନିର୍ଦ୍ଦୋଷ ବାଳକଟିକୁ କାଳ ସଂହାର କରିବ ହିଁ କରିବ । ବଡ଼ କରୁଣ ସେ ଅପମୃତ୍ୟୁ । ପ୍ରତିଷେଧହୀନ । ତେଣୁ ବୁଝିବାକୁ ହୁଏ ବୃଦ୍ଧ ଓ ବାଳକ ସମସ୍ତେ ଏକ ଭାବରେ ମୃତ୍ୟୁର ବଶବର୍ତ୍ତୀ । କାଳ ଅନୁତ୍ତରଣୀୟ । କବି ଏଲିୟଟ୍ 'ଫୋର୍ କ୍ୱାର୍ଟେଟସ୍' ଆରମ୍ଭ କରିଛନ୍ତି ଏଇଠୁଁ,

Digitized by PPRACHIN, SOA

Time present and time past
Are both perhaps present in time future,
And time future contained in time past.
If all time is eternally present
All time is unredeemable.

— Burnt Norton, I.

କାଳ ବ୍ୟାପ୍ତିହୀନ । ଏକମାତ୍ର ଅଖଣ୍ଡ, ଦଣ୍ଡାୟମାନ ବର୍ତ୍ତମାନ ହିଁ ସତ୍ୟ । ସେହି ବର୍ତ୍ତମାନ ମଧ୍ୟରେ ଅତୀତ ଓ ଭବିଷ୍ୟତ ଅଙ୍ଗୀଭୂତ । 'Time is always time' ତେଣୁ ଏଠାରେ ଭବିଷ୍ୟତ ମୃତ୍ୟୁ ଭିନ୍ନ ଆଉ କ'ଣ ହୋଇପାରେ ? ତାହା ଉଜ୍ଜ୍ୱଳ ହେବାକୁ ବାଧ୍ୟ ଅବଶ୍ୟ ! କାଳ ଦୁର୍ମୋଚ୍ୟ । ଶ୍ରୀରଥଙ୍କ କାବ୍ୟନାୟକ କାଳର ଏହି ଗତିହୀନ ମୃତ୍ୟୁରୂପ ସମ୍ବନ୍ଧରେ ସଦା ସଚେତନ । ସେ ଡାକ କହୁଛି,

ଏ କି ଆଚମ୍ବିତ ଦୃଶ୍ୟ ଦେଖ ଭାଇ ଦେଖ
ବାପା ମାଆ ଆଉ ପୁଅ ଜନ୍ମହେଲେ ଗୋଟିଏ ସମୟେ ।
ଥୋ ଥୋ କମ୍ପୁଥିବା ବଜାର ଭିତରେ
ଚଳୁଥିବା ଲୋକମାନେ ମୂକ ।

—ମୁହୂର୍ତ୍ତିଁ ପୂର୍ଣ୍ଣାଙ୍ଗ ଜୀବନ

ବିଭିନ୍ନ ବୟସର ଲୋକେ ସେହି ଏକମାତ୍ର ବର୍ତ୍ତମାନ କାଳରେ ହିଁ ଭୂମିଷ୍ଠ ହୁଅନ୍ତି ଓ ଏକ ଭାବରେ ଏକ ସାଙ୍ଗରେ ମରନ୍ତି । ଏହାହିଁ ମଣିଷର ଚିରସ୍ଥାୟୀ ଭାଗ୍ୟ—ବୁଢ଼ୀଙ୍କ ମୁହଁରେ ଗାର ପରି ଚିରସ୍ଥାୟୀ । ବଡ଼ ନିର୍ମମ ଓ ଭୟଙ୍କର । କବି ଏଲିୟଟ୍ କିନ୍ତୁ ଏହି ଗତିହୀନ ବ୍ୟାପ୍ତିହୀନ ବର୍ତ୍ତମାନକୁ ଏକମାତ୍ର ଅମୋଘ ସତ୍ୟ ବୋଲି ମାନନ୍ତି ନାହିଁ । ସେ ଗତାନୁଗତିକ ଏହି ତୁଚ୍ଛ ଗ୍ଲାନିକର ମୃତ୍ୟୁମୁଖୀ ଜୀବନକୁ ଅତିକ୍ରମ କରି ବିଶ୍ୱୋତ୍ତୀର୍ଣ୍ଣ କାଳକୋଳକୁ ଉଠିଯାଇ ପାରନ୍ତି, ଈଶ୍ୱରପ୍ରେମର ଦୀପ୍ତିରେ କ୍ଷଣକାଳକୁ ଅସୀମକାଳ ଓ ଅନନ୍ତଲୋକର ମର୍ଯ୍ୟାଦା ଦେଇ ପାରନ୍ତି । ବିଶ୍ୱୋତ୍ତୀର୍ଣ୍ଣ କାଳ ମଧ୍ୟ ଗତିହୀନ । stillness ସେହି କାଳର

Digitized by PPRACHIN, SOA

ଅନ୍ତର୍ନିହିତ ପ୍ରକୃତି—ମାତ୍ର ସେହି stillness ନୃତ୍ୟଶୀଳ—'We must be still and still moving' ଶ୍ରୀରଥଙ୍କର କାବ୍ୟନାୟକର ନ୍ୟୂନତମ ଆକାଂକ୍ଷା ମଧ୍ୟ ଏହି ନୃତ୍ୟଶୀଳ stillness। ତାଙ୍କ ଜୀବନରେ ବର୍ଣ୍ଣୋତ୍ତୀର୍ଣ୍ଣ କାଳର ଉଦୟ ମୁହୂର୍ତ୍ତ ମଧ୍ୟ ପ୍ରତ୍ୟକ୍ଷ ବିଷୟ ହେଲେ ହେଁ ସମ୍ପୂର୍ଣ୍ଣ ଅନୁପଲବ୍ଧ ନୁହେ। ତେବେ ସେହି ଉପଲବ୍ଧି ଏବେ ସୁଦ୍ଧା ପ୍ରତ୍ୟୟସିଦ୍ଧ ହୋଇନାହିଁ। ପଦେ ପଦେ ସନ୍ଦେହ ବର୍ତ୍ତମାନ। ବରଂ ତାଙ୍କ ମନରେ ମୃତ୍ୟୁ ପ୍ରତ୍ୟୟ ବଦ୍ଧମୂଳ। ସେ କାଳର ଉପରୋକ୍ତ ବ୍ୟାପ୍ତିହୀନ ଅତୀତ ଭବିଷ୍ୟତ ଗର୍ଭିତ କୁଞ୍ଚିତ ବର୍ତ୍ତମାନକୁ ହିଁ ଧ୍ରୁବ ଜ୍ଞାନ କରନ୍ତି। ଯଦିଓ କାଳୋତ୍ତୀର୍ଣ୍ଣ ହେବା ପ୍ରଚେଷ୍ଟାରୁ ସେ କେବେ ବିରତ ହୁଅନ୍ତି ନାହିଁ। ଜୀବନ ତେଣୁ ତାଙ୍କ ପାଇଁ ଟ୍ରାଜେଡ଼ିଟିଏ। ଜୀଇଁବା ଓ ମରିବା ତୁଲ୍ୟମୂଲ୍ୟ। ଜୀଇଁବା ଓ ମରିବା ଉପରେ କ'ଣ ଶୁଭେ ? କ'ଣ ଦେଖାଯାଏ ? ନିଜ ପ୍ରଶ୍ନର ଉତ୍ତର ନିଜେ କାବ୍ୟନାୟକ ଦେଉଛନ୍ତି,

ଜୀଇଁବା ଓ ମରିବା ଉପରେ
କ'ଣ ଶୁଭେ ? କ'ଣ ଦିଶେ ?
ସରିଥିବା ଦୁଃଖାନ୍ତକ ନାଟକର ଅନ୍ତିମ ଦୃଶ୍ୟପରେ
ହିରୋ ହିରୋଇନଙ୍କର କଥାବାର୍ତ୍ତା, ପୁଣି
ଅସମ୍ଭବ ଶରତ ଋତୁର ଘେରବେଳେ
ଏକ ଲୁହ ସୁଡ଼ୁବୁଡ଼ୁ
ନୀଳ କଇଁ ଫୁଲଟିଏ ପୋଖରୀ ଭିତରେ।

—ଯେଣ୍ଟ୍ସ ବାଣ୍ଟ

ପ୍ରକୃତରେ କିଛି ଶୁଭେନି କି କିଛି ଦିଶେନି। ଯାହା ଶୁଭେ ତା'ର ପ୍ରତ୍ୟକ୍ଷ ଅସ୍ତିତ୍ୱ ନ ଥାଏ, ଯାହା ଦିଶେ ତାହା ସର୍ବଥା ଅସମ୍ଭବ। ସ୍ମୃତି ଓ ସ୍ୱପ୍ନ ଉଭୟ ଅଣ୍ଡୁସିକ୍ତ, ସବୁ ସମ୍ଭାବନା ଆରମ୍ଭରୁ ରିକ୍ତ। ହିରୋ-ହିରୋଇନଙ୍କର କଥାବାର୍ତ୍ତା ପ୍ରେମସଙ୍କ୍ରାନ୍ତ ନିଶ୍ଚୟ। କିନ୍ତୁ ନାଟକଟି କେବଳ ଦୁଃଖାନ୍ତକ ନୁହେଁ, ତାହା ବହୁ ପୂର୍ବରୁ ଅଭିନୀତ ହୋଇ ସାରିଛି ମଧ୍ୟ। ଏବେ ଶୁଭିବାର ସମ୍ଭାବନା କାହିଁ ? ନୀଳ କଇଁଟି ଶୁଭ୍ର ସୁନ୍ଦର ନିଶ୍ଚୟ ! ମାତ୍ର ତାହା କେବଳ ଲୁହ ସୁଡ଼ୁବୁଡ଼ୁ ନୁହେଁ, ତାହା ପାଇଁ

Digitized by PPRACHIN, SOA

ଫୁଲଫୁଟା ଶରତ ଋତୁ ସର୍ବଥା ଅସମ୍ଭବ ବ୍ୟାପାର ମଧ୍ୟ । ଏବେ ଝଡ଼ିବାର ସମ୍ଭାବନା କାହିଁ ? ଜୀବନରେ ପ୍ରେମର ସମ୍ଭାବନା ନାହିଁ । ହଲ୍‌ମ୍ୟାନ୍‌ର ନିସ୍ପୃହ ଆଉ କ'ଣ ହୁଅନ୍ତା ? ଏଠାରେ ଯେ କେହି ହଲେମ୍ୟାନ୍‌ର ଏକାସ୍ପୃଟୀପୁ ଉପଲବ୍ଧ ସ୍ମରଣ କରି ପାରନ୍ତି । ଏ ନରକରେ ଦାନ୍ତେଙ୍କ ପାଇଁ ବପ୍ରେଟ୍ରିସ୍ କାହିଁ ?

> The eyes are not here
> There are no eyes here
> In this valley of dying stars.

ଗ୍ରୀରଥଙ୍କ ଜୀବନ ଓ ଜଗତ ସେହି 'valley of dying stars' ପ୍ରେମ ଓ ସୌନ୍ଦର୍ଯ୍ୟ ସୁଦୁର୍ଲଭ ବସ୍ତୁ । ମୃତ୍ୟୁ ମାତ୍ର ଧ୍ରୁବ ସଖା । ଯନ୍ତ୍ରଣା ମାତ୍ର ଚିରସାଥୀ ଶେଷ କଥା—'you are born to dye, and you spend your life dying. (Quevedo) ତେଣୁ ପ୍ରତ୍ୟକ୍ଷ ମୃତ୍ୟୁ ବରଂ ଏହି ପ୍ରେତାୟିତ ପରିବେଶରେ ଶ୍ରେୟସ୍କର । ଗ୍ରୀରଥଙ୍କ କାବ୍ୟ-ନାୟକ ଲଲ ମାଛଟିଏ ପରି ଆଖିବୁଜି 'ବ୍ରହ୍ମାଣ୍ଡଠାରୁ କଟା ଅଶୋକ ଗଛର ଉଦାସ ଜଂଘପାଏ ଲମ୍ବିଥିବା ଉଷ୍ମ ପାଣିରେ' ପହଁରୁଥାଏ । ସବୁ ଉଦ୍ୟମ ଅମୋଘ ବଂଧ୍ୟାତ୍ୱକୁ ଭେଟେ । ଯୌନ ନିଷ୍ପତ୍ତି ପର୍ଯ୍ୟନ୍ତ ସବୁ ତାତ୍ପର୍ଯ୍ୟହୀନ । ତେଣୁ କାଳକୁ ଜାଲ ଫିଙ୍ଗିବାକୁ ସେ ଅନୁରୋଧ ଜଣାଏ, "ଏବେ ଫିଙ୍ଗ ତମ ଜାଲ ହେ କେଉଟ/ମୋ ଶବ ଅନ୍ତତଃ ଦେଖୁ ଶେଷଥର ତାହାର ମୁହଁକୁ ଓ ତମକୁ (ବାଲିରେ ନିଷ୍ଫଳ ମୋର ରକ୍ତାକ୍ତ ସ୍ୱପ୍ନକୁ) (ଲଲ ମାଛ) । କେଉଟଟି ସମୟ । ଜାଲ ଫିଙ୍ଗା ମୁହୂର୍ତ୍ତ ଓ ଜାଲଫିଙ୍ଗାଳି ଏକ ଓ ଅଭିନ୍ନ । ସମୟର ଯେଉଁ ପର୍ଯ୍ୟାୟରେ ଜୀବନର ଚକ୍ରାନ୍ତ, ସେହିକି ସ୍ୱୟଂ କାଳକେଉଟ । ଅନନ୍ତକାମ୍ୟ ତାର ଆକ୍ରୋଶ ଓ ଆକ୍ରମଣ । କାବ୍ୟନାୟକ ତେଣୁ ଆତ୍ମସମର୍ପଣ କରୁଛି । ଶବସଂସର୍ଗ, ବେଶ୍ୟାସଂପ୍ରୀତି ଓ ଶାଗୁଣାସଦ୍ଭାବ ଏଡ଼ାଇବାକୁ ହେଲେ ପ୍ରତ୍ୟକ୍ଷ ଏହି ମୃତ୍ୟୁ ବରଂ ସ୍ୱାଗତଯୋଗ୍ୟ । ଇଚ୍ଛାମୃତ୍ୟୁ ମଣିଷର ଭାଗ୍ୟାତୀତ ବସ୍ତୁ । ତେଣୁ ଏହି ଅବଶ୍ୟମ୍ଭାବୀ ପ୍ରତ୍ୟକ୍ଷ ମୃତ୍ୟୁଟି ବରଣୀୟ । ଜଗର ଆର୍ତ୍ତି ଓ ଶାଗୁଣାଙ୍କ କଳୁଷିତ ଦୃଷ୍ଟି ତଥା ବେଶ୍ୟାଙ୍କ ନିବିଡ଼ ଆଲିଙ୍ଗନରୁ ଯେ

Digitized by PPRACHIN, SOA

ମଣିଷକୁ ଶେଷ ପର୍ଯ୍ୟନ୍ତ ନଷ୍ଟ କରି ମିଳବ; ଶ୍ରୀରଥଙ୍କ କାବ୍ୟନାୟକ ପାଇଁ ଏହି ସମ୍ଭାବନାଟି କିଛି କମ୍ ଉଜ୍ଜ୍ୱଳ ନୁହେଁ, କିଛି କମ୍ ଶ୍ରଦ୍ଧାସ୍ପଦ ନୁହେଁ । ଏହି ଶ୍ରଦ୍ଧା ସହିତ କିନ୍ତୁ କଠିନ ଆତ୍ମଶ୍ଳେଷ ବିଦ୍ୟମାନ । ନିଜର ଅକ୍ଷମତା ପ୍ରତି ଶାଣିତ ବ୍ୟଙ୍ଗ ସମୁଦ୍ୟତ । ଭାଗ୍ୟ ଯିନା ମୃତ୍ୟୁ; ତାର ନ୍ୟୂନତମ ପ୍ରତ୍ୟାଶା କିନ୍ତୁ ଆଲୋକ, ଆନନ୍ଦ ଓ ଅମରତ୍ୱ । ଦୂରତ୍ୱ ସେତୁହୀନ । ସେ ଏ ଦୂରତ୍ୱ ମାନବ ନାହିଁ, ମୃତ୍ୟୁ ବାହାରେ ମୁକ୍ତି ଖୋଜିବ ଓ ଯନ୍ତ୍ରଣାର ସୀମାନ୍ତ ଡେଇଁ ମାନବାତ୍ମାର ସର୍ବୋଚ୍ଚ ଆକାଙ୍କ୍ଷାଟିକୁ ଚରିତାର୍ଥ କରିବ । ମୃତ୍ୟୁଶାସିତ ମଣିଷର କି ବିରାଟ ପ୍ରତ୍ୟାଶା ! ପ୍ରତ୍ୟାଶା ବିଡ଼ମ୍ବିତ ହେଉଛି ବୋଲି ସେ ନିରର୍ଥକ ଜୀବନକୁ ମୃତ୍ୟୁରେ ସାର୍ଥକ କରିବାକୁ ଚାହୁଁଛି ଯିନା, ମୃତ୍ୟୁ ତା'ର ଆନ୍ତରିକ କାମ୍ୟ ନୁହେଁ । କାମ୍ୟ ମୁକ୍ତିର ଅଲୋକଆନନ୍ଦ ।

ଆଠ :

ମୃତ୍ୟୁ କ'ଣ ଅପ୍ରତିକାର୍ଯ୍ୟ ? କାଳ କ'ଣ ଅନୁଲ୍ଲଂଘ୍ୟ ? ଏହି ପ୍ରଶ୍ନ ହିଁ ଶ୍ରୀରଥଙ୍କ କବିତାର ପ୍ରଧାନ ପ୍ରଶ୍ନ । ଏହା ହିଁ ଭାରତୀୟ ସାହିତ୍ୟ ଓ ଦର୍ଶନର ଚିରନ୍ତନ ପ୍ରଶ୍ନ । ଏହା ହିଁ ମଧ୍ୟ ମାନବାତ୍ମାର ସନାତନ ପ୍ରଶ୍ନ । ମହତ୍ତମ ସାହିତ୍ୟସୃଷ୍ଟି ମାନେ ଏକ ତତ୍ତ୍ୱ ଜିଜ୍ଞାସା ଓ ତା'ର ଉତ୍ତର ଅନ୍ୱେଷଣ । ଆମ ଓଡ଼ିଆ ସାହିତ୍ୟର ଜଗନ୍ନାଥ ଦାସ, ଭକ୍ତଚରଣ ଦାସ ଓ ମଧୁସୂଦନ ରାଓ ଏହି ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି ଏବଂ ଉତ୍ତର ଖୋଜିଛନ୍ତି ।[୧୪] ସେହି ଆଧ୍ୟାତ୍ମିକ ପରମ୍ପରାରେ ଆମେ ଶ୍ରୀରଥଙ୍କୁ

---

୧୪ । ଜଗନ୍ନାଥ ଦାସ : ଭୁଲି ମନ ଭୁଲୁ କାହିଁକି ?
ଉଡ଼ୁଛି କାଳଛଞ୍ଚାଣ ମନେ ନାହିଁକି ?
ଭକ୍ତଚରଣ : କେତେ ଧନକୁ ମନ ବାନ୍ଧୁଛୁ ଆଣ୍ଠି
— — — —
ଊଣା ହେଉଛି ଦିନୁଦିନ ଆୟୁଷ
ଆଉ ଏଣିକି ଅଛି କେତେ ବୟସରେ
—ମନବୋଧଚଉତିଶା

Digitized by PPRACHIN, SOA

ଭେଟିବା । ତେବେ ସେ ପ୍ରଥମରୁ ଅନୁପ୍ରେରିତ ହୋଇଛନ୍ତି ମୁଖ୍ୟତଃ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବରେ । ପାଶ୍ଚାତ୍ୟ ସାହିତ୍ୟର ଶ୍ରେଷ୍ଠ ଶିଳ୍ପୀ ମାନେ ବଡ଼ କାଳସଚେତନ । ଇଂରାଜୀ ସାହିତ୍ୟର ସେକ୍ସପିଅର, ମାଥ୍ୟୁ ଆର୍ନୋଲ୍ଡ଼, ରବର୍ଟ ବ୍ରାଉନିଂ, ଇୟେଟସ୍ ଓ ଏଲିୟଟ୍ ତଥା ଫରାସୀ ସାହିତ୍ୟର କବି ବୋଦେଲେୟାର ଓ ଔପନ୍ୟାସିକ ପ୍ରୁଷ୍ଟଙ୍କ ନାମ ଉଲ୍ଲେଖଯୋଗ୍ୟ । ରୁଷିଆର ଟଲଷ୍ଟୟ ଓ ଡଷ୍ଟୋଭସ୍କି ମଧ୍ୟ କମ୍ କାଳ ସଚେତନ ନୁହନ୍ତି । ଦୁରନ୍ତ କାଳର ସୀମାନ୍ତ ନ ଲଙ୍ଘିଲେ ମଣିଷ ପାଇଁ ଜୀବନର ଅର୍ଥ, ଆନନ୍ଦ ଓ ପୂର୍ଣ୍ଣତା କେବେ ସୁଲଭ ହେବ ନାହିଁ । ପ୍ରତ୍ୟେକ ସୃଷ୍ଟିଛନ୍ତି ଅନନ୍ତମୟ କାଳକୁ ଉତ୍ତୀର୍ଣ୍ଣ ହେବେ, ଅନୁଉରଣୀୟ ମୃତ୍ୟୁସୀମା ଚୂର୍ଣ୍ଣ କରିବେ । ଏଲିୟଟ୍ ଅବଶ୍ୟ ଶ୍ରୀରଥଙ୍କ କାବ୍ୟଗୁରୁ । ତେବେ ସେ ଅନ୍ୟମାନଙ୍କୁ ସ୍ମରଣ ରଖିଥିବା ଅସମ୍ଭବ ନୁହେଁ । କାଳୋତ୍ତୀର୍ଣ୍ଣ ହେବା କ୍ଷେତ୍ରରେ ତାଙ୍କ ପାଇଁ କବି ବୋଦେଲେୟାର ଓ ଇୟେଟସ୍‌ଙ୍କର କୌଣସି ବିଶେଷ ବାର୍ତ୍ତା ଅବଶ୍ୟ ନାହିଁ । ବୋଦେଲେୟାର ମର୍ତ୍ତ୍ୟ ଓ ମୃତ୍ୟୁକୁ ଡେଇଁ ଅବହେଳା ଜୀବନକୁ ପ୍ରତ୍ୟାଖ୍ୟାନ କରି ପଳାଇବାକୁ ଚାହାନ୍ତି ନିଶ୍ଚୟ । ତାଙ୍କ ଶିଷ୍ୟପ୍ରଶିଷ୍ୟଗଣଙ୍କ କବିତାର ମୁଖ୍ୟ ଥିମ୍ ହୋଉଛି ମଧ୍ୟ ଦ୍ରୁତ ପଳାୟନ । କିନ୍ତୁ ତାଙ୍କ ପାଇଁ କାହିଁ ଶୁଭ୍ର ସୁନ୍ଦର ଭୂଖଣ୍ଡଟିଏ ନ ଥିଲା । ତେଣୁ ଜୀବନ ଓ ଜଗତର ହସ୍‌ପିଟାଲର ଯନ୍ତ୍ରଣାରୁ ମୁକ୍ତି ପାଇବାକୁ ସେ ଆତ୍ମାକୁ ପ୍ରବର୍ତ୍ତାଇଲେ ତାହା ଚିତ୍କାର କରି ଉଠିଛି, "Any where! any where! As long as it be out of the world." (The voyage) ଗନ୍ତବ୍ୟ ନାହିଁ, ଅଥଚ ନ ପଳାଇଲେ ଗତିନାହିଁ । "To drive in to the gulf, Hell or Heaven/ What mater? Into the unknown in search of the New." ମାଲର୍ମେ ମଧ୍ୟ ସେହି ରାଜ୍ୟକୁ ଯିବାକୁ ଉନ୍ମୁଖ, ଯାହା "an abstract realm, superior, situated nowhere," କିନ୍ତୁ ଶ୍ରୀରଥଙ୍କ କ୍ଷେତ୍ରରେ ଜୀବନବିତୃଷ୍ଣା ନୁହେଁ, ଅମୃତତୃଷ୍ଣାହିଁ ଶେଷ

ମଧୁସୂଦନ : ନିସ୍ତବ୍ଧେ ଜୀବନସ୍ରୋତ ଧାଉଁଛି କପର
ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରୀ

—ଜୀବନଚିନ୍ତା

Digitized by PPRACHIN, SOA

କଥା । ତେଣୁ ବୋଦଲେୟ୍‌ରଙ୍କ ଆବେଦନ କାହିଁ ? କବି ଇୟେଟସ୍ କାଳୋତ୍ତୀର୍ଣ୍ଣ ସତ୍ୟ ସହିତ ସାମିଲ୍ ହେବାକୁ କଣ୍ଟୁ କମ୍ ବ୍ୟାକୁଳତା ପ୍ରକାଶ କରି ନାହାନ୍ତି । ତେବେ ତାଙ୍କ ବାଟଟି ଥିଲା ଅବତରଣର, ଯାହାକୁ କୁହାଯାଏ 'the way down' । ସେ ପଚାଶତ ବୟସରେ ତେଣୁ ସେକସ୍ ଓ ମୃତ୍ୟୁଚିନ୍ତା ଘେନି ମାତି ଉଠିଥିଲେ । ଶ୍ରୀରଥଙ୍କ ପାଇଁ ଏହି ଦୁଇଟିର କୌଣସି ପ୍ରକାର ଆକର୍ଷଣ ନାହିଁ, ଯଦିଓ ପ୍ରେମ ଓ କାଳବୋଧ କ୍ଷେତ୍ରରେ ସେ ଇୟେଟସ୍‌ଙ୍କଠାରୁ ବିଶେଷ ଦୂରବର୍ତ୍ତୀ ନୁହନ୍ତି । ତାଙ୍କ ପାଇଁ କବି ସେକ୍‌ସପିଅରଙ୍କର କୌଣସି ପ୍ରେରଣା ଅଛି କି ? ସେକ୍‌ସପିଅରଙ୍କ କାଳବୋଧ ଅବିସମ୍ବାଦିତ । ସନେଟ୍ ଗୁଡ଼ିକରେ ସେ କ୍ରୂର କାଳକୁ ପ୍ରେମର ପରିପନ୍ଥୀ ରୂପେ ଦେଖିଛନ୍ତି । ପ୍ରେମର ଅବଲମ୍ବନ ଯେଉଁ ସୌନ୍ଦର୍ଯ୍ୟ, ତାହାକୁ କାଳ ଅହରହ ଗ୍ରାସେ । ପରିତ୍ରାଣ କାହିଁ ? କବି ସେକସପିଅର ପୁନରୁତ୍ପତ୍ତିର ସମ୍ଭାବନା (possibility of reproduction), ପ୍ରେମକବିତା ଓ ଅନବଦ୍ୟ ପ୍ରେମ ମଧ୍ୟରେ କାଳକବଳରୁ ପରିତ୍ରାଣ ଖୋଜିଛନ୍ତି । ମଣିଷ ପୁନରୁତ୍ପାଦନ ଭିତରେ ଅମରତ୍ୱ ଖୋଜେ, ବାପ ପୁଅ ମଧ୍ୟରେ ବଞ୍ଚିବାକୁ ଚାହେଁ । ଋତୁଚକ୍ରର ଆବର୍ତ୍ତନ ଅବଶ୍ୟ ଗତ ବସନ୍ତକୁ ଫେରାଇ ଆଣିଥାଏ । ମାତ୍ର ଯେଉଁ ଅନନ୍ୟତା ସୌନ୍ଦର୍ଯ୍ୟର ଚରିତ୍ର, ତାହା କେବେ ପୁନରୁତ୍ପାଦନ ମଧ୍ୟରେ ଅକ୍ଷୁଣ୍ଣ ରହେ ନାହିଁ । କୌଣସି ଜେନେଟିକ୍ ପ୍ରତିଛବି ମୂଳରୂପକୁ ଅକ୍ଷୁଣ୍ଣିତ ରଖିପାରେ ନାହିଁ । ସେକ୍‌ସପିଅର ସମସ୍ୟାଟି ପ୍ରତି ସଚେତନ ଥିଲେ ଠିକ୍ ଆମ ଯୁଗର ଏଲିୟଟ୍‌ଙ୍କ ପରି, Time and the bell have burried the day,/The black cloud carries the sun away /Will the sun flower turn to us ... ? (Burnt Norton, iv) । ନା । ବସନ୍ତ ଆଉଥରେ ଆସିପାରେ । ମାତ୍ର ଗତ ବସନ୍ତର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ଅଣଲେଉଟା । ଶ୍ରୀରଥ ପୁନରୁତ୍ପାଦନ ମଧ୍ୟରେ କାଳହାତରୁ ମୁକ୍ତିର ଆଶା ରଖନ୍ତି ନାହିଁ । ତାଙ୍କ କାବ୍ୟନାୟକ ସନ୍ତାନହୀନ । ସନ୍ତାନ ତା'ର ଜନ୍ମ ମାତ୍ରେ ମରେ । ପୁନର୍ଜନ୍ମ ମଧ୍ୟ ଅନିଶ୍ଚିତ । ସେ ପ୍ରେମକବିତା ଲେଖିଛନ୍ତି ନିଶ୍ଚୟ । ପ୍ରେମକବିତା କି କାଳ ହାତରୁ ନିଷ୍କୃତି ଦେବ ? କବି କ'ଣ ପ୍ରେମର

Digitized by PPRACHIN, SOA

ଅନ୍ତର୍ନିହିତ ସୌନ୍ଦର୍ଯ୍ୟମାଧୁର୍ଯ୍ୟକୁ କବିତାରେ ଚିରକାଳ ଅକ୍ଷୁଣ୍ଣ ସାଇତି ରଖି ପାରିବେ ? କବିମାନେ ସବୁଦିନେ ନିଜ ରଚନା ସମ୍ବନ୍ଧରେ ବଡ଼ ଆଶାବାଦୀ । କେବଳ ପ୍ରେମକବିତା ନୁହେଁ, ସବୁ କବିତା ତାଙ୍କର ସବୁଦିନେ ଚିରନ୍ତନ ହୋଇ ରହିବ ବୋଲି ସେମାନେ ଭାବନ୍ତି । ସେହି ସୂତ୍ରରେ ସେକ୍ସପିଅର ଘୋଷଣା କରନ୍ତି, "My love shall in my verse ever live young." ଏହା ମନୋମୋହକରେ ଉଦର ପୂରିବା ବ୍ୟାପାର ନୁହେଁ କି ? ଆମ କବି ଭଲ କବିତା ଲେଖନ୍ତି । ଭଲ ପ୍ରେମ କବିତା କେତୋଟି ମଧ୍ୟ ସେ ଲେଖିଛନ୍ତି, ମାତ୍ର ତାହା କାଳଗ୍ରାସରୁ ବର୍ତ୍ତିବ ବୋଲି ସେ ଭାବି ପାରନ୍ତି ନାହିଁ । କବିତା ରଚନା ସ୍ୱୟଂ ଏକ କାଳୋତ୍ତୀର୍ଣ୍ଣ ଅଭିଜ୍ଞତାର କଥା, ତାହା ସ୍ୱଭାବତଃ ମୂଲ୍ୟବୋଧ ସୃଷ୍ଟିଏ, ଜୀବନର ଅର୍ଥ ଦେଖେ ଓ ନିର୍ମଳ ଆନନ୍ଦ ଦିଏ । ତେଣୁ ତାହା କାଳକୁ ଅବଜ୍ଞା ନ କରିଲେ ନୁହେଁ । ମାତ୍ର ଶ୍ରୀରଥ ସେକସପିଅରଙ୍କ ପରି ତାହା ଉପରେ ଏତେଟା ଭରସା ରଖନ୍ତି ନାହିଁ । ୧୫ ସମଗ୍ର ପୃଥିବୀ ଯେଉଁଠି କାଳ ସ୍ରୋତରେ ଅନିବାର୍ଯ୍ୟ ମୃତ୍ୟୁକୁ ଭେଟିବାକୁ ଧାଇଁଛି, ସେଠାରେ କବିତାର ବା ସ୍ଥିତି କେତେ ? ଶ୍ରୀରଥ କେବଳ ପ୍ରେମ କ୍ଷେତ୍ରରେ ସେକସପିଅରଙ୍କୁ ମାନନ୍ତି । ତାଙ୍କ ପାଇଁ 'Love's not time's fool' ବାକ୍ୟଟି ବେଦବାକ୍ୟ । ପ୍ରେମ ଓ ପ୍ରେମର ସ୍ମୃତିକୁ କାଳ ଛୁଇଁପାରେ

---

୧୫ । ସେକ୍ସପିଅର ଅନ୍ୟତ୍ର କହିଛନ୍ତି,

And yet to times in hope my verse shall stand
Praising thy worth, despite his cruel hand.

ବ୍ରଟ୍ରାଣ୍ଡରସେଲ ତାଙ୍କର A History of Western Philosophy ଗ୍ରନ୍ଥରେ ଏହାକୁ ଚିତ୍କାର କରି ମନ୍ତବ୍ୟ କରିଛନ୍ତି ଯେ, କବିଏ ନିଜ ରଚନାକୁ ଅବିନଶ୍ୱର ବୋଲି ଯାହା ମନେ କରନ୍ତି ତାହା 'a conventional literary conceit ଭିନ୍ନ ଅନ୍ୟ କିଛି ନୁହେଁ । ଏଚ୍. ଜି. ଓ୍ୱେଲସ୍ ତାଙ୍କ 'Time Machine' ଗଳ୍ପରେ କବି ଓ ଲେଖକମାନଙ୍କୁ ଅମର ବୋଲି ଭାବିବା କେତେ ଭ୍ରମାତ୍ମକ ତାହା ଦେଖାଇଛନ୍ତି । ୮୦୨୭୦୧ ଖ୍ରୀଷ୍ଟାବ୍ଦ ବେଳକୁ କେହି ଆଉ ବହି ପଢ଼ୁ ନ ଥିବେ । ସବୁ ଗ୍ରନ୍ଥାଗାର ଧ୍ୱସ୍ତ ଓ ପରିତ୍ୟକ୍ତ ହୋଇ ଧୂଳିରେ ମିଶିଥିବ ।

Digitized by PPRACHIN, SOA

ନାହିଁ । ତେଣୁ ପ୍ରେମହିଁ କାଳର ଅମୋଘ ପ୍ରତିକାର, ମୃତ୍ୟୁର ଅବ୍ୟର୍ଥ ଔଷଧ । କିନ୍ତୁ ପ୍ରେମ କାହିଁ ? ମର ଜୀବନରେ ପ୍ରେମର ଅସ୍ତିତ୍ୱ କେଉଁଠି ? ପ୍ରେମ କ'ଣ ସମ୍ଭବ ? ଏହି ସବୁ ପ୍ରଶ୍ନ ତାଙ୍କୁ ସେକସପିଅରଙ୍କ ନିଃସଂଶୟିତ ସ୍ୱର୍ଗରୁ ନିର୍ବାସିତ କରିଛି । ସେ ନିଜକୁ ଭେଟିଛନ୍ତି ଏଲିୟଟ୍‌ଙ୍କ ମରୁ ପ୍ରଦେଶରେ । ଏ ଜ୍ୱଳନ୍ତ ଭୂଖଣ୍ଡରେ ଅନବଦ୍ୟ ପ୍ରେମ କାହିଁ ? କବି ଏଲିୟଟ୍‌ଙ୍କ ଉଭୟ ନାରୀପ୍ରେମ ଓ ଈଶ୍ୱରପ୍ରେମ ହେଉଛି ଏକ ଏକ ଅପହଞ୍ଚ ଆଦର୍ଶ । ମୂଳରୁ ସେହି ଆଦର୍ଶରେ ଅନୁପ୍ରାଣିତ ଗୀରଥ । ଅଖଣ୍ଡ ଧର୍ମ ବିଶ୍ୱାସର ଅନିର୍ବାଣ ଦୀପଶିଖା ଜଳାଇ ଶେଷ ପର୍ଯ୍ୟନ୍ତ ଏଲିୟଟ୍ ଅନାବିଳ ଅନ୍ତର୍ଦ୍ଧାନ ଆଧ୍ୟାତ୍ମିକ ସମ୍ପୂର୍ଣ୍ଣତାର ଉଚ୍ଚତମ ସ୍ତରକୁ ଉଠି ଯାଇଛନ୍ତି, ପରମ ପ୍ରେମମୟ ଈଶ୍ୱରଚୈତନ୍ୟ ସହିତ ମୁହୂର୍ତ୍ତିକ ପାଇଁ ହେଲେ ବି ସାମିଲ ହୋଇଛନ୍ତି । ତାଙ୍କର କାଳୋତ୍ତୀର୍ଣ୍ଣ ଅଭିଜ୍ଞତା ଅବିସମ୍ବାଦିତ । ମାତ୍ର ଗୀରଥ ଏବେ ସୁଦ୍ଧା ବୁଦ୍ଧିଗତ ଚିନ୍ତା ଓ ଜୈବଚେତନାର ଊର୍ଦ୍ଧ୍ୱରେ ସେହି ଆଧ୍ୟାତ୍ମିକ ସମ୍ପୂର୍ଣ୍ଣତାକୁ ଠିକ୍ ଉଠି ପାରି ନାହାନ୍ତି । ସେ କିନ୍ତୁ ସେହି ଉତ୍ତୀର୍ଣ୍ଣ ଅଭିଜ୍ଞତାର ଅନ୍ୱେଷଣରୁ କେବେ ବିରତ ହୋଇ ନାହାନ୍ତି ବୋଲି ଆମେ ଆଗରୁ କହିଛୁ । ସେ ଜାଣନ୍ତି ଯେ, ମୃତ୍ୟୁ ଓ ବ୍ୟର୍ଥତା ବାହାରେ ଯେଉଁ ଚିରନ୍ତନ ବାସ୍ତବତା ବର୍ତ୍ତମାନ ତାହାର ସହିତ ମିଳିତ ହେଲେ କାଳକୁ ଅତିକ୍ରମ କରି ହେବ ଓ ମୃତ୍ୟୁଜନିତ ବ୍ୟର୍ଥତାକୁ ଏଡ଼ାଇ ଦେଇ ହେବ । ତେଣୁ ସେହି କାଳାତୀତ ସତ୍ୟ ହିଁ ଆଜୀବନ ତାଙ୍କ କାବ୍ୟ ଚେତନାର ଏକମାତ୍ର ଲକ୍ଷ୍ୟ ହୋଇ ଆସିଛି, ଦେହ ଓ ହୃଦୟର ସବୁ ଅକ୍ଷମତା ମଧ୍ୟରେ ସେ ମଧ୍ୟ ସେହି ଲକ୍ଷ୍ୟଟିକୁ ବଡ଼ ଯତ୍ନରେ ଲାଳନ କରି ଆସୁଛନ୍ତି । ତେଣୁ ବିନୂତନ ତାଙ୍କ କବିତା ଟ୍ରାଜେଡ଼ିର କାରୁଣ୍ୟ ଓ କୋମଳତାରେ ଓତପ୍ରୋତ ହୋଇ ପାରିଛି । ବାର୍ଦ୍ଧକ୍ୟଗ୍ରସ୍ତ ତାଙ୍କ କାବ୍ୟ-ନାୟକର ଦେହ ଓ ହୃଦୟରେ ସହସ୍ର ପଙ୍ଗୁତା ବିଜଡ଼ିତ, ଆଗରେ ନିର୍ମମ ମୃତ୍ୟୁର ଅଲଙ୍ଘ୍ୟ ଇସାରା ସମୁଦ୍ୟତ, ଅଥଚ ସେ ଅମୃତର ଅପାର ପିପାସା କେବେ ଛାଡ଼ିବ ନାହିଁ । ସାଧନ ? ସାଧନ ପୁଣି ଅନୁପସ୍ଥିତ ପ୍ରେମ । ଏବେ ଯନ୍ତ୍ରଣା କ'ଣ କାହାକୁ ବୁଝାଇ କହିବାକୁ ହେବ ?

Digitized by PPRACHIN, SOA

ନଅ :

କାଳ ମେ ତମସ୍ । ମୃତ୍ୟୁ ଉତ୍ତରଣୀୟ । କିପରି ? କବି ଏଲିଅଟ୍ ଉତ୍ତର ଦିଅନ୍ତି, 'Only through time time is conquered.' କାଳ କବଳରୁ କାଳ ହିଁ ପରିତ୍ରାଣ । କାଳ ସଂହାରକ । ସେହି କାଳ ପୁଣି ପରିତ୍ରାତା । ସେ ଶିବ, ସେହି ହିଁ ବିଷ୍ଣୁ । 'Time the destroyer is the time the preserver. ବସ୍ତୁଗତ କାଳପ୍ରବାହ (Physical time) ମୃତ୍ୟୁ ଓ ଶୂନ୍ୟତାର ପ୍ରତୀକ । ସେହି କାଳପ୍ରବାହ ବାହାରେ ଅବସ୍ଥିତ ଶାଶ୍ୱତ ବା ବିଶ୍ୱୋତ୍ତୀର୍ଣ୍ଣ ନିତ୍ୟକାଳ (eternity) ଶାଶ୍ୱତ ଅନ୍ତହୀନ ମୁକ୍ତି ଓ ଆନନ୍ଦର ବିଗ୍ରହ । ତାହା କାଳ କବଳରୁ ମଣିଷକୁ ମୁକ୍ତି ଦିଏ । ତେଣୁ ଶାଶ୍ୱତ ଲାଭ ମଣିଷର ସର୍ବୋଚ୍ଚ ଆକାଂକ୍ଷା । କବି ଏଲିଅଟ୍‌ଙ୍କୁ ସେହି ଶାଶ୍ୱତ ଆକୃଷ୍ଟ କରିଛି । ତାହା ହିଁ ଆକୃଷ୍ଟ କରିଛି ଆମ କବି ଶ୍ରୀରଥଙ୍କୁ । ଶାଶ୍ୱତ କାଳ ହିଁ ଅନନ୍ତ କାଳ । ତାହାର ଅଭିଜ୍ଞତା ହିଁ କାଳୋତ୍ତୀର୍ଣ୍ଣ ଅଭିଜ୍ଞତା । ଜନ୍ମମରଣକୁ ଅତିକ୍ରମ କରି ଦିବ୍ୟ ଜୀବନର ମୁକ୍ତି ଓ ଆନନ୍ଦ ପାଇବାକୁ ହେଲେ ସେହି ଶାଶ୍ୱତ ଚେତନା ଅବଶ୍ୟ ଲଭ୍ୟ । ବେଦବେଦାନ୍ତ ଓ ଯୋଗ ତଥା ତନ୍ତ୍ରଶାସ୍ତ୍ରାଦିରେ ଭାରତ ବର୍ଷର ଧର୍ମ ଓ ଦର୍ଶନ ସେହି ଶାଶ୍ୱତକୁ ମାନବାତ୍ମାର ଆରୋହଣ ଯାହାରେ ଉର୍ଦ୍ଧ୍ୱତମ ଧାମ ବୋଲି ଚିହ୍ନିତ କରିଛି । ସେଠାରେ ଉପନୀତ ନ ହେଲେ ଗତି ନାହିଁ । କବି ଏଲିଅଟ୍‌ଙ୍କୁ ବୁଝିବା ପୂର୍ବରୁ ଆମ ଧର୍ମ ଓ ଦର୍ଶନର କାଳଚେତନାକୁ ବୁଝିବାକୁ ହେବ । ଆମର କାଳୋତ୍ତୀର୍ଣ୍ଣ ଅଭିଜ୍ଞତାହିଁ ତାଙ୍କୁ ପ୍ରଲୁବ୍ଧ ଓ ପ୍ରରୋଚିତ କରିଛି ।

ଶ୍ରୀମଦ୍‌ଭଗବତ୍‌ଗୀତା ହେଉଛି କବି ଏଲିଅଟ୍‌ଙ୍କ ପାଇଁ ପୃଥିବୀର ସର୍ବୋତ୍କୃଷ୍ଟ ଦାର୍ଶନିକ କାବ୍ୟ ଦୁଇଟିରୁ ଅନ୍ୟତମ । ଅପରଟି Divine Comedy । ତାଙ୍କ 'ଫୋର୍ କ୍ୱାର୍ଟେଟ୍‌ସ୍'ରେ ଗୀତାର ଗଭୀର ପ୍ରଭାବ ଦୁର୍ଲକ୍ଷ୍ୟ ନୁହେଁ । ବିଶ୍ୱରୂପଦର୍ଶନ ସେହି ଗୀତାର ସର୍ବାପେକ୍ଷା ଶକ୍ତିଶାଳୀ କବିତ୍ୱପୂର୍ଣ୍ଣ ଅଂଶ । ଏକାଦଶ ଅଧ୍ୟାୟ ବିଶ୍ୱରୂପଦର୍ଶନଯୋଗଃ । ସେଠାରେ କାଳର ଦୁଇଟି ବିଭବ ସ୍ପଷ୍ଟ କରାଯାଇଛି । ଆମେ ସେହିଠାରୁ ଆରମ୍ଭ

Digitized by PPRACHIN, SOA

କରିବା । ବିଶ୍ୱରୂପ ସଂହାରକାରୀ ଭୀଷଣ ରୂପ—କାଳର ଉଗ୍ରରୂପ । ତାଙ୍କର ଅସଂଖ୍ୟ ନେତ୍ର ବାହୁ ଓ ବିଶାଳ, ଅସଂଖ୍ୟ ମୁଖମଣ୍ଡଳ କରାଳ ଦଂଷ୍ଟ୍ରାଯୁକ୍ତ । ସେହି ଦଂଷ୍ଟ୍ରାକରାଳ ମୁଖଗହ୍ୱର ମଧ୍ୟରେ ଯୋଦ୍ଧୃଗଣ ପ୍ରବଳ ବେଗରେ ପ୍ରବିଷ୍ଟ ହେଉଛନ୍ତି, କାହାର କାହାର ରକ୍ତରଞ୍ଜିତ ମସ୍ତକ ତାଙ୍କ ବିଶାଳ ଦଂଷ୍ଟ୍ରାର ସନ୍ଧିସ୍ଥଳରେ ସଂଲଗ୍ନ ଥିବାର ଦେଖାଯାଉଛି । ଯେପରି ନଦୀଏ ସମୁଦ୍ରାଭିମୁଖରେ ଧାବିତ ହୁଅନ୍ତି, ଯେପରି ପତଙ୍ଗକୁଳ ପ୍ରଜ୍ୱଳିତ ଅଗ୍ନିରେ ଧ୍ୱଂସ ହୁଅନ୍ତି, ସେହିପରି ଲୋକ ସମୂହ ଅବଶ ଅସହାୟ ଭାବରେ ମରଣ ନିମନ୍ତେ ସେହି ଅଗ୍ନିମୟ ମୁଖ ସମୂହ ମଧ୍ୟରେ ପ୍ରବେଶ କରୁଛନ୍ତି । ଚତୁର୍ଦ୍ଦିଗରେ ଭୟ ଓ ଯନ୍ତ୍ରଣା । ଶାନ୍ତି ଓ ଆନନ୍ଦର ଚିହ୍ନ ପର୍ଯ୍ୟନ୍ତ ନାହିଁ । ଅର୍ଜ୍ଜୁନ ଦିବ୍ୟାଞ୍ଜନ ପ୍ରଭାବରେ ସେହି ରୂପ ଦେଖିଛନ୍ତି, କିବା ଦେଖନ୍ତି ଦିବ୍ୟ ଚେତନାରେ ଉଦ୍‌ବୁଦ୍ଧ ହୋଇ । ସେହି ମୂର୍ତ୍ତି ହିଁ ଲୋକକ୍ଷୟକାରୀ ସ୍ୱୟଂ କାଳମୂର୍ତ୍ତି । ଅର୍ଜ୍ଜୁନ ଭୟରେ ବ୍ୟାକୁଳ ହୋଇ ପଡ଼ିଲେ । ସେ ତେଣୁ କାଳର ଅନ୍ୟ ରୂପଟି ଦେଖିବାକୁ ପ୍ରାର୍ଥନା କଲେ । ପ୍ରେମ ଓ ଆନନ୍ଦ, କୃପା ଓ କଲ୍ୟାଣ ତଥା ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟର 'ସ୍ୱକଂ ରୂପମ୍' ପ୍ରକଟିତ ହେଲା । ଅର୍ଜ୍ଜୁନ ଆଶ୍ୱସ୍ତ ହେଲେ । ଯେ ସଂହାର କର୍ତ୍ତା ମହାକାଳ, ସେହି ହିଁ ନିଜ ସତ୍ତାରେ ସ୍ୱୟଂ ଅନନ୍ତ ଓ ଆନନ୍ଦମୟ । ତାଙ୍କ କରାଳ ରୂପର ପଶ୍ଚାତପଟରେ ସେହି ଆଶ୍ୱାସପ୍ରଦ କାଳାତୀତ ପରମାର୍ଥ ସତ୍ ବିଦ୍ୟମାନ । ତାଙ୍କୁ ହିଁ ଜାଣିଲେ ଜନ୍ମମରଣରେ ଭୟ କଟିଯାଏ । ବାହ୍ୟ ରୂପରେ ଯେ ବିଶ୍ୱଗତ କାଳ, ନିଜ ସତ୍ତାରେ ସେହି ହିଁ ବିଶ୍ୱାତୀତ ଅନନ୍ତ । ତୈତ୍ତିରୀୟ ଉପନିଷଦରେ ତାଙ୍କୁ 'ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ' ବୋଲି ଚିହ୍ନିତ କରାଯାଇଛି (୨,୧) । ବ୍ରହ୍ମ ହେଉଛନ୍ତି ସତ୍ୟ (being), ଜ୍ଞାନ (consciousness) ଓ ଅନନ୍ତ (timeless) । ସେ କାଳୋତ୍ତୀର୍ଣ୍ଣ ବୋଲି ଅନନ୍ତ । ମୈତ୍ରାୟଣୀ ଉପନିଷଦରେ ବ୍ରହ୍ମଙ୍କର ଦୁଇଟି ରୂପ ନିରୂପଣ କରାଯାଇଛି, "ଦ୍ୱେ ବାବ ବ୍ରହ୍ମଣୋ ରୂପେ କାଳାଶ୍ଚାକାଳଶ୍ଚ ।" (୬,୧୫) । ଏକ ରୂପରେ ସେ କାଳ (time), ଅନ୍ୟ ରୂପରେ ସେ ଅକାଳ (timeless) । ଏହି ଦ୍ୱିବିଧ ରୂପଦୃଷ୍ଟିରୁ ନାନକ ବ୍ରହ୍ମଙ୍କୁ 'ଅକାଲ ପୁରୁଖ ନାହି ଶିର କାଲ' ବୋଲି କହିଥାନ୍ତି । (ଅର୍ଥାତ ହେ ଅକାଳ ପୁରୁଷ, ତୁମେ ହିଁ ଏକମାତ୍ର ବ୍ୟକ୍ତିତ୍ୱ ଯାହାଙ୍କ ମସ୍ତକୋପରି

Digitized by PPRACHIN, SOA

କାଳର ଗୁପ୍ତ ନାହିଁ ।) ଅକାଳ କାଳର କାଳ । ସେହି ମୈତ୍ରାୟଣୀ ଉପନିଷଦରେ ଏହି ପ୍ରସଙ୍ଗରେ ପ୍ରାଚୀନ ଶ୍ଳୋକଟିଏ ଉଦ୍ଧୃତ ରହିଛି, "କାଳଃ ପଚତି ଭୂତାନି ସର୍ବାଣ୍ୟେବ ମହାତ୍ମନି, ଯସ୍ମିଂସ୍ତୁ ପଚ୍ୟତେ କାଳୋ ଯସ୍ତଂ ବେଦ ସ ବେଦବିତ୍ ।" କାଳ ସବୁଙ୍କୁ ପରିପକ୍ୱ କରେ ଓ ବ୍ରହ୍ମରେ ମିଶାଏ । ଶେଷକୁ ତାହା ସ୍ୱୟଂ ପକ୍ୱ ହୋଇ ସେହି ବ୍ରହ୍ମରେ ହିଁ ବିଲୀନ ହୋଇଥାଏ । କାଳ ମାୟା, ଅକାଳ ପରୋକ୍ଷସ୍ଥ ସତ୍ୟ ଓ ନିତ୍ୟ । ଅଦ୍ୱୈତ ଦର୍ଶନ ବ୍ରହ୍ମଙ୍କୁ ସର୍ବଦା ଅନନ୍ତ ବୋଲି ଜାଣେ । ଅନନ୍ତ ଅନ୍ତହୀନ କାଳ ନୁହେଁ, ଅନନ୍ତ ନିତ୍ୟ ପରିପୂର୍ଣ୍ଣ, ଆଦିଅନ୍ତହୀନ, timeless । ବିଶ୍ୱ ଚରାଚର ଯେବେ ବ୍ରହ୍ମଙ୍କର ଅନ୍ନ ହୁଏ, ତେବେ କାଳ (ମୃତ୍ୟୁ) ତାଙ୍କର ଉପସେଚନ (ଅନ୍ନର ଉପକରଣ); ଅର୍ଥାତ୍ ସର୍ବସଂହାରକ ମୃତ୍ୟୁକୁ ମଧ୍ୟ ଅନନ୍ତ ବ୍ରହ୍ମ ସଂହାର କରିଥାନ୍ତି । (କଠୋପନିଷଦ, ୧,୨,୨୫) । ତେଣୁ ଆମ ଉପନିଷଦ ଘୋଷଣା କରିଛି, ଯେ ଅନନ୍ତଙ୍କୁ ଉପାସନା କରେ, ତାହାଠାରୁ କାଳ ଅପସରିଯାଏ,

ଯଃ କାଳଂ ବ୍ରହ୍ମେତ୍ୟୁପାସୀତ
କାଳସ୍ତସ୍ୟାତି ଦୂରମପସରତି ।

—ମୈତ୍ରାୟଣୀ ଉପନିଷଦ,୬,୧୪ ।

ଆମ ବେଦବେଦାନ୍ତ, ଯୋଗ ଓ ତନ୍ତ୍ର ତଥା ଅଦ୍ୱୈତଦର୍ଶନ ଜୈବଚେତନାର ଊର୍ଦ୍ଧ୍ୱକୁ ଯାଇ ସେହି ଶାଶ୍ୱତ ଅନନ୍ତଙ୍କ ସହିତ ଏକତ୍ୱ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସବୁ ଶାସ୍ତ୍ରର ଗନ୍ତବ୍ୟ ଏକ : ପୂର୍ଣ୍ଣାନୁଭବ ବା ତୁରୀୟାବସ୍ଥା । ଏହି ତୁରୀୟାବସ୍ଥା ହିଁ କାଳୋତ୍ତୀର୍ଣ୍ଣ ଅଭିଜ୍ଞତା । ଯେଉଁମାନେ ଭାରତୀୟ ଧର୍ମଦର୍ଶନ ସଂସ୍ପର୍ଶରେ ଆସିଛନ୍ତି ସେମାନେ ସମସ୍ତେ ଏହି କାଳୋତ୍ତୀର୍ଣ୍ଣ ଅଭିଜ୍ଞତା ମଧ୍ୟରେ ହିଁ ଜୀବନର ଅର୍ଥ, ଆନନ୍ଦ ଓ ପରିପୂର୍ଣ୍ଣତା ଖୋଜିଛନ୍ତି । ଆଲ୍‌ଡ଼ସ୍ ହକସଲି ତାଙ୍କ ଉପନ୍ୟାସନାୟକ କଣ୍ଠରେ କହିଛନ୍ତି, The more you respect a personality, the better its chance of discovering

Digitized by PPRACHIN, SOA

that all personality is a Prison Potential good is anything that helps you get out of prison. Actual good lies outside the prison, in timelessness, in the state of pure disintersted consciousness. (After many a Summer Dies the Swan) । ତେବେ ଅନ୍ୟମାନେ ଅନନ୍ତ ଆସ୍ୱାଦନରୁ ବଞ୍ଚିତ ଥିଲେ ବୋଲି କହିଲେ ଭୁଲ ହେବ । ସବୁ ଦେଶର ସିଦ୍ଧସାଧକବର୍ଗ ଶାଶ୍ୱତଲାଭ କରିଛନ୍ତି । କବିଏ ମଧ୍ୟ ଶାଶ୍ୱତର ସନ୍ଧାନ ପାଇଛନ୍ତି । ଖ୍ରୀଷ୍ଟଧର୍ମର କାଳ ବ୍ୟବସ୍ଥାରେ Eternity ଯୀଶୁଙ୍କ ଅବତାର ସହିତ ସମ୍ପୃକ୍ତ । ଧର୍ମପ୍ରାଣ କବି ଏଲିୟଟ୍ ଯେଉଁ ଖ୍ରୀଷ୍ଟଧର୍ମରୁ କିଛି କମ୍ ପ୍ରେରଣା ପାଇ ନ ଥିବେ । ସେ ଏହି ନିତ୍ୟକାଳର ଅଭିଜ୍ଞତା ପାଇଁ ଚିରକାଳ ପ୍ରଲୁବ୍ଧ ରହିଛନ୍ତି, କାଳ ହାତରୁ ମୁକ୍ତ ହୋଇ ନିତ୍ୟ-କାଳର ଅଭିଜ୍ଞତାରେ ମୁକ୍ତି, ଆନନ୍ଦ ଓ ପୂର୍ଣ୍ଣତାର ସମ୍ଭାବନା ଖୋଜିଛନ୍ତି । କେଉଁଠି ସେହି ଅଭିଜ୍ଞତା ମରୀଚିକା ପରି ଆସିଛି ତ ଆଉ କେଉଁଠି ଦୃଢ଼ ପ୍ରତ୍ୟୟସିଦ୍ଧ ହୋଇ ଉଠିଛି । ଦୁରନ୍ତ କାଳ ତାଙ୍କୁ ନିତ୍ୟ କାଳ ସମ୍ବନ୍ଧରେ ନିଶ୍ଚେତନ ହେବାକୁ ଯେପରି ଆଦୌ ସୁଯୋଗ ଦେଉ ନାହିଁ । 'ଦି ଓଏଷ୍ଟଲ୍ୟାଣ୍ଡ'ର ମ୍ୟାଡ଼ାମ୍ ସାସୋଷ୍ଟ୍ରିସ ଯେବେ ନିର୍ମମ କାଳର ପ୍ରତୀକ ହୁଅନ୍ତି, ତେବେ ହାୟସିନ୍ଥବାଲା 'the heart of light, the silence' ର ଅନ୍ତର୍ଦୃଷ୍ଟି ଉନ୍ମୋଚନ କରିଥାନ୍ତି । 'The Hollow Men'ରେ ମଧ୍ୟ ସେହି କାଳକଣ୍ଟକ ବିଦ୍ୟମାନ । ଏକ ପକ୍ଷରେ death's dream kingdom ଓ ଅନ୍ୟପକ୍ଷରେ death's other kingdom ପାଖକୁ ପାଖ ଅଛନ୍ତି । କବି 'ଫୋର୍ କୋର୍ଟେଟସ୍'ରେ ନିତ୍ୟକାଳ ବା ଅନନ୍ତ ସମ୍ପର୍କରେ ଅଧିକ ଔତ୍ସୁକ୍ୟ ପ୍ରକାଶ କରିଛନ୍ତି । 'ବର୍ଣ୍ଣ ନର୍ଟନ'ରେ ତାଙ୍କର ଉକ୍ତି ପ୍ରଣିଧେୟ— "To be conscious is not to be in time" ଏହି କାଳାତୀତ ଅବସ୍ଥା ଏକ ଅଭିଜ୍ଞତା । ନିତ୍ୟପରିବର୍ତ୍ତନ ହାତରୁ ମୁକ୍ତି ପାଇବାକୁ ହେଲେ ଅପରିବର୍ତ୍ତନୀୟ ଏହି ନିତ୍ୟ କାଳର ଅଭିଜ୍ଞତା ହାସଲ କରିବାକୁ ହେବ ।

Digitized by PPRACHIN, SOA

କବି ଏଲିୟଟ୍ ନିତ୍ୟକାଳର ନାମ ରଖିଛନ୍ତି still point ବା ସ୍ଥିର ବିନ୍ଦୁ । ତାଙ୍କ still point ଆମ ଅନନ୍ତ ବ୍ରହ୍ମ । [୧୬] ତେବେ ତାହା ସହିତ ଖ୍ରୀଷ୍ଟଧର୍ମୀୟ ଅବତାର ତତ୍ତ୍ୱର ସମନ୍ୱୟ ମଧ୍ୟ ବିଦ୍ୟମାନ । କବିଙ୍କ ଭାଷାରେ ସେହି still point ହେଉଛି 'the point of intersection of the timeless with time.' । ତାହାହିଁ ତ incarnation of christ । ଯୀଶୁଙ୍କ ଅବତାର ଯଦିଓ ଏକ ଐତିହାସିକ ଘଟଣା, ତଥାପି ଇତିହାସର ଲଜିକ୍ ବାହାରେ ତାହାର ପ୍ରତିଷ୍ଠା, 'A moment not out of time, but in time, in what we call history. : transecting, bisecting the world of time, a moment in time but not like a moment of time.' (The Rock) କବିଙ୍କ ଅନ୍ତର୍ଦୃଷ୍ଟି ଅଭିନବ । ସେ ଏଠାରେ କାଳ ଓ ନିତ୍ୟକାଳର ଦ୍ୱନ୍ଦ୍ୱକୁ ଅସ୍ୱୀକାର କରନ୍ତି । ଚୈତନ୍ୟର ଗଭୀର ଉଦ୍ଭାସନରେ କାଳ ନିତ୍ୟକାଳକୁ ଉଦ୍‌ଘାଟନ କରିଦିଏ । ମଣିଷ ନିଜକୁ ନିତ୍ୟକାଳ ଓ ପ୍ରତିମୁହୂର୍ତ୍ତର ଅବାଙ୍ମନସଗୋଚର ମିଳନ ବିନ୍ଦୁରେ ସହସା ଆବିଷ୍କାର କରେ । ଏହି ଅଧ୍ୟାତ୍ମ ଉପଲବ୍‌ଧିର ପରମ ମୁହୂର୍ତ୍ତରେ ସମସ୍ତ କାଳର ଗତି ମୂର୍ତ୍ତିଭୂତ ଓ ଅର୍ଥମୟ ହୋଇଉଠେ । ଏହି ଉପଲବ୍‌ଧି ଜୀବନର ସୀମା ବାହାରକୁ ନେଇଯାଏ ଆମକୁ, ଏହା ଅନନ୍ତ ଅସୀମ ମଧ୍ୟରେ ନିଜକୁ ହରାଇବା ନୁହେଁ, ଅନନ୍ତ ଅସୀମକୁ ଏହି ଚୂଡ଼ାନ୍ତ ମୁହୂର୍ତ୍ତର ଅଣୁ ପରିଧି ମଧ୍ୟକୁ ଧରି ଆଣିବା । ଏହି ପରମ ମୁହୂର୍ତ୍ତଟି ହେଉଛି loop in time—the still point of the turning world । ଅହଂ ଅନ୍ତର୍ହିତ ହୁଏ, ଅନୁଭୂତ ଶାନ୍ତ ସମାହିତ ରହେ । ଗତି ଓ

---

୧୬ । ମନ୍ତବ୍ୟ : D. E. S. Maxwell କହନ୍ତି, "Most concisely however, 'the still point' is God and the power of God, whose whole duration (is) but one permanent point, without succession, parts, flux, or division."

The Still Point, The Poetry of T. S. Eliot. Chapter VIII, Page 173.

Digitized by PPRACHIN, SOA

ସମାପ୍ତି, ଧ୍ରୁବ ଓ ଧାବମାନ, ଶାଶ୍ୱତ ଓ କ୍ଷଣିକା—ଏସବୁ ଅସଙ୍ଗତ ଓ ବୈପରୀତ୍ୟ ମଧ୍ୟରୁ ସାମଞ୍ଜସ୍ୟରେ ଉପନୀତ ହୋଇଯାନ୍ତି । 'There would be no dance, and there is only the dance.' ନୃତ୍ୟ କିଛି ନାହିଁ, ଅଥଚ ନୃତ୍ୟହିଁ ଚିରସତ । ଆଦ୍ୟନ୍ତ ତାହା ସ୍ଥିର କେନ୍ଦ୍ରଟିଏ ମାତ୍ର,

Where past and future are gathered. Neither
movement from nor towards.
Neither ascent nor decline. Execept for the
point, the still point,
There would be no dance, and there is only
the dance

—Burnt Norton, II

ସେଠାରେ ଅତୀତ ଓ ଭବିଷ୍ୟତ ସଙ୍ଗୃହୀତ, କେଉଁଠାରୁ ନୁହେଁ କି, କେଉଁଠିକୁ ନୁହେଁ; ତାହା ଆରୋହଣ ନୁହେଁ କି ଅବତରଣ ମଧ୍ୟ ନୁହେଁ । ଆଦ୍ୟନ୍ତ ସେହି ସ୍ଥିର କେନ୍ଦ୍ର ଛଡ଼ା ତାହା ଅନ୍ୟ କିଛି ନୁହେଁ । ନୃତ୍ୟ କିଛି ନାହିଁ । ଅଥଚ ନୃତ୍ୟହିଁ ଚିର ସତ୍ୟ । ଅନେକ ମନେକରନ୍ତି ଏହି ସ୍ଥିର କେନ୍ଦ୍ରର ପରିକଳ୍ପନାରେ ଦାନ୍ତେଙ୍କ ପ୍ରେରଣା ଅନୁପସ୍ଥିତ ନୁହେଁ । ଏହା ହିଁ ସେହି କାଳ, where everywhere and everywhen is focused (Paradiso XXIX) । ଆମ ଭାଷାରେ ଏହାହିଁ ପୂର୍ଣ୍ଣ:ନୁଭବର ତୁରୀୟାବସ୍ଥା—ନିତ୍ୟ, ସତ୍ୟ ଓ ପରମ ଆନନ୍ଦର ମୁହୂର୍ତ୍ତ । କବି ଏଲିୟଟ୍ କିନ୍ତୁ ନିଜର ଏହି କାଳୋତ୍ତୀର୍ଣ୍ଣ ଅଭିଜ୍ଞତାକୁ ଧର୍ମାତ୍ମା ସାଧକମାନଙ୍କ ତପସ୍ୟାଲବ୍ଧ ତୁରୀୟାବସ୍ଥାର ସମପର୍ଯ୍ୟାୟବାଚୀ ଅଭିଜ୍ଞତା ବୋଲି ଭାବି ପାରନ୍ତି ନାହିଁ । ସେ କେବଳ ଏଥିରେ ସେହି ବ୍ରହ୍ମାନନ୍ଦର ନିକଟବର୍ତ୍ତୀ ହୁଅନ୍ତି ମାତ୍ର । ସେ ବାରମ୍ବାର ସଚେତ କରିଛନ୍ତି, ମୁଗ୍ଧ କ୍ଷଣଟି ତାଙ୍କର ମୁହୂର୍ତ୍ତକେ ଅନ୍ତର୍ହିତ ହୁଏ ।

For most of us, there is only the unattended
Moment, the moment in and out of time,

Digitized by PPRACHIN, SOA

The distraction fit, lost in a shaft of sunlight,

—The Dry Salvages, V.

ଏହି still point ବା ସ୍ଥିର କେନ୍ଦ୍ର ଉପଲବ୍ଧିର ସାଧନାହିଁ ଈଲିଅଟଙ୍କ କାବ୍ୟସାଧନା । କାଳୋତ୍ତୀର୍ଣ୍ଣ ନ ହେଲେ କାଳ କବଳରୁ ମୁକ୍ତି କାହିଁ ? ଷ୍ଟିଲ ପଏଣ୍ଟର ଆନନ୍ଦ ଓ ବିସ୍ମୃତି ନ ବୁଝିଲେ ତେଣୁ ଈଲିଅଟଙ୍କ କବିତା ଠିକ୍ ବୁଝି ହେବନାହିଁ । ଷ୍ଟିଲ୍ ପଏଣ୍ଟ ହେଉଛି ନିତ୍ୟ ବର୍ତ୍ତମାନ—The Eternal Now । ଏଲିୟଟ୍ ବୁଝାଇଛନ୍ତି,

Not the stillness of violin, while the note lasts.
Not that only, but the co-existence,
Or say that the end precedes the beginning
And the end and the beginning were always there
Before the beginning and after the end.
And all is always now.

—Burnt Norton, V,

ଏହି ସ୍ଥିର କେନ୍ଦ୍ରରେ ନିତ୍ୟବର୍ତ୍ତମାନ । ଅତୀତ ଭବିଷ୍ୟତ ଓ ଆଦିଅନ୍ତ ନିର୍ବିରୋଧ ମିଳନ ବନ୍ଧନରେ ଉପନୀତ । ମର୍ତ୍ତ୍ୟକାଳବୋଧ ଅବଲୁପ୍ତ । ନିତ୍ୟ-ବର୍ତ୍ତମାନ ସର୍ବପରିଗ୍ରାହୀ ଓ ଅର୍ଥବାନ । କାଳ ଆଉ ଅନୁତ୍ତରଣୀୟ ରହିବ କିପରି ? ‘all is always now’ର ଉପଲବ୍ଧି ମୂଳର ‘all time is eternally present’ କଥାଠାରୁ ସମ୍ପୂର୍ଣ୍ଣ ଭିନ୍ନ ବ୍ୟାପାର । ପ୍ରଥମଟି ନିତ୍ୟବର୍ତ୍ତମାନ ଶାଶ୍ୱତ; ଦ୍ୱିତୀୟଟି ମର୍ତ୍ତ୍ୟବର୍ତ୍ତମାନ କ୍ଷଣିକ । ନିତ୍ୟବର୍ତ୍ତମାନ ସମାଧିସ୍ଥାବସ୍ଥାର ଅନୁଭୂତି, ଗଦ୍ୟଭାଷାରେ ତା’ର ପ୍ରକୃତି ବୁଝାଇବା ଦୁଷ୍କର । କବି ଟେନିସନ୍‌ଙ୍କ ଭାଷାରେ ସେହି ଅନୁଭୂତିର ସ୍ୱରୂପ ବୁଝନ୍ତୁ, All sense of Time/And Being and Place was swallowed up/Within a victory of boundless thought.” କବି ଏଲିୟଟ୍‌ଙ୍କ ଏହି ‘ଷ୍ଟିଲ୍ ପଏଣ୍ଟର’ର

Digitized by PPRACHIN, SOA

ଅନ୍ୟ ଏକ ବିଶେଷତ୍ୱ ହେଲା ଯେ, ସେ ସୁନିପୁଣ ଭାବରେ ଆଦର୍ଶ ପ୍ରେମକୁ ଅନନ୍ତତ୍ୱ(timelessness) ସହିତ ସମନ୍ୱିତ କରି ଦେଇଛନ୍ତି । ଭାବାନୁବନ୍ଧୀ ପ୍ରେମାନୁଭୂତି ଓ ବିଶ୍ୱୋତ୍ତୀର୍ଣ୍ଣ ଈଶ୍ୱରାନୁଭୂତି ମଧ୍ୟରେ ଆଉ କୌଣସି ବ୍ୟବଧାନ ରହିନାହିଁ । କାଳୋତ୍ତୀର୍ଣ୍ଣ ଅଭିଜ୍ଞତାରେ କାଳ ଯେପରି ଅର୍ଥବନ୍ତ ହୋଇଉଠେ, ଈଶ୍ୱରପ୍ରେମାନୁଭୂତି ମଧ୍ୟରେ ସେହିପରି ମର୍ତ୍ତ୍ୟ ନରନାରୀଙ୍କ ପ୍ରେମ ପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ । ସେ ଠାଏ କହି ରଖିଛନ୍ତି, "the love of two human beings is only made perfect in the love of God." (The Criterion, July 1931) ଭକ୍ତିରେ ପ୍ରେମର ପରିପୂର୍ଣ୍ଣତା । ପ୍ରେମ ଅଲକ୍ଷ୍ୟ ଉପରକୁ ଉଠି ମିଶିବ ଭକ୍ତି ମନ୍ଦିର, ଭକ୍ତି ଅଲକ୍ଷ୍ୟ ଓହ୍ଲାଇଆସି ପ୍ରାଣ ମିଳାଇବ ପ୍ରେମ ସହିତ । ତେବେ ଯାଇଁ ପ୍ରେମ ସାର୍ଥକ ହେବ । ମର୍ତ୍ତ୍ୟପ୍ରେମ ଉଭୟ କାଳ ଓ କାମନା ଗ୍ରସ୍ତ । ଧୀର୍ ଅସମର୍ଥ ପ୍ରେମିକ ପ୍ରୁଫ୍ରକ୍ ତେଣୁ ଜୀବନକୁ କଫିଷ୍ପୁନରେ ମାପିଛି । ସଙ୍ଗୋପନରେ କିନ୍ତୁ ସେଦିନ ତା ପ୍ରାଣରେ ଏଲିଅଟ୍ ଅନବଦ୍ୟ ପ୍ରେମ ପ୍ରତି ଆକର୍ଷଣ ସଂଗୁପ୍ତ କରି ଦେଇଥିଲେ । ତାଙ୍କ କବିତାରେ ସେହି ଆକର୍ଷଣର କ୍ରମବିକାଶ ଯେ କେହି ଲକ୍ଷ୍ୟକରି ପାରିବେ । ପ୍ରୁଫ୍ରକ୍ ଠାରୁ ବର୍ଣ୍ଟ ନର୍ଟନ ପର୍ଯ୍ୟନ୍ତ ଦିନୁଦିନ ଧୂଳି ମଳିନ ମର୍ତ୍ତ୍ୟପ୍ରେମ ତାଙ୍କର ସ୍ୱର୍ଗୀୟ ଶାନ୍ତି ଓ ସୁଷମାରେ ମଣ୍ଡିତ ହୋଇଆସିଛି । ପରିପୂର୍ଣ୍ଣତା ନାଟକ 'The Elder Statesman' ରେ । ତାଙ୍କ ପାଇଁ ପରେହିକୁଷ୍ଟ ସତ୍ୟ(Reality)ର ବୁଦ୍ଧିଗତ ଚିନ୍ତାଧାରା ଯେବେ ହୁଏ ଅନନ୍ତତ୍ୱ, ତେବେ ହୃଦୟାବେଗର ଧାରା ହେଉଛି ପ୍ରେମ । ଚିନ୍ତା ଓ ଅନୁଭୂତିର ସମନ୍ୱୟ ସୂତ୍ରରେ ଅନବଦ୍ୟ ପ୍ରେମ ଓ ଅନନ୍ତ ବ୍ରହ୍ମ ଏକ ଓ ଅଭିନ୍ନ ହୋଇ ଉଠିଛନ୍ତି । ଏହି ଅଭିନ୍ନତ୍ୱ ବଡ଼ ସୁନ୍ଦର ଭାବରେ ପ୍ରକାଶିତ ହୋଇଛି 'ବର୍ଣ୍ଟ ନର୍ଟନର' ଉପସଂହାରରେ,

Love is itself unmoving,
Only the cause and end of movement,
Timeless, and undesiring.

ପ୍ରେମହିଁ ଅନନ୍ତ, ଅନନ୍ତହିଁ ପ୍ରେମ । ଚିରନ୍ତନ । ସେଇଥିପାଇଁ 'The Elder Statesman'ର ମୋନିକା ତା'ର ପ୍ରେମିକ ଚାର୍ଲସକୁ କହୁଛି,

Digitized by PPRACHIN, SOA

Before you and I were born, the love was always there/That brought us together."

ନବ ଏଲିଅଟଙ୍କ କାବ୍ୟରେ ତେଣୁ ଉଭୟ ଈଶ୍ୱରାନୁଭୂତି ଓ ପ୍ରେମାନୁଭୂତି କାଳୋତ୍ତୀର୍ଣ୍ଣ ଅଭିଜ୍ଞତାର ସାମଗ୍ରୀ । ଉଭୟର ଅନ୍ତଃକୂଳରୁ ଯାହା ଓ ଆତ୍ମାର ଅନୁକୂଳରେ ଉତ୍ତରଣ । ଚୈତନ୍ୟର ଚକିତ ଶୁଭ୍ର ମନରେ ସେହି ଅଭିଜ୍ଞତା ମୁହୂର୍ତ୍ତକ ପାଇଁ ଝଲସି ଉଠି ପରକ୍ଷଣରେ ଅନ୍ତର୍ହିତ ହୋଇଯାଏ । କାରଣ "human kind can not bear very much reality" ସାଧାରଣ ମଣିଷ ପାଇଁ ଦିବ୍ୟାନନ୍ଦର ଅମୃତ ଲହରୀ ବେଶିକ୍ଷଣ ସ୍ଥାୟୀ ହୁଏ ନାହିଁ । 'ଫୋର କ୍ୱାର୍ଟେଟସ୍'ରୁ କାବ୍ୟ ନାୟକର ଈଶ୍ୱରାନୁଭୂତି ଓ 'ଦ ଫାମିଲି ରିୟୁନିଅନ'ରୁ ଆଗାଥାର ପ୍ରେମାନୁଭୂତିକୁ ପାଖକୁ ପାଖ ରଖି ତୁଳି ଦେଖିଲେ ଉଭୟର ସାଧର୍ମ୍ୟ ବୁଝିହେବ । ଉଭୟର ମାନବ ଚେତନା 'ଷ୍ଟିଲ୍ ପଏଣ୍ଟ'ରେ ଉପନୀତ ହୋଇଛି । ଦିବ୍ୟାନୁଭୂତି ବଡ଼ ସମାନ୍ତରାଳ । ଉତ୍ତୀର୍ଣ୍ଣ ଚୈତନ୍ୟର ସେହି ଉପଲବ୍ଧିକୁ ରୂପ ଦେବାକୁ ଯାଇ କବି ଉଭୟର ସମାନ ଭାଷା ମଧ୍ୟ ବ୍ୟବହାର କରିଛନ୍ତି । ଗୋଟିଏ ଚୈତନ୍ୟର ଭାଷା ବା ଭିନ୍ନ ଭିନ୍ନ ହୁଅନ୍ତା କିପରି ? ପୃଷ୍ଠଭୂମି ଉଭୟର ପୁଣି ସେହି ଗୋଲାପୋଦ୍ୟାନ (rose garden) ।

ଈଶ୍ୱରାନୁଭୂତି :

And the pool was filled with water out of sunlight
And the lotos rose, quietly, quietly,
The surface glittered out of heart of light,
And they were behind us, reflected in the pool
Then a cloud passed, and the pool was empty.

—Burnt Norton, I

Digitized by PPRACHIN, SOA

ପ୍ରେମାନୁଭୂତି :

I only looked through the little door
When the sun was shining on the rose-garden
And heard in the distance tiny voices
And then a black raven flew over.

—The Family Reunion, Part II, Scene II,

ଅନ୍ତରରେ ଅନନ୍ତର ଉପଲବ୍ଧିହିଁ ପ୍ରେମ, ତାହା ନାରୀକୁ ଆଶ୍ରୟ କରି ହେଉ କି ଈଶ୍ୱରଙ୍କୁ ଆଶ୍ରୟ କରି ହେଉ । ଅହଙ୍କାର ରହିତ ପ୍ରେମ ଓ ଅହେତୁକ ଭକ୍ତି ଏକା କଥା । ପ୍ରେମ ଓ ଭକ୍ତିର ଚରିତାର୍ଥତାରେ କାଳ ମୋଚନୀୟ, ଷ୍ଟିଲ୍ ପଏଣ୍ଟରେ ମୃତ୍ୟୁ ଉତ୍ତରଣୀୟ ।

ଜୀବନାବନରେ ଶ୍ରୀଯୁକ୍ତ ଏଲିୟଟ୍‌ଙ୍କ Still point ବା ସ୍ଥିର-କେନ୍ଦ୍ରକୁ ଧ୍ରୁବଜ୍ଞାନ କରନ୍ତି । ସେ ସେହି 'ଷ୍ଟିଲ ପଏଣ୍ଟ'ର ନାମ ରଖିଛନ୍ତି ସପ୍ତମ ଋତୁ । ସପ୍ତମ ଋତୁ ବର୍ଷୋତ୍ତୀର୍ଣ୍ଣ କାଳ । ନାମଟି ବଡ଼ କବିତ୍ୱ-ପୂର୍ଣ୍ଣ । ଏହି ନାମଟିକୁ ପାଇବାକୁ କବିଙ୍କୁ କିଛି କମ୍ ସମୟ ଲାଗି ନାହିଁ । ଶ୍ରଦ୍ଧା ଓ ଅଭିନିବେଶ ଅବ୍ୟାହତ ରଖି ହୁଏତ ସେ ଦଶ ବର୍ଷ ଧରି ଏ ନାମଟିକୁ ଖୋଜିଛନ୍ତି । ମନୋମତ ନାମଟିଏ ପାଇବା ପୁଣି ଏତେ ଶ୍ରମ-ସାଧ୍ୟ ? ଏତେ ସମୟ ସାପେକ୍ଷ ? ୧୯୬୭ରେ ପ୍ରକାଶ ପାଏ କବିଙ୍କ 'ଅନେକ କୋଠରୀ' । ସେହି ସଙ୍କଳନର 'ଅନନ୍ତଶୟନ'ରେ କାବ୍ୟ-ନାୟକର ଚେତନା ଊର୍ଦ୍ଧ୍ୱଗାମୀ ହୋଇ କାଳୋତ୍ତୀର୍ଣ୍ଣକାଳକୁ ଛୁଇଁବା ମାତ୍ରେ ପୁଣି ଭୂଇଁକୁ ଖସି ପଡ଼ିଛି । ମୁହୂର୍ତ୍ତକ ପାଇଁ "ବନ୍ଦ ହେଲା କଲ୍‌କୁଲ ବହିବା ପବନ/ବନ୍ଦ ହେଲା ସମୁଦ୍ରରେ ଜାହାଜ ହଠାତ୍ ।" କବି କାଳୋତ୍ତୀର୍ଣ୍ଣ ଏହି କାଳର ନାମ ପାଇ ନାହାନ୍ତି, ପଚାରିଛନ୍ତି, "ଏ କଣ ପ୍ରଳୟ ତେବେ ? ମୃତ୍ୟୁ ?" ନେତି ପ୍ରକ୍ରିୟାରେ ଏହା ହେଲା ନାମ ଅନ୍ୱେଷଣର ପ୍ରଥମ ପର୍ବ । 'ସନ୍ଧିଗ୍ଧ ମୃଗୟା' (୧୯୭୧)ର 'ହୃଦୟେଶ୍ୱରୀ' ଓ 'ସମୟକୁ ଗୁଡେଇଟି ଦେଲ ଗୃହିଣି'ରେ ତଥାପି ସେ ନାମ ପାଇ ନାହାନ୍ତି । ପ୍ରଥମଟିରେ ଚେତନାର ସେହି ଉତ୍ତୀର୍ଣ୍ଣ ମୁହୂର୍ତ୍ତକୁ 'ସେ ଏକ

Digitized by PPRACHIN, SOA

ପୃଥକ ଋତୁ' ବୋଲି ସେ ଚିହ୍ନିତ କରିଛନ୍ତି । ମନପୂତ ହୋଇ ନାହିଁ । ତେଣୁ ଦ୍ୱିତୀୟଟିରେ 'ସେ ପୃଥକ ଋତୁ' ହୋଇଛି 'ସେ ଏକ ଅଜବ ବେଳା ।' ସ୍ୱପ୍ନ କି ଅବଚେତନ ମାନସିକତାରେ ଏ ଯେଉଁ କାଳାତୀତ ବାସ୍ତବତାର ପ୍ରବଳ ଉଦୟ ମୁହୂର୍ତ୍ତ ବେଳେବେଳେ ଉପସ୍ଥିତ ହୁଏ, ପରିଚିତ ଭାଷାରେ କି ତା'ର ସଙ୍ଗା ନିର୍ଦ୍ଦେଶ କରିହୁଏ ? ପରିଚିତ ଭାଷା ଯେ କେତେ ଅସମର୍ଥ ତାହା ଶ୍ରୀଉଥ ବେଶ୍ ଭଲ ଭାବରେ ଜାଣନ୍ତି । ଭାଷା'ର ଅସମ୍ପୂର୍ଣ୍ଣତା ବିଷୟ ସଦା ସଚେତନ ଥିବାରୁ ସେ ଚେତନାର ସେହି କାଳୋତୀର୍ଣ୍ଣ ତୁରୀୟ ଅବସ୍ଥାଟିକୁ ବୁଝାଇବାକୁ ପ୍ରତୀକଟିଏ ଖୋଜି ବୁଲିଛନ୍ତି । ସପ୍ତମ ଋତୁ (୧୨୭୭) ସେହି ଅନ୍ୱେଷଣର ଧନ । ବର୍ଷଗତ କାଳର ଛଅ ଋତୁ ବାହାରେ ଏହି ଋତୁ ସପ୍ତମ—କାଳୋତୀର୍ଣ୍ଣ କାଳ । ଅନନ୍ତ । ନିତ୍ୟ ବର୍ତ୍ତମାନ । ଏହି ନାମଟି ପଛରେ କବି ଏଲିୟଟଙ୍କ ପ୍ରେରଣା ଥିବା ଅସମ୍ଭବ ନୁହେଁ । ଏଲିୟଟ ତାଙ୍କ ସ୍ଟିଲ୍ ପଏଣ୍ଟର କାଳୋତୀର୍ଣ୍ଣତା ବୁଝାଇବାକୁ ନୂତନ ଋତୁଟିଏ ପରିକଳ୍ପନା କରନ୍ତି । ସେହି ଋତୁର ନାମ midwinter spring, 'Little Gidding'ର ପ୍ରଥମ ଭାଗଟିକୁ ମନେ ପକାନ୍ତୁ ।

Midwinter Spring is its own season
Sempiternal though sodden towards Sundown
Suspended in time, between pole and tropic.
................This is the Spring time
But not in time's covenant.

ସପ୍ତମଋତୁ ସେହି Midwinter spring ପରି ଏକ ଋତୁ ନିଶ୍ଚୟ । But not in time's covenant.—ଆମ ଋତୁଚକ୍ରର ବାହାରେ ତାହା ନିଜେ ନିଜର ହିଁ ଋତୁ ।

ଶ୍ରୀଉଥଙ୍କ କବିତାରେ ମୃତ୍ୟୁବୋଧର ପ୍ରାଧାନ୍ୟ ଦୃଷ୍ଟିରୁ ଅନେକେ ସପ୍ତମଋତୁକୁ ମୃତ୍ୟୁ ବୋଲି ଭାବନ୍ତି । ମୃତ୍ୟୁ ଜୀବନର ଏକ ପର୍ଯ୍ୟାୟ ନିଶ୍ଚୟ, ମାତ୍ର ତାହା ଏକ ଅନୁଭୂତି (state of experience) ନୁହେଁ । ଅନୁଭୂତିର ଚାରୋଟି ଅବସ୍ଥା : ଜାଗରଣ, ସ୍ୱପ୍ନ, ସୁଷୁପ୍ତି ଓ ତୁରୀୟ । ପ୍ରତ୍ୟେକଟି ଅବସ୍ଥା କାଳ ସଂହାନ୍ତ । ବହିର୍ଜଗତର ଅନୁଭୂତି

Digitized by PPRACHIN, SOA

ଘଟିଥାଏ ଉଭୟ ଜାଗରଣ ଓ ସ୍ୱପ୍ନରେ । ଜାଗରଣରେ କାଳ ବସ୍ତୁଗତ କାଳ (physical time), ସ୍ୱପ୍ନର କାଳ ଚିତ୍ତକାଳ (mental time), ସୁଷୁପ୍ତିର କାଳ ସାମୟିକ ସ୍ଥଗିତ କାଳ (temporary suspension of time) । ସୁଷୁପ୍ତିର ଅନୁଭୂତି ହେଉଛି ଅନୁଭୂତିଶୂନ୍ୟତା । ସାମୟିକ ସ୍ଥଗିତ କାଳକୁ କାଳୋତ୍ତୀର୍ଣ୍ଣତା କୁହାଯାଇ ପାରିବ ନାହିଁ । କେହି କେହି ସୁଖନିଦ୍ରା ଯାଇଥାନ୍ତି । ସେଠାରେ ନିଦ୍ରାନୁଭୂତିରେ ଦ୍ୱୈତ ଭାବନା, କାଳଜ୍ଞାନ ଓ ତଜ୍ଜନିତ ଯନ୍ତ୍ରଣା ନ ଥାଏ । ମାତ୍ର ସେହି ନିଦ୍ରାରେ ମଧ୍ୟ ମାୟା ବର୍ତ୍ତମାନ । ସୁଖନିଦ୍ରା ଯାଇଥିବା ଲୋକଙ୍କୁ ପଚାରିଲେ ସେମାନେ କହିବେ, ଆମେ ସୁଖରେ ଶୋଇଛୁ, ଆଉ ମଧ୍ୟ କିଛି ଜାଣି ପାରିନାହୁଁ । ତେଣୁ ସୁଷୁପ୍ତିର କାଳ କାଳୋତ୍ତୀର୍ଣ୍ଣ କାଳ ନୁହେଁ । ପ୍ରକୃତରେ ତୁରୀୟ ଅବସ୍ଥା ହେଉଛି କାଳୋତ୍ତୀର୍ଣ୍ଣ କାଳ । ତୁରୀୟ ଅର୍ଥ ଚତୁର୍ଥ । ଅନ୍ୟ ତିନୋଟିଠାରୁ ଏହି ଅନୁଭୂତିର ସ୍ୱାତନ୍ତ୍ର୍ୟ ବୁଝାଇବାକୁ ତା'ର ନାମ ରଖାଯାଇଛି ତୁରୀୟ । ଏଥିରୁ ମଧ୍ୟ ଶ୍ରୀରଥ ପ୍ରେରଣା ପାଇଥିବା ବିଚିତ୍ର ନୁହେଁ । କାଳୋତ୍ତୀର୍ଣ୍ଣ କାଳକୁ ଛଅ ଋତୁର ମର୍ତ୍ତ୍ୟକାଳଠାରୁ ସ୍ୱତନ୍ତ୍ର ପ୍ରତିପନ୍ନ କରିବାକୁ ସେ ସପ୍ତମ ଋତୁ ନାମଟିର ପରିକଳ୍ପନା କରି ପାରିଥାନ୍ତି । ତୁରୀୟ ଅନୁଭୂତି ହିଁ ସପ୍ତମ ଋତୁର ଅନୁଭୂତି । ଗୌଡ଼ପାଦ ମାଣ୍ଡୁକ୍ୟ କାରିକାରେ ସୁଷୁପ୍ତି ଓ ତୁରୀୟ ଅନୁଭୂତିର ପାର୍ଥକ୍ୟ ବୁଝାଇଛନ୍ତି, "ନାତ୍ମାନଂ ନ ପରଂ ଚୈବ ନ ସତ୍ୟଂ ନାପି ଚାନୃତମ୍, ପ୍ରାଜ୍ଞଃ କିଂଚନ ସଂବେତ୍ତି ତୁର୍ଯ୍ୟଂ ତତ୍ ସର୍ବଦୃକ୍ ସଦା" (୧, ୧୨) । ସୁଷୁପ୍ତି ଆତ୍ମ ପର କି ସତ୍ୟ ଅସତ୍ୟ କିଛି ଜାଣେ ନାହିଁ । କିନ୍ତୁ ତୁରୀୟ ସର୍ବଦୃକ୍ ସଦା—ସଦା ସବୁ ଦେଖେ । ଏଲିୟଟ୍‌ଙ୍କ still point ଓ ଶ୍ରୀରଥଙ୍କ ସପ୍ତମ ଋତୁ ଅନୁଭୂତିର ଏହି ତୁରୀୟ ଅବସ୍ଥା : କାଳୋତ୍ତୀର୍ଣ୍ଣ ଚେତନାର ଉପଲବ୍ଧି । ମୃତ୍ୟୁରେ ବ୍ୟକ୍ତିଗତ ମର୍ତ୍ତ୍ୟକାଳ ଚିରକାଳ ପାଇଁ ସ୍ଥଗିତ ରହେ । ସେଠାରେ ଚେତନା କାହିଁ ? ଅନୁଭୂତି କାହିଁ ? ଚେତନାଶୂନ୍ୟତା ଓ କାଳୋତ୍ତୀର୍ଣ୍ଣ ଅଭିଜ୍ଞତା ଦୁଇଟି ସମ୍ପୂର୍ଣ୍ଣ ପୃଥକ କଥା । ଶ୍ରୀରଥଙ୍କ କାବ୍ୟରେ ଉଭୟର ଅସ୍ତିତ୍ୱ ଅଛି । 'ଅନ୍ତିଥି ଝଙ୍କାର'ର କାବ୍ୟନାୟକ ପୁତ୍ରଶୋକରେ ଅଭିଭୂତ ହୋଇ ମୃତ୍ୟୁଭୀକ ପାଇଁ କାଳଜ୍ଞାନ ହରାଇଛି । ସେ କହୁଛି,

Digitized by PPRACHIN, SOA

"ମୁଁ ଧରିଲି ତା ଡାହାଣ ହାତ
ଆଉଁସିଲି ତା ମୁଣ୍ଡର କୋମଳ ବ୍ୟାଣ୍ଡେଜ
କଟିକଟି ଅନ୍ଧାରରେ ଚକ୍ ଚକ୍ ଚନ୍ଦ୍ର ଆଲୁଅରେ
ଯେତେବେଳେ ଚାରିଆଡ଼ ଝଲସୁଥିଲା ଉଜ୍ଜ୍ୱଳ ଖରାରେ ।"

ଏ କ'ଣ କାଳୋତ୍ତୀର୍ଣ୍ଣ ଅଭିଜ୍ଞତା ? ନା । କାଳଜ୍ଞାନ ଅବଲୁପ୍ତ । ମାନସିକ ସ୍ଥୈର୍ଯ୍ୟ ଓ ଶାନ୍ତ ଅନ୍ତର୍ହିତ । ଏହା ପ୍ରକୃତରେ କାଳଜ୍ଞାନହୀନତା ବା ନଷ୍ଟଚେତନତା । ଏଠାରେ ସବୁ ସମସ୍ତ ମିଶି ଏକାକାର ହୋଇ ଉଠିଛନ୍ତି । କଟି କଟି ଅନ୍ଧାର, ଚକ୍ ଚକ୍ ଚନ୍ଦ୍ରାଲୋକ ଓ ଉଜ୍ଜ୍ୱଳ ଖରା ଏକ ଓ ଅଭିନ୍ନ । ତୁରୀୟାବସ୍ଥା କିନ୍ତୁ ଉତ୍ତୀର୍ଣ୍ଣ ଚେତନାର ଅବସ୍ଥା । ଜନ୍ମମରଣ ହାତରୁ ମୁକ୍ତି ପାଇବାକୁ ସିଦ୍ଧ ସାଧକବର୍ଗ ଯୁଗେ ଯୁଗେ ଏହି ଅବସ୍ଥାରେ ଉନ୍ନୀତ ହେବାପାଇଁ ସାଧନା କରିଥାନ୍ତି । ମୃତ୍ୟୁ ମଧ୍ୟ ମୁକ୍ତି ଦିଏ । କିନ୍ତୁ ତା ପାଇଁ ତପସ୍ୟାର ପ୍ରୟୋଜନ କ'ଣ ? ଯେ କେହି ଚାହିଁଲେ ଆତ୍ମହତ୍ୟା କରି ପାରନ୍ତି କିମ୍ବା ଧୈର୍ଯ୍ୟର ସହିତ ନିଜର ଅବଶ୍ୟମ୍ଭାବୀ ମୃତ୍ୟୁକୁ ଅପେକ୍ଷା କରି ପାରନ୍ତି । ସେଠାରେ କିନ୍ତୁ ଚେତନାର ଉତ୍ତରଣ ଆଶା କରିବା ବୃଥା । ମୃତ୍ୟୁ ଜୀବନର ପରିପୂର୍ଣ୍ଣତା ନୁହେଁ, ପରିପନ୍ଥୀ । ଶ୍ରୀରଥ ମଧ୍ୟ ଜୀବନକାଳ ମଧ୍ୟରେ ଜୀବନାତୀତକୁ ଉପଲବ୍ଧି କରିବାକୁ ଚାହାନ୍ତି । କାବ୍ୟସାଧନା ତାଙ୍କର ସପ୍ତମଋତୁର ସାଧନା । ତେଣୁ ସପ୍ତମଋତୁ କେବେ ମୃତ୍ୟୁ ହୋଇ ନ ପାରେ । ତାହା ଅନନ୍ତ ଆସ୍ୱାଦନର ଋତୁ; ନିତ୍ୟ, ସତ୍ୟ ଓ ଆନନ୍ଦର ଋତୁ । ସେହି ଋତୁରେ କାଳ ଉତ୍ତାର୍ଯ୍ୟ, ମୃତ୍ୟୁ ପ୍ରତିକାର୍ଯ୍ୟ । ସପ୍ତମଋତୁ ପାଇଁ କବିଙ୍କ ବ୍ୟାକୁଳ ଆଗ୍ରହ ଦେଖନ୍ତୁ । ଅଖଣ୍ଡ ଦଣ୍ଡାୟମାନ ଶୀତଳ ମୃତ୍ୟୁସିନ୍ଧୁ ନିକଟରେ ସେ ରାତିଟିଏର ଏହି ଅମୃତ ଅବକାଶ ପ୍ରାର୍ଥନା କରୁଛନ୍ତି,

"ହେ ଶୀତଳ ସମୁଦ୍ର ମୁଁ ଆଜକ ନ ଫେରେଁ
ତମ ନିକଟକୁ, ଆଜି ରାତି ସାରା
ବୁଲୁଥାଏଁ କକ୍ଷଚ୍ୟୁତ ତାରାଙ୍କ ସାଙ୍ଗରେ ।

\+ + +

Digitized by PPRACHIN, SOA

କାଲି ପଛେ ମନଇଚ୍ଛା ଗର୍ଜନ କରିବ
ଦିଗ୍‌ବିଦିଗେ ମାଡ଼ିଯିବ, ତମର ଶୃଙ୍ଖଳ
ଶୂନ୍ୟ ଅଭ୍ୟନ୍ତରକୁ ମୋ ସତ୍ତା ଶୋଷିନେବ ।
ଆଜି କିନ୍ତୁ ଗ୍ରୀଷ୍ମଦଗ୍ଧ ମୋ ଆତ୍ମାକୁ
ବୁଲିବାକୁ ନିର୍ଭୟ ଭାବରେ
ଆଜି ସେ ପାଲଟିଯାଇ ସ୍ୱପ୍ନଟିଏ
ଅନ୍ୟ ଏକ ସୁନ୍ଦର ସ୍ୱପ୍ନରେ
ଆଜି ସେ ନଖୋଜ ହେଇ ଫୁଟିଆସୁଥିବା
କଢ଼ିର ଆନନ୍ଦେ, ସନ୍ଧ୍ୟାବେଳେ କଣ
ଏ ଯାଏଁ ନ ଜାଣି ଥିବା ଆଲୋକ ରଶ୍ମିରେ ।
ଜନ୍ମ ଜନ୍ମ ହତାଶରେ ମୁଁ ଖୋଜୁଛି
ସ୍ୱାଧୀନତା ଆଜିର ଉତ୍ତର ।

\+ + +

ଶାଗୁଣାଙ୍କୁ ଦେଇଛି ମୋ ଶରୀର, ତମକୁ
ଦେଇଛି ମୋ ସାରା ଭବିଷ୍ୟତ,
ଆଜି କିନ୍ତୁ କାକର ଓ ଚନ୍ଦ୍ର କିରଣରେ
ବାସୁଥିବା ପୁନରୁଜ୍ଜୀବିତ
ଫୁଲଙ୍କର ମାଳଟିଏ ଏକମାତ୍ର ଇଚ୍ଛାର ବେକରେ
ପିନ୍ଧାଇ କରିବ ତାକୁ ବିସ୍ମୟାଭିଭୂତ ।

ମୋ ଅହଂକାରକୁ ଆଜି ପ୍ରଥମ ଥର ମୁଁ
ପରିଣତ କରିଦେବି ଦୀର୍ଘ ନିଃଶ୍ୱାସରେ
ସମୁଦାୟ ସମୟ ମୁଁ ଏକାଠି ଧରିବି
ଆଉ ଥରେ ତୁଆରି ହାତରେ,
ଦୁଃଖ କଷ୍ଟ ପୋଛି ଦେବି ସ୍ୱରରୁ, ମୁଁ କେଉଁ
ଉଷ୍ଣ ମଣ୍ଡଳର ଦେଶେ ଗୋଟିଏ ଝରଣା
ହୋଇ ଯିବି, କୁଳୁକୁଳୁ ଶବ୍ଦ ଶୁଭୁଥିବ

Digitized by PPRACHIN, SOA

କଥା କହୁଥିବା ବେଳେ, ବହୁଦୂରକୁ ଉଲ ଯାଇବାର
ଉଲ୍ଲାସର ପ୍ରତିଧ୍ୱନି ପବନରେ ଭାସି ଆସୁଥିବ ।

—ଶରତର ସତ୍ତଟିଏ ୧୭

ଏହି ଶରତର ସତ୍ତଟି ସପ୍ତମ ଋତୁ—ଷ୍ଟିଲ୍ ପଏଣ୍ଟ । ସବୁ ସମୟ ଏକାଠି: all is always now । ଆତ୍ମ ବିସର୍ଜନରେ ଏଠାରେ ଆତ୍ମଫୂରଣ ଘଟେ । ବ୍ୟକ୍ତିସତ୍ତାର ଅମୋଘ କ୍ଷଣିକତା ଘୁଞ୍ଚିଯାଏ । ଦୁଃଖ ଓ ବ୍ୟର୍ଥତା ହାତରୁ ମୁକ୍ତି ମିଳେ, ପ୍ରେମର ଅପାର ଉଲ୍ଲାସରେ ମନପ୍ରାଣ ପୂରିଯାଏ । କିନ୍ତୁ ନିର୍ମମ ମୃତ୍ୟୁ କି ମୁକ୍ତି ଦେବ ? ପ୍ରାର୍ଥନା ଶୁଣିବ ? ମୃତ୍ୟୁକୁ ପରିଶୀଳିତ ଶକ୍ତି ବଳରେ ଅତିକ୍ରମ କରିବାକୁ ହୁଏ, ଅସହାୟ ପ୍ରାର୍ଥନାରେ ନୁହେଁ । କବିଙ୍କ ପ୍ରାର୍ଥନାରୁ ତାଙ୍କ ନିରୂପାୟତା ବୁଝିହୁଏ । ସହଜାତ ସାମର୍ଥ୍ୟ କି ପରିଶୀଳିତ ଶକ୍ତି, ତାଙ୍କର ସପ୍ତମଋତୁକୁ ଉତ୍ତୀର୍ଣ୍ଣ ହେବାକୁ କୁଳଉ ନାହିଁ । ସେ ହତୋଦ୍ୟମ, କ୍ଳାନ୍ତ । ତେବେ ସୁଖର କଥା ଯେ, କଳ୍ପନା ଓ ଏଷଣା ତାଙ୍କର କାହିଁ ନିଶ୍ଚେଷ୍ଟ ହୋଇ ନାହିଁ, ଆଶାଶ୍ୱତର ପ୍ରତ୍ୟାଶା ଛୁଡ଼ି ନାହିଁ । ଦିନେ ହୁଏତ ସପ୍ତମଋତୁର ସୁଦିନ ଆସିବ । ଏବେ ଆମେ ତାଙ୍କ ଅନୁତ୍ତରଣୀୟ ଅକ୍ଷମତା ଓ ମହତ୍ତର ସାମର୍ଥ୍ୟର ଦ୍ୱନ୍ଦ୍ୱ ଲକ୍ଷ୍ୟ କରିପାରିବା ।

ଦଶ :

ସପ୍ତମଋତୁରେ କାଳ ମୋଚନୀୟ ଓ ମୃତ୍ୟୁ ଉତ୍ତରଣୀୟ । ତେବେ ଏହି ଋତୁକୁ ଉତ୍ତୀର୍ଣ୍ଣ ହେବାର ମାର୍ଗ କ'ଣ ? ସାମର୍ଥ୍ୟ କ'ଣ ? ଭାରତୀୟ ଧର୍ମ ଓ ଦର୍ଶନରେ ହଠଯୋଗ, ରାଜଯୋଗ, କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗର ମାର୍ଗ ନିର୍ଦ୍ଦେଶ କରି ଯାଇଛୁ । ତନ୍ମଧ୍ୟରୁ

---

୧୭ । କବିତାଟି 'ସମାବେଶ'ରେ ପ୍ରକାଶିତ । ଦ୍ରଷ୍ଟବ୍ୟ ସମାବେଶ, ଏପ୍ରିଲ-ମେ-ଜୁନ '୧୯୭୯ ।

Digitized by PPRACHIN, SOA

କୌଣସିଟି ଶ୍ରୀରଥଙ୍କ ପାଇଁ ପ୍ରଶସ୍ତ ନୁହେଁ । ହଠଯୋଗ ଓ ରାଜଯୋଗ ସିଦ୍ଧ ସାଧକଙ୍କ ମାର୍ଗ—ଆସନ ପ୍ରାଣାୟାମାଦି ସାପେକ୍ଷ । ଅନ୍ୟ ପକ୍ଷରେ କର୍ମ, ଜ୍ଞାନ ଓ ଭକ୍ତି ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ପଡ଼ିଲେ ବେଶ୍ ଅନ୍ଧ, ଅଶୋଧିତ ଓ ବିପଜ୍ଜନକ ହୋଇ ଉଠନ୍ତି । ତଥାକଥିତ ଧାର୍ମିକମାନଙ୍କ ମୂର୍ଖତା ଓ ସାମ୍ପ୍ରଦାୟିକତା ଜଣାଶୁଣା କଥା । ଶ୍ରୀରଥ ପୁଣି ତେଣୁ କବି ଏଲିୟଟଙ୍କ ମୁହଁକୁ ଚାହିଁଛନ୍ତି, 'ଦି ଫାମିଲି ରିଇଉନିୟନ'ର ହ୍ୟାରି ଏମିତି ଆଗାଥାଙ୍କ ମୁହଁକୁ ଚାହିଁଥିଲା । ଦିବ୍ୟ ପ୍ରେମ ହିଁ ସନ୍ତ୍ରମ-ରଜ୍ଜୁକୁ ଉତ୍ତୀର୍ଣ୍ଣ ହେବାର ମାର୍ଗ ଓ ସାମର୍ଥ୍ୟ । ଯେତେଦୂର ସମ୍ଭବ କବି ଏଲିୟଟ ଆମ ଶ୍ରୀମଦ୍ଭଗବତ ଗୀତାର ଯୋଗସମନ୍ୱୟକୁ ଏହି ଦିବ୍ୟ ପ୍ରେମ ମଧ୍ୟରେ ଅନୁସ୍ୟୂତ ରଖିଛନ୍ତି । ତାଙ୍କ ପାଇଁ କର୍ମଜ୍ଞାନଭକ୍ତିର ସମନ୍ୱୟ ସିଧା ଈଶ୍ୱରଙ୍କ ସହିତ ମାନବାତ୍ମାର ମିଳନ ଘଟାଇ ପାରେନା । ଏଥିପାଇଁ ସେ ଖ୍ରୀଷ୍ଟଧର୍ମର କରୁଣାକୁ ମଧ୍ୟ 'ଫୋର୍ କ୍ୱାର୍ଟେଟସ୍'ରେ ଅବଶ୍ୟ ପ୍ରୟୋଜନୀୟ ବୋଲି ଭାବନ୍ତି ନାହିଁ । ପ୍ରେମ ମଧ୍ୟରେହିଁ ପୂର୍ଣ୍ଣଯୋଗର ସମ୍ଭାବନା ନିହିତ । ପ୍ରେମହିଁ କର୍ମର ମୁକୁଟ ଓ ଜ୍ଞାନର ସୁରଭି । ସେହି ପ୍ରେମବଳରେ ସନ୍ତ୍ରମରଜ୍ଜୁର ପ୍ରଗାଢ଼ତାକୁ ଆବୋହଣ କରାଯାଇ ପାରେ, ବିଚ୍ଛିନ୍ନତାବୋଧର ଦୁଃଖ ଭୋଗ ମଧ୍ୟରୁ ମୁକ୍ତି ମିଳେ, ଆନନ୍ଦ ବ୍ରହ୍ମଙ୍କ ଅନନ୍ତତ୍ୱ ମଧ୍ୟରେ ବିଦ୍ୟମାନ ଶାନ୍ତି ଓ ନିସ୍ତବ୍ଧତାରେ ନିମଜ୍ଜିତ ହୋଇ ହୁଏ, ତାଙ୍କ ପରିପୂର୍ଣ୍ଣତା ଓ ଐଶ୍ୱର୍ଯ୍ୟମୟତା ମଧ୍ୟରେ ଯେଉଁ ପରମ ଗମ୍ଭୀରତା ଅଛି ତାକୁ ମଧ୍ୟ କଳିହୁଏ । ଦିବ୍ୟପ୍ରେମ ସନ୍ତ୍ରମରଜ୍ଜୁର ସିଂହଦ୍ୱାର । କବି ଏଲିୟଟ ଏହି ପ୍ରେମର ଦୁଇଟି ରୂପ ପରିକଳ୍ପନା କରନ୍ତି : ପ୍ରେମ (Love) ଓ ଈଶ୍ୱର ପ୍ରେମ (Devine Love) । ଆଗାଥା ହ୍ୟାରିକୁ ବୁଝାଇଛି,

> There are hours when there seems to be no
> past or future
> Only a present moment of pointed light
> When you want to burn, When you
> stretch out your hand
> To the flames. They only come once,

Digitized by PPRACHIN, SOA

Thank God, that kind. Perhaps there is
another kind,
I believe, across a whole Thibet of broken
stones
That lie, fang up, a life time's march. I have
believed this.

—part II, scene II.

କବି ଶ୍ରୀରଥ ଏହିଠାରୁ ମାର୍ଗ ପାଇଛନ୍ତି । ତାଙ୍କର ସାମର୍ଥ୍ୟ ପ୍ରେମ । ପ୍ରେମ ହୋଇପାରେ ଈଶ୍ୱରପ୍ରେମ, ନ ହେଲେ ବା ନାସ୍ତିପ୍ରେମ । ଏଲିୟଟ୍‌ଙ୍କ ପ୍ରଭାବ ଏଇ ପର୍ଯ୍ୟନ୍ତ । ସେ ପଥର ସନ୍ଧାନ ଦେଇଛନ୍ତି ମାତ୍ର, ପଦକ୍ଷେପର ଛନ୍ଦଟି ଶ୍ରୀରଥଙ୍କର ନିଜସ୍ୱ । କବି ଏଲିୟଟ୍ ଆଧ୍ୟାତ୍ମିକ ସତ୍ୟରେ ଗଭୀର୍‌ବିଶ୍ୱାସୀ । ରୋମାନ୍ କ୍ୟାଥଲିକ୍ ଧର୍ମ ତାଙ୍କର ପ୍ରଧାନ ଉପଜୀବ୍ୟ । ଶ୍ରୀରଥ ମଧ୍ୟ କିଛି କମ୍ ଆଧ୍ୟାତ୍ମିକ ନୁହନ୍ତି । ସେ କାବ୍ୟ-ଗୁରୁଙ୍କଠାରେ ହୃଦୟର ସାହଚର୍ଯ୍ୟ, ଅଭିବନଭୂର ଗରିମା ଓ ସଦର୍ଥକ ମନନବୈଚିତ୍ର୍ୟ ଖୋଜି ପାଇଛନ୍ତି ନିଶ୍ଚୟ । ମାତ୍ର ତାଙ୍କ ପରି ସେ ଶାସ୍ତ୍ରନିର୍ଭର ବାଧାଧରା ଧର୍ମବିଶ୍ୱାସ ଓ ଆଚାର ଅନୁଷ୍ଠାନ କୋଳରେ ଆଶ୍ରୟ ନେଇ ପାରନ୍ତି ନାହିଁ । ସନ୍ଦିଗ୍ଧାତ୍ମା ସେ ସବୁ ବିଷୟରେ ଏପରିକି ନିଜ ବିଷୟରେ ମଧ୍ୟ ସନ୍ଦେହୀ । ତେଣୁ ଏଲିୟଟ୍‌ଙ୍କ ପ୍ରଭାବର ସୀମା ଅଛି । କବିତା ଯେବେ ସତତା-ପ୍ରସୂତ ଅଭିଜ୍ଞତା ଓ କଳ୍ପନା ପ୍ରତିଭାର ସନ୍ତାନ ହୁଏ, ତେବେ କବିତା ତାଙ୍କର ନିଜସ୍ୱତାର ଉଦାର ଉନ୍ମୁକ୍ତ ଅଙ୍ଗନରେ ଭୂମିଷ୍ଠ ହୋଇଛି । ସେ ଅବଚେତନରେ ଏଲିୟଟ୍‌ଙ୍କ କବିତାଦ୍ୱାରା ଅନୁଭାବିତ ହେଉଛନ୍ତି ଅବଶ୍ୟ, ମାତ୍ର ଅକପଟ ସତତା-ପ୍ରସୂତ ଅଭିଜ୍ଞତାରୁ କାହିଁ ବିଚ୍ୟୁତ ହେଉନାହାନ୍ତି । କବିତାରେ ଅକପଟ ସତତାହିଁ ମୌଳିକତା: the virtue of originality that men so strive after is not newness it is only genuineness. (Ruskin) ।

Digitized by PPRACHIN, SOA

ଏଗାର :

"ତଂ ବେଦ୍ୟଂ ପୁରୁଷଂ ବେଦ ମା ବୋ ମୃତ୍ୟୁ ପରିବ୍ୟଥାଃ"— ଯାହାଙ୍କୁ ଜାଣିବାର କଥା ସେହି ଦିବ୍ୟ ପୁରୁଷଙ୍କୁ ମନପ୍ରାଣରେ ଉପଲବ୍ଧି କର, ନ ହେଲେ ମୃତ୍ୟୁବେଦନା ଅନପନେୟ । ଉପନିଷଦର ବାଣୀ ବୈତଥ୍ୟ ହେବାର ନୁହେଁ । ସେହି ପୁରୁଷ ପରମ ସତ୍ୟ, ସେହି ହିଁ ପରମ ମଙ୍ଗଳମୟ ପ୍ରେମମୂର୍ତ୍ତି ଭଗବାନ । ଜୀବନରେ ତାଙ୍କ ଦିବ୍ୟ ସ୍ପର୍ଶ ଅନୁଭବ କଲେ ମଣିଷ ସତ୍ୟ ଓ ଆଲୋକର ଅଧିକାରୀ ହୁଏ । ଚିରକାଳ ମଣିଷ ତେଣୁ ଈଶ୍ୱରଙ୍କ ସ୍ୱରୂପ ଅନୁଭବ କରିବାକୁ ଚାହିଁଛି, ଚେତନାରେ ତାଙ୍କର ପୂତ ସ୍ପର୍ଶ ଲାଭ କରିବାକୁ କାମନା ପୋଷିଛି, ବିଶୁଦ୍ଧ ସତ୍ୟ ଓ ଅବିମିଶ୍ର ଆନନ୍ଦ ଲାଗି ଆକାଙ୍କ୍ଷା ରଖିଛି । ଏହା ହିଁ ମାନବାତ୍ମାର ସର୍ବୋଚ୍ଚ ଆକାଂକ୍ଷା । ଏହା ହିଁ ମଧ୍ୟ ଶ୍ରୀ ରଥଙ୍କ କାବ୍ୟନାୟକର ପରମ ଆକାଙ୍କ୍ଷା । ମୁକ୍ତି, ଆଲୋକ ଓ ଅମରତ୍ୱ ଭିନ୍ନ ଅନ୍ୟ କୌଣସିଥିରେ ସେ କେବେ ସନ୍ତୁଷ୍ଟ ହୋଇ ପାରିବ ନାହିଁ । କିନ୍ତୁ ତା ପାଇଁ ଭଗବାନ କାହାନ୍ତି ? ପରମାର୍ଥ ସତ୍ୟ କାହିଁ ? ସତ୍ୟର ସମ୍ମୁଖୀନ ହେବା ପାଇଁ ମାନସିକ ପରିଣତି କାହିଁ ? କାହିଁ ବା ଦ୍ୱିଧାହୀନ ଆସ୍ତିକ୍ୟ ଓ ହାର୍ଦ୍ଦିକ ଧୈର୍ଯ୍ୟ ? କାମନା ଅଛି, ପ୍ରତ୍ୟାଶା ଅଛି, ପ୍ରତୀକ୍ଷା ଅଛି, ଅଛି ମଧ୍ୟ ଅନ୍ୱେଷଣ । କିନ୍ତୁ ବିଶ୍ୱାସ କାହିଁ ? ତେଣୁ ଶେଷ ପର୍ଯ୍ୟନ୍ତ ଈଶ୍ୱର ଚେତନା ରୂପ ଦିବ୍ୟାନୁଭୂତିର ସମ୍ଭ୍ରମ ରତ୍ନ ଅନୁପଲବ୍ଧ ରହୁଛି । ପରିବ୍ୟାପ୍ତ ନୈରାଶ୍ୟ ବିଷାଦର ଘନାୟମାନ ଅନ୍ଧକାରରୁ ନିଷ୍କ୍ରମଣର ବାଟ ମିଳୁନାହିଁ । ଶ୍ରୀରଥ ସାଧାରଣ ମଣିଷଠାରେ ପ୍ରେମ, ଶକ୍ତି ଓ ମଙ୍ଗଳାକାଂକ୍ଷା ଲକ୍ଷ୍ୟ କରନ୍ତି, ମାତ୍ର ସେଗୁଡ଼ିକର ଚରିତାର୍ଥତା ଦେଖନ୍ତି ନାହିଁ ।

ଈଶ୍ୱର ଉପଲବ୍ଧି ପରମ ମୁହୂର୍ତ୍ତର ଚରମ ଚୈତନ୍ୟଦ୍ୟୁତି । ଶ୍ରୀରଥଙ୍କ କବିଜୀବନରେ ସେହି ଉପଲବ୍ଧି ସତ୍ୟ ଓ ସାର୍ଥକ ହୋଇ ଉଠିନାହିଁ । ଯେଉଁ ମହତ୍ତମ ବୃତ୍ତିର ପ୍ରେରଣାରେ ମାନବାତ୍ମା ନିରନ୍ତର ଈଶ୍ୱର ସନ୍ଧାନ ତତ୍ପର, ସେହି ବୃତ୍ତିକୁ ଯେବେ ଧର୍ମବୋଧ କୁହାଯାଏ ତେବେ

Digitized by PPRACHIN, SOA

ଶ୍ରୀରଥଙ୍କ ଧର୍ମବୋଧ ଅବିସମ୍ବାଦିତ । କିନ୍ତୁ ସେହି ଧର୍ମବୋଧର ଈଶ୍ୱର ବିଶ୍ୱାସପରିପୂର୍ଣତା ଯାଙ୍କୁ ଦ୍ୱିଧାହୀନ ଆଶା ଓ ଦୃଢ଼ ଆତ୍ମପ୍ରତ୍ୟୟ ତାଙ୍କର ନାହିଁ । ସେ ବଡ଼ ସ୍ୱଚ୍ଛବାକ୍ । ସେ ସ୍ପଷ୍ଟ ଜାଣିଥିଲେ ଓ ଜଣାଇଛନ୍ତି ଯେ, ଈଶ୍ୱର ବିଷୟକ କୌଣସି ପ୍ରକାର ପ୍ରତ୍ୟକ୍ଷ କି ପରୋକ୍ଷ ଅଭିଜ୍ଞତା ତାଙ୍କର ନାହିଁ । ବିଶ୍ୱାସ ଯାହାର ଅକ୍ଷମ ଓ ସନ୍ଦିଗ୍ଧ, ତାଙ୍କ ପାଇଁ ଚୈତନ୍ୟ ଦୁଃଖର ମହାମୃତ ଛିଡ଼ି ସହସା ସହସ୍ର ବିଦ୍ୟୁନ୍ନିହିପରିଭରିତ' ଉଦୟ ହୁଅନ୍ତା କିପରି ? ସେ ଶୁଣିଥିଲେ ଓଡ଼ିଆ ସାହିତ୍ୟର ତଥାକଥିତ ବ୍ରହ୍ମଜ୍ଞମାନଙ୍କ ପରି ଈଶ୍ୱର ବିଷୟକ ମତ ଓ ତତ୍ତ୍ୱ ଯେନତେନ ଗୁଡ଼ାଏ ଗୀତାଫର୍ଦ୍ଦତା ଲେଖି ପାରନ୍ତେ ନିଶ୍ଚୟ । କେଉଁ ମୂଢ଼ ପୁଣି ତାହା ନ ଯାଚିବ ? ଜୀବପରମ କି ଇଡ଼ାପିଙ୍ଗଳାଦି ଶବ୍ଦ କେତୋଟି ହେଲେ ହୋଇଯାଏ ଓଡ଼ିଆଙ୍କ ପାଇଁ ଗୀତାଫର୍ଦ୍ଦତା; ନ ଥାଉ ପଛେ ପରମାତ୍ମାଙ୍କ ସହିତ ଜୀବାତ୍ମାର ପରିପୂର୍ଣ୍ଣ ପ୍ରେମ ସମ୍ବନ୍ଧରେ କୌଣସି ପ୍ରକାର ପରୋକ୍ଷ ବା ପ୍ରତ୍ୟକ୍ଷ ଉପଲବ୍ଧି ! କିନ୍ତୁ ବିନା ଉପଲବ୍ଧିରେ କବିତା ଲେଖିହୁଏ ନାହିଁ । ସୁସ୍ପଷ୍ଟ ଉପଲବ୍ଧିର ସୁଦକ୍ଷ ପ୍ରକାଶ କବିତା ନୁହେଁ କି ? ଯେଉଁ କବିଙ୍କ ଜ୍ଞାନରାଜ୍ୟରେ ଈଶ୍ୱର ଚେତନାରୂପ ଦିବ୍ୟାନୁଭୂତି ବିଦ୍ୟୁତ ଉଦ୍ଭାସନ ପରି ପ୍ରତ୍ୟକ୍ଷ ବିଚ୍ଛୁରିତ ହୋଇନାହିଁ, ସେ କେବଳ ଗୀତାଭାଗବତ ପଢ଼ି ସେହି ବିଷୟରେ ଏକ କାଳ୍ପନିକ ଭାବାବେଗ ପ୍ରସ୍ତୁତ କରି ନେଇ ଲେଖି ବସିଲେ, ତାଙ୍କ ରଚନା ଆଉ ଯାହା କିଛି ହେବ ପଛେ କେବେ କବିତା ହୋଇ ପାରିବ ନାହିଁ । ଶ୍ରୀରଥ ଯେ ଈଶ୍ୱରାନୁଭୂତିରୁ ବଂଚିତ, ଏକଥା ସେ ତାଙ୍କ 'ବାଘ-ଶିକାର' 'ବର୍ଷାଋତୁ' ଓ 'ଗ୍ରୀଷ୍ମଋତୁରେ ରେଳଯାତ୍ରା ।' ଆଦି କବିତାରେ କହି ରଖିଛନ୍ତି । ସ୍ୱଚ୍ଛ ସହଜ ଆନ୍ତରିକତା ଏହିସବୁ ରଚନାକୁ କବିତା ରୂପେ ଉତ୍କର୍ଷ ପ୍ରଦାନ କରୁଛି । ଆଧ୍ୟାତ୍ମିକ ପଙ୍ଗୁତା ତାଙ୍କର ବାର୍ଦ୍ଧକ୍ୟ ।

'ବାଘଶିକାର'ର ବାଘ ଦେଶକାଳାତୀତ ପରମାର୍ଥ ସତ୍ୟର ପ୍ରତୀକ । ଦୃଢ଼ ଆଶା ଓ ଆସ୍ତିକ୍ୟ ତଥା ନିସନ୍ଦିଗ୍ଧ ନିର୍ଭରତାବଳରେ ସେହି ଉଦ୍ଧ୍ୱ ଚନ ସତ୍ୟକୁ ପ୍ରାଣରେ ଉପଲବ୍ଧି କରିଯାଇ ପାରେ । ମାତ୍ର ମୃଗୟା ଯାର ସନ୍ଦିଗ୍ଧ, ତାଙ୍କ ପାଇଁ ବାଘଶିକାର ଏକ ପ୍ରକାର ଅସମ୍ଭବ

Digitized by PPRACHIN, SOA

କଥା ନୁହେଁ କି ? ସନ୍ଧଗ୍ଧାମ୍ବର ସତ୍ୟଦର୍ଶନ କାହିଁ ? ସେହିପରି କବି ଶ୍ରୀରଥ କାବ୍ୟଗୁରୁ ଏଲିୟଟ୍‌ଙ୍କ ପ୍ରଭାବ ଅତିକ୍ରମ କରି ପାରି ନ ଥାନ୍ତି । ତାଙ୍କ କାବ୍ୟଚେତନା ମଧ୍ୟ 'ଦି ଓ୍ୱେଷ୍ଟ ଲ୍ୟାଣ୍ଡ' ଓ 'ଜେରୋନସନ୍'ର ମରୁପ୍ରଦେଶରୁ ଉତ୍ତୀର୍ଣ୍ଣ ହୋଇ ପାରି ନ ଥାଏ । ତେଣୁ 'ବାଘଶିକାର'ରେ 'ଦି ଓ୍ୱେଷ୍ଟ ଲ୍ୟାଣ୍ଡ' ଓ 'ଜେରୋନସନ'ର ଶ୍ଳେଷବଙ୍କ ଭାଷଣ ଦୁର୍ଲକ୍ଷ୍ୟ ରହେ ନାହିଁ । ଉକ୍ତ କବିତା ଦୁଇଟିର ଥୀମ୍ ଯାହା, ତାହା ହିଁ ମଧ୍ୟ ବାଘଶିକାରର ଥୀମ୍ : ଜୀବନ୍ତ ମରଣ (death in life) ଓ ନବ ଜୀବନ(life in death)ର ଦ୍ୱନ୍ଦ୍ୱ ଓ ମୂଲ୍ୟାୟନ । ଜୀବନ୍ମୃତ୍ୟୁରେ ଯା'ର ଶାନ୍ତି ଓ ସୁସ୍ଥତା ତାଙ୍କ ପାଇଁ ନବ୍ୟ ଜୀବନର ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ବଡ଼ ଭୟାବହ । ରୌଦ୍ର ଜ୍ୱାଳାରେ ଯା'ର ସନ୍ତାପ ଦୂର ହୁଏ, ବର୍ଷା ଋତୁ ତାଙ୍କ ପାଇଁ ନିଷ୍ଠୁର ଓ ନିର୍ମମ ନ ହେବ କିପରି ? ସେଥିପାଇଁ ତ 'ଦି ଓ୍ୱେଷ୍ଟ ଲ୍ୟାଣ୍ଡ'ରେ "April is the cruelest month" — 'ବର୍ଷାଋତୁ ନିଷ୍ଠୁର ନିର୍ମମ ।' 'ଦି ଫାମିଲି ରିଇଉନିୟନ'ରେ ମଧ୍ୟ ନବ ଜୀବନର ସମ୍ଭାବନାକୁ ମୃତ୍ୟୁମୋହ ଏମିତି ଭୟ କରନ୍ତି, 'Is the spring not an evil time, that excites us with lying voices ? 'ବାଘଶିକାର'ରେ ଠିକ୍ ସେହି ଶ୍ଳେଷ—ନିରର୍ଥକ ଜୀବନକୁ ଯେ ପ୍ରୀତିମୟ କୁସୁମପର୍ଯ୍ୟାୟ ବୋଲି ମନେ କରନ୍ତି, ତାଙ୍କ ପାଇଁ ଉର୍ଦ୍ଧ୍ୱତନ ସତ୍ୟ ବାଘ ପରି ହିଂସ୍ର ଓ ନିର୍ମମ ହେବ । କବି ପ୍ରତୀକଟିକୁ ସିଧା 'ଜେରୋନସନ୍'ରୁ ସଂଗ୍ରହ କରିଛନ୍ତି,

In the juvescence of the year
Came Christ the tiger.
+ + +
The tiger springs in the new year. Us he
devours.

—Gerontion

ବୁଢ଼ା(Gerontion)ର ଭୟ କାହାକୁ ? ବୁଢ଼ାର ଭୟ ନବ୍ୟ ଜୀବନର ପ୍ରତୀକ ଖ୍ରୀଷ୍ଟଙ୍କୁ । ତାଙ୍କ ପାଇଁ ଯୀଶୁଖ୍ରୀଷ୍ଟ ଆକ୍ରମଣୋଦ୍ୟତ ରକ୍ତମୁଖା

Digitized by PPRACHIN, SOA

ବ୍ୟାଘ୍ର ପରି ହିଂସ୍ର ଓ ନିର୍ମମ । ଏକଦା ଅସଭ୍ୟ ମଣିଷ ପାଇଁ ଭଗବାନ ଥିଲେ ଭୟର ପାତ୍ର, ସଭ୍ୟତା ଓ ସଂସ୍କୃତିର ଉନ୍ମେଷ ସୂତ୍ରେ ସେ ହୋଇଛନ୍ତି ଶ୍ରଦ୍ଧା ଓ ପ୍ରେମର ଦେବତା । ଏବେ ପୂର୍ଣ୍ଣ ମଣିଷ ତାଙ୍କୁ ଭସ୍ମ କରୁଛି । ଶ୍ଳେଷ ଅବୁଝା ରହୁନାହିଁ । ଧର୍ମବୋଧର ନିମ୍ନ ସ୍ତରରେ ଭଗବାନ ଭୀଷଣ ଓ ମଣିଷ ଭୀତ । ଶ୍ରୀରଥଙ୍କ କାବ୍ୟନାୟକ ମାତ୍ରେ ବୁଢ଼ାଲୋକ । "ବୁଢ଼ାର କାହାକୁ ଡର ? ମୃତ୍ୟୁକୁ ତ କେବେହେଲେ ନୁହେଁ ।" ବୁଢ଼ାର ଏହି ମୁହଁଟାଣ ପଛରୁ ତା'ର ଶୋକାର୍ତ୍ତ ବେଦନା ବାରି ହୋଇ ପଡ଼େ । ଆଧ୍ୟାତ୍ମିକ ଅନିର୍ଣ୍ଣେୟତା ତାକୁ ମୃତ୍ୟୁ ସଚେତନ କରାଉଛି, ମୃତ୍ୟୁ ସଚେତନତା ଅକାଳ ବାର୍ଦ୍ଧକ୍ୟ ଭୋଗାଉଛି । "ବୁଢ଼ାର ବୟସ ଜମା ଛତିଶ ।" ନିରାସକ୍ତି ତା'ର ଆସକ୍ତିର ବିଡ଼ମ୍ବନା ମାତ୍ର । "କ'ଣ ବା କହନ୍ତା ବୁଢ଼ା ? ପାକୁଆ ପାଟିରେ/ଶବ୍ଦ ସବୁ ସଡ଼ିଗଲେ ଛିନଭିନ୍ନି ଆତ୍ମୀୟ ଘର/ଅନାସକ୍ତ ବ୍ରାହ୍ମ ମୁହୂର୍ତ୍ତରେ ।" (ବୁଢ଼ାଲୋକ) ସବୁ ପ୍ରକାର ଆତ୍ମୀୟତାର ସମ୍ପର୍କ ତା'ର ଛିନ୍ ଭିନ୍ ହୋଇ ଯାଇଛି । ଅନାସକ୍ତ ବ୍ରାହ୍ମ ମୁହୂର୍ତ୍ତ କାହିଁ ? ଈଶ୍ୱର ପ୍ରେମ କାହିଁ ? ଯୌବନ ଜରାଗ୍ରସ୍ତ । ଆସକ୍ତି ବ୍ୟର୍ଥ ବିଡ଼ମ୍ବିତ । ମନ ଅଶାନ୍ତ । ତେଣୁ ଈଶ୍ୱରୋପଲବ୍ଧି ସୁଦୂର ପରାହତ । ଯେ ଦୁଷ୍କର୍ମରୁ ନିବୃତ୍ତ ହୋଇ ନାହିଁ, ଇନ୍ଦ୍ରିୟଲୋଲୁପତାରୁ ବିରତ ହୋଇନାହିଁ, ଏକାଗ୍ରଚିତ୍ତ ହୋଇନାହିଁ, ସମାଧିର ଫଳଲାଭ ବିଷୟରେ ସନ୍ଦିଗ୍ଧତା ବର୍ଜନ କରିନାହିଁ, ସେ ପ୍ରଜ୍ଞାନ ବଳରେ ମଧ୍ୟ ଈଶ୍ୱରଙ୍କୁ ଲାଭ କରିପାରେ ନାହିଁ । ଉପନିଷଦର କଥା କି ଅନ୍ୟଥା ହେବ ? କଠୋପନିଷଦରେ କୁହାଯାଉଛି, ଯେ ଦୁଷ୍କର୍ମରୁ ବିରତ, ସଂଯତେନ୍ଦ୍ରିୟ, ଏକାଗ୍ରଚିତ୍ତ ଓ ଶାନ୍ତମନା, ସେହି କେବଳ ପ୍ରଜ୍ଞାନ ଦ୍ୱାରା ତାଙ୍କୁ ପ୍ରାପ୍ତ ହୁଅନ୍ତି ।(୧, ୨, ୨୪) ।

କବିତାର ଏପିଗ୍ରାଫ୍ଟି ଭାଗବତରୁ ଉଦ୍ଧୃତ, "ଯେସନେ କୀଟ ଉର୍ଣ୍ଣନାଭ......ସୂର୍ଯ୍ୟଉଦୟେ ତା ସଂହରେ ।" ସୃଷ୍ଟି ଓ ସ୍ଥିତି ସଂହାରର ଭୂମିକା ମାତ୍ର । ବୁଢ଼ିଆଣୀ ଜାଲ ପ୍ରତୀକଟିରୁ ଆମ ସୁଖ ଦୁଃଖର ତୁଚ୍ଛତା ଓ କ୍ଷଣିକତା ସ୍ପଷ୍ଟ । ଉଦ୍ୟମ ନିରର୍ଥକ ମୃତ୍ୟୁକୁ ଭେଟୁଛି । ଏହି ସୂତ୍ରରେ ଏପିଗ୍ରାଫ୍ଟି ଜୀବନର ଅନିବାର୍ଯ୍ୟ ନିଷ୍ଫଳତାକୁ ସୂଚାଇବାକୁ ରହିଛି । ଯେତେଦୂର ସମ୍ଭବ ସେଣ୍ଟ୍ ଜନ୍ଙ୍କ ବାଇବେଲ ବାଣୀକୁ ସ୍ମରଣ ରଖି

Digitized by PPRACHIN, SOA

କବିତାର ପ୍ରଥମ ପଦ ଉଚ୍ଚାରିତ ହୋଇଛି, "ପ୍ରଥମେ ସାକ୍ଷାତେ ଶବ୍ଦ —In the beginning was the Word, and the Word was with God, and the Word was God." ଆମ ପତଞ୍ଜଳି ମଧ୍ୟ ଶବ୍ଦକୁ 'ମହାନ ଦେବଃ' ବୋଲି ଘୋଷଣା କରନ୍ତି ।[୧୮] ତାଙ୍କ ମତରେ ନିତ୍ୟ ଶବ୍ଦହିଁ ସ୍ୱୟଂ ପରଂବ୍ରହ୍ମ । ସେହି ସୂତ୍ରରେ ସୃଷ୍ଟି ଶବ୍ଦମୟ । ଶବ୍ଦ ସୃଷ୍ଟିର ନିମିତ୍ତକାରଣ ଓ ଉପାଦାନ କାରଣ । ତେଣୁ 'ବାଘର ଶିକାର ମଧ୍ୟ ଏକ ଅଂଶ ବାଘର ଦେହର ।' 'ଶବ୍ଦ ଦ୍ୱାରା ଏ ବାଘ ଓ ସ୍ତ୍ରୀଲୋକ ନିର୍ମିତ/ଆମେ ବି ଶବ୍ଦର ଅଂଶ, ଆମେ ତେଣୁ 'ବାଘ ଓ ସ୍ତ୍ରୀଲୋକ ।' କବି ମାନୁଛନ୍ତି ଯେ, ଏସବୁ ବିଶ୍ୱାସର କଥା । ଉପଲବ୍ଧିର ବିଷୟ ନୁହେଁ । 'ଆମେ ଦେଖିନାହୁଁ ବାଘ, ଦେଖି ନାହୁଁ କୌଣସି ସ୍ତ୍ରୀଲୋକ ।' ଏଠାରେ ସ୍ମରଣ ରଖିବାକୁ ହେବ ଯେ, ଦାନ୍ତେ ଓ ଏଲିୟଟ୍‌ଙ୍କ କବିତାରେ ଯେପରି, ଠିକ ସେପରି ଶ୍ରୀରଥଙ୍କ କବିତାରେ ବାଘ ଓ ସ୍ତ୍ରୀଲୋକ ଅର୍ଥାତ୍ ଈଶ୍ୱର ଓ ନାରୀ ନିତ୍ୟଯୁକ୍ତ । ତାଙ୍କ ପାଇଁ ନାରୀ ପ୍ରେମ ମଧ୍ୟରେ ଈଶ୍ୱର ପ୍ରୀତିର ଆଶ୍ଚର୍ଯ୍ୟ ପ୍ରତିଭାସ ନିତ୍ୟ ବର୍ତ୍ତମାନ । ସବୁ ପ୍ରେମ ସେହି ଈଶ୍ୱରପ୍ରେମର ଲୀଳା ମାତ୍ର । ଯାହା ପ୍ରତି ଆମର ଆସକ୍ତି ଜନ୍ମେ, ବୁଝିବାକୁ ହୁଏ ତାହା ମଧ୍ୟରେ ସ୍ୱୟଂ ପରମ ମଙ୍ଗଳମୟ ଈଶ୍ୱର ପ୍ରକଟିତ । ପ୍ରେମାବେଗ ମଧ୍ୟରେ ତେଣୁ ଆଧ୍ୟାତ୍ମିକ ବ୍ୟାକୁଳତା ଅବିଚ୍ଛେଦ୍ୟ ରୂପେ ବିରାଜମାନ । ଯାହାର ନାରୀପ୍ରେମ ସଫଳ, ତାଙ୍କ ଈଶ୍ୱର ପ୍ରେମ କେବେ ବ୍ୟର୍ଥ ହୋଇ ନ ପାରେ । ଯାହାର ଈଶ୍ୱର ପ୍ରେମ ସାର୍ଥକ, ତାଙ୍କର ନାରୀପ୍ରେମ ଚରିତାର୍ଥ ହୋଇଥିବା ସ୍ୱତଃସିଦ୍ଧ । 'ବାଘଶିକାର'ରେ ନାରୀପ୍ରେମ ଓ ଈଶ୍ୱର ପ୍ରେମ ହାତ ଧରାଧରି ହୋଇ ବୁଲୁଛନ୍ତି, ଯଦିଓ ଈଶ୍ୱର ଅନୁପଲବ୍ଧ ଓ ପ୍ରେମ ଅସଫଳ । କାବ୍ୟନାୟକ ବାଘ ଦେଖି ନାହିଁ କି ଦେଖି ନାହିଁ କୌଣସି ସ୍ତ୍ରୀଲୋକ ।

ସେ ଯେ ସେହି ପରମ ସତ୍ୟର ଅଂଶ ବିଶେଷ—ଏକଥା କାବ୍ୟନାୟକ ଜାଣେ । ମାତ୍ର ଏହି ସତ୍ୟୋପଲବ୍ଧି ପାଇଁ ତା'ର ଚିତ୍ତବୃତ୍ତି

---

୧୮ । ଅନାଦି ନିଧନଂ ବ୍ରହ୍ମ ଶବ୍ଦତତ୍ତ୍ୱଂ ଯଦକ୍ଷରମ୍ । ବିବର୍ତ୍ତତେଽର୍ଥଭାବେନ ପ୍ରକ୍ରିୟା ଜଗତୋ ଯତଃ । ବାକ୍ୟ ପଦୀୟ, ୧/୧

Digitized by PPRACHIN, SOA

କେବେ ସକ୍ଷମ ହୁଏ ନାହିଁ । ଜାଣିବା ଓ ବୁଝିବା ମଧ୍ୟରେ ଦୂରତ୍ୱ ଅନେକ । ଚେତନାର ଉତ୍ତରଣକୁ ସେ କାହିଁ କମ୍ ଭୟ କରେ ନାହିଁ । ତା'ର ସେହି ଭୟ ବିଭ୍ରାନ୍ତିକୁ କବି ପ୍ରକୃତ ବ୍ୟାଘ୍ରର ହିଂସ୍ରତାରେ ବିଷୟାଶ୍ରୟ ଦାନ କରିଛନ୍ତି । କୃଷକର ସ୍ତ୍ରୀକୁ ବାଘ ଖାଇଛି । କବିତାଟିର ବର୍ଣ୍ଣନାତ୍ମକ ଅଂଶ (ଧାଡ଼ି ୧୧୯-୧୫୭) ଦ୍ରଷ୍ଟବ୍ୟ । (ସଚୋଟ କୃଷକ ସହିତ ଶ୍ରୀରଥଙ୍କ କାବ୍ୟନାୟକର ସାଧର୍ମ୍ୟ ଦୁର୍ଲକ୍ଷ୍ୟ ନୁହେଁ । ଜନ୍ମସୂତ୍ରରେ ସେ ଉତ୍ତୀର୍ଣ୍ଣ ଚେତନା ଲାଭ କରିନାହିଁ । କୃଷିକ୍ଷେତ୍ରରେ ଯେପରି କୃଷ୍ଟି-କ୍ଷେତ୍ରରେ ସେପରି ତାକୁ ନିୟମିତ ଭୂମିକର୍ଷଣ କରିବାକୁ ପଡ଼ୁଛି ।) ସଚୋଟ କୃଷକଟିର ସ୍ତ୍ରୀକୁ ବାଘ ଘୋଷାରି ନେଇ ନାହିଁ ଯେ, ଚେତନାର ଆଧ୍ୟାତ୍ମିକ ଉତ୍ତରଣ ସମ୍ଭାବନା କାବ୍ୟନାୟକକୁ ମୃତ୍ୟୁ ଯନ୍ତ୍ରଣା ଭୋଗାଉଛି । ଅମୃତାକାଂକ୍ଷା ପଦେ ପଦେ ମୃତ୍ୟୁମୋହଗ୍ରସ୍ତ ହୋଇ ପଡ଼ୁଛି । ମଣିଷର ଅମୃତାକାଂକ୍ଷା ସହିତ ତା'ର ଅବଶ୍ୟମ୍ଭାବୀ ଅଚରିତାର୍ଥତା ଅବିଚ୍ଛେଦ୍ୟ ସମ୍ବନ୍ଧରେ ଛନ୍ଦା ହୋଇ ରହିଛି; ସ୍ୱପ୍ନ ମାତ୍ରେ ହେଲେ ବାଘ ଓ ମୂର୍ଦ୍ଧାରର ବିଷୟ, 'ସବୁରି ସିନ୍ଦୁକେ ହେଲେ ବାଘ ଏବଂ ମୂର୍ଦ୍ଧାର ଅଛନ୍ତି ।' ମୃତ୍ୟୁ ବ୍ୟାକୁଳ ହୃଦୟ ଯେଉଁ ମହୌଷଧର ଅନ୍ୱେଷଣ କରୁଛି, ତାହା ସର୍ବଥା ସୁଦୁର୍ଲଭ । 'ତମର ସରଳ ପୃଥ୍ୱୀ କରିବାକୁ ହେନେ ଚିରନ୍ତନ/ତମେ ଯାହା ଖୋଜୁଥିଲ ତା ପିଠିରେ ଦୌଡ଼ିବାର ଫଳ/ତମର କପାଳେ ଖାଲି ଅବସନ୍ନ ହତାଶାର ଝାଳ ।' ଆଶାଭଙ୍ଗର ଆଘାତ ତୀବ୍ର ନ ହୋଇ ଅନ୍ୟଥା ହେବାର କୌଣସି ପ୍ରକାର ସମ୍ଭାବନା ନାହିଁ । ପ୍ରେମ ଅସଫଳ ହେବାକୁ ବାଧ୍ୟ । ସ୍ନେହ ସହାନୁଭୂତି ପୁଣି ପୃଥ୍ୱୀରେ ପ୍ରବିରଳ ବିଷୟ । 'ସେ ଝାଳ ଶୁଖିବ ଆପେ କେଉଁ ଗ୍ରୀଷ୍ମ ମଧ୍ୟାହ୍ନ ହାଓ୍ୱାରେ ।' ଏହାହିଁ ମଣିଷର ଭାଗ୍ୟ । ଏଠାରେ ନିରାଶାର କେନ୍ଦ୍ରରେ କବି ଯେପରି ଆତ୍ମସ୍ଥ । "କି ଲାଭ ? ଜଳୁଛି ଆଖି ଏବେ ମଧ୍ୟ ଆତ୍ମାର ଇଚ୍ଛାରେ/ପକ୍ଷୀଙ୍କ ସଙ୍ଗୀତ ହେବ ବନ୍ଦୀ, ଯଥା ରେକର୍ଡ଼ ଭିତରେ ......।" ସବୁ ଯେପରି ପୂର୍ବ ନିର୍ଦ୍ଦିଷ୍ଟ, ମଣିଷର ଇଚ୍ଛାନୁସାରେ କିଛି କେଉଁଠି କେବେ ଘଟିବ ନାହିଁ । ବାଘଶିକାରରେ ବାହାରିବାରେ ଲାଭ କ'ଣ ? କାବ୍ୟନାୟକ ବାଘଶିକାରରେ ବାହାରେ, ମାତ୍ର ବାଘକୁ ଭେଟିବ ବୋଲି କୌଣସି ପ୍ରକାର ନିଶ୍ଚୟତା କେବେ ଦେଖେ ନାହିଁ ।

Digitized by PPRACHIN, SOA

ପରେ ପରେ ତା'ର ସନ୍ଦିଗ୍ଧତା—"ବାଘ ତୁମେ ଦେଖିଲେ ଦେଖିବ/ ତମର ସାମ୍ନାରେ ତମ ବନ୍ଧୁକକୁ ଗୁଳି ରହିଥିବ/ବା ଆଦୌ ନ ଥିବ ।" ବରଂ ଆଦୌ ନ ଭେଟିବା ବିଷୟରେ ସେ ବେଶି ନିସନ୍ଦିଗ୍ଧ । ବାଘକୁ ଆଖିରୁ ବାରି ସେ ଭଲୁଆକୁ ଦେଖିବ । ଭଲୁଆ ବାଘ ନୁହେଁ । ବୃଷ୍ଟିକାର ପାହାଡ଼ ଉପରେ ବାଘ ଲୁଚି ଯିବ, ଆଜି ତାରି ଗୁହ ପାଖରେ ଘୂରିବାଠାହିଁ ସାରହେବ 'ସ୍ୱପ୍ନଙ୍କର ଶୂନ୍ୟତା ସହିତ ।' କାଶୀପୁର ଜଙ୍ଗଲ ଭିତରେ ବୃଷ୍ଟିକାର ପାହାଡ଼ ଗୁହାପାଖରେ ଶିକାର କରିବା ସ୍ମୃତି ହୁଏତ କବି ଏଥିରେ ଉଦ୍‌ବୋଧନ କରି ପାରିଥାନ୍ତି, ସେ ସେଦିନ କୋରାପୁଟର କଲେକ୍ଟର ଥିଲେ । ମାତ୍ର ବୃଷ୍ଟିକାର ପାହାଡ଼ରେ ବାଘଖୋଜା ଆମକୁ ଇଂପିଡ଼ୋକଲିସଙ୍କ ମନ୍ତବ୍ୟଟିକୁ ମନେ ପକାଏ ଦିଏ, "God is a circle wh se centre is every where, and its circumference no where." ଈଶ୍ୱର ଯେବେ ଏକ ବୃତ୍ତି ହୁଅନ୍ତି, ତାଙ୍କୁ ପରିଧିରେ ଖୋଜିଲେ ସେ କାହୁଁ ମିଳିବେ ? ଅନର୍ଥକ ଅନ୍ୱେଷଣ ସାର । କାବ୍ୟନାୟକ ପାଇଁ ଈଶ୍ୱରାନୁଭୂତିର ସପ୍ତମ ଋତୁ ଆକାଶକୁସୁମ ଭିନ୍ନ ଅନ୍ୟ କିଛି ନୁହେଁ । ସମୟର ଅପେକ୍ଷାଗୃହରେ ସେ ଅପେକ୍ଷା କରୁଛି ମୃତ୍ୟୁକୁ । ସମୟୋତ୍ତୀର୍ଣ୍ଣ ହୋଇ ପାରୁନାହିଁ । ସେ ସେହିକଥା ବୁଝୁଛି ଓ ବୁଝାଉଛି,

> ମୁଁ ହାୟ ମୋହର କ୍ଷିପ୍ର ଖଣ୍ଡ ଖଣ୍ଡ ଗ୍ଲେଟ ଆଖିଯୋଗୁ
> ତାକୁ ଦେଖି ପାରିବନି ଆଜୀବନ ଅପେକ୍ଷା ଉତ୍ତରେ
> ବାଘ ମଧ୍ୟ ଦେଖିବନି ମତେ, ଯେଣୁ କେଉଁ ଏକ ଧୂସର ଗ୍ରୀଷ୍ମର
> ଲେକାରଣ୍ୟ ହାସ୍‌ପାତାଳେ ଶୋଇଥିବ ଅସମର୍ଥ ହୋଇ
> ଆଜି ଅବେ ପଶିବାକୁ ସେ ଦେହରେ ଯାହାକୁ ମୁଁ
> ହେ ଯୁବତୀମାନେ,
> ତମରି ସାଙ୍ଗରେ ଆଜ ଜଙ୍ଗଲରେ ଦେଇଛି ହଜାଇ ।

ନ ତତ୍ର ଚକ୍ଷୁର୍ଗଚ୍ଛତି ନ ବାଗ୍ ଗଚ୍ଛତି ନୋ ମନଃ—ଯାହାଙ୍କୁ ଆଖି ପାଏନି, ତାହାଙ୍କୁ ଦେଖିବାର ପ୍ରଶ୍ନ କାହିଁ ? ତାଙ୍କୁ ଦେଖିଲେ ଅବଶ୍ୟ କାଳକୁ ଅତିକ୍ରମ କରି ହୁଅନ୍ତା, ଅପୂର୍ଣ୍ଣ ଅଚରିତାର୍ଥ ଜୀବନର ସବୁ

Digitized by PPRACHIN, SOA

ଆଘାତବେଦନା ଭୁଲି ହୁଅନ୍ତା, ଜନ୍ମମରଣର ଗ୍ଲାନି ଓ ଅବସାଦ କଟନ୍ତା । କିନ୍ତୁ ସାମର୍ଥ୍ୟ କାହିଁ ? ଅବାଙ୍ମନସଗୋଚର ସେହି ଊର୍ଦ୍ଧ୍ୱତନ ସତ୍ୟଲୋକରେ ମଣିଷର ପ୍ରବେଶାଧିକାର କାହିଁ ? ସତ୍ୟମଙ୍ଗଳ ପ୍ରେମମୟ ଭଗବାନଙ୍କୁ ପ୍ରାଣରେ ଉପଲବ୍ଧି କରିବାକୁ ଇନ୍ଦ୍ରିୟ ଓ ଚିତ୍ତବୃତ୍ତିର କ୍ଷମତା କାହିଁ ? ଅସ୍ତିତ୍ୱ ଧାରଣର ତୁଚ୍ଛ ପ୍ରକ୍ରିୟା ମଧ୍ୟରେ ଅମୃତର ସନ୍ତାନ ଅମୃତ ଉପଲବ୍ଧିର ସାମର୍ଥ୍ୟ ହରାଇ ବସିଛି । ଈଶ୍ୱର ଯେ ଅଛନ୍ତି, ଏବଂ ସର୍ବତ୍ର ଅଛନ୍ତି—ଏକଥା ସେ ନ ଜାଣେ ବୁଝେ । ମାତ୍ର ସେ ଅଦ୍ଭୁତ ସମ୍ପୂର୍ଣ୍ଣ ଏପରି ଭାବରେ ବଞ୍ଚେ ଯେ, ଯେପରି ଈଶ୍ୱର କେଉଁଠି ନାହାନ୍ତି ।

କାମନାଯୁକ୍ତ ପରମ ସତ୍ୟଠାରୁ ବିଚ୍ଛିନ୍ନ ହୋଇ ପଡ଼ିଛି । ଏହି ଅର୍ଥରେ ସେ ଚିର ପ୍ରବାସୀ ଓ ଚିର ନିର୍ବାସିତ । ଭ୍ରଷ୍ଟ, ବିଭ୍ରାନ୍ତ ଓ ଅସମ୍ପୂର୍ଣ୍ଣ ସୃଷ୍ଟିର ଅଂଶ ହୋଇଥିବାରୁ ସତ୍ୟୋପଲବ୍ଧି ତା'ର ସାଧ୍ୟାତୀତ ବ୍ୟାପାର । ଅନ୍ୱେଷଣ ଅବ୍ୟାହତ ରଖିଲେ ମଧ୍ୟ ସେ ମୁକ୍ତି ପାଇବ ନାହିଁ । ଖଣ୍ଡ କ୍ଷୁଦ୍ର ପ୍ରତ୍ୟେକଟି ମୂହୂର୍ତ୍ତ ଯାହାର ଉଭୟ ଜନ୍ମ ମୃତ୍ୟୁ ହାର ଚିହ୍ନିତ, ତା ପାଇଁ କାଳର ଗତିରେ ପ୍ରଗତିର ସମ୍ଭାବନା କାହିଁ ? ତାର ଗତି ଅଛି, ଗନ୍ତବ୍ୟ ଅଛି, ମାତ୍ର ସଦ୍‌ଗତି ନାହିଁ । କବି ଡିଲାନ ଟମାସ୍‌ଙ୍କ ଭାଷାରେ ଏପରି ଗତିର ହାର ଓ ବେଗ ବୃଦ୍ଧି ହେବ, In this final direction of the elementary town/I advance for as long as forever is. ସେହି elementary town ଅପହଞ୍ଚ । ସତ୍ୟର ଦ୍ୱାର ତାଙ୍କ ପାଇଁ ଅବରୁଦ୍ଧ । ଖଣ୍ଡଗ୍ରସ୍ତ ଜୀବନରୁ ସପ୍ତମ ଋତୁର ମୁକ୍ତି ବହୁ ଊର୍ଦ୍ଧ୍ୱର କଥା, ଏତେ ଉଚ୍ଚାଶା ପ୍ରାୟ ସେ ରଖନ୍ତି ନାହିଁ ।

ମୁଁ ଆଉ ଫେରିବି ନାହିଁ ମୋ ଦେଶକୁ ଯେଉଁଠି ଯଥେଷ୍ଟ ଧାନର
ଖେତରେ ଚରନ୍ତି ଶୁଆ, ନଈଁ ରହେ ସର୍ବଦା ଦୂରରେ
ମୁଁ ଆଉ ଫେରିବି ନାହିଁ ମୋ ଦେଶକୁ । ଆକାଶଠୁଁ ବଡ଼
କଳା ଜହ୍ନ ତଳେ ବେଶି ଜଳନ୍ତି ବାଲି ଅଇଁସରି ।

× × ×

Digitized by PPRACHIN, SOA

ମୋ ସମ୍ମାରେ ମଚ ମଚ ଅନ୍ଧାର ଓ ପଛଆଡ଼େ ଦୂର୍ଣ୍ଣ ଧାନକ୍ଷେତ
ଭିତରେ ସେମାନେ ବସି କଳଛନ୍ତି ଦର୍ଜା ଦ୍ରୁପିକର

—ଅନନ୍ତ ଶୟନ

'elementary town' ପର 'ମୋ ଦେଶ' ହେଉଛନ୍ତି ଈଶ୍ୱର । ସେଠାକୁ ଫେରିବାର ବାଟ ବନ୍ଦ । ଈଶ୍ୱରଙ୍କର ମଧ୍ୟ ତାପାଇଁ କୌଣସି ପ୍ରକାର ଉଦ୍ୱିଗ୍ନତା ନାହିଁ । ଶୁଭ ବିଶ୍ୱାସୀ କବି ରବୀନ୍ଦ୍ରନାଥ ଅନନ୍ତ ଉଦ୍ଦେଶ୍ୟରେ ମାନବାତ୍ମାର ଅନ୍ତହୀନ ପଦକ୍ଷେପ ପାଖକୁ ମାନବାତ୍ମା ଉଦ୍ଦେଶ୍ୟରେ ଅନନ୍ତଙ୍କ ବ୍ୟାକୁଳ ଆଗ୍ରହ ମଧ୍ୟ ଲକ୍ଷ୍ୟ କରିଛନ୍ତି । ସେ ଠିଆ ହୋଇ ଅପେକ୍ଷା କରନ୍ତି ନାହିଁ, ବଂଶୀ ବଜାଇ ବଜାଇ ଆଗେଇ ଆସନ୍ତି । 'ତାଇ ନଦୀ ଚଲେଛେ ଯାହାର ଛନ୍ଦେ, ସମୁଦ୍ର ଦୁଲଛେ ଆହ୍ୱାନେର ସୁରେ (ପୁନଶ୍ଚ) । କିନ୍ତୁ ଶ୍ରୀରଥଙ୍କ କାବ୍ୟନାୟକର ଶୁଭ ବିଶ୍ୱାସ ନାହିଁ । ସେ ନିଜ ପ୍ରତି ସତ୍ୟର ଅବଜ୍ଞାହିଁ ଦେଖେ । "ବୃତ୍ତିକାର ପାହାଡ଼ରେ ଲୁଚ ଯିବ ବାଘ କେଉଁଠାରେ/ଶବର ମାଂସରେ ତା'ର ପ୍ରତିଶ୍ରେଷ୍ଠ ତମ ଲାଗି ଉଦ୍ଦିଷ୍ଟ ଭର୍ତ୍ସନା ।" ଏହି ଉପଲବ୍ଧି 'ବର୍ଷାଋତୁ' କବିତାରେ ସୁନ୍ଦର ଭାବରେ ଅଭିବ୍ୟକ୍ତ ହୋଇଛି । ବର୍ଷା ଜୀବନର ଋତୁ, ମାତ୍ର ମଣିଷର ଏକମାତ୍ର ଭାଗ୍ୟ ହେଉଛି ଗ୍ରୀଷ୍ମକାଳ । କଣ୍ଟ୍ରାଷ୍ଟ କୌତୁକ କବିତାଟିର ସ୍ୱାଦ ଓ ଆବେଦନ ବଢ଼ାଇ ଦେଉଛି । ଅଲଙ୍ଘନୀୟ ନିୟତି ସ୍ୱପ୍ନକୁ ବିଡ଼ମ୍ବିତ କରୁଛି, ସତ୍ୟ ଶେଷ ପର୍ଯ୍ୟନ୍ତ ମଣିଷକୁ ଉପେକ୍ଷା କରି ଚାଲିଯାଉଛି । ପ୍ରତୀକ୍ଷା ଓ ପ୍ରତ୍ୟାଶା କେବଳ ସେତୁ ରହିତ ବିଚ୍ଛେଦକୁହିଁ ଭେଟୁଛି,

ଯୋଗୀ ଜଣେ ପହଞ୍ଚିଲା ତାହାପାଇଁ ପୂର୍ବରୁ ନିଯୁକ୍ତ
କିନ୍ତୁ ତା ଅପରିଚିତ ଜାଗାରେ ଓ ଠିଆ ହେଲା ଦୁର୍ବଳ ହାତରେ
ଭିକ ମାଗିବାର ଥାଳଧରି, ତା'ର ସ୍ୱପ୍ନରେ ନିର୍ଦ୍ଦିଷ୍ଟ
ଲୋକ ଯିବା ସଡକରେ, ଏ ସମୟେ ମେଘବର୍ଷା
ଘଡ଼ଘଡ଼ି ହେଲା
ଅସଂଖ୍ୟ ଝିଙ୍ଗଲଫୁଲ ଉଡ଼ିଆସି ପଡ଼ିଲେ ରାସ୍ତାରେ
ନିଃସ୍ୱ ଲୋକ ଗୋଟିଏ କ୍ଷିପ୍ର ଛୁଇପରି ମଠରରେ ଗଲା

Digitized by PPRACHIN, SOA

ତେବେ ଭାଙ୍ଗି ଦେଖିଲ୍ନ ଯୋଗୀ ଆଡ଼େ
କମ୍ବା ଟଗୋଟେ ପଇସା ନ ଦେଲ ।

ସ୍ୱପ୍ନର ସମୁଦ୍ଭାସିତ ଲୋକଟିଏ ପରମ ସତ୍ୟ ଭଗବାନ । ଯୋଗୀ ମଣିଷ । ସତ୍ୟର ମଣିଷ ପାଇଁ ସମ୍ବେଦନା କାହିଁ ? କରୁଣା କାହିଁ ? ସେ ମଣିଷକୁ ତିଳାର୍ଦ୍ଧେ ଷ ଚାହାନ୍ତି ନାହିଁ, ସ୍ୱପ୍ନରେ କେବେ କେମିତି ଭାସି ଉଠି କେବଳ ପର ମୁହୂର୍ତ୍ତରେ ଅନ୍ତର୍ହିତ ହୋଇଥାନ୍ତି । ସାଧାରଣ ମଣିଷ ଜୀବନରେ ଏମିତି ଏକ ଏକ ଦୁର୍ଲଭ କାଳୋତ୍ତୀର୍ଣ୍ଣ ମୁହୂର୍ତ୍ତର ସମ୍ଭାବନା ଜାଗିଉଠେ । ସେତେବେଳେ ସେ ଏପରି ଏକ ଜଗତକୁ ଆସିଯାଏ ଯେ, ଯେଉଁଠି ପ୍ରତ୍ୟେକଟି ଦୃଶ୍ୟ ଏକ ଏକ କମ୍ପମାନ ଯବନିକା ପରି ପ୍ରତୀତ ହୋଇଥାନ୍ତି, ଏଇ ଯେପରି ଅପସରି ଯିବେ । ଅପସରି ଗଲାମାତ୍ରେ ସେ ସତ୍ୟର ସମ୍ମୁଖୀନ ହେବ । ମାତ୍ର ତାହା କେବେ ପ୍ରାୟ ଅପସରନ୍ତି ନାହିଁ । ସତ୍ୟ ଦର୍ଶନ ସମ୍ଭବ ହୁଏ ନାହିଁ । କବି ଜାଣିଛନ୍ତି ଯେ, ତାଙ୍କ କାବ୍ୟ-ନାୟକ ପାଇଁ ସେହି ଅନ୍ତରାଳଟି କେବେ ଅପସରି ଯିବ ନାହିଁ, ସପ୍ତମ ଋତୁର ମୁଗ୍ଧ କ୍ଷଣଟି ଉପଲବ୍ଧିରେ ଧରାଦେବ ନାହିଁ । ଏଠାରେ ସ୍ୱପ୍ନର ସମ୍ଭାବନାଟି ଦେଖା ଦେଇଛି, ଯବନିକା କମ୍ପି ଉଠିଛି—କିନ୍ତୁ ଶେଷ ପର୍ଯ୍ୟନ୍ତ ଅପସରି ଯାଇନାହିଁ । କାବ୍ୟନାୟକ ପୂର୍ବର ସେହି ନିଷ୍ପ୍ରାଣ, ପ୍ରେରଣାହୀନ, ଭବିଷ୍ୟତଶୂନ୍ୟ ମରୁପ୍ରଦେଶରେ ଆତ୍ମସମର୍ପଣ କରୁଛି । ମେଘବର୍ଷା ଘଡ଼ଘଡ଼ି ଅମୋଘ । ଯେପରି ମଣିଷ ପାଇଁ ସପ୍ତମ ଋତୁ ନାହିଁ, ରହିଛି ଖାଲି ଗୋଟିଏ ଋତୁ—'ମୃତ ଠେକୁଆଙ୍କ ଋକ୍ରମପୂ ଋତୁ ।'

ଆମ ଭାରତବର୍ଷରେ ଧର୍ମବୋଧର ତିନୋଟି ସ୍ତର ସ୍ୱୀକୃତ ହୋଇଛି : ଶାନ୍ତମ୍, ଶିବମ୍ ଓ ଅଦ୍ୱୈତମ୍ । ପ୍ରଥମ ଅବସ୍ଥାଟି ଶାନ୍ତମ୍—ମଣିଷ ଏଠାରେ ନିଜ ପ୍ରକୃତିର ଅଧୀନ ଥାଏ । ସେ ସୁଖ ଚାହେଁ, ସମ୍ପଦ ଚାହେଁ, ସୌଭାଗ୍ୟ ମଧ୍ୟ ଚାହେଁ । ପ୍ରେୟ ଲକ୍ଷ୍ୟ । ମନୁଷ୍ୟତ୍ୱର ଉଦ୍‌ବୋଧନ ସଙ୍ଗେ ସଙ୍ଗେ ଚେତନାର ଉତ୍ତରଣ ଘଟିଲେ ମଣିଷ ଦ୍ୱୈତୀୟ ଅବସ୍ଥାଟିରେ ଉପନୀତ ହୁଏ । ଦ୍ୱୈତୀୟାବସ୍ଥା ଶିବମ୍ । ଏଠାରେ ସେ ଭଲ ଓ ମନ୍ଦ ତଥା ଶ୍ରେୟ ଓ ପ୍ରେୟର ଦ୍ୱନ୍ଦ୍ୱ ଦେଖେ ଓ ସମାଧାନ ଖୋଜେ । ଲକ୍ଷ୍ୟ କିନ୍ତୁ

Digitized by PPRACHIN, SOA

ଶ୍ରେୟ । ମୃତ୍ୟୁ, ପାପ ଓ ଦୁଃଖକୁ ଅତିକ୍ରମ କରିବାକୁ ହେବ । ଏହି ଅବସ୍ଥାର ଊର୍ଦ୍ଧ୍ୱକୁ ଉଠିଲେ ସେ ଅଦ୍ୱୈତମ୍ ଅବସ୍ଥାକୁ ଉତ୍ତୀର୍ଣ୍ଣ ହୋଇଥାଏ । ଅଦ୍ୱୈତମ୍ ଅବସ୍ଥା ପ୍ରେମ ଓ ଆନନ୍ଦର ଅବସ୍ଥା—ସପ୍ତମ ଋତୁର ଅବସ୍ଥା । ଏଠାରେ ପରିପୂର୍ଣ୍ଣ ଏକତ୍ୱର ଉପଲବ୍‌ଧି । ମୃତ୍ୟୁ ପାପ ଦୁଃଖ ନିଃଶେଷ । ମଣିଷ ଓ ଈଶ୍ୱରଙ୍କର ବ୍ୟକ୍ତି ପରିଚୟ ପର୍ଯ୍ୟନ୍ତ ଅନ୍ତର୍ହିତ ହୋଇଥାଏ, ଅବଶେଷ ଥାଏ ମାତ୍ର ବିଶୁଦ୍ଧ ଆନନ୍ତ୍ୟ ଓ ଆନନ୍ଦର ଅନୁଭୂତି । ଅନ୍ୟ ଭାଷାରେ କହିଲେ ଧର୍ମବୋଧର ଏହି ଯେ ଯାହା, ତା'ର ୩ଟି ସୋପାନ । ପ୍ରଥମେ ଜୀବନ, ପରେ ମୃତ୍ୟୁ ଓ ଶେଷରେ ଅମୃତ । ଶ୍ରୀରଥଙ୍କ କାବ୍ୟଚେତନା ଦ୍ୱିତୀୟ ସୋପାନରୁ ଅମୃତ ସୋପାନଟିକୁ ବ୍ୟାକୁଳ ଆଗ୍ରହରେ ଖୋଜୁଛି । ତାଙ୍କ କାବ୍ୟନାୟକ ତେଣୁ ଉଭୟ ଜୀବନ ଓ ମୃତ୍ୟୁ ଭିତରେ ଗୋଟେ ଗୋଟେ ଗୋଡ଼ ରଖି ଠିଆ ହୋଇଛି ଓ ଉଦ୍‌ବାହୁ ବାମନ ପରି ଅମୃତ ଆଡ଼କୁ ଲୋଲୁପ ହାତ ବଢ଼ାଉଛି । ମୃତ୍ୟୁ ପରେହିଁ ଅମୃତଲୋକର ସୁଖଦୁଃଖୋତ୍ତୀର୍ଣ୍ଣ ପ୍ରଶାନ୍ତ ନିଳୟ ଅଦ୍ୱୈତମ—

ଉତ୍ତପ୍ତ କାଳରେ ରଖି ଏକ ଗୋଡ଼, ଏବଂ ଅନ୍ୟ ଗୋଡ଼
କୁହୁକୁହୁ ଓ କାକର ନଦୀ ମଧ୍ୟେ ମୁଁ ମିନାର ପରି ଠିଆ ହେବି
କୁଅଁ କୁଅଁ ଓ ଗହଳ ମୁଣ୍ଡବାଳ ଜଙ୍ଗଲରେ ଉଇଁ ଆସୁଥିବା
ଚନ୍ଦ୍ର ହଜିଯିବ ଏବଂ ଗୋଟି ଗୋଟି ଲିଭିଯିବେ ସବୁ
ଆଲୋକ ଏ ସହରର । ଅସଫଳ ସ୍ୱାମୀ ଏବଂ
ଦୋଷୀ ପିତା ଯିବ
ମଚମଚ ଅନ୍ଧାରରେ ସମୁଦ୍ରକୁ, ଅଣ୍ଡାଳ ମୋ ବାଟ,
ଶିଖିବାକୁ
ନୂଆ ନୂଆ ଶବ୍ଦ, ଯାହା ଏ ପର୍ଯ୍ୟନ୍ତ ଶିଖି ଆସିଥିବା
ସବୁ ଶବ୍ଦଙ୍କଠୁଁ ବେଶୀ ସତ୍ୟ, ବେଶୀ ପୂର୍ଣ୍ଣ, ବେଶୀ
ଦୁଃଖଦାୟକ ବି ।

—ଗ୍ରୀଷ୍ମଋତୁରେ ରେଳଯାତ୍ରା

Digitized by PPRACHIN, SOA

ବର୍ତ୍ତମାନ ଶୂନ୍ୟ, ଭବିଷ୍ୟତ ନୈରାଶ୍ୟାଚ୍ଛନ୍ନ । ସ୍ୱାମୀ ଭାବରେ କାବ୍ୟନାୟକ ଅସଫଳ ଓ ପିତା ଭାବରେ ଅପରାଧୀ ମଧ୍ୟ । ଆଲୋକ ଓ ଆନନ୍ଦ ତାର ଗନ୍ତବ୍ୟ, ମାତ୍ର ବ୍ୟର୍ଥତା ବଞ୍ଚନା ଓ ମଟମଟ ଅନ୍ଧକାରହିଁ ଯାତ୍ରାପଥ । Dark is a way and light is a place. ପ୍ରତିଜ୍ଞା ଅଛି, ଯିବାର ପ୍ରଚେଷ୍ଟା ଅଛି, ମାତ୍ର ପହଞ୍ଚିବାର ସମ୍ଭାବନା ଦିଶୁନାହିଁ । ସାଧନା ଅସମାପ୍ତ ରହୁଛି । ଅଦ୍ୱୈତମ୍ ଆଲୋକ ଉଜ୍ଜ୍ୱଳ । ସେଠାରେ ସବୁ ପରିପୂର୍ଣ୍ଣ, ପ୍ରେମସମୃଦ୍ଧ ଓ ନିତ୍ୟନୂତନ । ସେଠାରେ ଶୁଣିବାକୁ ମିଳନ୍ତା ଶବ୍ଦ ଏକ ପୃଥକ ଭାଷାର । ସେ ଭାଷା ସତ୍ୟୋପଲବ୍ଧିର ଭାଷା—ପୂର୍ଣ୍ଣ ଓ ସମର୍ଥ, ଯଦିଓ ଜୀବନ୍ମୃତଙ୍କ ପାଇଁ ତାହା କିଛି କମ୍ ଦୁଃଖଦାୟକ ନୁହେଁ । ସତ୍ୟର ରୂପ ଆମ ପାଇଁ ବଜ୍ର କଠିନ ଓ ଭୟାନକ ନୁହେଁ କି ?

'ଗ୍ରୀଷ୍ମ ଋତୁରେ ରେଳଯାତ୍ରା' କବିତାଟିରେ ଅନ୍ୟ ଏକ ବିଶେଷତ୍ୱ ହେଉଛି ଯେ, ଏହା ଆମ ଭାଷାର ଅସମ୍ପୂର୍ଣ୍ଣତାକୁ ଇଙ୍ଗିତ କରୁଛି, 'ସବୁ ଭାଷା ଜୀର୍ଣ୍ଣ ମିଛ', କାରଣ ଯାହା ଅଜ୍ଞାତ ତାକୁହିଁ ଆମ ଭାଷା କହିଥାଏ ବର୍ତ୍ତମାନ କାଳ ମାଧ୍ୟମରେ । ଆମ ଭାଷା ଆମ ଘର ସମୟ-ଶାସିତ । ସେଥିରେ ସମୟୋତ୍ତୀର୍ଣ୍ଣ ସତ୍ୟ ପ୍ରକାଶିତ ହୋଇ ପାରିବ ନାହିଁ । ସତ୍ୟସମୃଦ୍ଧ ସମର୍ଥ ଭାଷା ଅବଶ୍ୟ ଶେଷ ପର୍ଯ୍ୟନ୍ତ କବିଙ୍କ ପାଇଁ ଅନୁପଲବ୍ଧ ରହୁଛି, ଅମୃତଲିପ୍ସା ଅଚରିତାର୍ଥ ହେଉଛି । ଚେତନାରେ ସପ୍ତମ ଋତୁ ଧରା ଦେଉ ନାହିଁ । ଯୋଗୀ ଋଷିଙ୍କ ଧ୍ୟାନଦୃଷ୍ଟିର ଅକ୍ଷର ଶାଶ୍ୱତ ଦୂରର କଥା, ଏଲିୟଟୀୟ କବିଦୃଷ୍ଟିର ଧାବମାନ ମୁହୂର୍ତ୍ତିଟିଏ ମଧ୍ୟ ତାଙ୍କ ପାଇଁ ସମ୍ଭବ ହେଉନାହିଁ । ଜୀବନ ଓ ମୃତ୍ୟୁରୁ ଗୋଡ଼ କାଢ଼ି ସେ ବାହାରି ପାରୁ ନାହାନ୍ତି । ଧର୍ମବୋଧର ଦ୍ୱିତୀୟ ସ୍ତରରେ କବି । ଦୁଃଖ ଯନ୍ତ୍ରଣା ଓ ବଞ୍ଚନା ବ୍ୟର୍ଥତାକୁ ଅତିକ୍ରମ କରି ହେଉନାହିଁ କି ଜୀବନମୃତ୍ୟୁକୁ ଆଦରି ନେଇ ହେଉନାହିଁ । ପ୍ରତ୍ୟାଶା ଅଦ୍ୱୈତମ୍ । ତେଣୁ ପଦେ ପଦେ ଆଶାଭଙ୍ଗର ଆଘାତ ବେଦନାକୁ ସହିବାକୁ ହେଉଛି । କିନ୍ତୁ ଆଶାଭଙ୍ଗର ଏହି ଆଘାତ ବେଦନା ତାଙ୍କୁ ହତୋଦ୍ୟମ କରି ପାରେ ନାହିଁ । ରକ୍ଷାକବଚ ତାଙ୍କର ଆତ୍ମଜ୍ଞାନ । ସେ ଜାଣିଛନ୍ତି ଯେ, ସତ୍ୟର ସମ୍ମୁଖୀନ ହେବାପାଇଁ ଯେଉଁ ଚାରିତ୍ରିକ ବଳ, ମାନସିକ ପରିଣତି ଓ

Digitized by PPRACHIN, SOA

ଙ୍କାଙ୍କ ଦୃଢ଼ତା ଅବଶ୍ୟ ପ୍ରୟୋଜନୀୟ, ତାହା ତାଙ୍କର ନାହିଁ, ନାହିଁ ମଧ୍ୟ ଅହଂକୁ ଉତ୍ତୀର୍ଣ୍ଣ ହେବାର ସାମର୍ଥ୍ୟ । ଅହଂସର୍ବସ୍ୱ ମଣିଷ ପାଇଁ ସତ୍ୟର ସମ୍ଭାବନା କାହିଁ ? ଗୁରୁ ନାନକଙ୍କ ବାଣୀ ଉଲ୍ଲେଖ୍ୟ : 'ହଉ ହଉ କହନ୍ତ ନମ୍ମାଂ ସଚ୍ଚୁ ପାଇ ଐ ।' ଯେ ପର୍ଯ୍ୟନ୍ତ ଅଛି ତୁମର ଅହଙ୍କାର ସେପର୍ଯ୍ୟନ୍ତ ସତ୍ୟ ଅନୁଭବ ଅସମ୍ଭବ । ଅହଙ୍କାର ନ ଘୁଞ୍ଚିଲେ ଭଗବାନ ତ ଦୂରର କଥା, କାହା ସହିତ କୌଣସି ପ୍ରକାର ସମ୍ବନ୍ଧ ମଧ୍ୟ ସ୍ଥାପନ କରି ହେବନାହିଁ । ଏପରି କ୍ଷେତ୍ରରେ ଈଶ୍ୱରାନୁଭୂତିର ସପ୍ତମ ଋତୁ ଯେତେବେଳେ ଦୁଷ୍ପ୍ରାପ୍ୟ ହୁଏ, ସେଥିରେ ସ୍ୱର୍ଗ ପଡ଼ିବାର କ'ଣ ଅଛି ? କାବ୍ୟନାୟକଙ୍କୁ ତାଙ୍କର ଏତେ ଉଚ୍ଚାଶା ସାଜେନାହିଁ । ଈଶ୍ୱର ପ୍ରେମ ବହୁ ଊର୍ଦ୍ଧ୍ୱର ବ୍ୟାପାର । ନିଜ ଶକ୍ତି ସାମର୍ଥ୍ୟର ସୀମା ଜାଣନ୍ତି ବୋଲି ସେ ନାରୀପ୍ରେମ ଦେହ ବରଂ ବେଶୀ ଉଦ୍‌ବିଗ୍ନ ହୁଅନ୍ତି । ନାରୀ ପ୍ରେମରେ କ'ଣ ସପ୍ତମ ଋତୁ ସୁଲଭ ହେବ ନାହିଁ ?

ବାର :

ଶ୍ରୀ ରଥଙ୍କ କାବ୍ୟନାୟକ ପ୍ରିୟା ଓ ପତ୍ନୀର ଆଶ୍ଲେଷ ମଧ୍ୟରେ ଅମୃତଭରା ସପ୍ତମ ଋତୁଟିକୁ ଉପଲବ୍ଧି କରିବାକୁ ନିରନ୍ତର ଗୃହିଁଛି । ଗୃହିଁବା ଓ ପାଇବା ମଧ୍ୟରେ କିନ୍ତୁ ଦୂରତ୍ୱ କିଛି କମ୍ ନୁହେଁ । କୋମଳ ବ୍ୟାକୁଳ ଅନବଦ୍ୟ ପ୍ରେମ କାହିଁ ଯେ ସପ୍ତମ ଋତୁକୁ ଉତ୍ତୀର୍ଣ୍ଣ ହୋଇ ହେବ ? ଅନୃପ୍ତତା, ଅତୃପ୍ତିବୋଧ ଓ ଅଚରିତାର୍ଥତାକୁ ଅତିକ୍ରମ କରି ହେବ ?

ଆମେ ଆଗରୁ କହି ରଖିଛୁ, ଯେଉଁଠାରେ ପ୍ରେମ, ସେହିଠାରେ ଅମୃତତ୍ୱର ପ୍ରତ୍ୟାଶା । ଆଉ ଯେଉଁଠାରେ ଅମୃତର ପ୍ରତ୍ୟାଶା ସେହିଠାରେହିଁ ଅମୋଘ ମୃତ୍ୟୁ ସହିତ ମୁକାବିଲା ଅବଶ୍ୟମ୍ଭାବୀ । ଶ୍ରୀରଥ ମୃତ୍ୟୁର କବି ହୋଇଥିବାରୁ ପ୍ରେମରେ ମୁକ୍ତି ଖୋଜନ୍ତି ନା ପ୍ରେମର କବି ହୋଇ ଥିବାରୁ ମୃତ୍ୟୁକୁ ଭେଟନ୍ତି ? ଶ୍ରୀରଥ

Digitized by PPRACHIN, SOA

ମୂଳତଃ ପ୍ରେମର କବି ହୋଇଥିବାରୁ ପଦେ ପଦେ ମୃତ୍ୟୁକୁ ଭେଟନ୍ତି । ତାଙ୍କ ମନର ଧର୍ମ ପ୍ରେମ ବୋଲି ସେ ମୃତ୍ୟୁସଚେତନ । ସେ ମୃତ୍ୟୁର କବି ନୁହନ୍ତି । କୌଣସି କବି ମଧ୍ୟ କେବେ ମୃତ୍ୟୁର କବି ହୋଇ ନ ପାରନ୍ତି । ଅବଧାରିତ ମୃତ୍ୟୁର ନିରସନ ଚେଷ୍ଟାହିଁ ତାଙ୍କର ଏକମାତ୍ର କବିକର୍ମ । ତାଙ୍କ କବିତାରେ ତେଣୁ ପ୍ରେମ ଓ ମୃତ୍ୟୁ ପରସ୍ପର ପ୍ରତିଦ୍ୱନ୍ଦ୍ୱୀ ହୋଇ ଠିଆ ହୋଇଛନ୍ତି, ଏଇ ଯେମିତି ପରସ୍ପରକୁ ଗିଳିଦେବେ । ଅନନ୍ତତମସ୍ୟ ଶୂନ୍ୟତା, ନିଃସଙ୍ଗତା ଓ ଅର୍ଥହୀନତା ଯେଉଁ ଜୀବନ୍ତ ମରଣ ପ୍ରେମର ସମସ୍ତ ଆୟୋଜନକୁ ପଣ୍ଡ କରି ଦେବାକୁ ଯେପରି ବଦ୍ଧ ପରିକର, ଠିକ୍ ସେପରି ପ୍ରେମ ମଧ୍ୟ ମହାକାଳ ବାଘ ପରି ମୃତ୍ୟୁକୁ ଗ୍ରାସିବାକୁ ସଦା ସମୁଦ୍ୟତ । ତାଙ୍କ କାବ୍ୟନାୟକ ସ୍ୱପ୍ନର ପ୍ରିୟାକୁ ଡାକ କହିଛି,

ତମେ ମୋ ହଜିଲା ଯାହା ଲିଭେ ନାହିଁ ତମେ ମୋ ସଙ୍ଗୀତ
ଯାହା ଶେଷ ହୁଏ ନାହିଁ । ଅକସ୍ମାତ ମୋ ଦେହରେ
ଥରିବା ଲକ୍ଷଣ ଦିଶେ ତମେ ହାତ ମେଲାଇବ । ତମ ପେଟ
ବର୍ଷା ଓଦା ବଣ
ହସ ହସ ମହାବଳ ଲୁଚିଛନ୍ତି ଅସତର୍କ ମୃତ୍ୟୁ ଉଦ୍ଦେଶ୍ୟରେ ।

—ସମୟକୁ ଗୁହାରି ଧୈର୍ଯ୍ୟ ଗୁହାଣି ।

ପ୍ରେମ ମୃତ୍ୟୁକୁ ଗିଳିଦେବ, ସମୟକୁ ଟାଳି ଦେବ । କିନ୍ତୁ ସେହି ଭାବାନୁବନ୍ଧୀ ପ୍ରେମ କାହିଁ ? ଶ୍ରୀରଥ ସେହି ପ୍ରେମର କବି, ଯେଉଁ ପ୍ରେମ ମର୍ତ୍ତ୍ୟରେ କେବେ ସୁଲଭ ହୁଏ ନାହିଁ । ସେହି ପ୍ରେମକୁ ସେ ଉପଲବ୍ଧି କରିବାକୁ ଗୁହାନ୍ତି, ଯେଉଁ ପ୍ରେମ ମଣିଷ ପାଇଁ ଅନୁପସ୍ଥିତ । ତେଣୁ ତାଙ୍କୁ ଆମେ ଅତିରିକ୍ତାର୍ଥ ପ୍ରେମର କବି ବୋଲି ଚିହ୍ନିତ କରି ପାରିବା । ଓଡ଼ିଆ କବିତାରେ ଯେଉଁଠି ସମ୍ଭୋଗାତୁର ଦେହଜନିତ ଏକ ହିଲ୍ଲୋଳିତ ବିଳାସକୁ ପ୍ରେମ ବୋଲି ସ୍ୱୀକାର କରାଯାଇଛି, ସେଠାରେ ଶ୍ରୀରଥ ତାକୁ ଦେହଗତ ସମସ୍ତ ଅନୁଭୂତିର ଊର୍ଦ୍ଧ୍ୱରେ ଆନନ୍ଦ ଘନ ଏକ ବିମୂର୍ତ୍ତି ଉପଲବ୍ଧି ବୋଲି ଜାଣନ୍ତି, ତେଣୁ ତାଙ୍କ ପ୍ରେମ କବିତାଗୁଡ଼ିକ ଓଡ଼ିଆ ସାହିତ୍ୟ ଇତିହାସରେ ଅଚିନ୍ତିତପୂର୍ବ ଓ ଅନାସ୍ୱାଦିତପୂର୍ବ । ସେଥିରେ ଆମ ପ୍ରେମ କବିତାର

Digitized by PPRACHIN, SOA

ଗତାନୁଗତିକ ଉଲ୍ଲାସ ବର୍ଣ୍ଣନା ଓ ରୋମାଣ୍ଟିକ ମୋହାବେଗ ଆଦୌ ନାହିଁ ।

ପ୍ରେମ ବିଚ୍ଛିନ୍ନତାବୋଧର ମହୌଷଧ, ମୃତ୍ୟୁର ମୃତ୍ୟୁ ଓ କାଳର କାଳ । କିନ୍ତୁ ଶ୍ରୀରଥଙ୍କ କାବ୍ୟର ଅକ୍ଷମ ଅସମର୍ଥ ପ୍ରେମ ମୃତ୍ୟୁ ଓ ବିଚ୍ଛିନ୍ନତାବୋଧର ନିରୋଧ କରିବାକୁ ଯାଇ ସେଗୁଡ଼ିକୁ ଶେଷ ପର୍ଯ୍ୟନ୍ତ ଅମୋଘ ଓ ଅବଧାରିତ ବୋଲି ସ୍ପଷ୍ଟ କରି ଦେଉଛି । ମୃତ୍ୟୁ ଓ ବିଚ୍ଛିନ୍ନତାବୋଧକୁ ତାହା ଗ୍ରାସି ପାରୁ ନାହିଁ, କେବଳ ସେଗୁଡ଼ିକର ଅନତିକ୍ରମ୍ୟ ଅସ୍ତିତ୍ୱକୁ ପ୍ରମାଣ କରୁଛି । କବି ଲର୍ପଗଙ୍କ ଭାଷାରେ କହିଲେ ହେବ, ଏ ପ୍ରେମ ନରନାରୀଙ୍କ ଘନିଷ୍ଠ ବ୍ୟାପାର ହୋଇ ମଧ୍ୟ ଶେଷ ପର୍ଯ୍ୟନ୍ତ ଘୋର ବିଚ୍ଛିନ୍ନତା ବୋଧର ଅଭିଜ୍ଞାନ ଭିନ୍ନ ଅନ୍ୟ କିଛି ହୋଇ ପାରେ ନାହିଁ — 'Virtuosities of two and yet so lonely.' ବିଚ୍ଛିନ୍ନତାବୋଧ ଜୀବନ ମୃତ୍ୟୁର ଅନ୍ୟତମ ବଳିଷ୍ଠ ଉକ୍ତି । ସେହି ଯେ ଅନ୍ତରଙ୍ଗ ମାତୃଗର୍ଭରୁ ମଣିଷ ବିଚ୍ଛିନ୍ନ ହୋଇ ପଡ଼ୁଛି, ସେମିତି କ'ଣ ସେ ଚିରଦିନ ବିଚ୍ଛିନ୍ନ ହୋଇ ରହିଯିବ ? ମଣିଷ ଆତ୍ମ ସଚେତନ— he is life being aware of itself. ଏହି ଆତ୍ମ ସଚେତନତା ତାକୁ ବୁଝାଇ ଦିଏ ଯେ, ବୟୋବୃଦ୍ଧି ମାନେ growing aloneness ଭିନ୍ନ ଅନ୍ୟ କିଛି ନୁହେଁ ।[୧୯] କାଳକ୍ରମେ ସେ ନିଜକୁ ସଙ୍କୀର୍ଣ୍ଣ ଆତ୍ମସର୍ବସ୍ୱ ଜଗତରେ ନିଃସଙ୍ଗ ଓ ନିଃସହାୟ ଦେଖି ଆତଙ୍କିତ ହୋଇ ଉଠେ । ଏକାକୀତ୍ୱ ବଡ଼ ଭୟାବହ । ସେହି ଜଗତରୁ ମୁକ୍ତି ନ ପାଇଲେ ସେ ପାଗଳ ହୋଇଯିବ । ତେଣୁ ତାକୁ ସେହି ଜଗତ ବାହାରେ ଅନ୍ୟାନ୍ୟ-ମାନଙ୍କ ସହିତ ଅର୍ଥପୂର୍ଣ୍ଣ ପ୍ରେମସମୃଦ୍ଧ ସମ୍ପର୍କ ସ୍ଥାପିବାକୁ ହୁଏ । ମଣିଷର ପ୍ରଧାନ ସମସ୍ୟା ହେଉଛି କିପରି ଏହି ବିଚ୍ଛିନ୍ନତାବୋଧକୁ ଅତିକ୍ରମ କରିବ, କିପରି ଅହଂସର୍ବସ୍ୱ ଜୀବନରୁ ଉତ୍ତୀର୍ଣ୍ଣ ହେବ, କିପରି ପ୍ରୀତିପୂର୍ଣ୍ଣ ମିଳନ ସମ୍ପାଦିବ । ଏହି ସମସ୍ୟାହିଁ ଶ୍ରୀରଥଙ୍କ କାବ୍ୟନାୟକର ଏକମାତ୍ର ସମସ୍ୟା । ସମାଧାନ କେଉଁଠି ? ଯୁଗେ ଯୁଗେ ମଣିଷ ସମାଧାନ ଖୋଜୁଛି । ସେହି ଅନୁସନ୍ଧାନର ଇତିହାସହିଁ ଆମ ଧର୍ମଦର୍ଶନର ଇତିହାସ ।

---

୧୯ । Fear of Freedom, Erich Fromm. ପୃଷ୍ଠା—୨୩

Digitized by PPRACHIN, SOA

ଶ୍ରୀରଥଙ୍କ କାବ୍ୟନାୟକ କିନ୍ତୁ ଅନେକ ସମାଧାନ ଦେଖେ ନାହିଁ, ସେ ସମାଧାନ ଖୋଜେ ଏକମାତ୍ର ପ୍ରେମରେ । ପ୍ରେମ ମହାସ୍ପର୍ଶରତ୍ନ । ତେବେ ତା ପାଇଁ ଈଶ୍ୱର ପ୍ରେମ ସୁଦୁର୍ଲଭ ବସ୍ତୁ ବୋଲି ଆମେ ଆଗରୁ ଜାଣିଛେ । ବ୍ରହ୍ମାନନ୍ଦ ସମ୍ଭୋଗ ମାନବଚୈତନ୍ୟର ଶାଶ୍ୱତ ଅଧିକାର ଅବଶ୍ୟ । ସେ କିନ୍ତୁ ସେହି ଅଧିକାର ହରାଇଛି । ବାତ୍ସଲ୍ୟ ପ୍ରେମର ପ୍ରଶ୍ନ ମଧ୍ୟ ଉଠୁନାହିଁ । ସେ ସନ୍ତାନହୀନ । ସ୍ୱଦେଶ ପ୍ରେମ ? ସେ ତ ବିଶ୍ୱବାସୀ । ତା'ର ଦେଶ କାହିଁ ? ତେଣୁ ତାର ଏକମାତ୍ର ଆଶ୍ରୟ ନାରୀପ୍ରେମ । ସବୁ ପ୍ରେମ ମଧ୍ୟରେ ତୀବ୍ରତମ ଓ ପୂର୍ଣ୍ଣତମ ହେଉଛି ଏହି ନାରୀପ୍ରେମ । ଏହାରି ମଧ୍ୟରେ ପ୍ରେମରହସ୍ୟର ସବୁ ସୂତ୍ର ବର୍ତ୍ତମାନ । ଏହି ପ୍ରେମକୁ ଉପଲବ୍ଧି କଲେ କେହି ହୁଏତ ଈଶ୍ୱର ପ୍ରେମଆସ୍ୱାଦନର ଯୋଗ୍ୟ ହୋଇ ପାରେ, କିନ୍ତୁ ଏହା ବିନା ସେହି ସପ୍ତମ ଭୂମିରେ ପହଞ୍ଚିବା ସର୍ବଥା ଅସମ୍ଭବ । ଯେତେ ପ୍ରେମ ଅଛି, ନାରୀ ସେସବୁର ଜୟଶ୍ରୀରୂପଧାରିଣୀ । ଶ୍ରୀରଥଙ୍କ କାବ୍ୟନାୟକର ପ୍ରିୟା ଅଛି; ଅଛି ବି ପତ୍ନୀ । ପ୍ରିୟା ଓ ପତ୍ନୀ ରୂପରେହିଁ ନାରୀ ପ୍ରେମର ପ୍ରତିମା—ମୃତ୍ୟୁହୀନ ଆନନ୍ଦଲିପିକା । ପ୍ରେମ ଦୁର୍ଲଭ ହେବାର କଥା ନୁହେଁ, ଅଥଚ ସେ ନିରନ୍ତର ଅପ୍ରେମର ଯନ୍ତ୍ରଣା ଭୋଗୁଛି । କାହିଁକି ? ଯେ ଭୋଗାଶ୍ରିତ ପ୍ରେମର ମହାମହିମ ବିଶୁଦ୍ଧତା ଚାହାନ୍ତି ତାଙ୍କ ପାଇଁ ମର୍ତ୍ତ୍ୟରେ ତାହା ସୁଲଭ ହେବ କିପରି ? କାବ୍ୟନାୟକ ନାରୀପ୍ରେମର ଅନିର୍ବାଚ୍ୟ ଦିବ୍ୟାସ୍ୱନ ଚାହୁଁଛି । ଭାଗ୍ୟ କିନ୍ତୁ ମାଳିନ୍ୟ ଓ ଧୂସରତା । ପଦେ ପଦେ ତାଙ୍କର ସ୍ଖଳନ, ପତନ ଓ ବାଧାବ୍ୟବଧାନ । ବିଶୁଦ୍ଧତାରେ ପହଞ୍ଚିବାକୁ ସଂଗ୍ରାମ ଅଛି, ତପସ୍ୟା ଅଛି, ମାତ୍ର ବାଧାବିଘ୍ନକୁ ଅତିକ୍ରମ କରିବାର ସମ୍ଭାବନା ବିଶେଷ ଦିଶୁନାହିଁ । ଅପ୍ରାପ୍ତର ଆକୁଳ ସଂଧାନ ଶେଷକଥା । ନୈରାଶ୍ୟବ୍ୟର୍ଥତା ପ୍ରେମର ଭାଗ୍ୟ ନୁହେଁ କି ? ପ୍ରେମ ଯାହା ଚାହେଁ, ତାହା କେବେ ପାଏନାହିଁ । ମିଗୁଏଲ ଦ ଉନାମୁନୋଙ୍କୁ ସ୍ମରଣ ରଖିଲେ ଶ୍ରୀରଥଙ୍କ ପ୍ରେମକବିତା ଭଲ ବୁଝିହେବ । ସେ କହନ୍ତି, 'Love seeks with fury, through the medium of the beloved, something beyond, and since it finds it not it despairs.' [20]

୨୦ । The Tragic Sense of Life, Page 132.

Digitized by PPRACHIN, SOA

ଶ୍ରୀରଥଙ୍କ ପ୍ରେମଭାବନା ପଛରେ ଇଂରାଜୀ କବିତାର ଅନୁପ୍ରେରଣା ଆମେ ସଂକ୍ଷେପରେ ସଂଧାନ କରିପାରିବା । ତଦ୍ଦ୍ୱାରା ତା'ର ରସମାଧୁର୍ଯ୍ୟ ପରିସ୍ଫୁଟ ହେବ ଓ ଆମ କବିଙ୍କ ବୈଶିଷ୍ଟ୍ୟ ସାମ୍ୟ ଓ ବୈଷମ୍ୟରେ ସମୁଜ୍ଜ୍ୱଳ ହୋଇ ଉଠିବ । ମୃତ୍ୟୁ ବା କାଳ ସହିତ ପ୍ରେମର ସଂଘର୍ଷ ଇଂରାଜୀ ପ୍ରେମକବିତାର ଏକ ବଶିଷ୍ଟ ଉପଲବ୍ଧି । ଆମେ ପ୍ରେମକୁ 'ଅବ୍ୟୟ ଅକ୍ଷୟ ନିତ୍ୟ ପଦାର୍ଥ' ବୋଲି କହିଦେଇ ନିଶ୍ଚିନ୍ତ, ମାତ୍ର ଇଂରାଜୀ କବିଗଣ କାଳସ୍ରୋତରେ ତା'ର ଚିରନ୍ତନତା ପରୀକ୍ଷା କରି ଦେଖିଛନ୍ତି । ସେକ୍ସପିଅରଙ୍କ ସନେଟ୍‌ଗୁଡ଼ିକର କାବ୍ୟନାୟକ ନିଜକୁ 'all in war with Time' ବୋଲି ଘୋଷଣା କରନ୍ତି । ପ୍ରେମର ପରମଶତ୍ରୁ କାଳ । ସେହି କାଳହାତରୁ ତାକୁ ରକ୍ଷା କରିବାକୁ ହେବ । ସେକ୍ସପିଅରଙ୍କ କାବ୍ୟନାୟକ କବି-ପ୍ରେମିକ । କବିତାଅସ୍ତ୍ରବଳରେ ସେ କାଳକୁ ପରାଭୂତ କରିବାକୁ ଚାହାନ୍ତି, 'My love shall in my verse ever live young'. କବି ଡନ୍‌ଙ୍କ କାବ୍ୟନାୟକ ମଧ୍ୟ କାଳକୁ ଭ୍ରୂକ୍ଷେପ କରେ ନାହିଁ । ତାଙ୍କ କହେ,

Love, all alike, no season knowes, nor clyme
Nor houres, dayes, months, which are
the rags of time.

—The Sunne Rising

କବି ଡନ୍ ସେହିନ ପ୍ରିୟାର ଆଶ୍ଳେଷ ମଧ୍ୟରେ ଅମୃତଭରା ସପ୍ତମ ରତ୍ନର ଉପଲବ୍ଧି ଲାଭ କରିଛନ୍ତି । ତାଙ୍କ କାବ୍ୟନାୟକ ପ୍ରେମୋପଲବ୍ଧିକୁ ଅନନ୍ତଆସ୍ୱାଦନ ବୋଲି ଘୋଷଣା କରନ୍ତି,

When thou and I first one another saw :
All other things, to their destruction draw
Only our love hath no decay;
This, no tomorrow hath, nor yesterday,
Running it never runs from us away

Digitized by PPRACHIN, SOA

But truly keeps his first, last,
everlasting day.
—Anniversarie.

ପର ମୃତ୍ୟୁର ମୃତ୍ୟୁସଚେତନତା ତାକୁ ମଧ୍ୟ ନିରସ୍ତ କରି ପାରୁନାହିଁ । କାଳ ଦେହକୁ ଗ୍ରାସିବ ସିନା, ଆମ୍ଭର ମିଳନକୁ ଛିନ୍ନ କରି ପାରିବ ନାହିଁ । କବି ମାର୍ଭେଲ ଜନ୍ମ ପ୍ରେମର ଚିରନ୍ତନତାରେ ବିଶ୍ୱାସ ରଖନ୍ତି ନାହିଁ । ତାଙ୍କ କାବ୍ୟନାୟକ କିନ୍ତୁ କମ କାଳ-ସଚେତନ ନୁହେଁ । ସେ ଅହରହ କାଳରଥର ଘର୍ଘର ଘୋଷ ଶୁଣିଥାଏ, ‘But at my back I alwaies hear/Times winged charriot hurrying near’ (To His Coy Mistress) । ସେ କିନ୍ତୁ ପଳାୟନପର ବର୍ତ୍ତମାନକୁ କବିତାରେ ଚିରନ୍ତନ କରିବାକୁ ଯିବ ନାହିଁ, ମୂଲଭ ଦେହଜନିତ ମିଳନାନନ୍ଦକୁ ବରଂ ପ୍ରାଣଭରି ଉପଭୋଗ କରିବ, ତେଣୁ କହି ରଖିଛି, ‘Thus, though we can not make our Sun/ Stand Still, yet we will make him run.’ ପ୍ରେମ ପ୍ରେମ ଚିରନ୍ତନ—ପ୍ରଚଳିତ ଏହି ଗତାନୁଗତିକ ଧାରଣାଟିକୁ କବି ମାର୍ଭେଲ ବିଦାୟ ଦେବାକୁ ଚାହାଁନ୍ତି । ତାଙ୍କ ପ୍ରେମଧାରଣାଟି ବେଶ୍ ଆଧୁନିକ । ସେ କହନ୍ତି,

As Lines so Loves oblique may well
Themselves in every Angle greet:
But ours so truly Paralel
Though infinite can never meet. (VII)
Therefore the Love which us doth bind
But Fate so enviously debars,
Is the Conjunction of the mind,
And opposition of the stars,
—The Definition of Love.

ଯେଉଁମାନେ କବି ଡନ୍‌ଙ୍କ ‘A Valediction: Forbidding Mourning’ ପଢ଼ିଛନ୍ତି, ସେମାନେ ଏହାକୁ ତାହାର ପ୍ରତିବାଦ ବୋଲି ସହଜରେ ଜାଣି ପାରିବେ । ଡନ୍‌ଙ୍କ ପ୍ରେମିକ ପ୍ରେମିକା ଦୂରେ ହୋଇ ମଧ୍ୟ

Digitized by PPRACHIN, SOA

ଏକାତ୍ମ (our two Soules therefore, which are one) କହୁ ମାର୍ଭେଲ କହନ୍ତି, ପ୍ରେମିକ ପ୍ରେମିକା ଏକାତ୍ମ ହୋଇ ନ ପାରନ୍ତି । ଦୁହିଁଙ୍କର ସମାନ୍ତରାଳ ପୃଥକ ବ୍ୟକ୍ତିସତ୍ତା କେବେ ଅଭିନ୍ନ ହୋଇ ନ ପାରେ । ମିଳନ କେବଳ ମନଗଢ଼ା କଥା । ପରସ୍ପରଠାରୁ ବହୁଦୂରରେ ଅବସ୍ଥିତ ଦୁଇଟି ନକ୍ଷତ୍ର ପୃଥିବୀରୁ ପାଖକୁ ପାଖ ଥିଲାଭଳି ଦିଶିପାରନ୍ତି । ମାତ୍ର ସେପରି ଦେଖା କ'ଣ ସତ୍ୟ ହୋଇ ପାରେ ? ମନର କଳ୍ପନା ଭିନ୍ନ ଅନ୍ୟତ୍ର କାହିଁ ପ୍ରେମ ଦୁଇଟି ବ୍ୟକ୍ତିଙ୍କୁ ମିଳାଇ ନ ପାରେ । ଶ୍ରୀରଥଙ୍କ କାବ୍ୟନାୟକ ମିଳନକୁ ମନଗଢ଼ା ବ୍ୟାପାର ବୋଲି ଜାଣେ । ଏଠାରେ ମନେ ରଖିବାକୁ ହେବ ଯେ, ସେକ୍ସପିଅର, ଡନ୍ ଓ ମାର୍ଭେଲ ଶ୍ରୀରଥଙ୍କୁ ଅନୁପ୍ରେରିତ କରିଛନ୍ତି ମାତ୍ର । ତାଙ୍କ କାବ୍ୟନାୟକ ସେକ୍ସପିଅରଙ୍କ କାବ୍ୟନାୟକ ପରି 'all in war with Time', ସେ ଡନଙ୍କ ନାୟକ ପରି ପ୍ରେମ ପଛରେ ମୃତ୍ୟୁକୁ ଅବାରିତ ଦେଖେ, ମାର୍ଭେଲଙ୍କ ନାୟକ ପରି ନିଜ ପଛରେ ନିରନ୍ତର କାଳରଥର ଘର୍ଘର ଧ୍ୱନି ଶୁଣେ ଓ ତଥାକଥିତ ପ୍ରାଣର ମିଳନକୁ ସମ୍ପୂର୍ଣ୍ଣ କାଳ୍ପନିକ ବ୍ୟାପାର ବୋଲି ଜାଣେ । ଯେବେ ଏହାକୁ ପ୍ରଭାବ କୁହାଯାଏ, ତେବେ ପ୍ରଭାବ ଏଇ ପର୍ଯ୍ୟନ୍ତ । ଶ୍ରୀରଥ ଏଇଠି ଅଟକି ନାହାନ୍ତି । ତାଙ୍କ ପାଇଁ ଏମାନଙ୍କ ମଧ୍ୟରୁ କାହାର ଉପଲବ୍ଧି ଧ୍ରୁବ ନୁହେଁ । ପ୍ରେମର ଅବ୍ୟୟ ଅକ୍ଷୟ ନିତ୍ୟ ରୂପଟିକୁ ସେ ଅସ୍ୱୀକାର କରନ୍ତି ନାହିଁ । ଯଦିଓ ଜାଣନ୍ତି ମିଳନର ସେହି ମୁହୂର୍ତ୍ତଟି ସୁଦୂର ପରାହତ, ତଥାପି ସେହି ନିତ୍ୟ ରୂପଟି ତାଙ୍କ ଏକମାତ୍ର ଧ୍ୟେୟ । ମାର୍ଭେଲଙ୍କ କବିତା ମଧ୍ୟ ଇଂରାଜୀ ପ୍ରେମକବିତାର ଉପସଂହାର ନୁହେଁ । ତାଙ୍କ ପ୍ରଭାବ ସତ୍ତ୍ୱେ ରୋମାଣ୍ଟିକ କବିଗଣ ପ୍ରେମକୁ ଅକ୍ଷୟ ଅବ୍ୟୟ ଶାଶ୍ୱତ ପଦାର୍ଥ ବୋଲି ଘୋଷଣା କରିବାକୁ ପରାଙ୍ମୁଖ ହୋଇ ନାହାନ୍ତି । ଏଇ ଯେମିତି ସେଲି କହନ୍ତି,

Fate, Time, Occasion, Chance, and Change ?
To these
All things are subject but eternal Love.

—Prometheus Unbound, II. IV, 119

Digitized by PPRACHIN, SOA

ଆମେ ଖ୍ରୀଷ୍ଟଧର୍ମୀମାନେ ଏହି ଅର୍ଥରେ ମଧ୍ୟ ପ୍ରେମର ଶାଶ୍ୱତ ରୂପରେ ବିଶ୍ୱାସୀ । 'ପ୍ରବୋଧ ଚନ୍ଦ୍ରୋଦୟ' ନାଟକରେ କୁହାଯାଇଛି, ଈଶ୍ୱରଙ୍କ ଐକାନ୍ତିକ ପ୍ରେମକୁ କାଳ ନଷ୍ଟ କରି ପାରେ ନାହିଁ, ନ ଖଳୁ ଭବାନୁବନ୍ଧଃ ପ୍ରେମା କାଳେନାପି ବିଘଟତେ । କବି ରବୀନ୍ଦ୍ରନାଥ ମଧ୍ୟ ଏହି ବିଶ୍ୱାସକୁ ସ୍ୱୀକାର କରନ୍ତି, 'ଆମରା ଦୁଜନେ ଭାସିୟା ଏସେଛି ଯୁଗଲ ପ୍ରେମେର ସ୍ରୋତେ/ଅନାଦି କାଲେର ହୃଦୟ-ଉତ୍ସ ହତେ' (ଅନନ୍ତ ପ୍ରେମ) । ଏସବୁ କଥାର କଥା ପରି ଶୁଭେ । ଶ୍ରୀରଥଙ୍କ ପାଇଁ ଏହି ସବୁ ରୋମାଣ୍ଟିକ୍ କବିମାନଙ୍କର ବିଶେଷ କୌଣସି ପ୍ରତିଶ୍ରୁତି ନାହିଁ । ନଶ୍ୱର ଜୀବନ କାଳ ମଧ୍ୟରେ ପ୍ରେମର ଶାଶ୍ୱତ ପରମ ମୂହୂର୍ତ୍ତକୁ ଉତ୍ତୀର୍ଣ୍ଣ ହେବା ଯାହାର ସାଧନା, ତାଙ୍କ ପାଇଁ ପ୍ରେମକୁ ଅକ୍ଷୟ ଅବ୍ୟୟ କହିଦେଲେ କେବେ ଯଥେଷ୍ଟ ହୁଏ ନାହିଁ । ବରଂ କବି ଟେନିସନ୍, ମାଥ୍ୟୁ ଆର୍ନୋଲ୍ଡ୍, ଦାନ୍ତେ ଗାବ୍ରିୟେଲ ରସେଟି, ରବର୍ଟ ବ୍ରାଉନିଂ ଓ ଏଲିୟଟ୍ ପ୍ରମୁଖ କବିଗଣ ତାଙ୍କର ଆଦର୍ଶ । ଏମାନେ ଜୀବନ୍ତ ପ୍ରେମରେ ପରମ ମୂହୂର୍ତ୍ତକୁ ଉପଲବ୍ଧି କରିବାକୁ ଆକୁଳ ଆଗ୍ରହ ପ୍ରକାଶ କରିଛନ୍ତି । ସେହି ଆଗ୍ରହର ଧାରାଟିକୁ ଆମେ ଅଳ୍ପକେ ଲକ୍ଷ୍ୟ କରି ପାରିବା । ଜଣେ ପ୍ରେମ କାଳୋତ୍ତୀର୍ଣ୍ଣ ଅଭିଜ୍ଞତାରେ ଉପନୀତ ହୋଇ ପାରେ ବୋଲି ରସେଟି ବିଶ୍ୱାସ କରନ୍ତି,

And shall my sense pierce love,—the last relay
And ultimate outpost of eternity

—The Dark Glass.

ଏହି ସୂତ୍ରରେ ରବର୍ଟ ବ୍ରାଉନିଂଙ୍କ ପ୍ରସିଦ୍ଧ କବିତା, 'The Last Ride Together' ମଧ୍ୟ ଉଲ୍ଲେଖ୍ୟ । ପ୍ରେମିକ ପ୍ରେମିକା ସହିତ ଅଶ୍ୱବାହି ଚାଲିଛି । ସେହି ନିରବଚ୍ଛିନ୍ନ ଯାତ୍ରାରେ ପରମ ମୂହୂର୍ତ୍ତ ଅବତର ଆସିଛି । ପ୍ରେମିକଭିତ କାଳୋତ୍ତୀର୍ଣ୍ଣ ଅଭିଜ୍ଞତା ଦେଖନ୍ତୁ,

What if we still ride on, we two,
With life forever old yet new,
Changed not in kind but in degree,

Digitized by PPRACHIN, SOA

The instant made eternity—
And heaven just prove that I and she
Ride, ride together, forever ride ?

ଗତିରେ ସଙ୍ଗତ । ମିଳନ ମୁହୂର୍ତ୍ତଟି ଚିରନ୍ତନ । କାଳର ଦୃଷ୍ଟିକ୍ଷେପ ପ୍ରତ୍ୟାହୃତ । ପ୍ରେମିକ ହୃଦୟାନନ୍ଦରେ ସମ୍ପୃକ୍ତ । ଏହି ଶାଶ୍ୱତ ମୁହୂର୍ତ୍ତଟି ପାଇଁ କବି ଏଲିଅଟ୍‌ଙ୍କ ପ୍ରେମସାଧନା ଉନ୍ମୁଖ ରହିଛି ବୋଲି ଆମେ ଆଗରୁ କହିଛୁ । ଅନେକ କବିତାରେ ତାଙ୍କର ପ୍ରେମ ଆସିଛି, ମାତ୍ର ଆସି ପହଞ୍ଚିନାହିଁ ; ବରଂ ଘନଘୋର ବର୍ଷାସିକ୍ତ ବିଜୁଳି ପରି ଝଲସି ଉଠି ମୃତ୍ୟୁ ଓ ବିଚ୍ଛିନ୍ନତାବୋଧର ଅନ୍ଧକାରକୁ ନିବିଡ଼ତର କରି ଦେଇ ଯାଇଛି । 'Ash-wednesday'-କବିତାରେ ଶେଷପର୍ଯ୍ୟନ୍ତ ପ୍ରେମର ସମ୍ଭ୍ରମ ଦୃଷ୍ଟି ଆସିଛି କେବଳ ଆସି ଗୁଳିଯିବା ପାଇଁ । ନାଟକ ଗୁଡ଼ିକରେ ବିବାହ ଅଛି, ମାତ୍ର କାହିଁ ପ୍ରେମ ନାହିଁ । ସବୁଠି ଅପ୍ରେମର ଯନ୍ତ୍ରଣା ଦୁର୍ବହ । ବିବାହ ବାହାରେ ବରଂ ସେଲିଆ ପ୍ରେମାନୁଭୂତିର ଅନ୍ତର୍ଦୃଷ୍ଟି ଲାଭ କରି ଜୀବନ ସୁଲଭ ଅବସାଦରୁ ମୁକ୍ତି ଖୋଜିଛି, ଯଦିଓ ଶେଷ ପର୍ଯ୍ୟନ୍ତ ମୁକ୍ତି ସୁଲଭ ହୋଇ ନାହିଁ । ତାର ଉପଲବ୍ଧି ସ୍ମର୍ତ୍ତବ୍ୟ : "And after that I lived in a present/Where time was meaningless, a private world of ours/Where the word happiness had a different meaning/Or so it seemed. (The Cocktail Party, Act I, Seen 2) । 'The Family Reunion ରେ ମଧ୍ୟ କୌଣସି ପ୍ରକାର ପ୍ରେମସମୃଦ୍ଧ ମିଳନ ସମ୍ପାଦିତ ହୋଇ ପାରିନାହିଁ । 'The Confidential Clerk'ର ତରୁଣ ତରୁଣୀ ସମଗୋତ୍ର ବୋଲି ପ୍ରତିପନ୍ନ ହେବାରୁ ମିଳନାନନ୍ଦରୁ ବଞ୍ଚିତ ରହିଛନ୍ତି । କେବଳ ଶେଷ ନାଟକ 'The Elder Statesman' ଶେଷରେ ପରିପୂର୍ଣ୍ଣ ମିଳନର ପରମ ମୁହୂର୍ତ୍ତ ନଇଁ ଆସିଛି । କବିଙ୍କ ପ୍ରେମାକାଙ୍କ୍ଷା ଚରିତାର୍ଥ ହୋଇଛି । ମୋନିକା ପ୍ରେମର ସମ୍ଭ୍ରମ ଦୃଷ୍ଟିରୁ ପ୍ରେମିକକୁ ବୁଝାଇଛି,

Age and descrepitude can have no terrors
for me

Digitized by PPRACHIN, SOA

Loss and vicissitude can not appal me
Not even death can dismay or amaze me
Fixed in the certainty of love unchanging
I feel utterly secure
In you; I am part of you. (Act III)

ଦିବ୍ୟ ପ୍ରେମୋପଲବ୍ଧିର ଏହି ଚୂଡ଼ାନ୍ତ ମୁହୂର୍ତ୍ତ ଯାଏଁ ସାଧନାର ଧନ । କବିଙ୍କ La figlia che Piange (young girl weeping) ଠାରୁ 'The Elder statesman' ପର୍ଯ୍ୟନ୍ତ ଆମେ ଏକ ଅନ୍ୱେଷଣଶୀଳ ପ୍ରାଣର ଅଭିଜ୍ଞତା ଦେଇ କ୍ରମ ପ୍ରସାରିତ ବିବର୍ଦ୍ଧିତ କାବ୍ୟଚେତନାକୁ ଭେଟୁଛୁ, ଯାହା ଜୀବରୁ କ୍ରମଶଃ ଆସି ଶିବରେ ପହଞ୍ଚୁଛି । ଏହାପରେ ଫୋର କ୍ୱାର୍ଟେଟସ୍‌ର ଅଧ୍ୟାତ୍ମ ଚେତନା ଆଉ ଅନୁପଲବ୍ଧ ରହନ୍ତା କପରି ? ଶ୍ରୀରଥ ଅନୁରୂପ ପ୍ରେମସାଧନା ଆରମ୍ଭ କରିଛନ୍ତି, ପଞ୍ଜରଭେଦୀ ଏକ ବ୍ୟାକୁଳ ଅନ୍ୱେଷଣ ତାଙ୍କର ସଦା ସମୁଦ୍ୟତ ରହିଛି । ପ୍ରେମର ସପ୍ତମ ରିତୁ ନ୍ୟୂନତମ ପ୍ରତ୍ୟାଶା, ହେଉନା ପଛେ ତାହା ସେତେ କ୍ଷଣଭଙ୍ଗୁର । ସେ ତଥାପି ଏକାସ୍ତୀପ୍ସୁ ଉପଲବ୍ଧିରେ ଉପନୀତ ହୋଇ ନାହାନ୍ତି । ମିଳନ ସମ୍ପାଦିତ ହେଉଛି କେବଳ ବିବାହ ଉତ୍ସବରେ । ବିଚ୍ଛେଦ ଅନତିକ୍ରମ୍ୟ । ତାର ବିରହୀଟିଏ ମିଳନ ଅନୁସନ୍ଧାନରେ ବାହାରିଛନ୍ତି । ଏହି ସୂତ୍ରରେ ସେ ମିଥ୍ୟା ମନଗଢ଼ା ସମ୍ପର୍କ ଉପରେ ପ୍ରତିଷ୍ଠିତ ତଥାକଥିତ ପ୍ରେମ ସମ୍ବନ୍ଧକୁ ଆମର ବିବସ୍ତ୍ର କରି ଦେଇଛନ୍ତି, କବିତାରୁ ତାଙ୍କର ଆମରି ଆତ୍ମପ୍ରବଞ୍ଚନାର ହାସ୍ୟକର ଅଥଚ କରୁଣ ରୂପଟି ଆଉ ଅଛପା ରହୁନାହିଁ ।

କାବ୍ୟନାୟକ ସ୍ୱାମୀ ଓ ପ୍ରେମିକ । ଅଥଚ ସେ କିଛି କମ୍ ଏକୁଟିଆ ନୁହେଁ । ସେ କହେ,

"ଏବଂ ମୁଁ ଅଗ୍ନାଗ୍ନି ବଣେ ଶୁଆ ତଥା ଅନ୍ୟାନ୍ୟ ଚଢ଼େଇ
ମାନଙ୍କୁ ଚଢ଼ିବା ପାଇଁ ଧାନ କ୍ଷେତେ ବାଉଁଶରେ ବନ୍ଧା
ସପେଦ କନାର ଅଟେ ଅଭ୍ୟନ୍ତର । ଖୁବ୍ ଏକୁଟିଆ ।"

—ଅନନ୍ତ ଶୟନ ।

Digitized by PPRACHIN, SOA

ନିଷ୍ପ୍ରାଣ ଚରିତ୍ରରେ ହୁରୁଡ଼ାଟିଏ ସେ । କବି ଇଏଟ୍ସ୍ ଓ ଏଲିଅଟ୍‌ଙ୍କ ହ୍ୟାଲୋମ୍ୟାନ୍ ସହିତ ତାର ସାଧର୍ମ୍ୟ ଅନାୟାସ ଲକ୍ଷ୍ୟ । ହ୍ୟାଲୋମ୍ୟାନ୍ ଥିଲେ ଏମିତି ଖଳିର ହୁରୁଡ଼ାଟିଏ, 'Such deliberate disguishes/ Rat's coat, crow skin, crossed Staves/In a field. (The Hollow men) । ଇଏଟ୍ସଙ୍କ କାବ୍ୟନାୟକ ମଧ୍ୟ 'tattered coat upon a stick. (Sailing to Byzantium) । ଏହି ପ୍ରସଙ୍ଗରୁ ବୁଝିବାକୁ ହୁଏ ଯେ, ହୁରୁଡ଼ା ପ୍ରତୀକଟିରେ ଶ୍ରୀରଥଙ୍କ କାବ୍ୟନାୟକର ଆଧ୍ୟାତ୍ମିକ ପଙ୍ଗୁତା ଓ ପ୍ରେମୋପଲବ୍ଧିର ଅକ୍ଷମତା ସୂଚିତ ହୋଇଛି । ଅସ୍ତିତ୍ୱ ତା'ର ଅନ୍ତଃସାରଶୂନ୍ୟ । ଅଥଚ ପ୍ରେମ କ'ଣ ତାହା ସେ ଜାଣି ଥିବାରୁ ଅପ୍ରେମର ଦୁର୍ବିଷହ ଯନ୍ତ୍ରଣା ଭୋଗୁଛି । ଅନ୍ତର୍ଦ୍ଦୃଷ୍ଟି ଓ ଆତ୍ମ ସଚେତନତାର ପରାଭବ କିଛି କମ ନିର୍ମମ ନୁହେଁ । ଆମ ପରି ପ୍ରେମର ସ୍ୱାନରେ ସେ ଆତ୍ମହରା ହୋଇ ପାରୁନାହିଁ । ବରଂ ତଥାକଥିତ ପ୍ରେମର ମିଥ୍ୟାମୋହ ଓ ଭାବଚ୍ଛଳନାକୁ ବ୍ୟଙ୍ଗ କରୁଛି ଯଥେଷ୍ଟ । ଶ୍ରୀରଥଙ୍କ ପ୍ରେମକବିତା ଏଣୁ ବଡ଼ ବ୍ୟଙ୍ଗପ୍ରବଣ । କାବ୍ୟନାୟିକା ପ୍ରିୟା କି ପତ୍ନୀ । ତେବେ ପ୍ରିୟା କି ପତ୍ନୀ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ । କାବ୍ୟ-ନାୟକକୁ ଚିହ୍ନା ଯୁବତୀମାନେ ତ ମଲ୍ଲ ମଲ୍ଲ ଜଣାଯାନ୍ତି 'ମୋ ଚିହ୍ନା ଯୁବତୀ-ମାନେ ମଲ୍ଲମଲ୍ଲ ଜଣାଯାନ୍ତି ମତେ ।' ଦୁହେଁ ମୃତା, ଦୁହେଁ ଅବାଞ୍ଛିତା, ଦୁହେଁ ମଧ୍ୟ ସୁନ୍ଦରୀ ବିଧବା । ସମ୍ଭାବନା ଥାଇ ନ ଥିଲା ପରି । ବରଂ ସମ୍ଭାବନା ଶୂନ୍ୟତାହିଁ ଶେଷ ପରିଚୟ । ଦୁହେଁ ସୁଦେହିନୀ ଅବଶ୍ୟ, ଯଦିଓ ଠିକ୍ ଯୁବତୀ ନୁହଁନ୍ତି । ଖବର ଘଣ୍ଟାରେ ଏବେ ବି ହୋଇନି ସନ୍ଧ୍ୟା ।' 'ଏବେ ବି ରାତିରେ ଅସ୍ପଷ୍ଟ ପାହାଡ଼ ତଳେ ଦପ୍ ଦପ ଜଳିବା ନିଆଁର ନିମନ୍ତ୍ରଣ ତାଙ୍କ (ତମ) ଦେହେ ।' ବେକରେ ବହଳ ଚର୍ବି, ତଥାପି 'ଦେହର ନିଭୃତ ଗୁଇ ଗୁଇ ସଡ଼କର ପ୍ରାନ୍ତ ମୋଡ଼େ ମଦ୍ଗୁର ସ୍ୱରେଇ ।' 'ସମୁଦ୍ରକ କସ୍ତୁରୀର ବାସ୍ନା ତାଙ୍କ ଅଜସ୍ର ବାଳରେ' । କାମକାମନା ଦୃଷ୍ଟିରୁ ନାରୀ ବଡ଼ ଲୋଭନୀୟା ନିଶ୍ଚୟ । ମାତ୍ର ଲୋକୋତ୍ତର ଦେହାତୀତ ପ୍ରେମ ପାଇଁ ଅଭାଜନ । ସେ ପ୍ରତ୍ୟକ୍ଷତଃ କେବେ ନାୟକଜୀବନକୁ ପ୍ରେମ ଓ ସୋହାଗରେ ତଥା ଶାନ୍ତ ଓ ଶ୍ୟାମଳତାରେ ଆନନ୍ଦମୟ କରି ପାରେ ନାହିଁ । ନାରୀଙ୍କ ପାଇଁ କବି ଶ୍ରୀରଥଙ୍କର ମମତା ଅଛି, ଅଛି ମଧ୍ୟ ମର୍ଯ୍ୟାଦାବୋଧ । ଅଥଚ

Digitized by PPRACHIN, SOA

ତାକୁ ସେ ପ୍ରେମପ୍ରତିମା ରୂପେ ଦେଖିପାରନ୍ତି ନାହିଁ । ନାରୀ ଯେ ମଣିଷ, ସେ କଥା ସେ ଭୁଲିବେ କିପରି ? ଅପୂର୍ଣ୍ଣତା ଓ ଅଚରିତାର୍ଥତା ମଧ୍ୟ ତା'ର ନିୟତି ନୁହେଁ କି ? ନାୟକ ପରି ନାୟିକା ତେଣୁ ତାଙ୍କର ଅନବଦ୍ୟ ପ୍ରେମର ଉପଯୁକ୍ତ ପାତ୍ରୀ ହୋଇ ପାରେ ନାହିଁ । ସ୍ୱପ୍ନ ଓ କଳ୍ପନାରେ ସେ ଅପାଶୋର ଲାବଣ୍ୟମୟୀ ଓ ହୃଦୟସ୍ପୃଶ୍ୟ ହୋଇ ପାରେ, ମାତ୍ର ବାସ୍ତବରେ ବଡ଼ ଭୟଙ୍କର । ସ୍ୱପ୍ନରେ ଯେଉଁଠି ପ୍ରେମର ସପ୍ତମ ଋତୁ ନଇଁଆସିଛି, କାବ୍ୟନାୟକ ସେଠାରେ ତାକୁ ପରିପୂର୍ଣ୍ଣ ପ୍ରଣୟ ପ୍ରତିମା ରୂପେ ଅନନ୍ତ ସୁଷମାରେ ମଣ୍ଡି ଦେଇଛି,

ସେ ଏକ ପୃଥକ ଋତୁ, ତାହାପରି ଋତୁ ଏ ପର୍ଯ୍ୟନ୍ତ
ସେ ଜୀବନେ ଆସିନାହିଁ । ଲକ୍ଷ ଲକ୍ଷ ତାରଙ୍କ ଗୁନ୍ଥୁଆ
ଛଳେ ଝିଁଣେ ଆସେ ପିନ୍ଧି ଧଳାଶାଢ଼ି, ଜୋଛନା ବ୍ଲାଉଜ ।
ଚନ୍ଦ୍ରାଲୋକ ମଳ ଢଳେ, ଭସିଯାନ୍ତି ଅସଂଖ୍ୟ ବୋଝେଇ
ବୋଇତଙ୍କ ସ୍ମୃତି ତା'ର ଧୋବ ଆଖି ନିଶ୍ଚଳ ହ୍ରଦରେ ।
ମୁଁ କ'ଣ ପ୍ରେମିକ ତାର, ବା ଅପ୍ରାପ୍ତ ବୟସ୍କ ବାଳକ
ନଡ଼ିଆ ଗଛରେ ପୂର୍ଣ୍ଣ କୂଳେ ଦୌଡ଼ି ଝାଳ ନାଳ ହୋଇ
ଦେଖୁଛି ବୋଇତ ମାନେ ହଜିଯାନ୍ତି ଅବ୍ୟକ୍ତ ଇଚ୍ଛାରେ ?
ତା ଗୁଛି ଓଠେ ଓ ପଡ଼େ, ମନେ ପଡ଼େ ତାର ହସ ଯାହା
ଆସିଲା ନ ଦେଇଥିବା ହାଲ୍କା ଆଦ୍ୟ ଚୁମ୍ବନ ଉଷ୍ମରେ
ଏବଂ ଆଲିଙ୍ଗନ ଆଗୁ (ଏ ପର୍ଯ୍ୟନ୍ତ ଯାହା ଘଟିନାହିଁ) ।

ପ୍ରେମର ଗର୍ବ ନାରୀ; ପୂର୍ଣ୍ଣ ଓ ଅକ୍ଷୟ ଐଶ୍ୱର୍ଯ୍ୟ ପ୍ରତିମା । ସମସ୍ତ ଦୈନ୍ୟ ଓ ଅବସାଦର ମହା ଅବସାନ ମଧ୍ୟ । ଏଇ ଯେମିତି ଚୁମ୍ବନଟିରେ ଅକ୍ଷୟ ସ୍ୱର୍ଗ ହସ୍ତଗତ ହୋଇଯିବ । ମାତ୍ର ଚୁମ୍ବନ କାହିଁ ? ଆଲିଙ୍ଗନ କାହିଁ ? ଏପର୍ଯ୍ୟନ୍ତ ତାହା ଘଟିନାହିଁ । ବାସ୍ତବରେ ନାରୀ ବଡ଼ କୁତ୍ସିତ, କଦାକାର ଓ ଭୟଙ୍କର । ବଡ଼ ବୀଭତ୍ସ ତା'ର ଚୁମ୍ବନ ଓ ଆଲିଙ୍ଗନ । କାବ୍ୟ ନାୟକର ଘୃଣା ଓ ଆତଙ୍କର ସୀମା ରହେ ନାହିଁ, ସେ ତା'ର ଉପସ୍ଥିତିକୁ ମଧ୍ୟ ସହି ପାରେ ନାହିଁ । ଉପଲବ୍ଧି ଦେଖନ୍ତୁ,

Digitized by PPRACHIN, SOA

ସେ ଏକ ପୃଥକ ଋତୁ, ଆଜି କିନ୍ତୁ ବର୍ଷାର ନାଦରେ
ସେ ଆସନ୍ତି ଦେବାଲାଗି ସେ ଦିନର ଅଧିଆ ଚୁମ୍ବନ
ସେ ଦିନ ନ ଦେଇଥିବା ଆଲିଙ୍ଗନ, ଆଜି ସେ ଆସନ୍ତି
କାଠହାତ ହଲାଇ ଓ ସେ ବସନ୍ତି ମୋର ବିଛଣାରେ
ମୁଁ ମନା କରିବା ସତ୍ତ୍ୱେ ସେ କହନ୍ତି ଖାଅ ଖାଅ ଏବଂ
ସେ ବାନ୍ଧନ୍ତି ମଲ୍ଲୀମାଳ ମୋ ଖଟର ମଶୁରି ବାଡ଼ରେ
ସେ କ'ଣ ପ୍ରେମିକା ମୋର ? କିନ୍ତୁ ତାଙ୍କ ମୁହଁର ଚମଡ଼ା
ଧୂଡ଼ୁ ଧୂଡ଼ୁ, ଭଙ୍ଗା ଓ ମଇଳା ଫ୍ରେମ୍ ଚଷମା ଭିତରୁ
ତାଙ୍କର ଏକାଗ୍ର ଦୃଷ୍ଟି ସ୍କ୍ରୀନ୍‌ରେ କିମ୍ବା ତୀର୍ଥସ୍ଥାନେ
ମଠ ଖୋଜି ହୁଏ ଏବଂ ଆମେ ଗୁରିଣ୍ଡୁ ଖେଳିବେଳେ
ଅଚଳ ହୁଅନ୍ତି ମୋର ହାତ ଗୋଡ଼, ଫାଟି ପଡ଼ିଯାଏ
ଓ ନିଃଶ୍ୱାସ ବନ୍ଦ ହୁଏ ଏକାଧିକ ମୃତ୍ୟୁଙ୍କ ଦୁଃସ୍ୱପ୍ନ ।

—ହୃଦୟେଶ୍ୱରୀ

ମଲ୍ଲୀମାଳ ଶ୍ୟାମଙ୍କୁ ଦେଉଛନ୍ତି ଶ୍ରୀମତୀ, ମନ ତୋଷିବେ ! ଶ୍ୟାମଙ୍କ ପାଇଁ ଲମ୍ବି ଆସୁଛି କିନ୍ତୁ ଆଜଗର ମୃତ୍ୟୁର ବଳୟ ଗ୍ରାସ । ହାତଗୋଡ଼ ଅଚଳ, ଶ୍ୱାସରୁଦ୍ଧ । ନ ପଳାଇଲେ ଗତି ନାହିଁ । "ତୋ ଦେହ ଉଜ୍ଜ୍ୱଳ ମାଗୋ ସହସ୍ର ସୂର୍ଯ୍ୟ ଦୀପ୍ତିରୁ ଅଧିକ" ଆଦି ଚଣ୍ଡୀସ୍ତୋତ୍ର ଗାଇ ସେ ପ୍ରାଣ ବିକଳରେ ପଳାଇ ଯାଇ ବଞ୍ଚୁଛି । ହୃଦୟେଶ୍ୱରୀଙ୍କ ଚୁମ୍ବନ ଆଲିଙ୍ଗନ ପୁଣି ଏତେ ପ୍ରୀତିପ୍ରଦ ! ଏତେ ଆସ୍ୱାଦମୟ ! ପ୍ରେମର ସ୍ୱପ୍ନ ଓ କଳ୍ପନାରେ ନାସ୍ତି ମୋକ୍ଷମ । ପ୍ରକୃତରେ କିନ୍ତୁ କୁରୂପା କୁତ୍ସିତା । ମୁଗ୍ଧ ହେବାର କିଛି ନାହିଁ; ନା ରୂପରେ ନା ଚରିତ୍ରରେ । କାବ୍ୟ ନାୟକ ନିଜ ବିଷୟରେ ମଧ୍ୟ କିଛି କମ୍ ବ୍ୟଙ୍ଗରସିକ ନୁହେଁ । ନିଜକୁ ମଧ୍ୟ ସେ ପ୍ରେମିକ ସମ୍ରାଟ ବୋଲି ଜାଣେ—ଆଖିରେ ପ୍ରଚକ୍ଷୁ ଏବଂ ହାତରେ ମୁରଲୀ ।' ମୁହଁରେ ପାଚିଲା ରୁଢ଼ । ବତାସ ବେଗରେ ବାୟୁହାଣ ପରି ଧସି ଚାଲିବାରୁ ତା'ର ଚାତୁର୍ଯ୍ୟ ପ୍ରମାଣିତ ହୋଇଥାଏ ! ପ୍ରେମ ପାଇଁ ଦୁହେଁ ଅଭାଜନ ; ଶ୍ରୀମତୀ କନକ ପ୍ରତିମା ଗୋଷ୍ଠ ଉଷତ ଚଞ୍ଚଳ । ଶ୍ୟାମ ଉଣ୍ଣପର ଠହ ଠହ ହସ ମଧ୍ୟେ ପ୍ରେମିକ ସମ୍ରାଟ ! "We who are young are old"

Digitized by PPRACHIN, SOA

ଓଡ଼ିଆ ପ୍ରେମ କବିତାରେ ନାରୀକୁ ପୁରୁଷ ନିମ୍ନନ ଆଲିଙ୍ଗନ ମଧ୍ୟରେ ପାଇବାକୁ ବ୍ୟାକୁଳ ହୋଇଥାଏ । କାମନାର ଉଦଗ୍ରତା ପ୍ରେମାବେଗ ଓ କାମାର୍ତ୍ତି ମଧ୍ୟରେ ଥିବା ପାର୍ଥକ୍ୟକୁ ଅନେକାଂଶ ଘୁଞ୍ଚାଇ ଦେଇଥାଏ । ଶ୍ରୀରଥଙ୍କ ପ୍ରେମଚେତନା କିନ୍ତୁ ବଡ଼ ସୂକ୍ଷ୍ମ ସୁକୁମାର । କାମାର୍ତ୍ତି ରହିତ । ନାୟିକାକୁ ତାଙ୍କ ନାୟକ ଇନ୍ଦ୍ରିୟଗମ୍ୟତା ମଧ୍ୟରେ ପାଇବାକୁ ବ୍ୟାକୁଳ ହୁଏ ନାହିଁ; ବରଂ ସେହି ଇନ୍ଦ୍ରିୟ-ପ୍ରୀତିର ଏଷଣାକୁ ଦେହ ଓ କାଳୋତ୍ତର ଚିତ୍ତବୃତ୍ତିରେ ପରିଶୋଧିତ କରିବାକୁ ନିରନ୍ତର ଉନ୍ମୁଖ ରହିଥାଏ । ନାରୀପ୍ରେମର ପରମ ଊର୍ଦ୍ଧ୍ୱାୟନ କବିଙ୍କର କାମ୍ୟ, ହେଉନା ପଛେ ଯେତେ ଦୁଃସାଧ୍ୟ ତାହା । ତେଣୁ ତାଙ୍କର ପ୍ରେମକବିତାରେ ଦେହ ମିଳନର ହର୍ଷଉଚ୍ଛ୍ୱାସ, ସମ୍ଭୋଗଜକ୍ଷୋଭ ଓ ଅଭିମାନ ଅଭିସାର ନାହିଁ, ପରିବର୍ତ୍ତେ ପରିବ୍ୟାପ୍ତ ରହିଛି ଅନ୍ତର୍ଲଗ୍ନ ଅତୃପ୍ତି ବିଷାଦର ସୁଗଭୀର ଉପଲବ୍ଧି, ଓଡ଼ିଆ କବିତାରେ ଯାହା ପଟାନ୍ତରହୀନ ।

ଶ୍ରୀରଥଙ୍କ ପ୍ରେମଭାବନା ମୁଖ୍ୟତଃ ବିବାହକୁ କେନ୍ଦ୍ରକରି ଗଢ଼ି ଉଠିଛି । ନାୟକ ଗୃହସ୍ଥ । ତା'ର ପ୍ରିୟା ଥିଲି, ଏବେ ସେ ହୋଇଛି ସ୍ମୃତିର ସାମଗ୍ରୀ । କାବ୍ୟନାୟକ ତରଫରୁ ଅନେକାଂଶ ପତ୍ନୀକୁ ସମ୍ବୋଧନ କରି ପ୍ରେମାବେଗ ଅଭିବ୍ୟକ୍ତ ହୋଇଛି, "ହେ ମୋ ପତ୍ନୀ ! 'ମାଆ ମୋର ମୃତ ଝିଅଙ୍କର, ହେ ମୋ ମୃତ ପ୍ରିୟତମା, 'ହେମୋପ୍ରବଞ୍ଚିତ ଯୌବନର ହସୁଥିବା ଶବାଧାର ଓ 'ମୃତବତ୍ସା ପତ୍ନୀ ଗୋ ମୋହର ଇତ୍ୟାଦି । ଲାକ୍ଷଣିକ ଅର୍ଥରେ ଏପରି ସମ୍ବୋଧନରେ ତେବେ ପ୍ରିୟା ଓ ପତ୍ନୀ ଏକ ଓ ଅଭିନ୍ନ ହୋଇ ଉଠିଥିବା ବିଶେଷ ନୁହେଁ । ନାରୀହିଁ ପ୍ରେମର ଉତ୍ସ । ତେଣୁ ସ୍ୱତନ୍ତ୍ର ଭାବରେ ଆମେ କେବଳ ପ୍ରିୟା ଉଦ୍ଦେଶ୍ୟରେ ଉଚ୍ଚାରିତ ପ୍ରେମାବେଗର କଥା ବିଚାର କରୁ- ନାହୁଁ । ବିବାହର ପ୍ରେମ ଆମର ମୁଖ୍ୟ ବିଚାର୍ଯ୍ୟ । ବିବାହ ଅଛି, ଅଥଚ ପ୍ରେମ ଅନୁପସ୍ଥିତ—ଏହି କରୁଣ ଓ ଶ୍ଳିଷ୍ଟ କୌତୁକ ଯେପରି କବିଙ୍କର ଉପସ୍ଥାପ୍ୟ ବିଷୟ । ସ୍ତ୍ରୀ ବଞ୍ଚି ଥାଉଁ ଥାଉଁ ବିବାହ ଜୀବନର ସତକଥା କହିବାକୁ ସେହିକ ବର୍ଣ୍ଣାର୍ଡ଼ଶ' ମଧ୍ୟ ସାହସ କରି ନାହାନ୍ତି । "The Book of Marriage' ଗ୍ରନ୍ଥ ପାଇଁ ପ୍ରବନ୍ଧଟିଏ ଦେବାକୁ ମନାକରି ସେ ଲେଖିଥିଲେ 'No man dare write the truth about marriage while

Digitized by PPRACHIN, SOA

his wife lives; ଅଥଚ ଶ୍ରୀରଥ ଆମ ବିବାହ ଜୀବନର ମୁଖା ଖୋଲି ଦେଉଛନ୍ତି । ବିଷପୁଟି ପୁଣି ସମ୍ପୂର୍ଣ୍ଣ ସ୍ତ୍ରୀ ସଂକ୍ରାନ୍ତ । ସାହସ କିନ୍ତୁ କମ୍ ସମ୍ଭ୍ରାନ୍ତ ନୁହେଁ ।

ଯୁଗ ଓ ଜୀବନ ପ୍ରଚଣ୍ଡ ଖରାଗ୍ରସ୍ତ । 'ମଧ୍ୟାହ୍ନ ସମସ୍ତ ଏକ ଅମର ବିଷୟ ।' ସୂର୍ଯ୍ୟାସ୍ତରେ ଖରା ଶେଷ ନୁହେଁ ।' ପ୍ରେମ ପାଇଁ ଅନୁକୂଳ ପରିବେଶ ନାହିଁ ବୋଲି ଆମେ ଆଗରୁ କହିଛୁ । ସ୍ୱାର୍ଥ ଆଜି ପରମାର୍ଥ । ସ୍ୱାର୍ଥାତିରିକ୍ତ ଅନ୍ୟ କୌଣସି ଉଦ୍ଦେଶ୍ୟ କାହାର ନାହିଁ । ସ୍ୱାର୍ଥ ସଞ୍ଚୟର ଦମ୍ଭ ଘୋଷଣା କରେ । ପ୍ରେମ ଚାହେଁ ସମର୍ପଣର ତୃପ୍ତି । ସ୍ୱାର୍ଥ ପାଖରେ ପ୍ରେମ ତିଷ୍ଠିବ କିପରି ? ମଣିଷ ମଣିଷ ମଧ୍ୟରେ ଆଜିର ସବୁ ସମ୍ପର୍କ ସ୍ଥୂଳ ଜୈବିକ ପ୍ରୟୋଜନ-ମେଣ୍ଟଣର ସୁଖ ବିନିମୟ ଉପରେ ପ୍ରତିଷ୍ଠିତ, "We all dwell together/To make money from each other." ଏହି ସମ୍ପର୍କ ସୂତ୍ର ସାଧନ ମାତ୍ର । କେବେହେ ସାଧ୍ୟ ନୁହେଁ । ପ୍ରେମ କିନ୍ତୁ ସ୍ୱୟଂ ସାଧ୍ୟ ବସ୍ତୁ । ଏପରି କ୍ଷେତ୍ରରେ ଆମ ଜୀବନରେ ପ୍ରେମ ଅଛି ବୋଲି କହିଲେ କିଛି ମିଛ କହିବାକୁ ହୁଏ । ବିବାହ ପୃଥିବୀ ବାହାରର କୌଣସି ସମ୍ପର୍କ ସୂତ୍ର ନୁହେଁ । ତାହା ମୂଳତଃ ଏକ ସାମାଜିକ ଅନୁଷ୍ଠାନ । ଉଦ୍ଦେଶ୍ୟ ବଂଶରକ୍ଷା । ପ୍ରେମ ନ ଥିଲେ ଅଚଳ ହେବାର କ'ଣ ଅଛି ? ଶ୍ରୀରଥଙ୍କ କାବ୍ୟନାୟକଙ୍କ ପରି ଯେଉଁମାନେ ପଶୁଚେତନାର ଊର୍ଦ୍ଧ୍ୱରେ ଅଛନ୍ତି, ସେମାନେ ଅବଶ୍ୟ ପ୍ରେମ ଖୋଜିବେ । ତାଙ୍କ ପାଇଁ ସାମାଜିକ ପ୍ରୟୋଜନଟି ହେବ ପ୍ରେମର ଭୂମିକା, ଆଉ ପ୍ରେମ ହେବ ତାର ଉତ୍ତରଣ । ସାମାଜିକ ଅନୁଷ୍ଠାନଟିର ଯୌନଚେତନାକୁ ପ୍ରେମାଦର୍ଶରେ ଅଭିମନ୍ତ୍ରିତ ନ କଲେ ତାଙ୍କର ସଦ୍‌ଗତି ନାହିଁ । କିନ୍ତୁ ପ୍ରେମ କାହିଁ ଯେ ବିବାହ ଅଭିମନ୍ତ୍ରିତ ହେବ ? ଯୌନଚେତନା ରୂପାନ୍ତରିତ ହେବ ? ଯୌବନର ମାଂସଳ ଉତ୍ସାହ ଓ ଉଦ୍ଦୀପନାରେ ପ୍ରେମ ଅତି ସହଜ ମନେହୁଏ । ଯେଉଁଠି ଚୁମ୍ବନ ଆଲିଙ୍ଗନ, ସେଇଠି ପ୍ରେମ ଉଚ୍ଛଳ ! ମାତ୍ର ପ୍ରେମଠାରୁ ଆଉ କଠିନତର କଥା କିଛି ଅଛି କି ? ଶ୍ରୀ ରଥଙ୍କ କାବ୍ୟନାୟକ ପାଇଁ ପ୍ରେମ ଦିନକୁ ଦିନ କଠିନରୁ କଠିନତର ହୋଇ ଉଠୁଛି । 'ବଡ଼ କଠିନ ହେ ପ୍ରୀତି ପାଳିବା ।' ଏ ଯେମିତି 'ତୀକ୍ଷ୍ଣ ଅସିଧାରେ ପଥ ଚାଲିବା ।' କବି ଅଭିମନ୍ୟୁଙ୍କୁ ମନେ ପକାନ୍ତୁ । ସେ ସେଦିନ ବୁଝାଇଛନ୍ତି, "ଲକ୍ଷଘୋଡ଼ା

Digitized by PPRACHIN, SOA

ନବମୀତ ପୁଆର—ପ୍ରଚଣ୍ଡାନଳ ପଥେ ଗୃଳବାର । ତନ୍ତ୍ରି କକର ଋଦ୍ଧିବ ଶରୀର ? ତତ୍ତ୍ୱ ଅଧିକ ପ୍ରୀତି ପାଳବାର ।” କୋମଳ ବ୍ୟାକୁଳ ପ୍ରେମ କେତେ ସୂକ୍ଷ୍ମ ସୁକୁମାର, ଆଜ ଏ ଜୀବନ ଓ ଜଗତ କେତେ ନିର୍ମମ ଓ ଭୟଙ୍କର ! ପ୍ରକୃତରେ ମଣିଷର ପ୍ରେମ ଅଶେଷ ଆଡ଼ମ୍ବର ଓ ସମ୍ଭାବନାରୁ ଆରମ୍ଭ ହୋଇ ଶେଷ ପର୍ଯ୍ୟନ୍ତ ବ୍ୟର୍ଥ ଓ ବ୍ୟାହତ ହେବାକୁ ବାଧ୍ୟ ହୁଏ । ବିବାହ ତାକୁ ରକ୍ଷା କରିପାରେ ନାହିଁ । ବିବାହର ତଥାକଥିତ ପ୍ରେମ ଏକ ଅଭ୍ୟାସ ମାତ୍ର । ତା ପଛରେ ବୁଦ୍ଧିବୃତ୍ତି ନାହିଁ କି ହୃଦୟାବେଗର ପରିତୃପ୍ତି ନାହିଁ । ବୃତ୍ତିର ସମାଜ ସହିତ ସମନ୍ୱୟର କୌଣସି ଚେଷ୍ଟା ମଧ୍ୟ ନାହିଁ । ତାହା ଅନ୍ତଃସାରଶୂନ୍ୟ ଓ ବିକୃତ । ଦେହର ମିଳନ ସମ୍ଭବ; ମାତ୍ର ମନର ବିଚ୍ଛେଦ ଅବଧାରିତ । ବିବାହ କେବେ କେବଳ ସ୍ୱାମୀ ସ୍ତ୍ରୀଙ୍କ ସମ୍ପର୍କ ସୂତ୍ର ହୋଇ ନ ଥିଲା, ତାହା ମୂଳତଃ ଥିଲା ସନ୍ତାନ ଓ ପିତାମାତାଙ୍କ ସମ୍ପର୍କ ସୂତ୍ର । ଆଜ କେନ୍ଦ୍ର ସନ୍ତାନ ଗୃହାନ୍ତ ନାହିଁ, ସମସ୍ତେ ଗୃହାନ୍ତ ବିବାହ ଜୀବନର ସୁଖ ! ସନ୍ତାନହୀନ ଜୀବନରେ ବାଦ-ବିସମ୍ବାଦର କାରଣ ଅଭାବ ହୁଏ ନାହିଁ । ସ୍ୱାମୀ ସ୍ତ୍ରୀ ଦୁହେଁ ମିଶି ନିଜ ନିଜକୁ ସମାଲୋଚନା ମନେ କରୁଥିବାରୁ ଜଣକର ପ୍ରାଧାନ୍ୟ ପ୍ରତିଷ୍ଠିତ ନ ହେବା ପର୍ଯ୍ୟନ୍ତ ଟଣାଓଟରା ଯୁଦ୍ଧ ଅବ୍ୟାହତ ରଖନ୍ତି । ଦୁହେଁ ସ୍ୱତନ୍ତ୍ର ବ୍ୟକ୍ତିତ୍ୱସମ୍ପନ୍ନ ହୋଇଥିବାରୁ ବ୍ୟକ୍ତିତ୍ୱ ସଂଘାତର ଆଘାତରେ ଦୁହିଙ୍କ ଅଗୋଚରରେ ପ୍ରେମ ମରିଯାଏ, କବର ଉପରେ ତାର ଠିଆହୁଏ ଶତ୍ରୁତା । ଉଇଲ୍ ଡୁରାଣ୍ଟ ଅଙ୍କ ଘରେ ଘରେ ଏହି ଶତ୍ରୁତାକୁ ଦେଖିଛନ୍ତି, ‘Love, which had always been a combat and chase, becomes a war, in which the night’s embrace is but a passing armistice.” (The Breakdown of Marriage) ଗ୍ରୀରଥଙ୍କ କାବ୍ୟନାୟକ ନିଜ ଘରେ ସେହି ଯୁଦ୍ଧ ହିଁ ଦେଖିଛନ୍ତି ଓ ନିଃସଙ୍କୋଚରେ ପତ୍ନୀକୁ କହିଛନ୍ତି,

ତମର ଓ ମୋର ଯେତେ ଶତ୍ରୁତା ତାହାର
ନର୍ଯାରେ ଅଙ୍ଗାର ହେବେ ଦେବଦେବୀ ପ୍ରତ୍ୟେକ ଦେଶର

—ଆତ୍ମୀୟ ଶତ୍ରୁତାର ସ୍ୱୀକୃତି କବିତା ।

Digitized by PPRACHIN, SOA

ଯେଉଁମାନେ ଇଉଜିନ୍ ଇୟୋନେସ୍କୋଙ୍କ ଆମେଦ୍ଦ (Amedee) ନାଟକ ପଢ଼ିଛନ୍ତି, ସେମାନେ ଆମଯୁଗ ଦାମ୍ପତ୍ୟ ଜୀବନର ଯାନ୍ତ୍ରିକତା ସମ୍ବନ୍ଧରେ ଅବହିତ ଥିବେ । ତାର ନାୟକ ନାଟ୍ୟକାର ଓ ନାୟିକା ଟେଲିଫୋନ୍ ଅପରେଟର୍ । ନାଟ୍ୟକାର ସାରା ଜୀବନକାଳ ମଧ୍ୟରେ ଦୁଇଟି ବାକ୍ୟରୁ ବେଶୀ ଲେଖି ପାରିନାହାଁନ୍ତି, ଆଉ ଅପରେଟର୍ ଅଜସ୍ର ଲୋକଙ୍କୁ କଥାବାର୍ତ୍ତାର ସୁଯୋଗ ଯୋଗାଇ ଦେଉଥିଲେ ମଧ୍ୟ ନିଜ ଘରଲୋକଙ୍କଠି ସହିତ ବୁଝାମଣାର କୌଣସି ଯୋଗସୂତ୍ର ସ୍ଥାପନ କରି ପାରିନାହାନ୍ତି । ସେମାନେ ଏବେ ନିଜ ଫ୍ଲାଟରେ ଦେଖୁଛନ୍ତି ଏକ ଶବ, ଯାହା ଦିନୁଦିନ ବଢ଼ି ସାରା ଫ୍ଲାଟଟିକୁ ମାଡ଼ି ବସୁଛି । ଶବଟି ମୃତପ୍ରେମ । ତାହା ସ୍ୱାମୀ-ସ୍ତ୍ରୀଙ୍କୁ ନିରନ୍ତର ବିବାହ ଜୀବନର ବ୍ୟର୍ଥତା ସୂଚାଉଛି । ଏହି ମୃତପ୍ରେମର ବୋଝକୁ ମୁଣ୍ଡରୁ ଖସାଇ ନୂତନ ଜୀବନ ଆରମ୍ଭ କରିବାର ସମ୍ଭାବନା ପୁଣି ଆଦୌ ରହିନାହିଁ । ଘରେ ଘରେ ଆଜି ଶବ, ଘରର ଘରେ ବଡ଼ ଯାନ୍ତ୍ରିକ ସହାବସ୍ଥାନ । ଶ୍ରୀରଥ ଦାମ୍ପତ୍ୟ ଜୀବନର ସେହି ବେଦନାଦାୟକ ସତ୍ୟଟିକୁ କବିତାରେ ରୂପାୟିତ କରିଛନ୍ତି । ସେହି ‘ଆତ୍ମୀୟ ଶତ୍ରୁ ର ଗୁଟି କବିତା’ରୁ ଆଉ କିଛି ଅଂଶ ଆମେ ଉଦ୍ଧାର କରି ପାରିବା,

ଆମ ଛକଘରର ବନ ବୁଢ଼ୀ ରାକ୍ଷାସୁଣୀ
ଆସିଥିଲା, ତମକୁ ସେ ଦେଲା ଚଟେଇର
ପାଳିଲା ଡାଳିମ୍ବ ପରି ଲାଲ୍ ଶବ, ମତେ
ଦେଲା ଧନୁ, ନାନାବିଧ ଶର ।
ଶରରେ କଳଙ୍କି ଲାଗେ, ଚଟେଇର ଶବ
ସଢ଼ିଯାଏ, ଏପରି ଭାବରେ
ଦୁହିଙ୍କର ମନସ୍କାମ ପୂର୍ଣ୍ଣ ହୁଏ ମୁଁ ତୁମକୁ ଅବା
ତମେ ମତେ ଛୁଇଁବାର ସ୍ୱପ୍ନ ଆରମ୍ଭରେ ।

ବୁଢ଼ୀ ରାକ୍ଷାସୁଣୀଟି ଅନତିକ୍ରମ୍ୟ ଭାଗ୍ୟ ନିୟନ୍ତ୍ରୀ । ତା’ର ସୁଦଂଷ୍ଟ୍ରାରୁ ଯୌବନର ସବୁ ଆୟୋଜନ ବିଫଳ ହୁଏ । କୌଣସି ପ୍ରକାରେ ମିଳନ ସମ୍ଭବପର ହୁଏ ନାହିଁ । ଦୁହେଁ ଦୁହିଁଙ୍କୁ ଛୁଇଁବା ତ ଦୂରର କଥା, ପ୍ରେମର ସ୍ୱପ୍ନ ଆରମ୍ଭରୁ ହିଁ ସ୍ୱପ୍ନ ସରିଯାଏ । ମଣିଷର ସ୍ୱପ ମାଛେ

Digitized by PPRACHIN, SOA

ନପୁଂସକ । ପ୍ରେମର ସ୍ୱପ୍ନ ବ୍ୟାହତ ଓ ବିକଳାଙ୍ଗ ନ ହେବ କିପରି ? ବିଚ୍ଛେଦ ଅବ୍ୟର୍ଥ । ଏବେ ବୁଝିହେବ ବିବାହ ମିଳନ ନା ମୁକାବିଲା ? ଅବଶ୍ୟ ଦୁନିଆ ଆଖିରେ ଦୁହେଁ ଏକାକଥା !

ଆମର ଏହି ବିଂଶ ଶତାବ୍ଦୀରେ ସେକ୍ସୁଆଲ ସନ୍ତୋଷକୁ ବିବାହ ଜୀବନର ପରମାର୍ଥ ଓ ପ୍ରେମର ପରିପୂର୍ଣ୍ଣତା ବୋଲି ପ୍ରଚାର କରି ଦିଆଯାଇଛି । ଯେପରିକି ସେକ୍ସୁଆଲ ଆଡ୍‌ଜଷ୍ଟମେଣ୍ଟ (sexual adjustment) ସବୁ ସୁଖର ମୂଳ । ତେଣୁ କାମଶିକ୍ଷାମୂଳକ ଗ୍ରନ୍ଥଗୁଡ଼ିକର ରଚନା ଓ ପ୍ରସାର ଅନିର୍ବନ୍ଧିତ ରହିଛି, ସ୍ୱାମୀସ୍ତ୍ରୀଏ ଉଚିତ ସେକ୍ସୁଆଲ ଟେକନିକ୍ ଶିଖିବେ ଓ ପ୍ରେମର ପ୍ରସାର ଗଢ଼ିବେ । ପ୍ରେମ ଦୈହିକ ମିଳନାନନ୍ଦର ସନ୍ତାନ । ଯଦି ନରନାରୀ ପରସ୍ପରକୁ କାମ-କ୍ରୀଡ଼ାରେ ସନ୍ତୁଷ୍ଟ କରିବାକୁ ଶିଖନ୍ତି, ତେବେ ଯାଇ ସେମାନେ ପରସ୍ପରକୁ ନିବିଡ଼ ଭାବରେ ଭଲ ପାଇ ପାରିବେ । ପ୍ରେମ ଯେମିତି ଏକ ଯାନ୍ତ୍ରିକ ବ୍ୟାପାର, ଟେକ୍‌ନିକ୍ ଶିଖିଗଲେ ହେଲା ! ଫ୍ରଏଡ଼ଙ୍କ ବଚନର ଏପରି ଧାରଣାକୁ ଆମର ଉତ୍ସାହିତ କରିଛି, ତାଙ୍କ ପାଇଁ ପ୍ରେମ ମୂଳତଃ ସେକ୍ସ ସମ୍ବନ୍ଧୀୟ ବ୍ୟାପାରଟିଏ ।[୨୧] ପ୍ରେମର ଦେହୋତ୍ତର କୌଣସି ସୌନ୍ଦର୍ଯ୍ୟ ମାଧୁର୍ଯ୍ୟ ସେ ପ୍ରାପ୍ୟ ବୁଝନ୍ତି ନାହିଁ । ଯେତେଦୂର ସମ୍ଭବ ଭିକ୍ଟୋରିଆ ଯୁଗର ସେକ୍ସ ସମ୍ବନ୍ଧୀୟ ଶୁଚିବାୟୁଗ୍ରସ୍ତତାର ପ୍ରତିକ୍ରିୟା ରୂପେ ଫ୍ରଏଡ ସେଦିନ ଅଭିନନ୍ଦିତ ହୋଇଥିଲେ, ଏବେ ସେ ପରିତ୍ୟକ୍ତ ପ୍ରାୟ । କାମ କେବେ ପ୍ରେମ ନୁହେଁ । ପ୍ରେମକୁ କାମଗନ୍ଧହୀନ ହେବାକୁ ହେବ ବୋଲି କେହି କହୁନାହିଁ । କିନ୍ତୁ କେବଳ କାମତୃପ୍ତି ନିଃଶ୍ରେୟସ ବୋଲି ଗଣ୍ୟ ହୋଇ

---

୨୧ । Man having found by experience that sexual (genital) love afforded him his greatest gratification, so that it became in fact a prototype of all happiness to him, must have been thereby impelled to seek his happiness further along the path of sexual relations, to make genital eroticism the central point of his life.

Civilisation and Its Discontents by S. Freud.

Digitized by PPRACHIN, SOA

ନ ପାରେ । ନଗ୍ନ କାମ ଶ୍ରୀଷ୍ମାନ । ପ୍ରେମରେ ତା'ର ଆଶ୍ଚର୍ଯ୍ୟ ରୂପାନ୍ତର ଘଟେ । କାରଣ ପ୍ରେମର ଅଙ୍ଗୀଭୂତ ହେଲେ ତାହା ସ୍ଥୂଳ ଇନ୍ଦ୍ରିୟ ସୁଖ ମାତ୍ର ନ ହୋଇ ଶୃଙ୍ଗାର ରସାନନ୍ଦ ହୋଇଯାଏ । ପ୍ରକୃତ ପ୍ରେମ ହିଁ ମହତ୍ତମ ଓ ଗଭୀରତମ ଆନନ୍ଦର ଉତ୍ସ; କାମ ନୁହେଁ । କାମକାମନା ଠାରୁ ଅନେକ ସୂକ୍ଷ୍ମ ଗଭୀର ଓ ମାର୍ଜିତ ପରିବ୍ୟାପ୍ତ ପ୍ରେମାନୁଭୂତି—ବଡ଼ ଉଦାର ଓ ସୁନ୍ଦର । ଶ୍ରୀରଥଙ୍କ କାବ୍ୟନାୟକ ପ୍ରେମର ସେହି ମଧୁ ସନ୍ଧାନରେ ବ୍ୟସ୍ତ । ତେଣୁ ସେ କ୍ଷଣମାତ୍ରର ଦୈହିକ ତୃପ୍ତି ନ ଗୁହିଁବା ସ୍ୱାଭାବିକ । ଯୌନଲାଳସା ତା'ର ନାହିଁ ବୋଲି କେହି କହିବେ ନାହିଁ, ବରଂ ସ୍ୱାସ୍ଥ୍ୟବାନର ଯୌନଚର୍ଚ୍ଚାର ଉତ୍ସାହ ତାର ଅବିସମ୍ବାଦିତ । ଦେହ ଶୁଖି କଣ୍ଠା, ଗଣିହୁଏ ଶିରା ଏବଂ ହାଡ଼, ମୁହଁ ଫଟୋଗ୍ରାଫ ବିବର୍ଣ୍ଣ ପୌରୁଷର ! (ବିମାନ ଦୁର୍ଘଟଣାରେ ମୃତ୍ୟୁ) । କିନ୍ତୁ କାମଚର୍ଚ୍ଚା ପ୍ରେମ ନୁହେଁ; ଏ କଥା ବୁଝିବାର ଅନ୍ତର୍ଦୃଷ୍ଟି ତା'ର ଅଛି । 'ଅନନ୍ତ ଶଯ୍ନନ' ଓ 'ରଜାଙ୍କ ରୋମାନ୍ସ' କବିତା ଦୁଇଟି ଆମ ସପକ୍ଷରେ ସାକ୍ଷ୍ୟ ଦେବେ । ଉଭୟତ୍ର ସେ ଅଖଣ୍ଡ ଶୂନ୍ୟତା ଓ ବିଚ୍ଛିନ୍ନତାବୋଧକୁ ଦେହର ମିଳନ ଦ୍ୱାରା ପ୍ରତିହତ କରିବାକୁ ଗୁହିଁଛି, ସେଇଠି ଦେହ ମିଳନରୁ ଉପଜାତ ପ୍ରୀତି ସବୁ ବାଞ୍ଛିତ କରାଇବ । ଅତଏବ କିନ୍ତୁ ତା'ର ପ୍ରତ୍ୟାଶା ବ୍ୟର୍ଥତାକୁ ଭେଟିଛି । 'ଅନନ୍ତ ଶଯ୍ୟନ'ର ଉପଲବ୍ଧି ଦେଖନ୍ତୁ ।

> ଅନ୍ଧାର ଶେଇବା ଘର ପରି ଅଟେ ଗଭୀର ଅନ୍ଧାର
> ନିଃଶ୍ୱାସ ଘୋଷଣା କରେ ଶେଯ ଏଠି, ସେଠାରେ ମୋ ଲୁଗା
> ବାସ୍ନା ମଧ୍ୟ ଭଲ କାମ କରେ, କାରଣ ମୁଁ ଗ୍ଲେଟା ଜାନୁଆର
> ଆଖି ନ ଥିଲେ ବି ପାରେ ଚମ ପଛେ ଘୁଷୁରି ଚମର
> ଝାଳର ବାସ୍ନାକୁ ଶୁଂଘି, ଯାହା ଅଟେ ଏକାଧାରେ ପ୍ରତାରଣା
> ଏବଂ
> ମୋର ପଥ ପ୍ରଦର୍ଶକ । ତେଣୁ ମୋର ଆଦୌ ଲୋଡ଼ା ନାହିଁ ।
> ମୁଁ ବେଶ୍ ଆରାମ କରେ ମୋ ଶୋଇବା ଘରର କବାଟରେ
> ଆମର ପ୍ରଥମ ଦେଖା ବହୁ ଦୂର ପର୍ବତରୁ ବନ୍ଧ
> ପାଣି ତାକୁ ପୂର୍ଣ୍ଣ କରେ ଓ ଆଗାମୀ ସମୁଦ୍ର ଜୁଆର
> ତାହାକୁ ବିକ୍ଷୁବ୍ଧ କରେ । ମୁଁ ଭାସେ ସେ ଉଷ୍ଣ ପାଣିରେ ।

Digitized by PPRACHIN, SOA

ଉତ୍ତପ୍ତ ବି, ମରୁଭୂମି ପରି; କିନ୍ତୁ ଆଚ୍ଛନ୍ନତା ଅଭେଦ୍ୟ ଅନ୍ଧାରେ" ଉଷୁମ ପାଣି ସେକ୍ସ ଫିଭାର ପ୍ରଶମକ । 'ଲଲମାରୁ' କବିତାର କଥା ଅଶୋକ ଗଛ, ଉଦାସ ଜଘନ ଓ ଉଷୁମ ପାଣି ସହିତ ଏହାକୁ ମିଳାଇ ଦେନଲେ ସେକ୍ସ ଫିଭାର କ୍ଲାନ୍ତ ଅବସାଦ ବୃଦ୍ଧି ହେବ । ଇନ୍ଦ୍ରିୟ ସୁଖର ଉଷ୍ଣତା ମଧ୍ୟ କାହିଁ ? ମରୁଭୂମିର ଅସହ୍ୟ ଉତ୍ତାପ ପ୍ରସରୁଛି କେବଳ । ସେକସ ଫିଭାଟି ପାଶବିକ କ୍ଷୁଧା ହୁଏତ ମେଣ୍ଟାଏ, ମାତ୍ର କେବେ ପ୍ରୀତି ଉପୁଜାଇ ପାରେ ନାହିଁ । ତେବେ କ'ଣ କାବ୍ୟନାୟକ ସେକ୍ସଟେକ୍ନିକ ଜାଣେ ନାହିଁ ? ଜାଣେ । ଆୟୁର୍ବେଦ ପଢ଼ି ସେ କାମଶକ୍ତି ବର୍ଦ୍ଧକ ଖାଦ୍ୟପେୟର ସନ୍ଧାନ ରଖିଛି ଓ 'କାମସୂତ୍ର' ଆବୃତ୍ତି କରି କାମୋଦ୍ରେକର ଉପାୟ ପାଇଛି । ''ରଜାଙ୍କ ରୋମାନ୍ସ''ରେ ସେ କ୍ଲାନ୍ତ ପୌରୁଷକୁ ତାର ଉଜ୍ଜୀବିତ କରିବାକୁ ଭୋଜନ ଆଦ୍ୟରେ କେବେ ଗୋଲ ମରିଚକୁ ଘିଅରେ ଭାଜି ଖାଇଛି ତ ଆଉ କେବେ ଦୁଧ ଓ ମିଶ୍ରି ସଙ୍ଗେ କଇଁଥ ମଞ୍ଜିର ଚୂର୍ଣ୍ଣ ଗୋଳାଇ ସେବନ କରିଛି, ଗରମ ଦୁଧକୁ ବାଦାମ ଓ ପେସ୍ତା ସଙ୍ଗେ ମିଶାଇ ବି ପିଇଛି । ସେକ୍ସ ସାମର୍ଥ୍ୟ ? ଜଣ ଜଣ ଲେଲ୍ଟକୋଷ୍ଟ ପଞ୍ଜାବୀରେ ସ୍ତ୍ରୀ ମୁଣ୍ଡର ସିନ୍ଦୂର ଲଗିବାରୁ ସେ ତାହା ପ୍ରମାଣିତ କରୁଛି ଯଥେଷ୍ଟ । ପୌରୁଷ କ'ଣ କମ୍ ! କାମସୂତ୍ର ଜ୍ଞାନ ମଧ୍ୟ ସେ ପ୍ରୟୋଗ କରୁଛି । ସ୍ତନରେ ଅର୍ଦ୍ଧଚନ୍ଦ୍ର ଆଙ୍କିଛି ନଖକ୍ଷତ ଦ୍ୱାରା, ଶ୍ରୁତିରେ ରସନା ବୁଲାଇଛି, ଓଷ୍ଠ ଚୁମ୍ବିଛି, କାଖତଳ ଓ ଅଣ୍ଟାକୁ ଥାପୁଡ଼ାଇଛି । ନ.ପୁଂଜା ମଧ୍ୟ କିଛି କମ୍ ଇଷି ଇଷି କରିନାହିଁ । ତଥାପି ପ୍ରେମ କାହିଁ ? ନାରୀ ସଙ୍ଗମ ସପ୍ତମରିଭୁର ଦ୍ୱାର ହୋଇ ନ ପାରେ । ପରିପୂର୍ଣ୍ଣ କାମକ୍ରୀଡ଼ା (perfect sexual act) ପ୍ରେମିକପ୍ରେମିକାଙ୍କୁ ବିଶ୍ୱୋତ୍ତୀର୍ଣ୍ଣ କରିଦିଏ ବୋଲି କବି ଇୟେଟ୍‌ସ କହନ୍ତି, 'Chance being at one with Choice at last.' (Solomon and the Witch) । କିନ୍ତୁ chance ଓ choice କେବେ ନିର୍ବିରୋଧ ସାମଞ୍ଜସ୍ୟରେ ଉପନୀତ ହୁଅନ୍ତି ନାହିଁ କି କାମକ୍ରୀଡ଼ା କେବେ ସୁସମ୍ପନ୍ନ ହୁଏ ନାହିଁ । ଦେହ ମିଳନ ଓ ହୃଦୟ ମିଳନ ଯୁଗପତ ଘଟେ ନାହିଁ । କେବଳ ଦେବଦୂତଦେବଦୂତୀଙ୍କ କାମକ୍ରୀଡ଼ା କୁଆଡ଼େ ପରିପୂର୍ଣ୍ଣ । ସେ ଏହି ସିଦ୍ଧାନ୍ତରେ ଅନେକେ ଏମାନୁଏଲ ସ୍ୱେଡ଼େନବର୍ଗଙ୍କୁ ଉଦ୍ଧାର କରିଥାନ୍ତି, 'the sexual intercourse of the angels is conflagration

Digitized by PPRACHIN, SOA

of the wholebeing.' ସହିତ ସାମଗ୍ର୍ୟରେ ଅନବଦ୍ୟ କାମକ୍ରୀଡ଼ା ଅନୁଷ୍ଠିତ । ତେଣୁ ସେକ୍ସ ଆମକୁ କାଳ ହାତରୁ ରକ୍ଷାକରି ପାରେ ନାହିଁ କି ବିଚ୍ଛିନ୍ନତାବୋଧରୁ ମୁକ୍ତ ହୁଏ ନାହିଁ । ବରଂ ତାହା ପ୍ରାଣର ବିଚ୍ଛେଦକୁ ଦୁସ୍ତର ଓ ଦୁର୍ଭେଦ୍ୟ ବୋଲି ପ୍ରତିପନ୍ନ କରୁଥାଏ । ଫ୍ରମଙ୍କ ଉପଲବ୍ଧି ଇଏଟ୍ସଙ୍କ ଉପଲବ୍ଧିର ଅନୁରୂପ, 'The tragedy of sexual intercourse is the perpetual virginity of the soul. ''

କବି ଇଏଟ୍ସ୍ କାଳୋତ୍ତୀର୍ଣ୍ଣ ପ୍ରେମର ପରିକଳ୍ପନା କରନ୍ତି । ସ୍ୱର୍ଗର ପ୍ରେମିକପ୍ରେମିକା ସୂକ୍ଷ୍ମମନା ମିଳନାନନ୍ଦ ମଧ୍ୟରେ ପରସ୍ପରକୁ ପରିପୂର୍ଣ୍ଣ ଭାବରେ ପାଆନ୍ତି ବୋଲି ମର୍ତ୍ତ୍ୟକାଳକୁ ଉତ୍ତୀର୍ଣ୍ଣ ହୋଇଥାଆନ୍ତି, "lad and lass/Nerve touching nerve upon that happy ground,/Are bobbins where all time is bound and wound. ମର୍ତ୍ତ୍ୟର କୌଣସି ପ୍ରେମିକ ପ୍ରେମିକା ସେହି ମର୍ତ୍ତ୍ୟକାଳରେ ପହଞ୍ଚି ନ ପାରନ୍ତି । କେବେ କେମିତି ସେମାନେ ଉତ୍ତୀର୍ଣ୍ଣ ଚେତନାରେ ସେହି ଦିବ୍ୟାନନ୍ଦର ମୁଗ୍ଧ କ୍ଷଣଟିକୁ ପ୍ରାଣରେ ଉପଲବ୍ଧି କରି ପାରନ୍ତି, ମାତ୍ର ସେହି ମୁହୂର୍ତ୍ତଟିକୁ ସେମାନେ କୌଣସି ପ୍ରକାରେ ଚିରନ୍ତନ କରି ପାରିବେ ନାହିଁ । ପର ମୁହୂର୍ତ୍ତରେ ତାଙ୍କୁ 'the common round of day'କୁ

'' । ଏରିକ୍ ଫ୍ରମ୍ ମଧ୍ୟ ପ୍ରେମହୀନ କାମକ୍ରୀଡ଼ାର ଅକ୍ଷମତା ବୁଝନ୍ତି, But in many individuals in whom separateness is not relieved in other ways, the search for the sexual orgasm assumes a fnnction which makes it not very different from alocholism and drug addiction,·········it results in an ever increasing sense of separateness, since the sexual act without love never bridges the gap between two human beings, except momentarily. The Art of Loving. Page 18

Digitized by PPRACHIN, SOA

ଫେରିବାକୁ ହେବ । ଉପାୟାନ୍ତର ନାହିଁ । ପ୍ରେମର ଏଇ ବ୍ୟର୍ଥତା ଇସ୍ପେନ୍ଦର୍‌ଙ୍କ ଶବ୍ଦର ଅନ୍ୟତମ ସ୍ଥିର ପ୍ରତ୍ୟୟ, "Exhausted by the cry that it can never end, my love ends." ଇସ୍ପେନ୍ଦର୍‌ଙ୍କ ପ୍ରେମଭାବନା ସହିତ ଶ୍ରୀରଥଙ୍କ ପ୍ରେମଚେତନାର ସାମ୍ୟ କିଛି କମ୍ ନୁହେଁ । ମାତ୍ର ଏହାକୁ ପ୍ରଭାବ କହିଲେ ଭୁଲ୍ ହେବ । କବିତା ସ୍ୱାଭାବିକ ଭାବରେ ଚତୁର୍ପାର୍ଶ୍ୱର ସାଂସ୍କୃତିକ ପରିବେଶ (milieu)ରୁ ଜନ୍ମ ନେଇଥାଏ । ତେଣୁ ଯେ କୌଣସି କବିଙ୍କର ଇତିହାସ ତାଙ୍କ ସମୟର ଇତିହାସ ଭିନ୍ନ ଅନ୍ୟ କିଛି ହୋଇ ନ ପାରେ । ସେ ହୋଇ ଉଠନ୍ତି ଯୁଗ ଚେତନାର ଏକ ଅବିଚ୍ଛିନ୍ନ ଅଂଶ; ଏଲିୟଟ୍‌ଙ୍କ ଭାଷାରେ କହିଲେ part of the consciousness of an age । ସେହି ଯୁଗ ଚେତନାରୁ ବିଚ୍ଛିନ୍ନ କରି ଦେଖିଲେ କବିଙ୍କୁ ବୁଝିହେବ ନାହିଁ, ତେଣୁ ଆମେ ଯେଉଁଠି ଆମ କବିଙ୍କ ସହିତ ଅନ୍ୟମାନଙ୍କର ସାମ୍ୟ ଦେଖିଛୁ ସେଠାରେ ଠିକ୍ ପ୍ରଭାବ ନିରୂପଣ କରିନାହୁଁ, କେବଳ ଯୁଗଚେତନା ସହିତ କବିଙ୍କୁ ମିଳାଇ ଦେଇଛୁ । ଏଠାରେ ମଧ୍ୟ ଠିକ୍ ସେହି ପ୍ରଚେଷ୍ଟା । କବି ଇସ୍ପେନ୍ଦର୍ ଯାହାକୁ ସର୍ବଥା ସ୍ୱର୍ଗୀୟ ବ୍ୟାପାର ବୋଲି କହନ୍ତି, ସେହି ପରିପୂର୍ଣ୍ଣ ମିଳନର ନିତ୍ୟ କାଳଟିକୁ ଶ୍ରୀରଥଙ୍କ କାବ୍ୟନାୟକ ସର୍ବାନ୍ତଃକରଣରେ ଖୋଜିଛି । 'ଆତ୍ମୀୟତାର ତିନୋଟି ପର୍ଯ୍ୟାୟରୁ ଆମେ ତାହା ଲକ୍ଷ୍ୟ କରି ପାରିବା । ସେ ନିଜକୁ ଡାକ କହୁଛି,

ଯାଆରେ ଚଢ଼େଇ ଯାଆ
ତିନୋଟି କୁଟାରେ
ତିଆରି ବସାରୁ ଉଡ଼
ଗନ୍ଧପତ୍ର ଶୂନ୍ୟ ଆକାଶରେ
ସୂର୍ଯ୍ୟ ଚନ୍ଦ୍ର ହୁଅନ୍ତୁ ତୋ
କାନର ଝୁମୁକା
ନିଶ୍ୱାସ ପବନେ ଉଡ଼ୁ
ତୋ ଉଡ଼ନ୍ତା ନାଆର ପତାକା ।
ତୋ ବ୍ରହ୍ମାଣ୍ଡେ ବର୍ଷ ମାସ
ଦିନ ମାନଙ୍କର

Digitized by PPRACHIN, SOA

ଯାଆ ଆସ ବନ୍ଦ ହୋଇ ।

\+ + +

ପଲଙ୍କ ଉପରୁ
ଯୁଗ ଯୁଗ ଗୁନ୍ଥିଥିବା ବିଦେଶୀ ସୁଗନ୍ଧି
ତୋ ଭାଗ୍ୟକୁ ଟେକିଆଣୁ
ଅସଂଖ୍ୟ ଜନ୍ମରୁ ଏବଂ
ଅସଂଖ୍ୟ ମୃତ୍ୟୁରୁ ।

ତିନିଟି କୁଣ୍ଠା ହୋଇ ପାରନ୍ତି ଅତୀତବର୍ତ୍ତମାନଭବିଷ୍ୟତ । ହୋଇ ପାରନ୍ତି ମଧ୍ୟ କାୟମନବାକ୍ୟ । ମର୍ତ୍ତ୍ୟକାଳ ଅତୀତବର୍ତ୍ତମାନଭବିଷ୍ୟତର ଊର୍ଦ୍ଧ୍ୱରେ କାୟମନବାକ୍ୟାତୀତ ଯେଉଁ ସପ୍ତମସ୍ୱର୍ଗ ବିଦ୍ୟମାନ, କବି କଳ୍ପନାରେ ସେଇଠି ପହଞ୍ଚାଇ ଦେଉଛନ୍ତି କାବ୍ୟନାୟକଙ୍କୁ । ଏହି ପର୍ଯ୍ୟାୟରେ ଦିବ୍ୟ ମିଳନାନନ୍ଦ ସୁସମ୍ପନ୍ନ ହେଉଛି । ପ୍ରେମର ମାୟାବୀ ସ୍ପର୍ଶ ସଦା ସମ୍ମୋହନକ୍ଷମ । ସେହି ସ୍ନେହବିଦ୍ୟା ବଳରେ ମୃତ୍ୟୁ ଅତିକ୍ରାନ୍ତ, ବିଶ୍ୱ ଉତ୍ତୀର୍ଣ୍ଣ, ବିଚ୍ଛେଦବ୍ୟବଧାନ ଅବଲୁପ୍ତ, ଜୀବନ ଜ୍ୱାଳା ସମାପ୍ତ । ସୁନ୍ଦର କବିତା । ଆଉ କିଛି ଅଂଶ ଉଦ୍ଧାର କରିବାର ଲୋଭ ଅସମ୍ବରଣୀୟ,

କାନକାନ ଆକାଶର
ସ୍ନେହବିଦ୍ୟା ଫଳେ
ତମେ ମୁଁ ଏକାଠି ହେଉଁ
ତମ ଆଖିପତା ତଳେ ।
ତମ ଅପେକ୍ଷାର ପ୍ରତି
ଘାତ ନିଃଶ୍ୱାସରେ
ଜୁଆର ଯାଉଛି ମାଡ଼ି
ମୋ ନଈ ପଠାରେ ।
କେଉଁଠି ରଖିଲ କହ
ନ ଫୁଟିବା ଫୁଲ

Digitized by PPRACHIN, SOA

କାଳ କାଳ ନ ଫଳିବା
ବିଷାଦର ନିଷ୍ଫଳ ଫସଲ ?
× × ×
କ୍ଲାନ୍ତ ଋତୁମାନେ ତାଙ୍କ
ନାନା ଜାତି ଫୁଲଙ୍କ ସହିତ
ତେଜି ତେଜି ଆନନ୍ଦରେ
ବୁଡ଼ିଯିବେ,, ତମେ ଆଲୋକିତ
ଭାଷାରେ କହିବ ଯାହା
ଅନାୟାସେ ବୁଝି ପାରୁଥିବ
ତମକୁ ଉତ୍ତର ଦେବା
ବେଳେ ତମେ ହୋଇ ଯାଇଥିବ । [୧୩]

ସପ୍ତମଋତୁର ମୃତ୍ୟୁଞ୍ଜୟ ପ୍ରେମରେ ପତିପତ୍ନୀ କି ପ୍ରେମିକ ପ୍ରେମିକା ହେବେ ଏକାତ୍ମ—one soul in two bodies. ଏଇଥି ପାଇଁ ଡାସୋ କହିଥାନ୍ତି, 'the lovers are not two, but one and four' ଏକାତ୍ମ ବୋଲି ଏକ, ପ୍ରତ୍ୟେକଠାରେ ଦୁଇଟି ଆତ୍ମାର ମିଳନ ସଂଘଟିତ ହୋଇଥିବାରୁ ଚାରି । ଚେତନାର ଏହି ପରମ ବିନ୍ଦୁରେ କ'ଣ ମଣିଷ ଉପନୀତ ହୋଇ ପାରେ ? ନା । ତେବେ ଶ୍ରୀରଥଙ୍କ କାବ୍ୟନାୟକ ଚେତନାର ଊର୍ଦ୍ଧ୍ୱାୟନ ଫଳରେ ବେଳେ ବେଳେ ଏହି ବିନ୍ଦୁକୁ ନ ଛୁଏଁ ନୁହେଁ, ଯଦିଓ ପରମୁହୂର୍ତ୍ତରେ ପୁଣି ଭୂତଳକୁ ଖସିପଡ଼େ; Common round of day ତା'ର ଅବଧାରିତ ଭାଗ୍ୟ । 'ଅନନ୍ତ ଶୟନ'ରେ ସେ ସପ୍ତମ ଋତୁକୁ ଛୁଇଁଛି, ଚେତନା କାଳୋତ୍ତୀର୍ଣ୍ଣ ହୋଇଛି,

ମୁଁ ଦେଖିଲି ବନ୍ଦହେଲା ଝଲ୍‌କୁଲ ବୋହିବା ପବନ
ବନ୍ଦ ହେଲା ସମୁଦ୍ରରେ ଚାଲୁଥିବା ଜାହାଜ ହଠାତ୍
ଲେଭଲ କ୍ରସିଂ ହେଲା ବନ୍ଦ ଏବଂ ଇଞ୍ଜିନ ରେଳର
ମେଞ୍ଚା ମେଞ୍ଚା କଳା ଧୂଆଁ ଛାଡ଼େ ମାତ୍ର ଆସେନା ଆଗକୁ
ଦୁଇପାଖେ ବନ୍ଦ ହେଲେ ଶଗଡ଼ ଓ ଅସଂଖ୍ୟ ମଟର ।

---

୧୩ । କବିତାଟି 'ଝଙ୍କାର'ରେ ପ୍ରକାଶିତ, ଫେବୃଆରି ୧୯୭୯ ।

Digitized by PPRACHIN, SOA

ଏ କ'ଣ ପ୍ରଳୟ ଭେବେ ? ଜନ୍ମ ମୃତ୍ୟୁ ? ମୁଁ ଘାବଳି
ଛତ୍ର ତଳେ ବସି
ତମର ଦେହକୁ ନୁହେଁ, ମୋର ଶିବ୍ର ସ୍ନେହ ଲୋଡ଼େ ନାହିଁ
ତମର ଦେହର ସ୍ୱାଦ, ମୁଁ ଘାବଳା ଛତା ତଳେ ବସି
ମୋ ଇଚ୍ଛାର ଚିତାବାଘ ଲମ୍ଫଦିଏ ଆକାଶ ମାର୍ଗରେ ।
ତାପରେ ହେଠାରେ ଘାସେ ଭୁଲାପରି, ଧୀରେ ଧୀରେ
ଅଳସ ଭାବରେ
ଭୁଲାଠୁଁ ସୁନ୍ଦର ଜନ୍ତୁ, ମଖମଲ ସୁବର୍ଣ୍ଣରେ କଳାକଳା ଟୋପି ।
ଭାସୁଁ ଭାସୁଁ ଆକାଶରେ ଅକସ୍ମାତ୍ ଛିଣ୍ଡି ଖସିପଡ଼େ
ଖଣ୍ଡ ଖଣ୍ଡ ହୋଇ ଭଙ୍ଗା କାଚ କମ୍ୱା କାନ୍ଦ କମ୍ୱା
ବର୍ଷାର ରୂପରେ ।

କାଳ ନାହିଁ । ଘଟଣା କିଛି ଘଟୁନାହିଁ । ଦେହେ ଉତ୍ତୀର୍ଣ୍ଣ ପ୍ରେମଚେତନା ଊର୍ଦ୍ଧ୍ୱଗାମୀ ହେଉଛି, ଇଚ୍ଛାର ଚିତାବାଘ ଲମ୍ଫଦିଏ ଆକାଶ ମାର୍ଗରେ । ମାତ୍ର ପର ମୁହୂର୍ତ୍ତରେ ତାହା ଅକସ୍ମାତ ଛିଣ୍ଡି ଖସିପଡ଼ୁଛି ଭୂଇଁକୁ । ନିଜ ଭାରରେ ସେ ନିଜେ ଚୂନା 'ନିଜର ମୁକ୍ତିର ନୂଆ ଓଜନରେ ଚୂନା ହୋଇ ଯାନ୍ତି ।' ଦୁଃସ୍ଥିତି ଯଥା ପୂର୍ବଂ ତଥା ପରଂ । ପ୍ରେମର ସ୍ୱାଭାବିକ ମୃତ୍ୟୁ ଘଟେ । ପ୍ରେମର ମୃତ୍ୟୁଠାରୁ ଦୈହିକ ମୃତ୍ୟୁ ବରଂ ଶ୍ରେୟସ୍କର । ସେଥିଲାଗି ହୁଏତ କାବ୍ୟନାୟକ କହୁଛି, 'ସାପ ବି ଗୋଟିଏ ଶେଯ, ବରଂ ବେଶି ନିରାପଦ ଶେଯ । ମୁକ୍ତି ମୃତ୍ୟୁରେ । ଦେହସ୍ୟ ନାଶୋ ମୁକ୍ତିସ୍ତୁ ।'

କାବ୍ୟନାୟକ ଦାମ୍ପତ୍ୟ ଜୀବନର ପରିମିତ ଅଭିଜ୍ଞତା ମଧ୍ୟରେ ଅପାର୍ଥିବ ଅପରିମିତ ପ୍ରେମ ଖୋଜେ, ଖୋଜେ ଦିଗନ୍ତ । ସୀମିତ ଜୀବନପାତ୍ରରେ କି ପ୍ରେମର ଅପରିସୀମ ମାଧୁର୍ଯ୍ୟକୁ ଧରିହୁଏ ? ସାମାନ୍ୟ ରକ୍ତମାଂସର କ୍ଷୁଦ୍ର ମାନବୀୟ ବେଷ୍ଟନୀ ମଧ୍ୟରେ କି ତା'ର ବିପୁଳ ସୌନ୍ଦର୍ଯ୍ୟ ସମାହିତ ରହି ପାରେ ? ଏ ଯେମିତି କ୍ଷୁଦ୍ର ଗ୍ରାମ୍ୟ ପଲ୍ୱଳରେ ଅକୂଳ ସମୁଦ୍ର ସନ୍ଧାନ । କିନ୍ତୁ ଯେ ପାଆନ୍ତି ନାହିଁ ଏମିତି ନୁହେଁ, ମାତ୍ର ଯାହା ପାଆନ୍ତି ସେହି ପାଇବା କିଛି ନୁହେଁ । ପୁଣି ପାଇଲାମାତ୍ରେ ତାକୁ ହରାଇବାକୁ ହୁଏ । ଖୋଜିବା ଓ ପାଇବା

Digitized by PPRACHIN, SOA

ମଧ୍ୟରେ ତେଣୁ ବିଗନ୍ତ ବିସ୍ତୃତ ଶୂନ୍ୟତା ପରିପୂର୍ଣ୍ଣମାଣ ରହେ । ଆଗୋନି (agony) ଅନିବାର୍ଯ୍ୟ । କଳ୍ପନା ପ୍ରବଣ ସୁକୁମାର ହୃଦୟ କାବ୍ୟନାୟକ ଦୁର୍ନିବାର ବ୍ୟର୍ଥତାବୋଧକୁ କେବେ ଅତିକ୍ରମ କରି ପାରେ ନାହିଁ । ଶ୍ରୀରଥଙ୍କ କବିତାରେ ତେଣୁ ରୋମାଣ୍ଟିକ ଆଗୋନି ଦୁର୍ନିରୀକ୍ଷ୍ୟ ରହେ ନାହିଁ । ତେବେ କବି ସମ୍ଭ୍ରାନ୍ତମାନସର ସହିତ ବ୍ୟର୍ଥ ପ୍ରେମର ସେହି ହତ ଶାବେଦନାକୁ ଗ୍ରହଣ କରନ୍ତି । ନିରୂପାୟ ହୋଇ ସେ ବଞ୍ଚନ୍ତି ସିନା, ପ୍ରେମର ଭ୍ରମକୁ କିନ୍ତୁ ପ୍ରେମ ବୋଲି ମାନି ନିଅନ୍ତି ନାହିଁ ।

ପ୍ରତ୍ୟେକ ମଣିଷ ଏକୁଟିଆ । ମଣିଷ ମଣିଷ ମଧ୍ୟରେ ପ୍ରେମ କେବେ ସମ୍ଭବ ହେବ ନାହିଁ । ଏକଥା ଜାଣେ ବୋଲି ଶ୍ରୀରଥଙ୍କ କାବ୍ୟନାୟକ କେବଳ ନାୟିକାକୁ ଦୋଷ ଦିଏ ନାହିଁ, ନିଜକୁ ମଧ୍ୟ ସେ ଅପରାଧୀ ଭାବେ । ଅକ୍ଷମତା ଯେବେ ଅପରାଧ ହୁଏ, ପ୍ରେମପଙ୍ଗୁତା ମଣିଷର ଅପରାଧ । ସେହି ଅପରାଧକୁ ସେ ଅଙ୍ଗୀକାର କରେ । ଅପରାଧୀ ବୋଲି ନିଜ ଉପରେ ନିଜେ ସେ କିଛି କମ୍ ପ୍ରତିହିଂସା ପରାୟଣ ନୁହେଁ, କିଛି କମ ଶାସ୍ତିଲୋଭୀ ନୁହେଁ । ତେଣୁ ମଣିଷକୁ ବିଦ୍ରୂପ କରିବାକୁ ଯାଇ ସେ ନିଜକୁ ଆହତ କରେ ଓ ରକ୍ତାକ୍ତ ହୁଏ । ପ୍ରେମ ଦିଏ, ପ୍ରାଣ ତା'ର ଦାତବ୍ୟ; ପ୍ରକୃତି ଉତ୍ସର୍ଗ । ତେଣୁ ଯିଏ ଗ୍ରହଣ କରେ ସେ ଋଣୀ ହୁଏ ନାହିଁ, ଋଣୀ ହୁଏ ଯିଏ ଯିଏ ଦିଏ । ଶ୍ରୀରଥଙ୍କ କାବ୍ୟନାୟକ ପ୍ରେମର ଏହି ପ୍ରକୃତି ଜାଣେ, ଅଥଚ ନିଜକୁ ଓ ନାୟିକାକୁ ଆହରଣ କରୁଥିବାର ଦେଖେ । ସେମାନଙ୍କ ହୃଦୟ ମନ ଏପରି ଅପ୍ରସ୍ତୁତ ଓ ଅନାତ୍ମୀୟ ଯେ, ଦେବା କ'ଣ ସେମାନେ ତାହା ପ୍ରାୟ ଜାଣନ୍ତି ନାହିଁ । ଆତ୍ମଦାନର ଗଭୀର ଅନୁଭୂତିରୁ ସେମାନେ ବଞ୍ଚିତ ରହନ୍ତି । ପ୍ରେମର ସାଧନା ହେଉଛି ଅହଂରୁ ଉତ୍ତୀର୍ଣ୍ଣ ହେବାର ସାଧନା । ଅଥଚ ସେମାନେ କିଛି କମ୍ ଅହଙ୍କାରୀ ନୁହନ୍ତି । ବ୍ୟକ୍ତି ସ୍ୱରୂପର ସ୍ୱକୀୟ ସ୍ଥିତିକୁ ଅଗ୍ରାହ୍ୟ କରି ସେମାନେ କେବେ ପ୍ରେମର ସର୍ବଗ୍ରାସୀ ଭାବକୁ ଉପାଶିତ କରି ପାରନ୍ତି ନାହିଁ । ବରଂ ବ୍ୟକ୍ତି ସ୍ୱାଧୀନତାକୁ ଧ୍ରୁବ ଜ୍ଞାନ କରନ୍ତି । ସଂଘାତ ଅନିବାର୍ଯ୍ୟ । ଫଳରେ କ୍ରୋଧ ଓ ଆକ୍ରୋଶରେହିଁ ଦୁହେଁ ଦୁହିଁଙ୍କୁ ସମ୍ବର୍ଦ୍ଧନା କରିଥାନ୍ତି । ପ୍ରେମାଳାପ ମିଛ । ଆମେ ଆଗରୁ କହିଛୁ ଯେ, ଶବ୍ଦତା

Digitized by PPRACHIN, SOA

ତାଙ୍କର ବନ୍ଧନ, କଳହ କଥାବାର୍ତ୍ତା । ଚୁମ୍ବନ ଆଲିଙ୍ଗନ କି ସେକ୍ସ ସମ୍ପର୍କ ସାମୟିକ ଯୁଦ୍ଧବିରତି ମାତ୍ର । କଥାବାର୍ତ୍ତା ଆରମ୍ଭ କଲାମାତ୍ରେ ସେମାନେ କପଟ ପ୍ରେମର ସୁନ୍ଦର ଭାବମୂର୍ତ୍ତିଟିକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି ଦିଅନ୍ତି, ତାହା କାବ୍ୟନାୟକ ବୁଝି ବୁଝାଇଛି,

ଆମେ ଦୁହେଁ କଥାବାର୍ତ୍ତା କଲାବେଳେ ଏକ
ଫାଙ୍କା କ୍ରୋଧ କାହୁଁ ଆସି ଛିନ୍ ଭିନ୍ କରେ
ସୁନ୍ଦର ପୁରୁଣା ଗୀତମାନଙ୍କର ନାଦ ।
ଆଜି କ'ଣ କେଉଁଠାରେ ଅଛି ଖାଲି ଜାଗା
ଯେଉଁଠାକୁ ତମେ ମୋତେ ଟାଣି ନେଇଯିବ
ହାତ ଧରି, ଏବଂ ମାତ୍ର ଗୋଟିଏ ହସରେ
ପାଉଁଶିଆ ଅଜ୍ଞାତ ଓ ରକ୍ତହୀନ ବଳାକା ଆପୁଷ
ଅନାୟାସେ ନିଷ୍ଟିହ୍ନ କରିବ ?

—ହଠାତ୍ ଦିନେ

ସପ୍ତମ ଋତୁର ଖାଲିଜାଗା ଥିଲା । ସେଠାକୁ ପତ୍ନୀ କି ପ୍ରିୟା ପ୍ରେମବଳରେ ତାକୁ ଟାଣି ନେଇ ପାରିଥାନ୍ତେ । ସେହି କାନ୍ତାଭୂମିରେ ଧୂସର ଅଜ୍ଞାତ ଓ ନିଷ୍ପ୍ରାଣ ଭବିଷ୍ୟତ ଗୋଟିଏ ହସରେ ଅନ୍ତର୍ହିତ ହୁଅନ୍ତେ ନିଶ୍ଚୟ । କିନ୍ତୁ ସେମାନେ ସେହି ସମ୍ଭାବନାଟିକୁ ନିଜେହିଁ ହରାଇଛନ୍ତି,

ନିଜେ ନିଜେ ରଖି ନେଲୁ
ଯାହା ଆମେ ପରସ୍ପରରେ ଦେବା କଥା ଥିଲା ।
ଆଜ ଖାଲି ଦେଇପାରୁ
କପେ ଚାହା, ବା ପିଲାମାନଙ୍କୁ
ବିସ୍କୁଟ, ପିଲାମାନେ କାହିଁକି କେଜାଣି
ବିଦେଶରେ ପଡ଼ିଥିବା ସୈନ୍ୟଙ୍କର ମୁଣ୍ଡର ଉପରେ
ମେଘପରି ଭାସିଯାନ୍ତି ଶୂନ୍ୟ ଆକାଶରେ ।

ଦେବାର ମଧୁର ବେଦନା ସେମାନେ ଜାଣନ୍ତି ନାହିଁ । ରିକ୍ତ ନ ହେଲେ କି ପରିପୂର୍ଣ୍ଣ ହୋଇ ହୁଏ ? ପ୍ରେମ ନିଜକୁ ସଂପୂର୍ଣ୍ଣ ରିକ୍ତ କରି ପରିପୂର୍ଣ୍ଣ

Digitized by PPRACHIN, SOA

ହୁଏ । ନିଜକୁ ଖାଲି କରି ଯାହା ପରସ୍ପରକୁ ଦେବାର କଥା, ସେମାନେ କିନ୍ତୁ ତାହା ସବୁ ନିଜ ପାଇଁ ରଖି ନିଅନ୍ତି । ତେଣୁ ତାଙ୍କର ପ୍ରେମ ମୃତ । ସନ୍ତାନ ମୃତ । ଜୀବନ୍ତ କେବଳ ଅହଂସର୍ବସ୍ୱତା ଓ ଆତ୍ମମୁଗ୍ଧତା । ଏବେ ପରସ୍ପରକୁ ଦେଉଛନ୍ତି କପେ ଚାହା ମାତ୍ର । କପ୍ ଓ ଉଷୁମ ପାଣି ସେହି ନିରର୍ଥକ ଆନନ୍ଦହୀନ ସେକ୍ସ ସମ୍ପର୍କକୁ ହୁଏତ ସୂଚାଉଛି, କିମ୍ବା ଦାତବ୍ୟର ତୁଚ୍ଛତା ବୁଝାଉଛି । ରୋମାଣ୍ଟିକ କବିଏ ପ୍ରେମୋପଲବ୍ଧି କ୍ଷେତ୍ରରେ ସମାଜକୁ ଅନ୍ତରାୟ ବୋ'ଲି ଭାବୁଥିଲେ । ଶ୍ରୀରଥଙ୍କ କାବ୍ୟନାୟକ ସେହି କ୍ଷେତ୍ରରେ କିନ୍ତୁ ସବୁ ବାଧା ଓ ଦୁର୍ବଳତାକୁ ନିଜ ଭିତରେହିଁ ଲକ୍ଷ୍ୟ କରିଛି । ସେ ଦେବାକୁ ଅକ୍ଷମ ବୋଲି କିଛି ପାଏ ନାହିଁ । 'ଅନନ୍ତ ଶୟନ'ରେ ସେ ସେହି ଅକ୍ଷମତାକୁ ତା'ର ବ୍ୟଙ୍ଗ କରିଛି,

ସାପ ଜମା ଗୁଡ଼ି ଦେଇଗଲେ
ଦେହର ଛିଁଲକା, ଏବଂ ମୃତବସ୍ତ୍ରା ପତ୍ନୀଗୋ ମୋହର
ମୁଁ ତମ ଜମାରେ ଖାଲି ଅଧାବୁଣା ସ୍ୱେଟରଟେ ଦେବ ?
କେତେ ଖଣ୍ଡ ପାଇଜାମା, ଏବଂ କିଛି ବିଛଣା ଗୁଦର ?

ବଦାନ୍ୟତା ଅପୂର୍ବ ! ପତ୍ନୀକୁ ଶ୍ରଦ୍ଧାରେ ସେ ଦେଇ ଯାଉଛି ଆଜି ଅଧାବୁଣା ସ୍ୱେଟରଟେ, କେତେ ଖଣ୍ଡ ପାଇଜାମା ଓ ବିଛଣା ଗୁଦର । ସ୍ୱାମୀ ଆଉ ଦେଇ ଯାଆନ୍ତେ କ'ଣ ? ପ୍ରେମ ନା ସ୍ମୃତି ? ପ୍ରେମ ଯେପରି କହେ, When I give I give myself ।'[୨୪] ଅଥଚ ସେ ଦେଉଛି ଭୌତିକ ଅବଶିଷ୍ଟାଂଶ କେତୋଟି ! ଦୈନ୍ୟର ସୀମା କାହିଁ ?

ଶ୍ରୀରଥ ଯେଉଁ ନାହିଁ ନ ଥିବା ପ୍ରେମର କବି, ସେହି ଅନବଦ୍ୟ ପ୍ରେମର ଅନବଦ୍ୟ ପାତ୍ର (the perfect object of a perfect love) କାହାନ୍ତି ? ନାୟକ ନାୟିକା ଦୁହେଁ ଅପାତ୍ର, ଦୁହେଁ ଅପୂର୍ଣ୍ଣ ।

---

୨୪ । ସ୍ମରଣୀୟ : Behold, I donot give lectures or a little charity/When I give I give myself.
—Walt Whitmam

Digitized by PPRACHIN, SOA

କିନ୍ତୁ ବିଧାତା ତାଙ୍କୁ ଏପରି ଏକ ମନୋଭାବ ଦାନ କରିଛନ୍ତି ଯେ, ଯାହା ଫଳରେ ସେମାନେ ପ୍ରାପ୍ତ ଓ ପ୍ରାପ୍ୟ ସମସ୍ତ ପାର୍ଥିବ ଦେହଭୋଗସୁଖକୁ ଅଗ୍ରାହ୍ୟ କରି ନିରନ୍ତର ଦୁଷ୍ପ୍ରାପ୍ୟ ପ୍ରେମ ସନ୍ଧାନରେ ବାହାରିଥାନ୍ତି । ନାୟକ ପକ୍ଷରେ ଯାହା ସତ୍ୟ, ନାୟିକା କ୍ଷେତ୍ରରେ ତାହା ଆଦୌ ମିଥ୍ୟା ନୁହେଁ । ନାୟକର ସ୍ୱପ୍ନ ଓ କଳ୍ପନାରେ ଆମେ ନାୟିକାର ଦିବ୍ୟରୂପ ଦେଖିଛେ, ଏବେ ଉତ୍ତୀର୍ଣ୍ଣ ଚେତନାରେ ସ୍ୱୟଂ ନାୟିକାକୁ ପ୍ରେମର ପ୍ରତିମା ପାଲଟି ଥିବାର ଦେଖିବା । ପ୍ରତିବନ୍ଧିର ଶଯ୍ୟାସଙ୍ଗିନୀ ସେ, ପ୍ରତ୍ୟହ ପରିଚାରିକା । ସନ୍ତାନର ମାତା ପୁଣି କରୁଣା ଗୃହିଣୀ ମଧ୍ୟ (ଯଦିଓ ଅସୁଖୀ), ମାତ୍ର ପ୍ରତ୍ୟକ୍ଷତଃ କେବେ ପ୍ରିୟା ନୁହେଁ । ପ୍ରିୟା ହେବାର ଆକାଙ୍କ୍ଷା କିନ୍ତୁ ତା'ର ଅପ୍ରତିହତ । ଉତ୍ତୀର୍ଣ୍ଣ ଚେତନା ତା'ର ଏହି ଆକାଙ୍କ୍ଷାଟିକୁ ଚରିତାର୍ଥ କରିଥାଏ, ହେଉନା ପଛେ ତାହା ଯେତେ ପ୍ରବଳ ବିଷୟ । ସେ ପ୍ରେମର ଅମରାବତୀକୁ ଉଠିଯାଏ । ସେଠାରେ ତା'ର ଲାବଣ୍ୟର ପରିସୀମା ରହେ ନାହିଁ । ଅକ୍ଷୟ ଜ୍ୟୋତି ଓ ଯୌବନରେ ସେ ଉଦ୍ଭାସିତ ହୋଇ ଉଠେ । ମାଧବୀକୁ ସେଠାରେ ଦେଖନ୍ତୁ ।

ଖରାକୁ ଫେରାଇ ଦେଲ୍ ସୂର୍ଯ୍ୟ ନିକଟକୁ
ଅନ୍ଧାରରେ ଥାଏ ଅନ୍ୟ ପୃଥିବୀ ଯେଉଁଠି
ହାତରେ ରୁମାଲ୍ ଚମ୍ପା ଫୁଲ ଧରି ସେ ଅପେକ୍ଷା କରେ ;
ତା ପରେ ବି ସନ୍ଧ୍ୟା ହୁଏ, ମାତ୍ର ମାଧବୀର
ଦାନ୍ତ ଝଡ଼େ ନାହିଁ କମ୍ପା ବାଳ ପାଚେ ନାହିଁ

\+ \+ \+

ଦପ୍ ଦପ୍ ଆଖି ଜଳେ ତା'ର
କମ୍ପୁଥିବା ଆକାଶରେ ବିଜୁଳିର ଘର୍ଷରେ ଉଜ୍ଜ୍ୱଳ
ଦୁଇଖଣ୍ଡ ହୀରା ପରି, ଏକୁଟିଆ ଆଡ଼ମ୍ବରପୂର୍ଣ୍ଣ
ବୈଧବ୍ୟରେ ଠିଆହୁଏ, ତା ସୌନ୍ଦର୍ଯ୍ୟ ସେଠାରେ ଅକ୍ଷତ ;

ଉତ୍କ୍ରମାଂଶର ପାର୍ବତୀଟିକୁ ପ୍ରେମଚେତନା ଅନନ୍ତ ରହସ୍ୟରେ ମଣ୍ଡି ଦେଇଛି, ରୂପରୁ ତା'ର ଅପାର୍ଥିବ ଇଙ୍ଗିତ ପ୍ରସରୁଛି ।

Digitized by PPRACHIN, SOA

ଆଡ଼ମ୍ବରପୂର୍ଣ୍ଣ ବୈଧବ୍ୟ ସଂସାର ଠାରୁ ବିଚ୍ଛିନ୍ନତା ବୁଝାଇଛନ୍ତି ସେ । ସ୍ୱାମୀ ସନ୍ତାନ ଗୃହାଙ୍ଗନ ଠାରୁ ସେ ବହୁ ଊର୍ଦ୍ଧ୍ୱରେ ଝୁଲୁଛନ୍ତି । ପ୍ରେମର ଏହି ଅମରାବତୀଟି କିନ୍ତୁ ମୁହୂର୍ତ୍ତକେ ଅନ୍ତର୍ହିତ ହୁଏ, ବାସ୍ତବ ଜଗତର ସଚେତନତା ତାଙ୍କୁ ଯଥାସମ୍ଭବରେ ଭୂତଳକୁ ଠେଲିଦିଏ, ଯେଉଁଠି ସେ ପୂର୍ବରୁ ଥିଲା ଠିକ୍ ସେଇଠି ସେ ନିଜକୁ ଭେଟେ, ବଙ୍ଗିର କିଛି କମ୍ କରୁଣ ତରଙ୍ଗ ନୁହେଁ,

ମାଧବୀ ଛୁଇଁଲା
ଗାଲକୁ, ମୁଣ୍ଡକୁ, ଏବଂ ଶେଷରେ ଗୁଚ୍ଛକୁ
ଆସ୍ତେ ଆସ୍ତେ । କେତେ ଦିନୁଁ ପଡ଼ିଥିବା ହାର୍ମୋନିୟମ୍‌ରେ
ପ୍ରତ୍ୟେକ ପ୍ରତ୍ୟେକ ଏକ ସ୍ୱରଘର ପ୍ରତ୍ୟେକ ସ୍ୱରରେ
ଅଗ୍ନୁନକ ପ୍ରତିବାଦମାନଙ୍କର ଖେଷଣ ମୂର୍ଚ୍ଛନା
ପାତାଳକୁ (ଯେଉଁଠାରେ ସବୁ ମୁହଁ ଏକା ପରି ଦିଶେ)
ଅବତରଣର ଅଣ୍ଡା ବଦାନ୍ୟ ମୁହୂର୍ତ୍ତ,
ଅଥବା କେତେଜମା ଖୁଡ଼ୀ ମାଆ ମାଉସୀଙ୍କୁ
ଅସ୍ୱୀକାର କଲାବେଳେ, ଅଥବା ଉଦାସେ
ସ୍ୱାମୀଙ୍କୁ ଭାବିଲାବେଳେ । ସେ ପୁନଶ୍ଚ ଭୁଲିଗଲେ ଆଜି
ବା ଆସିବେ ନିଶାର୍ଦ୍ଧରେ ପାନପିକ ବହଳ ମୁହଁରେ
ଲାବଣ୍ୟବତୀରୁ ପଦେ, ସେହିପରି ସ୍ନେହ ବା ମନରେ ।

—ମାଧବୀର ପଞ୍ଚତିଂଶତମ ଜନ୍ମୋତ୍ସବ

ଅଭାଗିନୀ ସ୍ୱାମୀସନ୍ତାନଭରା ଆଗ୍ନେୟ ଗୃହାଙ୍ଗନରେ ପଡ଼ିଛନ୍ତି । ଏଠାରେ ସେ ଫୁଲ କି ରୁମାଲ ଧରି ସ୍ୱାମୀଙ୍କୁ ଅପେକ୍ଷା କରୁନାହାଁନ୍ତି । ତେବେ ସେ ସ୍ୱାମୀଙ୍କୁ ନ ଭାବେ ନୁହେଁ । କିନ୍ତୁ ସେହି ଭାବନାରେ ପ୍ରେମର ପ୍ରତୀକ୍ଷା ନ ଥାଏ କି, ପ୍ରତୀକ୍ଷାର ଆକୁଳ ଆଗ୍ରହ ନ ଥାଏ, ଥାଏ କେବଳ କ୍ରମଶୀତଳ ଉଦାସୀନତା; ନ ଭାବିଲେ ଏଇ ଯେମିତି କିଛି ଯାଏ ଆସେ ନାହିଁ । ସ୍ୱାମୀଟି ମଧ୍ୟ କିଛି କମ୍ ପ୍ରେମାକୁଳ ନୁହଁନ୍ତି ! ସ୍ତ୍ରୀକୁ ପ୍ରାୟ ଭୁଲିଥାଏ । ମନେ ପଡ଼ିଲେ କେବେ କେମିତି ନିଶାର୍ଦ୍ଧରେ ଶେଯକୁ ଉଠି-ଆସେ, 'ପାନପିକ ବହଳ ମୁହଁରେ ଲାବଣ୍ୟବତୀରୁ ପଦେ, ସେହିପରି ସ୍ନେହ

Digitized by PPRACHIN, SOA

ବିମନରେ ।' ଶିଖାଗୀତ, ଅଭ୍ୟସ୍ତ ଚୁମ୍ବନ ଆଲିଙ୍ଗନ ଓ ଗତାନୁଗତିକ ଜୀବନ ଭିତରେ ମଣିଷର ହତାଶା ଯେତେବ ନିଷ୍କଳଙ୍କ ହୁଏ, ସେଥିରେ ବିସ୍ମିତ ହେବାର କ'ଣ ଅଛି ? ପ୍ରକୃତରେ ମାଧବୀର ବେଦାନ୍ତ ନାହିଁ କି ନାହିଁ କଳଙ୍କ ଅବତାର । ମଣିଷର ଅଜ୍ଞାତ ବେଦନାଗ୍ରସ୍ତ ଓ ଭବିଷ୍ୟତ ପ୍ରତିଶ୍ରୁତିହୀନ ନୁହେଁ କି ? ପ୍ରତ୍ୟକ୍ଷତଃ ନାଗ୍ନ ମାହେ ବଧବା, ଶ୍ରୀରଥ ତାଙ୍କୁ ଫର୍ଦ୍ଦ ଶାଢ଼ୀ ପିନ୍ଧାଇଥାନ୍ତି । କବିମାନେ ଯୁଗେ ଯୁଗେ ଗାଇଛନ୍ତି ଯେ, ପ୍ରେମ ନରନାରୀଙ୍କୁ ରଜାରାଣୀ କରିଦିଏ, ଗୌରବ ମୁକୁଟ ପିନ୍ଧାଇ ଦିଏ । ମଣିଷର ସମସ୍ତ ଦୈନ୍ୟ ଓ କ୍ଷୁଦ୍ରତା ପ୍ରେମର ରାଜ ଆସ୍ତରଣ ତଳେ କାହିଁ ଲୁଚିଯାଏ । ଐଶ୍ୱର୍ଯ୍ୟର ସୀମା ରହେ ନାହିଁ । ଶ୍ରୀରଥଙ୍କ କାବ୍ୟନାୟକ ମଧ୍ୟ ନିଜକୁ ରଜା ଓ ପତ୍ନୀଙ୍କୁ ରାଣୀ ବୋଲି ଜାଣେ । ତେବେ ସେ ଦୁହେଁ କୁଣ୍ଢେଇ ରଜାରାଣୀ, ନିଷ୍ପ୍ରାଣ ଓ ନିଷ୍କ୍ରିୟ । ସେମାନେ ଉତ୍ତୀର୍ଣ୍ଣ-ଚେତନାରେ କେବେ କେମିତି ପ୍ରେମର ଅମରାବତୀକୁ ଯାଇପାରନ୍ତି, ମାତ୍ର ପ୍ରେମପାତ୍ର ଭାବରେ ନିଜର ଅପୂର୍ଣ୍ଣତା ଯୋଗେ ନିରନ୍ତର ଆତ୍ମଗ୍ଳାନି ଓ ପରାଭବ ଭୋଗୁଥାନ୍ତି । ପ୍ରତ୍ୟକ୍ଷତଃ ତାଙ୍କ ପାଇଁ ପ୍ରେମ ନାହିଁ । ତେଣୁ ରଜାରାଣୀ ହେବାର ବିରଳ ସୌଭାଗ୍ୟରୁ ସେମାନେ ବଞ୍ଚିତ । ତାଙ୍କର ତଥାକଥିତ ପ୍ରେମ ପ୍ରକୃତରେ କୁଣ୍ଢେଇ ନାଚରୁ ଅଧିକ କିଛି ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନ ନୁହେଁ, 'ରଜାଙ୍କ ରୋମାନ୍ସ' ପରି । ଭାଗ୍ୟ ତାଙ୍କୁ ନଚାଉଛି,

କୁଣ୍ଢେଇ ନାଚନ୍ତି, ରଜା କୁଣ୍ଢେଇକୁ ଡାକୁଅଛି ରାଣୀ
କୁଣ୍ଢେଇ ଯେ ଫେରିଆସ ପ୍ରାଣପ୍ରିୟ ଲୋଡ଼ା ନାହିଁ ମୋର
ରାଜ୍ୟ ଓ ସମ୍ପଦ । ତମେ ଯାଅନାହିଁ ଯୁଦ୍ଧକୁ ମୋ ବାହୁ
ବନ୍ଧନକୁ ଫେରିଆସ ମୁଁ ତମର କେବଳ ତମର ।
ମୁଁ ଫେରି ଦେଖିଲି ଝୁଲେ କଣ୍ଠା ଏବଂ ଧୂଆଁ ମୁର୍ଗୀ ପର
ତମର ବିବସ୍ତ୍ର ଗୋଡ଼ ଏବଂ ମୋର ଶୂନ୍ୟ ଅନ୍ତଃପୁର ।

ପ୍ରେମର ଅନ୍ତଃପୁର ଶୂନ୍ୟ । 'ମୁଁ ତମର କେବଳ ତମର'—ଏହା ପ୍ରାଣର ଭାଷା ନୁହେଁ, ଅଭିନୟର ଭାଷା ବିବସ୍ତ୍ର, ଗୋଡ଼ଟିର ଲଳିତ ଲୋଭନ ଲୀଳା କଣ୍ଠା ଏବଂ ଧୂଆ ମୁର୍ଗୀ ପରି ଜାନ୍ତବ କ୍ଷୁଧାର ଖୋରାକ ଯୋଗାଏ

Digitized by PPRACHIN, SOA

ସିନା କେବେ ଶୁଭ୍ର ନିର୍ମଳ ସ୍ୱର୍ଗୀୟ ପ୍ରେମରେ ଅନୁପ୍ରାଣିତ କରିପାରେ ନାହିଁ । 'କଣ୍ଠା' ଶବ୍ଦଟି ସମ୍ଭାବନାର ସମ୍ଭାବନାକୁ ମଧ୍ୟ କାଟି ଥୋଇଛି । ମଣିଷ ପାଇଁ ପ୍ରେମ ଅସମ୍ଭବ ବ୍ୟାପାର । ସୁଖର ସବୁ ସରଞ୍ଜାମ ମଣିଷ ପ୍ରସ୍ତୁତ କରିସାରିଲାଣି । ଅଥଚ ତା ପାଇଁ ପ୍ରେମ ନାହିଁ । ପ୍ରେମ ନ ଥିଲେ ସୁଖ କ'ଣ ? ଆନନ୍ଦ କ'ଣ ?

ଲୋକେ କ'ଣ ଅସୁଖୀ ? ନିରାନନ୍ଦ ? ସମସ୍ତେ ତ ସୁଖ ଓ ଆନନ୍ଦରେ କାଳାତିପାତ କରୁଛନ୍ତି ! କବିଏ ପ୍ରେମ କବିତା ଲେଖୁଛନ୍ତି, ପ୍ରେମିକ ପ୍ରେମିକା ପ୍ରେମପତ୍ର ବିନିମୟ କରୁଛନ୍ତି, ସ୍ୱାମୀସ୍ତ୍ରୀଏ ହାତ ଧରାଧରି ହୋଇ ବୁଲୁଛନ୍ତି ଓ ସିନେମା ଦେଖୁଛନ୍ତି (ବସନ୍ତଋତୁ), ଅଥଚ ଶ୍ରୀରଥଙ୍କ କାବ୍ୟନାୟିକା ଉପଲବ୍ଧି କରୁଛି ଯେ, ପ୍ରେମ ଅସମ୍ଭବ । କେଉଁଠି ପୁଣି ଆମର ପ୍ରେମ ନାହିଁ ? ଗଳ୍ପଉପନ୍ୟାସ, ସିନେମାଥିଏଟର ସବୁଠି ହିଁ ଖାଲି ପ୍ରେମ । ଅଥଚ ଶ୍ରୀ ରଥଙ୍କ କବିତାରେ ପ୍ରେମ ନାହିଁ । ଉପଲବ୍ଧି ମିଥ୍ୟା କି ? ନା । ମିଥ୍ୟା ନୁହେଁ । ଆମର ସମସ୍ତ ପ୍ରେମ ମନଗଢ଼ା (make believe) ପ୍ରେମ । ଯାହା ପ୍ରକୃତରେ ନାହିଁ, ତାହା ଅଛି ବୋଲି ଆମେ ମନେ ମନେ ଭାବୁ ଓ ମନମୋଦକରେ ଉଦର ପୂରାଉ । ପ୍ରତ୍ୟକ୍ଷ ଜୀବନର ସମସ୍ତ ବଞ୍ଚନା, ହତାଶା ଓ ଅପୂର୍ଣ୍ଣତାକୁ ଅଧ୍ୟାସର ପୂର୍ଣ୍ଣତା, ଆନନ୍ଦ ଓ ମାଧୁର୍ଯ୍ୟ ଦ୍ୱାରା ଭରିଦେଉ । ଶ୍ରୀରଥଙ୍କ କାବ୍ୟନାୟିକା ଆମ ପରି ନିର୍ବୋଧ ନୁହେଁ ବୋଲି ମନଗଢ଼ା ଜଗତରେ ଆତ୍ମହରା ହୋଇପାରେ ନାହିଁ । ସେ ମଧ୍ୟ ଆମ ପରି ହଗନ୍ତ ବସ୍ତୁତ ମିଥ୍ୟା ପ୍ରେମରାଜ୍ୟର ଅଧିବାସୀ, ପ୍ରିୟାର ବାହୁ ମୁକ୍ତ ଓ ପ୍ରସାରିତ ରହିଛି, ଯେଉଁଠାରେ ଓହ୍ଲାଇଲେ ସେହିଠାରେ ତାଙ୍କ ଆଲିଙ୍ଗନ । ମାତ୍ର ସେ ଆତ୍ମ ବିସ୍ମୃତ ହୋଇ ପାରେ ନାହିଁ । ତେଣୁ ପ୍ରକୃତରେ କୌଣସି ପ୍ରେମ ସମ୍ପର୍କ କେଉଁଠି ସ୍ଥାପିତ ହୋଇଥିବାର ଦେଖେ ନାହିଁ । ମିଥ୍ୟାକୁ ଆଶ୍ରୟ କରି ମଧ୍ୟ ସେ ଆମ ପରି ମିଥ୍ୟାର ଆଶ୍ୱାସ ପାଏ ନାହିଁ । ଆତ୍ମ-ସଚେତନତା ଯେପରି ତା'ର ବଳ ସେପରି ମଧ୍ୟ କାଳ । ମିଥ୍ୟା କାଳେ ଅନ୍ତର୍ହିତ ହୋଇ ଯିବ ଏହି ସଚେତନତା ଯୋଗୁଁ ଯିଏ ମିଥ୍ୟାକୁ ଜାବୁଡ଼ି ଧରେ ତାଙ୍କ ପାଇଁ ମିଥ୍ୟାର ନିଶ୍ଛିଦ୍ର ଆଶ୍ୱାସ ଓ ଆଶ୍ରୟ କାହିଁ ମିଳିବ ?

Digitized by PPRACHIN, SOA

ସେ ସେହି ପ୍ରେମ ଜଗତରୁ ଘୁଞ୍ଚି ନାହିଁ, "କାଲେ ଜହ୍ନ ବୁଡ଼ିଯିବ, ଆଉ ସୂର୍ଯ୍ୟାଲୋକେ ବାଟ ନ ଦିଶିବ ।" ମୂର୍ଖତା ଓ ନିର୍ବୋଧତାର ଯେଉଁ ଆମୋଦ ଅଛି, ସେଥିରୁ ସେ ତେଣୁ ବଞ୍ଚିତ ହେବନ୍ତି ହେବ । ସୂର୍ଯ୍ୟାଲୋକ ସମ୍ବନ୍ଧରେ ସଚେତନ ହୋଇ ସେ ଜହ୍ନରାତିର ମାୟା ବିହ୍ୱଳତାରେ ନିମଜ୍ଜିତ ହୁଅନ୍ତା କିପରି ? ଅଧିକନ୍ତୁ ମନଗଢ଼ା ଜଗତ ପ୍ରତି ତା'ର ଅସନ୍ତୁଷ୍ଟତା ମଧ୍ୟ କିଛି କମ ନୁହେଁ । ପଦେ ପଦେ ସେ ସେହି ଜଗତଟିର ଅସଳ ସ୍ୱରୂପଟିକୁ ଉଦଘାଟନ କରେ ଓ ନିଜର ମିଥ୍ୟାମୋହ କଟାଇ ପ୍ରତ୍ୟକ୍ଷ ଶୂନ୍ୟତା ଓ ରିକ୍ତିନତାବୋଧର ଯନ୍ତ୍ରଣା ଭୋଗେ । ମିଥ୍ୟା ଭରସାକୁ ପ୍ରତ୍ୟାଖ୍ୟାନ କରିବା ମାନେ ମୋହମୁକ୍ତ ଭାବରେ ବଞ୍ଚିବା, ହେଉନା ପଛେ ତାହା ଯେତେ ଯନ୍ତ୍ରଣାଦାୟକ । ଅନନ୍ତ ଶୟନରୁ ତା'ର ଉପଲବ୍ଧି ଆମେ ଉଦ୍ଧାର କରୁଛୁ, 'ମୃତ୍ୟୁର ମସଣ କିଛୁ' ତା ଆଗରେ ସବୁ ସ୍ପଷ୍ଟ କରି ଦେଉଛି,

ମଧ୍ୟାହ୍ନର ବେଳେ ଯେବେ ମୁଁ ଘୁରୁଥିଲି ଗ୍ୟାଲେରୀରୁ
ତମେ ବି ଘୁରୁଥ
ଗ୍ରୀନ୍‌ରୁମ୍ ଅନ୍ତରାଳୁ ମୃତ ନାଚ କିପରି ମିଳାଏ ।
ସେତେବେଳେ ଆମେ ଦୁହେଁ ଏକାକାର, ଘୁରୁଥିଲୁ ପିଲଙ୍କର ପରି
ଆମର କାଗଜଡଙ୍ଗା ବର୍ଷାପାଣିସ୍ରୋତେ ଭାସିଯାଏ ।
ଆଜ ମଧ୍ୟ ବୁଝିଅଛୁ ତମେ ଖାଲି ନାଚର ରାତିର
ଅନ୍ଧାରରେ ଓ ମୁଁ ଅନ୍ଧ ଥିଲାବେଳେ । 'ସୁତରାଂ ଏ କ'ଣ ସମ୍ଭବ
ଯେ ମୁଁ ଥିଲି ସବୁ, କାଗଜର ଡଙ୍ଗା ଏବଂ ମୃତମୂର୍ତ୍ତି ନାଚର ?

ପ୍ରକୃତ ନାଚ କାହିଁ ? କାହିଁ ବା କାଗଜ ଡଙ୍ଗା ? ପ୍ରେମ, ମିଳନ ଓ ବିଚ୍ଛେଦ ସବୁ ମନଗଢ଼ା ବ୍ୟାପାର, ସେଗୁଡ଼ିକର ପ୍ରକୃତରେ କୌଣସି ଅସ୍ତିତ୍ୱ ନାହିଁ । ଅନ୍ଧ ଅନ୍ଧାରରେ ନାଚ ଦେଖିଲେ ଆମେ କ'ଣ ନାଚର ଅସ୍ତିତ୍ୱରେ ବିଶ୍ୱାସ କରି ପାରିବା ? ନାଚ ବି ମନର ନାଚ । ସ୍ୱାମୀ ସ୍ତ୍ରୀ ଉଭୟେ ମୃତ । ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ କାହୁଁ ଆସିବ ? ପ୍ରେମର ଭାନ ହିଁ ଆମର ପ୍ରେମ । ଆମେ ବଡ଼ ହାସ୍ୟାସ୍ପଦ ଭାବେ ପ୍ରେମୋନ୍ମତ୍ତ ଓ ଆନନ୍ଦ ବିହ୍ୱଳ । ଆମର ଏହି ପ୍ରେମ ଓ ଆନନ୍ଦ ପ୍ରତି

Digitized by PPRACHIN, SOA

ଶ୍ରୀରଥଙ୍କ ବିଦ୍ରୂପର ସୀମା ନାହିଁ । ଏହି ସୂତ୍ରରେ ଆମେ ଶ୍ରୀରଥଙ୍କ କବିତାର ଅନ୍ୟତମ ବୈଶିଷ୍ଟ୍ୟ ସ୍ମରଣ କରି ପାରିବା । କବିତା ତାଙ୍କର ଦର୍ପଣଟି ଏପରି । ପାଠକ ନିରାପଦ ଦୂରତ୍ୱରୁ ସେଥିରେ ନିଭୃତ କବି-ପ୍ରାଣର ବ୍ୟକ୍ତିଗତ ଆବେଗାନୁଭୂତିକୁ ଅଭିବ୍ୟକ୍ତ ହୋଇଥିବାର ଦେଖି ଆମୋଦିତ ହୋଇ ପାରେ ନାହିଁ, ନିଜ ମାନବ ପ୍ରକୃତିର ନଗ୍ନ ରୂପଟିକୁ ପ୍ରତିଫଳିତ ହେବାର ଦେଖି ଆତଙ୍କିତ ହୋଇ ଉଠେ । କବିତା ପାଠ ତେଣୁ ଜୀବନର ମୁକାବିଲା ଭିନ୍ନ ଅନ୍ୟ କିଛି ହୋଇ ପାରେ ନାହିଁ । ବ୍ୟଙ୍ଗ ବିଦ୍ରୂପ ମଧ୍ୟ ଏକ ଅଦ୍ଭୁତ ଦର୍ପଣ । ଯେଉଁଥିରେ 'ବ୍ୟଙ୍ଗକାର କେବଳ ନିଜ ମୁହଁ ଦେଖି ପାରେ ନାହିଁ, ଆଉ ସମସ୍ତଙ୍କ ମୁହଁ ଦେଖେ । ଶ୍ରୀରଥ କିନ୍ତୁ ନିରୁତା ବ୍ୟଙ୍ଗକାର ନୁହନ୍ତି; ସେ କବି, ପ୍ରକୃତତମ ଅର୍ଥରେ କବି । ସେ ଆମରି ମଝିରେ ଠିଆ ହୋଇଛନ୍ତି, ତଳେ ନୁହେଁ କି ଉପରେ ନୁହେଁ । କବିତା ଦର୍ପଣଟିକୁ ଆମ ଆଗରେ ଥୋଇ ସେ ପ୍ରଥମେ ନିଜ ମୁଖ ନିଜେ ଦେଖୁଛନ୍ତି । 'ସବେଁ ଅଛୁ ଏକ ଦଦରା ବୋଇତେ । ତାଙ୍କର କାମ ହେଲା ସତ୍ୟର ସମ୍ମୁଖୀନ ହେବା, ସେହି ସୂତ୍ରରେ ଆମ ସମସ୍ତଙ୍କ ସୁଖ ଦୁଃଖକୁ ଭାଷା ଦେବା ଓ ଆମ ପାଇଁ ବନ୍ଦୀଶାଳାର ଦ୍ୱାର ମୁକ୍ତ କରିବା । କବିତା ତାଙ୍କର ତେଣୁ ଅଳ୍ପେ ପ୍ରଜ୍ଞାବାଦ ନୁହେଁ, 'ସମଦୁଃଖୀଠାରେ ଦୁଃଖୀ ଆର୍ତ୍ତନାଦ' ମାତ୍ର । ଆମରି ପ୍ରେମର ଭାଷା ବ୍ୟବହାର କରି ସେ ନିଜକୁ ଉପହାସ କରନ୍ତି, ଫଳରେ ବିଦ୍ରୂପର ତର୍ଜମା ଆମରି ଆଡ଼କୁ ସମୁଦ୍ୟତ ରହେ । ତାଙ୍କ ପରିହାସ ବୋଧ ଅପୂର୍ବ । ସ୍ୱାମୀ ସ୍ତ୍ରୀ କି ପ୍ରେମିକ ପ୍ରେମିକା ଉଭୟେ ମୃତ ଓ ନିଃସଙ୍ଗ । ସେମାନେ ପରସ୍ପର ସହିତ କୌଣସି ପ୍ରକାରେ ପ୍ରେମ ସମ୍ପର୍କ ସ୍ଥାପି ପାରନ୍ତି ନାହିଁ, ଅଥଚ ପରସ୍ପରକୁ ଡାକି କହନ୍ତି, 'ତମେ ମୁଁ ଏକ ଆତ୍ମା ।' ଆମର କେଉଁ ସ୍ୱାମୀ ସ୍ତ୍ରୀ ଓ ପ୍ରେମିକ ପ୍ରେମିକା ପୁଣି ଆଜି ଏକାତ୍ମ ନୁହନ୍ତି ? ସ୍ୱାମୀ କି ପ୍ରେମିକ ମଲେ କିନ୍ତୁ କେହି ବିଧବା ହୁଅନ୍ତି ନାହିଁ । କାବ୍ୟନାୟକ କହୁଛି, 'ଯଦି ଭାଗ୍ୟକ୍ରମେ ମୁଁ ଏଠାରେ ରହିଯାଏ ତେବେ ତୁମେ ବୈଧବ୍ୟ ଲୁହରେ/ଅନ୍ଧ ହେବ ନାହିଁ' (ବସନ୍ତ ଋତୁ) । ସ୍ତ୍ରୀଟିର ସେ ଦାଗ ଅବଶ୍ୟ କିଛି କମ୍ ନୁହେଁ । ମରିଯାଇ ସେ ସଖିଙ୍କୁ କହୁଥାଏ, "ଶ୍ୟାମ ପଦଧୂଳି, ବୋଳ ମୋର ଶିର, ଶ୍ୟାମ ଚିତ୍ର ମୂର୍ତ୍ତି ଦେଖାଅ ଓ ମୋର/ଜୀବନ ବାହାରି ଗଲେ ଶ୍ୟାମ ନାମ ହୃଦରେ

Digitized by PPRACHIN, SOA

ଲିହିବ; ଶ୍ୟାମ ରୂପ ମୃତ୍ତିକାରେ ଲଦାଇ ଓ ଶ୍ୟାମ ବସନରେ/ମୋ ଅଙ୍ଗ ଘୋଡ଼ାଇ ଶ୍ୟାମ ଯିବା ପଥେ ଶବ ପୋତି ଦେବ ।” କେଉଁ ରାଧା ପୁଣି ତାକୁ ପ୍ରେମରେ ବଳିଯିବ ! ବଡ଼ ଉତ୍ସର୍ଗୀକୃତ ପ୍ରାଣ ! କାବ୍ୟନାୟିକ କାନୁ ବୋଲି କୃଷ୍ଣ ନୁହେଁ । ପରିପୂର୍ଣ୍ଣ ଆତ୍ମସମର୍ପଣର ଆନନ୍ଦ କ’ଣ ତାହା ସେ ଜାଣେ, ପ୍ରାଣହୀନ ଶିଖାଗୀତରେ କି ସେ ଆନନ୍ଦ ଥାଏ ? ତେଣୁ ସବୁ ସାଧନ ସ୍ତ୍ରୀକୁ ସେ ଏତେ ଉଚ୍ଛଳ ଚଞ୍ଚଳ ହେବାକୁ ଅବକାଶ ଦେବ ନାହିଁ । କହି ରଖିଛି,

> “ତାପରେ ମୁଁ ଗୁଞ୍ଜିଗଲି, କାହିଁ ତମେ ଉଚ୍ଛଳ ଚଞ୍ଚଳ
> ହୋଇ ମତେ କହିଥାନ୍ତ ମୁଁ ମଲିଣି ଗାଇ ବାରମ୍ବାର
> ସଖିଗଣ ବୋଲି ଶ୍ୟାମଚନ୍ଦ୍ରଙ୍କ ମୋ ଶିର ଓ ଶ୍ୟାମ
> ଚିତ୍ରମୂର୍ତ୍ତି ନେଇ ଦେଖି କେଁ କଟର ହାର୍ମୋନିୟମରେ ।
> ମୁଁ ତା’ପରେ ଗୁଞ୍ଜିଗଲି, କାଳି ଗଡ଼ି ଶେଷ ଗଡ଼ି ଥିଲି
> ନ ଯାଉ ରହିବା ଲାଗି ତମ ଢିଲା ବାହୁ ବନ୍ଧନରେ ।”

—ରଜାଙ୍କ ରୋମାନ୍ସ

ଶିଖାଗୀତ, କେଁ କଟର ହାର୍ମୋନିୟମର ସ୍ୱର ଓ ଢିଲା ବାହୁ ବନ୍ଧନରୁ ଆମ ପ୍ରେମର ନିବିଡ଼ ମାଧୁର୍ଯ୍ୟ ଓ ସୁଖର ଆନନ୍ଦ ପ୍ରସରୁ ନାହିଁକି ? ଏହାକୁ ଯେବେ ପ୍ରେମ କହିବା ତେବେ ଚରିତ୍ର ଚତୁଷ୍ଟୟ ଅପବାଦର ଫଳ ହେବ କ’ଣ ? ଏଥିରେ କାବ୍ୟନାୟକ କାହିଁକି ସ୍ତ୍ରୀ ଲୋକଟାକୁ ଗୀତ ଗାଇ ଗାଇ ମରିବାକୁ ଦିଅନ୍ତା ? ଏପରି ପ୍ରେମ ନ କଲେ ବା କ୍ଷତି କ’ଣ ? ପ୍ରେମର ହସ ଓ ଭାଷା ଆମେ ଭୁଲିଛୁ । ପତ୍ନୀ ଓ ପ୍ରେମିକା ଅବଶ୍ୟ ପ୍ରେମାସ୍ପଦଙ୍କୁ ସହାସ୍ୟ ବଦନରେ ସ୍ୱାଗତ କରନ୍ତି, ମାତ୍ର ସେଥିଲାଗି ତାଙ୍କୁ ସମୟ ଲାଗେ । “ସଜନୋ ଅଣ୍ଡାଳନ୍ତି ରୁଦ୍ଧ ହୋଇ ଅନ୍ଧାର ଭିତରେ/ ହଖୋଜ ନକଲି ଦାନ୍ତ ଉପଯୁକ୍ତ ଦରହାସ ପାଇଁ ।” ଶେଷ ପର୍ଯ୍ୟନ୍ତ ଦାନ୍ତ ମିଳେ, ମାତ୍ର ପ୍ରେମ ଏତେ ନିର୍ଲଜ ନୁହେଁ ଯେ ଅପେକ୍ଷା କରିବ ? ସବୁ ସମ୍ପର୍କ ରୁଟିନ୍‌ବନ୍ଧା, ମ୍ରିୟମାଣ ଓ ବଡ଼ ମେକାନିକାଲ । ପ୍ରାଣ ପ୍ରାଚୁର୍ଯ୍ୟ ଓ ସ୍ୱତଃସ୍ଫୂର୍ତ୍ତତା ଦୁର୍ଲଭ ହୋଇ ପଡ଼ୁଛି । ଆଜି ଭାଷା ? ପ୍ରେମିକମାନେ

Digitized by PPRACHIN, SOA

ଜାଣେନ୍ତି ମଣିଷର ଭାଷା ସୂକ୍ଷ୍ମ ସୁନ୍ଦର ପ୍ରେମପ୍ରକାଶ ପାଇଁ ସର୍ବଥା ଅକ୍ଷମ ଓ ଅପର୍ଯ୍ୟାପ୍ତ । କବି ଏଲିଅଟ୍‌ଙ୍କ ପ୍ରେମିକଙ୍କୁ ତେଣୁ ପ୍ରେମର ଭାଷା ପାଇଁ ଆପ୍ରାଣ ପ୍ରଚେଷ୍ଟା କରିବାକୁ ହୋଇଥାଏ । ତା'ର ଉପଲବ୍ଧି ବଡ଼ ଆନନ୍ଦର । ସେ କହେ—"like the asthmatic struggling for breath,/So the lover must struggle for words." 'It is strange that words are so inadequate.' (The Elder Statesman, III) ଅଥଚ ଆମେ ଅବଲୀଳାକ୍ରମେ ଅନର୍ଗଳ ପ୍ରେମପତ୍ର ଲେଖୁ ଆମର ଭାଷାରେ, ଯେଉଁ ଭାଷା ଡାହା ମିଛ ଭିନ୍ନ ଅନ୍ୟ କିଛି ହୋଇ ନ ପାରେ । ଶ୍ରୀରଥଙ୍କ କାବ୍ୟନାୟକ, ଆମ ପ୍ରେମପତ୍ରର ହାସ୍ୟକର ଅଥଚ କରୁଣ ଦିଗଟିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି,

'ସବୁ ଭାଷା ତେଣୁ ଡାହାମିଛ ।
ଯେହେତୁ ଅତୀତ କଥା କୁହାଯାଏ ବର୍ତ୍ତମାନ କାଳ ମାଧ୍ୟମରେ
ଏବଂ ଯାହା ବର୍ତ୍ତମାନ, କିମ୍ବା ଯାହା ସମ୍ଭାବ୍ୟ ତାହାର
ଛୁଇ ମାଡ଼େ ନାହିଁ ଭାଷା, ମୋ ଯାତ୍ରାର ସମାପ୍ତି ଉତ୍ତରେ
ମୁଁ ଘରକୁ ଲେଖିଥିବା ଚିଠି ହେବ ମିଛ ଏବଂ ମୋର
ପତ୍ନୀ ଯେବେ କ୍ଳାନ୍ତ ହୋଇ ଫେରିଥିବେ ଦୋକାନ ଓ
ଡାକ୍ତରଖାନାରୁ
ଘରସଫା ଲୁଗା ପିନ୍ଧି, ଖାଲିପାଦେ ନୁଖୁରା ମୁଣ୍ଡରେ
ସେ ମୋର ଚିଠିକୁ ଆହା ସତ ବୋଲି ଭାବିବେ, ସେଠ'ରୁ
ଚୁମା ମଧ୍ୟ ଦେବେ, ସତେ ଅବା ଚୁମାମାନେ ଏ ପକ୍ଷୀଙ୍କ ପରି
ଉଡ଼ିଆସି ବସିଯିବେ ମୋ ଆଶ୍ଚର୍ଯ୍ୟ ଓଠଙ୍କ ଡାଳରେ ।

— ଗ୍ରୀଷ୍ମଋତୁରେ ରେଳଯାତ୍ରା ।

ପ୍ରବଞ୍ଚନାରେ ଆମର ସନ୍ତୋଷ । ପ୍ରୀତି ଶବ୍ଦରୁ ଶବ୍ଦାନ୍ତରର ନିଃଶବ୍ଦ ଉପସ୍ଥିତି ଖୋଜି ନାହିଁ; କାରଣ ପ୍ରେମର ଭାଷା କ'ଣ ତାହା ତାକୁ ଜଣା ନାହିଁ । ଅଥଚ ପ୍ରେମରେ କେତେ ଉତ୍ତପ୍ତ ହୋଇ ନ ଉଠୁଛି ସେ ? ସେଇଠୁ ସେ ଚୁମା ଦେଉଛି । ସତେ ଯେମିତି ଚୁମାମାନେ ଉଡ଼ିଆସି ବସିଯିବେ ସ୍ୱାମୀଙ୍କ ଓଠଙ୍କ ଡାଳରେ ? ପ୍ରକୃତରେ କଳ୍ପ ମର୍ତ୍ତ୍ୟଭୂମିରୁ

Digitized by PPRACHIN, SOA

ପ୍ରେମପତ୍ର ଲେଖି ହୁଏ ନାହିଁ । ଶ୍ରୀ ରଥଙ୍କ କାବ୍ୟନାୟକ ପାଇଁ ଯେତେ ମର୍ତ୍ତ୍ୟାତୀର୍ଣ୍ଣ ସପ୍ତମର୍ତ୍ତ୍ୟରୁ ସୁଲଭ ହୁଅନ୍ତା, ସେଇଠୁ ସେ ପ୍ରେମପତ୍ର ଲେଖନ୍ତା ପ୍ରେମର ଭାଷାରେ । ତାହା 'ହୁଅନ୍ତା ପୃଥିବୀର ସବୁଠୁଁ ଆବେଗପୂର୍ଣ୍ଣ ପ୍ରେମପତ୍ର ।' 'ପ୍ରତି ପାରାଗ୍ରାଫ୍ ବର୍ଣ୍ଣନା କରନ୍ତା ଏକ ସୁବାସିତ ସ୍ୱପ୍ନ ।' ସେ ପ୍ରେମିକା ଉଦ୍ଦେଶ୍ୟରେ କହୁଛି, "ସେ ଚିଠି ପଢ଼ିଲା ପରେ ତମେ ବୁଝିପାରନ୍ତ ମୁଁ ଜାଣେ/ମୃତ୍ୟୁର ଶୀତଳ ଦୁର୍ଗ ଭାଙ୍ଗିବାର କୁହୁକ ବିଦ୍ୟା, ମୋ/ନିଃଶ୍ୱାସରେ ସବୁ ଋତୁ ଅବସ୍ଥିତ, ଶୀତଦିନ ରାତିରେ ଯଦିବା/ମଲ୍ଲୀଫୁଲ ଖୋଜିବ ତା ମିଳିବ ମୋ ଆତ୍ମସମର୍ପଣେ ।" (ପ୍ରେମପତ୍ର) 'ବର୍ତ୍ତମାନ ଅସମ୍ଭବ (ତମ ନିକଟକୁ) ଏ ଚିଠି ଲେଖିବା ।' ସପ୍ତମର୍ତ୍ତ୍ୟର ସମପ୍ରାନ୍ତର କାହିଁ କେତେ ଦୂରେ ? ଅଥଚ ଆମେ ପ୍ରତ୍ୟହ ରାଶି ରାଶି ପ୍ରେମପତ୍ର ଲେଖିଚାଲିଛୁ ! ପ୍ରେମ ଅବର୍ତ୍ତମାନ, ଅଥଚ ଆମେ ହାସ୍ୟକର ଭାବେ ପ୍ରେମମଗ୍ନ । ବିଚ୍ଛେଦ ପରିପୂର୍ଣ୍ଣ, ଅଥଚ ଆମେ ନିବିଡ଼ ମିଳନ ସୁଖରେ ଆକଣ୍ଠ ନିମଜ୍ଜିତ । କବି ଶ୍ରୀ ରଥ ଆମ ପ୍ରେମର ମନଗଢ଼ା ଅବାସ୍ତବ ମିଳନକୁ ବାରମ୍ବାର ଅପଦସ୍ଥ କରିଛନ୍ତି । ଏହି ପ୍ରସଙ୍ଗରେ ଆମେ ସନ୍ଧ୍ୟା ଓ 'ସମୟକୁ ଗୃବେଷ୍ଟି ରହିବ ବୃଦ୍ଧାଣି' କବିତାଦ୍ୱୟ ସ୍ମରଣ କରି ପାରିବା । 'ସନ୍ଧ୍ୟା'ର କାବ୍ୟନାୟକ ମୃତ, ଅଥଚ ମିଳନ ବାଗରେ କବିତାର ସୂର୍ଯ୍ୟାସ୍ତ ! ସେ ପତ୍ନୀକୁ ଡାକି କହୁଛି,

ହେ ମୋ ଲାଜକୁଳୀ ପ୍ରିୟା, ହେ ମୋ ପ୍ରବଞ୍ଚିତ ଯୌବନର
ହସୁଥିବା ଶବାଧାର । ଏବେ ଦେଖ ଅନ୍ୟ ଦିଗ୍‌ବଳୟ
ଗାଢ଼ ନୀଳ ରଙ୍ଗ ଧରେ । ସମୁଦ୍ରର ଲୋହିତ ଝଡ଼ରେ
ହଠାତ୍ ନିଶ୍ଚିହ୍ନ ହେଲା ନିଃସହାୟ ସାଂଧ୍ୟ ଭ୍ରମଣ ଓ
ଆଉ ନାହିଁ ଫୁସ୍‌ଫାସ୍ କଥାବାର୍ତ୍ତା ଦୀର୍ଘ ନିଃଶ୍ୱାସରେ
କାନ ପାଖେ ଠେଲିବା,…… ..
ମୋ ଦେହରୁ କମ୍ବଳ କାଢ଼, ଓ
ମୁଁ ଦେଖେ ତମର କ୍ଷତ, ତାହାପରେ ପ୍ରଶସ୍ତ ହସିଲା
ମୁହଁରେ ମୁଁ ଓହ୍ଲାଇବି ଶେଯ ସାଙ୍ଗେ ଦେହଲି ଦୋହଲା
କଣ୍ଠକୁ ଠକ୍ ଠକ୍ କରି ତମ ରଙ୍ଗ ବିଛଣାକୁ

Digitized by PPRACHIN, SOA

ଝସିବା ଉତ୍ସରେ । ତମେ ମୁରୁକେଇ ଅବଶ୍ୟ ହସିବ,
କି ଦୀର୍ଘ ବିଚ୍ଛେଦ ପରେ ଜାହାଜର ଭୁକୁଡ଼ା ହସିଲା !

ଭାଷା ବେଶ୍ ଶ୍ଳେଷବନ୍ଧ । ଜାହାଜର କିଛି ଭାଗ ରହୁ ହସିଲେ ଆକାଂକ୍ଷିତ ବ୍ୟକ୍ତିର ପ୍ରତ୍ୟାବର୍ତ୍ତନ ସୂଚିତ ହୋଇଥାଏ ନିଶ୍ଚୟ । ମାତ୍ର ଭୁକୁଡ଼ା ହସିଲେ ? ଭୁକୁଡ଼ା କେବଳ ଜାହାଜର ଧ୍ୱଂସ ସଙ୍କେତ ନୁହେଁ, କାଙ୍କ୍ଷିତ ସୁହୃଦର ମୃତ୍ୟୁସୂଚକ ମଧ୍ୟ । ସମୁଦ୍ରରେ ଲୋହିତ ଝଡ଼ର ଧ୍ୱଂସଲୀଳା ପରେ ଅକ୍ଷତ ଜାହାଜର ପ୍ରତ୍ୟାଶା ମୂର୍ଖତା ଛଡ଼ା ଆଉ କ'ଣ ହୋଇପାରେ ? ପତ୍ନୀ କିନ୍ତୁ ସୁଦୀର୍ଘ ବିଚ୍ଛେଦ ପରେ ପୁନର୍ବାର ମିଳନ ସମ୍ଭାବନାରେ ଏବେ ମୁରୁକେଇ ଅବଶ୍ୟ ହସିବେ, ସଂପ୍ରୀତିରେ ସେ ସମୁଜ୍ଜ୍ୱଳ ! ଉଭୟ ମିଳନ ପାଇଁ ତାର ଉଭୟ ଆକୁଳତା । ଜଣଙ୍କର ମୃତ୍ୟୁ ପରେ ତା ସମ୍ଭବ ମିଳନ ଉଭୟ ନ ହୋଇ ଆଉ କ'ଣ ବା ହୁଅନ୍ତା ? ଅବାସ୍ତବ ମିଳନ ଆମର ଅମୋଘ ଭାଗ୍ୟ । ଆମେ ଅଛୁ ଟେନେସି ଉଇଲିୟାମସ୍‌ଙ୍କର ସେହି 'ଗ୍ଲାସ୍ ମେନାଜାରି' ଜଗତରେ, ଯେଉଁଠି, ଆମେ ଇଲ୍ୟୁଜନ ମାନୁଫ୍ୟାକଚର କରିଥାଉ; ଅଧ୍ୟାସ ଗଢ଼ି ନେଉ । [25] ଏହି ବ୍ୟଙ୍ଗ ଆହୁରି ସୁନିପୁଣ ହୋଇଉଠିଛି କବିଙ୍କର 'ସମୟକୁ ଛୁଟେଇଛି ଦ୍ରୁତ ଗୃହିଣୀ'ରେ । ମିଳନ ସମ୍ପାଦିତ ହେଉଛି ଅବ୍ୟର୍ଥ ବିଚ୍ଛେଦ ଉତ୍ସବରେ । ଟ୍ରାଜେଡ଼ି ଦେଖନ୍ତୁ,

ସେ ଏକ ଅଜବ୍ ବେଳା ମନେ ଦେଖାଯାଏ
ରାସ୍ତା ମୋର ଗୃହପାଖେ ମୁହିଁ ଏପରିକି ଏ ପ୍ରଶସ୍ତ ନଈ
ଆରପାଖେ କୋଠାଘର ଅଥଚ ନାହାନ୍ତି
ସୂର୍ଯ୍ୟ କିମ୍ବା ଚନ୍ଦ୍ର ॥ ରାସ୍ତାର କୌଣସି ପାଖେ ବଣ ଜନ୍ତୁନାହିଁ
ଆକାଶ ମେଘୁଆ ନୁହେଁ ଦିନର ଏ ଅଜବ ସମୟ

୨୫ । ଉଇଲିୟାମସଙ୍କ ମନ୍ତବ୍ୟ ଉଲ୍ଲେଖ୍ୟ, You don't know things anywhere ! You live in a dream, you manufacture illusions.

—The Glass Menagerie

Digitized by PPRACHIN, SOA

ବାସ୍ତବିକ ସ୍ତରେ ଆମେ ପରସ୍ପରେ ଦେଉଛୁ ବିଦାୟ ।
ନଷ୍ଟ ଆଜି କୂଳେ ତମ ଘର ଏବଂ ଅଳ୍ପ ସମୟରେ
ମୁଁ ଚାଲିବି ଦେଶାନ୍ତର । ଏ ତ ଭଲ ଗୋଟିଏ ଦୃଷ୍ଟିରେ
ଏପରି ସମୟ ଯେଣୁ ଅସମ୍ଭବ ଆମେ ତେଣୁ ବିଦାୟ ନେଉନୁ
ବିଦାୟ ବି ଅସମ୍ଭବ, ଖାଲି ଅଛି ଅନନ୍ତ ମିଳନ
ନ ଭାଙ୍ଗି ଦୁଇଟି ମୂର୍ଖ ହାତଙ୍କର ସତ୍ତା ଇଙ୍ଗିତରେ ।

ସେତେବେଳେ ଅବଚେତନରେ ନଇଁ ଆସିଥିଲା ସପ୍ତମର୍ତ୍ତ୍ୟ । ଏହା ସେହି ଅବସ୍ଥାର ବର୍ଣ୍ଣନା । ନ ତତ୍ର ସୂର୍ଯ୍ୟୋ ଭାତି ନ ଚନ୍ଦ୍ର ତାରକଂ । ବସ୍ତୁଗତ କାଳ ଅତିକ୍ରାନ୍ତ । ଏଠାରେ ଆଲୋକର ଅନୁପସ୍ଥିତି ତେଣୁ ଅନ୍ଧକାର ବୁଝାଉ ନାହିଁ, ବୁଝାଉଛି ଧାମ୍ୟମନ ଦିବ୍ୟ ଆଲୋକକୁ । କାଳହୀନତା ବୁଝାଉଛି ଚିରନ୍ତନ ଶାଶ୍ୱତକୁ । ପ୍ରେମ ଚରିତାର୍ଥ । ମିଳନ ପରିପୂର୍ଣ୍ଣ । ଏବେ କାବ୍ୟନାୟକ ସ୍ୱପ୍ନରେ ଦେଖୁଛି ସେହି ପରିପୂର୍ଣ୍ଣ ମିଳନ ଉପରେ ଅବଧାରିତ ବିଚ୍ଛେଦ ସଂଘଟିତ ହେବାକୁ ଯାଉଛି, 'ବାସ୍ତବିକ ସ୍ତରେ ଆମେ ପରସ୍ପର ଦେଉଛୁ ବିଦାୟ ।' ସପ୍ତମର୍ତ୍ତ୍ୟରୁ ଅବଚଳିତ ରହୁ ନାହୁଁ । 'human kind/Can not bear very much reality ମର୍ମନ୍ତୁଦ ବିଚ୍ଛେଦ ବେଦନାରେ ସମସ୍ତ ମନ ଆକ୍ରାନ୍ତ, ଗଭୀର ଶୂନ୍ୟତା ବୋଧରେ ସମସ୍ତ ପ୍ରାଣ ବିଧ୍ୱସ୍ତ । ଶ୍ରୀରଥଙ୍କ ପାଇଁ ବିଚ୍ଛେଦର କୌଣସି ସାନ୍ତ୍ୱନା ନାହିଁ । ବିଚ୍ଛେଦ ପୂର୍ଣ୍ଣତା ଦିଏ ନାହିଁ, କେବଳ ବିଧ୍ୱସ୍ତ କରି ଦିଏ ଦେହମନପ୍ରାଣ । ଏବେ ସେହି ସୁଦୁର୍ଲଭ ପ୍ରେମର ମୁହୂର୍ତ୍ତଟି ଅତିକ୍ରାନ୍ତ ହୋଇ ଯାଇଛି, କାବ୍ୟନାୟକର ଚେତନ ମନ ଆଜି ବିଚ୍ଛେଦକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ହେଉନାହିଁ । ସମୟର ମର୍ତ୍ତ୍ୟକୂଳକୁ ଉଠିଯାଇଛନ୍ତି ନାୟିକା । ନାୟକ ମଧ୍ୟ ଯାଇଛି ଦେଶାନ୍ତର । ଦେଶାନ୍ତର ମାନେ ସମୟାନ୍ତର । ସେଠାରେ ସେ ଚେଷ୍ଟାକୃତ ଚତୁରତା ଦ୍ୱାରା ବିଚ୍ଛେଦକୁ ଫାଙ୍କୁଛି । ବିଚ୍ଛେଦ କାହିଁ ? "ଏପରି ସମୟ ଯେଣୁ ଅସମ୍ଭବ ଆମେ ତେଣୁ ବିଦାୟ ନେଉନୁ ।" ସ୍ମୃତିରୁ ଏଣେ କିନ୍ତୁ ବିଦାୟବ୍ୟଞ୍ଜକ ହାତ ହଲାଇବା ଦୃଶ୍ୟଟି ବିଦାୟ ନେଉ ନାହିଁ । ସେ କ'ଣ ସେହି ଇଙ୍ଗିତକୁ ମାନିବ ? ନା । ସ୍ପଷ୍ଟ ବିଚ୍ଛେଦ ବେଦନାକୁ ମନ ଫାଙ୍କିବନ୍ତି

Digitized by PPRACHIN, SOA

ଫାଙ୍କିବ । ଚେତନ ମନ ପାଇଁ ବିଚ୍ଛେଦ ଅସମ୍ଭବ ‘ଖାଲି ଅଛି ଅନନ୍ତ ମିଳନ/ନ ଭଙ୍ଗି ଦୁଇଟି ମୂର୍ଖ ହାତଙ୍କର ସତ୍ତା ଇଙ୍ଗିତରେ ।’ ବ୍ୟଙ୍ଗ ବଡ଼ ସୂକ୍ଷ୍ମପୂର୍ଣ୍ଣ ଓ ସୁନ୍ଦର । ମୂର୍ଖ ବିଶେଷଣଟିର ପ୍ରୟୋଗ ଗୁରୁତ୍ୱ ପୁଣି ଅଭିନବ । ହାତ ମୂର୍ଖ ନୁହେଁ, ଯାହାର ହାତ ସେହି ହିଁ ମୂର୍ଖ । ବିଶେଷଣଟି ସ୍ଥାନାନ୍ତରିତ ମାତ୍ର, ଯାହାକୁ ଇଂରାଜୀ ସାହିତ୍ୟରେ କୁହାଯାଏ ଟ୍ରାନ୍ସଫରଡ଼୍ ଏପିଥେଟ୍ (Transferred epithet) ଅଳଙ୍କାର । ପ୍ରତ୍ୟକ୍ଷ ବିଚ୍ଛେଦକୁ ଯେ ଅନନ୍ତ ମିଳନ ବୋଲି ମନେ ମନେ ଭାବୁଛି, ତା’ର ମୂର୍ଖତା ଅବଧାରଣୀୟ । ମୂର୍ଖଙ୍କ ହାତର ଇଙ୍ଗିତ ସତ୍ତା ହେବାକୁ ବାଧ୍ୟ । କାବ୍ୟନାୟକ ଦୃଷ୍ଟିରେ ତେଣୁ ଅବାସ୍ତବ ମିଳନ ପାଇଁ ସେହି ହାତର ଇଙ୍ଗିତ ଯଥାସମ୍ଭବ ମୂଲ୍ୟହୀନ । ଜୀବନରେ ମନଗଢ଼ା ପ୍ରେମର ଉପାଦେୟତା କାହିଁ ? ଅବଚେତନ ଓ ଚେତନ ମନର ଦ୍ୱନ୍ଦ୍ୱ ତଥା ଅବଶ୍ୟମ୍ଭାବୀ ଟ୍ରାଜେଡ଼ି ସ୍ପଷ୍ଟ ହୋଇ ଉଠୁଛି । ବାସ୍ତବ ଦୁଃସହ । ମଣିଷ ଅଧ୍ୟାସର ଆଶ୍ରୟ ନେଉଛି ଓ ନିଜକୁ ଠକୁଛି, କିନ୍ତୁ ଶେଷପର୍ଯ୍ୟନ୍ତ ଅଧ୍ୟାସ ତାକୁ ଆଶ୍ରୟ ଦେଇପାରୁ ନାହିଁ, ସେ ନିଜର ମୂର୍ଖତା ଓ ନିର୍ବୋଧତା ଯୋଗୁ ଆତ୍ମଧିକ୍କାର ଭୋଗୁଛି କେବଳ । ପ୍ରେମର ବ୍ୟର୍ଥତା ମଣିଷର ଭାଗ୍ୟଲିପି । ଅଥଚ ମନେ ମନେ ସେ କେତେ ନିବିଡ଼ ପ୍ରେମରେ ନ ପଡ଼େ ? ମିଳନାନନ୍ଦ ନ ଭୋଗେ ?

ଜୀବନରେ ଯେଉଁ ପ୍ରେମର ଅସ୍ତିତ୍ୱ ନାହିଁ, ତାହା ମଣିଷକୁ ସପ୍ରମରତ୍ୱକୁ ଉତ୍ତୀର୍ଣ୍ଣ କରିବ କିପରି ? ମଣିଷ କାଳକୁ ଅତିକ୍ରମ କରିବ କାହୁଁ ? ମୃତ୍ୟୁସୀମା ନୂତ୍ରିବ କିପରି ? ଉଦ୍ଭଟ ଜୀବନର ନିରର୍ଥକତା ଅନପନେୟ । ଏଥିରେ କବି ଯେବେ ଜୀବନ ପ୍ରତି ବିତୃଷ୍ଣ ହୋଇ ଉଠନ୍ତି, ସେଥିରେ ଅସ୍ୱାଭାବିକତା କ’ଣ ଅଛି ? ଜୀବନ ସମ୍ବନ୍ଧରେ କ୍ଳାନ୍ତ ବିତୃଷ୍ଣା ଅମାପ ନିଶ୍ଚୟ, ତଥାପି ମଧ୍ୟ ମଣିଷ ସମ୍ବନ୍ଧରେ ତାଙ୍କର ଉତ୍ସାହ, ଅନୁରାଗ ଓ କୌତୂହଳ ଅନେକ । ଏବେ ସେ ମଣିଷର ଅକ୍ଷମତାକୁ କ୍ଷମା କରୁଛନ୍ତି, ଅସମର୍ଥ ଉଦ୍ୟମକୁ ଶ୍ରଦ୍ଧା କରୁଛନ୍ତି । ‘ଯାଅ ନାହିଁ’ କବିତାଟିରେ ପୂର୍ବର ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗିର ତୀକ୍ଷ୍ଣତା ନାହିଁ । କାବ୍ୟନାୟକ ସେଥିରେ ଆମର ମନଗଢ଼ା ମିଥ୍ୟାପ୍ରେମକୁ ଇଙ୍ଗିତ କରୁଥିଲେ ହେଁ ଶେଷ ପର୍ଯ୍ୟନ୍ତ

Digitized by PPRACHIN, SOA

ତା'ର ଉପାଦେୟତାକୁ ସ୍ୱୀକାର କରୁଛୁ, ହେଉ ନା ପଛେ ତାହା ଯେତେ ସାମାନ୍ୟ ଓ ଅକିଞ୍ଚିତ୍କର । ପ୍ରଥମେ ସତ୍ୟ କିପରି ବଧ ହୁଏ ଦେଖନ୍ତୁ,

'ଅଦ୍ଭୁତ ଓପରଓଳ ! ମୋ ପାଇଁ ବାହୁନେ
ଯୁବତୀଟି ମଶାଣିରେ, ତା ହାତରେ ତୋଡ଼ାଏ ଗୋଲାପ ।
ତା ଚକ୍‌ଚକଣ କଳାବାଳ ଲେଟିଯାଏ ତେଜ ପରି । କିଏ
ତାକୁ ତେବେ କହିଦେବ ମୋ ମୃତ୍ୟୁର ସଠିକ କାରଣ ?
ତା ହେଲେ ସେ ହସି ହସି ଗଡ଼ିଯିବ, ଘରକୁ ଫେରିବ,
ଗୋଲାପମାନଙ୍କୁ ପୁଣି ଖଞ୍ଜିଦେବ ଗୋଲାପ ଗଛରେ
ଅଳ୍ପରେ କହିଲେ ସତ୍ୟ ବୋଧହୁଏ ଏପରି ଭାବରେ ।'

ପ୍ରେମର ଆବେଗବାହୁଲ୍ୟତା ଓ ସମ୍ପର୍କର ମଧୁର ନିବିଡ଼ତା କ'ଣ କହିବା ? ପ୍ରେମିକା ହାତରେ ତୋଡ଼ାଏ ଗୋଲାପ; ପ୍ରେମର ପରମ ପ୍ରତିମାଟିକୁ ସେ ଅଶେଷ ଶ୍ରୀ ଓ ସୌରଭରେ ମଣ୍ଡିଦେବ । ପ୍ରେମିକ ଦୃଷ୍ଟିରେ ପ୍ରେମିକା ରୂପର ମଧ୍ୟ ସୀମା କାହିଁ ? ତା ଚକ୍‌ଚକଣ କଳାବାଳ ଲେଟିଯାଏ ମାଳ ମାଳ ତେଜ ପରି । ଆମ ପ୍ରେମର ଏହି ଆନନ୍ଦ, ସ୍ୱପ୍ନ ଓ ଉନ୍ମାଦ ପ୍ରକୃତରେ ମିଥ୍ୟାମୋହ ଓ ମନକୁ ସୁହାଇଲାଭଳି କଳ୍ପନା ଉପରେ ପ୍ରତିଷ୍ଠିତ । ପ୍ରେମ ପ୍ରକୃତରେ ଅନୁପସ୍ଥିତ । ଅଥଚ ପ୍ରେମର ଇନ୍ଦ୍ରଜାଲ ରଚନା କରି ଆମେ ତା'ରି ମଧ୍ୟରେ ମୁଗ୍ଧ ଚକିତ ହୋଇଥାଉ । ପ୍ରେମିକ ପ୍ରେମିକା ମିଛରେ ପରସ୍ପରକୁ ଅନନ୍ତ ରୂପ ରହସ୍ୟରେ ମଣ୍ଡିଥାନ୍ତି । ଯଦି ତାଙ୍କର ମିଥ୍ୟାମୋହ କଟିଯାନ୍ତା, ପ୍ରେମର ଇନ୍ଦ୍ରଜାଲ ଅନ୍ତର୍ହିତ ହୁଅନ୍ତା, ତେବେ ସେମାନେ ନିଜର କ୍ଷୁଦ୍ର ସୀମିତ ଅହଂସର୍ବସ୍ୱ ସ୍ୱରୂପ ଦେଖି ପାରନ୍ତେ । ମୁହୂର୍ତ୍ତକେ ପ୍ରେମର ତନ୍ମୟ ଭାବ ଅପସୃତ ହୁଅନ୍ତା । ଆଉ ସେମାନେ ନିଜର ଭୁଲ୍ ବୁଝିପାରି ହସି ହସି ଗଡ଼ିଯାନ୍ତେ ନିଶ୍ଚୟ । ପ୍ରେମର ମହତ୍ତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ ପାଇଁ କେତେ ଅଭାଜନ ସେମାନେ, ଅଥଚ ଭୁଲ୍‌ଟା ମିଛକୁ ବୋଲାଉଛନ୍ତି ପ୍ରେମିକ ପ୍ରେମିକା ! ତଥାପି ସେମାନେ ସତ୍ୟକୁ ସ୍ୱୀକାର କରିବେ ନାହିଁ, ଚୈତନ୍ୟକୁ ପ୍ରଶ୍ରୟ ଦେବେ ନାହିଁ । ସତ୍ୟକୁ ପ୍ରଚ୍ଛନ୍ନ କରିବା ଓ ଅବାସ୍ତବ

Digitized by PPRACHIN, SOA

ଇନ୍ଦ୍ରଜାଲକୁ ଅଖଣ୍ଡ ଅବ୍ୟାହତ ରଖିବା ହେଲା ମଣିଷର କାମ, ଜୀବନରେ ତଥା ଜୀବନ ଉତ୍ତରେ ମଧ୍ୟ । ତେଣୁ 'ଅଲ୍ଟରେ କହିଲେ ସତ୍ୟବଧ ହୁଏ ଏପରି ଭାବରେ ।' କାବ୍ୟନାୟକ କେନ୍ତୁ ଅସହିଷ୍ଣୁ ହୋଇ ଉଠୁନାହିଁ, ଅନୁଦାର ବିଦ୍ରୂପରେ ନିଜକୁ ଆହତ କରୁନାହିଁ । ଆମ ପ୍ରେମ ଇନ୍ଦ୍ରଜାଲର ବସ୍ତୁ ନିଶ୍ଚୟ । ତଥାପି ସେହି ପ୍ରେମ ଅଛି ବୋଲି ତ ଜୀବନର କିଛି ନା କିଛି ଅର୍ଥ ଅଛି, ବିଷଣ୍ଣ ଓ ଅବସାଦଗ୍ରସ୍ତ ମନରେ ବଂଚିବାର ଉତ୍ସାହ ଅଛି, ପ୍ରେରଣା ଅଛି । ସମ୍ଭବତଃ ଏହି ପ୍ରେମ ଜୀବନକୁ ଉତ୍ତୀର୍ଣ୍ଣ କରିଥାଏ । ପ୍ରକୃତ ପ୍ରେମ ଯେବେ ସୁଦୁର୍ଲଭ ତେବେ ସେ ଏହି ପ୍ରେମର ମାନଦଣ୍ଡରେ ନିଜ ଜୀବନର ଅର୍ଥ ନିର୍ଣ୍ଣୟ ନ କରିବ କାହିଁକି ? ନିଜର ଦୁର୍ଭାଗ୍ୟକୁ ଏହି ମାନଦଣ୍ଡରେ ମଧ୍ୟ ନ ମାପିବ କାହିଁକି ? ଏହି ମନୋଗତା ପ୍ରେମ ଯେବେ ମଣିଷର ଅନନ୍ତଜନ୍ମ ନିୟତି, ତାକୁ ଘେନି ସେ କେବଳ ବ୍ୟସ୍ତ, ବିତୃଷ୍ଣ ଓ ବିବ୍ରତ ହେବ କାହିଁକି ? ଏତିକି ବୁଝିଛି ବୋଲି ତା ପାଇଁ ସତ୍ୟ ପୁନର୍ବାର ବଞ୍ଚି ଉଠୁଛି,

"ସେ ତେଣୁ ରହିବା କଥା ହାତେ ଧରି ଚୋଡ଼ାଏ ଗୋଲାପ ।
ତେଜ ତେଜ କଳାବାଳ, ଯୋଡ଼େ ଆଦ୍ର ଆଖିଙ୍କ ଉତ୍ତାପ
ବଣାଘର ଯାଉ ସିଧା ବ୍ୟାକୁଳ ଆଲୁଅ
ଖୋଜେ ମୋର ଅନ୍ଧ ମୃତ୍ୟୁ ଯାହା ଭସେ ମହାସାଗରରେ,
ଏବଂ ସତ୍ୟ ପୁନର୍ବାର ବଂଚିଉଠେ ଏପରି ଭାବରେ ।

ମଣିଷ ଭାଗ୍ୟରେ ପ୍ରେମ ନାହିଁ । ତେଣୁ ନାସ୍ତି ପ୍ରେମମାର୍ଗରେ ମଧ୍ୟ କାବ୍ୟନାୟକ ସପ୍ତମ ରିତୁକୁ ଉତ୍ତୀର୍ଣ୍ଣ ହୋଇ ପାରୁନାହିଁ, ପ୍ରେମର ଭଜନ ହିଁ ଜୀବନକୁ ତାର ଯତ୍କିଞ୍ଚିତ ଅର୍ଥ ଦେଉଛି ଯାହା, ଉତ୍ତୀର୍ଣ୍ଣ କରୁଛି ଯାହା ।

ଚେର :

ଶ୍ରୀରଥଙ୍କ କାବ୍ୟନାୟକ ଅକ୍ଷମ ଓ ଅସମର୍ଥ । ତେବେ ସେ ସମ୍ପୂର୍ଣ୍ଣ ନିଃସ୍ୱ ନୁହେଁ । ସ୍ମୃତିରେ ତା'ର ସପ୍ତମ ରିତୁର ଉଦ୍ଧରଣ ଅଛି ।

Digitized by PPRACHIN, SOA

ଅବଶ୍ୟ ବଡ଼ ବିରଳ ମୁହୂର୍ତ୍ତରେ ସେହି ଉତ୍ତରଣ ସଂଘଟିତ ହୋଇଥାଏ ।

ସମୟ ହାତରେ ମଣିଷ ବନ୍ଦୀ । ଜୀବନ ବନ୍ଦୀଶାଳା । ମଣିଷ ଚିରକାଳ ମୁକ୍ତିର ଚାବିକାଠି ଖୋଜୁଛି । ଆଜି ଆଧୁନିକ ସାହିତ୍ୟ ମୁକ୍ତିର ଚାବିକାଠି ସ୍ମୃତିକରସ୍ପୃଷ୍ଟ ବୋଲି ଘୋଷଣା କରୁଛି । ସ୍ମୃତି ହିଁ କାଉଁରି କାଠି, ଯାହାର ସ୍ପର୍ଶରେ ମୃତପ୍ରେମ ମୁକୁଳିତ ହୁଏ; ସ୍ମୃତି ହିଁ ମୋକ୍ଷଦାତା, ଯାହାର ପ୍ରସନ୍ନ ପଦକ୍ଷେପରେ ଆଲୋକ ଆଶାର ଅହଲ୍ୟା ପୁନର୍ଜୀବନ ଲଭନ୍ତି । ଔପନ୍ୟାସିକ ମାର୍ସେଲ୍ ପ୍ରୁଷ୍ଟ, ତଥା କବି ବୋଦେଲେୟାର, ଶେଲି ଓ ଏଲିୟଟ୍ ସମସ୍ତେ ସ୍ମୃତିର ଉପାସକ । ପ୍ରୁଷ୍ଟଙ୍କ 'Remembrance of Things Past' ଉପନ୍ୟାସଟି ବିଶ୍ୱପ୍ରସିଦ୍ଧ । ଏଥିରେ ଔପନ୍ୟାସିକ ସମୟ ଦୈତ୍ୟ ହାତରୁ ମଣିଷର ପ୍ରେମ, ସୁଖ ଓ ଆନନ୍ଦର ରାଜକନ୍ୟାଙ୍କୁ ସ୍ମୃତି ସାହାଯ୍ୟରେ ଉଦ୍ଧାର କରିଛନ୍ତି । ସମୟ ଯାହାକୁ ଚୋରି କରେ, ସ୍ମୃତି ତାହାକୁ ଫେରାଇ ଦିଏ । ସ୍ମୃତି ସ୍ୱୟଂ ସତ୍ତ୍ୱ ନିତ୍ୟ—ସମୟ ସ୍ଥାନ ସମୟ । ପ୍ରୁଷ୍ଟ ବୁଝାଇଛନ୍ତି, A single moment released from the chronological order of time has recreated in us the humanbeing similarly released. ମର୍ତ୍ତ୍ୟସମୟ ବାହାରେ ଫୁଟିଉଠେ ସ୍ମୃତି ଶତଦଳ । ସେଠାରେ ଜୀବନର ମୃତ ମୁହୂର୍ତ୍ତକୁ ତାହା ଅମୃତତ୍ୱ ଦାନ କରିଥାଏ । ଜୀବନ ଅର୍ଥାନ୍ୱିତ ହୋଇଉଠେ । ସମୟ ଧ୍ୱଂସକର୍ତ୍ତା । ସ୍ମୃତି ସୃଷ୍ଟିଶୀଳ । ମର୍ତ୍ତ୍ୟସମୟ ନିରପେକ୍ଷ ନିର୍ଜନତାର ସ୍ୱାଦ ସେଥିରେ ରହିଛି । କବି ବୋଦେଲେୟାର ସେହି ସ୍ମୃତିରେ ବେଳେ ବେଳେ ନୂତନ ଜୀବନର ସନ୍ଧାନ କରନ୍ତି । ସ୍ମୃତି ତାଙ୍କର ମୋହିନୀ । ତା'ରି କୋଳରେ ଅକ୍ଷୟ ସ୍ୱର୍ଗ ।

With bowed head on thy lap I live again
Through happy hours, enchantress that thou art

\+ + +

Will vows, will perfumes, will unnumbered kisses

Digitized by PPRACHIN, SOA

Again rise from some gulf's profundity
Like suns reborn, loved in the sea's abysses
To light my heaven anew eternally ?
—O vows ! O perfumes ! O unnumbered
kisses !

—The Balcony, Les Fleurs du Mal

ସ୍ମୃତି ଉପରେ ଜାଗ୍ରତ ହେଲେ ନିରର୍ଥକ ବସ୍ତୁବିଶ୍ୱ ଦିବ୍ୟସତ୍ତା ଲାଭ କରିଥାଏ । କବି ରିଲ୍‌କେ ତେଣୁ ଇନ୍ଦ୍ରିୟ ଗ୍ରାହ୍ୟ ବସ୍ତୁ (phenomena)କୁ ଏହି ସ୍ମୃତିରେ ନୂଆ କରି ଦେଖନ୍ତି । ସି·ଏମ୍ ବାଓ୍ୱରଙ୍କ ଭାଷାରେ ରିଲ୍‌କେଙ୍କ ସେହି ଉପଲବ୍ଧିକୁ ବୁଝାଇଲେ ହେବ, 'what before were exterior objects are now symbols of great issues' (The Heritage of Symbolism) । କବି ଏଲିୟଟ୍ ମଧ୍ୟ ସ୍ମୃତିରେ ପରିତ୍ରାଣ ଦେଖନ୍ତି, This is the use of memory :/ For liberation. (Little Gidding, III) । ବସ୍ତୁତ ବସ୍ତୁଙ୍କଳ ଅତୀତ ସ୍ମୃତିରେ ତାଙ୍କର ସହସା ନୂତନ ରୂପରେ ଉନ୍ମୋଚିତ ହୋଇଯାଏ,

See, now they vanish,
The faces and places, with the self which,
at it could, loved them,
To become renewed, transfigured,
in another pattern.

—Little Gidding, III

କାଳ ଉତ୍ତୀର୍ଣ୍ଣ ଓ ଜୀବନ ଅର୍ଥବନ୍ତ । ଶ୍ରୀରଥଙ୍କ ପାଇଁ ମଧ୍ୟ ସ୍ମୃତି ମୁକ୍ତିର ନିଃଶ୍ରେଣୀ । ସ୍ମୃତିରେ ସେ ସପ୍ତମ ଋତୁର ଆସ୍ୱାଦନ ଲାଭ କରିଥାନ୍ତି । 'ଦ୍ୱିତୀୟ ବସନ୍ତର' କବିତାଟି ତାଙ୍କ ଜୀବନବସନ୍ତସ୍ମୃତିର ପୁନର୍ବିଚାର । ପ୍ରତ୍ୟକ୍ଷ ଜୀବନର ବେଦନାବ୍ୟର୍ଥତା ଓ ଗ୍ଲାନିପରାଭବକୁ ସେ ସ୍ମୃତି

Digitized by PPRACHIN, SOA

ରାଜ୍ୟରେ ଭୁଲନ୍ତି । ସେ ସେଇଠି ମଧ୍ୟ ଜୀବନର ନୂତନ ଅର୍ଥ ଆବିଷ୍କାର କରନ୍ତି । ସ୍ମୃତି କାଳଜୟୀ କାଳ । କାବ୍ୟନାୟକର ଉପଲବ୍ଧି ଉଲ୍ଲେଖ୍ୟ—

କିନ୍ତୁ ମୁଁ ଯଦିଓ ଫେରି ଗୃହେଁନି ପଛକୁ
ଯଦିଓ ଆଗକୁ ଗଲେ ମୋର ରାସ୍ତା ନ ସରିବାଯାଏ
ସିଗାରେଟ ଟାଣି ଏବଂ ବର୍ଷାକୋଟ ଭିତରେ ନିଜକୁ
ବର୍ଷାରୁ ବଞ୍ଚାଇ, ତେବେ ମଧ୍ୟ ସମୟ ଆସିବ
ମତେ ଟାଣି ନିଆଯିବ ବାୟୁଶୂନ୍ୟ ଶଂଖ ମଲମଲ୍
ପିଣ୍ଡାରେ ଅଦୃଶ୍ୟ ଏକ ବିସ୍ଫୁରକଠାକୁ ।
ମୁଁ କିଏ ପଚରାଯିବ । କ'ଣ ଉତ୍ତର ଦେବି ମୁଁ ନିଜର
ଏତିକି କହିବା ଛଡ଼ା ବେଳେ ବେଳେ ମୋର ଭ୍ରମ ହୁଏ
ତମର ଆକୃତି ଏବଂ ତମର ସ୍ୱରର ?
ବନ୍ଧୁବାନ୍ଧବ ମରିଥିବା ମଣିଷଙ୍କ ସହିତ ସମ୍ପର୍କ
ଏତେ ବେଶୀ, ବେଳେ ବେଳେ ଭ୍ରମ ହୁଏ ନିଜ
ଦେହାନ୍ତର ?
ତାପରେ ସେ ବିସ୍ଫୁରକ ହସି ହସି ଗ୍ରଡ଼ି ଦେବ ମୋତେ
ଦ୍ୱାରସ୍ଥ ଫାଟକଯାଏଁ, ସେ ଫାଟକ ଉପରେ ଉଦ୍ୟାନ
ସେଠି ଜମା ହୋଇଥିବା ଝିଅମାନଙ୍କ ପ୍ରାଚୀନ କାମନା
ମାନଙ୍କର ଉଲ୍ଲସିତ ପ୍ରସ୍ଥ ପ୍ରସ୍ଥ ସରଳ ଯୌବନ ।

ବାୟୁ ଶୂନ୍ୟ ଶଂଖମଲ୍‌ମଲ୍ ପିଣ୍ଡା ହେଉଛି ଉପଲବ୍ଧିର ସେହି ନିରୁପଦ୍ରବ ନିସ୍ତବ୍ଧ ରାଜଜାସ୍ୱ ନିଭୃତ ପ୍ରହର, ଯେଉଁଠି କାବ୍ୟନାୟକ ହୃଦୟର ଏକ ଚେତନାରେ ଆବିଷ୍ଟ ହୋଇଛି । ସେହି ହୃଦୟର ଚେତନାଟି ସ୍ୱୟଂ ବିସ୍ଫୁରକ । ସେହି ବିସ୍ଫୁରକ ମଣିଷକୁ ଅନ୍ୟ ଏକ ପୃଥିବୀରେ ମୁକ୍ତି ଦେଉଛି; ଯେଉଁଠି ପ୍ରାତ୍ୟହିକ ଜୀବନର ତୁଚ୍ଛତା ଓ ବ୍ୟର୍ଥତା, ବିକୃତି ଓ ବିଶୃଙ୍ଖଳା କିଛି ନାହିଁ । ପରିବର୍ତ୍ତେ ରହିଛି ଉଲ୍ଲସିତ ପ୍ରସ୍ଥ ପ୍ରସ୍ଥ ସରଳ ଯୌବନ— ଜୀବନ୍ତ ଆନନ୍ଦରେ ରୋମାଞ୍ଚିତ ଓ ସବୁଜ ପ୍ରତ୍ୟାଶାରେ ଉଦ୍ଦୀପିତ । ମୃତ ଅଜ୍ଞାତ ସ୍ମୃତିରେ ମୃତ୍ୟୁହୀନ ନିରୁପମ

Digitized by PPRACHIN, SOA

ରୂପ ଦେଉଛୁ । ବୃହତ୍ତର ଚେତନାବସ୍ଥା ହେଲେ ପ୍ରାତ୍ୟହିକ ବସ୍ତୁ ଅର୍ଥବନ୍ତ ହୋଇଉଠେ । ସମୟକୁ ହରେଇ ଦେବାର ସମୟରେ ହିଁ ଭବ୍ୟ ଜୀବନର ଦୁର୍ଲଭ ଦୃଶ୍ୟ ଦେଖିହୁଏ ।

ମୁକ୍ତିର ପୁଣି ଏତେ ସହଜ ଉପାୟ ? ସ୍ମୃତି ଉଦ୍‌ବୋଧନ ମାତ୍ରେ ମୁକ୍ତିର ଦ୍ୱାର ଉନ୍ମୋଚିତ ହୋଇଯାଏ ? ନା । ଆମ ଜୀବନର ଅଭିନାଷ ସ୍ମୃତି ପ୍ରାଚୁର୍ଯ୍ୟରେ ମୁକ୍ତିର ସମ୍ଭାବନା ଆଦୌ ନାହିଁ । ଏପରିକି ସଚେତନ ଭାବରେ ବୁଦ୍ଧିବୃତ୍ତି ପ୍ରୟୋଗ କରି ଦଲିଲ ଦସ୍ତାବିଜ ଆଦି ପ୍ରତ୍ୟୟଯୋଗ୍ୟ ପ୍ରମାଣ ବଳରେ ଅତୀତକୁ ପୁନର୍ଗଠନ କଲେ ମୁକ୍ତି ମିଳିଭ ହେବ ନାହିଁ । ନଚେତ ଯେ କୌଣସି ଉପାୟରେ ଯେ କେହି ତ ସ୍ମୃତିକୁ ଜଗାଇ ଜୀବନ୍ମୁକ୍ତ ହୋଇ ପାରନ୍ତେ । ଅଭିନାଷ ସ୍ମୃତି ହୋଇ ପାରେ ଏଲିୟଟ୍‌ଙ୍କ ଭାଷାରେ । 'a few meagre arbitrarily chosen sets of snapshots.' (U.P.C' P. 148) । ତାହା ମଧ୍ୟ ଅତୀତକୁ ଉଦ୍‌ବୋଧନ କରି ବର୍ତ୍ତମାନକୁ ବିକଳ ଓ ବେଦନାର୍ତ୍ତ କରିପାରେ । ଠିକ୍ ପୁରୁଣା ଘାଆ ଉଖାରିଲା ପରି : The memory throws up high and dry/A Crowd of twisted things; (Rhapsody on a Windy Night) । ସେପରି ସ୍ମୃତି ନିଷ୍ପ୍ରୟୋଜନ । ଯେଉଁ ସ୍ମୃତିରେ 'all is always now' କେବଳ ସେହି ସ୍ମୃତିରେ ହିଁ ପରିତ୍ରାଣ । ବୃହତ୍ତର ଏକ ଚେତନାରେ ଆବିଷ୍ଟ ନ ହେଲେ ସେହି ଅନନ୍ତ ସ୍ମୃତି ଉଦିତ ହୁଏ ନାହିଁ; ସେଇଥି ପାଇଁ ଶ୍ରୀଏଥଙ୍କ କବିତାରେ ସ୍ମୃତିର ଏତେ ଅସଦ୍‌ଭାବ ପରିଲକ୍ଷିତ । ଆଉଥରେ ଆମେ ତାଙ୍କ କବିତାରେ ସ୍ମୃତିର ଶାନ୍ତ ସମାହିତ ଅକ୍ଷୟ ମୁହୂର୍ତ୍ତ ଲକ୍ଷ୍ୟ କରିଛୁ, ପ୍ରେମର ସେହି ଉତ୍ତୀର୍ଣ୍ଣ ମୁହୂର୍ତ୍ତିଟିରେ ସପ୍ତମ ଋତୁ ଆସିଛି, ସମୟ ହାତରୁ ବନ୍ଧ ବଞ୍ଚିତ କାବ୍ୟନାୟକ ମୁକ୍ତି ପାଇଛି, । ପ୍ରେମିକାକୁ ସେ ସମ୍ବୋଧୁଛି,

ତମେ ଦେଖାଯାଅ (ତମେ ଭୁଲିଯିବା ପରେ)
ନାନାରୂପେ, କୌଣସି ରୂପର
ଅସ୍ତିତ୍ୱ ଯଦିଓ ନାହିଁ ବର୍ତ୍ତମାନେ ଅବା ଭବିଷ୍ୟତେ

Digitized by PPRACHIN, SOA

ପ୍ରତିରୂପ ଏଡ଼ାଇଦିଏ ଚାକ୍ଷୁଷ୍କଟର ସମୟକୁ ଯାହା
ଯିନା ବାକ୍ୟବ୍ୟୟେ ବାଣ୍ଟି ହୋଇଯାଏ ଅତୀତ କାଳ ବା
ବର୍ତ୍ତମାନ କାଳ କିମ୍ବା ଭବିଷ୍ୟତ କାଳର ଖୋପରେ ।
ଏଠାରେ କେବଳ ଅଛି ଗୋଟିଏ ସମୟ,
ସେଥିରେ ଜୀବନ ପରେ ମୃତ୍ୟୁ ନାହିଁ କିମ୍ବା ମୃତ୍ୟୁ ପରେ
ପ୍ରାୟଶ୍ଚିତ୍ତ ନାହିଁ, ସବୁ ମିଶାମିଶି ସେହି
ସମୟରେ, ଏବଂ ଯେବେ ସେ ସମୟ ସରିଯିବ କିଛି
ନ ଥିବ କେବଳ ଥିବ ଅମାପ ଅନ୍ଧାର
ପ୍ରାଣହୀନ ସମୁଦ୍ର ଓ ପ୍ରାଣହୀନ ତରଙ୍ଗ ଉପରେ ।

—ତମେ ଭୁଲିଯିବା ପରେ ।

ଆଜି ଏତେ ଦିନେ କବିଙ୍କ ମହତ ଅନ୍ୱେଷଣ ସାର୍ଥକ ହୋଇଛି । ପ୍ରେମ ସିଧା ତାଙ୍କୁ ସପ୍ତମଋତୁରେ ଉପନୀତ କରାଉଛି । ମର୍ତ୍ତ୍ୟକାଳ ଅତିକ୍ରାନ୍ତ । ଅନୁଭୂତି ଲାଭ କରୁଛି ଏକ ଆଶ୍ଚର୍ଯ୍ୟ ଆସ୍ୱାଦ । ଜୀବନ ଦ୍ୟୋତିତ ହୋଇ ଉଠୁଛି ଅଲୌକିକ ମାଧୁର୍ଯ୍ୟରେ । ମୃତ୍ୟୁ ମୃତ । ପ୍ରାୟଶ୍ଚିତ୍ତ ଅନ୍ତର୍ହିତ । ଯେଉଁଠି ଅଖଣ୍ଡ ପ୍ରେମାନନ୍ଦ ସିନ୍ଧୁ ସମୁଦ୍‌ବେଳିତ ସେଠାରେ ମୃତ୍ୟୁ ଉଦ୍ଧତ୍ୱା କପର ? ଅନନ୍ତ ମୁହୂର୍ତ୍ତଟି ପ୍ରେମୋପଲବ୍ଧିର ମହୋଚ୍ଚ ସ୍ତର ! ଏଠାରେ ମୁକ୍ତି ଅଛି, ନିଷ୍କ୍ରମଣ ଅଛି ଓ ଉତ୍କର୍ଷିଣୀ ଅମୃତାକାଙ୍କ୍ଷାର ଚରିତାର୍ଥତା ଅଛି । ତେବେ ମୁହୂର୍ତ୍ତଟି ମଣିଷ ପାଇଁ ଚିରସ୍ଥାୟୀ ହୁଏ ନାହିଁ । ସେହି ସମୟ ସରେ । ମୃତ୍ୟୁ ପୁଣି ମୁଣ୍ଡ ଟେକେ । କାବ୍ୟନାୟକ ସେହି ମୁହୂର୍ତ୍ତଟି ପରେ ମୃତ୍ୟୁକୁ ଭେଟିବ ହିଁ ଭେଟିବ । "ଏବଂ ଯେବେ ସେ ସମୟ ସରିଯିବ କିଛି/ନ ଥିବ କେବଳ ଥିବ ଅମାପ ଅନ୍ଧାର/ପ୍ରାଣହୀନ ସମୁଦ୍ର ଓ ପ୍ରାଣହୀନ ତରଙ୍ଗ ଉପରେ ।" ସପ୍ତମ ଋତୁ ପରେ ମୃତ୍ୟୁ ଅବସମ୍ଭାବିତ । ପ୍ରେମ କେବଳ ମୁକ୍ତିରେ ସମ୍ଭବ । ଅନ୍ୟଥା ମଣିଷ ଏକାକୀ । ଶ୍ରୀରଥଙ୍କର ଏହି କବିତାଟିର ଉପସଂହାର ସ୍ମରଣ କରାଇଦିଏ କବି ଏଲିୟଟ୍‌ଙ୍କ ଆସ୍-ଓଏଡେନ୍‌ସଡ଼ର ଚତୁର୍ଥ ସର୍ଗଟିକୁ । ସେଠାରେ ପ୍ରେମର ଅନନ୍ତ ମୁହୂର୍ତ୍ତ ମରୁପ୍ରଦେଶକୁ ସହସା ନନ୍ଦନରେ ପରିଣତ କରିଛି, ଝରଣା ଝରିଛି, ପକ୍ଷୀର କଳକୂଜନ ପ୍ରସରିଛି, "the fountain

Digitized by PPRACHIN, SOA

sprang up and the bird sang down/Redeem the time ......" କିନ୍ତୁ ସେହି ଭିଜନ (vision) ବା ଅଲୌକିକ ଦର୍ଶନ ପର ମୁହୂର୍ତ୍ତରେ ଧୁଅଁ ଯାଇଛି । କାବ୍ୟନାୟକ ନିଜକୁ ପୁଣି ମୃତ୍ୟୁଲୋକରେ ଆବିଷ୍କାର କରୁଛି "And after this our exile," ଉଭୟଙ୍କ ଉପଲବ୍ଧିରେ ଅନନ୍ତ ମୁହୂର୍ତ୍ତଟି ସ୍ଥାୟୀ ହୋଇ ନ ଥିବାଟା ଅବଶ୍ୟ ଶୋକାବହ ନୁହେଁ । ସ୍ଥାୟୀ ହୋଇ ନାହିଁ ବୋଲି ତ ଦୁହେଁ କବି, ସ୍ଥାୟୀ ହୋଇଥିଲେ ହୁଅନ୍ତେ ସମାଧିସ୍ଥ ଯୋଗୀ । ମୁହୂର୍ତ୍ତକ ପାଇଁ ଯେ ତାଙ୍କର ମୁକ୍ତିସ୍ୱପ୍ନ ସାର୍ଥକ ହୋଇଛି, ଏହି ଉତ୍ତୀର୍ଣ୍ଣ ଅଭିଜ୍ଞତାରେ ସେମାନେ କିଛି କମ୍ ମହତ ନୁହଁନ୍ତି । ଏଠାରେ ଏଲିୟଟ୍‌ଙ୍କୁ ସ୍ମରଣ କରିବାର ଅନ୍ୟ ଏକ ତାତ୍ପର୍ଯ୍ୟ ଅଛି । Ash-wednesday ପରେ ଏଲିୟଟ୍ ରଚନା କରିଛନ୍ତି Four Quartets., ଯେଉଁଠି ଉତ୍ତୀର୍ଣ୍ଣ ଅଭିଜ୍ଞତା ତାଙ୍କର ପ୍ରତ୍ୟାଶା ଓ ହତାଶାର ବହୁ ଊର୍ଦ୍ଧ୍ୱରେ ପ୍ରଶାନ୍ତ ଓ ପରିସ୍ନିଗ୍ଧ ହୋଇ ଉଠିଛି । ଜୀବନର ନଶ୍ୱରତା ଅତିକ୍ରାନ୍ତ ଓ ସୀମାବଦ୍ଧ କାଳ ଉତ୍ତୀର୍ଣ୍ଣ । ଶ୍ରୀରଥଙ୍କ ଚିର ଅନ୍ୱେଷଣଶୀଳ କାବ୍ୟଚେତନାର କ୍ରମ ବିବର୍ତ୍ତିତ ଆଧ୍ୟାତ୍ମିକ ବିକାଶ ସେହି ନିର୍ଦ୍ୱନ୍ଦ୍ୱ ସ୍ତରକୁ ଛୁଇଁବା ଲକ୍ଷ୍ୟରେ ଏଇ ଯେମିତି ଆସି Ash-wednesday ପାଖରେ ପହଞ୍ଚିଛି । ମୃତ୍ୟୁ ଓ ଅମୃତର ସୀମାନ୍ତ ଧରି ଚାଲିଛି; ତଳେ ମର୍ତ୍ତ୍ୟର ମାଟି, ଅଥଚ ପବନରେ ଅମୃତଲୋକର ଗନ୍ଧ ଚହଟୁଛି । ତାଙ୍କର ଦ୍ୱନ୍ଦ୍ୱ ଅଛି; ତଥାପି ସନ୍ଦିଗ୍ଧତା ଅଛି । ବିରଳ ମୁହୂର୍ତ୍ତର ସ୍ମୃତି ସ୍ମରଣାରେ କି ସ୍ୱପ୍ନ ଓ କଳ୍ପନାରେ ଯେଉଁ ଅମୃତ ଆସ୍ୱାଦନ ଅଛି, ସେଥିରେ ତାଙ୍କର ଦୃଢ଼ ପ୍ରତ୍ୟୟ ଆସି ନାହିଁ । ସ୍ମୃତି ଥାଇ ବି ନ ଥିବାପରି । ସେ ଏବେ ମଧ୍ୟ ସମାଧାନ ଖୋଜୁଛନ୍ତି, ଧନ୍ଦି ହେଉଛନ୍ତି । ଏବେ ବି ତାଙ୍କର ଜୀବନ ବିତୃଷ୍ଣା କିଛି କମ୍ ତୀବ୍ର ନୁହେଁ, ନୈରାଶ୍ୟ କିଛି କମ୍ ନିବିଡ଼ ନୁହେଁ, ପଥକ୍ଳାନ୍ତି କିଛି କମ୍ ଦୁର୍ବହ ନୁହେଁ । ମରଣର ତଟ ପ୍ରାନ୍ତରେ ତାଙ୍କର ଅମୃତଆଶା ଅପେକ୍ଷା ବରଂ ମୃତ୍ୟୁକାମନା ବଳବତ୍ତର ରହୁଛି । 'ମୃତ୍ୟୁର ପୋତି ହୋଇ ଆସୁଥିବା ପୋଖରୀର ସଢ଼ା ପାଣିରେ ସେ ତା'ର ନିଃସ୍ୱ ଆୟୁଷ ବିତାଏ', ତାଙ୍କ ପାଇଁ ନିଷ୍ଫଳ ମୃତ୍ୟୁ ବରଂ ଏକମାତ୍ର ପରିତ୍ରାଣ ବୋଲି ମନେ ହେଉଛି । ମୃତ୍ୟୁର ଆତଙ୍କ, ଦୁର୍ଗତିର ବିକୃତି, ଅସାମର୍ଥ୍ୟର ସଙ୍କୋଚ ଓ

Digitized by PPRACHIN, SOA

ଅଚରିତାର୍ଥତାର ବେଦନା ଦିନେ ଯେ ପ୍ରତ୍ୟକ୍ଷ ମୃତ୍ୟୁରେ ଶେଷ ହେବ, ଏହାହିଁ ବରଂ ତାଙ୍କର ଏକମାତ୍ର ସାନ୍ତ୍ୱନା । 'ଅଭ୍ୟାସ' କବିତାର କାବ୍ୟନାୟକ ତାଙ୍କର ମରିବାକୁ ଚାହୁଁଛି,

ମୁଁ କାହିଁ ଭେଟିବି ମୋର ଭବିଷ୍ୟତ ଆତଙ୍କିତ ହବେ ?
ମୋ ନିଜର ନଗଣ୍ୟତା ବାରମ୍ବାର କାହିଁକି ମନକୁ
ଜର୍ଜରିତ କରୁଥିବ ? କାହିଁକି ମୋ ଅସାମର୍ଥ୍ୟ ସବୁ
ନାନାବିଧ ବିଭଙ୍ଗ ରୂପ ଧରି ମତେ ଠାପରା କରିବେ ?
ମୁଁ ଅସାଧାରଣ କିମ୍ବା ବଡ଼ ହେବା ଲାଗି
ଇଚ୍ଛା କରିନାହିଁ, ଖୋଜି ନାହିଁ କୌଣସି ରହସ୍ୟ,
ଏହି ଶ୍ରେଷ୍ଠ ସହରର ରାସ୍ତାରେ ମୁଁ ହଜାର ହଜାର
ଲୋକଙ୍କ ଭିତରେ ଚାଲେ, ଚାଲୁଁ ଚାଲୁଁ ଦିନେ ହାସ୍ପାତାଳ
ଖଟିଆରେ ଶୋଇପଡ଼ି ସକାଳ ପାହିଲେ
ଆଉ ନ ଚାଲିବା ଏକମାତ୍ର ଅଭିଳାଷ ।

ମରିବାକୁ ଚାହିଁଲେ କ'ଣ ମରିହୁଏ ? ଅଚରିତାର୍ଥତା ଏମିତି ଅମୋଘ ଯେ, ମଣିଷର ଏ ତୁଚ୍ଛତମ ଅଭିଳାଷଟି ମଧ୍ୟ ଚରିତାର୍ଥ ହୁଏ ନାହିଁ । ତାକୁ ମୃତ୍ୟୁପାଇଁ ଅପେକ୍ଷା କରିବାକୁ ହୁଏ ଜୀବନ୍ମୃତ୍ୟୁର ଘୋର ଯନ୍ତ୍ରଣା ଭିତରେ । ଅସାମର୍ଥ୍ୟରୁ ନିଷ୍କୃତି ପାଇବାକୁ ଯାଇ କାବ୍ୟନାୟକ ସେହି ଅସାମର୍ଥ୍ୟକୁ ହିଁ ଭେଟୁଛି । ଚରମ ହତାଶାରେ ଚିରକାଳ ଭଗ୍ନୋଦ୍ୟମ । କୌଣସି ପ୍ରକାର ଊର୍ଦ୍ଧ୍ୱଗତିର ସମ୍ଭାବନା ସେ ଦେଖୁନାହିଁ । "ମୁଣ୍ଡ ତାର ତଳକୁ ଓ ଗୋଡ଼ ଉପରକୁ ।" ଅବନମିତ ନିୟମିତ ମଣିଷ ଓଲଟ ବୃକ୍ଷ ପରି ଦୋଳାୟମାନ ରହିଛି ନିରାଲମ୍ବ, ନୈରାଶ୍ୟର ନିସଙ୍ଗ ଅନ୍ଧାରେ । "ଦାର୍ଶନିକ ଭାବାପନ୍ନ ଲୋକେ କହିଲେ ଓଲଟ ବୃକ୍ଷ ପରି ଦେଖ ଅଟେ ଏ ସଂସାର/ମର୍ତ୍ତ୍ୟରେ ମାୟାର ଜାଲ । ମହାଶୂନ୍ୟେ ଲଟକିଛି ଚେର ।" ଘୋର ମୂର୍ଖତା ? ମଣିଷ ପାଇଁ ଉପନିଷଦୀୟ ଊର୍ଦ୍ଧ୍ୱମୂଳ ଅଧୋମୁଖ ଅମର୍ତ୍ତ୍ୟବୃକ୍ଷର ଅନୁଷଙ୍ଗ ଶୋଭନୀୟ ନୁହେଁ କି ସଙ୍ଗତ ନୁହେଁ । ମଣିଷ ମାତ୍ରେ ବରଂ ଯାଯାବରୀୟ ଋଷିଙ୍କ ପରି ବୃକ୍ଷଶାଖାରେ ଊର୍ଦ୍ଧ୍ୱପାଦ ଓ ଅଧୋମୁଖ ହୋଇ ଝୁଲି ରହିଛନ୍ତି । ନିସନ୍ତାନ କାବ୍ୟନାୟକ

Digitized by PPRACHIN, SOA

ସମ୍ପ ବନାସ୍ଥାନ ଭବିଷ୍ୟତ ଦୃଷ୍ଟିରୁ ଊର୍ଦ୍ଧ୍ୱଗତିର ଆଶା ରଖୁନାହାନ୍ତି । ସେ ସେମିତି ଝୁଲିବାରେ ଅଭ୍ୟସ୍ତ ହେବ । ଯାଯାବରସ୍ପୃ ଋଷିଙ୍କ ପାଇଁ ସଦ୍‌ଗତି ଥିଲା । ମାତ୍ର ତାହାପାଇଁ ତାହା ସମ୍ପୂର୍ଣ୍ଣ ଅନୁପସ୍ଥିତ । ସେ ଭାଗ୍ୟକୁ ଆଦରିବ ଓ ସମୟର ଦୟା ଉପରେ ନିର୍ଭର କରିବ । ମୃତ୍ୟୁପର୍ଯ୍ୟନ୍ତ ସେ ଅବଶିଷ୍ଟ ଜୀବନ ଜୀଇଁବ,

ମୁଁ ଖୁବ୍ ଚିଡ଼ିଲି, କିନ୍ତୁ ତୃଷ୍ଣାସ୍ପୃ ହିନ ମୁଁ
ବୁଝିଲି ହେବା ମୋ ଭାଗ୍ୟ । ଏପରି ଝୁଲିବା
ଅଚଳ ଉପରେ, ଏବଂ ମୂଷାଙ୍କ ଦୟାରେ
ଅବଶିଷ୍ଟ ଜୀବନ ଜୀଇଁବା ।

ମୂଷା ହିଁ ବୈନାଶିକ୍ନ ସମସ୍ୟ । ମୂଷା ବନ୍ଧନ କାଟିବ ନିଶ୍ଚୟ । କିନ୍ତୁ କେବେ କାଟିବ ତାହା ନିର୍ଭର କରେ ତା'ର ଦୟା ଓ ଖିଆଲ ଉପରେ । ମୃତ୍ୟୁ ମଧ୍ୟ ମଣିଷର ଆୟତ୍ତରେ ନାହିଁ । ଯେ କେହି ପଚ୍ଛରି ପାରନ୍ତି ମଣିଷ କ'ଣ ଆତ୍ମହତ୍ୟା କରି ପାରିବ ନାହିଁ ? ଶ୍ରୀରଥଙ୍କ କାବ୍ୟନାୟକ ମୂଷାର କରୁଣା ଉପରେ ନିର୍ଭର କରି ବଞ୍ଚିବା ଅପେକ୍ଷା ଆତ୍ମହତ୍ୟା ନ କରିବ କାହିଁକି ? ସେ ଆତ୍ମହତ୍ୟା କରିବ । ତାପାଇଁ ମୃତ୍ୟୁର ଇସାରା ଅଲଂଘ୍ୟ । ଆତ୍ମହତ୍ୟାରେ ତା'ର ବୁଝାମଣା ସମ୍ପୂର୍ଣ୍ଣ ହେବ ବୋଲି ସେ ଭାବୁଛି ମଧ୍ୟ । ଜୀବନର ନିଷ୍ଫଳତା, ପ୍ରେମହୀନତା ଓ ପ୍ରତ୍ୟୟଶୂନ୍ୟତାକୁ ସେ ବୁଝିବ ଏବଂ ଜାଣି ଜାଣି ଜୀଇଁବା ଆରମ୍ଭ ହେବାର ପୂର୍ବାବସ୍ଥାକୁ ଫେରିଯିବ । ତା'ର ଉପଲବ୍ଧି ଦେଖନ୍ତୁ,

ମୁଁ ଶୁଣୁଛି କିଏ ଡାକେ ବନ୍ଧୁ ପୁନର୍ଜନ୍ମ
ସେ ପାଖରେ, ଘୃଣା ଭୟ ଏବଂ ଅନ୍ଧକାର
କେତେ ପରମାୟୁ ଡେଇଁ, ଅତିକ୍ରମ କରି
ଶୋକ ଜର୍ଜରିତ କେତେ ଜଖମ ଶରୀର
ଝୁଲି ନାଲି ହୋଇ ରକ୍ତ ସୁଡ଼ୁ ବୁଡ଼ୁ ହୋଇ
ଚିରି କେତେ ଫୁଲ ପକା ବିଛଣା ସୁନ୍ଦର ।

Digitized by PPRACHIN, SOA

ମୁଁ ତାକୁ ଭେଟିବା ଲାଗି ଦଉଡ଼ୁଛି । ସେ ଡାକ ନିଷ୍ଠୁର
ଆତ୍ମହତ୍ୟା ପରି ଏକ ସମୁଦାୟ ବୋଧଗମ୍ୟତାର ।

—ଅଲଂଘ୍ୟ ଇସାରା ।[୨୬]

କିନ୍ତୁ ମଣିଷର ଆତ୍ମହତ୍ୟା କରିବାର ସାମର୍ଥ୍ୟ କାହିଁ ? ଅସାମର୍ଥ୍ୟର ଆତ୍ମଗ୍ଲାନିରୁ ମୁକ୍ତି କାହିଁ ? ଶେଷ ପର୍ଯ୍ୟନ୍ତ ଶ୍ରୀରଥଙ୍କ କବିତା ଆଶାବିଶ୍ୱାସହୀନ ଅସହାୟତାର ଏକ ବେଦନାତୁର ହାହାକାରରେ ବିଦୀର୍ଣ୍ଣ ହେଉଛି । ସୁକଠିନ ବନ୍ଧ୍ୟାତ୍ୱର ଯନ୍ତ୍ରଣାରେ କବିଙ୍କ ମନ ଏବେ ବି କ୍ଳିଷ୍ଟ ଓ ପାଣ୍ଡୁର ରହୁଛି । ଜୀବନର ପରିଧି ଓ ଯନ୍ତ୍ରଣାର ପରିଧି ଏକ । ମୃତ୍ୟୁରୁ ମୁକ୍ତି କାହିଁ ? ନିଷ୍ଫଳତାର ଯନ୍ତ୍ରଣାରୁ ନିଷ୍କୃତି କାହିଁ ? 'କାହାର ଏଡ଼କି ଆସ୍ପର୍ଦ୍ଧା ଯେ ଲୁହ ଢାଳି ଶ୍ୟାମଳ କରିବ ଅସୁଚ୍ଛନ୍ଦି ସମୟର ଦଗ୍ଧ ଭୂଖଣ୍ଡକୁ ?' ପ୍ରଦୀପକୁ ସକାଳ ପର୍ଯ୍ୟନ୍ତ ଜଳିବାକୁ ହୁଏ, ସେପରି ଜୀବନକୁ ମୃତ୍ୟୁ ପର୍ଯ୍ୟନ୍ତ ଜଳିବାକୁ ହେବ । ମଣିଷର ଜୀବନ ଜ୍ୱାଳା ମୃତ୍ୟୁ ଆଗରୁ କେବେ ଶେଷ ହେବାର ନୁହେଁ । କବି ଶ୍ରୀରଥ ନିଜ ଜୀବନର କ୍ରନ୍ଦନକୁ ସବୁ କାଳର ସବୁ ଦେଶର ମଣିଷ ଜୀବନର ହାହାକାରରେ ଉତ୍ତୀର୍ଣ୍ଣ କରି ଦେଇଛନ୍ତି, ତାଙ୍କର ଆତ୍ମବ୍ୟଙ୍ଗ ଚିରନ୍ତନ ମଣିଷର ନିଃସହାୟ ଶୂନ୍ୟତାର କାରୁଣ୍ୟରେ ଉତ୍କମ୍ପିତ ରହିଛି ।

ଚଉଦ :

କବି ଶ୍ରୀରଥଙ୍କ ଜୀବନଚିନ୍ତାରେ ଜୀବନ ପ୍ରତି ଉଦ୍ଧତ ଅବିଶ୍ୱାସ ଓ ଅବଲମ୍ବନହୀନ ଶୂନ୍ୟତାନୈରାଶ୍ୟର ପ୍ରତ୍ୟୟ ଏବେ ମଧ୍ୟ ବଦ୍ଧମୂଳ । ତାଙ୍କ ପାଇଁ ତେଣୁ ଜୀବନର ପରିଧି ଓ ବିଷାଦବେଦନାର ପରିଧି ଏକ ବୋଲି ଆମେ କହୁଛୁ । ବିତୃଷ୍ଣ ବିଷଣ୍ଣ ହେବାଟା ହିଁ ଯେପରି କବିଙ୍କର ସ୍ୱଭାବ ଲକ୍ଷଣ । ଅଶ୍ରୁ, କ୍ଳାନ୍ତି, ହତାଶା ଓ ଆତ୍ମହତ୍ୟା ଯେପରି ଜୀବନର

---

୨୬ । କବିତାଟି 'ମାଲଞ୍ଚ'ରେ ପ୍ରକାଶିତ । (vol. V. 1979)

Digitized by PPRACHIN, SOA

ଶେଷକଥା । ଏହିଠାରେ ଯେ କେହି ପ୍ରଶ୍ନ ପଚାରି ପାରନ୍ତି, ଏହି ଘୃଣା, ବିତୃଷ୍ଣା ଓ ପ୍ରତ୍ୟାଖ୍ୟାନର ଦୃଷ୍ଟିଭଙ୍ଗୀ ତାଙ୍କର ବ୍ୟକ୍ତିଗତ ଚରିତ୍ରବିକାର ନା ରୋମାଣ୍ଟିକ ବିଷାଦବିଳାସ ? ନା ସତ୍ୟ ସାର୍ଥକ ହୃଦୟାବେଗର ସାମଗ୍ରୀ ? ଆମେ ପ୍ରଥମରୁ ସ୍ପଷ୍ଟ କରି ଦେଇଛୁ ଯେ, କବି ଆଲୋକର ପ୍ରତ୍ୟାଶୀ ହୋଇଥିବାରୁ ଅନ୍ଧକାରର ଶ୍ୱାସରୁଦ୍ଧକାରୀ ବୀଭତ୍ସତାକୁ ବଡ଼ କରି ଦେଖିଛନ୍ତି, ଅମୃତାକାଙ୍କ୍ଷା ପୋଷିଥିବାରୁ ପଦେ ପଦେ ମୃତ୍ୟୁକୁ ଭେଟିଛନ୍ତି । ତାଙ୍କ ବିଷାଦବେଦନା ଅମୃତର ବିରହ ବେଦନା ଭିନ୍ନ ଅନ୍ୟ କିଛି ନୁହେଁ । ତାକୁ ବ୍ୟକ୍ତିଗତ ରୁଗ୍ଣଚିତ୍ତର ବିକାର କହିବା କିପରି ? ତାହା ମଧ୍ୟ ରୋମାଣ୍ଟିକ୍ ବିଷାଦବିଳାସ ହୋଇ ନ ପାରେ । କବି ରୋମାଣ୍ଟିକ୍ ନୁହନ୍ତି ବୋଲି ଆମେ ବହୁ ଆଗରୁ କହି ରଖିଛୁ । ରୋମାଣ୍ଟିକ୍ କବିଗଣ ବ୍ୟକ୍ତିଗତ ଦୁଃଖ ଲାଗି ଦାୟୀ କରନ୍ତି ଅନ୍ୟମାନଙ୍କୁ ଓ ଅନ୍ୟମାନଙ୍କ ଦୁଃଖ ଲାଗି ଦାୟୀ ରଖନ୍ତି ସୃଷ୍ଟି ଓ ସମାଜକୁ । କେବଳ ସେମାନେ ହିଁ ଭଲ; ଅନ୍ୟମାନେ ଅସାଧୁ ଓ ଅବଜ୍ଞେୟ । ଶ୍ରୀରଥ କିନ୍ତୁ ଜାଣନ୍ତି ଯେ, ତାଙ୍କ ଦୁଃଖ ଓ ଯନ୍ତ୍ରଣାର କାରଣ ସେ ସ୍ୱୟଂ ନିଜେ । ତେଣୁ ଦୋଷ ଦିଅନ୍ତି ସେ ନିଜକୁ ନିଜେ । ଆତ୍ମସଚେତନତା, ଆତ୍ମପରୀକ୍ଷା ଓ ଆତ୍ମଶୋଧନ ହିଁ ତାଙ୍କର କବିକର୍ମ । ସେ କେବଳ ଅପୂର୍ଣ୍ଣ ଜଗତ ସଂସାର ପ୍ରତି ବିତୃଷ୍ଣ ନୁହନ୍ତି, ସେ ନିଜ ପ୍ରତି ବିତୃଷ୍ଣ ମଧ୍ୟ । ସାଧାରଣ ବିଚ୍ଛିନ୍ନ ବିଷଣ୍ଣ ମଣିଷ ସେକ୍ସ ଓ ସୁରା (ଅର୍ଥ ଓ ପ୍ରଭୁତ୍ୱ ମଧ୍ୟ ଏକପ୍ରକାର ସୁରା)ରେ ନିମଜ୍ଜିତ ରହି ନିଜର ବିଚ୍ଛିନ୍ନତା ଓ ବିଷଣ୍ଣତାବୋଧର ଯନ୍ତ୍ରଣାରୁ ଅବ୍ୟାହତି ପାଇପାରେ । କିନ୍ତୁ କବିଙ୍କ ଚେତନା କ୍ଷୀଣ ହୋଇ ନ ଥିବାରୁ ତାଙ୍କ ପାଇଁ ସେକ୍ସ ଓ ସୁରା ମାର୍ଗରେ କେବେ ଅବ୍ୟାହତି ନାହିଁ । ସେ ନାରୀପ୍ରେମ ଓ ଈଶ୍ୱର ପ୍ରେମ ଦେଇ ପରୀକ୍ଷା ଚଳାଇଛନ୍ତି । ଉଭୟ ବିଧ ପ୍ରେମରେ ସେ ଆକାଙ୍କ୍ଷା କରନ୍ତି ସେହି ତୁରୀୟ ଅବସ୍ଥା ସପ୍ତମ ଋତୁର, ଯେଉଁଠି ସୀମିତ ସମୟ ଅତିକ୍ରାନ୍ତ ହେବ, ଜୀବନ ଅଥାନ୍ୱିତ ହେବ । ପରୀକ୍ଷା ତାଙ୍କର ସୁବିରଳ ମୁହୂର୍ତ୍ତ ସ୍ମୃତିସ୍ଫୁରଣା ଭିନ୍ନ ଅନ୍ୟତ୍ର କାହିଁ ସଫଳ ହୋଇ ନାହିଁ । ସଫଳ ହେବାର ନିକଟ ସମ୍ଭାବନା ମଧ୍ୟ ରହୁ ନାହିଁ । ରୋମାଣ୍ଟିକ ବିଷାଦର ଆଶାବିଶ୍ୱାସ ଥିଲା । ଉତ୍ତମ ଆଇନ୍ କାନୁନ୍ ପ୍ରଣୟନ କରାଗଲେ ଆଦର୍ଶ ରାଷ୍ଟ୍ରର ସ୍ୱର୍ଗରାଜ୍ୟ ମର୍ତ୍ତ୍ୟରେ

Digitized by PPRACHIN, SOA

ଅବତରଣ କରିବ । କିନ୍ତୁ ଶ୍ରୀରଥଙ୍କ ବିଷାଦର ଆଶା କାହିଁ ? ବିଶ୍ୱାସ କାହିଁ ? ବିଶ୍ୱାସହୀନତା ହିଁ ତାଙ୍କର ଦର୍ଶନ; ତାଙ୍କ ଯୁଗର ଦର୍ଶନ । କ୍ଲାନ୍ତି ନୈରାଶ୍ୟ ଓ ବ୍ୟର୍ଥତାବୋଧ ତେଣୁ ତାଙ୍କ କବି ସ୍ୱଭାବର ସ୍ୱାଭାବିକ କଥା, କେବେ ରୋମାଣ୍ଟିକ ବିଷାଦବିଳାସ ନୁହେଁ । ସେ ନିଜକୁ ନିଷ୍ପାପ ହରିଣ ଓ ପ୍ରଚଳିତ ରାଷ୍ଟ୍ର ତଥା ସମାଜ ବ୍ୟବସ୍ଥାକୁ ଦୁରନ୍ତ ଶ୍ୱାପଦ ବୋଲି ଭାବି ପାରନ୍ତି ନାହିଁ ଯେ, ଶ୍ୱାପଦର ମୃତ୍ୟୁରେ ସେ ସମସ୍ତ ସଙ୍କଟରୁ ମୁକ୍ତ ହେବେ । ନିଜେ ହିଁ ସେ ନିଷ୍ପାପ ହରିଣ ଓ ନିଜେ ହିଁ ସେ ଦୁରନ୍ତ ଶ୍ୱାପଦ । 'ହିଟେରକ୍ଲିନେସ୍' ତାଙ୍କର ଦୁରାରୋଗ୍ୟ । ମଣିଷ ଶେଷ ପର୍ଯ୍ୟନ୍ତ ଅହଂସର୍ବସ୍ୱ ପ୍ରାଣୀଟିଏ ମାତ୍ର । ପ୍ରାଣୀତ୍ୱରୁ ଉତ୍ତରଣ କାହିଁ ? ପ୍ରାଣ ପ୍ରାଚୁର୍ଯ୍ୟ କାହିଁ ? ଅଥଚ ଏଣେ ପ୍ରାଣବାନ୍ ହୋଇ ଉଠିବାର ଦୁରାକାଙ୍‌କ୍ଷା ମଧ୍ୟ ତା'ର କିଛି କମ ନୁହେଁ । ଦୁଃଖ ଯନ୍ତ୍ରଣା ଓ ବ୍ୟର୍ଥତା ନୈରାଶ୍ୟ ତେଣୁ ଚିରକାଳ ଅନପନେୟ । ଏଣୁ ବୁଝିବାକୁ ହେବ ଯେ, ଶ୍ରୀରଥଙ୍କ ଦୁଃଖ ବଡ ନିର୍ଭୀକ ଓ ସତ୍ୟବାଦୀ । ତାଙ୍କର ହୃଦୟାବେଗ କେବେ ରୋମାଣ୍ଟିକ କଳ୍ପନାପ୍ରସୂତ ନୁହେଁ, ସବୁବେଳେ ଯଥାର୍ଥ । ବୋଦେଲେୟାର, ଏଲିୟଟ୍ ଓ ଗୁରୁପ୍ରସାଦଙ୍କ କବିତାରେ ଏହି ଦୁଃଖ ଯନ୍ତ୍ରଣାକୁ ଆମେ ଦେଖିଛୁ । ବିଷଣ୍ଣତମ କବିତା ହିଁ ମଧୁରତମ । ଶ୍ରୀରଥ ମଧ୍ୟ ଜାଣନ୍ତି ଯେ, ନିର୍ବିଷାଦ ସତ୍ତା କେବଳ ସୁନ୍ଦର ଓ ମଧୁର ହୋଇପାରେ ନାହିଁ ତାହା ନୁହେଁ, ମନୁଷ୍ୟତ୍ୱ ମଧ୍ୟ ପ୍ରାପ୍ତ ହୁଏ ନାହିଁ । ବିଷାଦ ହିଁ ଜୀବନର ସୌନ୍ଦର୍ଯ୍ୟ । ରୋମାଣ୍ଟିକ ବିଷାଦ ଥିଲା ଅନେକତ୍ର ଅହେତୁକ ଓ ଅକାରଣ । କବିଏ ଯେପରି ସେକ୍ସପିଅରଙ୍କ ଭାଷାରେ କହନ୍ତି, "In sooth, I know not why I am so sad." କିନ୍ତୁ ଶ୍ରୀରଥ କିନ୍ତୁ ନିଜ ବିଷାଦର କାରଣ ଜାଣନ୍ତି । ପ୍ରେମ ଅଛି, ପାତ୍ର ନାହିଁ; ଗନ୍ତବ୍ୟ ଅଛି, ଗତି ନାହିଁ; ଅମୃତାକାଙ୍‌କ୍ଷା ଅଛି, ଚରିତାର୍ଥତା ନାହିଁ । ଜୀବନ ଉଦ୍ଭଟ । କାଫ୍କାଙ୍କ ସନ୍ଧାନରେ ବାହାରିଲେ ଏଠି ସିଧା କାଳ ସଦନରେ ପହଞ୍ଚିବାକୁ ହେଉଛି । ଅକ୍ଷମତା ନିଯୁତ । ଏଥିରେ ଯେବେ କେହି କ୍ଳାନ୍ତ, ନୈରାଶ୍ୟବିଷାଦ ଓ ବ୍ୟର୍ଥତାବୋଧରେ ଘାରି ନି ହୁଏ ତେବେ ତାର ମନୁଷ୍ୟତ୍ୱରେ ବରଂ ସନ୍ଦେହ କରିବାକୁ ହେବ ।

Digitized by PPRACHIN, SOA

କ'ଣ ତା'ହେଲେ ଶ୍ରୀରଥଙ୍କ କବିତାର ବାର୍ତ୍ତା ? ମେସେଜ୍ ? କ୍ଲାନ୍ତି, ବିଷାଦ, ବିତୃଷ୍ଣା ଓ ପ୍ରତ୍ୟାଖ୍ୟାନର ମନୋଭଙ୍ଗୀ ଜୀବନକୁ ପଙ୍ଗୁ କରିଦେବ ନାହିଁକି ? ସର୍ବବ୍ୟାପୀ ଦୁଃଖ ଯନ୍ତ୍ରଣାର କ୍ରନ୍ଦନ ମଣିଷର ମର୍ଯ୍ୟାଦାବୋଧକୁ କ୍ଷୁଣ୍ଣ କରିଦେବ ନାହିଁକି ? ସେଦିନ କବି ଇୟେଟ୍ସଙ୍କ ହତାଶ ପ୍ରେମିକ ନୀରବରେ ସବୁ ଯନ୍ତ୍ରଣା ସହୁଛି, କାରଣ ଯନ୍ତ୍ରଣାର ଉଚ୍ଚାରଣ କରି ସେ ମଣିଷକୁ ଅସମ୍ମାନିତ ହେବାକୁ ଦେବ ନାହିଁ ।

I could recover if I shricked
My heart's agony
To passing bird, but I am dumb
From human dignity

—Human Dignity

ସାହିତ୍ୟରୁ ଆତ୍ମସମ୍ମାନବୋଧ ବିଦାୟ ନେଲେ ଜୀବନରେ ତାହା ଆଉ କାହୁଁ ଆସିବ ? ଜୀବନରେ କ'ଣ କେଉଁଠି କିଛି ସାନ୍ତ୍ୱନା ନାହିଁ ? କ୍ଲାନ୍ତି ବିତୃଷ୍ଣା ଓ ବିବମିଷା ଶେଷ କଥା ? ଶ୍ରୀରଥଙ୍କ କବିତାରୁ ଯେଉଁମାନେ ମୋହମୁକ୍ତ ଜଣେ ସନ୍ନ୍ୟାସୀର କଣ୍ଠସ୍ୱର ଶୁଣି ପାରନ୍ତି ସେମାନେ ଏସବୁ ପ୍ରଶ୍ନ ପଚାରିବେ ନାହିଁ । ନୈରାଶ୍ୟ ତାଙ୍କର ମୋହମୁକ୍ତି ଭିନ୍ନ ଅନ୍ୟ କିଛି ନୁହେଁ । କବି ଭାବରେ ସେ ମାନବଚୈତନ୍ୟର ପ୍ରତିଭୂ, ସତ୍ୟଦ୍ରଷ୍ଟା । କବିତା 'ଏ ଭିଜନ୍ ଅଫ୍ ରିଅଲିଟି (a vision of reality) । ତାଙ୍କ କାବ୍ୟନାୟକର ଜୀବନ, ମନନ ଓ ହୃଦୟାନୁଭୂତି ନିରନ୍ତର ଚୈତନ୍ୟ ଦ୍ୱାରା ଆକ୍ରାନ୍ତ । ତା'ର କ୍ଲାନ୍ତି ସଚେତନ କ୍ଲାନ୍ତି ।'' ସେ ମୁର୍ଦ୍ଦାର ନିଷ୍ପୃହ, ମାତ୍ର ସଜୀବ ମୁର୍ଦ୍ଦାର । ଜୀବନର ମିଥ୍ୟା ସୌନ୍ଦର୍ଯ୍ୟ ସମ୍ପର୍କରେ

---

୬୭ । ସେ କ୍ଲାନ୍ତ ବି ଅନ୍ତଃସତ୍ତ୍ୱା ହୁଏ ଏକ ମାନସ ବିନ୍ଦୁରେ । (ବୃତ୍ତ) । କବି ଏଠାରେ ଆଲବର୍ଟ କାମ୍ୟୁଙ୍କ ଉଦ୍ଧାର କରି ବୁଝାଇଛନ୍ତି. "Weariness comes at the end of the acts of a mechanical life, but at the sametime it inaugurates the impulse of consciousness.

କେତେଢ଼ନର, ପୃଷ୍ଠା ୬୪

Digitized by PPRACHIN, SOA

ଛନ୍ତି ତିର୍ଯ୍ୟକ ଏକ ମନୋଭାବ ପୋଷଣ କରି ସେ ଆତ୍ମପ୍ରବଞ୍ଚନାରୁ ମୁକ୍ତ ହେଉଛନ୍ତି । କବି ମଣିଷକୁ ତା'ର ମନଗଢ଼ା ଜଗତରୁ ମୁକ୍ତ ଦେଉଛନ୍ତି । ମନଗଢ଼ା ଆତ୍ମସନ୍ତ୍ରମବୋଧର ମାନେ କ'ଣ ? ଅନୁପସ୍ଥିତ ଉତ୍ସାହ ଉଦ୍ଦୀପନାର କି ବା ସାର୍ଥକତା ? ଅସ୍ତିତ୍ୱର ଅର୍ଥ ଓ ଉଦ୍ଦେଶ୍ୟ କାହିଁ ? ଅଛି ଥିଲେ କି ପ୍ରଳୟ ବନ୍ଦ ଥାଏ ? ମଣିଷ ଦୁଃଖୀ, ସେ ବରଂ ଜାଣୁ ସେ ଦୁଃଖୀ; ମଣିଷ ନିଃସଙ୍ଗ ନିଃସହାୟ, ସେ ବରଂ ଜାଣୁ ସେ ନିଃସଙ୍ଗ ନିଃସହାୟ; ମଣିଷ ପ୍ରେମ ପାଇଁ ଅକ୍ଷମଅଭାଜନ, ସେ ବରଂ ଜାଣୁ ସେ ପ୍ରେମ ପାଇଁ ଅକ୍ଷମଅଭାଜନ; ମଣିଷ ତଥାପି ଅମୃତାକାଙ୍କ୍ଷୀ, ସେ ବରଂ ଜାଣୁ ସେ ଅମୃତାକାଙ୍କ୍ଷୀ । ଏହାହିଁ ଏ ପର୍ଯ୍ୟନ୍ତ ଶ୍ରୀରଥଙ୍କ କବିତାର ବାର୍ତ୍ତା । ମେସେଜ୍ ! ସମସ୍ତେ ଏକଥା ଅବଶ୍ୟ ଜାଣିବେ ନାହିଁ, ଜାଣିବାକୁ ଚାହିଁବେ ନାହିଁ ମଧ୍ୟ; ଅନ୍ତତଃ ପକ୍ଷେ ତାଙ୍କ କବିତାର ପାଠକେ ଜାଣନ୍ତୁ । ସବୁ ଜାଣିବା ମାନେ ସବୁ କ୍ଷମା କରିବା; ମିଥ୍ୟା ଭରସାକୁ ପ୍ରତ୍ୟାଖ୍ୟାନ କରିବା ମାନେ ମୋହମୁକ୍ତ ଭାବରେ ବଞ୍ଚିବା, ନିଜ ପ୍ରତି ନିଜେ ବିଶ୍ୱସ୍ତ ହେବା ।

ପ୍ରକର :

କବିଙ୍କ ଭାବୈଶ୍ୱର୍ଯ୍ୟର କ୍ରମ ପରିସ୍ଫୁଟ ପୂର୍ଣ୍ଣତା ଆମେ ଲକ୍ଷ୍ୟ କରିଛେ, ଏବେ ତାଙ୍କ ବାଗୈଶ୍ୱର୍ଯ୍ୟର ଅନନ୍ୟତା ଅନୁଧ୍ୟାବନ କରିବା । କବିତା କେବେ କେବଳ ଦାର୍ଶନିକ ଦୃଷ୍ଟିଭଙ୍ଗୀ ବା ମହତ ଜୀବନାନୁଭୂତି ମାତ୍ର ନୁହେଁ; ତାହା ମଧ୍ୟ ସେହି ଜୀବନାନୁଭୂତିର ସୁସଂହତ ସୌନ୍ଦର୍ଯ୍ୟମୟ ରୂପପରିଣତି । ଉତ୍କୋଟିର କବିତାରେ Experience ବା ଜୀବନାନୁଭୂତି ଓ Communication ବା ଶିଳ୍ପରୂପାୟନରୁ କୌଣସିଟିର ତାତ୍ପର୍ଯ୍ୟ କମ୍ ନୁହେଁ । କବି ତାଙ୍କର ଅନୁଭୂତିକୁ ସୁସଂହତ ହୃଦୟସଂବେଦ୍ୟ ସୌନ୍ଦର୍ଯ୍ୟରୂପ ଉଦ୍ଭାସିତ କରି ପାରିଲେ ବୁଝାଯାଏ ତାଙ୍କ ରଚନା କବିତା ହୋଇ ଉଠିଛି, କିନ୍ତୁ ତାହା ମହତ ଶିଳ୍ପ ବା ଆର୍ଟ ହୋଇ ଉଠିଛି କି ନାହିଁ ତାହା ନିର୍ଭର କରେ କମ୍ୟୁନିକେଟ୍ ହୋଇଥିବା ଅନୁଭୂତି କେତେ ମହତ ତାହାରି ଉପରେ । ଅନ୍ୟପକ୍ଷରେ କବିଙ୍କର ଅନୁଭୂତି ଯେତେ ମହତ ଓ ଗଭୀର ହେଉ ନା କାହିଁକି ଯେଉଁ

Digitized by PPRACHIN, SOA

ପର୍ଯ୍ୟନ୍ତ ସାର୍ଥକ କମ୍ୟୁନିକେସନ ବା ରୂପଭାଷଣ ସୁସଂପନ୍ନ ନ ହୋଇଛି ସେପର୍ଯ୍ୟନ୍ତ କବିତା ଭାବରେ ତା'ର କୌଣସି ଅସ୍ତିତ୍ୱ ନ ଥାଏ । ମହତ ଅନୁଭୂତିର ସାର୍ଥକ ସଂକ୍ରମଣ କବିତାର ପ୍ରାଣ । ଶ୍ରୀରଥଙ୍କ କବିତାର ସୂକ୍ଷ୍ମ ଗଭୀର ଭାବାନୁଭୂତିର ମହତ୍ତ୍ୱ ଓ ଗୁରୁତ୍ୱ ଆମେ କହିଛେ, ଏବେ ସାର୍ଥକ ରୂପ ଶିଳ୍ପର ଚିର ଅତୃପ୍ତ ଅନ୍ୱେଷଣ ତାଙ୍କର ଅନୁଭବ ନ କଲେ କାବ୍ୟଶ୍ରୀ ଆବିଷ୍କାରର ବିସ୍ମୟ ଓ ଆନନ୍ଦରୁ ବଞ୍ଚିତ ହେବା । ଭାବାନୁଭୂତି ବା କଣ୍ଟେଣ୍ଟ (Content) ଅପେକ୍ଷା ବରଂ ଆଜି ରୂପ ବା ଫର୍ମ (form) ଉପରେ ସମାଲୋଚନାର ଝୁଙ୍କ ବେଶି । ତେବେ ଫର୍ମ ଓ କଣ୍ଟେଣ୍ଟର ନିଖୁଣ ଭାରସାମ୍ୟରକ୍ଷା କବିଙ୍କ କବିତ୍ୱର ଚରମ ପରୀକ୍ଷା । ପ୍ରକୃତରେ ବୋଦଲେୟାରଙ୍କ ଭାଷାରେ କହିଲେ କବିତାରେ 'idea and form are two realities in one.' ଫର୍ମ ପ୍ରତି ଅବହେଳା କଲେ ଆଜି କବିଙ୍କୁ କେବଳ ଭାବାନୁଭୂତି ଖାତିରରେ କେହି ସମ୍ମାନ ଦେବାକୁ ପ୍ରସ୍ତୁତ ନୁହନ୍ତି । ପରୀକ୍ଷାରେ କବିଙ୍କୁ ଉତ୍ତୀର୍ଣ୍ଣ ହେବାକୁ ହେବ । ଏବଂ ସେ ସେହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି କି ନାହିଁ ତାହା ଦେଖିବାକୁ ଗଲେ ଫର୍ମ ବିଶ୍ଲେଷଣ ଅପରିହାର୍ଯ୍ୟ । ଫର୍ମ ବା ପ୍ରକାଶରୂପ ମଧ୍ୟରେ କବିତାର ଯାହା କିଛି ବଡ଼ ପରିଚୟ । ଫର୍ମରୁ ବିଚ୍ଛିନ୍ନ କରି ଦେଲେ କବିତାର ଅସ୍ତିତ୍ୱ ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ହେବାକୁ ବାଧ୍ୟ । ତେଣୁ ଫର୍ମବୋଧର ଅଧ୍ୟୟନରୁ ହିଁ ଶ୍ରୀରଥଙ୍କ ପ୍ରକୃତତମ କବି ପରିଚୟକୁ ସ୍ପଷ୍ଟ କରାଯାଇ ପାରିବ । କବିତ୍ୱ ତାଙ୍କର ଉଭୟ ଜୀବନଦୃଷ୍ଟିର ଗଭୀରତା ଓ ଶିଳ୍ପ ଚେତନାର ନିପୁଣତା ଉପରେ ପ୍ରତିଷ୍ଠିତ । ଆଜି ସେ ଜୀବନବ୍ୟାଖ୍ୟାର ନିଜସ୍ୱ ପଟ୍ଟଭୂମିରେ ନିଜ କବିତାର ଫର୍ମ ଖୋଜି ପାଇଛନ୍ତି । ପ୍ରଭାବକ ଆଉ କେହି ନାହାନ୍ତି । ନିଜ ବ୍ୟକ୍ତିଜୀବନର ଦ୍ୱନ୍ଦ୍ୱଯନ୍ତ୍ରଣାମୟ ପଥରେ ଚଲୁ ଚଲୁ ସେ ତାହାକୁ ଆୟତ୍ତ କରିଛନ୍ତି ।

ଶ୍ରୀରଥ ରୂପସର୍ବସ୍ୱ କବି ନୁହନ୍ତି, ଆମେ ଦେଖିଛେ ତାଙ୍କର ସ୍ପଷ୍ଟ ବକ୍ତବ୍ୟ ଅଛି । ସେହି ବକ୍ତବ୍ୟର ସଫଳ ଅଭିବ୍ୟକ୍ତିରେ କବିତାର ରୂପ ସାର୍ଥକ ହୁଏ ବୋଲି ମଧ୍ୟ ସେ ଜାଣନ୍ତି । ନିଜ ଗୁଣରେ କେବଳ ସୁନିପୁଣ ଫର୍ମ ବା ରୂପ କେବେ ପ୍ରଶଂସାର୍ହ ହୋଇପାରେ ନାହିଁ । ଆଧୁନିକ କବିତାର ଯେଉଁ ଫର୍ମ ଆଜି ସର୍ବତ୍ର ଅନୁସୃତ ହେଉଛି ତାହାର

Digitized by PPRACHIN, SOA

ସମସ୍ତ କୃତିତ୍ୱ ଅବିସମ୍ବାଦିତ ରୂପେ ଏଜରା ପାଉଣ୍ଡଙ୍କର ପ୍ରାପ୍ୟ । କେବଳ ଫର୍ମ ଦେଇ ପରୀକ୍ଷାନିରୀକ୍ଷା ଚଳାଇଲେ ଯେ କାବ୍ୟ ସରସ୍ୱତୀଙ୍କ ପ୍ରସାଦ ମିଳେ ନାହିଁ, ସେହି କଥାର ମର୍ମାନୁବାଦ ସ୍ୱୀକୃତି ରୂପେ ସେ ଜାନୁ ଚିରଦିନ ପାଇଁ ନୂଆ କବିଙ୍କୁ ସତର୍କ କରିବାକୁ ରହିଗଲେ । କବି ଏଲିୟଟ୍ ତାତ୍ପର୍ଯ୍ୟପୂର୍ଣ୍ଣ ଜୀବନାନୁଭୂତିର ରୂପାୟନ ପାଇଁ ସେହି ଫର୍ମକୁ ଗ୍ରହଣ କଲେ, କବିତାର ଏକ ନୂତନ ପ୍ରତିଷ୍ଠାଭୂମି ନିର୍ମାଣ କରି ଦେଲେ ଓ ଏହାହିଁ ବିଂଶ ଶତାବ୍ଦୀର କବିତାର ଶୈଳୀ ଓ ପରିବେଶର ଅବିଚ୍ଛେଦ୍ୟ ଅଂଶ ହୋଇ ଉଠିଲେ । ବିଶେଷତଃ ଭାରତରେ ତାଙ୍କର ପ୍ରଭାବ ଗତ ପଚିଶ ବର୍ଷ ଧରି ଅକ୍ଷୁଣ୍ଣ ଓ ଅବ୍ୟାହତ ରହିଛି । କେଉଁ ଆଧୁନିକ କବି ପୁଣି ଆଜିର ଏଲିୟଟ୍ ଶିଷ୍ୟ ନୁହନ୍ତି ? କବି ଶ୍ରୀରଥ କେବଳ ଭାବାନୁଭୂତିଦିଗରୁ ନୁହେଁ କବିତାର ରୂପଦିଗରୁ ମଧ୍ୟ ପ୍ରଥମତଃ ଏଲିୟଟ୍‌ଙ୍କ ଶିଷ୍ୟତ୍ୱ ଅଙ୍ଗୀକାର କରିଛନ୍ତି । ଏଲିୟଟ୍‌ଙ୍କ ପରି ତାଙ୍କ ପାଇଁ ମଧ୍ୟ ଫର୍ମ କେବଳ ଫର୍ମମାତ୍ର ନୁହେଁ; ତାହା ତାଙ୍କ ଆଲୋଡ଼ିତ ସୃଷ୍ଟିଶୀଳ ଚୈତନ୍ୟର ସାମ୍ୟମାନ ପ୍ରକାଶ । ନୈର୍ବ୍ୟକ୍ତିକ ନାଟକୀୟ ଭଙ୍ଗୀ ପ୍ରୟୋଗ, ଏପିଗ୍ରାଫରୁ କବିତା ଆରମ୍ଭ, ତତ୍ତ୍ୱ ଉପଲବ୍ଧିକୁ ଆବେଗର ଉପାଦାନୀ-କରଣ, ଗଦ୍ୟଗନ୍ଧୀ ଶବ୍ଦ ତଥା ଗଦ୍ୟଗଠନରୀତି ବ୍ୟବହାର, ଶବ୍ଦ ବୈପରୀତ୍ୟ ମଧ୍ୟରେ ଅଦ୍ଭୁତ ବୈଚିତ୍ର୍ୟ ସୃଷ୍ଟି, Justaposition ବା ବିଭିନ୍ନ ଉତ୍ସରୁ ସମାହୃତ ଚିତ୍ରକଳ୍ପଗୁଡ଼ିକୁ ପାଖକୁ ପାଖରଖି ଭାବାନୁଭୂତିର ବିସ୍ତାରଦାନ, ଚିନ୍ତା ଓ ଅନୁଭୂତିର ସମନ୍ୱୟ ସାଧନ, ଅବଧାରିତ ଚିତ୍ରକଳ୍ପ ପ୍ରୟୋଗ, ସୁନ୍ଦର ଓ କୁତ୍ସିତର ସୁନିପୁଣ ବୟନ, ଉଦ୍ଧୃତି ଓ ଉକ୍ତିର ବ୍ୟବହାର, ଶ୍ଳେଷ ଓ ଅଣ୍ଡର ଷ୍ଟେଟ୍‌ମେଣ୍ଟ (Under Statement) ପ୍ରୟୋଗ, ପୂର୍ବବର୍ତ୍ତୀ ପ୍ରେମ କବିତାରୁ ଉଦ୍ଧୃତାଂଶର ବ୍ୟଙ୍ଗାତ୍ମକ ବ୍ୟବହାର, ପ୍ୟାରେନ୍‌ଥେସିସ ବା ବନ୍ଧନୀ ମଧ୍ୟରେ ବ୍ୟଙ୍ଗାତ୍ମକ ମନ୍ତବ୍ୟ ପ୍ରଦାନ, ମୁକ୍ତ ଭାବାନୁଷଙ୍ଗ ଓ ଚେତନାପ୍ରବାହ ଶୈଳୀ ଅନୁବର୍ତ୍ତନ ଓ ଦୀର୍ଘ କବିତାର ଅଧ୍ୟାତ୍ମୀକରଣ ତଥା ଧର୍ମ, ସାହିତ୍ୟ ଓ ସଂସ୍କୃତିର ବ୍ୟାପକ ଓ ଉଦାର ପ୍ରୟୋଗାଦି କ୍ଷେତ୍ରରେ ଶ୍ରୀରଥଙ୍କ କବିତାର ରୂପ ଏଲିୟଟ୍‌ଙ୍କୁ ସ୍ମରଣ କରାଇ ଦେଇଥାଏ, ଯେମିତି ଏଲିୟଟ୍‌ଙ୍କ କବିତାର ରୂପ ସ୍ମରଣ କରାଇ ଦେଉଥିଲା ଜୁଲସ୍ ଲାଫର୍ଗଙ୍କୁ । ଓଡ଼ିଆ କବିତାରେ

Digitized by PPRACHIN, SOA

ଏଲିଅଟ୍‌ପ୍ରଭାବ ସେଦିନ ଏକ ଐତିହାସିକ ପ୍ରୟୋଜନ ଥିଲା । ବଙ୍ଗଳା କବିତାର ବ୍ୟାପକ ପ୍ରଭାବରୁ ମୁକ୍ତ ହୋଇ ସ୍ୱତନ୍ତ୍ର ହେବାକୁ ହେଲେ ଓଡ଼ିଆ କବିତାକୁ ଏଲିଅଟ୍‌ମୁଖୀ ନ ହୋଇ ହୁଏତ ଅନ୍ୟଗତି ନ ଥିଲା । ଅଧିକନ୍ତୁ କବି ଏଲିଅଟ୍‌ଙ୍କ ସହିତ ଶ୍ରୀରଥଙ୍କ ମନୋଭାବନାର ଆତ୍ମିକ ନୈକଟ୍ୟ ଅନେକ । ସେ ତେଣୁ ସେଦିନ ଏଲିଅଟ୍‌ଙ୍କଠାରେ ପ୍ରଚଳିତ ବର୍ଣ୍ଣନାତ୍ମକ କବିତାର ଉତ୍‌କେନ୍ଦ୍ରିକ ଭାବାଳୁତାରୁ ମୁକ୍ତିର ପଥ ଖୋଜି ପାଇଛନ୍ତି, ବିଶ୍ୱବ୍ୟାପୀ କ୍ଳାନ୍ତି, ଉଦ୍ଦେଶ୍ୟହୀନତା ଓ ଆଧ୍ୟାତ୍ମିକ ବିପର୍ଯ୍ୟୟକୁ ଅତିକ୍ରମ କରିଯିବାକୁ ତୀବ୍ର ସଚେତନତା ଓ ତୀକ୍ଷ୍ଣ ଅନ୍ତର୍ଦୃଷ୍ଟି ଲକ୍ଷ୍ୟ କରିଛନ୍ତି, ନିଜ ମାନସିକ ଆଲୋଡ଼ନର ପ୍ରତିବିମ୍ବ ଭେଟିଛନ୍ତି । ଫଳତଃ ଏଲିଅଟ୍‌ଙ୍କୁ କେନ୍ଦ୍ର କରି ଅଡେନ, ଷ୍ଟିଫେନ୍ ସ୍ପେଣ୍ଡର, ସି. ଡେ. ଲିଉଇସ୍, ବିଷ୍ଣୁ ଦେ, ବୁଦ୍ଧଦେବ ବସୁ, ନବକାନ୍ତ ବରୁଆ, ସଚ୍ଚିଦାନନ୍ଦ ରାଉତରାୟ ଓ ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ବିଶିଷ୍ଟ ପ୍ରତିଭା ଯେଉଁ କବିତାର୍ଥ ରଚନା କରିଛନ୍ତି, ସେଥିରେ ସେ ସକ୍ରିୟ ଓ ସକ୍ଷମ ସଭ୍ୟରୂପେ ଯୋଗ ଦେଇଛନ୍ତି । ଏଲିଅଟୀ ଐତିହ୍ୟକୁ ଜୀର୍ଣ୍ଣକରି ଓଡ଼ିଆ କବିତାରେ ତାକୁ ପୁନରୁଜ୍ଜୀବିତ କରିବାର କୃତିତ୍ୱ ତାଙ୍କର ଅସାମାନ୍ୟ । ପୂର୍ବବର୍ତ୍ତୀ କବିଙ୍କ ପ୍ରଭାବ ସମ୍ପର୍କରେ ଅଡେନଙ୍କ ମନ୍ତବ୍ୟ ସ୍ମରଣ ରଖିଲେ ଶ୍ରୀରଥଙ୍କ କୃତିତ୍ୱ ଠିକ୍ ବୋଧଗମ୍ୟ ହେବ । ଅଡେନ୍ କହନ୍ତି, "In poetry as in life to lead one's own life means to relive the lives of one's parents and, through them, of all one's ancestors; the duty of the present is neither to copy nor to deny the past but to resurrect it. (Yeats as an Example) । ଶ୍ରୀରଥ ଏଲିଅଟ୍‌ଙ୍କୁ ଅସ୍ୱୀକାର କରନ୍ତି ନାହିଁ କି ନକଲ କରନ୍ତି ନାହିଁ, ଓଡ଼ିଆ କବିତାରେ ତାଙ୍କୁ ପୁନରୁଜ୍ଜୀବିତ କରନ୍ତି ମାତ୍ର । ହାରୋଲ୍ଡ ବ୍ଲୁମଙ୍କ ଭାଷାରେ କହିଲେ ତାଙ୍କ କ୍ଷେତ୍ରରେ ପ୍ରଭାବ (infulence) ଅପେକ୍ଷା ପ୍ରଭାବର ଉଦ୍‌ବେଗ (anxiety of infulence) ଅଧିକ କ୍ରିୟାଶୀଳ ଓ ପ୍ରବଳ । ପୂର୍ବବର୍ତ୍ତୀ ଶକ୍ତିଶାଳୀ କବିଏ ନୂଆ କବିଙ୍କୁ ସହଜରେ ବାଟ ଛାଡ଼ନ୍ତି ନାହିଁ । ନୂଆ କବିଙ୍କୁ ନିଜର ବାଟ ଖୋଜି ନେବାକୁ ହୁଏ । ପ୍ରଭାବପ୍ଲାବିତ ବିନା ନୂଆ କବିଙ୍କ କଳ୍ପନା-ପ୍ରତିଭାର ଜନ୍ମ ସମ୍ଭାବନା ନାହିଁ କହିଲେ ଚଳେ; ଅଥଚ ଏଣେ ଉତ୍କଳ

Digitized by PPRACHIN, SOA

ସେହି ବନ୍ୟାରେ ବୁଡ଼ିଗଲେ ତାଙ୍କୁ ଚିରଦିନ ଲାଗି ନିଶ୍ଚିହ୍ନ ହୋଇ-ଯିବାକୁ ହୁଏ । ନୂଆ କବିଙ୍କୁ ତେଣୁ ପ୍ରଭାବକୁ ଅତିକ୍ରମ କରି ପୂର୍ବବର୍ତ୍ତୀ ସେହି ସବୁ ଶକ୍ତିଶାଳୀ କବିଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବରେ ନୂତନ ସୃଷ୍ଟି ସୃଜିବାକୁ ହୁଏ । [18] ଶ୍ରୀରଥଙ୍କ ପ୍ରତିଭା ବେଶ୍ ସଚେତନ ଓ ମୃଜନବଳିଷ୍ଠ । ତାହା ପ୍ରଭାବରେ ଉଡ଼ି ବୁଡ଼ି ଯାଇ ନାହିଁ । ଏଲିୟଟ୍ଙ୍କ ପ୍ରଭାବକୁ ଜୀର୍ଣ୍ଣ କରି ତାହା ଆମ ସାହିତ୍ୟ ଓ ସଂସ୍କୃତିର ପ୍ରାଣଧାରା ସହିତ ବରଂ ମିଶାଇ ଦେଇଛି । ଏଲିୟଟ୍ ଏଇ ସେମିତି ଜଗନ୍ନାଥ ଦାସ, କବିସୂର୍ଯ୍ୟ ବଳଦେବ ରଥ, ଗୋପାଳକୃଷ୍ଣ ପଟ୍ଟନାୟକ, ଭକ୍ତଚରଣ ଦାସ ଓ ଭୀମ ଭୋଇଙ୍କ ପରଂପରାରେ ମିଶି ଯାଇଛନ୍ତି । [19] ଶ୍ରୀରଥଙ୍କ କବିତାର

---

୧୮ । The history of truitful influence, which is to say the main tradition of western poetry‘ since Renaissance, is a history of anxiety, and self-saving caricature of distortion, of perverse, willful revisionism without which modern poetry as such could not exist’ (The Anxiety of Influence by Harold Bloom, Page-30) ।

୧୯ । ଶ୍ରୀରଥଙ୍କ କବିତାରେ ଅନେକେ ଇଂରାଜୀ ପ୍ରଭାବ ଦେଖି ପାରନ୍ତି ନାହିଁ । ସୁଧୀ ସମୀକ୍ଷକ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତିଙ୍କ ମନ୍ତବ୍ୟ ଉଲ୍ଲେଖ୍ୟ : 'ସେଇଥି ପାଇଁ ସଚ୍ଚିଦାନନ୍ଦ ବା ଗୁରୁପ୍ରସାଦଙ୍କ ପରି ଇଂରାଜୀ କବିମାନଙ୍କ ଦ୍ୱାରା ସେ (ଶ୍ରୀରଥ) ଅନୁପ୍ରେରିତ ନ ହୋଇ ନିଜପାଇଁ ଏକ ସ୍ୱତନ୍ତ୍ର ସରଣୀ ବାଛି ନେଇଛନ୍ତି ।' (ଓଡ଼ିଆ ସାହିତ୍ୟର କ୍ରମବିକାଶ, ପୃଷ୍ଠା ୪୨୯) । ଏହି ପ୍ରସଙ୍ଗରେ ଶ୍ରୀଯୁକ୍ତ ମହାନ୍ତିଙ୍କ ବିଚାର ଯେ କେତେ ବିଭ୍ରାନ୍ତିକର ତାହା ବୁଝିବାକୁ ହେବ । ସେ କହନ୍ତି, ରମାକାନ୍ତଙ୍କ କବିତାରେ ସଚ୍ଚିଦାନନ୍ଦଙ୍କ ବୁଦ୍ଧିଦୀପ୍ତ ଚମତ୍କାରିତା ଅଥବା ଗୁରୁପ୍ରସାଦଙ୍କ କ୍ଳାନ୍ତିବୋଧ ପଙ୍କିଳ ବିଷାଦ କିମ୍ବା ଅନାୟାସ ଲବ୍ଧ ନେତୃତ୍ୱ ନାହିଁ, ଅଛି ସମ୍ବେଦନଶୀଳ କବି ପ୍ରାଣର ଶୁଭସ୍ପର୍ଶ । (ତତ୍ରୈବ, ପୃଷ୍ଠା ୪୩୦) ଆମ ଆଲୋଚନାରୁ ଯେ କେହି ଲକ୍ଷ୍ୟ କରି ପାରିବେ ଯେଉଁମାନେ ଏଲିୟଟ୍ଙ୍କ ସଂସ୍ପର୍ଶରେ ଆସିଛନ୍ତି ତାଙ୍କ କବିତାରେ ଏକାଧାରରେ ବୁଦ୍ଧିଦୀପ୍ତ ଚମତ୍କାରିତା, ପଙ୍କିଳ ବିଷାଦ, ନେତୃତ୍ୱ ଓ ସମ୍ବେଦନାର ଶୁଭ ସ୍ପର୍ଶ ଏକାଠି ଅଛି । ଶ୍ରୀରଥଙ୍କ କବିତା ବ୍ୟତିକ୍ରମ ହେବ କିପରି ?

Digitized by PPRACHIN, SOA

ଆବେଗାନୁଭୂତିରେ ଯେପରି ପ୍ରଚଳିତ ମୂଲ୍ୟବୋଧ ପ୍ରତି ବିଷାଦାନ୍ତ ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ ସହିତ ଆମର ଐତିହ୍ୟର ଉତ୍ତରାଧିକାର ସମ୍ବେଦନ । ଶୀଳତା ଓ ଆଧ୍ୟାତ୍ମିକ ବ୍ୟାକୁଳତା ପ୍ରକଟିତ, ଠିକ୍ ସେପରି ରୂପରେ ତା'ର ଗଦ୍ୟର ବଳିଷ୍ଠତା ଓ ବନ୍ଧୁରତା ସାଙ୍ଗକୁ ଆମର ଗୀତିକାବ୍ୟୋଚିତ ଲାଳିତ୍ୟ ଓ ସୌକୁମାର୍ଯ୍ୟ ମଧ୍ୟ ବିରାଜିତ । ବ୍ୟକ୍ତିଗତ ମନୀଷାରେ ଜାତୀୟ ମାନସର ପ୍ରତିଫଳନରେ କବିତ୍ୱର ଚରମ ସାର୍ଥକତା ନିହିତ । ତେଣୁ ଏବେ ସେ ଅଧିକରୁ ଅଧିକ ଆମର କାବ୍ୟ ପରମ୍ପରା ସହିତ ସମ୍ପୃକ୍ତ ହେବାକୁ ଚେଷ୍ଟା କରନ୍ତୁ । ତେବେ ଖାଣ୍ଟି ଓଡ଼ିଆ କବି ହେବାକୁ ଆମେ ତାଙ୍କୁ କହୁନୁ ନାହିଁ । ଖାଣ୍ଟି ଓଡ଼ିଆ କବିତା ନୁହେଁ, ଭଲ କବିତା ଲେଖିବାକୁ ହେବ । ଆଜି ନିଜ ଦେଶକାଳର ଭୂଗୋଳରେ ସୀମାବଦ୍ଧ ରହିବାକୁ ବିଶ୍ୱର କୌଣସି କବି ପସନ୍ଦ କରନ୍ତି ନାହିଁ । ସେହି ଏଲିୟଟ୍‌ଙ୍କ ମନ୍ତବ୍ୟ ସ୍ମର୍ତ୍ତବ୍ୟ,, 'In poetry, you can, now and then penetrate into another country so to speak, before your passport has been issued or your ticket taken.' (The Social Function of Poetry)—ଏଥିରେ ଖାଣ୍ଟି ଓଡ଼ିଆ କବିରେ ଆମର ପ୍ରୟୋଜନ କ'ଣ ?

କବିତା ଏକ ରୂପସୃଷ୍ଟି । କବିଙ୍କ ଆବେଗାନୁଭୂତି ଯେତେବେଳେ ଶବ୍ଦ ସଙ୍ଘଟନ ମଧ୍ୟରେ ଆକାର ପରିଗ୍ରହ କରେ ସେତେବେଳେ ସେହି ଆକାରରୁ କବିତା ସୃଷ୍ଟିର ରୂପ ଉପଲବ୍ଧ ହୁଏ । ଅତଏବ ମାନସିକ କାବ୍ୟଚେତନା ଓ ଭାଷାଗତ ଉପାଦାନାବଳୀର ସମ୍ପୂର୍ଣ୍ଣ ଏକାଙ୍ଗୀକରଣରୁ କବିତାର ଜନ୍ମ । ଭଲ କବିତା ମାନେ ପରିପୂର୍ଣ୍ଣତାର ଅଖଣ୍ଡ ପ୍ରତିମା— କଲେରିଜଙ୍କ ଭାଷାରେ କହିଲେ unity of manifold । ଉପାଦାନକୁ କବିତା ବର୍ଜନ କରି ନ ଥାଏ, କେବଳ ମାତ୍ର ଅତିକ୍ରମ କରିଥାଏ ଯାହା । ପ୍ରଯୁକ୍ତ ସମସ୍ତ ଉପାଦାନର ଜୈବିକ ବିନ୍ୟାସକୌଶଳରେ ଯେଉଁ ଅବିଭାଜ୍ୟ ଐକ୍ୟ ଓ ଅଖଣ୍ଡତାର ସୃଷ୍ଟି ହୁଏ ତାହାହିଁ କବିତାର ରୂପ ବା ଫର୍ମ (Relative grouping of the parts of a thing) । ଏହି ଦୃଷ୍ଟିରୁ କବି ଏଲିୟଟ୍ କବିତାକୁ ରୂପସର୍ବସ୍ୱ ବୋଲି କହିଥାନ୍ତି,

Digitized by PPRACHIN, SOA

what matters is the whole poem. ଶେଷ ପର୍ଯ୍ୟନ୍ତ କବିତା ତେଣୁ ଭାବଜ୍ଞାପନର ରୂପ (form of communication) ହେଲେ ମଧ୍ୟ ଯାହା କମ୍ୟୁନିକେଟ୍ ହେବାର କଥା ତାହା ସ୍ୱୟଂ ସେହି କବିତା ଭିନ୍ନ ଅନ୍ୟ କିଛି ହୋଇପାରେ ନାହିଁ; ସେଥିରେ ଅବଶ୍ୟ ଚିନ୍ତା ଓ ଆନୁବଗାନୁଭୂତ ଅନ୍ତର୍ନିହିତ ଥାଆନ୍ତି,[୬୦] ଠିକ୍ ଯେମିତି ସୁପକ୍ୱ ସୁମିଷ୍ଟ ରସାଳ ଫଳରେ ଶର୍କରା ଓ ଖାଦ୍ୟପ୍ରାଣ ମହଜୁତ ଥାଆନ୍ତି । ତେଣୁ ଆମେ କବିତା କ୍ଷେତ୍ରରେ କମ୍ୟୁନିକେସନର ବୈଶିଷ୍ଟ୍ୟ ବୁଝାଇବାକୁ ତାକୁ ରୂପ ଭୂଷଣ ବୋଲି କହୁଛୁ । ତାହା ଭାବଜ୍ଞାପନ କରିବାକୁ ଯାଇ କବିତା ହୋଇଉଠେ ଓ ଭାବ ଉଦ୍ରେକ କରେ । କହିବା ଓ ହେବା ପରସ୍ପର ହୋଇ ଉଠନ୍ତି; ଭାଷାରେ ଗଢ଼ା ରୂପଟି ସ୍ୱମହିମାରେ ପ୍ରକାଶ ପାଏ । କବିତା ଭାଷାଶିଳ୍ପ । ତେଣୁ ରୂପଟି ତା'ର ବାଙ୍ମୟ ନ ହୋଇ ଅନ୍ୟ କିଛି ହେବାର ସମ୍ଭାବନା ନାହିଁ । ଭାଷା ରୂପର ଉପାଦାନ ମାତ୍ର ନୁହେଁ, ସ୍ୱୟଂ ରୂପସ୍ରଷ୍ଟା ମଧ୍ୟ । ରୂପହିଁ ଭାଷା ଓ ଭାଷାହିଁ ରୂପ; ଠିକ୍ ଯେପରି ତରଙ୍ଗହିଁ ଜଳ ଓ ଜଳହିଁ ତରଙ୍ଗ । ଏଠାରେ କାରଣହିଁ କାର୍ଯ୍ୟ ଓ କାର୍ଯ୍ୟହିଁ କାରଣ, ଯେହେତୁ କାର୍ଯ୍ୟର ଅବ୍ୟକ୍ତ ଅବସ୍ଥାକୁ କାରଣ କୁହାଯାଇଥାଏ ମାତ୍ର । ଅବଶ୍ୟ କାବ୍ୟଭାଷା ଏକ ସ୍ୱତନ୍ତ୍ର ଭାଷା । ପ୍ରାତ୍ୟହିକ ଜୀବନର ଭାଷା ସହିତ ତାହାର ବିରୋଧ ବଡ଼ ପ୍ରତ୍ୟକ୍ଷ । ଶ୍ରୀରଥଙ୍କ ଭାଷାରେ ପ୍ରାତ୍ୟହିକ ଜୀବନର ଭାଷା 'ଡାହାମିଛ' (ଭାଷା ମିଛ କଥାଙ୍କର ସଙ୍ଗୀନ୍'), କାବ୍ୟଭାଷା କିନ୍ତୁ ସତ୍ୟ ଓ ସାର୍ଥକ । ସେଇଥି ପାଇଁ ସେଦିନ କବି ରବୀନ୍ଦ୍ର କହି ରଖିଛନ୍ତି, ପ୍ରାତ୍ୟହିକ ଭାଷା ଯେବେ ପ୍ରକାଶ ହୁଏ, କାବ୍ୟଭାଷା ମୂକ (ମାନୁଷେର ବୋଧେର ବେଗ ଯଖନ ବାଁଧା ମାନେ ନା/ବାହନ କରତେ ଯାୟ କଥାକେ/ତଖନ ତା'ର କଥା ହୟ ଯାୟ ବୋବା) । ପ୍ରାତ୍ୟହିକ ଭାଷାର ଯେଉଁସବୁ ଶବ୍ଦ

---

୬୦ । If poetry is a form of communication, yet that which is to be communicated is the poem itself and only incidentlly the experience and the thought that have gone into it.—Eliot.

Digitized by PPRACHIN, SOA

ବ୍ୟବହାର କରି କଥାବାର୍ତ୍ତାରେ କି ଦାର୍ଶନିକ ତଥା ବୈଜ୍ଞାନିକ ପ୍ରବନ୍ଧରେ ଯୁକ୍ତି ବିସ୍ତାର କରାଯାଏ, ସେହିସବୁ ଶବ୍ଦରେ କବିତା ଗଢ଼ାଯାଏ ଅବଶ୍ୟ । ଯେଉଁ ହାତଗୋଡ଼ ହଲାଇ ମଣିଷ ବୁଲେ, ସେହି ହାତଗୋଡ଼ ହଲାଇ ମଧ୍ୟ ସେ ନାଚେ । ପ୍ରାଥମିକ ଉପକରଣ ଉଭୟର ସମାନ । ମାତ୍ର ବ୍ୟବହାର କ୍ଷେତ୍ରରେ ଯୋଜନ ଦୂରତ୍ୱ ବର୍ତ୍ତମାନ । ପ୍ରବନ୍ଧରେ ଯାହା ଯୁକ୍ତିର ପ୍ରଣାଳୀ, ତାହା କବିତାରେ ହୋଇଉଠେ ରୂପର ପ୍ରଣାଳୀ । ତାହା ପୁଣି ଅର୍ଥସହ ମାତ୍ର ନୁହେଁ ଚିତ୍ର ସଙ୍ଗୀତ ପର୍ଯ୍ୟନ୍ତ ମଧ୍ୟ । ତାହା କବିଙ୍କ ଅନ୍ତର୍ଭେଦୀ ଉପଲବ୍ଧିର ଅନନ୍ୟତା ସନ୍ଧାନରେ ସମୁଦ୍ୟତ ଥାଏ— ଯାହାକୁ କହନ୍ତି 'to render the impossible credible'. (Vico) । କବି କୀଟସ୍ ତାର ନାମ ରଖନ୍ତି true voice of feeling କବିଙ୍କ ହୃତ୍ସ୍ପନ୍ଦନର ତାଳେ ତାଳେ ନିୟନ୍ତ୍ରିତ ହୋଇ ଏଠି ଏକ ବିଶିଷ୍ଟ କଣ୍ଠସ୍ୱରରେ ରୂପାୟିତ ହୋଇପାଏ ଅନୁଭୂତିର ଭାଷା । ତାହାର ବିଶେଷତ୍ୱକୁ ଚିହ୍ନାଇବାକୁ କୁନ୍ତକ, ଇଂପସନ୍, ବ୍ଲାକ୍‌ମୁର୍, ରାନସମ୍ ଓ ବ୍ରୁକସ୍ ଯଥାକ୍ରମେ ବକ୍ରୋକ୍ତି, ambiguity, gesture, texture ଓ paradox ଶବ୍ଦ ବ୍ୟବହାର କରନ୍ତି । କବିଙ୍କ ସୃଜନ ପ୍ରତିଭା ଭାବ ଓ ଭାଷାର ସବୁ ସମ୍ଭାବନାକୁ ଆତ୍ମସ୍ଥ କରି ଯେଉଁ ସଜୀବ ଓ ଅଖଣ୍ଡ ବାକ୍ ଶରୀର ଗଢ଼ିଥାଏ ତାହାହିଁ ଏହି କାବ୍ୟରୂପ ବା କାବ୍ୟଭାଷା । 'word is made flesh' । ଏହି ଭାଷାରେ କଥ୍ୟରୀତି ଓ କାବ୍ୟରୀତି, ଗଦ୍ୟ ଓ ପଦ୍ୟ, ଅର୍ଥ ଓ ଧ୍ୱନି, ସ୍ୱର ଓ ଛନ୍ଦ, ଚିତ୍ର ଓ ସଙ୍ଗୀତ ତଥା ଚେତନ ଓ ଅବଚେତନ ମନ ମହା ସମନ୍ୱୟ ସୂତ୍ରରେ ବନ୍ଧିତ, ସବୁ ବୈପରୀତ୍ୟ ମଧ୍ୟ ଜୀବନ୍ତ ସାମଞ୍ଜସ୍ୟରେ ଉପନୀତ । ପ୍ରାଣବନ୍ତ କାବ୍ୟଭାଷା ପୂର୍ଣ୍ଣ ଚରିତାର୍ଥତାର ପ୍ରତିମା—The complete consort dancing together (Eliot.) ଏପରି ଭାଷାର ପୂର୍ଣ୍ଣ ପରିଚୟ ପ୍ରବିରଳ ବିଷୟ । ତେବେ ଯେଉଁଠି ଆମେ ଏହି ପୂର୍ଣ୍ଣତାର ପ୍ରତିଭାସ ଦେଖିବା, ସେଠାରେ କବିତା ସାର୍ଥକ ହୋଇଛି ବୋଲି କହି ପାରିବା । ଶ୍ରୀରଥଙ୍କ କବିତାରେ ଏହି ଚରିତାର୍ଥତାର ପ୍ରତିଭାସ ଅଛି । ସେହି ସୂତ୍ରରେ ଆମେ ତାଙ୍କର ଅଧିକାଂଶ କବିତାର ରୂପକୁ ଉତ୍ତୀର୍ଣ୍ଣ ଓ ପୂର୍ଣ୍ଣତାଧନ୍ୟ ବୋଲି ଘୋଷଣା କରୁଛୁ । ଆମ ସମାଲୋଚନା ମଧ୍ୟ ପୂର୍ଣ୍ଣତା ସଚେତନ ହେବାକୁ

Digitized by PPRACHIN, SOA

ବାଧ ଉଦୁଛି । ରୂପ ବିଶ୍ଳେଷଣ କଲାବେଳେ ସେହି ରୂପର ପୂର୍ଣ୍ଣତାକୁ ଠିକ୍ ଦେଖାଇ ହେବ ନାହିଁ, କାରଣ ତାହା କେବଳ ଅଖଣ୍ଡ ଅବିଭାଜ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ଉତ୍ତୀର୍ଣ୍ଣ କବିତାଟିରେହିଁ ବିଦ୍ୟମାନ । କବିତା କାହିଁକି ଓ କିପରି ସୁନ୍ଦର ଓ ଆନନ୍ଦଦାୟକ ତାହା ବୁଝିବାକୁ ଯାଇ ଆମେ ତାର ବିଭିନ୍ନ ଉପାଦାନ ଓ ଉପକରଣକୁ ପରସ୍ପରଠାରୁ ବିଚ୍ଛିନ୍ନ କରିପକାଉ । କାରଣଟି ବଡ଼ ପ୍ରାକ୍ଟିକାଲ । ଯାହା ଆମେ ଦେଖୁ ଓ ଉପଲବ୍ଧି କରୁ ସେ ସବୁକୁ ଏକାବେଳକେ କହି ହୁଏ ନାହିଁ, ଏକାବେଳକେ ଦୁଇଟି ପୂର୍ଣ୍ଣାଙ୍ଗ ବାକ୍ୟ ମଧ୍ୟ ଭାବିହୁଏ ନାହିଁ । ଯେଉଁସବୁ ଉପାଦାନ ଉପକରଣ କବିତାକୁ ସୁନିପୁଣ ବୟନ କୌଶଳରେ ଗଢ଼ିଛି ସେସବୁକୁ ପରସ୍ପରଠାରୁ ଅଲଗା କରି ବିଶ୍ଳେଷଣ କରିବାକୁ ହେଲେ ଅସଲ ଜିନିଷଟିକୁ ହରାଇବସୁ, ଯାହା ସେହି ରୂପର ପ୍ରାଣ—ଯାହା ସେହିସବୁ ଉପାଦାନ ଉପକରଣକୁ ସମୁଚିତ ଏକ ଅବିଭାଜ୍ୟ ଅଖଣ୍ଡତା ଦାନ କରୁଛି । କେହି କ'ଣ ବେଙ୍ଗଟିଏ ବା ଠେକୁଆଟିର ଅଙ୍ଗପ୍ରତ୍ୟଙ୍ଗ କାଟି ବିଶ୍ଳେଷଣ କଲାବେଳେ ତା'ର ପ୍ରାଣଟିକୁ କାଢ଼ି ରୂପର ଅନ୍ୟତମ ଅଂଶ ବୋଲି ଉପସ୍ଥାପନ କରିପାରେ ? ବରଂ ପ୍ରାଣଟିକୁ ବାଦଦେଲେ ଯାଇଁ ସବୁ ଅଙ୍ଗପ୍ରତ୍ୟଙ୍ଗକୁ ଚିହ୍ନ ଚିହ୍ନ କରି ବିଶ୍ଳେଷଣ କରିହୁଏ । ତେବେ ସୁଖର କଥା ଯେ କବିତାର ଫର୍ମ ବିଶ୍ଳେଷଣ କଲାବେଳେ ଠିକ୍ ଅନୁରୂପ ଭାବରେ ପ୍ରାଣଟିକୁ କାଢ଼ି ନିଆଯାଏ ନାହିଁ । ତେଣୁ ବିଶ୍ଳେଷଣ ପରେ ମଧ୍ୟ କବିତା ଯେମିତି ଅଖଣ୍ଡ ଅବିଭାଜ୍ୟ ଭାବରେ ପ୍ରାଣବନ୍ତ ଥିଲା ସେମିତି ଥାଏ, ଯଦିଓ ଶେଷ ପର୍ଯ୍ୟନ୍ତ ସେହି ପ୍ରାଣର ସ୍ୱରୂପଟିକୁ ଭାଷାରେ ଠିକ୍ ବୁଝାଇ ହୁଏ ନାହିଁ । ପ୍ରାଣ ପ୍ରକୃତରେ ଉପଲବ୍ଧିର ସାମଗ୍ରୀ, ସେଥିରେ ବୁଝିବାରେ କରୁ ନାହିଁ । ଆମେ ଏଠାରେ ଶ୍ରୀ ରଥଙ୍କ କବିତାର ରୂପର ଛନ୍ଦଅଳଙ୍କାରାଦି (physical form) ଓ ଚିତ୍ରକଳ୍ପ ପାଠନାଦି (mental form) ବିଶ୍ଳେଷଣ କଲାବେଳେ ସେହି କବିତାର ଅବିଭାଜ୍ୟ ଐକ୍ୟ ଓ ଅଖଣ୍ଡତାକୁ ସ୍ମରଣ ରଖିଛୁ । କ୍ଲାଇବ୍ ବେଲ୍‌ଙ୍କ କଥା ଭୁଲିବାର ନୁହେଁ, 'in a work of art....the value of the parts combined into a whole is far greater than the value of the sum of the parts (Art) । ଅଖଣ୍ଡ ଉତ୍ତୀର୍ଣ୍ଣ ରୂପରେ ହିଁ କବିତାର

ମର୍ଯ୍ୟାଦା । ପଢ଼ିଲାବେଳେ ଆମକୁ ତେଣୁ ତାଙ୍କୁ କବିଙ୍କର ସେହି ଶବ୍ଦ ଓ ଛନ୍ଦରେ ନିଜ ବୋଧ ଓ ଅଭିଜ୍ଞତାର କେନ୍ଦ୍ରରେ ଅଖଣ୍ଡ ଭାବରୂପ ରୂପେ ଆଉଥରେ ସୃଷ୍ଟିକରି ନେବାକୁ ହୁଏ—The process of sitting to understand a poet is precisely that of constructing his poems in one's own mind. (W. Empson) । ଆଉ ଥରେ ସୃଷ୍ଟି କରିବାର କ୍ଷମତା ନ ଥିଲେ କବିତାର ରୂପସୌନ୍ଦର୍ଯ୍ୟ ଆଦୌ ଉପଲବ୍ଧି କରି ହେବ ନାହିଁ ।

କବି ଓ୍ୱାର୍ଡସ୍‌ଓ୍ୱାର୍ଥ ସେଦିନ କହିଥିଲେ, a poet is a man speaking to men. ଆଜି କବିଙ୍କ ସଂଜ୍ଞା ବଦଳିଛି । କବି ହେଉଛନ୍ତି a wit speaking to wits. କବି ଧୀମାନ୍ । ସେ ପରିଶୀଳିତ ବୁଦ୍ଧିଯୁକ୍ତ ପାଠକଙ୍କ ପାଇଁ ବୈଦଗ୍‌ଧ୍ୟାଜ୍ଜ୍ୱଳ କବିତା ଲେଖନ୍ତି । ଫଳରେ କବିତାକୁ inaccessible to the crowd, and the luxury of a few ବୋଲି କହିବାକୁ କୁଣ୍ଠିତ ହୁଅନ୍ତି ନାହିଁ । ଏହି ଦୃଷ୍ଟିରୁ କବିତାର ରୂପ ବା ଶୈଳୀ ବଦଳିଛି । emotional apprehension of thought ଯେବେ ମେଟାଫିଜିକାଲ ଶୈଳୀର ଲକ୍ଷଣ ହୁଏ ତେବେ ଶ୍ରୀରଥଙ୍କ କବିତାର ରୂପ ମେଟାଫିଜିକାଲ । ତତ୍ତ୍ୱ ଉପଲବ୍ଧି କାବ୍ୟାବେଗର ଉପାଦାନ ହୋଇ ଉଠିଛି । କବିଙ୍କ ପଢ଼ାପଢ଼ି କବିତା ଭିତରକୁ ଆସିଛି, ଆବେଗର ଉଚ୍ଛଳତା ସାଙ୍ଗକୁ ଶ୍ଳେଷ ଓ ଅଣ୍ଡର ଷ୍ଟେଟ୍‌ମେଣ୍ଟର ଉଜ୍ଜ୍ୱଳତା ତଥା ମନନର ଗଠନତା ମିଶିଛି । [୩୧] ଭାବଚିନ୍ତା ବିନ୍ୟାସର ବର୍ଣ୍ଣନାତ୍ମକ କବିତାସୁଲଭ ଯୁକ୍ତିଗ୍ରଥିତ ପାରମ୍ପର୍ଯ୍ୟ (logical sequence) ପରିତ୍ୟକ୍ତ; ପରିବର୍ତ୍ତେ ବରି ନିଆଯାଇଛି ଚେତନାପ୍ରବାହର ଚିତ୍ରକଳ୍ପ-ଗ୍ରଥିତ ପାରମ୍ପର୍ଯ୍ୟ(logic of images)କୁ ।

---

୩୧ । ଅଣ୍ଡର ଷ୍ଟେଟ୍‌ମେଣ୍ଟ ହେଉଛି 'A form of irony in which something is intentionally represented as less than in fact is.' ଶ୍ରୀ ରଥଙ୍କ 'ଅଡଥିସନ୍ତାର' ଅଣ୍ଡର ଷ୍ଟେଟମେଣ୍ଟର ଏକ ଉତ୍କୃଷ୍ଟ କବିତା । ଲେଖକର 'ଆଧୁନିକ କାବ୍ୟଜିଜ୍ଞାସା : ଚିତ୍ରକଳ୍ପ' ଗ୍ରନ୍ଥରେ କବିତାଟିର ସମାଲୋଚନା ଅଛି । ଦ୍ରଷ୍ଟବ୍ୟ ପୃଷ୍ଠା ୩୫୦-୩୫୧ ।

Digitized by PPRACHIN, SOA

ଛନ୍ଦିତବଦ୍ଧ ଶବ୍ଦପ୍ରୟୋଗ ବେଶ୍ ବୈଦଗ୍ଧ୍ୟୋଜ୍ଜ୍ୱଳ, ସଂହତ ଆବେଗ ପରିଶୀଳିତ ବାକ୍ୟବିନ୍ୟାସ ଆମୂଳାନ୍ତ ବଡ଼ ତିର୍ଯ୍ୟକ । ଭାଷାର ସୌନ୍ଦର୍ଯ୍ୟ ଅପେକ୍ଷା ଶକ୍ତି ଅଧିକ । ଏଇଜନ୍ୟ ଭାଷଣପନ୍ଥୀ ସବୁଜ କବିତା ବା ପ୍ରଗତିବାଦୀ କବିତାର ଗଠନସୌକର୍ଯ୍ୟ, ଭାଷାବିନ୍ୟାସ ଶୃଙ୍ଖଳା ଓ ଭାବଚିନ୍ତାର ବ୍ୟବହାର ସିଦ୍ଧ ପର୍ଯ୍ୟାୟକ୍ରମ ମଧ୍ୟରେ ଯେଉଁ ଅର୍ଥଲୋଲୁପ ପାଠକବର୍ଗ ଲାଳିତ, ସେମାନଙ୍କ ପକ୍ଷରେ ଆମ ଯୁଗଚୈତନ୍ୟ ପ୍ରତି ବିଶ୍ୱସ୍ତ ଶ୍ରୀରଥଙ୍କ ଏହି ପ୍ରକାଶଭଙ୍ଗୀ ଅସ୍ପଷ୍ଟ ଓ ଦୁର୍ବୋଧ ହୋଇ ଉଠିବା ବିଚିତ୍ର ନୁହେଁ । ଦୁର୍ବୋଧତା କବିତାର ଅନ୍ୟତମ ଗୁଣ, ଯଦିଓ ନିଜ ଗୁଣରେ ତାହା କେବେ ପ୍ରଶଂସାର୍ହ ନୁହେଁ । କବିତା ପ୍ରଚଳିତ ବାକ୍ ପଟୁତାରେ ନିଜର ସମସ୍ତ ଅର୍ଥକୁ ନିଃଶେଷ କରି କେବେ ପ୍ରକାଶ କରେ ନାହିଁ । ଦୁର୍ବୋଧତା ଯେବେ ଇଙ୍ଗିତର ବିଚ୍ଛୁରଣ ହୁଏ, ବସ୍ତୁ ତାତ୍ପର୍ଯ୍ୟର ଅନୁରଣନ ହୁଏ, ତେବେ ତାହା କବିତାର ସ୍ୱଧର୍ମ । ତାହାକୁ ବାଦ ଦେଇ ଭଲ କବିତା ଲେଖି ହୁଏନାହିଁ । ଅଧିକନ୍ତୁ ବ୍ୟବହାରଜୀର୍ଣ୍ଣ ଓ ବିବର୍ଣ୍ଣ ପ୍ରଚଳିତ ଭାଷାରେ ନୂଆ ଅଭିଜ୍ଞତାକୁ ପ୍ରକାଶ କରିହୁଏ ନାହିଁ । ଆମର ପ୍ରତ୍ୟେକଟି ଅଭିଜ୍ଞତା—ଚେତନାର ପ୍ରତ୍ୟେକଟି ମୁହୂର୍ତ୍ତ ନୂଆ । ନୂଆ ଅଭିଜ୍ଞତାର ପ୍ରକାଶ ପାଇଁ ନୂଆ ଭାଷା ପ୍ରୟୋଜନ । ପ୍ରତ୍ୟେକ କବିଙ୍କର ବ୍ୟକ୍ତିତ୍ୱ ପୁଣି ଅନନ୍ୟ ଓ ଅଭିନବ । ଏଡ଼ମଣ୍ଡ ଉଇଲସନଙ୍କ ଭାଷାରେ କହିଲେ, 'each of his moments has its special tone, its special combination of elements. (Axel's Castle) ସେହି ଅନନ୍ୟ ବ୍ୟକ୍ତିତ୍ୱ ଓ ବିଶିଷ୍ଟ ଅଭିଜ୍ଞତାକୁ ପ୍ରକାଶ କରିବାକୁ ସମର୍ଥ ହେଉଥିବା ଭାଷା ତେଣୁ ପ୍ରତ୍ୟେକ କବିଙ୍କୁ ନୂଆ କରି ଉଦ୍ଭାବନ କରିବାକୁ ହୁଏ । ଏପରି କ୍ଷେତ୍ରରେ ନୂଆ ଭାଷାର ଦୁର୍ବୋଧତା କବିଙ୍କର ଅଭିପ୍ରେତ ନୁହେଁ କି ଅପରିତ୍ୟାଜ୍ୟ ନୁହେଁ, ତାହା ଏକାନ୍ତ ଅବଶ୍ୟମ୍ଭାବୀ କଥା । ନିଜ ସମୟ ପଟ୍ଟଭୂମିରେ କବି ମଧ୍ୟ ସବୁଠାରୁ ଅଧିକ ଜୀବନ୍ତ ଓ ସଜାଗ—He is, as it were, at the most conscious point of the race in his time କବିତାର ଭାଷା ତାଙ୍କର ଅଭିଜ୍ଞତାର ଭାଷା, ଯେଉଁଠି ତାଙ୍କ ସଚେତନତା ଓ ପ୍ରକାଶ ମାଧ୍ୟମ ଭାଷା ଏକ ଓ ଅଭିନ୍ନ ହେବାକୁ ବାଧ୍ୟ—

Digitized by PPRACHIN, SOA

not merely because we should not know of the one without·the other, but because his power of making words express what he feels is indistinguishable from his awareness of what he feels."[୩୨] ସେହିମାନେ ଆମ ସମୟର ବାସିନ୍ଦା ନୁହନ୍ତି ସେମାନେ ତେଣୁ ଶ୍ରୀରଥଙ୍କ ଭାଷାକୁ ବୁଝିବେ କିପରି ? କବିଙ୍କ ସତ୍ୟାଗ୍ରହ ଓ ଶବ୍ଦାଗ୍ରହ ଏକାକଥା ।

ଶ୍ରୀରଥଙ୍କ କବିଜୀବନ ଉତ୍କଣ୍ଠ ଭ୍ରମଣଧର୍ମୀ କବିତାରୁ ଆରମ୍ଭ । କବିମନ ଥିଲା ଭାବୋଚ୍ଛଳ, ଆବେଗ ପ୍ରବଣ, ସମ୍ବେଦନଶୀଳ ଓ ଉଦ୍ଦୀପନାପୂର୍ଣ୍ଣ । ଭାଷାଥିଲା ସାଧୁ ଓ ସ୍ୱଚ୍ଛ । ଛନ୍ଦ କ୍ଷିପ୍ର । ସ୍ୱର ବ୍ୟଙ୍ଗ ଓ ଲିପ୍ତୋଜ୍ଜ୍ୱଳ । କ୍ରମଶଃ ଭାବୋଚ୍ଛଳ ସେହି କବିମନଟି ତାଙ୍କର ରୂପଦକ୍ଷ କାବ୍ୟଶିଳ୍ପୀ ହାତରେ ନିଜକୁ ସମର୍ପଣ କରି ଦେଇଛି । 'ଅନେକ କୋଠରୀ' ବେଳକୁ ପୂର୍ବବର୍ତ୍ତୀ ଯୌବନାବେଗର ତରଳତା ଆଉ ଆଦୌ ନାହିଁ । ବିଷାଦାକ୍ରାନ୍ତ ଜୀବନଦୃଷ୍ଟିର ଗଭୀରତା କାବ୍ୟକୁ ତାଙ୍କର ରୂପାନ୍ତରିତ କରି ଦେଇଛି । ପ୍ରତିଭାପ୍ରଦୀପରେ ଏଣିକି ଧୀଶକ୍ତିର ଶିଖା ଜଳି ଉଠିଛି । ଜୀବନ ଓ ମୃତ୍ୟୁର ଅଖଣ୍ଡ ସଂଘର୍ଷରେ କମ୍ପମାନ ସତ୍ତାର ନିଗୂଢ଼ ଉପଲବ୍ଧି ଫଳରୁ ଉଦ୍ଭବରେ ଆସିଛି ଅନାସ୍ୱାଦିତପୂର୍ବ ଏକ ଦାର୍ଶନିକ ବୃତ୍ତି ଓ ଭଙ୍ଗୀ । ଓଡ଼ିଆ କବିତାରେ ଭୂମିଷ୍ଠ ହୋଇଛି ଆଦ୍ୟନ୍ତ ତାତ୍ପର୍ଯ୍ୟକ ଗୂଢ଼ବାଣୀର ଗମ୍ଭୀର ଏକ ରମାକାନ୍ତୀୟ କାବ୍ୟଶୈଳୀ । ଏହି କାବ୍ୟଶୈଳୀ ତାଙ୍କ କବିତାର ଅଳଙ୍କରଣ ନୁହେଁ କି ଟେକ୍‌ନିକ୍ ମାତ୍ର ନୁହେଁ । ଏହା ତାଙ୍କ ବିଷୟବସ୍ତୁ, ମାନସ ପରିସ୍ଥିତି ଓ ଅନ୍ତର୍ଦୃଷ୍ଟିର ସ୍ୱଭାବ ଧର୍ମ, ତାଙ୍କର ବିଶିଷ୍ଟ ବ୍ୟକ୍ତିଗତ ଏକ ବିଶ୍ୱଜଗତର ଉଦ୍‌ଘୋଷଣ । ସେହି

---

୩୨ । Poetry and the Modern Wͻrld, New Bearings in English Poetry by F. R. Leavis. ଏହି ପ୍ରସଙ୍ଗରେ ଲିଭିସଙ୍କ ମନ୍ତବ୍ୟ ମନେ ରଖିବା ଭଲ । if the poetry and the intelligcnce of the age lose touch with eachother, poetry will cease to matter much, and the age will be lacking in finer awareness. ପୃ ୧୯-୨୦

Digitized by PPRACHIN, SOA

ସୂତ୍ରରେ ଏହି ଶୈଳୀ ଆମ ପାଇଁ ଅନୁଭୂତିର ଅନ୍ୟ ଏକ ନୂତନ ବିଶ୍ୱଜଗତର ଉନ୍ମୋଚନର ଆନନ୍ଦ ବହନ କରି ଆଣେ । ସାର୍ଥକ ଶୈଳୀ ଭାବାନୁଭୂତିଅଭିବ୍ୟକ୍ତିର ଏକ ବିଶେଷ ଶିଳ୍ପପଦ୍ଧତି ମାତ୍ର ନୁହେଁ, ଫ୍ଲବେୟାରଙ୍କ ଭାଷାରେ କହିଲେ ତାହା 'a way of seeing things.'

ସ୍ତବକଗଠନ, ଶବ୍ଦ ସଂଘଟନ, ଛନ୍ଦ ସଞ୍ଚାଳନ ଓ ଅଳଙ୍କରଣ କଥ୍ୟଭାଷାର ସଜୀବତା ତଥା ଗଦ୍ୟର ଦୃଢ଼ତା, ବନ୍ଧୁରତା ଓ ମୁକ୍ତଗତି ଆତ୍ମସ୍ଥ କରି ଶ୍ରୀରଥଙ୍କ କବିତାରେ ନବତର ବ୍ୟଞ୍ଜନାଶକ୍ତି ଅର୍ଜନ କରିଛି । ପ୍ରଥମରୁ ଯେ ଏଲିୟଟ୍‌ଙ୍କୁ ସ୍ମରଣ ରଖିଛନ୍ତି । ପ୍ରଭାବ ସୁସ୍ପଷ୍ଟ ଓ ଶୁଭ । କବିତାକୁ ଗଦ୍ୟପରି ସୁଲିଖିତ ହେବାକୁ ହେବ, ତାକୁ ଗଦ୍ୟଭାଷାର ଆଦର୍ଶ ବରିବାକୁ ହେବ—କବି ଓ୍ୱାର୍ଡସ୍‌ୱାର୍ଥ ଓ ଏଜରା ପାଉଣ୍ଡ ସେହି ଯେଉଁ ଦାବୀ କରି ଆସିଛନ୍ତି, ସେଥିରେ ଅତ୍ୟୁକ୍ତିର ମାତ୍ରା କିଛି କମ୍ ନ ଥିଲା । ସେହି ଦାବିକୁ ସମସ୍ତ ଅତ୍ୟୁକ୍ତିରୁ ମୁକ୍ତ କରି ଗ୍ରହଣ କରିଥିଲେ କବି ଏଲିୟଟ୍ । ତାଙ୍କର କାବ୍ୟଭାଷା ଥିଲା ସେଦିନ ଆମ କବିଙ୍କ ଆଦର୍ଶ । କଥ୍ୟଭାଷାର ସଜୀବ ସ୍ପର୍ଶରୁ କବିତା ଦୂରରେ ରହି ନ ପାରେ । କିନ୍ତୁ କଥ୍ୟଭାଷା ଯେ କାବ୍ୟଭାଷାର ଆଦର୍ଶ ନୁହେଁ, ଏକଥା ସେ ଏଲିୟଟଙ୍କ ପରି ଜାଣନ୍ତି । କଥ୍ୟଭାଷାର ପ୍ରାଣଶକ୍ତି ଅଛି ନିଶ୍ଚୟ । ମାତ୍ର ସେଥିରେ କାବ୍ୟଭାଷାର ଘନତ୍ୱ, ସ୍ଥାୟିତ୍ୱ ଓ ସାମଞ୍ଜସ୍ୟ ତଥା ପରିମିତି କାହୁଁ ଆସିବ ? ଠିକ୍ ସେହିପରି ଗଦ୍ୟର ଗଠନରୀତି ମଧ୍ୟ କାବ୍ୟଭାଷାର ଆଦର୍ଶ ହୋଇ ନ ପାରେ । କିନ୍ତୁ ସୁଲିଖିତ ଗଦ୍ୟର ଗୁଣାବଳୀ (Virtues of good prose) ଯେ କାବ୍ୟଭାଷାର ଶ୍ରୀ ଓ ଶକ୍ତି ବଢ଼ାଇ ଦେବ, ଏଥିରେ ସନ୍ଦେହ କରିବାର କିଛି ନାହିଁ । କଥ୍ୟ ଭାଷା ଓ ଗଦ୍ୟଗଠନରୀତି କାବ୍ୟଭାଷାର ଆଦର୍ଶ ନୁହନ୍ତି, ତାହା ଉପଜୀବ୍ୟଉପକରଣ ମାତ୍ର । କାବ୍ୟ ଯେବେ ଏକ ସୃଷ୍ଟି ହୁଏ, ତେବେ ଏହି ଉପଜୀବ୍ୟ-ଉପକରଣର ଅତ୍ୟୟରେହିଁ କାବ୍ୟଭାଷାର ସମଗ୍ରତା ଉଦ୍ଭୂତ ହୋଇଥାଏ । ସୃଷ୍ଟି ମାନେ ଉପଜୀବ୍ୟଉପକରଣର ଅତ୍ୟୟ ନୁହେଁ କି ? କବି ଏଲିୟଟ୍ ମୁକ୍ତଛନ୍ଦ, କଥ୍ୟଭାଷା ଓ ସୁଲିଖିତ

Digitized by PPRACHIN, SOA

ଦୋଗଠନଶକ୍ତିକୁ ଆତ୍ମସାତ କରିଥିବା କାବ୍ୟଭାଷା ଦ୍ୱାରା କାବ୍ୟସୀମା ବିସ୍ତାରର ଯେଉଁ ପ୍ରସ୍ତାବ ରଖନ୍ତି, ଶ୍ରୀରଥ ଓଡ଼ିଆ କବିତାରେ ତାହାର ପରୀକ୍ଷା ଚଳାଉଛନ୍ତି । ସିଦ୍ଧି ତାଙ୍କର ଅସାମାନ୍ୟ । ପ୍ରଥମେ ତାଙ୍କ କାବ୍ୟ ଭାଷାରେ ଗଦ୍ୟଗନ୍ଧୀ ଶବ୍ଦବାହୁଲ୍ୟ ତଥା ଗଦ୍ୟଭାଷାର ଯୁକ୍ତି ଓ ବଳିଷ୍ଠତା ଆଣିବାକୁ ଓ, ଏବଂ, ତେବେ, ମଧ୍ୟ, ଅଥଚ, ତଥାପି, ଯଦିଓ, ସୁତରାଂ ଯେହେତୁ, ବୋଧହୁଏ, ସମ୍ଭବତଃ ଆଦି ଅବ୍ୟୟର ପ୍ରଚୁର ବ୍ୟବହାର ଦ୍ରଷ୍ଟବ୍ୟ ରହେ ନାହିଁ । ଏପରିକି ଅନେକତ୍ର ପ୍ରଥମତଃ, ଦ୍ୱିତୀୟତଃ କ୍ରମରେ ଯୁକ୍ତି ସଜ୍ଜିତ ରହିଛି, ଯେମିତି poetry ought to be as well written as prose. ଫଳରେ ଭାଷା ବକ୍ତବ୍ୟବାହୀ ହୋଇ ପଡ଼ୁଛି, ପଦବିନ୍ୟାସରେ ବୈଚିତ୍ର୍ୟ ରହୁ ନାହିଁ । ଏକ ପ୍ରକାର ବାକ୍ୟବିନ୍ୟାସ (sameness of line structure) ଅନେକତ୍ର କବିତାକୁ ବକ୍ତୃତୈକ୍ୟଗ୍ରସ୍ତନର ଅବସାଦରେ ପକାଉଛି । ଭାଷା ବ୍ୟବହାର କୌଶଳ ଓ ପଦବିନ୍ୟାସ ଶକ୍ତିକ୍ଷେତ୍ରରେ ଶ୍ରୀରଥ ଆଜି ଏକକ ନିସ୍ପୃହ । ନିଜର ପ୍ରେରଣାକୁ ଏକମାତ୍ର ଅବଲମ୍ବନ ରୂପେ ଧରି ସେ ନିଜ ବାଟରେ ଚାଲନ୍ତି, ଲୋକଙ୍କ ଚାହିଦାକୁ ଚାହାନ୍ତି ନାହିଁକି ବିରୁଦ୍ଧ ସମାଲୋଚନା ଦ୍ୱାରା ଭାବିତ ହୁଅନ୍ତି ନାହିଁ । ଏତଦ୍ଦ୍ୱାରା ସେ ଅବାଧ ହୋଇଛନ୍ତି ଯେପରି, ଠିକ୍ ସେପରି ନିଜ ସୃଷ୍ଟ ଭାଷାବଳୟ ମଧ୍ୟରେ ସୀମାବଦ୍ଧ ହୋଇପଡ଼ୁଛନ୍ତି । ଫଳ ସବୁବେଳେ ଭଲ ହେବାର କାରଣ ନାହିଁ । ସେ ଅଭ୍ୟାସର ଦାସତ୍ୱ ବରିଛନ୍ତି । ଦୀର୍ଘ ବ୍ୟବହାର ଜନିତ ବଦ୍ଧ ଆଚରିତ ଭଙ୍ଗୀ ଏକପ୍ରକାର ମ୍ୟାନରିଜମ୍ (mannerism) ବା ମୁଦ୍ରା-ଦୋଷରେ ପରିଣତ ହୋଇଛି । ଭାଷା ବ୍ୟବହାର, ଶବ୍ଦସ୍ଥାପନା ଓ ପ୍ରତୀକ ତଥା ଚିତ୍ରକଳ୍ପ ପ୍ରୟୋଗରେ ନୂତନତ୍ୱ ତାଙ୍କର ଉତ୍କର୍ଷିତ, ମାତ୍ର ଗୋଟିଏ ପଦ୍ଧତିର ଏକବାଗିଆ ଢଙ୍ଗ ଓ କେତେକ ଶବ୍ଦର କ୍ଳାନ୍ତିକର ପୁନରୁକ୍ତି ଯେଉଁ ମ୍ୟାନରିଜମ୍ ସୃଷ୍ଟି କରେ, ତାହାର ଅବଲେପ ପାଠକକୁ ଆଚ୍ଛନ୍ନ ନ କରେ ନୁହେଁ; କରେ । ଏବେ ସେ ହୁଏତ ନିଜର ମ୍ୟାନରିଜମ୍ ସମ୍ବନ୍ଧରେ ସଚେତନ ହୋଇଛନ୍ତି । ତାଙ୍କର ଗଦ୍ୟ-ମୋହ ଭାଙ୍ଗିଛି । ସେ ଯେପରି ବୁଝିଛନ୍ତି ପରିନିଷ୍ଠିତ ଗଦ୍ୟ କବିତାର ଆଦର୍ଶ ନୁହେଁ । ଅଭ୍ୟାସ ତାଙ୍କୁ ଶୃଙ୍ଖଳିତ କରି ପାରୁନାହିଁ । ସେ ଅଧିକତର ଶୈଳ୍ପିକ

Digitized by PPRACHIN, SOA

ବାସ୍ତବତା ଯେଉଁ କାବ୍ୟରଚନାରେ ପ୍ରବୃତ୍ତ ଅଛନ୍ତି । ଏବେ ତାଙ୍କ କବିତାଙ୍କୁ ଛନ୍ଦୋମୁକ୍ତିର ବନ୍ଧନରୁ ପୁନର୍ମୁକ୍ତିର ଔଦ୍ଧତ୍ୟ ଯେ କେହିବି ଲକ୍ଷ୍ୟ କରି ପାରନ୍ତି । ସେ ଗଦ୍ୟଛନ୍ଦର କବି ନୁହନ୍ତି; ମୁକ୍ତ ଛନ୍ଦର କବି । ଆମେ ତାଙ୍କ ଛନ୍ଦୋମୁକ୍ତିର ପରିପର ଅଭିଜ୍ଞତା ଦେଇ କ୍ରମପରିବର୍ତ୍ତିତ ଗତିପଥ ଲକ୍ଷ୍ୟ କରି ପାରିବା,

୧ । ମୋ ହସ କାନ୍ଥରେ ଝୁଲେ ଫ୍ରେମବନ୍ଧା ଛବି ପରି, ତମ
ଫଟୋଗ୍ରାଫ୍ ପାଖରେ ଓ ମିଶିଯାନ୍ତି ଦୁଇ ପ୍ରତିଧ୍ୱନି
ଗୋଟିଏ ଶବ୍ଦରେ ଯାହା କେତେବେଳେ କୌଣସି ପ୍ରାଚୀନ
କୁକୁର ଭୁକିବା ପରି ଶୁଭେ, ଏବଂ ଅନ୍ୟ କେତେବେଳେ
ହସ ପରି ଫାଟି ପଡ଼େ । ମୁଁ ହସିବା ବ୍ୟତୀତ କି କାମ
କରିବାକୁ ବାକି ଅଛି ? ଜୀବନରେ ଏମୁହୂର୍ତ୍ତସ୍ଥାନ
କ୍ୱଚିତ ଆସନ୍ତି, ଏହି ପାଖାପାଖି ଝୁଲୁଥିବା, ଆଉ
ଦେହକୁ ଦେହରେ ଘଷି ଉଲୁସିବା ପର୍ଦ୍ଦା ଆଡ଼ୁଆଳେ,
ନିର୍ଜନ ଖୁସିରେ ଅାକ୍ରାମାକ୍ରା ହେବା, ଏପରି ମୁହୂର୍ତ୍ତ
ସବୁବେଳେ ଆସେ ନାହିଁ, ସୁତରାଂ ସୂର୍ଯ୍ୟ ବୁଡ଼ିଯାଉ
ଓ ମୁଁ ତୁମ ଫଟୋଗ୍ରାଫ ଜାକିବି ମୋ ଗ୍ରୀବ ଉପରେ, ତା
ଓଠକୁ ଚୁମ୍ବନ ଦେବି, କମ୍ବା ଥାପୁଡ଼ାଇ ତା ପିଠିକୁ
କାନରେ କହିବି ତାର ସବୁବେଳେ ଏପରି ମୁହୂର୍ତ୍ତ
ଆସେ ନାହିଁ, କମ୍ବା ତାର କାନ୍ଦ, ଲୁହ, ଉତ୍କ୍ରାନ୍ତ ଅବସ୍ଥା
ଛଡ଼ି ଦେବି ଉଆଁଇ ଏ ବିଗ୍‌ବଳୟ ଦୋସରି ଜାଗାକୁ ।

—ସନ୍ଧ୍ୟା (ସନ୍ଧିଗ୍ଧ ମୃଗୟା)

୨ । ମୁଁ ଆସିଛି ଘୋଡ଼ାଚଢ଼ି, ଫଟେଇରୁ ଝାଳଗନ୍ଧ ହୁଏ ।
ନିଶ୍ୱାସର ଯୁଗଯୁଗ ଶୋଷ ଆସେ ଗୋଡ଼ ଟିପିଟିପି
ତମ ବାଳ ନିକଟକୁ । ପ୍ରଥମ ବର୍ଷାରେ
ଭିଜିଥିବା ବଣ ବାସ୍ନା ଗୋଛା ଗୋଛା କଇଁଫୁଲଙ୍କର
ବାସ୍ନା ଏବଂ ସମୁଦ୍ରେକ କସ୍ତୁରୀର ବାସ୍ନା ତୁମ ଅଥୟ ବାଳରେ

Digitized by PPRACHIN, SOA

ମୁଁ ଆସିଛୁ ଫିଙ୍ଗି ଦେଇ ଯାହାଥିଲା ଓଜନଦାର୍ ବା
ଅଖାଡ଼ୁଆ, କୋଠ୍‌କୁଣ୍ଡୀ, ପାକସ୍ଥଳୀ ଯକୃତ ପ୍ରଭୃତି
ମୁଁ ଆସିଛୁ ପର୍ବତଙ୍କ ଗୁଇଠଳେ ଶୋଇକରି ଏବଂ
ମୁଁ ଦେଖିଛୁ ପଶୁମାନେ ବ୍ରେସିୟର ଖୋଲିଦେଇ ଗଛକ ନାଚନ୍ତି
ସୋରଷ ଫୁଲଙ୍କ ଆର୍ଦ୍ର ଚଟାଣରେ, ମୁହଁରେ ମୁହଁକୁ
ଯୋଡ଼ିଦେଇ ରାସ୍ତାମାନେ କାନ୍ଦୁଥାନ୍ତି, ଘରମାନେ ବଂଶ ବିବରଣୀ
କହୁଥାନ୍ତି ଉପାସରେ ବସିଥିବା ଅନାଥ ଛୁଆଙ୍କୁ ।

—ଆତ୍ମୀୟ ଶତ୍ରୁତାର ସ୍ମୃତି କବିତା (ସପ୍ତମ ଋତୁ)

୩ । ତମେ ଲେଉଟାଇ ନେଲ
ନିଶ୍ୱାସ ମୋ ଚଳନ୍ତି ଦେହରୁ
କପାଳରୁ ଝାଳ ଏବଂ
ରକ୍ତ ସବୁ ଅଙ୍ଗ ପ୍ରତ୍ୟଙ୍ଗରୁ ।

ସକାଳର ଖରା ପରି
ମୋର ପିଲାଦିନ
ମରୁଭୂମି ପରି ମୋର
ନିଷ୍ଫଳ ଯୌବନ ।

ମଇଳା କେନାଲ ପରି
ଧମନୀ, ଅଶୁଭ
ରାତି ପରି ଭାଗ୍ୟ ଏବଂ ସ୍ୱପ୍ନ ମାନଙ୍କର
ଶୃଙ୍ଖଳା ଉଭିଦ ଦେଲ
ମୁଁ ମହିଷାସୁର ।

—ଦୁର୍ଗା (ସମାବେଶ, ପୂଜା’ ୧୯୭୭)

୪ । କାନ୍ଦ୍ କାନ୍ଦ୍ ଆକାଶର
ଦ୍ୱୋଳଖଦ୍ୟା ଫଳେ
ତମେ ମୁଁ ଏକାଠି ହେଉଁ

Digitized by PPRACHIN, SOA

ତମ ଆଖିପତା ଗୁଞ୍ଜ ଉଠେ
ତମ ଅପେକ୍ଷାରେ ପ୍ରତି
ଘାଘ ନିଶ୍ୱାସରେ
ଜନ୍ମାନ୍ତରରେ ଯାଉଚ ମାଡ଼ି
ମୋ ନଈ ପଠାରେ । ଇତ୍ୟାଦି

—ଅମ୍ଳୀୟଭୂତାର ତିନୋଟି ପର୍ଯ୍ୟାୟ (ଝଙ୍କାର, ଫେବୃୟାରୀ ୧୯୭୯)

ସ୍ୱବର୍ଣ୍ଣୈଥିଲା ନିରବୃତ୍ତି ପାଇଁ କବି ସଙ୍କେତ ଗଦ୍ୟଭାଷାର ତେଜସ୍ୱିତା ଓ ଓଜଗୁଣକୁ କାବ୍ୟକାୟା ଗଠନ କାମରେ ଲଗାଇଛନ୍ତି । ଅବଶ୍ୟ ତେବେ ଦୈର୍ଘ୍ୟ ନିଷ୍ଠୁରତାହୀନ ମୁକ୍ତଛନ୍ଦର ସ୍ୱାଧୀନ ଓ ଅନିର୍ଦ୍ଦେଶ୍ୟ ପଦକ୍ଷେପ ସାଙ୍ଗକୁ କ୍ରମଶଃ ଅନ୍ତଲଗ୍ନ ପଦ୍ୟଛନ୍ଦର ନିୟନ୍ତ୍ରଣୀ ବୃତ୍ତ ବଢ଼ିବାରେ ଲାଗିଛି । ଏଣିକି ଅନ୍ତ୍ୟମେଳ (rhyme) ନିୟମିତ ହେଉଛି । ଗଦ୍ୟପ୍ରସଙ୍ଗର ବକ୍ରରେଖା କମୁଛି । ସରସ ସହଜ ସ୍ୱାଚ୍ଛନ୍ଦ୍ୟ ବା easy grace ପ୍ରସରୁଛି । ଶେଷଟିରେ କବିତାର ସ୍ୱତନ୍ତ୍ର ରମାକାନ୍ତୀୟ ଚେହେରା ଆଉ ନାହିଁ କହିଲେ ଚଳେ । ଏଠାରେ ସ୍ମରଣ ରଖିବାକୁ ହେବ ଯେ, ଶ୍ରୀରଥଙ୍କ କବିତାରେ ଯେଉଁ ମ୍ୟାନରିଜମ ଆସି ଯାଇଥିଲା ତାହା ତାଙ୍କର ସ୍ୱାତନ୍ତ୍ର୍ୟକୁ ଠିକ୍ ଚିହ୍ନାଇ ଦେଉଥିଲା । କବିଙ୍କ ସ୍ୱାତନ୍ତ୍ର୍ୟ ବୁଝାଇ ଦେବା କିନ୍ତୁ କବିତାର ଏକମାତ୍ର ଦାମ ନୁହେଁ । ପ୍ରତ୍ୟେକ କବିତାରେ କବି ଯେ ଆଉ ଥରେ ନିଜକୁ ପ୍ରତିଫଳିତ କରିବେ, କବିତାକୁ ମଧ୍ୟ ଏହାର ସାକ୍ଷ୍ୟ ଦେବାକୁ ହେବ । ଶ୍ରୀରଥ ଅଭ୍ୟାସର ଗଣ୍ଡିରୁ ମୁକ୍ତ ହେଉଛନ୍ତି । ଭାଷା ସୁଯୌକ୍ତିକ ହୋଇ ମଧ୍ୟ କମ୍ କଳ୍ପରଞ୍ଜିତ ହେଉନାହିଁ । ମୁକ୍ତଛନ୍ଦର ଅନ୍ତଲଗ୍ନ ତରଙ୍ଗ ପାଠକ ମନରେ ଅପୂର୍ବ ନିଚ୍ଛିଷ୍ଟତା ଆଣୁଛି, ଅର୍ଥଗୂଢ଼ ସ୍ୱଳ୍ପଭାଷିତା ଇଙ୍ଗିତରେ ମଧ୍ୟ ସୁଦୂର ପ୍ରସାରୀ ରହୁଛି । 'ସନ୍ଧଗନ୍ଧ ମୃଗୟା' କାଳରୁ କବିଙ୍କ ଶିଳ୍ପ ଅଭିଯୋଜନା ଶକ୍ତିର ଦକ୍ଷତା ଓ ଆତ୍ମବିଶ୍ୱାସର ଯେଉଁ ଚିହ୍ନ ସୁସ୍ପଷ୍ଟ ହୋଇ ଉଠିଥିଲା, ତାହା କ୍ରମଶଃ ପରିଣତ ହେଉଛି, ପ୍ରକରଣର ଅନୁଚ୍ଛିଷ୍ଟ ଅଭିନବ ନୂତନତା ଉଜ୍ଜ୍ୱଳ ବିସ୍ମୟ ଦେଇ ଆମକୁ ଆପ୍ଲୁତ କରୁଛି ।

Digitized by PPRACHIN, SOA

ଶ୍ରୀରଥଙ୍କ କବିତାର ରୂପଶିଳ୍ପବିଶ୍ଳେଷଣ ସ୍ତରରେ ଆମେ ଏବେ ତାଙ୍କ କାବ୍ୟଭାଷାର ଶବ୍ଦ ଓ ବାକ୍ୟ ବିଚାର କରିବା, ଶେଷକୁ ପ୍ରତୀକ ଓ ଚିତ୍ରକଳ୍ପ ସମେତ ରୂପର ସମଗ୍ରତା ଦେଖିବା ।

ଶବ୍ଦ ଓ ବାକ୍ୟ :

କବିତା ଶବ୍ଦଶିଳ୍ପ । ରୂପଶିଳ୍ପର କ୍ଷମତା ତେଣୁ ଶବ୍ଦଭଣ୍ଡାର ନିର୍ଭର । ଆମ ପ୍ରାଚୀନ କବିଙ୍କ ଶବ୍ଦାନ୍ୱେଷଣା ବେଶ ଜଣାଶୁଣା ବ୍ୟାପାର । ଶ୍ରୀରଥ କିନ୍ତୁ ଶବ୍ଦାଢ୍ୟ ନୁହନ୍ତି । ତାଙ୍କର ଶବ୍ଦଭଣ୍ଡାର ବଡ଼ ସୀମିତ । ଶବ୍ଦାଢ୍ୟ ନ ହେବାଟା ଅବଶ୍ୟ ପ୍ରଶଂସାର୍ହ ନୁହେଁ । ବିପୁଳ ଅର୍ଥ ପାଇଁ ବିପୁଳ ଶବ୍ଦଭଣ୍ଡାର ଅନସ୍ୱୀକାର୍ଯ୍ୟ । ତେବେ ଶବ୍ଦ କାବ୍ୟରୂପର ଅନ୍ୟତମ ଉପକରଣ ମାତ୍ର । ଉପକରଣ ପ୍ରତି ମୋହ ବଢ଼ିଲେ ସମଗ୍ର ସୃଷ୍ଟିର ଅମର୍ଯ୍ୟାଦା ଘଟିବାର ଆଶଙ୍କାକୁ ଆମେ ଅତିକ୍ରମ କରି ପାରିବା ନାହିଁ । ଶବ୍ଦାଢ୍ୟ ହେବାର ବିପଦ ଭୋଗୁଛନ୍ତି ଆମର କବି ଉପେନ୍ଦ୍ର । ଭଲ କବିତାରେ ଢେର ଚମତ୍କାରିତା ପୃଥକ ଭାବେ ଦୃଶ୍ୟ କି ଶବ୍ଦ ହେବାର ନୁହେଁ । ସମଗ୍ର ରଚନାଟିର ସ୍ୱାଦ ମଧ୍ୟରେ ସବୁ ଶବ୍ଦ ସବୁ ସ୍ୱାଦର ସମନ୍ୱୟ ଅବଶ୍ୟ ବିଧେୟ । ଶ୍ରୀରଥଙ୍କ କ୍ଷେତ୍ରରେ ଶ୍ରମନିଷ୍ଠ ପଣ୍ଡିତଙ୍କ ଶବ୍ଦାନ୍ୱେଷଣା ନାହିଁ ସିନା, ସ୍ପର୍ଶକାତର କବିମାନସର ଶବ୍ଦାନୁଭୂତି କିନ୍ତୁ ପ୍ରବଳ । ଶବ୍ଦର ଅଭିନବତ୍ୱ, ଧ୍ୱନିସ୍ପନ୍ଦନ ଓ ଅର୍ଥଗାମ୍ଭୀର୍ଯ୍ୟ ପାଇଁ ସେ ଆନ୍ତରିକ ଅନୁଭୂତିର ଶାସନକୁ ଅବଜ୍ଞା କରନ୍ତି ନାହିଁ । ଆମେ କହିଛୁ ତାଙ୍କ ଶବ୍ଦାଗ୍ରହ ସତ୍ୟାଗ୍ରହର ନାମାନ୍ତର ମାତ୍ର । ସେ ନିଜର ଅଭିଜ୍ଞତା ସମ୍ବନ୍ଧରେ ବଡ଼ ସତର୍କ ଓ ସଚେତନ ଥାଆନ୍ତି; ସେହି ସନ୍ତର୍ପିତ ସତର୍କତା ଓ ସଚେତନତାହିଁ ତା'ର ପ୍ରକାଶ ମାଧ୍ୟମ ଶବ୍ଦ ସମ୍ବନ୍ଧରେ ତାଙ୍କର ଅବଧାନତାକୁ ନିୟନ୍ତ୍ରଣ କରିଥାଏ । ତାଙ୍କର ଶବ୍ଦ ତେଣୁ ଅଭିଜ୍ଞତାର ଶବ୍ଦ—ତାହା ଗୃହୀତ ବା ରଚିତ ନୁହେଁ, ସ୍ୱାଭାବିକ ଭାବରେ ଜାତ । ସେ ଅର୍ଥକୁ ଗୌଣ କରି ଶବ୍ଦର ବୈଚିତ୍ର୍ୟ କି ଆଡ଼ମ୍ବର ପାଇଁ ବ୍ୟାକୁଳ ହୁଅନ୍ତି ନାହିଁ, ବରଂ ଅନ୍ୱିଷ୍ଟ ଅର୍ଥରେ ଉପନୀତ ହେବାକୁ ସେ ଶବ୍ଦର ପ୍ରଚଳିତ

Digitized by PPRACHIN, SOA

ଅର୍ଥ ସୀମାକୁ ଲଂଘି ଯିବାକୁ ସଦା ସମୁଦ୍ୟତ ରହିଥାନ୍ତି । ତେଣୁ ସୀମିତ ଶବ୍ଦସମ୍ଭାର ତାଙ୍କ କାବ୍ୟରେ ଗୁରୁତର ବାଧା ହୋଇ ଦେଖା ଦେଇନାହିଁ । କବିତାରେ ଶବ୍ଦର ଅର୍ଥ ଅପେକ୍ଷା ଅର୍ଥର ଯଥାଯୋଗ୍ୟ ଶବ୍ଦ ହିଁ ବେଶି ଗୁରୁତ୍ୱପୂର୍ଣ୍ଣ । ତେଣୁ ଅଳ୍ପକେତୋଟି ପରିଚିତ ଶବ୍ଦରେ ମଧ୍ୟ ଭଲ କବିତା ଲେଖାଯାଇ ପାରେ । ଶ୍ରୀରଥ ପରିଚିତ ଶବ୍ଦରେ ବହୁତ ଭଲ କବିତା ଲେଖିଛନ୍ତି ମଧ୍ୟ, ତଥାପି ତାଙ୍କ ଶବ୍ଦଭଣ୍ଡାରର ସୀମିତତାକୁ ଆମେ ପ୍ରଶଂସା କରୁନାହୁଁ । ସୀମିତ ଶବ୍ଦଭଣ୍ଡାର ଏକ ପକ୍ଷରେ ତାଙ୍କ କବିତାରେ କେତେକ ଶବ୍ଦର କ୍ଲାନ୍ତିକର ପୁନରୁକ୍ତି ବଶତଃ ଏକାପ୍ରକାର ମ୍ୟାନରିଜମ୍‌କୁ ପ୍ରଶ୍ରୟ ଦେଇଛି; କେତୋଟି ଶବ୍ଦ ପ୍ରତି ସେ ମମତାବଦ୍ଧ ହୋଇ ପଡ଼ିଛନ୍ତି ଯଥା—ଅନ୍ଧାର, ବଧବା, ଭୁଜୁଡ଼ା, ତାରା, ଖରା, ନଈଁ, ହୋଦପାଣ୍ଡୁ, ହାକଦାର, ଜଙ୍ଗଲ ବା ଅରଣ୍ୟ ଓ ନିରୁଦ୍ଦିଷ୍ଟ ଇତ୍ୟାଦି । ଅନ୍ୟ ପକ୍ଷରେ ତାହା ଉଚିତ ଶବ୍ଦ ଅଭାବରେ ଉଦ୍ଦିଷ୍ଟ ଅର୍ଥକୁ ସଙ୍କୁଚିତ କରିବାକୁ ତାଙ୍କୁ ବାଧ୍ୟ କରିଛି, ତେଣୁ ଭାବପ୍ରକାଶରେ ଅଯଥା କ୍ଲିଷ୍ଟତା ଓ ଦୁର୍ବୋଧତା ଆସି ଯାଇଛି । ସୁଖର କଥା ଯେ, ଏବେ ଏଣିକି ଅଭିଜ୍ଞତାକୁ ତାଙ୍କର ଶବ୍ଦ କୁଳଉଛି, ଭାଷାରେ ଅନାୟାସ ମସୃଣତା ଦେଖା ଦେଉଛି, ଆପାତ ସୁବୋଧତା ମଧ୍ୟ ଚକ୍ଷୁ ଏଡ଼ାଇ ହାରୁନାହିଁ; ଯଦିଓ ସେହି ସୁବୋଧତାର ଅନ୍ତରାଳରେ ତଥାପି ଦୁର୍ଜ୍ଞେୟ ବ୍ୟଞ୍ଜନାରହସ୍ୟ କିଛି ସଦା ବିଦ୍ୟମାନ ।

ଶବ୍ଦଚୟନ କ୍ଷେତ୍ରରେ ଶ୍ରୀରଥ ସବୁ ପ୍ରକାର ଶୁଚିବାୟୁ ପରିହାର କରନ୍ତି । ଅଭିପ୍ରେତ ଅର୍ଥର ଅନୁକୂଳ ଯେ କୌଣସି ଶବ୍ଦ ସେ ବଡ଼ ସହଜରେ ବ୍ୟବହାର କରି ପାରନ୍ତି, ହେଉ ତାହା ତତ୍ସମ ତଦ୍ଭବ ଗ୍ରାମ୍ୟ କି ପାର୍ସିଆରବିକଇଂରାଜୀ ଶବ୍ଦ, ହେଉ ବା ସମ୍ବେଦନବାଚୀ କି ମନନଲବ୍ଧ ଶବ୍ଦ । ନୂତନ ଶବ୍ଦ ସୃଷ୍ଟି ନୁହେଁ, ଶବ୍ଦର ନୂତନ ସୃଷ୍ଟି ହିଁ ଅଭିପ୍ରାୟ । ନିଜକୁ ଓଡ଼ିଆ କବିତାରେ ପ୍ରତିଷ୍ଠିତ ଶାନ୍ତପନ୍ଥୀ ବାହାରକୁ ନେଇଯିବା ଚେଷ୍ଟା ତାଙ୍କର ଅବ୍ୟାହତ ରହିଛି । ଦେଶୀ, ବିଦେଶୀ ଓ ତତ୍ସମ ଶବ୍ଦର ମର୍ଯ୍ୟାଦାପୂର୍ଣ୍ଣ ମିଳନ ସମ୍ପାଦନରେ ତାଙ୍କର କୃତିତ୍ୱ ବେଶ୍ ଚିତ୍ତାକର୍ଷକ । ସେ ଜୀବନ୍ତ କଥ୍ୟଭାଷାରୁ ଶବ୍ଦ ସଂଗ୍ରହ କରନ୍ତି, ଅତ୍ୟନ୍ତ

Digitized by PPRACHIN, SOA

ସହଜ ମୁହଁର ଭାଷାରୁ ନିଜର ବିଶିଷ୍ଟ ଆବେଗାନୁଭୂତ ଉପଯୋଗୀ ଦେଶୀବିଦେଶୀ ଶ୍ଲୀଳଅଶ୍ଳୀଳ ଶବ୍ଦ ସଂଗ୍ରହ କରି କବିତାର ରୂପମୟ ଅଭିଜ୍ଞବ୍ୟକ୍ତିକୁ ସ୍ୱଚ୍ଛନ୍ଦ କରି ଦିଅନ୍ତି । କେଉଁ ଶବ୍ଦକୁ କେଉଁଠି କି ଭାବରେ ବସାଇଲେ ଭାବସାମ୍ୟ ବିନଷ୍ଟ ହେବନାହିଁ, ସେ ସମ୍ବନ୍ଧରେ ସେ ତୀକ୍ଷ୍ଣ ଦୃଷ୍ଟି ରଖନ୍ତି, ଗ୍ରାମ୍ୟ ଶ୍ରୁତିଦୁଷ୍ଟ ଶବ୍ଦଗୁଡ଼ିକର ରୁକ୍ଷତା ଓ ଅଶାଳୀନତାକୁ ତୀକ୍ଷ୍ଣ ତାତ୍ପର୍ଯ୍ୟକ ବିନ୍ୟାସ ଗୁଣରେ ମସୃଣ କରି ନିଅନ୍ତି । ତାଙ୍କ କବି-ସ୍ୱଭାବର ଉପଯୋଗୀ ଶବ୍ଦରୁ କେତୋଟି ନିଦର୍ଶନ ସ୍ୱରୂପ ଉଲ୍ଲେଖ କରୁଛୁ । ଫାର୍ସିଆରବିକ ଓ ଇଂରାଜୀ ଶବ୍ଦ ସେ ଅଭିଧାନରୁ ଆଣି ନାହାନ୍ତି, ଓଡ଼ିଆ ଭାଷାର ଐତିହ୍ୟସୂତ୍ରରୁ ପାଇଛନ୍ତି । ଇଂରାଜୀ ଶବ୍ଦ ମୁଷ୍ଟିମେୟ । ଯଥା :—ଜିପ୍, ଇଞ୍ଜିନ୍, ଜାକ୍, ଲିଭର, କାର୍, ଷ୍ଟେଶନ୍ ଲେଭଲ୍, ଲିଭିଞ୍ଜି, ପ୍ଲାଟୁନ୍, ବାଥ୍ରୁମ୍, କର୍ଫ୍ୟୁ, ଡେଣ୍ଟଲ୍, ଫାଉଣ୍ଟେନ୍ ଲେମନଚୁସ୍ ଇତ୍ୟାଦି । ଫାର୍ସି ଓ ଆରବିକ୍ ଶବ୍ଦ ସଂଖ୍ୟା ଅପେକ୍ଷାକୃତ ବେଶି । ଆରବିକ୍ ଶବ୍ଦ ଫାର୍ସି ଭାଷା ମାଧ୍ୟମରେ ଆମ ଭାଷାକୁ ଆସିଛି ବୋଲି ସେଗୁଡ଼ିକୁ ପରସ୍ପରଠାରୁ ପୃଥକ କରି ହୁଏ ନାହିଁ । ଆମେ ସବୁଗୁଡ଼ିକୁ ଫାର୍ସି ଶବ୍ଦ ବୋଲି କହୁଛୁ । ସେଗୁଡ଼ିକ ହେଲା ଲାଏକ୍, ଗାଏବ୍, ମୁଲଏମ୍, ପାଓ୍ୱାରବାଲା, ମାଫ୍, ହରଦମ, ବେଦମ୍, ବେକାୟୁ, ଘାଏଲ, ତାରଫ୍, ଲସ୍, ନଜର, ସାମିଲ୍, ବିଲକୁଲ୍, ଇଲକା, କାନୁସ୍ୱାର, ଇଜମାଲି, ମିଆଦ, ଅଜବ, ଲଫଙ୍ଗା, ଦିକ୍କାର, ଫୁରୁସତ୍ ଇତ୍ୟାଦି । ତଦ୍ଭବ ଓ ଦେଶଜ କଥ୍ୟଶବ୍ଦର ବ୍ୟବହାର ଯେମିତି ପ୍ରଚୁର ଠିକ୍ ସେମିତି ମଧ୍ୟ ଚମକପ୍ରଦ । ସଂଖ୍ୟା ଅଗଣନ : ପିଟ୍ଠ, ତେଲଚକ୍ଟା, ହାତପାନ୍ତା, ଗେଟ୍ହୁଲଇ, ଓଲ୍, ପୋଖତ, ଦିହ, ଫାଙ୍କା, ଆଇଁଷ, ଅପନ୍ତରା, ଗଳକଢ଼, ଫିମ୍ଫିମରା, ପାନସିଠା, କୋଚଟ, କୋଚରା, ଉଦୁଉଦୁ, ମାଇକିନା, ପେଟହିଁକାଳି, ହାଲିଆ, ନିଧଡ଼ିକ ଇତ୍ୟାଦି । ପତ୍ରରୁ ଯେପରି ଗଛ ଚିହ୍ନା ଯାଏ, ଠିକ୍ ସେପରି ଶବ୍ଦରୁ କବିଙ୍କର ଜୀବନଦୃଷ୍ଟିକୁ ଜାଣିହୁଏ । ଏହି ଶବ୍ଦଭଣ୍ଡାର ଆମ କବିଙ୍କ ମ୍ଲାନ ବିଷଣ୍ଣ ପ୍ରାୟାନ୍ଧକାର କ୍ଲାନ୍ତ ଜୀବନର ଆବହକୁ ଠିକ୍ ଉପସ୍ଥାପନ କରିଥାଏ । ଅପ୍ରଚଳିତ ଶବ୍ଦ କେତୋଟି ମଧ୍ୟ ସେ ପ୍ରାଚୀନ ସାହିତ୍ୟରୁ ସଂଗ୍ରହ କରିଛନ୍ତି । ପ୍ରାଚୀନ ଶବ୍ଦର ବ୍ୟାବହାରିକ ମୂଲ୍ୟ ଯେତେବେଳେ କମିଯାଏ, ସେତେବେଳେ

Digitized by PPRACHIN, SOA

ତା'ର ଆଳଙ୍କାରିକ ମର୍ଯ୍ୟାଦା ବଢ଼ିଯାଏ । ପ୍ରଭୁ, ଦେବଇଁ, ଦୃଢ଼ସିଦ୍ଧ, ଓ ବସ୍ତା ଆଦି କେତୋଟି ଶବ୍ଦ ପ୍ରୟୋଗର ନିପୁଣତା ପ୍ରସାଦଙ୍କୁ ଝର୍ପିଙ୍କ ଭାଷାର ଯେଉଁ କୌତୁକ ସୃଷ୍ଟି କରନ୍ତି ତାହା ବେଶ୍ ଚିତ୍ତାକର୍ଷକ । ଦୃଷ୍ଟାନ୍ତ ଦେଖନ୍ତୁ, (କ) ତମେ ଜଣେ ଇତର କୃଷକ/କୃତାଞ୍ଜଳି ପୁତେ ମୋତେ କହୁଅଛ ଚାଷାକର ପ୍ରଭୁ !/ମୁଁ ତଥାସ୍ତୁ କହି ଡାକେ କିଏ ଅଛ ଆରେ ପାଖଲୋକ/ଶୁଆଙ୍କୁ ମାରିବା ଭଲ । (ଅନନ୍ତ ଶୟନ) (ଖ) ବାକୁଡ଼ ନନ୍ଦନ କହେ ଏ ଅଙ୍ଗ ମୁଁ ଦେବଇଁ କେମନେ (ବାଘଗିଳା·ର) । ଦ୍ୱିଷ୍ପୃଷ୍ଟିରେ ଦେବଇଁ କ୍ରିୟା ପଦଟିର ପ୍ରୟୋଗ ନୈପୁଣ୍ୟରେ ଓଡ଼ିଆ ଭାଷାର ପ୍ରାଚୀନ ଅଥଚ ବର୍ତ୍ତମାନ କାଳରେ ପରିତ୍ୟକ୍ତ ପ୍ରିୟ ବାକ୍ୟଖଣ୍ଡଟିକୁ ବେଶ୍ ଉପଭୋଗ୍ୟ କରି ଦିଆ ଯାଇଛି ।

ପୁଙ୍ଖାନୁପୁଙ୍ଖ ଶବ୍ଦ ବିଶ୍ଳେଷଣ କରିବା'କୁ ଗଲେ ବିଶେଷ୍ୟ ଓ ସର୍ବନାମ ଅପେକ୍ଷା ଅବ୍ୟୟ, କ୍ରିୟାପଦ ଓ ବିଶେଷଣ ବ୍ୟବହାର କ୍ଷେତ୍ରରେ କବିଙ୍କର ଅନନ୍ୟତା ଆଖିରେ ପଡ଼େ । ତେବେ 'ତମେ' ସର୍ବନାମଟିକୁ ଅବମାନନା କରି ହୁଏ ନାହିଁ । ଏହି ତମେ କାହା ଉଦ୍ଦେଶ୍ୟରେ ପ୍ରଯୁକ୍ତ ଅନେକ ସମୟରେ ତାହା ଅସ୍ପଷ୍ଟ ହୋଇ ଉଠେ । ଅନେକତ୍ର ଅବଶ୍ୟ ଏହି ଅସ୍ପଷ୍ଟତା କବିତାର ସୌନ୍ଦର୍ଯ୍ୟ ବଢ଼ାଏ, ତା ମଧ୍ୟରେ ବହୁ ମାତ୍ରିକ ସମ୍ଭାବନା ଆଣି ଦିଏ । ଏହି ତମେ କେଉଁଠି ପ୍ରେମିକା, କେଉଁଠି ପତ୍ନୀ, କେଉଁଠି ବନ୍ଧୁ, କେଉଁଠି ଜନସମାଜ ହୋଇ ପାରେ, କେଉଁଠି ହୋଇପାରେ ମୃତ୍ୟୁ କି କବି-ମୁଁର ଅନ୍ୟ ଏକ ନାମ, ଠିକ୍ ଯେମିତି let us go then you and I' ର you । 'ତମେ' ଯାହା ପାଖରେ ଦପୁନ ତାଙ୍କୁ ନ ଚିହ୍ନିଲେ କବିତା ବୋଧଗମ୍ୟ ହୋଇ ନ ପାରେ । ଆମ କବି ପ୍ରେମ-କବିତା ଲେଖି ବସି ଯେତେବେଳେ ମୃତ୍ୟୁର କବିତାଟିଏ ଲେଖନ୍ତି କି ଠିକ୍ ତାର ଓଲଟା କରି ବସନ୍ତି ସେତେବେଳେ 'ତମେ' ମୁଖ୍ୟତଃ ପ୍ରିୟା କି ମୃତ୍ୟୁ ଉଦ୍ଦେଶ୍ୟରେ ପ୍ରଯୁକ୍ତ ହୋଇଥାଏ । ସର୍ବନାମଟି ପ୍ରତି ସତର୍କ ରହି ଶ୍ରୀରଥଙ୍କ କବିତା ପଢ଼ିବାକୁ ହୁଏ । ତାଙ୍କ କବିତାରେ ଗଦ୍ୟର ଯୁକ୍ତିଶୃଙ୍ଖଳା ଓ ବଳିଷ୍ଠତା ଆଣିବାକୁ ତଥା ବିତର୍କ ମୂଳକ କଥ୍ୟଖଣ୍ଡର ଭଙ୍ଗିମାକୁ ଉଜ୍ଜ୍ୱଳ କରିବାକୁ ଅଭ୍ୟାସର ବହୁଳ

Digitized by PPRACHIN, SOA

ବ୍ୟବହାର ଆମେ ଲକ୍ଷ୍ୟ କରିଛୁ । ଏବେ କ୍ରିୟାପଦ ଓ ବିଶେଷଣର ଗୁରୁତ୍ୱ କଳିବା । କବିତାରେ କ୍ରିୟାପଦର ଗୁରୁତ୍ୱ ଅନେକ । ଭଲ କବିଏ ଏହି କ୍ରିୟାପଦ ସାହାଯ୍ୟରେ ଅଧିକ ଚମତ୍କାରିତ୍ୱ ସୃଷ୍ଟି କରିଥାନ୍ତି । ୩୩ ଅଧିକନ୍ତୁ ଏହି କ୍ରିୟାପଦରୁ କବିଙ୍କ ମନୋଜଗତର ଭୂମିସ୍ଥାନ ନିର୍ଣ୍ଣୟ କରି ହୁଏ । ସେ ଅନୁଭବକୁ କିପରି ଦେଖନ୍ତି ତାହା ମଧ୍ୟ ଜାଣି ହୁଏ । ମନ୍ଥିବା, ମକଚିବା, ଦଗ୍ରିବା, ଉଣ୍ଡିବା, ଅଣ୍ଡାଳିବା, କଳିବା, କାକୁଳିବା, ପୋଇଁବା, ଭଜିବା, ଛିନ୍ନିବା, ଦୁଲୁକିବା, ଛିଗୁଲିଏବା, ଧାକ୍‌କା କରିବା, ଓ ବୋଳିବା ଆଦି କ୍ରିୟାପଦ ବ୍ୟବହାର କଥ୍ୟଭାଷାର ଗୁରୁତ୍ୱ ସୂଚାଏ, ପାଠକ ସହିତ ଅନ୍ତରଙ୍ଗ ହୁଏ, କବିଙ୍କ ଶ୍ଳେଷନଷ୍ଟ ବୁଦ୍ଧି ନିଜକୁ କିପରି ହାସ୍ୟକର କରି ଦେଖାଏ ସେହି କୌତୁକ ମଧ୍ୟ ବୁଝିହୁଏ । ତାଙ୍କ ଅପରିଣାମଦର୍ଶୀ ହୃଦୟ ନିଜର ଅମୃତ ଅଭିଳାଷକୁ ସମ୍ପୂର୍ଣ୍ଣ କରି ନ ପାରି କିପରି ଅକ୍ଷମ ଅନ୍ୱେଷା ଓ ଉତ୍ସାହ ପ୍ରକାଶ କରେ, ତାହା ସେ ଠୋକ୍‌କର ଖାଇବା, ଦଗ୍ରିବା, ଅଣ୍ଡାଳିବା, ଉଣ୍ଡିବା, ମନ୍ଥିବାଦି କ୍ରିୟାରୁ ସ୍ପଷ୍ଟ କରି ଦିଅନ୍ତି । କବିତା ହୁଏ ଆମ୍ଭ କୌତୁକମୟ । ଆଜ୍ଞ କେତୋଟି କ୍ରିୟାପଦର ପ୍ରୟୋଗ ଚମତ୍କାରିତା ଦେଖନ୍ତୁ,

୧) ପରିଶେଷେ ଗଛ ତାର ପତ୍ରଙ୍କର ବ୍ୟାଧି ମୁକ୍ତ ହୁଏ ।

୨) ଅପେକ୍ଷା ଗୃହରେ/ଇତସ୍ତତଃ ବୁଲୁଅଛି ପରିଚ୍ଛନ୍ନ ଇଞ୍ଜିନର ଡାକ।

୩) ସେ ଆଦୌ କିଛି ନୁହେଁ, ତାହା ଖାଲି ସମୟର ପୃଷ୍ଠା ବଦଳାଇବାର ଢଙ୍ଗ ।

୪) ସେ ଆଦୌ କିଛି ନୁହେଁ, ତାହା ଖାଲି ଗଛର ଶୁଖିଲା ପତ୍ରକୁ ଝାଡ଼ିବା ଢଙ୍ଗ ।

---

୩୩ । ମାର୍କୋର ବୋଲ୍‌ଟନଙ୍କ କଥା ମନେ ପକାଇବା, ' where as immature poet gains all his best effects of apt description from his adjectives, a mature great gains fewer effects from adjectives and more form verbs. (The Anatomy of Peotry ପୃଷ୍ଠା ୧୫୫)

Digitized by PPRACHIN, SOA

୫) ମୋ ଅରକ୍ଷ ଭବିଷ୍ୟତ ଖସିଯାଏ ଛଅଖଣ୍ଡି କାଠର ଭେଳାରେ ।

୬) ଘଣ୍ଟାଫେରେ ସେହି ଖ୍ରୀଷ୍ଟାବ୍ଦକୁ/ଯେବେ ସେ ତିଆରି ହେଲ ।

୭) ତମର ସମସ୍ତ ଜନ୍ମଦିନମାନ ଶୋଇଛନ୍ତି ଗୋଟିଏ ଧାଡ଼ିରେ
ଆପାଦ ମସ୍ତକ ଢାଙ୍କି ହୋଇ ନୂଆ ଧୋବ ଚଦରରେ ।

୮) କାନ୍ଥକୁ ଆଉଜି କେତେ ଦୀର୍ଘଶ୍ୱାସ ବସି ରହିଛନ୍ତି ।

୯) ଦୋଦପାଞ୍ଚ କୁହୁଡ଼ି ସାଙ୍ଗରେ/ଅନ୍ଧାର ଗୋଳେଇ ହୋଇ
ପୋଛୁଲଣି ଗଛଙ୍କ ଦେହରୁ/ଅବଶିଷ୍ଟ ସୂର୍ଯ୍ୟାଲୋକ ।

୧୦) ମୋର ପ୍ରାତ୍ୟହିକ ସ୍ମୃତିର ଉଦ୍‌ଭ୍ରାନ୍ତ/ଇତସ୍ତତଃ ବିଚରଣ
ଲମ୍ବିଯାଏ ଟେଲିଗ୍ରାଫ ତାର ପରି ଦିନେ/ଅଜାଣତ ସମାପ୍ତିର
ଖବର ଦିଗଙ୍କେ ।

୧୧) ଝିଅଟେ ତୋ ସୌନ୍ଦର୍ଯ୍ୟରେ ଆଚମ୍ବିତ ହୁଏ
ଇତିହାସ, ବାସିଗନ୍ଧ ଯୁକ୍ତିତର୍କଙ୍କର/ଆତ୍ମହତ୍ୟା କରେ ।

୧୨) ମେଘ ମନା ମାନେ ନାହିଁ/ଓଦା ଓଦା ନିଶ୍ୱାସରେ ଡାକେ
ବର୍ଷାର ଅତର ଲାଗି/ମୋର ମୃତ୍ୟୁ ହଠାତ୍ ମହକେ ।

ଇତ୍ୟାଦି ।

ଆମ କୁଳକ 'ବନ୍ଦୋକ୍ତିଜାତକ'ରେ ବିଶେଷଣ ବହୁଳତା ଉପରେ ଗୁରୁତ୍ୱ ଦିଅନ୍ତି । ଚମତ୍କାରିତ୍ୱ ସୃଷ୍ଟି ହୁଏ ବିଶେଷଣ ବହୁଳତା ଦ୍ୱାରା । କବି ଅନୁଭବକୁ ଯେପରି ଭୋଗ କରନ୍ତି ତାହାର ସାକ୍ଷ୍ୟ ଦିଏ ବିଶେଷ୍ୟପଦ; ବିଶେଷଣ ତାହା ସହିତ ଅଧିକନ୍ତୁ କବିଙ୍କ ପର୍ଯ୍ୟବେକ୍ଷଣ ଶକ୍ତିର ପରିଚୟ ଦିଏ, ସନ୍ଦର୍ଭିତ ବସ୍ତୁକୁ ଅଧିକ ସ୍ପଷ୍ଟତା ସହିତ ଚିହ୍ନାଇ ଥାଏ । ବସ୍ତୁତଃ ବିଶେଷଣ କବିଙ୍କ କଳ୍ପନା ଓ ଅନୁଭୂତିକୁ ପାଠକ ହୃଦୟରେ ଅଙ୍କିତ କରିଦିଏ । ବିଶେଷ୍ୟ ପଦ ଏକାକୀ ଏକ ଏକ ଜଟିଳ ଭାବଚିତ୍ର ଅଙ୍କନ କରିଥାନ୍ତି, ବିଶେଷଣ ସେହି ଜଟିଳ ଭାବଚିତ୍ରରୁ କବିଙ୍କ ଅଭୀଷ୍ଟକୁ ସ୍ପଷ୍ଟ କରିଦିଏ ଓ ଲାକ୍ଷଣିକ ଅର୍ଥଟିକୁ ଧରାଇ ପାରେ । ସୁକୁଶଳୀ ବିଶେଷଣ ନିର୍ବାଚନ ଓ ଚମକପ୍ରଦ ପ୍ରୟୋଗ ଉପରେ ଶ୍ରୀରଥଙ୍କ କବିତ୍ୱର ବୈଶିଷ୍ଟ୍ୟ ଚିହ୍ନିତ ରହିଛି । ନୂଆ ନୂଆ ବିଶେଷଣ ଦ୍ୱାରା ସେ ନୂଆ

Digitized by PPRACHIN, SOA

ଅଭିଜ୍ଞତାକୁ ଯଥାଯଥ ଭାବରେ ରମ୍ୟ ଓ ଆକର୍ଷଣୀୟ କରି ପାରନ୍ତି, ପ୍ରଥାସିଦ୍ଧ ବିଶେଷଣକୁ ଯଥାସ୍ଥାନରେ ବ୍ୟବହାର କରି ତା'ର ବିଗତ ଅର୍ଥମୂଲ୍ୟ ଓ ଅବଲୁପ୍ତ ମର୍ଯ୍ୟାଦା ଫେରାଇ ଦିଅନ୍ତି । ତାଙ୍କ ବିଶେଷଣ ବକ୍ତବ୍ୟକୁ କେବଳ ଯଥାଯୋଗ୍ୟ ଭାବରେ ଗଢ଼େ ନାହିଁ, ତାହାକୁ ଶ୍ଳେଷ-ବିଦ୍ଧ ଏକ ତାତ୍ପର୍ଯ୍ୟକ ଅର୍ଥ ମଧ୍ୟ ଦିଏ । ଅଧିକନ୍ତୁ ଅଧିକାଂଶ ବିଶେଷଣ ତାଙ୍କର ମନନଶୀଳ—ସେଗୁଡ଼ିକ ଗୁଣ ଓ ଅବସ୍ଥାକୁ ଯେପରି ବ୍ୟକ୍ତ କରନ୍ତି, ଠିକ୍ ସେମିତି ଚିତ୍ରକଳ୍ପ ଓ ସ୍ଥାନାନ୍ତରିତ ବା ଉପଚରିତ ବିଶେଷଣ (transterred epithet) ରୂପେ କଳ୍ପନା ଓ ଅନୁଭୂତିକୁ ଦିଗନ୍ତବିସ୍ତାରୀ କରି ଦିଅନ୍ତି । କବିଙ୍କ ଶିଳ୍ପୀମନ ଯହୁଁ ଯହୁଁ ପରିଣତ ହେଉଛି ତହୁଁ ତହୁଁ ତାଙ୍କ ବିଶେଷଣ ପ୍ରୟୋଗ ନିପୁଣତର ହୋଇ ଉଠୁଛି । ବିଶେଷତଃ ଉପଚରିତ ବିଶେଷଣ ଓ କ୍ରିୟାବିଶେଷଣ ପ୍ରୟୋଗର କଳ୍ପନାସମୃଦ୍ଧ ପ୍ରାଚୁର୍ଯ୍ୟ କ୍ଷେତ୍ରରେ ସେ ଅସାମାନ୍ୟ । ଉପଚରିତ ବିଶେଷଣଟି ଅନୁଲ୍ଲିଖିତ ବିଶେଷ୍ୟ ପାଖରୁ ଉଠିଆସି ଅନ୍ୟ ଏକ ବିଶେଷ୍ୟ ସହିତ ସଂଯୁକ୍ତ ହୋଇଥାଏ, କବିଙ୍କ ବକ୍ତବ୍ୟର ଅପରିହାର୍ଯ୍ୟ ଅଂଶ ହୋଇଯାଏ ଓ ସ୍ୱତଃ ଏକ ଚିତ୍ରକଳ୍ପ ରଚନା କରିଦିଏ । ଆମେ ଦୃଷ୍ଟାନ୍ତ ସ୍ୱରୂପ ଅଜସ୍ର ଉପଚରିତ ବିଶେଷଣ ସଂଗ୍ରହ କରି ପାରିବା । ସ୍ଥାନାଭାବରୁ ଆମେ ଅଳ୍ପ କେତୋଟି ତୋଳି ଧରୁଛୁ—ବିଦାନ୍ୟ ମୁହୂର୍ତ୍ତ, ଉଦାସ କୋଳ, ହିଂସ୍ର ଖଗ, ନିର୍ଜନ ଖୁସି, ହସୁଥିବା ଶବାଧାର, ଅନୁତପ୍ତ ଆଲିଙ୍ଗନ, ବିମର୍ଷ ଲୁହ, ବିଷଣ୍ଣ ସମୟ, ବିଷଣ୍ଣ ଧୂଆଁ, ବିକଳାଙ୍ଗ ଶୋକ, ସୁବାସିତ ଆଶୀର୍ବାଦ, ରୁଗଣ ପବନ, ଅନାସକ୍ତ ବ୍ରାହ୍ମ ମୁହୂର୍ତ୍ତ, ଅପରିପକ୍ୱ ବିମର୍ଷତା, ବର୍ଣ୍ଣାଢ୍ୟ ସ୍ତବ୍ଧତା, ନିର୍ଲିପ୍ତ ଚଉକି, ସନ୍ତପ୍ତ ଲୁହ, ବିକଳାଙ୍ଗ ସ୍ନେହ, ବିରସ ଉଦ୍‌ବେଗ, ମଳବର୍ଣ୍ଣ ଦ୍ୱିଧା, ନିସ୍ୱାଦ ନିଦ, ତୃଷାର୍ତ୍ତ ଅନ୍ଧାର, ପାଗଳ ଜାହାଜ, ପ୍ରତାରିତ ଜଂଘ, ସଡ଼ା ଇଙ୍ଗିତ, ଅବାଧ କ୍ଲାନ୍ତି ଇତ୍ୟାଦି । ଏହି ଉପଚରିତ ବିଶେଷଣ ଥିଲା ରୋମାଣ୍ଟିକ କବି-ମାନଙ୍କର ବଡ଼ ପ୍ରିୟ ପ୍ରୟୋଗ । ଏବେ ଚିତ୍ରକଳ୍ପ ରଚନାରେ ଏହି ବିଶେଷଣର ମର୍ଯ୍ୟାଦା ଆହୁରି ବଢ଼ିଛି । ଆମ ସବୁଜ କବିତାରେ ଅକାରଣ ବିଶେଷଣ ପ୍ରାଚୁର୍ଯ୍ୟ ଯେ କେହି ଲକ୍ଷ୍ୟ କରିଥିବେ । ଶ୍ରୀରଥଙ୍କ ବିଶେଷଣ କିନ୍ତୁ ଅକାରଣ ନୁହନ୍ତି । ସେଗୁଡ଼ିକ ଯେପରି ମୌଳିକ ଠିକ୍

Digitized by PPRACHIN, SOA

ଯେପରି ସଂକ୍ଷିପ୍ତ, ସଂହତ ଓ ଭାବଗୂଢ଼; ଯଥାଯୋଗ୍ୟତା ଓ ବ୍ୟାପ୍ତ ପରିଣତ କଳ୍ପନାରେ ତେଣୁ ବେଶ୍ ବିସ୍ମୟାବହ । ସଂବଳିତ ଅକ୍ଟୋପସ୍, କାନ୍ଦ୍ କାନ୍ଦ୍ ଅଧୋଗତି, ମଖମଲ ଟାୱିଟାପର, ବେପରୱା ଚୁମ୍ବନ, ଅଛାଳିଆ ଆଲୁଅ, ମାଂସଳ ଛାତି, ଅକଥ୍ୟ ଅନ୍ଧାର, ଦୋଦପାଞ୍ଚ ଚୁମା, ଦୋଦପାଞ୍ଚ ଖବର, ଦୋଦପାଞ୍ଚ ସ୍ଥୁପ୍ରାମୂର୍ତ୍ତି, ଢକଦାର ବନ୍ଥଣା, ଢକ୍ଦାର ବିରକ୍ତି, ଢକଦାର ହାଇ, ଢକ୍ଦାର ପାଣି, ଉଙ୍ଗାରୁଜା ବିବେକ, ଉଙ୍ଗାରୁଜା ମନ, ମର୍ମନତ ସ୍ୱପ୍ନ, ମୃତ୍ୟୁହୀନ ପରିତ୍ୟାଗମାନ ଓ ଆଡ଼ମ୍ବର ପୂର୍ଣ୍ଣ ବୈଧବ୍ୟାଦି ବିଶେଷଣରେ ଯେଉଁ ଜଗତ ବିଧୃତ, ତାହା ଏକ ମନନସାପ୍ତ ଜଗତ । ସେଥିରେ ମୃତ୍ୟୁର ପଟଭୂମି ପ୍ରସାରିତ ଓ ଆକାଙ୍କ୍ଷାର ବ୍ୟର୍ଥ ବିଷଣ୍ଣତା ବ୍ୟକ୍ତ । ପ୍ରତ୍ୟେକଟି ଚିତ୍ରକଳ୍ପ ପୁଣି ପ୍ରତୀକାତ୍ମକ । ପ୍ରତୀକ ଓ ଚିତ୍ରକଳ୍ପ ପ୍ରସଙ୍ଗରେ ଆମେ ଏହି ଉପରୋକ୍ତ ବିଶେଷଣ କଥା ପୁଣିଥରେ ଆଲୋଚନା କରିବା । କ୍ରିୟାବାଚକ ବିଶେଷଣ ଗୁଡ଼ିକ ବିଶେଷ୍ୟର କ୍ରିୟାକୁ ମୂର୍ତ୍ତ କରିଦିଅନ୍ତି । ଏ କ୍ଷେତ୍ରରେ ଶ୍ରୀରଥ ଧ୍ୱନ୍ୟାତ୍ମକ, ଦୃଶ୍ୟାତ୍ମକ ଓ ଭାବାତ୍ମକ ଅନୁକାର ଶବ୍ଦ ପ୍ରୟୋଗରେ ବଡ଼ ସିଦ୍ଧ । ସେ ଅନୁକାର ଶବ୍ଦଗୁଡ଼ିକୁ ଅବଶ୍ୟ ନିଜର ଅଭିପ୍ରାୟ ଅନୁସାରେ କାହିଁ କ୍ରିୟା ବିଶେଷଣ, କାହିଁ ବିଶେଷଣ ଓ କାହିଁ ବିଶେଷ୍ୟ ରୂପେ ପ୍ରୟୋଗ କରି ପାରନ୍ତି । ସାଫଲ୍ୟର ନିଦର୍ଶନ ଏତେ ପ୍ରଚୁର ଯେ ସାମାନ୍ୟ ଅଭିନିବେଶପ୍ରବଣ କାବ୍ୟରସିକ ମାନେ ତାହା ଉପଲବ୍ଧି କରି ପାରିବେ । ଧ୍ୱନ୍ୟାନୁକାର ଶବ୍ଦ : ଟପ୍ଟପ୍, ଝଣଝଣ, ଝିପ୍ଝିପ୍, ଥପ୍ଥପ୍ ଧୁଡ଼ୁଧୁଡ଼ୁ, ସାଇଁସାଇଁ, ଗାଉଁଗାଉଁ,, ଘୂଘୂ, ଶିର୍ଶିର୍, ଧୂଧୂ, ଝୁରୁଝୁରୁ, ଟାଇଁଟାଇଁ, ଖିଲ୍ଖିଲ୍, ଟିଁଟିଁ, କୁହୁକୁହୁ । ଦୃଶ୍ୟାନୁକାର ଶବ୍ଦ : ଝୁପ୍ ଝୁପ୍, ମିଞ୍ଜିମିଞ୍ଜି, ଦପ୍ଦପ୍, ଛନ୍ଛନ୍, ଢଳଢ଼ଳ, ଟହଟହ, ମିଟିମିଟି, ଥୁରୁଥୁରୁ, ଚକ୍ଚକ୍, ଗୁଲୁଗୁଲୁ, ଥଲଥଲ୍, ଉଦୁଉଦୁ ଇତ୍ୟାଦି । ଭାବାନୁକାର ଶବ୍ଦ : ଆକ୍ରାମାକ୍ରା, ଉବୁଟୁବୁ, ସୁଡ଼ୁବୁଡ଼ୁ, ହଳଚଳ, ଖିନ୍ଭିନ୍ ଇତ୍ୟାଦି । ଏତଦ୍ଭିନ୍ନ ଶବ୍ଦଦ୍ୱୈତ ପ୍ରସ୍ତପ୍ରସ୍ତ, ଗୋଛାଗୋଛା, ପେନ୍ଥାପେନ୍ଥା, ଖଣ୍ଡଖଣ୍ଡ ଓ ସଫାସଫା ଆଦିର ପ୍ରୟୋଗ ମଧ୍ୟ ବିରଳ ନୁହେଁ । ଶ୍ରୀରଥଙ୍କ କବିତାରେ ଇନ୍ଦ୍ରିୟ ସମ୍ଭୋଗର ଆୟୋଜନ ଏଣୁ ପ୍ରଚୁର—ବିଶେଷତଃ ଶ୍ରୁତି ଓ ଦୃଷ୍ଟି ସମ୍ଭୋଗର । ତେଣୁ ଆମେ କବିଙ୍କ

Digitized by PPRACHIN, SOA

କବିତାରେ ଚିତ୍ରକଳ୍ପର ଇନ୍ଦ୍ରିୟଜ ଆବେଦନ ମୁଖ୍ୟତଃ ଭୁଲ୍ୟଭାବେ ଧ୍ୱନିରୂପମୟ ଓ ଦୃଶ୍ୟରୂପମୟ ବୋଲି କହି ପାରିବା ।

ଉପରୋକ୍ତ ଶବ୍ଦ ପରିଚୟ ସୂତ୍ରରୁ ଯେ କେହି ଜାଣିପାରିବେ ଯେ, ଶ୍ରୀରଥ କାବ୍ୟାତ୍ମକ ଓ ଅକାବ୍ୟାତ୍ମକ ଶବ୍ଦଭେଦ ଜାଣନ୍ତି ନାହିଁ । କବିତାରେ ସେହି ଶବ୍ଦ ଅସୁନ୍ଦର ଓ ଅକାବ୍ୟାତ୍ମକ, ଯାହା ଦୁଇ ପାଖର ଶବ୍ଦଗୁଡ଼ିକ ମଧ୍ୟରେ ବିସଦୃଶ ଓ ବେଖାପ । ପ୍ରକୃତରେ କୌଣସି ଶବ୍ଦ ଭଲ କି ମନ୍ଦ ନୁହେଁ, ତାହା ଭଲ କି ମନ୍ଦ ସ୍ଥାନରେ ଥାଏ ମାତ୍ର । କବିତାରେ ଶବ୍ଦର କଷଟି ହେଉଛି ଯଥାଯୋଗ୍ୟତା ବା ଏକମାତ୍ରତା । ଏକ ବସ୍ତୁ ବା ଏକ ସନ୍ଦର୍ଭକୁ ବ୍ୟକ୍ତ କରିବାକୁ ଅସଂଖ୍ୟ ଶବ୍ଦ ମଧ୍ୟରୁ କବିଙ୍କୁ କେବଳ ଉପଯୁକ୍ତ ଗୋଟିଏ ଶବ୍ଦ ଖୋଜି ନେବାକୁ ହୁଏ । ଅନ୍ୟ କେତେକ ଶବ୍ଦରେ କାମ ଚଳିପାରେ, ମାତ୍ର ଉପଯୁକ୍ତ ଶବ୍ଦ ସବୁବେଳେ ଗୋଟିଏ ହେବାକୁ ବାଧ୍ୟ । ବ୍ୟଙ୍ଗ୍ୟ ଅର୍ଥକୁ ଯେଉଁ ଶବ୍ଦ ଅଭିବ୍ୟକ୍ତ କରେ, ସେହି ଶବ୍ଦଟିହିଁ ଉପଯୁକ୍ତ ଶବ୍ଦ । ଶବ୍ଦପାକ କହିଲେ ବାମନ ଏହି ଉପଯୁକ୍ତ ଶବ୍ଦକୁହିଁ ବୁଝନ୍ତି । ଯେବେ ଥରେ ପ୍ରଯୁକ୍ତ ଶବ୍ଦକୁ ପରିବର୍ତ୍ତନ କରିବା ଅସମ୍ଭବ ହୋଇପଡ଼େ ତେବେ ବୁଝିବାକୁ ହୁଏ ଯେ ଶବ୍ଦପାକ କବିଙ୍କ ଆୟତ୍ତକୁ ଆସିଛି ।[୩୪] ସନ୍ଦର୍ଭ ଅନୁକୂଳ ଶବ୍ଦବିନ୍ୟାସ କ୍ଷେତ୍ରରେ ଶବ୍ଦଟିକୁ ରଖିବ କି ପରିବର୍ତ୍ତିତ କରିଦେବ—ଏହି ପ୍ରକାର ଚଞ୍ଚଳତା ଥିବା ପର୍ଯ୍ୟନ୍ତ କବିଙ୍କ ଅପରିପକ୍ୱତା ବଳବତ୍ତର ଥାଏ । ଶବ୍ଦ ବିନ୍ୟାସର ସ୍ଥିରତାହିଁ ଶବ୍ଦପାକ—ପରିପକ୍ୱତା । ଶ୍ରୀରଥଙ୍କ କବିତାରେ ଶବ୍ଦପାକ ଦୁର୍ଲକ୍ଷ୍ୟ ନୁହେଁ । ଅନେକତ୍ର ଠିକ ଜାଗାରେ ଠିକ୍ ଶବ୍ଦ ଉଭୟ ଭାବାତ୍ମକ (emotive) ଓ ନିର୍ଦ୍ଦେଶାତ୍ମକ (referential) ଅର୍ଥବୋଧ ସୁପ୍ରଯୁକ୍ତ ହୋଇଛନ୍ତି । ସେଗୁଡ଼ିକର ବ୍ୟଞ୍ଜନା, ଯଥାଯୋଗ୍ୟତା, ଆବଶ୍ୟକତା ଓ ସଚେତନତା ଆମକୁ ମୁଗ୍ଧ କରିଥାଏ । ଦୃଷ୍ଟାନ୍ତ ସ୍ୱରୂପ କେତୋଟି ପଙ୍କ୍ତିରୁ ଦେଖନ୍ତୁ,

---

୩୪ । ଯତ୍ ପଦାନି ତ୍ୟଜନ୍ତ୍ୟେବ ପରିବୃତ୍ତି ସହିଷ୍ଣୁତାମ୍
ତଂ ଶବ୍ଦନ୍ୟାସନିଷ୍ଣାତାଃ ଶବ୍ଦପାକଂ ପ୍ରଚକ୍ଷତେ ॥
—କାବ୍ୟାଲଙ୍କାର ସୂତ୍ର ୧, ୩, ୧୫ ।

Digitized by PPRACHIN, SOA

୧) ଏ ଧଳା ସମସ୍ତ ଆଜ ଲମ୍ବିଅଛି ଧାଡ଼ିଧାଡ଼ି ଚାଲିଗଲେ ଢେଉଁ
ସମୁଦ୍ର ଯେପରି । ଏବଂ ବର୍ଷ ବର୍ଷ ବନ୍ଦଥିବା ଘର ପରି
ବାସ୍ନା ଅଛି ତାର ।

୨) ମୋ ଦେହର ଶୃଙ୍ଖଳ ନଷ୍ଟରେ
ହଠାତ୍ ଉଷ୍ମ ବନ୍ୟା ମସୃଣତ୍ ସ୍ୱପ୍ନମାନଙ୍କର ।

୩) ନେଉଜ ଓପରଓଲ ମାଧଶୀର ସବଜ ମୂର୍ଦ୍ଧରେ
ବୋଗା ଦୋଦୟାଞ୍ଜ ଗୌଣ, କୋଟେ ଆକାଙ୍କ୍ଷାର
ସଂକ୍ଷିପ୍ତ ଜଳପ୍ରପାତ ।

୪ । ସେ ମୁହୂର୍ତ୍ତେ ସନ୍ନ୍ୟାସର ଚକ୍‌ଚକା ମାଟିରେ
ଚଢ଼ାହୁଏ ମୂର୍ତ୍ତିଟିଏ, ତାକୁ
ଅନେକ ଅଳଙ୍କାର ଦ୍ୱାରା/ରଙ୍ଗ କରାଯାଏ ।
(ଏଠି ଖାଲି ମାଲଗାଡ଼ି ରହେ)

୫) ଆମେ ଦୁହେଁ ଏକ ହେଉଁ ମୋ ସଫଳ ଲୋଡ଼ିବା ଭିତରେ
ସେତେବେଳେ କିଛିକ୍ଷଣ ପାଇଁ
ସୁଗନ୍ଧର ଦମକାଏ ବୋହି ଚାଲିଯାଏ
ମୋ ଅମରତ୍ୱର ନାନା ଗଳିକନ୍ଦିରେ ।
(ଅଦୃଷ୍ଟର ସୁବାସିତ ବେଳ)

୬) ସେ ଫାଟକ ଭିତରେ ଉଦ୍ୟାନ
ସେଠି ଜମା ହୋଇଥିବ ସଜନୀଙ୍କ ପ୍ରାଚୀନ କାମନା
ମାନଙ୍କର ଉଲ୍ଲସିତ ପ୍ରସ୍ତପ୍ରସ୍ତ ସରଳ ଯୌବନ ।

୭) ସମୁଦ୍ରେକ କସ୍ତୁରୀର ବାସ୍ନା ଭୂମ ଅଥୟ ବାଳରେ ।

ଧଳା, ମସୃଣତ, ସଂକ୍ଷିପ୍ତ, ଅଳଙ୍କାର, ଦମକାଏ, ସରଳ ଓ ଅଥୟ ଆଦି ଶବ୍ଦକୁ ଲକ୍ଷ୍ୟ କରନ୍ତୁ । ଏଗୁଡ଼ିକର ଅନ୍ୟ କୌଣସି ପର୍ଯ୍ୟାୟବାଚୀ ଶବ୍ଦ କେବେ ବି ଅଭିପ୍ରେତ ସନ୍ଦର୍ଭ ଦୃଷ୍ଟିରୁ ସାର୍ଥକ ହୋଇ ପାରିବେ ନାହିଁ । ସର୍ବଜନ ବୋଧ ଶବ୍ଦଗୁଡ଼ିକ ଯଥାସ୍ଥାନରେ ରହି ଅକଳ୍ପିତପୂର୍ବ

Digitized by PPRACHIN, SOA

ଦ୍ୟୋତନା ଲାଭ କରିଛନ୍ତି; ଯେଉଁ ଦ୍ୟୋତନା ସାମାନ୍ୟ ଅଭିଧାକୁ ଛାଡ଼ି ଅନେକ ଦୂର ଚାଲିଯାଉଛି ଓ କବିଙ୍କ ଯନ୍ତ୍ରଣା ଓ ଆନନ୍ଦକୁ ଗତି ଦେଉଛି । ଧଳା ସମୟ, ମରାମତ ସ୍ୱପ୍ନ, ସଂକ୍ଷିପ୍ତ ଜଳପ୍ରପାତ, ଅନେକ ଅନ୍ଧାର ଓ 'ସୁଗନ୍ଧର ଦମକାଏ, ଭିତରୁ ଯେପରି ସୁକଠିନ ବ୍ୟର୍ଥତାବୋଧ ଓ ନୈରାଶ୍ୟ ବେଦନାକାତରତା ଫୁଟି ଉଠେ, ଠିକ୍ ସେପରି 'ସରଳ, ଯୌବନ ଓ 'ଅଥୟ ବାଳ'ରୁ ଯଥାକ୍ରମେ ସ୍ମୃତି ଓ ସ୍ୱପ୍ନର କ୍ଷଣିକ ଆନନ୍ଦ ଝରିପଡ଼େ । ଜୀବନ୍ତ ଅନୁଭୂତି ପାଇଁ ଯଥାଯୋଗ୍ୟ ଭାଷା ପ୍ରଯୁକ୍ତ । କୌଣସିଟି ଶବ୍ଦ ଅଭିଧାବଦ୍ଧ ନୁହନ୍ତି । ଶବ୍ଦର ଯେଉଁ ଆଭିଧାନିକ ଅର୍ଥରେ ଆମେ ଅଭ୍ୟସ୍ତ, ହଠାତ୍ ଯେତେବେଳେ ପ୍ରଯୁକ୍ତ ଶବ୍ଦ ବିନ୍ୟାସଗୁଣରେ ସେହି ଅର୍ଥକୁ ଅତିକ୍ରମ କରି ଅପ୍ରତ୍ୟାଶିତ ଦ୍ୟୁତି ଲାଭ କରେ ସେତେବେଳେ ପାଠକଚିତ୍ତ ବିସ୍ମୟାପ୍ଳୁତ ହୋଇଯାଏ । ସଚେତନ ପାଠକମାନେ ଏହି ଚିନ୍ତସୁଖ ଜାଣନ୍ତି ଓ ସେହି ବିସ୍ମୟକର ଦ୍ୟୁତିରୁ କବିଙ୍କ କଳ୍ପନା ଓ ଅନୁଭୂତିର ଶକ୍ତି କଳନ୍ତି ।

ଶ୍ରୀରଥଙ୍କ କବିତାର ଅବବୋଧ କ୍ଷେତ୍ରରେ ଶବ୍ଦ ବିଘ୍ନ ନୁହେଁ । ସେ ପ୍ରାୟ ଅପ୍ରଚଳିତ କ୍ଲିଷ୍ଟ ଶବ୍ଦ ପ୍ରୟୋଗ କରନ୍ତି ନାହିଁ । ତାଙ୍କ କବିତାପାଠରେ ବିଘ୍ନ ଶବ୍ଦର ପ୍ରୟୋଗ । ତେଣୁ ଅଭିଧାନ ସାହାଯ୍ୟରେ ସେହି ବିଘ୍ନ କେହି କଟାଇ ପାରିବେ ନାହିଁ । 'ଅନେକ ଅନ୍ଧାର ଦ୍ୱାରା ରଙ୍ଗ କରାଯାଏ'—ଏହି ପଙ୍କ୍ତିଟିର ମର୍ମୋପଲବ୍ଧି ପାଇଁ ଅଭିଧାନ ବା କି ସାହାଯ୍ୟ କରିବ ? ଆମ ପୃଥିବୀକୁ ଅଦ୍ଭୁତ ଯେଉଁ ଅନ୍ଧାର ଆଜି ନଇଁ ଆସିଛି ସେଥିରେ ମୃତ୍ୟୁର ନିପୁଣ ଶିଳ୍ପ ବିକୀର୍ଣ୍ଣ ନୁହେଁ କି ? ଏ ଅନ୍ଧାରର ରଙ୍ଗ ବଡ଼ ବିଚିତ୍ର । ନିଜ ସମୟ ଓ ଜୀବନର ସନ୍ଧାନ ରଖି ନ ଥିଲେ ସେହି ରଙ୍ଗବୈଚିତ୍ର୍ୟ ବୁଝିହେବ ନାହିଁ । ତା'ର ପ୍ରଶ୍ନାତ୍ମକ ଅର୍ଥଟି ବଡ଼ ବ୍ୟାପ୍ତ ଓ ଗମ୍ଭୀର; ବେଦନାଦାୟକ ମଧ୍ୟ । ଭାଷା ଅସତ୍ୟାଭାସୀ । ଆପାତତଃ ଅସମ୍ଭବ ଅଥଚ ବାସ୍ତବିକ ଯଥାର୍ଥ; ଯାହାକୁ କ୍ଲିନ୍ଥ ବ୍ରୁକ୍ସ କହନ୍ତି ପାରାଡକ୍ସ । ଏହି ଭାଷା କବିତା ପାଇଁ ସମୁଚିତ ମାତ୍ର ନୁହେଁ, ଅନିବାର୍ଯ୍ୟ ମଧ୍ୟ । ସେ ବୁଝାନ୍ତି,······the paradoxes spring from the very nature of the poet's language:

Digitized by PPRACHIN, SOA

it is a language in which the connotations play as great a part as the denotation."୩୫ ଅସତ୍ୟାଭାସୀ ଭାଷାରେ ବ୍ୟକ୍ତାର୍ଥ ଓ ବକ୍ରୋକ୍ତି ତୁଲ୍ୟମୂଲ୍ୟ । ବ୍ୟକ୍ତାର୍ଥ ବା ଋଜୁ ପ୍ରତ୍ୟକ୍ଷ ଉକ୍ତି ବିଜ୍ଞାନ ପକ୍ଷେ ସଙ୍ଗତ । କିନ୍ତୁ କାବ୍ୟ ଶିଳ୍ପ ପାଇଁ ସେତିକି ଅଧିକ ପରୋକ୍ଷ ଉକ୍ତି । କାବ୍ୟଭାଷାରେ ଶବ୍ଦର ବହୁ ଭଙ୍ଗିମାରେ ସବୁବେଳେ ତେଣୁ ଅଧିକ ଅଭିଧାର ଇଙ୍ଗିତ ସମ୍ପୃକ୍ତ ଥାଏ । ବିରୋଧାଭାସ ଅଳଙ୍କାର ଠାରୁ ଅସତ୍ୟାଭାସୀ ଭାଷାର ପାର୍ଥକ୍ୟ ମନେ ରଖିବାକୁ ହେବ । ବିରୋଧାଭାସ କୃତ୍ରିମ, ଦୁରୂହ ଓ ବିନୋଦପୂର୍ଣ୍ଣ (ଯେମିତି 'ବିଧାତେଜ ପୁଷ୍କରେ ଉତ୍ପୁର ଉତ୍ପୁର ପୁଷ୍କରେ ଆଜ ଯେ ନ ଦିଶେ'—ଉପେନ୍ଦ୍ର) । ତାହା କବିତାର ଭାଷା ହେବାକୁ ଯୋଗ୍ୟ ନୁହେଁ କି ସମର୍ଥ ନୁହେଁ । ଅନ୍ୟ ପକ୍ଷରେ ଅସତ୍ୟାଭାସୀ ଭାଷା ଶିଳ୍ପଗତସଙ୍ଗତ । ଆମ ପ୍ରାଚୀନ କବିମାନେ ଏ ଭାଷା ନ ଜାଣିଥିଲେ ନୁହେଁ । କବି ଧୀମଭୋଇ ଲେଖନ୍ତି, "ଗୁଳ ପଡ଼ିଅଛି ନାହିଁ ବୃକ୍ଷମୂଳ, ପୁଷ୍ପ କଢ଼ି ନାହିଁ ଫଳିଅଛି ଫଳ" ଇତ୍ୟାଦି । ସେହି ପରମ୍ପରାରେ ବୁଝନ୍ତୁ ଶ୍ରୀରଥଙ୍କ ଭାଷା—'ବାଜାବାଜୁଥିବା ବେଳେ ହଠାତ୍ ଏକ ନିସ୍ତବ୍ଧ ମୁହୂର୍ତ୍ତ', 'ବାପ ମାଆ ପୁଅ ଜନ୍ମ ହେଲେ ଗୋଟିଏ ସମୟେ' ଇତ୍ୟାଦି । ଏହି ପ୍ରସଙ୍ଗରେ କବି ଏଲିୟଟ୍ ମନ୍ତବ୍ୟ କରିଥାନ୍ତି, କବିତାରେ ଶବ୍ଦଗୁଡ଼ିକ ବଡ଼ ଅପ୍ରତ୍ୟାଶିତ ଢଙ୍ଗରେ ନୂଆ ପ୍ରକାରେ ପାଖକୁ ପାଖ ଯୋଡ଼ି ହୋଇଯାନ୍ତି, 'words perpetually, justaposed in new and sudden combinations.' କବିଙ୍କୁ ଜାଣି ଜାଣି ବିପରୀତମୁଖୀ ଶବ୍ଦ ବା ଶବ୍ଦକଳ୍ପକୁ ଯୋଡ଼ିବାକୁ ପଡ଼େ ନାହିଁ, ସେଗୁଡ଼ିକ କାବ୍ୟରଚନାର ନିପୁଣତାରୁ ଆପେ ଆପେ ସହସା ପାଖକୁ ପାଖ ଯୋଡ଼ି ହୋଇଯାନ୍ତି । କବିଙ୍କ କାବ୍ୟରଚନା ଶବ୍ଦ ସମାବେଶର ନିପୁଣତା । ଶ୍ରୀରଥଙ୍କ କବିତାରେ ଲୋକସଂସ୍କାରର ବିପରୀତ ଶବ୍ଦ ସମାବେଶ ନୈପୁଣ୍ୟ ବିସ୍ମୟାବହ । ଆପାତତଃ ଅସମ୍ଭବ ବୋଲି ପ୍ରତୀୟମାନ ବାକ୍ୟ ଓ ବାକ୍ୟାଂଶ (phrase)ରେ ତାହା ପ୍ରକଟିତ । ଯଥା: ଆତ୍ମୀୟ ଶତ୍ରୁତା,

୩୫ । The Well Wrought Urn by Cleanth Brooks, ପୃଷ୍ଠା ୫ ।

Digitized by PPRACHIN, SOA

ମୁହ୍ୟୂର୍ତ୍ତିର୍ଭିକି ପୃଷ୍ଠାଙ୍କ ଜୀବନ, ଖରାପ ସମସ୍ତ ଭଲ ସମସ୍ତ, କୋଳାହଳ ଭୁଲିଗ ନ ଥିବାର, ଅବ୍ୟବସ୍ଥିତା ପତ୍ନୀ, ଲଜ୍ଜାରୁଣ ବୁଢ଼ୀ, ସୂର୍ଯ୍ୟାସ୍ତରେ ଖରା ଶେଷ ହୁଏନି, ଚିରସ୍ଥାୟୀ କ୍ୟାଲେଣ୍ଡର ଓ ବରଫ ପାଲଟି ଥିବା ସୂର୍ଯ୍ୟଙ୍କର ଶାରଦଶାସ୍ତି ଇତ୍ୟାଦି । ଏହି ସୂତ୍ରରେ କେତେକ କାବ୍ୟ ପଙ୍କ୍ତି ମଧ୍ୟ ଦ୍ରଷ୍ଟବ୍ୟ,

୧) ବରଫରେ ପରିଣତ ନକ୍ଷତ୍ରରେ ମୁଁ ସନ୍ତରଣ କଲି ।
୨) ମୋ ଶବ ଅନ୍ତତଃ ଦେଖି ଶେଷଥର ତାହାର ମୁହଁକୁ ।
୩) ରକ୍ତାକ୍ତ ଆକାଶେ ବହୁ ମୃତ ପକ୍ଷୀ ଚକ୍କର ମାରନ୍ତି ।
୪) ମଲି ସାଇକେଲ ଭାସେ ସୀସା ସମୁଦ୍ରରେ ।
୫) ମୋ ସ୍ୱପ୍ନଙ୍କ ରକ୍ତେ ଧଳା ସକାଳ ପର୍ଯ୍ୟନ୍ତ ।
୬) ପ୍ରତ୍ୟେକ ମୁହୂର୍ତ୍ତି ଛଟକଳ ତା ମରୁଡ଼ିର କର୍କଶ ଖରାରେ ।
୭) ବଧୀରଙ୍କ ନୃପତି ଶୁଣୁଥିଲେ ଦୂରାଗତ ପ୍ରଜାଙ୍କ ଗୁହାରି ।

କୌଣସିଟି ପଙ୍କ୍ତି ଉଦ୍ଭଟ ନୁହେଁ । ବରଂ ପ୍ରତ୍ୟେକଟି ଅସ୍ତିତ୍ୱର ନିରର୍ଥକତା ଓ ମୁକ୍ତିପ୍ରଚେଷ୍ଟାର ଉଦ୍ଭଟତା ସୂଚାଇବାକୁ ସମର୍ଥ । ଯେଉଁ ଦୁଇଟି କବି ସଚେଷ୍ଟ ଉଦ୍ଭଟତା ସୃଷ୍ଟି କରୁଥିଲେ; କାବ୍ୟନାୟକଙ୍କୁ ତାଙ୍କର ପ୍ରତିଦିନ ସକାଳେ ପୁଞ୍ଜେ ପାଞ୍ଚ ପ୍ରଜାପତି ଗିଳାଉଥିଲେ କଫି ସାଙ୍ଗେ । 'ଆତ୍ମଜ୍ଞାନ' କବିତା ସ୍ମର୍ତ୍ତବ୍ୟ । ପରବର୍ତ୍ତୀ କାଳରେ ସେପରି ପ୍ରଚେଷ୍ଟା ନାହିଁ । ଏବେ ଆମେ ଯେଉଁଠି ଯେଉଁସବୁ ଆପାତ ଉଦ୍ଭଟତା ଦେଖୁ ସେସବୁ କବିଙ୍କ ଶ୍ଳେଷପରାୟଣ ସ୍ୱତନ୍ତ୍ର କାବ୍ୟକୌଶଳର ଅବିଚ୍ଛେଦ୍ୟ ଅଂଶ । ତନ୍ମଧ୍ୟରୁ ଆମେ ତିନୋଟି ଛନ୍ଦ ଉଦ୍ଧାର କରୁଛୁ,

୧) ନ୍ୟୁନ ହୋଇଯିବା ପରେ ସାଇମନ୍ ଶୋଇତ ସବୁଠି
ଯେଉଁମାନେ ରକ୍ଷା ହେଲେ କାନ୍ଦୁଥିଲେ ସେମାନେ ସମସ୍ତେ
ସମୁଦ୍ର ପାଣିରେ ଓଦା ସାପୁମାନେ ଅଣ୍ଡା ଦେଲାପରି,
ଭାଗ୍ୟବାନମାନେ ତ୍ୟକ୍ତ ଇଚ୍ଛାଶୂନ୍ୟ ମନର ବନସ୍ତେ
ପଥର ବାଲିରେ କିଆଁ ଜଣାଯିବ ରାସ୍ତାର ଆଙ୍କୁଠି
ମୁଁ ସେ ଲୋକ, ଭାଗ୍ୟବାନ, ସାଇମନ ଫାରସି ଯେପରି ।

—ହିରଣ୍ମୟୀ ମଧ୍ୟାହ୍ନ

Digitized by PPRACHIN, SOA

ଓଦା ସାପୁମାନେ ଅଣ୍ଡା ଦଅନ୍ତି ? ହଁ । ସାଇମନ୍ ଫାରିସିର ଉଲ୍ଲେଖ 'ନିଉ ଟେଷ୍ଟାମେଣ୍ଟ'ର ଲୁ'କ, ୭ (The Gospel according to Luke) ଅଧ୍ୟାୟଟିକୁ ସ୍ମରଣ କରାଇ ଦିଏ । ସେଦିନ ଫାରିସି ଯିଶୁଖ୍ରୀଷ୍ଟଙ୍କୁ ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ କରିଥାଏ । ସେ ନିମନ୍ତ୍ରଣ ରକ୍ଷା କରିଥାନ୍ତି । ସହରର ବେଶ୍ୟାଟିଏ ସେହି ସମ୍ବାଦ ପାଇ ଫାରିସି ଘରକୁ ଆସେ, ଆଣ୍ଠେଇ ତଳେ ଅବିରଳ ଅଶ୍ରୁଧାରାରେ ପ୍ରଭୁଙ୍କ ପାଦ ଧୋଇଦିଏ, ଓଦା ପାଦକୁ ନିଜର କେଶପାଶରେ ପୋଛି ଚୁମ୍ବନ ଦିଏ ଓ ତା ଉପରେ ଅତର ଢାଳେ । ପ୍ରଭୁ ତାର ପୂଜା ଗ୍ରହଣ କରନ୍ତି । ସାଇମନର ସନ୍ଦେହ ଉପୁଜେ, 'ଏ ଯେବେ ସର୍ବଜ୍ଞ ପ୍ରଫେଟ୍ ତେବେ ପାପିନୀର ପୂଜା ଗ୍ରହଣ କରୁଛନ୍ତି କିପରି ?" ଯୀଶୁ ତାର ମନକଥା ବୁଝନ୍ତି ଓ ତାକୁ ପାଖକୁ ଡାକି ପଚାରନ୍ତି, "ଋଣଦାତାର ଦୟାବଶତଃ ଋଣ ଛାଡ଼ ପାଇଥିବା ଦୁଇଟି ଲୋକଙ୍କ ଭିତରୁ କିଏ ତାକୁ ଅଧିକ ଭଲ ପାଇବ ? ବେଶୀ ଟଙ୍କା ଛାଡ଼ ପାଇଥିବା ଲୋକ ନା କମ୍ ଟଙ୍କା ଛାଡ଼ ପାଇଥିବା ଲୋକ ?" ସାଇମନ୍ ସାଙ୍ଗେ ସାଙ୍ଗେ କହିଲା, "ଯାହାର ବେଶୀ ଛାଡ଼ ହୋଇଗଲା, ସେ ବେଶୀ ଭଲ ପାଇବ ।" ଯୀଶୁ ଏବେ ବୁଝାଇଛନ୍ତି, "her great love proves that her many sins have been forgiven." ସାଇମନ୍ ପ୍ରଭୁଙ୍କ ପଦଧୌତ କରିବାକୁ ଜଳ ଦେଇନାହିଁ, ଅଭିବାଦନ ପ୍ରଥାନୁଯାୟୀ ମୁଣ୍ଡ ଚୁମ୍ବନ କରିନାହିଁ । ସଦ୍ଧର୍ମା ସେହି ସାଇମନ ମଧ୍ୟରେ କାବ୍ୟନାୟକ ନିଜକୁ ଦେଖିଛି । ଅପୂର୍ବ ଅଲୌକିକ ଅଭିଜ୍ଞତା ତା ପାଖରେ ଉପସ୍ଥିତ ଥିଲେ ମଧ୍ୟ ସେ ଉଦାଟ ହେଉନାହିଁ । ନିବେଦିତା ତାର ଅପରିହାରଣୀୟ । ତେଣୁ ତା ପକ୍ଷରେ ଉତ୍ତୀର୍ଣ୍ଣ ଅଭିଜ୍ଞତା ଯେତେ ବ୍ୟାପ୍ତ ଓ ବୃହତ୍ତର ହେବା ସର୍ବଥା ଅସମ୍ଭବ କଥା । ନ୍ୟୂନ ହେବାକୁ ତାର ନିୟତି । ଏବେ 'ବିକ୍ଷିପ୍ତ ମଧ୍ୟାହ୍ନ'ର ଅବସ୍ଥା ଅନ୍ଧାର ମଞ୍ଚରେ ମଣିଷକୁ ଦେଖେଇ । ସେ ଭାଗ୍ୟବାନ ନିଶ୍ଚୟ ! ଠିକ୍ ସାଇମନ୍ ଫାରିସି ପରି ! ତା'ର ପାଟକୁ ଓଦାସାପୁଆର ଜନ୍ମ ହେବା ପ୍ରସଙ୍ଗ ଓ

Digitized by PPRACHIN, SOA

ପ୍ରକରଣ । ମଣିଷ ପାଇଁ ପ୍ରେମହୀନତା ଅମୋଘ । ସେଥିରୁ ରକ୍ଷା ହେବାର ସମ୍ଭାବନା ନାହିଁ କହିଲେ ଚଳେ । ଜୀବନରେ ଯୌନକ୍ରିୟା ଓ ପ୍ରଜନନ କ୍ରିୟା ଅବଶ୍ୟ ମିଥ୍ୟା ନୁହେଁ । କିନ୍ତୁ ପ୍ରେମର ଉତ୍ତୀର୍ଣ୍ଣ ଆବେଗ ଓ ଉନ୍ମାଦନା ସବୁବେଳେ ଅନୁପସ୍ଥିତ । ଏଥିରେ ଯେବେ ନାଗୁଏ ଜଳଚର ପ୍ରାଣୀ ଅଣ୍ଡା ଦେଲାପରେ ପ୍ରଜନନ କ୍ରିୟା ସମ୍ପାଦନ କରନ୍ତି, ସେଥିରେ ଆଶ୍ଚର୍ଯ୍ୟାନ୍ୱିତ ହେବାରେ କ'ଣ ଅଛି ? ସାପ୍ଟା ନାଗୁଉ ପ୍ରଶ୍ନ କ । ସେ ଠିକ୍ ସନ୍ତାନ ପ୍ରସବ କରେ ନାହିଁ, ବଡ଼ ମେଜାଜିଆଲି ଅଣ୍ଡା ଦିଏ । ବନ୍ଧ୍ୟାତ୍ୱ ସାର୍ବଭୌମ ହେଲେ ଜନ୍ମ ବ୍ୟଙ୍ଗର ବିଷୟ ନୁହେଁ କି ? ନିଷ୍ପ୍ରେମ ଯୌନକ୍ରିୟାର ପରିଣାମ ଆଉ ବା ଅଧିକ କଅଣ ହୁଅନ୍ତା ?

୨) ଏବଂ କି ଆଶ୍ଚର୍ଯ୍ୟ ଦୃଶ୍ୟ ! ଦେଉଳର ଚୌଡ଼ା ଚଟାଣରେ
ସ୍ବରଆଡ଼େ ପଡ଼ିଅଛି ଖଣ୍ଡ ଖଣ୍ଡ ଭଙ୍ଗାକାଚ ସଚେତନ ଚନ୍ଦ୍ରରୁ
ଲକ୍ଷ୍ୟ ଲକ୍ଷ୍ୟ ନାଲି ନେଳି ଶିଶି କ'ଣ ସେଠାରେ ପଡ଼ିଲେ !
ଦିଅଁ ନିଜ ସିଂହାସନୁ ଓହ୍ଲାଇଲେ ସାବଧାନ ହୋଇ
ମୋ ପାଖକୁ ଆସି ମତେ ମାଗିଲେ ମୋ ଜୋତା କାଳେ
କାଚ ସେ ମାଡ଼ିବେ
ଏବଂ ଗଲେ ବାଥ୍ ରୁମ୍ ଆଡ଼େ, ଯାଉଁ ଯାଉଁ ହଠାତ୍ ଭେଟିଲେ
ଅସଂଖ୍ୟ ଚଙ୍ଗଡ଼ଙ୍କର ଶୋଭାଯାତ୍ରା (ସେମାନେ ବି
ଜୋତା ପିନ୍ଧିଥିଲେ)

—ଅପରାହ୍ନ

ଦିଅଁ ମଣିଷକୁ ଜୋତା ମାଗନ୍ତି ? କାଳେ କାଚ ସେ ମାଡ଼ିବେ ! 'ଅପରାହ୍ନ' କବିତାଟି ବନ୍ଧ୍ୟ ପ୍ରପରାପୂର୍ଣ୍ଣ ଉତ୍ସାହହୀନତାର କଠିନ ଭୂମିରେ ଜନ୍ମ ହୋଇଛି । ସମସ୍ତ ଧଳା । ଜୀବନ ବର୍ଣ୍ଣହୀନ ଓ ବୈଚିତ୍ର୍ୟହୀନ । ବରଫରେ ପରିଣତ ନଈରେ ସନ୍ତରଣରୁ ଉତ୍ତରଣ ଅସ୍ପୃହାର ଉଦ୍ଭଟତା ସ୍ପଷ୍ଟ ହୋଇ ରହିଛି । ମଣିଷ ଏବେ ଦେଉଳକୁ ଯାଉଛି । ଦେଉଳ ଦେବସ୍ଥାନ । ସେଠାରେ

Digitized by PPRACHIN, SOA

ଉପମାତ ହେଲେ ମଣିଷ ଉତ୍ତୀର୍ଣ୍ଣ ଚେତନା ଯେଣ ବ୍ୟାପ୍ତ ଓ ବୃହତ୍ତର ଦୃଅନ୍ତା । କିନ୍ତୁ ଦେବତା କାହାନ୍ତି ? ଆଜ ମଣିଷ ପାଇଁ ଦେବତା ଅନୁପସ୍ଥିତ । ଯେଉଁଠି ଅଛନ୍ତି, ସେଠାରେ ସେ ବ୍ୟଙ୍ଗର ଶରବ୍ୟ ହୋଇ ଅଛନ୍ତି । ଏକ ପକ୍ଷରେ ମଣିଷ ଦିବ୍ୟ ଚେତନାରେ ଉଦ୍‌ବୁଦ୍ଧ ହେବାକୁ ଅକ୍ଷମ, ଦେଉଳର ଚୌଡ଼ା ଚଟାଣରେ ଭଙ୍ଗାକାଚ ବାଧା ଓ ବ୍ୟବଧାନକୁ ସୃଷ୍ଟିଉଛି । ତାକୁ ଲଂଘିବାକୁ ସେ ସମର୍ଥ ନୁହେଁ । ଅନ୍ୟ ପକ୍ଷରେ ସଂଶୟୀ ବୁଦ୍ଧିଜୀବୀ ଭାବରେ ସେ ଧର୍ମବିଶ୍ୱାସକୁ ବିଦ୍ରୂପ କରିବାକୁ ଛାଡ଼ୁନାହିଁ । ଦେବତ୍ୱର ମହତ୍ତ୍ୱ କାହିଁ ? ଷଟର ଡଅଁ ଏବେ ବଡ଼ ସତର୍କ ହୋଇ ଯିବା ଆସିବା କରୁଛନ୍ତି, ଜାବ୍ୟନାପ୍ରକକୁ ଜୋତା ମାଗୁଛନ୍ତି କାଳେ ଭଙ୍ଗାକାଚ ସେ ମାଡ଼ିବେ ! ତାଙ୍କୁ ମଧ୍ୟ ବାଥରୁମ୍ ଯିବାକୁ ହେଉଛି (ଆମ ମନ୍ଦିରଗୁଡ଼ିକରେ ବାଥ୍‌ରୁମ୍ ନ ଥିବାରୁ ଦେବତାଏ କି ଅସୁବିଧାରେ ନ ପଡ଼ୁଥିବେ ?) ବାଥ୍‌ରୁମ୍ ବାଟରେ ପୁଣି ଯୋଡାପିନ୍ଧା ଚଙ୍ଗୁଡ଼ିଙ୍କ ଶୋଭାଯାତ୍ରା ! ପଦେ ପଦେ ଉଦ୍ଭଟତା ଓ ଅପବିତ୍ରତା । ଗତ୍ୟନ୍ତର ନାହିଁ । ବିଶ୍ୱାସହୀନର ଆଧ୍ୟାତ୍ମିକ ଆସ୍ପୃହା ବିଡ଼ମ୍ବିତ ହେବନି ହେବ । "ଆଜି ସଂଧ୍ୟା ହେବନାହିଁ । ଆଜି ଦିନଯାକ ଦ୍ୱିପ୍ରହର ।" ଜୀବନରେ ସନ୍ଧ୍ୟା ଉପାସନାର ଅବକାଶ କାହିଁ ? ଶୁଭ ଓ ମଙ୍ଗଳର ସମ୍ଭାବନା କାହିଁ ?

ଗ) ଯେଉଁଦିନ ରାସ୍ତା ଖାଲି କରିଦେବ ମହାରାଜା ତାଙ୍କୁ ଯାଜିବାର
ଶୁଭଦେବେ, ଯେଉଁ ଦିନ ତମେ ସ୍ୱପ୍ନ ଦେଖିବ ଯେ ବାରମ୍ବାର
ଅଳି କରୁଛନ୍ତି
ତମର ଅବବାହିତା ପତ୍ନୀ ତମେ ଆଗନ୍ତୁକ ପ୍ରୌଢ଼ଙ୍କୁ ମନାଅ
ତାଙ୍କୁ ବିଶ୍ୱ ହେବା ଲାଗି ସେହିଦିନ ସେହିଦିନ ତମେ
ପାଇବ ଉଦ୍ଧାର ।

—ସମୁଦ୍ରକୂଳ ।

Digitized by PPRACHIN, SOA

ମହାରାଜା ରାସ୍ତା ଭାଙ୍ଗିବାର ଶୁଭ ଦେବେ ? ପତ୍ନୀ ଅବିଶ୍ୱାସିତା ? ବ୍ୟର୍ଥତାବୋଧ ପ୍ରଚଣ୍ଡ । ବନ୍ଧ୍ୟାତ୍ୱ ଓ ଅକ୍ଷମତା ନିତାନ୍ତ । କାଳ ଅନୁତ୍ତର୍ଯ୍ୟ । ମୃତ୍ୟୁର ଉପଜୀବ୍ୟ ହେବା'ହିଁ ଜୀବନର ସାରାଂଶ । ସର୍ବାନ୍ତକ ବିନାଶ ଶେଷକଥା । ମଣିଷ ମୁକ୍ତି ଖୋଜିପାରେ, ଉଦ୍ଧାର ପାଇବାକୁ ବ୍ୟାକୁଳ ହୋଇପାରେ, ପଥ ପ୍ରସ୍ତୁତ କରିପାରେ; ମାତ୍ର ଅନିବାର୍ଯ୍ୟ ଭାବରେ ଭେଟିବ ସର୍ବାନ୍ତକ ବିନାଶକୁ । ଯେଉଁ ଦିନ ରାସ୍ତା ଖୋଲା ହେବ ମହାରାଜା ତାଙ୍କୁ ଭାଙ୍ଗିବାର ଶୁଭ ଦେବେ । ଶ୍ଳେଷ ସ୍ପଷ୍ଟ । ମୁକ୍ତିର ସମ୍ଭାବନାକୁ ଉଦୟ ମାତ୍ରେ ଅନ୍ଧ ଅନତିକ୍ରମ୍ୟ ଭାଗ୍ୟ ନଷ୍ଟ କରି ଦେବ । ଲଗ୍ନ ମାତ୍ରେ ଭ୍ରଷ୍ଟ । ଉଦ୍ୟୋଗ ମାତ୍ରେ ନିଷ୍ଫଳ । କେବଳ ସେହିଦିନ ମଣିଷ ଉଦ୍ଧାର ପାଇବ, ଯେଉଁଦିନ ତା'ର ଅବିଶ୍ୱସ୍ତା ପତ୍ନୀ ଆଗନ୍ତୁକ ପ୍ରେମିକଙ୍କୁ ବିଭା ହେବାକୁ ତା ପାଖରେ ଅଳି କରୁଥିବାର ଉଦ୍ଭଟ ସ୍ୱପ୍ନ ସେ ଦେଖିବ ! 'ଓ ତା ପରେ ଫୁଲ ଫୁଲ ଖାଲି ଫୁଲ, ଖଟ ଓ ରାସ୍ତାରେ ।' ଏବେ ମୁକ୍ତି ପ୍ରଚେଷ୍ଟାର ଉଦ୍ଭଟତା ଓ ନିରର୍ଥକତା କ'ଣ ଆଉ କାହାକୁ ବୁଝାଇ କହିବାକୁ ହେବ ? ମୁକ୍ତି ଯେବେ କେବେ ଆସେ, ତାହା ଆସିବ କେବଳ ମୃତ୍ୟୁ ରୂପରେ । ମଣିଷ ପକ୍ଷରେ ଆଧ୍ୟାତ୍ମିକ ମୁକ୍ତି ଖୋଜିବା ଅନଧିକାର ଚର୍ଚ୍ଚା । ହ୍ୟୁଗ୍ ଭନ୍ ହଫମ୍ୟାନସ୍ଥାଲ୍‌ଙ୍କ ନାୟକ ମୃତ୍ୟୁକୁ ଅସ୍ୱୀକାର କରିବାକୁ ଚାହିଁବାରୁ ମୃତ୍ୟୁ ତାକୁ ଚେତେଇ ଦେଇଛି, "What all men have, you, too, were given;/An earthly life, to be lived in earthly fashion." (Death and the Fool) ମୃତ୍ୟୁ ନ ହେଲେ ଜୀବନ୍ମୃତ୍ୟୁକୁ ଭଜିବାକୁ ହେବ—ପ୍ରତ୍ୟେକ ଗଣ୍ଠିର ପୀଡ଼ା, ଗ୍ଲାନିର ଦହନ ଓ ଲଜ୍ଜାରୁଣ ବୁଢ଼ୀଟିର ନିସ୍ପ୍ରେମ ଆଲିଙ୍ଗନକୁ ବରିବାକୁ ପଡ଼ିବ । ନିଷ୍କ୍ରମଣ ଉଦ୍ୟୋଗ ପରିପୂର୍ଣ୍ଣ ମୃତ୍ୟୁରେହିଁ ଚରିତାର୍ଥ ହେବ ।

ଉଲ୍ଲିଖିତ ଉଦାହରଣ ସମୂହରୁ ସହଜରେ ଲକ୍ଷ୍ୟ କରି ହେବ ଯେ, ଶ୍ରୀରଥଙ୍କ କବିତାର ସ୍ୱତନ୍ତ୍ର ଏକ ତିର୍ଯ୍ୟକ କଳାବିଧି ତାକୁ ଦୁର୍ବୋଧ ଓ ଅସ୍ପଷ୍ଟ

Digitized by PPRACHIN, SOA

କରେ । ସେଥିପାଇଁ ଶବ୍ଦ ବା ସଚେଷ୍ଟ ଉଦ୍ଭଟତା ଦାୟୀ ନୁହନ୍ତି । କବି କଥ୍ୟଗ୍ରାହ୍ୟ ଓ କାବ୍ୟଗ୍ରାହ୍ୟର ନିର୍ବିରୋଧ ସାଧନ କରନ୍ତି । ଅନେକଷ୍ଟ ଜୀବନ୍ତ କଥ୍ୟ ଭାଷାରୁ ଶବ୍ଦ ଓ ତାର ବିଶିଷ୍ଟ ପ୍ରୟୋଗ ଭଙ୍ଗୀ ଅବିକଳ ବଡ଼ ସ୍ୱଚ୍ଛନ୍ଦରେ କାବ୍ୟକୋଳକୁ ଉଠି ଆସିଛନ୍ତି । ଯେମିତି—'କୋଳାହଳ ଗୁଚ୍ଛା ନ ଥିବାର', 'ବିଲ୍‌କୂଲ୍ ନ ଥିବା ଏବଂ ଓପର ଓଳିର ଖପରା ବି ଝଲମଲ ମହୁଫେଣା', 'ସେ କଣ ତମର ସ୍ୱର ? ମୁଁ ତ ଜମା ବାରି ପାରୁନାହିଁ' ଓ ସନ୍ଧ୍ୟାବେଳ କଣ ଏ ଯାଏ ନ ଜାଣି ଥିବା ଆଲୋକ ରଶ୍ମିରେ' ଇତ୍ୟାଦି । କିନ୍ତୁ ଭାବର ଲଘୁତା ସୂଚାଇବାକୁ ହେଲେ କବି ଜାଣି ଜାଣି ଭାଷାକୁ ସାଧୁ କରି ଦିଅନ୍ତି । ଲଘୁତା ଓ ଗାମ୍ଭୀର୍ଯ୍ୟ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ଶ୍ଳେଷ ଫୁଟି ଉଠେ । ପିଲାମାନେ ଜନ୍ମ ମାତ୍ରେ ମରନ୍ତି ସ୍ଥାନରେ ସେ ଲେଖନ୍ତି, 'ପିଲାମାନେ ଅସ୍ଥିର ଦେବାଙ୍କ ଖିଳାରେ ଗୋଟେ ଗୋଟେ ତାର ।' 'ଅସ୍ଥିର ଦେବା' ପ୍ରୟୋଗର ବକ୍ର ଭଙ୍ଗିମା ଦୁର୍ନିରୀକ୍ଷ୍ୟ ନୁହେଁ । ଏହି ଦୃଷ୍ଟିରୁ 'ହୃଦୟେଶ୍ୱରୀ' କବିତାର ଚଣ୍ଡୀସ୍ତୋତ୍ର ମଧ୍ୟ ଧ୍ୟାତବ୍ୟ —"ମୁକ୍ତକେଶ ମାଗୋ ଲମ୍ବିଅଛୁ ଆଣ୍ଠୁଯାଏ ତୋର । ମୁକ୍ତାହାର ଶୋହେ ମାଗେ ତୋ ବର୍ତ୍ତୁଳ ସ୍ତନଙ୍କ ଉପରେ ।" ଅଧିକାଂଶ କବିତାର ନାମ ଶ୍ଳେଷାତ୍ମକ । ଯଥା—ହୃଦୟେଶ୍ୱରୀ, ରଜାଙ୍କ ରୋମାନ୍ସ, ସ୍ୱର୍ଗାରୋହଣ, ପୁନର୍ମିଳନ, ରାଣୀ, ଦିଗ୍‌ବିଜୟ, ସାରବର, ଅତିଥିସତ୍କାର, ଜନମାର ସ୍ନେହ, ଉଜ୍ଜ୍ୱଳ ଭବିଷ୍ୟତ, ପ୍ରେମପତ୍ର, ପ୍ରାଣପଙ୍କିମା, ପ୍ରକୃତିର ସନ୍ତାନ, ଓ ଅଦୃଷ୍ଟର ସୁବାସିତ ବେଳ ଇତ୍ୟାଦି । ସାଧୁଭାଷାର ପ୍ରୟୋଗ ଭଙ୍ଗୀରୁ ଗମ୍ଭୀର ଗୃହିଣୀ ବାରି ହୋଇଯାଏ । ଏଣୁ ଆମେ ଶ୍ରୀନାଥଙ୍କୁ ଆଦ୍ୟନ୍ତ ଗମ୍ଭୀର ଗୃହିଣୀର କବି ବୋଲି କହୁ । ତାଙ୍କର ଏହି ଶ୍ଳେଷବକ୍ର ଶ୍ଲକ୍ଷ୍ଣଲକ୍ଷଣର ଭଙ୍ଗୀଟିକୁ ନ ବୁଝିଲେ ସିଧା ମୁଣ୍ଡରୁ କବିତା 'ଉଜ୍ଜ୍ୱଳ ଭବିଷ୍ୟତ'କୁ ଲୋକେ ଇଣ୍ଡୋଜିଆର ଈଶ୍ୱରୀପଲବଧିର ରଚନା ବୋଲି କଦର୍ଥ କରି ପାରନ୍ତି ।

ଶବ୍ଦ ପରେ ବାକ୍ୟ । କବିଙ୍କ ଅଭିପ୍ରାୟ ଓ ଚିନ୍ତାପଦ୍ଧତି ପ୍ରକଟନ କରିବା ଦାୟିତ୍ୱ ଏହି ବାକ୍ୟର । ଶବ୍ଦର କାମ ହେଉଛି ଚିତ୍ର ଓ ସଙ୍ଗୀତ ଯୋଗାଇବା । ମାତ୍ର ସେହି ଶବ୍ଦକୁ ବିଚ୍ଛିନ୍ନ ଭାବରେ ଦେଖିଲେ

Digitized by PPRACHIN, SOA

ଚନ୍ଧଧରେ ସହଜାତ ଚମତ୍କାରିତା ପ୍ରାୟ ଦେଖିବାକୁ ମିଳେ ନାହିଁ । କାବ୍ୟଧର୍ମିତା ଶବ୍ଦର ସ୍ୱଧର୍ମ ନୁହେଁ, ଯଦିଓ ପରମ୍ପରାଗତ ଭାବାନୁଷଙ୍ଗ ଫଳରେ କେତୋଟି ଶବ୍ଦ କଳ୍ପନା ଉଦ୍ଦୀପକ ହୋଇ ପାରନ୍ତି । ଶବ୍ଦ ମାତ୍ରେ ନିର୍ଗୁଣ । କବି ବାକ୍ୟରେ ସେଗୁଡ଼ିକୁ କାବ୍ୟାର୍ଥ ଦାନ କରନ୍ତି । ବାକ୍ୟହିଁ କାବ୍ୟଶିଳ୍ପର ପ୍ରାଣ । ସେଥିପାଇଁ ଆମ ବିଶ୍ୱନାଥ କହିଥାନ୍ତି, 'କାବ୍ୟଂ ରସାତ୍ମକଂ ବାକ୍ୟମ୍ ।' ଏଠାରେ ସ୍ମରଣ ରଖିବାକୁ ହୁଏ ଯେ ଆଳଙ୍କାରିକ ବିଶ୍ୱନାଥ ଶ୍ରୋତା ବା ପାଠକ ଦିଗରୁ କାବ୍ୟ ବିଚାର କରନ୍ତି, ଯେମାନଙ୍କ ଚିତ୍ତରେ ବାକ୍ୟ ପ୍ରତ୍ୟାଶିତ ପ୍ରତିକ୍ରିୟା ସୃଷ୍ଟି କରୁଥିଲେ ତାଙ୍କ ପାଇଁ କାବ୍ୟ ସାର୍ଥକ ହୁଏ । ଆମେ ଆଜି ଏହି ଦୃଷ୍ଟି-କୋଣରେ ସନ୍ତୁଷ୍ଟ ନୋହୁଁ । ଆଜିର ସମାଲୋଚନା ବାକ୍ୟୋତ୍ତୀର୍ଣ୍ଣ ହୋଇ ତାହାର ନେପଥ୍ୟନିହିତ ସୃଜନୀ ଶକ୍ତିର ସନ୍ଧାନ କରିଥାଏ । କବି ଶବ୍ଦ ଖୋଜିବାକୁ ଯାଇଁ ନିଜର ସ୍ମୃତି, ଅଭିଜ୍ଞତା ଓ ଅନ୍ତରର ସ୍ତର ଗୁଡ଼ିକ ଖୋଜିଥାନ୍ତି, ଆଉ ବାକ୍ୟରେ ସମଗ୍ର ସତ୍ତାର ଆଲୋଡ଼ନକୁ ରୂପ ଦିଅନ୍ତି । ବାକ୍ୟ ହୁଏ କବିଙ୍କ ଅଭିଜ୍ଞତାର ଅଭିଜ୍ଞାନ । ପୂର୍ବୋଦ୍ଧୃତ ଉଦାହରଣ ଗୁଡ଼ିକୁ ସ୍ମରଣ କରନ୍ତୁ । ଆମ ସଭ୍ୟତାର ନିୟତିକୁ ବ୍ୟାଖ୍ୟା କରିବାକୁ ଯାଇ କବି କ୍ଷୟ, ସମୟ ଓ ଅନନ୍ୱୟର ସମ୍ମୁଖୀନ ହୋଇଛନ୍ତି । ଫଳରେ ବାକ୍ୟ ହୋଇଛନ୍ତି ଦ୍ୱିଧାଯନ୍ତ୍ରଣାଶ୍ଳେଷସଂଶୟବନ୍ଧୁର । ଆମେ ଅଧିକ ଉଦାହରଣ ଦେଉ ନାହୁଁ । ଏବେ କେବଳ ବାକ୍ୟବକ୍ରତାରୁ ଅଳ୍ପ କେତୋଟି ଉପସ୍ଥାପନ କରି ବାକ୍ୟପ୍ରସଙ୍ଗ ଶେଷ କରିବୁ । ଆଳଙ୍କାରିକ କୁନ୍ତକ ବାକ୍ୟବକ୍ରତାକୁ କବିଙ୍କ କାବ୍ୟ କୌଶଳ ବୋଲି ବୁଝନ୍ତି । କାବ୍ୟକୁ ଗଢ଼େ ଏହି ଅନବଚମାୟ କୌଶଳ ବାକ୍ୟବକ୍ରତା । ବାକ୍ୟ ରଚନାର ଚମତ୍କାରିତାହିଁ କାବ୍ୟଭାଷାର ଚମତ୍କାରିତା । ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକର ବକ୍ରତା ପାଠକେ ଲକ୍ଷ୍ୟ କରିଥିବେ—ଏବେ ଆଉ ଅଳ୍ପ କେତୋଟି ଦେଖନ୍ତୁ । ଏଗୁଡ଼ିକର ଅର୍ଥ ନ ବୁଝିଲେ ମଧ୍ୟ ପଠନ କ ଶ୍ରବଣମାତ୍ରେ ଯେ କେହି ଆମୋଦିତ ହେବେ । ସୁବନ୍ଧୁ ସେଦିନ କହିଛନ୍ତି, ସତ୍କବିଙ୍କ କବିତା ଅର୍ଥବୋଧ ବିନା ମଧ୍ୟ ଶ୍ରବଣମାତ୍ରେ କାନରେ ମଧୁବର୍ଷା କରିଥାଏ, ଠିକ୍ ଯେପରି ମାଳତୀଫୁଲର ମାଳା ସୁଗନ୍ଧଗ୍ରହଣ

Digitized by PPRACHIN, SOA

ପୂର୍ବରୁ ମଧ୍ୟ ଦର୍ଶନ ମାତ୍ରେ ଦୃଷ୍ଟିନନ୍ଦନ ହୋଇଥାଏ ।[୩୬] ଏଇ ଏବେ କବି ଏଲିୟଟ୍ ପ୍ରାୟ ସମାନ୍ତରାଳ ଭାବରେ ସେହିକଥା କହନ୍ତି ।... genuine poetry can communicate before it is understood. (Dante) । ଶ୍ରୀରାଉତଙ୍କ କାବ୍ୟର ସେହି କରଣକୌଶଳ ଅନୁଧାବନୀୟ,

୧) ଯେଉଁଠାରେ ଓହ୍ଲାଇଲେ ସେହିଠାରେ ତୁମ ଆଲିଙ୍ଗନ ।

୨) ତମ ଇନ୍ଦ୍ରଧନୁ ଦେହେ ମୁଁ ଗୋଟିଏ ରଙ୍ଗ ହୋଇ ପାରେ ।

୩) ତମେ ଏକ ନୀଳବର୍ଣ୍ଣ ଅଭ୍ରକ ଯେଉଁଠି
ସବୁ କାନ୍ଦ, ସବୁ ହସ, ଲିଖିଯାଏ ତାଙ୍କାପର
ନକ୍ଷିତ ପଠାରେ ।

୪) ଏକ ପ୍ରଗଳଭ କାମନା
ନଇଁଷ୍ଟି ମୃତ୍ୟୁର୍ଭୈ ଯାହା ମୋ ସ୍ୱରର ଅନୁକରଣରେ
ତମ ପାଇଁ କରୁଥିବ ଝୁରିବା ବାହାନା ।

୫) ବଳୟରେ ପୁଷ୍ପିତ ସମସ୍ତ
ଲୋଡ଼େ ଅନ୍ୟ ରହସ୍ୟର ବର୍ଣ୍ଣାଢ୍ୟ ସ୍ତବ୍ଧତା ।

୬) ମୁଁ ପୁଣି ତପସ୍ୟାକରେ ବସି ମୋର ଅହଙ୍କାରଙ୍କର
ପବନ ଦେଉଳୁ ଖସି ପଡ଼ିଥିବା ପଥର ଉପରେ
ଅକସ୍ମାତ୍ ପଦ୍ମ ହୁଏ କାନ୍ଦଣା ଯାହାର ।

୭) ସ୍ୱପ୍ନବର୍ଣ୍ଣ ବାଳ ତାର ଏତେ ବହଳ ଯେ
ସେ ଅରଣ୍ୟେ କେତେ ମୃତ୍ୟୁ ନିରୁଦ୍ଦିଷ୍ଟ ହୁଏ ।

ପ୍ରତିଟି ଶବ୍ଦ ଅପରାପର ଶବ୍ଦଗୁଡ଼ିକ ସଂଯୋଜନାରେ କବିଙ୍କ ଗୂଢ଼ ରହସ୍ୟମୟ କାବ୍ୟଭାବନାର କ୍ଷୀଣ ଦ୍ୟୁତି ବିସ୍ତାର କରୁଛନ୍ତି ।

---

୩୬ । ଅବିରତ ଗୁଣାପି ସତ୍କବିଭଣିତୋଃ କର୍ଣ୍ଣେଷୁ ବମତି ମଧୁଧାରମ୍
ଅନଧିଗତପରିମଳାପିହି ହରତି ଦୃଶଂ ମାଳତୀ ମାଳା ।
—ବାସବଦତ୍ତା, ଶ୍ଳୋକ ୨ ।

Digitized by PPRACHIN, SOA

ଶବ୍ଦ ଗୁଡ଼ିକର କାବ୍ୟଧର୍ମିତା ଉଦ୍‌ଭୂତ ହୋଇଛି ବାକ୍ୟ ପ୍ରୟୋଗର ଉପାୟ ଓ ପ୍ରକରଣରୁ । ଭାବ ପ୍ରବାହର ବିଶେଷ ସଂସ୍ଥାନ ତଥା ଧ୍ୱନି ଓ ଦ୍ୟୋତନାର ସମ୍ପର୍କରୁ ମୁଖ୍ୟାର୍ଥକୁ ଅତିକ୍ରମ ଭାଷା ପ୍ରାପ୍ତ ବ୍ୟଞ୍ଜନା ଲାଭ କରୁଛି । କବିକଳ୍ପନା ଏଠେ ଚିତ୍ରସୃଷ୍ଟିଶୀଳ । ତେଣୁ ଅର୍ଥ ଠିକ୍ ଧରି ହେଉ ନ ଥିଲେ ମଧ୍ୟ ମୁଗ୍ଧ ହେବାରେ କୌଣସି ଅନ୍ତରାୟ ରହୁନାହିଁ; ଚିତ୍ରଗୁଡ଼ିକର ଦର୍ଶନେନ୍ଦ୍ରିୟ ଆବେଦନ ବ୍ୟର୍ଥ ହେଉ ନାହିଁ ।

ପ୍ରତୀକ ଓ ଚିତ୍ରକଳ୍ପ :

ଆଧୁନିକ କାବ୍ୟଭାଷାର ବୈଶିଷ୍ଟ୍ୟ ହେଉଛି ମିଥ୍, ପ୍ରତୀକ ଓ ଚିତ୍ରକଳ୍ପ । ଶ୍ରୀରଥଙ୍କ କବିତାରେ ତନ୍ମଧ୍ୟରୁ ମିଥ୍‌ର ଅସଦ୍ଭାବ ଦୁର୍ଲକ୍ଷ୍ୟ ନୁହେଁ । ତାଙ୍କର ସମସାମୟିକ କବି ଶ୍ରୀ ସୀତାକାନ୍ତ ମହାପାତ୍ର ଯେତେବେଳେ ମିଥ୍ ପ୍ରୟୋଗ କ୍ଷେତ୍ରରେ ନୈପୁଣ୍ୟ ପ୍ରଦର୍ଶନ କରନ୍ତି ସେତେବେଳେ ସେ ମିଥ୍ ପ୍ରତି ନିସ୍ପୃହ କାହିଁକି ? ପୁରାଣରେ ପ୍ରବେଶ ନାହିଁକି ? ମିଥ୍ ପ୍ରବଣତା କିନ୍ତୁ କେବେ ପୁରାଣ ଜ୍ଞାନ ସାପେକ୍ଷ ନୁହେଁ । ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ପୁରାଣରେ କବିଙ୍କ ପ୍ରବେଶ ଅବିସମ୍ବାଦିତ । କବିତାରେ ସେ ପୁରାଣ ପ୍ରୟୋଗ କରି ନାହାନ୍ତି ନୁହେଁ । ସୁଭଦ୍ରା, ତ୍ରିଶଙ୍କୁ, ସତ୍ୟବତୀ, ପରାଶର ଓ ସାଇମନ ଫାରିସିଙ୍କ ଉଲ୍ଲେଖ, ରାଧାକୃଷ୍ଣ ତଥା ଅଧୋମୁଖ ଊର୍ଦ୍ଧ୍ୱପାଦ ଯାଯାବରୀୟ ଋଷି ପ୍ରସଙ୍ଗ ନିର୍ଦ୍ଦେଶ ତଥା ପିଟର ପାଖକୁ ଖ୍ରୀଷ୍ଟଙ୍କ ସମୁଦ୍ରଗମନ ଓ ପୁରୁଷ ଅସ୍ଥିରେ ନାରୀ ଶରୀରଗଠନାଦି ପୌରାଣିକ ଆଲ୍ୟୁଜନ ସଂଯୋଜନ କରି କବିତାର ଭାବକଳ୍ପକୁ ସେ ସମ୍ପ୍ରସାରିତ ରଖିଛନ୍ତି ଯଥେଷ୍ଟ । ତେବେ ଅତୀତକୁ ବର୍ତ୍ତମାନ ସହିତ ଯୁକ୍ତ କରିବା ତାଙ୍କର ସମସ୍ୟା ନୁହେଁ, ଅତୀତ ଓ ବର୍ତ୍ତମାନର କଣ୍ଟ୍ରାଷ୍ଟ କୌତୁକ ପ୍ରଦର୍ଶନ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ । କବି ଶ୍ରୀମହାପାତ୍ର କିନ୍ତୁ ସଜୀବ ବର୍ତ୍ତମାନ ସହିତ ପୁରାଣ ଜୀବନ ଭାବନାର ସାମଞ୍ଜସ୍ୟ ସାଧନରେ ବ୍ରତୀ । ପୂର୍ବଘଟିତ ଓ ବର୍ତ୍ତମାନ ମୁହୂର୍ତ୍ତର ଅବିଚ୍ଛେଦ୍ୟ ହୃଦ୍ୟତା ତାଙ୍କର ଧ୍ୟେୟ । ମିଥ୍ ପ୍ରୟୋଗର ତାତ୍ପର୍ଯ୍ୟ କ୍ଷେତ୍ରରେ ଏପରି ପାର୍ଥକ୍ୟ ପ୍ରକୃତରେ

Digitized by PPRACHIN, SOA

ହେବାକୁ ବାଧ୍ୟ । ସୁଦୂର ନକ୍ଷତ୍ରଲୋକରୁ ଶତ ଶତ ଆଲୋକବର୍ଷ ବାହି ଆଲୋକ କଣାଟିଏ ମର୍ତ୍ତ୍ୟଚୁମ୍ବିଲ ବେଳକୁ ହୁଏତ ସେହି ନକ୍ଷତ୍ରଟି ଥାଇ ପାରେ, ମାତ୍ର ପ୍ରେମପତ୍ରଟି ପ୍ରେମିକାର ହସ୍ତଗତ ହେଲାବେଳକୁ ପ୍ରେମିକ କେବେ ନ ଥିବେ । ଅଥଚ ଆମେ ପ୍ରେମପତ୍ର ପାଇ, ଆନନ୍ଦରେ ଗଦ୍‌ଗଦ୍ ହୋଇ ଓ ପ୍ରେମାସ୍ପଦ ଉଦ୍ଦେଶ୍ୟରେ ଚୁମ୍ବନ ପଠାଉ । ଆମର ହାସ୍ୟକର ପ୍ରେମୋଦ୍ୟମକୁ କପର କବି ଉପହାସ କରନ୍ତି, ତାହା ଆମେ ପୂର୍ବରୁ ଦର୍ଶାଇଛୁ । ପତ୍ନୀ ଶଠିକୁ ସତ ବୋଲି ଭାବେ । କାବ୍ୟନାୟକ ଏଥିରେ କିନ୍ତୁ କୃତାର୍ଥ ହୁଏ ନାହିଁ । ପତ୍ନୀର ମନଗଢ଼ା ପ୍ରେମକୁ ସେ ବିଦ୍ରୂପ କରେ । ମଣିଷର ପ୍ରେମାବେଗ ଅଖଣ୍ଡ କି ଅବିଭକ୍ତ ନୁହେଁ । ଅବୈକଳ୍ପ ବଞ୍ଚିତ ମଣିଷର ଚେତନା ଖଣ୍ଡିତ ପ୍ରଶ୍ନୋତ୍ତର ସନ୍ତତିରେ ପରିଣତ । ଏହି ପ୍ରକାରେ ଈର୍ଷା ଓ ଶୋକାଦି ଅନ୍ୟାନ୍ୟ ଆବେଗକୁ ମଧ୍ୟ ଖଣ୍ଡିତ ବୋଲି ବୁଝିବାକୁ ହେବ । ଏହି ବିଶିଷ୍ଟ ସମୟବୋଧ କବିଙ୍କ କାବ୍ୟଶୈଳୀକୁ ଅନେକାଂଶ ନିୟନ୍ତ୍ରଣ କରିଛି । ତେଣୁ ତାଙ୍କର କେତେକ କବିତାରେ ପ୍ରଯୁକ୍ତ ଚେତନାପ୍ରବାହ ଶୈଳୀଟି ଭାବତନ୍ତ୍ର ବରଣ କରାଯାଇଥିବା ସୌଖୀନ୍ ଆଧୁନିକତା ମାତ୍ର ନୁହେଁ, ତାହା ତାଙ୍କ ସମୟବୋଧ ଓ ଜୀବନ ଦର୍ଶନର ଅନାୟତ୍ତ ବଶମ୍ବଦତା । ସାହିତ୍ୟରେ ଏହି ଚେତନାପ୍ରବାହ ଶୈଳୀଟି ଖଣ୍ଡ ବିଚ୍ଛିନ୍ନ ମୁହୂର୍ତ୍ତ ଓ ବସ୍ତୁବୁଧ ବିଶୃଙ୍ଖଳ ବିବିଧ ତାତ୍କାଳିକ ଅନୁଭୂତି ଭିତରେ ସମୟ ତଥା ଚେତନାର ଅଖଣ୍ଡତା ଓ ଐକ୍ୟ ପ୍ରତ୍ୟୟକୁ ବୋଧଗମ୍ୟ କରାଇଥାଏ । ଆତ୍ମସଚେତନତା, ଅନାତ୍ମବାଦ, ଚେତନାପ୍ରବାହ, ମୁକ୍ତ ଅନୁଷଙ୍ଗ (free associations) ଓ ଚିତ୍ରକଳ୍ପଯୁକ୍ତ ପାରମ୍ପର୍ଯ୍ୟ (logic of images) ଇତ୍ୟ ଗ୍ରନ୍ଥିବଦ୍ଧ । ଲଜିକ୍ ଅଫ୍ ଇମେଜସ୍ କଥାଟାର ଲଜିକ୍ ପ୍ରକୃତରେ ଇଲଜିକାଲ—ଯୁକ୍ତି-ରହିତ । କାରଣ ଘଟଣାର ସ୍ୱାଭାବିକ ପର୍ଯ୍ୟାୟକ୍ରମ କି ଅତୀତ ବର୍ତ୍ତମାନ ଭବିଷ୍ୟତର ବ୍ୟବହାର ସିଦ୍ଧ କ୍ରମ ପରଂପରା ସେଠାରେ ଆଦୌ ଉପସ୍ଥିତ ନ ଥାଏ । ଭାବପ୍ରବାହରେ ତେଣୁ ବହିରଙ୍ଗ ଯୁକ୍ତିଶୃଙ୍ଖଳା ଖୋଜିଲେ ଯେ କେହି ନିରାଶ ହେବେ । ତେବେ ସାହିତ୍ୟିକଗଣ ସ୍ରଷ୍ଟା ଭିତରର ଚେତନାକୁ ଏପରି ଗଠିତ କରିଥାନ୍ତି ଯେ, ତା'ର ଆପାତ ବିଶୃଙ୍ଖଳ ଓ ଅବ୍ୟବସ୍ଥିତ ଅନୁଭୂତି ମଧ୍ୟରେ ଅନ୍ତର୍ନିହିତ ସଙ୍ଗତି ଓ ସଂଯୋଗ ସମ୍ପର୍କ ଗଢ଼ି ଉଠି

Digitized by PPRACHIN, SOA

ଥାଏ, ଯଦିଓ ସେହି ସଂଯୋଗ ସମ୍ପର୍କ କାହିଁ ପ୍ରକାଶ୍ୟ କି ପ୍ରତ୍ୟକ୍ଷ୍ୟ ରୂପେ ନ ଥାଏ । ପାଠକଙ୍କୁ ନିଜ ଚେତନାରେ ସେହି ସମ୍ପର୍କ ସୂତ୍ରକୁ ପୁନର୍ଗଠିତ କରି ନେବାକୁ ହୁଏ । ତେଣୁ ଚେତନାପ୍ରବାହଶୈଳୀର ରଚନାକୁ ଅନୁଭବ କି ଅନୁଧାବନ କରିବାକୁ ହେଲେ ହୃଦୟସଂବେଦ୍ୟ ସହଯୋଗ ଅବଶ୍ୟ ପ୍ରୟୋଜନୀୟ । ଏଠାରେ ସ୍ମରଣ ରଖିବାକୁ ହୁଏ ଯେ, ଲେଖକଙ୍କ ସଙ୍ଗଠନ ଦୁର୍ବଳ ଓ ଅସମର୍ଥ ହୋଇଥିଲେ ଯେପରି ରଚନା ଦୁର୍ବୋଧ ଓ ଅବାନ୍ତର ହୋଇଯିବାର ବିପଦ ରହିଛି, ଠିକ୍ ସେହିପରି ପାଠକ ସେହି ସଂଯୋଗ ସୂତ୍ରକୁ ଧରି ନ ପାରିଲେ ତାହା ତାଙ୍କ ପାଇଁ ବାଜେ ଓ ନିରର୍ଥକ ହୋଇଯିବାର ଆଶଙ୍କା ରହିଛି । ଭଲ ଲେଖକ ସନ୍ତର୍ପିତ ସତର୍କତା ବଳରେ ସୁନିର୍ବାଚିତ ମୁକ୍ତ ଅନୁଷଙ୍ଗକୁ ଯଥାସମ୍ଭବ ସଂଯତ, ସଂହତ ଓ ସୁବ୍ୟବସ୍ଥିତ ରୂପ ଦେଇଥାନ୍ତି । ଯଥାଯଥବୋଧ ଓ ସୁନିଶ୍ଚିତଜ୍ଞାନ ତାଙ୍କର ବଡ଼ ପ୍ରୟୋଜନ । ଆମ କବି ତାହା ଜାଣନ୍ତି । କବିତା ରଚନାରେ ମଧ୍ୟ ସନ୍ତର୍ପିତ ସତର୍କତା ଲୋଡ଼ା—"There is a great-deal in the writing of poetry, which must be conscious and deliberate." ତେଣୁ ପାଠକ ଯେତେବେଳେ କବିତାକୁ ଦୁର୍ବୋଧ ଓ ଅବାନ୍ତର ପ୍ରଳାପ ବୋଲି ଆକ୍ଷେପ କରେ ସେତେବେଳେ ତାଙ୍କ ବୁଦ୍ଧି ଓ ବୈଦଗ୍ଧ୍ୟରେ ଆମର ସନ୍ଦେହ ହୁଏ । ଏହି ଚେତନା ପ୍ରବାହଶୈଳୀରେ ବ୍ୟକ୍ତିଗତ ସ୍ମୃତିର ଭୂମିକା ବଡ଼ ଗୁରୁତ୍ୱପୂର୍ଣ୍ଣ । ଅସ୍ଥିର ପରିପ୍ରେକ୍ଷୀରେ ଚେତନାର ଅଖଣ୍ଡତା ଓ ଐକ୍ୟ-ବୋଧ ଅନୁସନ୍ଧାନ ଅନେକାଂଶ ଆଜି ଆଧୁନିକ ସାହିତ୍ୟର ପ୍ରମୁଖ ବିଷୟ ହୋଇ ଉଠିଛି । ଅନୁସନ୍ଧାନର ସୂତ୍ର ରହିଛି ସ୍ମୃତି ହାତରେ । ଶ୍ରୀରଥଙ୍କ କବିତାରେ ତାଙ୍କ ବ୍ୟକ୍ତିଗତ ସ୍ମୃତି ଅନୁଷଙ୍ଗ ଅସ୍ପଷ୍ଟତାର ଅନ୍ୟତମ କାରଣ ହୋଇଛି । 'ଇଭଲସେସ୍'ର ରଚନାଶୈଳୀ ସମ୍ପର୍କରେ ଏଲିୟଟ୍ ଯାହା କହନ୍ତି ତାହା ମନେ ରଖିଲେ ଶ୍ରୀରଥଙ୍କ କବିତାପ୍ରତି ଉପଯୁକ୍ତ ମର୍ଯ୍ୟାଦା ପ୍ରଦର୍ଶନ କରିହେବ । ସେ କହନ୍ତି, "In some minds certain memories, both from reading and life, become charged with emotional significance. All these are used, so that intensity is gained at the

Digitized by PPRACHIN, SOA

expense of clarity."[୩୭] ସାନ୍ଦ୍ରତା ପାଇଁ ଅସ୍ପଷ୍ଟତା ସାଜେ । ଚେତନା ପ୍ରବାହ, ବ୍ୟକ୍ତିଗତ ସ୍ମୃତି ଅନୁଷଙ୍ଗ ଓ ଲଜିକ୍ ଅଫ୍ ଇମେଜେସ୍ ଏକାଠି ହେଲେ ଅସ୍ପଷ୍ଟତାକୁ ଅତିକ୍ରମ କରିବା ସହଜ ନୁହେଁ । କବିତା ଆଜି ଅନ୍ତର୍ଜୀବନକୁ ଆଶ୍ରୟ କରିଛି । ମାନବସତ୍ତାର ପ୍ରକୃତ ପରିଚୟ ସ୍ଥୂଳ ଘଟଣାରେ ସୁଲଭ ହୁଏ ନାହିଁ, ତାହା ରହିଛି ତାର ମନୋବୃତ୍ତିର ପ୍ରବାହଧାରାରେ । ମନୋବୃତ୍ତିର ପ୍ରବାହଧାରା ଶ୍ରୀରଥଙ୍କ କବିତାର ଉପଜୀବ୍ୟ । ତାଙ୍କ କବିତାରେ ତେଣୁ ସ୍ଥୂଳ ଘଟଣା ପ୍ରାପ୍ତ କରୁ ଘଟି ନାହିଁ । ଗୋଟିଏ ଅବୈକଲ୍ୟବଞ୍ଚିତ ମୁମୂର୍ଷୁ ବ୍ୟକ୍ତିର ଚେତନାରେ ଯେଉଁ ସବୁ ଭାବନା ଆସୁଛି ଓ ଯାଉଛି, ସେସବୁହିଁ କେବଳ ସେଥିରେ ଲିପିବଦ୍ଧ ରହିଛି । ସେହି ଚେତନାରେ ସମଗ୍ର ମାନବ ସମାଜ ପାଇଁ ସମ୍ବେଦନା ଓ ସହୃଦୟତା ସମୁଦ୍ୟତ ଥିବାରୁ ତାହା ଅବଶ୍ୟମ୍ଭାବୀ ଭାବରେ ଆମୂଳାନ୍ତ ବିଷଣ୍ଣ ହେବାକୁ ବାଧ୍ୟ ହୋଇଛି । ତେଣୁ ଶ୍ରୀରଥଙ୍କ କବିତା ଉପରେ ସ୍ଥିର ଶାନ୍ତ ଏକ ବିଷଣ୍ଣତାକୁ ବର୍ଷା ଋତୁର ଘୁମ୍ବାସଞ୍ଚାରି ମେଘପରି ସଞ୍ଚାରି ରହିଥିବାର ଯେ କେହି ଲକ୍ଷ୍ୟ କରି ପାରିବେ । ଏବେ ଆମେ ଚିତ୍ରକଳ୍ପ ପ୍ରୟୋଗ ନୈପୁଣ୍ୟ ଅନୁଧାବନ ସୂତ୍ରରେ କବିଙ୍କ ବିଶିଷ୍ଟ ସମୟବୋଧ ତାଙ୍କର କେତେକ କବିତାକୁ ଏହି ଯେଉଁ ଚିତ୍ରକଳ୍ପାତ୍ମକ ଚେତନା ପ୍ରବାହ ଶୈଳୀରେ ଭାଷିତ କରିଛି ତାହା ମଧ୍ୟ ଦେଖି ପାରିବା ।

ଚିତ୍ରକଳ୍ପ ଇନ୍ଦ୍ରିୟସମ୍ବେଦ୍ୟ କଳ୍ପନାର ଲୀଳା । ବାକ୍‌ବ୍ୟଞ୍ଜନା ଯେବେ କବିତାର କଳାକୌଶଳ ହୁଏ, ତେବେ ସେହି ବ୍ୟଞ୍ଜନା ସବୁବେଳେ କୌଣସି ନା କୌଣସି ଇନ୍ଦ୍ରିୟନିର୍ଭର ଅଭିଜ୍ଞତାର ରୂପ ପରିଗ୍ରହ କରେ । ଶ୍ରୀରଥଙ୍କ କବିତା ଇନ୍ଦ୍ରିୟବେଦ୍ୟ (sensuous) । ତାହା ମୂଳତଃ ଧ୍ୱନି-ଦୃଶ୍ୟ-ସ୍ପର୍ଶ-ଘ୍ରାଣ ସମ୍ପୃକ୍ତ ଅନୁଭୂତିରେ ଉଦ୍‌ବୁଦ୍ଧ ରହିଥାଏ । ତେଣୁ ଇନ୍ଦ୍ରିୟଜ ଅଭିଜ୍ଞତା ହେଉକି ବିମୂର୍ତ୍ତ ଦାର୍ଶନିକ ଭାବ ହେଉ କବିକଳ୍ପନାରେ ସବୁ କିଛି ଇନ୍ଦ୍ରିୟଗ୍ରାହ୍ୟ ଚିତ୍ରକଳ୍ପରେ ରୂପାନ୍ତରିତ

---

୩୭ । ଉକ୍ତ ମନ୍ତବ୍ୟ ମାଥିଏସନଙ୍କ 'The Achievement of T, S, Eliot' ଗ୍ରନ୍ଥରେ ଉଦ୍ଧୃତ ରହିଛି, ପୃଷ୍ଠା ୫୭ ।

Digitized by PPRACHIN, SOA

ଓ ପ୍ରଶଂସିତ ହୋଇଥାନ୍ତି । ଅଜସ୍ର ଉଦାହରଣ ସଂଗ୍ରହ କରିହେବ । ସହଜ ଦୃଷ୍ଟାନ୍ତ ସ୍ୱରୂପ ଦୁଇଟି ଦେଖନ୍ତୁ,

୧) ଏ କ୍ଷିପ୍ର ଧୂସର ମେଘ କାନ୍ଦୁଥିଲା କାଲି
ଗାତରେ ତା ମୁହଁ ରଖି ଗୁମର ବାଡ଼ରେ
(ଆଜି ତେଣୁ ସେଠି ଫୁଟିଲେ ବୁନ୍ଦା ବୁନ୍ଦା ଲୁହ)

—ଛୁଟିର ସ୍ମୃତି

୨) ମୁଁ ଦେଖିବି ମୋ ସମସ୍ତ ବସିଅଛି ଆତତାୟୀ ପରି
ମୋ ବାଟକୁ ଘୁଞ୍ଚି ତମ ଲମ୍ବ ଅଙ୍କା ଫାଶୀ ହାତେ ଧରି

—ଶେଷ ଦିନ ଅସରନ୍ତି ଦିନ ।

ଉଭୟସ୍ଥଳ କବିକଳ୍ପନା ବିଶେଷ ଏକ ଏକ ଅନୁଭୂତିର ଆବେଗରେ ଦୃଶ୍ୟ ରୂପ ଧରିଛି । ଦୁଇଟି ଯାକ ଅବଶ୍ୟ ପାଶ୍ଚାତ୍ୟ ଅଲଙ୍କାର ଶାସ୍ତ୍ରର ପରି ଭାଷାରେ 'ପରସନଫିକେସନ୍' ଶ୍ରେଣୀଭୁକ୍ତ । (ଆମ ଭାଷାରେ ସମାସୋକ୍ତି ଅଲଙ୍କାର) । ଉଭୟସ୍ଥଳ କବି ମାନବିକ ଚେତନାର ଆରୋପ କରନ୍ତି । ପ୍ରଥମଟି ପ୍ରତ୍ୟକ୍ଷରୁ ସଞ୍ଜାତ ଓ ପ୍ରତ୍ୟକ୍ଷର ଭିତ୍ତିରେ ଗଢ଼ା । ଚିତ୍ରକଳ୍ପ ପ୍ରତ୍ୟକ୍ଷ ଦୃଶ୍ୟ-ନିର୍ଭର । ତଥାପି ତାର ଆବେଦନ ଦର୍ଶନେନ୍ଦ୍ରିୟରେ ସୀମିତ ନୁହେଁ, ତାହା ଆମକୁ ମଧ୍ୟ ଶୋକାବେଗର ନିର୍ବିଶେଷ (ଆବଷ୍ଟ୍ରାକ୍ଟ) ଉପଲବ୍ଧିରେ ଉପନୀତ କରାଇ ଦେଉଛି । ଦ୍ୱିତୀୟଟିରେ ସମସ୍ତ ବସିଛି ଆତତାୟୀ ପରି । ହାତରେ ଫାଶୀ । ଆଖିରେ ଦୁରନ୍ତ ପ୍ରତୀକ୍ଷା । ଏଠାରେ ବିମୂର୍ତ୍ତ ମୃତ୍ୟୁ ଭାବନାରୁ ଆମେ ଆସି ପହଞ୍ଚୁଛୁ ଇନ୍ଦ୍ରିୟଗମ୍ୟ ଉପଲବ୍ଧିରେ । ଏଣୁ କହିବାକୁ ହୋଇଛି ଯେ, କାବ୍ୟବ୍ୟଞ୍ଜନା ଇନ୍ଦ୍ରିୟବେଦ୍ୟ ନହୋଇ ରହିପାରେ ନାହିଁ । ତାର ପ୍ରକାଶ ରୂପ ଚିତ୍ରକଳ୍ପ । ପଞ୍ଚେନ୍ଦ୍ରିୟ ମଧ୍ୟରୁ ଶ୍ରୀରଥଙ୍କ ଅନୁଭୂତିରେ ଚକ୍ଷୁ ଓ କର୍ଣ୍ଣ ବଡ଼ ସକ୍ରିୟ । ତେଣୁ ସେ ଦୃଶ୍ୟରୂପମୟ ଓ ଧ୍ୱନିରୂପମୟ ଚିତ୍ରକଳ୍ପ ନିର୍ମାଣରେ ପାରଦର୍ଶୀ ହୋଇଥାନ୍ତି । ତେବେ ତାଙ୍କର କେତେକ ଚିତ୍ରକଳ୍ପରେ ସ୍ପର୍ଶେନ୍ଦ୍ରିୟର ଇଙ୍ଗିତ ମଧ୍ୟ କିଛି କମ୍ ନୁହେଁ । ଥଣ୍ଡା ପୋଖରୀ, ଥଣ୍ଡାଥଣ୍ଡା ହାତ, ପକ୍ଷୀଙ୍କ ନିଡରେ ପୂର୍ଣ୍ଣ ଓଦା ବଟ୍‌ବଳୟ, କାକରରେ ଓଦା ହାସ୍ପାତାଳ ଓ କାକରରେ ଓଦା

Digitized by PPRACHIN, SOA

ତେଣୁ ପ୍ରଜାପତି ଆଦି ଚିତ୍ରକଳ୍ପରେ ମୃତ୍ୟୁର ଶୀତଳତା ଦେହକୁ ଶିହରାଇ ଦିଏ । ଘ୍ରାଣେନ୍ଦ୍ରିୟ ଓ ରସନେନ୍ଦ୍ରିୟ ସଞ୍ଜାତ ଅଭିଜ୍ଞତାର ବ୍ୟଞ୍ଜନା ଅପେକ୍ଷାକୃତ କମ୍ । କସ୍ତୁରୀଗନ୍ଧ, ଆଇଁଷ ବାସ୍ନା, କଳାରକ୍ତର ଭଲ ଅରୁଣା ଗୁଞ୍ଜଳ ବାସନା ଓ ପବନର ପଚୁଗନ୍ଧରେ ଘ୍ରାଣେନ୍ଦ୍ରିୟର ଇଙ୍ଗିତ ଫୁଟିଛି; ରକ୍ତର ଲୁଣିଆ ସ୍ୱାଦ, ବାପାଙ୍କ ଲୁଣିଆ ଲୁହ, ଲୁଣିଆ ପାଣି ଓ ମଧୁର ସୁରେଇରେ ରସନେନ୍ଦ୍ରିୟ ସମ୍ବେଦନା ପ୍ରକଟିତ । ଉପମାସୂତ୍ରେ ଶ୍ରୀରଥ ବହୁ ଚିତ୍ରକଳ୍ପ ସୃଷ୍ଟି କରିଛନ୍ତି । ତନ୍ମଧ୍ୟରୁ କେତେକ ବିଶ୍ଳିଷ୍ଟ ସାଫଲ୍ୟ ଓ ଔଜ୍ଜ୍ୱଲ୍ୟ ଯୋଗ ଆମକୁ ସେପରି କିଛି କମ୍ ଚମତ୍କୃତ କରି ନାହାନ୍ତି । ନିଦର୍ଶନ ସ୍ୱରୂପ ତନ୍ମଧ୍ୟରୁ କେତୋଟି ଉପସ୍ଥାପନ କରୁଛୁ,

୧) ଆମର ମଠର ଗୁଲେ ଘଣ୍ଟାଳରେ ପଚୁଣ ମାଇଲ୍
ରାସ୍ତାରେ ଆଳୁଅ ବୋଳି—ରୁଟି ଦେହେ ଲହୁଣୀ ଯେମିତି

୨) ଏକଦା ସମୁଦ୍ରକୂଳେ ଥିଲା ଏକ ଘର, ଢେଉ ସବୁ ଯାହାର କାନ୍ଥରେ
ନିର୍ଘାତ ଭାବରେ ପିଟି ହେଉଥିଲେ, ସତେ ଅବା ସହସ୍ର କୃଷକ,
ସହସ୍ର ଫାଉଡ଼ାଧରି ହାଣୁଥିଲେ ପଥକାଏ ଜମି ।

୩) ସମୁଦ୍ର ନାଚୁଛି ଅବା ନାଚୁଛନ୍ତି ଝିଅମାନେ ପଞ୍ଚମ ଶ୍ରେଣୀର ।

୪) ଏବଂ ଓଦା ଶାଳପତ୍ରେ ଚକ୍ ଚକ ଖରା ଝୁଲିସୁଥିଲା
ସତେ ଅବା ପଲ୍‌ଟଣ କେତେ ଶୋଇଥିଲେ ସୂର୍ଯ୍ୟମୁହାଁ ହୋଇ
ଓ ତାଙ୍କ ନମ୍ବର ମାନ ପାଲିସ୍‌ରେ ଜଳଜଳ ଜଳଜଳ ।

୫) ରାସ୍ତାର ଦ୍ୱିପାର୍ଶ୍ୱେ ଗଛଡାଳ ଶ୍ଳକ୍ଷ୍ଣ ମଠର ଆଲୁଏ
ବନ୍ଦ କରି ନଳୀପରି କ୍ରମସରୁ ରାସ୍ତା ଖୋଲିଦିଏ ।

୬) ଉନ୍ମୁକ୍ତ ବକ୍ଷକୁ
ଝୁଲିଲ ଶଙ୍କିତ ଖରା ଅପରାହ୍ନ ସାଢ଼େ ପାଞ୍ଚଟାର
କେଉଁ କଳକୁଳୀ ପତ୍ନୀ ଅଚେତନ ସ୍ୱାମୀର ବାଳକୁ
ଥର ଥର ଆଙ୍ଗୁଠିରେ ରହି ରହି ଘାଣ୍ଟୁଥିଲା ପରି ।

Digitized by PPRACHIN, SOA

କବିତାରେ କିନ୍ତୁ ଚିତ୍ରକଳ୍ପବିଶେଷର ସାଫଲ୍ୟ ଓ ଔଜ୍ଜ୍ୱଲ୍ୟ ନିଃଶ୍ରେୟସ୍ ହୋଇପାରେ ନାହିଁ । କାବ୍ୟବିଷୟର ସମଗ୍ରତା ଦୃଷ୍ଟିରୁ ତେଣୁ ଚିତ୍ରକଳ୍ପର ମହତ୍ତ୍ୱ ଜାଣିବାକୁ ହୋଇଥାଏ । ଭଲ କବିତାରେ ତା'ର ଦ୍ୱୈତ ଭୂମିକା: ଏକ ପକ୍ଷରେ ତାହା କାବ୍ୟବିଷୟର ଶ୍ରେଷ୍ଠ ଶ୍ରେଷ୍ଠ ରୂପାଧାର ଓ ଅନ୍ୟ ପକ୍ଷରେ ଭାବଗତ ଗତି ଓ ପରିଣତିର ନିୟାମକ । ପରବର୍ତ୍ତୀ କାଳରେ (ଉଦ୍ଧୃତିଗୁଡ଼ିକ 'କେତେଦିନର' ସଙ୍କଳନରୁ) ଶ୍ରୀରଥ ଅଭିଜ୍ଞତାକୁ ପ୍ରକାଶ କରିବାକୁ ଯାଇ ସଂହତ ହେବାର ପ୍ରୟୋଜନରୁ ଚିତ୍ରକଳ୍ପ ପ୍ରୟୋଗ କରନ୍ତି । ତା'ର ବିଶିଷ୍ଟ ସାଫଲ୍ୟ ଆଉ ତାଙ୍କର ଅନ୍ୱିଷ୍ଟ ହୋଇ ରହି ନାହିଁ । କବିତାର ଭାବଗତ ଗତି ଓ ପରିଣତିର ଅନ୍ୟତମ ବ୍ୟାଖ୍ୟାତା ଓ ନିୟାମକ ଭାବରେ ଏଣିକି ଚିତ୍ରକଳ୍ପ ଅଜସ୍ର ଇଙ୍ଗିତ ଉପମାରେ ବିକୀର୍ଣ୍ଣ ହୋଇ ପଡ଼ିଛି । କେଉଁଠୁ ପାଆନ୍ତି କବି ଏ ସବୁ ଚିତ୍ରକଳ୍ପ ? କବି ଏଲିୟଟଙ୍କ ଉତ୍ତର ମନେ ପକାନ୍ତୁ, "It comes from the whole of his sensitive life, since early childhood." ବ୍ୟକ୍ତିଗତ ଚୈତନ୍ୟର ଶୈଶବରୁ ଆଜି ପର୍ଯ୍ୟନ୍ତ ଜଗତ ଓ ଜୀବନ ସମ୍ବନ୍ଧରେ କବିଙ୍କର ସବୁ କୌତୂହଳ ଓ ଅନୁସନ୍ଧିତ୍ସା ଏସବୁ ଚିତ୍ରକଳ୍ପରେ ଅନୁଭବ ଆକାରରେ ପ୍ରତ୍ୟୁଦ୍ଭାସିତ ହୋଇଉଠିଛି, ଆର୍କିଟାଇପାଲ ଚିତ୍ରକଳ୍ପରେ ଜାତିଗତ ଚୈତନ୍ୟରେ ସଞ୍ଚିତ ଅଭିଜ୍ଞତା ମଧ୍ୟ ଫୁଟିଛି । ଶ୍ରୀରଥ ସ୍ୱଳ୍ପବାକ୍ ଚିନ୍ତାଶୀଳ ଅନ୍ତର୍ଗ୍ରାହୀ କବି ହୋଇଥିଲେ ହେଁ ବାହାର ପାଖର ସଂସାର ସମ୍ବନ୍ଧରେ ଆଦୌ ଅନଭିଜ୍ଞ ନୁହନ୍ତି । ଚିତ୍ରକଳ୍ପରେ ଜୀବନର ବହୁଧା ବିସ୍ତୃତ ରୂପ ସମ୍ବନ୍ଧରେ ତାଙ୍କର ଆଗ୍ରହକୁ ଲକ୍ଷ୍ୟ କରି ହୁଏ, ସ୍ମୃତି ଓ ଉପଲବ୍ଧି ଅନୁଭବ କରିହୁଏ । ପ୍ରଥମେ ବିଭିନ୍ନ ବୃତ୍ତି ଓ ପରିସ୍ଥିତିର ମଣିଷଙ୍କୁ ଦେଖନ୍ତୁ,

୧) ବାରମ୍ବାର ଝରକା ଦୁଆରେ
ପବନରେ ପିଟିହେଲେ, କଲିଂଦେବା ପରେ ବି ଅଧୈର୍ଯ୍ୟ
ଟେଲିଗ୍ରାମବାଲା ପରି ଧକ୍କା ଦେଲା ।

୨) ଡାଣ୍ଡିଘରେ ଝୁଲୁଥିବା ଫଟୋଗ୍ରାଫ୍ ପାଖେଇ ଯାଆନ୍ତା
ଦର୍ଜା ଖୋଲିଥିବା ଏକ ଅନୁଗତ ଭୃତ୍ୟ ପରି ।

Digitized by PPRACHIN, SOA

୩) ଧଳା ନର୍ସ ପରି ବସନ୍ତ ଆସିଛି ।

୪) ଶଗଡ଼ରେ ସବୁ ଶବ ମୋର ବୋହୂ ପରି ଶୁଇଗଲେ ।

୫) ହତାଶ ଓ ଏକାକିନୀ ପତ୍ନୀ ପରି ଖୋଲି ଦେଇ ଫାଶ ତା ଜୁଡ଼ାର
ସନ୍ଧ୍ୟା ବସିଅଛି ।

୬) ମୁଁ ଦେଖୁଛି ରାସ୍ତା କୋଣେ ଅପରାହ୍ଣ ଧୈର୍ଯ୍ୟଶାଳୀ
ପାନବାଲା ପରି ବସିଅଛି ।

୭) ଆକାଶରେ ସୂର୍ଯ୍ୟବୁଲେ ମୃତଦାର ଭଦ୍ରଲୋକ ପରି

୮) ପ୍ରଜାପତି ଟହଲ ମାରନ୍ତି ରେଳଗାଡ଼ି ଅପେକ୍ଷାରେ
ରହିଥିବା ଯାତ୍ରୀଙ୍କ ପରି ।

୯) ହାଡ଼ମାଳ ଭିକାରୀଙ୍କ ପରି ଗଛମାନେ ଠିଆ ହୋଇଛନ୍ତି ।

୧୦) ସେ ମୁହଁ ରାସ୍ତାରେ ଥିଲେ ଝୋଲପେଟ
ଅସ୍ଥି ଚର୍ମସାର ପିଲାପରି ।

ଏହି ଉପମା ସୂତ୍ରରେ ଆତୁର ଭୁଲି ହୋଇଥିବା କ୍ଲାନ୍ତ, ଅବସନ୍ନ ପୁରୋହିତ, ଆତୁର ପ୍ରେମିକ, ମୁମୂର୍ଷୁ ମାଆର କାନ ଧରିଥିବା ଝିଅ, ଅନ୍ଧ ଭିକାରୀ, ଶ୍ରେଷ୍ଠାଲୋକ, ରୋଗିଣା ବୁଢ଼ୀ ଓ ପଦ୍ମବାଲିଏ କବିତା ଭିତରକୁ ପ୍ରବେଶ ପଥ ପାଇଛନ୍ତି, ଏମାନେ ଯେଉଁ ପରିସ୍ଥିତି ଓ ପରିବେଶ ରଚନା କରନ୍ତି, ସେଗୁଡ଼ିକ କବିଙ୍କ ଆତ୍ମିକ ଅବସ୍ଥାର ପ୍ରତିକଳ୍ପ ରୂପେ ବଡ଼ ସାର୍ଥକ, ମୁମୂର୍ଷୁ କାବ୍ୟନାୟକର ନିଷ୍ଫଳ ମୁକ୍ତି ପ୍ରଚେଷ୍ଟା ଓ ଅବଶ୍ୟମ୍ଭାବୀ ମୃତ୍ୟୁର ସଙ୍କେତ ରୂପେ ବଡ଼ ସମର୍ଥ । ତା'ର କ୍ଲାନ୍ତି ବିତୃଷ୍ଣା, ହତାଶା ଓ ପରାଜିତମନ୍ୟତା କପରି ଚିତ୍ରକଳ୍ପ ଗୁଡ଼ିକରେ ସମୁଚିତ ବସ୍ତୁାଶ୍ରୟ (objective corelative) ପାଇଛନ୍ତି ତାହା ମଧ୍ୟ ଧାତବ୍ୟ,

୧) ଦିନ ପରେ ଦିନ ବିତେ
ସମୁଦ୍ରର ମାଛିଆ ଲହଡ଼ି କୂଳରେ ଭାଙ୍ଗିଲା ପରି ।

Digitized by PPRACHIN, SOA

୨) କିଏ ମୋର ଧନକୁ ନେଉଛି ଶୁଖିଲା ପତ୍ରଙ୍କ ପରି
କୁଆଡ଼େ ଉଡ଼େଇ ।

୩) ମୋ ଶରୀର ନଈ ପରି ଅଗ୍ରସର ହୁଏ ସମୁଦ୍ର ଆଡ଼କୁ ।

୪) ସବୁ କୋଳାହଳ ହୁଏ ପରାଜିତ ସୈନ୍ୟବାହିନୀର
ବିଗୁଲ୍ ଆବାଜ୍ ପରି ଅନ୍ତର୍ହିତ ।

୫) ହରକ୍ତ ଆସିଲା ମଶାଣିର ଦମକାଏ ଥଣ୍ଡା ହାଓ୍ୱା ପରି ।

୬) ମୃତ ଏକ ଅଷ୍ଟକାପ୍ସ ମାଛ ପରି ଲେଟ୍ଟିଛି ସନ୍ଧ୍ୟାର ଶବ ।

୭) ଏ ସବୁ ସଙ୍କେତ ଭରି ବୁଢ଼ୀଙ୍କ ମୁହଁରେ
ଗାର ପରି ଚିରସ୍ଥାୟୀ ।

୮) ଆକାଶ ହସିଲା ମଲମୂଷା ପେଟ ପରି ।

୯) ହଜିଲା ନୂଆ ମାଠିଆରେ ଲମ୍ବା ଫଟା ଦାଗ ପରି
ଆକାଶରେ ବୁଲୁଥିଲା ।

୧୦) ମେଘ ଭାସୁଛନ୍ତି ତା କାନ ଉପରେ ଧଳାବାଳ ପରି ।

ଚିତ୍ରକଳ୍ପଗୁଡ଼ିକରେ ତୁଳନା ଅଛି । ପାଠକ ନିଜର ଆବେଗ ଓ ସଂସ୍କାର ସହିତ ଉପମାଗୁଡ଼ିକୁ ମିଳାଇ ନେଲେ କବିଙ୍କୁ ଠିକ୍ ବୁଝିପାରିବେ । କିନ୍ତୁ ଆଉ କେତେକ ଚିତ୍ରକଳ୍ପ ଅଛି, ଯେଉଁଠି ଠିକ ତୁଳନା ନାହିଁ । ଜୀବନକୁ କବି କପରି ଅନୁଭବ କରୁଛନ୍ତି, ତାଙ୍କର ଅଭିଜ୍ଞତା କେଉଁ ଆକାର ପରିଗ୍ରହ କରୁଛି ତାହାହିଁ ଲିପିବଦ୍ଧ ରହିଛି ସେଠାରେ । ଅଖାପରି ଅନ୍ଧାର—ଅଖା ସହିତ ଅନ୍ଧାରର ତୁଳନା ବୁଝିବା ଏତେ ସହଜ ନୁହେଁ । କବିଙ୍କ ଚିତ୍ରକଳ୍ପ ସବୁବେଳେ ମଧ୍ୟ ସୌନ୍ଦର୍ଯ୍ୟମୁଖୀ ନୁହନ୍ତି । ପରିପାଟ୍ୟ ଅପେକ୍ଷା ବରଂ ଭାବାତ୍ମକ ହୋଇ ଉଠିବା ତା'ର ପ୍ରଧାନ କଥା । କଟା ହାତ କି କାଠହାତ, କଟା ଏବଂ ଧୂଆ ମୁର୍ଗୀ ପରି ଗୋଡ଼ ଓ ଟ୍ୟାକ୍ସି କନ୍ଥା ପରି ଭାସୁଥିବା ନିଷ୍ପ୍ରାଣ ହାତ ବଡ଼ ବୀଭତ୍ସ ଓ ଭୟଙ୍କର ଦୃଶ୍ୟ ଆଙ୍କନ୍ତି । ଅନ୍ୟତ୍ର କବି ଜୀବନକୁ କପରି

Digitized by PPRACHIN, SOA

ଅନୁଭବ କରିଛନ୍ତି, କେତୋଟି ଚିତ୍ରକଳ୍ପରେ ଏବେ ତାହା ଲକ୍ଷ୍ୟ କରନ୍ତୁ,

୧) ସେ ବଖର ଦେଖାଯାଏ ମୋର ଆତ୍ମା ପରି
କିମ୍ବା ଆତ୍ମହତ୍ୟା ପରି ।

୨) ନଗୁଣିଆ ଧୂଳି ପରି ଆତ୍ମା ହଜେ ।

୩) ଡାକବାକ୍ସ ପରି ବୁଲେ ଆତ୍ମା ଖୋଜି ନଖୋଜ ଠିକଣା

୪) ମୃତ ଦେହ ରଖୁଥିବା ଚଉଡିଗୁଇଡି ରେଜେଇ ପରି ।

୫) ଶୋଇ ରହି ଭାଙ୍ଗ ଥିବ କାଚ ପରି ଖଣ୍ଡ ଖଣ୍ଡ ହୋଇ ।

୬) ଆଜି ରାତିରେ ଆକାଶ ମୋଡ଼ି ହୋଇଯାଏ
ପୋଡ଼ିବା କାଗଜ ପରି ।

୭ । ମଲମୂତ୍ର ପରି ଗନ୍ଧ କରୁଥିବା ମୋର ଭବିଷ୍ୟତ ।

୮) ଚେକା ଚେକା କଳା ରକ୍ତ ଭଳି ଅରୁଆ ଗୁଞ୍ଜଳ ପରି
ବାସୁଥିବା ।

୯) ଭୂତ ପରି ସ୍ୱଚ୍ଛ ଯାହା ଯେତେ ପାଖ ସେତିକି ଦୂରରେ ।

୧୦) ଫୁଲଙ୍କ ସୁବାସ ଅବରୁଦ୍ଧ
ବକ୍ତବ୍ୟ ରହିବା ପରି ଭୂମିକା ନ ପାଇ ।

ନିଭୃତ ଜୀବନର ଅନ୍ତରଙ୍ଗତମ ପ୍ରତିଛବି ଭାବରେ ଏଗୁଡ଼ିକ କବିଙ୍କ କବିତାର ଭାବବସ୍ତୁ ସହିତ ଘନିଷ୍ଠ ସମ୍ବନ୍ଧ ରଖନ୍ତି । ପ୍ରକୃତରେ କେହି ରଚିତ ନୁହନ୍ତି, ସବୁଗୁଡ଼ିକ କବିତାରୁ ଜାତ ହୋଇ କବିଙ୍କ ଦୁର୍ବୋଧ୍ୟ ସଂଶୟ, ଚିତ୍ତୋଦ୍ଦୀର୍ଣ୍ଣ ବିଷାଦ ଓ ପ୍ରଚଣ୍ଡ ନୈରାଶ୍ୟବ୍ୟାକୁଳତାକୁ ବ୍ୟାଖ୍ୟାନ କରୁଛନ୍ତି । ଅନେକତ୍ର ଅଭିଜ୍ଞତା ବ୍ୟକ୍ତିଗତ ସ୍ମୃତିକୁ ଆଶ୍ରୟ କରିଛି । ସେହି ସ୍ମୃତିର ବିଶିଷ୍ଟତାରୁ ଶ୍ରୀରଥଙ୍କ ଚିତ୍ରକଳ୍ପ ବିଶିଷ୍ଟ ହୋଇ ଉଠିଛି । କେତେକ ସ୍ଥଳରେ ଏକାନ୍ତ ବ୍ୟକ୍ତିଗତ ସ୍ମୃତି ଅନୁଷଙ୍ଗ ଠିକ୍ ବୁଝିହୁଏ ନାହିଁ ଅବଶ୍ୟ । ନିଦର୍ଶନ ସ୍ୱରୂପ ଦୁଇଟି ମାତ୍ର ଉଦ୍ଧାର କରୁଛୁ,

Digitized by PPRACHIN, SOA

୧) ଆସ୍ତେ ଆସ, ଯେଉଁପରି ହଂସ ଯାଏ ସ୍ଥିର ହ୍ରଦେ, ତା ଦୀର୍ଘ
ଗ୍ରୀବାରେ
ଅପରାହ୍ନ ସୂର୍ଯ୍ୟାଲୋକ ଝଲସେ ଏବଂ ସେ ଖୁମ୍ପୁଛି
ସଡ଼ିଲା ବେଙ୍ଗଙ୍କୁ
ଯାହାକୁ ଫିଙ୍ଗିଛି କେଉଁ ବେଶ୍ୟା ଯେଣୁ ସଫା ଶେଯ
ସେ ପସନ୍ଦ କରେ ।

—ସ୍ୱର୍ଗାରୋହଣ ।

୨) ମୁଁ କେବଳ ଦେଖୁଅଛି ଏକ ଅବାନ୍ତର
ଯୌବନ ମିଳାଇ ଯାଏ ଲକ୍ଷ୍ୟହୀନ ଏକ ବାର୍ଦ୍ଧକ୍ୟରେ
ଯେପରି କୌଣସି ଶହେ ସ୍ତନ ଏକ ବିବସ୍ତ୍ର ନାରୀର
ବିଜ୍ଞପ୍ତିରେ ଆଲୋକିତ ଝରକାର କାଚ ସଙ୍ଗେ ମିଶେ
ଓ ତାହାର ପଛଆଡ଼େ ମିଶିଯାଏ ସଫେଦ ପର୍ଦ୍ଦାରେ
ଯାହା ଝୁଲେ ଫୁଲଫୁଲ ପଶି ଆସୁଥିବା ପବନରେ

—ମାସ୍ତ୍ରାଣୀ ।

ତୁଲ୍ୟ ଭାବନାସୂଚକ ପୁନରାବୃତ୍ତ ଚିତ୍ରକଳ୍ପକୁ କୁହାଯାଏ ଚିତ୍ରକଳ୍ପପୁଞ୍ଜ ବା Image cluster । ଶ୍ରୀରଥଙ୍କ କବିତାରେ ଚିତ୍ରକଳ୍ପ-ପୁଞ୍ଜ ଦୁର୍ଲକ୍ଷ୍ୟ ନୁହେଁ । ଆମେ ଉପରେ ଯେଉଁସବୁ ଚିତ୍ରକଳ୍ପ ଦେଖିଲେ ସେଗୁଡ଼ିକ ପ୍ରାୟ ସ୍ୱୟଂସମ୍ପୂର୍ଣ୍ଣ—କବିଙ୍କ ଭାବନା ବିଧୃତ ରହିଛି ଗୋଟିଏ ଗୋଟିଏ ବିଶେଷ ଚିତ୍ରକଳ୍ପରେ । କିନ୍ତୁ ଚିତ୍ରକଳ୍ପପୁଞ୍ଜରେ ଗୋଟିଏ ବିଲମ୍ବିତ ଭାବନା ଭିନ୍ନ ଭିନ୍ନ କବିତାରେ ଭିନ୍ନ ଭିନ୍ନ ଉପମାନରେ ବିସ୍ତାରଲାଭ କରିଥାଏ । ତାର ଶାରୀରିକ ରୂପ ବଦଳେ ମାତ୍ର ପ୍ରାଣକେନ୍ଦ୍ରରେ ଗୋଟିଏ ଭାବନା ନିହିତ ରହିଥାଏ । କେତୋଟି ଦୃଷ୍ଟାନ୍ତ ସଂଗ୍ରହ କରୁଛୁ । କେତେ ଭଙ୍ଗୀରେ ମଣିଷ ମରୁଛି ଦେଖନ୍ତୁ,

୧) ଅନ୍ଧାରରେ ଝାପ୍‌ସା ପର୍ବତ ଓ ବର୍ଷା ପାଇଁ ପ୍ରସ୍ତୁତ ଆକାଶ
ମୋହର ସମୁଦ୍ର ଏବଂ ଶ୍ଲେଟ ଲାଲ ମାଛ ମୁଁ ପହଁରେ

Digitized by PPRACHIN, SOA

ଆଖିବୁଜା ବସ୍ତ୍ରାଣ୍ଡଠାରୁ କଟା ଅଶୋକ ଗଛର
ଉଦାସ ଜଂଘର ଯାଏଁ ଲମ୍ବିଥିବା ଉଷୁମ ପାଣିରେ ।

—ନୀଳ ମାଛ ।

୨) ଅସ୍ଥିର ଏକ ଉଇଁଶ ଭିତରେ
ହୁଲି ଉଙ୍ଗା ଗୁଟିପିଟି ହେଉଥିଲା ଛପିଯିବା ଲାଗି
ନଡ଼ିଆ ଗଛଙ୍କ ହାଡ଼ ଘୁଇ ଘୁଇ କେନାଲ ଭିତରେ

—ସମୟକୁ ଘୃଣେଇ ଶ୍ୱେତ ଗୁହାଣି ।

୩) ବେଗିଣା ବୁଢ଼ାଙ୍କ ପରି ପାହାଡ଼ ଗୁଡ଼ିକ
ଚାଳିଚଳନ ହାସ୍‌ପାତାଳ ଦୁଆର ସାମ୍ନାରେ
ଠିଆ ହୋଇଛନ୍ତି ଏବଂ ବେଳେବେଳେ ନିଜ ପିଲାଙ୍କ
ବିଷୟରେ ଗପୁଛନ୍ତି ବନ୍ଧୁଙ୍କୁ ବିସ୍ମୃତ ଭାଷାରେ

—ପ୍ରକୃତିର ସନ୍ତାନ ।

୪) ନିର୍ବାସିତ ଚଳନ୍ତି ଶକ୍ତିସ୍ଥାନ
ବୃଦ୍ଧ ମୁଁ, ନିଆଁର
କ୍ରମ ସଙ୍କୁଚିତ ବୃତ୍ତ ଭିତରେ ଗୋଟିଏ
ଅଂଶିତ ମଣିଷ, ମୋର ଭବିଷ୍ୟତ ଗଦାଏ ଅନ୍ଧାର ।

—କର୍ଫ୍ୟୁ ।

ଏବେ ଗଦ୍ୟ କବିତାରେ ଚିତ୍ରକଳ୍ପର ସଫଳତା ଦେଖିବା । ଶ୍ରୀରଥଙ୍କ ଗଦ୍ୟକବିତାଗୁଡ଼ିକ ଚିତ୍ରକଳ୍ପାତ୍ମକ ଚେତନାପ୍ରବାହ ଶୈଳୀରେ ରଚିତ ବୋଲି ଆମେ ଆଗରୁ କହିଛୁ । ସେଥିରେ କବିକଳ୍ପନା ତନ୍ମୟତାରେ ବ୍ୟକ୍ତ ହେବାକୁ ଉନ୍ମୁଖ ରହିଥାଏ; କବି ଅନ୍ତର୍ମୁଖୀନତା ଅପେକ୍ଷା ବ୍ୟାପ୍ତି ଓ ବିସ୍ତାରକୁ ପ୍ରଶ୍ରୟ ଦେବାକୁ ଅକୁଣ୍ଠିତ ଥାଆନ୍ତି । ଏପରିକ୍ଷେତ୍ରରେ ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଚିତ୍ରକଳ୍ପ ସ୍ରୋତ ଅନୁସରଣ ଭିନ୍ନ ଅନ୍ୟପନ୍ଥା ନାହିଁ । ଇମେଜ୍‌କୁ ଇମାଜିନେସନ୍‌ର ଦ୍ୱାର ବୋଲି ଯାହା କୁହାଯାଏ ତାହା ମିଥ୍ୟା ନୁହେଁ । ଗଦ୍ୟ କବିତାରେ କବି

Digitized by PPRACHIN, SOA

ତାଙ୍କର ବହୁଧା ବିଭକ୍ତ ମୁଡ୍ ବା ଚିତ୍ତବୃତ୍ତିକୁ ଖଣ୍ଡ ଖଣ୍ଡ ଚିତ୍ରକଳ୍ପ ମାଧ୍ୟମରେ ଶିଳ୍ପାୟିତ କରିଥାନ୍ତି । ଯେଉଁମାନେ ବର୍ଣ୍ଣନାତ୍ମକ ଦୀର୍ଘ କବିତା ପଢ଼ିବାରେ ଅଭ୍ୟସ୍ତ, ଏଡ଼ଗାର ଆଲେନ ପୋଙ୍କ ପରି ସମଗ୍ର କବିତାରେ ଗୋଟିଏ ମାତ୍ର ମୁଡ୍ ବା ଚିତ୍ତବୃତ୍ତିକୁ କ୍ରିୟାଶୀଳ ଦେଖିବାକୁ ପ୍ରତ୍ୟାଶୀ, ସେମାନେ ଶ୍ରୀରଥଙ୍କ ଚିତ୍ରକଳ୍ପାତ୍ମକ ଦୀର୍ଘ କବିତାରେ ପଦେ ପଦେ ଝୁଣ୍ଟିବେ । ପୋ ଏପରି ଦୀର୍ଘ କବିତାର ଅସ୍ତିତ୍ୱ ଅସ୍ୱୀକାର କରନ୍ତି, A long poem does not exist. ଅବଶ୍ୟ କବିତାଗୁଚ୍ଛକୁ କେହି ଦୀର୍ଘ କବିତା କହୁଥିଲେ ତାଙ୍କର ଆପତ୍ତି ନାହିଁ । କିନ୍ତୁ ଏଲିୟଟ୍ ପ୍ରତିବାଦ କରନ୍ତି, "He (poe) could conceive only a poem which was a single effect : for him, the whole poem had to be in one mood. Yet it is only in a poem of some length that a variety of moods can be expressed; for a variety of moods requires a number of different themes or subjects, related either in themselves or in the mind of the poet. These parts can form a whole which is more than the sum of the parts; a whole such that the pleasure we derive from the reading of any part is enhanced by our grasp of the whole."[୩୮] ଦୀର୍ଘ କବିତା ସମ୍ଭବ । ସେଥିରେ ବହୁଧା ବିଭକ୍ତ ଚିତ୍ତବୃତ୍ତି ଅଭିବ୍ୟକ୍ତ ହୋଇପାରେ । ବହୁଧା ବିଭକ୍ତ ଚିତ୍ତବୃତ୍ତି ବା ଖଣ୍ଡବିଚ୍ଛିନ୍ନ ଆବେଗ ଓ ତାର ପ୍ରକାଶରୂପ ଚିତ୍ରକଳ୍ପ ଗୁଡ଼ିକ କବିଙ୍କ ମନରେ ଯେପରି ଅସଂଲଗ୍ନ ଅଥଚ ସମାବସ୍ଥାୟୀ ଭାବରେ ରହିଥାନ୍ତି ଠିକ୍ ସେହିପରି ତାଙ୍କ କବିତାରେ ମଧ୍ୟ ଅସଂପୃକ୍ତ ଭାବରେ ପ୍ରକଟିତ ହୋଇ ମଧ୍ୟ ସମାବସ୍ଥାୟୀ ହୋଇଥାନ୍ତି । ସେହି ଅସଂଶ୍ଳିଷ୍ଟ ଚିତ୍ରକଳ୍ପଗୁଡ଼ି ସମ୍ବେଦନଶୀଳ ପାଠକଙ୍କ ମନରେ ପର୍ଯ୍ୟାୟବଦ୍ଧ ଭାବରେ ଶ୍ଳଥସଂଶ୍ଳିଷ୍ଟ ହୋଇ କ ବିଶ୍ଳିଷ୍ଟ ରହି ଇଉରୋପୀୟ ସଙ୍ଗୀତ ସିମ୍ଫୋନି ପରି ଅନବଚ୍ଛିନ୍ନ ଅଖଣ୍ଡ ରସ ସୃଷ୍ଟି କରି

---

୩୮ । From Poe to Valery, To Criticise the Critic, page 34

Digitized by PPRACHIN, SOA

ପାରନ୍ତି । ଏହି ଶୈଳୀଟି The Waste Land ଓ Cerontion କବିତାରେ ସୁପରିସ୍ଫୁଟ । ଗ୍ରୀରଥ ତାଙ୍କର ବାଢ଼ଶିକାର, ଅନନ୍ତ ଶୟନ, ବିମାନ ଦୁର୍ଘଟଣାରେ ମୃତ୍ୟୁ, ହ୍ରଦପ୍ରେଶୁଗ, ସନ୍ଧ୍ୟାବେଳର ଦୃଶ୍ୟ ଓ ସମୟକୁ ଗୁଟେଗଟି ଗ୍ରେଗ୍ ଗୃହାଣୀ ଆଦି କବିତାରେ ଏହି ଶୈଳୀର ଗାଠକକ ସିଦ୍ଧି ଲାଭ କରିଛନ୍ତି । ଆଧୁନିକ ଜୀବନର ଅନ୍ତର୍ବିରୋଧ ପୂର୍ଣ୍ଣ ମାନସିକ ସ୍ଥିତିକୁ ଉନ୍ମୋଚନ କରିବାକୁ ଯାଇ ସେ ଏସବୁଠି ଅନିବାର୍ଯ୍ୟତଃ ନାଟକୀୟତାକୁ ପ୍ରଶ୍ରୟ ଦେଇଛନ୍ତି । ସୃଜନଶୀଳ ଆତତି (tension) ସର୍ବଦା କ୍ରିୟାଶୀଳ ରହିଛି; ତେବେ ତାର ସ୍ତରଭେଦ ନାହିଁ କହିଲେ ଭୁଲ ହେବ । ବସ୍ତୁତ କାନଭ୍ୟାସରେ ଦୀର୍ଘକାଳିକ ସୃଜନଶୀଳ ଆତତି ଆମୂଳାନ୍ତ ସମାନ ବେଗ ଓ ରୂପରେ କ୍ରିୟାଶୀଳ ନ ହୋଇ ପାରେ—ତେଣୁ ଏସବୁ ଦୀର୍ଘ କବିତାରେ ଠାଏ ଠାଏ ବଡ଼ ସାଧାସିଧା ଗଦ୍ୟାତ୍ମକ ଛନ୍ଦ କେହି ଲକ୍ଷ୍ୟ କରି ପାରନ୍ତି—ସେଗୁଡ଼ିକ ସମ୍ପୂର୍ଣ୍ଣ କବିତାର ସନ୍ଦର୍ଭ ଦୃଷ୍ଟିରୁ କିନ୍ତୁ କେବେ ଅସାର୍ଥକ ନୁହନ୍ତି । କବି ଜାଣି ଜାଣି ମଧ୍ୟ ମଝିରେ କବିତ୍ୱହୀନ ଛନ୍ଦଟିଏ ଖଞ୍ଜି ଦେଇ ପାରନ୍ତି, କବି ଏଲିୟଟ୍ ଏ ସମ୍ପର୍କରେ କହନ୍ତି, 'It follows also that in a long poem some parts may be deliberately planned to be less poetic than others : these passages may show no luster when extracted, but may be intended to elicit by contrast, the significance of other parts, and to unite them into a whole more significant than any of the parts. (From Poe to Valery) ପ୍ରତ୍ୟେକ ଛନ୍ଦ ତଥା ଚିତ୍ରକଳ୍ପ ଭାବାନୁଷଙ୍ଗବଶତଃ ପରସ୍ପର ସଂପୃକ୍ତ । ଚେତନା ପ୍ରବାହ ଶୈଳୀରେ ବିଭିନ୍ନ ଚିତ୍ରକଳ୍ପକୁ ଅଖଣ୍ଡ ଏକ ଚିତ୍ରରେ ମିଳାଇ ନ ଦେଇ ଅସଂଲଗ୍ନ ଭାବରେ ଯୋଡ଼ି ଦେବାର ଭଙ୍ଗୀଟିକୁ ଆମେ 'ସନ୍ଧ୍ୟାବେଳର ଦୃଶ୍ୟ' କବିତାରୁ ଲକ୍ଷ୍ୟ କରିବା । ଚେତନାର ଦୁଇ ଦୁଇ ପୃଥକ ସମୟରେ ଅବସ୍ଥିତିର ଉଦ୍ଭଟ କଳ୍ପନା ଦ୍ୱାରା କବିତାଟି ରଚିତ । ସେଥିରେ ଚେତନ ଓ ଅବଚେତନ ମନର ଦ୍ୱୈତାଦ୍ୱୈତ ଓ ଦ୍ୱନ୍ଦ୍ୱ ସମନ୍ୱୟ ବଡ଼ ଉପଭୋଗ୍ୟ । ବାହାରକୁ କବିତାଟି ଅସଂଲଗ୍ନତା ପୂର୍ଣ୍ଣ—

Digitized by PPRACHIN, SOA

ବିଚ୍ଛିନ୍ନ; ମାତ୍ର ଭିତରେ ଭିତରେ ବଡ଼ ସଙ୍ଗତିସମ୍ପନ୍ନ । କବିତାଟି ପାଞ୍ଚ ଭାଗରେ ବିଭକ୍ତ । ପ୍ରଥମ ଚାରି ଭାଗରେ ଯଥାକ୍ରମେ ସନ୍ଧ୍ୟାବେଳର ଅଫିସ ଫେରନ୍ତା କର୍ମଚାରୀ, ପଢ଼ିବାକୁ ଯାଉଥିବା ପାଞ୍ଚଟି ପିଲା, ପ୍ରଚାରରୁ ଫେରୁଥିବା କୌଣସି ରାଜନୈତିକ ଦଳର କର୍ମୀଗଣ ତଥା କାଠବୋଝ ମୁଣ୍ଡେଇଥିବା ମାଆ ଓ ଲଙ୍ଗଳା ଛୁଆଙ୍କୁ ଦୁଇ ଦୁଇ ପୃଥକ ଚେତନାରେ ସ୍ଥାପନ କରି କବି ଶେଷକୁ ସେ ସବୁକୁ ପଞ୍ଚମ ଭାଗରେ ମୃତ୍ୟୁର ପ୍ରସାରିତ ପୃଷ୍ଠଭୂମିରେ ସମନ୍ୱିତ କରି ଦେଇଛନ୍ତି, ମଣିଷର ଅଭବ୍ୟ ଅର୍ଥହୀନ ଅସ୍ତିତ୍ୱର ମୌଳିକ ଯନ୍ତ୍ରଣା ପ୍ରକଟିତ ହୋଇ ଉଠୁଛି । ମୁଖ୍ୟ ଚିତ୍ରକଳ୍ପଗୁଡ଼ିକୁ ଦେଖନ୍ତୁ; ସେଗୁଡ଼ିକୁ କବିତାର ଅନ୍ୟ ଚିତ୍ରକଳ୍ପ ସହିତ ମିଳାଇ ବୁଝିବାକୁ ହେବ ।

୧) ବହୁ ଦୂରରେ, ଝରକାର ବିରକ୍ତ ଫାଳରେ
ରାକ୍ଷସୀ ସନ୍ତ୍ରସ୍ତ ହୋଇ ଚଢ଼େ ଗଛ ଉପରେ ଶୂନ୍ୟକୁ
ମୂର୍ଖାର ଓ ମୁଢ଼ାରର ସାଇକେଲ୍ ପରିତ୍ୟାଗ କରି ।

୨) ଆଖି ନ ଯାଇବା ଯାଏଁ ବ୍ୟାପିଥିବା କଳା ସମୁଦ୍ରରେ
ନିଶ୍ଚଳ ଓ କଳା ଡଙ୍ଗା ପରି
କଳା କଳା ଗଛ ତଳେ ଯାଉଛନ୍ତି ପାଞ୍ଚଜଣ ପିଲା

୩) ପ୍ରତି ଋତୁ ଭଙ୍ଗା ହାଣ୍ଡି, ପ୍ରତି
ବର୍ଷ ଚିରାଅଖା ଯାକୁ ଯୋଡ଼ି ଗୋଡ଼ି ପଥରରେ
ଭର୍ତ୍ତି କରୁଛନ୍ତି ଏକ ପରିତ୍ୟକ୍ତ ପାଗଳଖାନାର
ସ୍ତ୍ରୀଲୋକେ ଶତାବ୍ଦୀଙ୍କର ଅନନ୍ତ ସନ୍ଧ୍ୟାରେ ।

୪) ଗୋଛାଏ ଶୁଖିଲା ଲାଲ୍ କଇଁ ଫୁଲଙ୍କର
ବାସ୍ନାରେ ଉହ୍ଲାଇଗଲେ ସେମାନେ ରାସ୍ତାରେ
ରାସ୍ତା ଭିଜି ଯାଉଥିଲା କପୋଳ କଳ୍ପିତ
ସାନ୍ତ୍ୱନାରେ ପୁଷ୍ଟି ଏକ ଧୂସର ଉଦରରେ
ଭିଡ଼ୁଥିବା ବିଧବାଙ୍କ ପରି ଚୂନ ପଲସ୍ତରା ଛୁଡ଼ି ଯାଇଥିବା
ବହୁଦୂର ଘରଙ୍କର ନିଃଶବ୍ଦ ଲୁହରେ ।

Digitized by PPRACHIN, SOA

୫) ସେ ବୃକ୍ଷର ମୃତ୍ୟୁହୀନ ପରିତ୍ୟାଗମାନେ
ଧାଡ଼ି ଧାଡ଼ି ସୈନ୍ୟ ପରି ଠିଆ ହୋଇଥିଲେ ଯେଉଁଠାରେ
ସ୍ୱାଗତ କରିବା ଲାଗି ସାମ୍ରାଜ୍ଞୀ ଓ ତାଙ୍କର ଛୁଆକୁ
ଭସନ୍ତା ଧୂସର ରଙ୍ଗ ଧୀର ପାହୁଣ୍ଡରେ ।

୬) ନିର୍ଜନ ଦିଗନ୍ତ

(ହଳଦିଆ ଓଦା ଓଦା ଆଖି ତା'ର ଭ୍ରୂଲତା ଗୁଚ୍ଛରେ)
ବୁଢ଼ିଆଣୀ ଜାଲ ବୁଣେ, ହାଇମାରେ ଓ ସମବେଦନା
ଫୁର୍ତ୍ତି କୁକୁରଟେ ଯାଏ, କେଉଁଥିରେ କ'ଣ ଯାଏ ଆସେ ?
ସ୍ଥାନ ଭୁକ୍ତା, କାଳ ଭୁକ୍ତା, ତା ନିଜର ଥିବା ନ ଥିବାରେ
କଣ ଯାଏ ଆସେ ? ଓଦା ମେଘ ଆଖିରେ ପ୍ରଚୁର —
ଓ ସ୍ୱର ହତାଶା ଏକ ଚିରସ୍ଥାୟୀ ଚକା ଭଉଁରିର ।

ଛଅଟି ଖଣ୍ଡିତ ଦୃଶ୍ୟରେ ସମଗ୍ର ଜୀବନ ପରିସ୍ଫୁଟ । କର୍ମବ୍ୟସ୍ତ, ପିଲା, କର୍ମୀ, କାଠଗୋଟେଇ ମାଆ ଓ ଲଙ୍ଗଳା ଛୁଆ ଆଦି ସମସ୍ତେ ଗୋଟିଏ ମଣିଷ ଚରିତ୍ରରେ ରୂପାନ୍ତରିତ ହୋଇ ଯାଇଛନ୍ତି । ସନ୍ଧ୍ୟା ସମୟ ସେଇ ଅନ୍ତହୀନ ସନ୍ଧିକ୍ଷଣ ସୃଷ୍ଟି କରୁଛି, ଯେଉଁଠି ଜୀବନ ସଦା ମୃତ୍ୟୁରେ ଉପନୀତ ହେଉଛି । 'ମଲ ସାଇକେଲ ଭସେ ସୀସା ସମୁଦ୍ରରେ ଆଉ ତଡ଼ାଳୀକୁ ଛିନ୍ନଭିନ୍ନ କରେ ଏକ ରାକ୍ଷସୀ । ସତ୍‌ଗତି ଅସମ୍ଭବ ବ୍ୟାପାର; ମୃତ୍ୟୁ କିନ୍ତୁ ଅନତିକ୍ରମ୍ୟ । ଏବେ ସେଇ ରାକ୍ଷସୀ ସନ୍ତ୍ରସ୍ତ ହୋଇ ଗଛ ଚଢ଼ୁଛି ଢକ୍‌ଦାର ବିରକ୍ତି ଫଳରେ । କ୍ଲାନ୍ତି, ବିରକ୍ତି ଓ ଅବସାଦ ଅଖଣ୍ଡ— ମଣିଷ ସେଇ ବିରକ୍ତି ଓ ଅବସାଦରୁ ମୃତ୍ୟୁ ଭୟ କଟାଏ, ବୀରତ୍ୱ କି ସାହସରୁ ନୁହେଁ । ଦ୍ୱିଷ୍ଠାୟୁ ଟନେଲରେ ଯାଉଥିବା ପିଲାଏ ତେଣୁ ଢଗ୍ ଢଗ୍ ଶୂନ୍ୟ କଳା ସମୁଦ୍ର ବକ୍ଷରେ ନିଷ୍ଫଳ ଓ କଳା ଉଙ୍ଗା ପଡ଼ି ନ ଦିଶିବେ କିପରି ? ଜୀବନରେ ଗଭୀର ମାନେ କାହିଁ ? ସମଗ୍ର ଆକାଶରେ ମଧ୍ୟ ସେଇ ମୃତ୍ୟୁର ପ୍ରତିକୃତି ଅଙ୍କିତ ରହିଛି । ତାରାଏ ନିସ୍ତବ୍ଧ । ଫୁଲଙ୍କ ସୁବାସ ଅବରୁଦ୍ଧ । ସ୍ୱପ୍ନ ଓ ସମ୍ଭାବନା ଶେଷ । ଉଦ୍ୟମ ମାନେ ବିଡ଼ମ୍ବିତ । ଲଗ୍ନ ମାନେ ଭ୍ରଷ୍ଟ । ସମସ୍ତ ଚିରଅଖା କି ଭଙ୍ଗାହାଣ୍ଡି— ତାଙ୍କୁ ଗୋଡ଼ ପଥରରେ କି ଭୁଷ ସଞ୍ଚୟରେ ପୂର୍ଣ୍ଣ କରିବାର ସିସିଫସୀୟ

Digitized by PPRACHIN, SOA

ଉଦ୍ୟମ କାହାକୁ କ'ଣ ଆଉ ବୁଝାଇ କହିବାକୁ ହେବ । କର୍ମୀଏ ଫେରୁଛନ୍ତି—'ଗୋଟିଏ ଶୁଖିଲା ଲାଲ୍ କଇଁ ଫୁଲଙ୍କର ବାସ୍ନାରେ ଓହ୍ଲାଇଗଲେ ସେମାନେ ରାସ୍ତାରେ ।' ସମ୍ଭାବନା ନ ଥିଲା ନୁହେଁ, କିନ୍ତୁ 'ଖସ ଛନ୍ ଛନ୍ ଶବ୍ଦମାନଙ୍କର ଜମ୍ବୁ ଦ୍ୱୀପରୁ ସେମାନେ ଆସି ଦେଖୁଛନ୍ତି 'ନୀଳ ସଙ୍ଗୀତର ନିଷ୍ପ୍ରଭ ଦିଗନ୍ତ'—ଏଠାରେ ଶୁଖିଲା କଇଁଫୁଲର ବାସ୍ନା ଭିନ୍ନ କ'ଣ ବା ଆଉ ହୁଅନ୍ତା ନିଯୁକ୍ତ ? 'ସାନ୍ତ୍ୱନାରେ ପୂର୍ଣ୍ଣ ଏକ ଧୂସର ଡିହରେ ରଡ଼ୁଥିବା ବିଧବା' ଚିତ୍ରକଳ୍ପରେ ଜୀବନର ସବୁ ସମ୍ଭାବନାର ପୂର୍ଣ୍ଣଚ୍ଛେଦ ପଡ଼ୁଛି । ଘରର ନିଃଶବ୍ଦ ଲୁହ ବିଧ୍ୱସ୍ତ ବିଧବାକୁ ଯେଉଁ ସାନ୍ତ୍ୱନା ଦିଏ, ଜୀବନ ମଣିଷକୁ ଠିକ୍ ସେହି ସାନ୍ତ୍ୱନା ଦିଏ—ଏପରି କ୍ଷେତ୍ରରେ ମଣିଷକୁ ମୃତ୍ୟୁହୀନ ପରିତ୍ୟାଗମାନେ ସମ୍ବର୍ଦ୍ଧନା ନ ଜଣାଇ କ'ଣ ପରିପୂର୍ଣ୍ଣ ପ୍ରେମ ସମ୍ବର୍ଦ୍ଧନା ଜଣାନ୍ତା ? ବିଚ୍ଛିନ୍ନତାବୋଧ ଚୂଡ଼ାନ୍ତ । ମିଳନ ଅସମ୍ଭବ । ଏବେ ଶେଷ ଚିତ୍ରକଳ୍ପରେ ଅଭବ୍ୟ ଅର୍ଥହୀନ ଜୀବନ ନିର୍ଜନ ଦିଗନ୍ତ, ବୁଢ଼ିଆଣୀ ଜାଲ ଓ ସମବେଦନାପୂର୍ଣ୍ଣ କୁକୁର ଆଦିରୁ ସ୍ପଷ୍ଟ ହୋଇ ରହିଛି । ସ୍ଥାନ ତୁଚ୍ଛା । କାଳ ତୁଚ୍ଛା । "ତା ପରେ ରାତି ଓ ସନ୍ଧ୍ୟାବେଳେ ଓଦା ପ୍ରାଚୀନ କାନ୍ଥରେ/ଝୁଲୁଥିବା ପ୍ରତିକୃତି ପରି ମଳି ସୁଦୀର୍ଘ ମୃତ୍ୟୁରେ ।" ଏ ସନ୍ଧ୍ୟାର ପରିଣାମ ସୁଦୀର୍ଘ ରାତି; ଏ ଜୀବନର ପରିଣାମ ସୁଦୀର୍ଘ ମୃତ୍ୟୁ । ଚିତ୍ରକଳ୍ପ ପ୍ରୟୋଗର ଅନ୍ୟ ଏକ ବୈଶିଷ୍ଟ୍ୟ ଏଠାରେ ଉଲ୍ଲେଖଯୋଗ୍ୟ । ତାହା ହେଉଛି ଚିତ୍ରକଳ୍ପ ଶୃଙ୍ଖଳ (Chain Imagery) । ୪ର୍ଥ ଚିତ୍ରକଳ୍ପଟିକୁ ଦେଖନ୍ତୁ, 'ଶୁଖିଲା ଲାଲ୍ କଇଁ ଫୁଲର ବାସ୍ନା'ର ଘ୍ରାଣେନ୍ଦ୍ରିୟ ସମ୍ବେଦନାରୁ ପାଠକ ଚିତ୍ତ ପର କ୍ଷଣରେ 'ଧୂସର ଡିହ'ର ଦର୍ଶନେନ୍ଦ୍ରିୟ ସମ୍ବେଦନାକୁ ଧାବିତ ହେଉଛି, ସେଠାରୁ ପୁଣି 'ରଡ଼ୁଥିବା ବିଧବା' ଚିତ୍ରକଳ୍ପର ଶ୍ରବଣେନ୍ଦ୍ରିୟ ସମ୍ବେଦନାକୁ । ବିଭିନ୍ନ ଇନ୍ଦ୍ରିୟ ସମ୍ବେଦନାର ସମନ୍ୱୟରେ ପୁଣି ଚିତ୍ରକଳ୍ପଟି ସମ୍ପୂର୍ଣ୍ଣ । ଏମିତି ଚିତ୍ରକଳ୍ପେ ଚିତ୍ରକଳ୍ପେ ଜୀବନ ସୁଲଭ ଯନ୍ତ୍ରଣାର ରୂପାଧାର ଗଢ଼ି ଉଠିଛି, ଆଉ ଧ୍ୱନିମୟ, ଚିତ୍ରମୟ, ଗନ୍ଧମୟ ସେହିସବୁ ଚିତ୍ରକଳ୍ପର ସମନ୍ୱିତ ସଂଶ୍ଳେଷ ମଧ୍ୟରେ ସମଗ୍ର କବିତାଟିର ଭାବନା ଉଦ୍ଭାସିତ ରହିଛି । କଳ୍ପନା, ଆବେଗ, ମନନ, ଖଣ୍ଡିତ ଆତ୍ମବୋଧ, ଶବ୍ଦଜ୍ଞାନ, ଛନ୍ଦଚେତନା ସ୍ମୃତି ସଂସ୍କାର ଓ ବସ୍ତୁ ସମ୍ପର୍କ—ଏସବୁ ଘେନ ଏ ଯେଉଁ ବିଶିଷ୍ଟ ଅଖଣ୍ଡତା

Digitized by PPRACHIN, SOA

ସୃଷ୍ଟି ହୋଇଛି, ଦୀର୍ଘ କବିତାଟି ତାହାର ଆନ୍ଦୋଳନରୁ ଭୂମିଷ୍ଠ—ଗାଠନିକ ସୌଷମ୍ୟ ଓ ଶୈଳୀକ ଅଭିପ୍ରାୟର ସାଯୁଜ୍ୟରେ ତେଣୁ ତାହା ଉତ୍ତୀର୍ଣ୍ଣ । କବି ଏବେ ଅବଶ୍ୟ ଆଉ ଦୀର୍ଘକବିତା ଲେଖୁନାହାନ୍ତି । ବରଂ ସେ କବିତାଗୁଚ୍ଛ ରଚନାରେ ଆଗ୍ରହ ପ୍ରକାଶ କରୁଛନ୍ତି । ଆତ୍ମୀୟ ଶତ୍ରୁତାର ବୃତ୍ତରେଖି କବିତା, ଅନାୟାସେ ନାଁ ଦିଆ କବିତା ଓ ଦଶଟି ପ୍ରେମ କବିତା ସ୍ମରଣୀୟ । ତେବେ ଅପେକ୍ଷାକୃତ କ୍ଷୁଦ୍ର କବିତାରେ ତାଙ୍କ ରୂପଦକ୍ଷତା ଅଧିକ ପ୍ରକଟିତ । ହ୍ୱିଷ୍ଟପୁ ବଗୁର, ଯାଅ ନାହିଁ, ତମେ ଭୁଲିଯିବା ପରେ, ଧର୍ମାନ୍ତରିତ ଭୃତ୍ୟର ଉକ୍ତି ଓ ପେଷ୍ଟାବାଟ ଆଦି କବିତା ସୂକ୍ଷ୍ମ ଫଳଟିମାନ ପରି କବିତା ଦ୍ୱାର ଅନନ୍ୟ ରହିଛନ୍ତି ।

—

ଶ୍ରୀରଥ ନିଜସ୍ୱ ପ୍ରାଣୋଚ୍ଛଳ ଚିତ୍ରକଳ୍ପ ପ୍ରୟୋଗରେ ଅଶେଷ ଉତ୍ସାହ ପ୍ରକାଶ କରନ୍ତି । ସେହି ସୂତ୍ରରେ ସେ ଅନେକ ନୂଆ ଚିତ୍ରକଳ୍ପାତ୍ମକ ବାକ୍ୟାଂଶ ନିର୍ମାଣ କରିଛନ୍ତି । ସେଥିରେ ତାଙ୍କ ବ୍ୟକ୍ତିଗତ ଉପଲବ୍ଧିର ଜଗତ କପରି ପ୍ରତ୍ୟୁଦ୍‌ଭାସିତ ରହିଛି, ଚିନ୍ତା, ଅଭିଜ୍ଞତା ଓ ଅନୁଭୂତି କପରି ତରଙ୍ଗାୟିତ ହେଉଛି, ତାହା ଦର୍ଶାଇବା ଉଦ୍ଦେଶ୍ୟରେ ଆମେ କେତେକ ବାକ୍ୟାଂଶ ସଂଗ୍ରହ କରୁଛୁ । ଯଥା—ସମୟର ଅପେକ୍ଷା ଗୃହ, ପଳାତକ ସ୍ୱପ୍ନର ହାଓ୍ୱା, ଖବର ଘଣ୍ଟା, ଅସହ୍ୟ ଅର୍ଥଙ୍କ ଭଙ୍ଗାକାଚ, ମୂକ କାନ୍ଥ ପ୍ରଶସ୍ତ ଓ ପ୍ରାଞ୍ଜଳ ଦୁଃଖ, ନୀଳ ବର୍ଣ୍ଣ ମୋର ଦପ୍ ଦପ୍ ଆଶାର ତାରର, ବଜ୍ରର ହଠାତ୍ ସ୍ନେହ, ବୁଢ଼ା ପବନ, କାନର ପୋଷାକହୁଡ଼ା, ସୋରିଷ ଫୁଲଙ୍କ ଆର୍ଦ୍ର ଚିତାଣ, ଫେରାର ଫୁଲର ବାସ୍ନା, ପୋଷାକର ଥଳ ଥଳ ସାବଜାସ୍ତନ, ଆଲୁଅର ଖିଆଲ ହାତ, ସମୟର ଝାପ୍‌ସା ଅନ୍ଧକାର, କେତେ ଆକାଙ୍‌କ୍ଷାର ସଂକ୍ଷିପ୍ତ ଜଳ ପ୍ରପାତ, ଅସମାପ୍ତ ଘଟନାଙ୍କର ଖୋଲା ବଖରା, ବେଶ୍ୟାଙ୍କ ଫାଙ୍କା ପେଟମାନଙ୍କର ଥଣ୍ଡା, ବାଳଶ୍ରୀ ବିଧବା, ପବନ କାନ୍ଥ, ଅନେକ ମୃତ୍ୟୁରେ ଲିପା ଗୋଟିଏ ଅକ୍ଷତ, ଅଦୃଷ୍ଟର ସୁବାସିତ ବେଳ, କାନ୍ଦ୍ କାନ୍ଦ୍ ଅଧୋଗତି, ରହସ୍ୟର ଝାପ୍‌ସା ବୃନ୍ଦାବନ, ପ୍ରେମିକର ସ୍ମୃତିମିଶା ଖସ, ପ୍ରାତ୍ୟହିକ ସ୍ମୃତିର ଉଦ୍‌ଭ୍ରାନ୍ତ ଇତସ୍ତତ ବିଚରଣ, ନୀଳବର୍ଣ୍ଣ ଦ୍ୱିଧା ମୋର ବୟସ୍କ ଆତ୍ମାର, ଉତ୍କ୍ରାନ୍ତ ମୋଡ଼ାଣି, ଭଙ୍ଗାରୁଜା ମନ, ଭଙ୍ଗାଭଙ୍ଗି ଇଚ୍ଛା, ହସକୁଳା

Digitized by PPRACHIN, SOA

ହାନ୍ତି, ଖସ ଛନ ଛନ୍ ଶବ୍ଦ, ଦୋଦପାଞ୍ଚ ଚୁମ୍ବନ, ଗୁଛଗୁଛ ଭଲପାଇବା, ବାଷ୍ପୀୟ ଡେକ, ନିରୁଦ୍ଦିଷ୍ଟ ସୁବାସର ପଲଙ୍କ, ଓ ହୃଦଯନ୍ତ୍ରର ଧୁଡ଼ୁ ଧୁଡ଼ୁ ଅନ୍ତିମ ଧ୍ୱନି ଇତ୍ୟାଦି । ଚେତନାର ଶୈଶବରୁ କବିଙ୍କର ଯେଉଁସବୁ ଅଭିଜ୍ଞତା ଚେତନସ୍ତରରୁ ଅବଚେତନ ସ୍ତରରୁ ଗଢ଼ି ପଡ଼ିଥିଲା, ଏବେ ସୃଜନୀ ଶକ୍ତିର ଅବିଶ୍ଳେଷୀ ଶକ୍ତିରେ ସେହିସବୁ ନିମଜ୍ଜିତ ଆବେଗ ଓ ଚିନ୍ତା ଯେପରି ପୁନରୁଜ୍ଜୀବିତ ହୋଇ ଉଠିଛନ୍ତି ଏହିସବୁ ଚିତ୍ରକଳ୍ପ ସୀମାରେ । ବାକ୍ୟାଂଶ ହୋଇ ଉଠିଛି କବିତ୍ୱ ।

କବିଙ୍କ ଚିତ୍ରକଳ୍ପଗୁଡ଼ିକ ପ୍ରାୟ ପ୍ରତୀକାତ୍ମକ । ଉଭୟ ପ୍ରତୀକ ଓ ଚିତ୍ରକଳ୍ପ କାବ୍ୟଭାଷାର ଆବେଗଗତ (emotive) ପ୍ରୟୋଗ ଅନ୍ତର୍ଭୁକ୍ତ ହେଲେ ହେଁ ଦୁହିଁଙ୍କ ମଧ୍ୟରେ କିଛିଟା ପ୍ରଭେଦ ବିଦ୍ୟମାନ । ଚିତ୍ରକଳ୍ପ ଭାଷାର ବାଚ୍ୟାର୍ଥ ସହିତ ଇନ୍ଦ୍ରିୟସମ୍ବେଦୀ କଳ୍ପନା ଓ ଅନୁଭୂତିକୁ ଉଦ୍‌ବୋଧନ କରିଥାଏ । ପ୍ରତୀକ କାର୍ଯ୍ୟ ଆରମ୍ଭ କରେ ଠିକ୍ ସେଇଠାରୁ । ତାହା ଭାଷାର ସେହି ଆବେଗସଂପୃକ୍ତ ଗୁଣ ସହିତ ସଂଯୁକ୍ତ କରିଦିଏ ମନନଦ୍ୟୋତକ ଗୁଣକୁ । ବାକ୍ୟାଂଶଗୁଡ଼ିକୁ ମନେ ପକାନ୍ତୁ । ପ୍ରତ୍ୟେକଟି ଆବେଗ ଓ ମନନ ସାଯୁଜ୍ୟସମୃଦ୍ଧ । ଶ୍ରୀରଥଙ୍କ କବିତାରେ ଖରା, ପବନ, ବିଧବା, ନର୍ସ, ଟ୍ରେନ୍, ଜାହାଜ, ବିମାନ, ସିଢ଼ି, ମୂଷା, ଘୋଡ଼ା, ଶାଗୁଣା, ମାଳି, ହଳଦିଆ, ସାବ୍‌ଜା, ଯୋଗୀ ଓ ସନ୍ନ୍ୟାସୀ ଆଦି ଶବ୍ଦ ବିଶେଷ୍ୟ ପଦ ମାତ୍ର ନୁହନ୍ତି, ସବୁଗୁଡ଼ିକ ଆବେଗସଞ୍ଚାରୀ ଶବ୍ଦ; ଅଧିକନ୍ତୁ ପ୍ରତ୍ୟେକଟିରେ ଏକ ଏକ ବୃହତ୍ତର ଭାବନାର କଳ୍ପନା କରିଯାଇଛି ମଧ୍ୟ । ଶ୍ରୀରଥ ବେଶି ନଞର୍ଥକ ପ୍ରତୀକ ବ୍ୟବହାର କରନ୍ତି । ତନ୍ମଧ୍ୟରୁ କେତେଗୁଡ଼ିକର ପୁନରାବୃତ୍ତି ଦୃଷ୍ଟି ଏଡ଼ାଇ ପାରେନାହିଁ । ସେହି ପୁନରାବୃତ୍ତିରୁ ବୁଝିବାକୁ ହୁଏ ଯେ, ସେହିସବୁ ପ୍ରାକୃତିକ ବସ୍ତୁ ବା ଘଟଣାର ଉଲ୍ଲେଖ ସାମୟିକ ଅଭିଜ୍ଞତାରୁ ଉଦ୍ଭାବିତ ନୁହନ୍ତି, ସେସବୁ କବିଙ୍କ ଚିତ୍ତରେ ନିରନ୍ତର ପ୍ରବହମାନ ଧ୍ରୁବ ପ୍ରତ୍ୟୟର ବାଚନିକ ବିଗ୍ରହ ରୂପେ ପ୍ରକାଶିତ ହୁଅନ୍ତି । ସେଗୁଡ଼ିକୁ ସଜାଇ ଦେଲେ ଆମେ ତାହାର ମାଧ୍ୟମରେ ତାଙ୍କ ଅନ୍ତରତମ ସତ୍ତାର ନିକଟତମ ସାନ୍ନିଧ୍ୟରେ ପହଞ୍ଚି ଯାଉ ଓ କବିତାକୁ ବୁଝିଥାଉ । ସେଗୁଡ଼ିକୁ ଏବେ ଆମେ ତିନି ଶ୍ରେଣୀରେ ସଜାଉଛୁ,

Digitized by PPRACHIN, SOA

୧) ଖରା, ମରୁଭୂମି, ଗ୍ରୀଷ୍ମଋତୁ, ମଧ୍ୟାହ୍ନ, ଅନ୍ଧାର,
ବେଶ୍ୟା, ହୃଷ୍ଟପୁଷ୍ଟ ଶାଗୁଣା, ଶବ, ସାପ, ରକ୍ତ, କଙ୍କାଳ,
ନଦୀ ଗୁଇ, କୃଷ୍ଣକାୟ ସ୍ତମ୍ଭ, ଭଙ୍ଗା କାଚ, ଚିରାକାଗଜ,
ଜ୍ୱଳନ୍ତ ସ୍ପନ୍ଦନ, ଓ ଶୁଷ୍କ ନୀଳ ଶୂନ୍ୟତା ।

୨) କଟାଧାନ, ଜାହାଜର ଭୁକୁଡ଼ା, ହଳଦିଆ ପତ୍ର, ମଗ୍ନମନ ସ୍ୱପ୍ନ,
ମ୍ଳାନ ତାରା, ଭଙ୍ଗାପୋଲ, କଟା ଅଶୋକ ଗଛ, ଘାତଚନ୍ଦ୍ର,
ରକ୍ତାକ୍ତ ସ୍ୱପ୍ନ, ଦଦରା ଡଙ୍ଗା, ଅଗ୍ନି ବନ୍ଦର, ନୀଳ ବନ୍ଦର,
ବିଧ୍ୱସ୍ତ ଜାହାଜ, ମୃତ ପକ୍ଷୀ, ଖାଲି ଶିଶି, ମୃତ ପ୍ରିୟତମା,
ଭଙ୍ଗର ମଶାଣି, ଶୂନ୍ୟ ଅନ୍ତଃପୁର, ଜଘନ୍ୟ ମଧୁଶଯ୍ୟା, କାଠହାତ
କଟାହାତ, ନଷ୍ଟ ଧାପ ରେଳ ଷ୍ଟେସନ, ହଳଦିଆ ହାସ୍ପାତାଳ,
ଦୁର୍ଗନ୍ଧ ହାଣ୍ଡି, ସଢ଼ାପାଣିପୂର୍ଣ୍ଣ ପୋଖରୀ, ଶୂନ୍ୟ ଷ୍ଟେସନ,
ନୀଳବର୍ଣ୍ଣ ଯୌବନ, ନଗର ଧ୍ୱଂସାବଶେଷ, ବିକଳାଙ୍ଗ
ସୌନ୍ଦର୍ଯ୍ୟ, ପ୍ରାଣହୀନ ନଗର, ନିର୍ମମ ପ୍ରତ୍ୟୁଷ, ସୁନ୍ଦରୀ ବିଧବା,
ପ୍ରାଣହୀନ ସମୁଦ୍ର, ନଗ୍ନଟିଆ ଷ୍ଟେସନ, ଅସଫଳ ପ୍ରେମ ଓ
ଲୁହ ସୁଡ଼୍ ସୁଡ଼୍ ନୀଳକଇଁ । ଇତ୍ୟାଦି ।

୩) ଫେରାର ରାସ୍ତା, ଫେରାର ବାଦ୍ୟ, ଫେରାର ଆତ୍ମା,
ଫେରାର ନିମୂର୍ତ୍ତି, ଫେରାର ଫୁଲର ବାସ୍ନା,
ଅନୁପସ୍ଥିତ ବଂଶୀଧାରୀ, ଅନ୍ତର୍ଦ୍ଧାନ ରାଜକୁର ଚମ୍ପାପଟା,
ଅନ୍ତର୍ହିତ ଉଷ୍ମ ଓଠ, ବିଲ୍ କୁଲ ନଥିବା ମତ୍ସ୍ୟଫେଣା,
ଅସମ୍ଭବ ମିଳନ, ଅପ୍ରସ୍ତୁତ ଭବିଷ୍ୟତ ଓ
ଅସମ୍ଭବ ଶରତ ଋତୁ ଇତ୍ୟାଦି ।

ମୃତ୍ୟୁ ବିନ୍ୟସ୍ତ ଜୀବନ ବୋଧର ପ୍ରତୀକଳ୍ପ ଭାବରେ ପ୍ରତୀକ ଗୁଡ଼ିକ ପ୍ରଯୁକ୍ତ । ପ୍ରଥମ ଭାଗରେ କବିଚିତ୍ତ ତୀବ୍ର ମୃତ୍ୟୁସଚେତନ ଓ ପ୍ରଚଣ୍ଡ ନୈରାଶ୍ୟ ପରବଶ । ଦ୍ୱିତୀୟ ଭାଗରେ ନୈଃଶ୍ୟ ଓ ମୃତ୍ୟୁଉତ୍ତୀର୍ଣ୍ଣ ଶୁଭ ସୌନ୍ଦର୍ଯ୍ୟ ଆକାଂକ୍ଷାର ବ୍ୟାକୁଳତା ସବୁଠି ଅନୁତ୍ତରଣୀୟ ବିରୋଧ ଲକ୍ଷ୍ୟ କରୁଛୁ; ଶୂନ୍ୟ ଅନ୍ତଃପୁର, ନୀଳବନ୍ଦର ଓ ନଗ୍ନଟିଆ ଷ୍ଟେସନ ବିଚ୍ଛେଦାତୁର

Digitized by PPRACHIN, SOA

ଆତ୍ମାର ଅସଙ୍ଗ ବ୍ୟଥାର ଅନୁଷଙ୍ଗ ରୂପେ ଆଁକି ରହିଛନ୍ତି; ଖାଲି ଶିଶି ଓ ଢାଳଦିଆ ହାସ୍ପାତାଳ ଆରୋଗ୍ୟ ଲାଭର ସମ୍ଭାବନାକୁ ଶେଷକରି ବୁଝିଛନ୍ତି, ମ୍ଳାନତାରା, ପ୍ରାଣହୀନ ସମୁଦ୍ର ଓ ଲୁହ ଶୁଣ୍ଡୁବୁଡ଼ୁ ମାଳ କରି ସବୁ ସ୍ୱପ୍ନର କରୁଣ ପରିଣାମ ସୂଚାଉଛନ୍ତି ଇତ୍ୟାଦି ଇତ୍ୟାଦି । ତୃଷ୍ଣାପୂ ଜଗତରେ ଉଦ୍ଧାରର ପଥ ଅବରୁଦ୍ଧ । ବଂଶୀଧାରୀ ଅନୁପସ୍ଥିତ । ନିର୍ଭର-ଯୋଗ୍ୟ ଆଶ୍ରୟର ନିଶ୍ଚିତ ଅଭାବରୁ ଏବେ ଜୀବନବୋଧ ଯେବେ ଉତ୍କେନ୍ଦ୍ରିକ ହୁଏ, ଅନୁଭୂତି ଯେବେ ସନ୍ଦିଗ୍ଧ ଓ ବିକ୍ଷୁବ୍ଧ ରହେ, କାବ୍ୟନାୟକ ଯେବେ ନିରୁପାୟ ଭାବରେ ଧିକ୍କାର, ବିଦ୍ରୂପ ଓ କରୁଣାରେ ନିଜକୁ ଆହତ କରେ, ସେଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି? ପ୍ରତୀକ ଗୁଡ଼ିକ ଏମିତି କବି ଓ କବିତାକୁ ବୁଝାଇ ପାରନ୍ତି । କବିଙ୍କ ଗଭୀର ଅନୁଭୂତି ଯେବେ କାବ୍ୟମଧ୍ୟରେ ଗର୍ଭିକଷ ହୁଏ, ତେବେ ଏହି ପ୍ରତୀକଙ୍କିତାର ଗୂଢ଼କାଠି । ପ୍ରତୀକ କିନ୍ତୁ ରୂପକ (metaphor) ମାତ୍ର ନୁହେଁ । କେବଳ ଗୋଟିଏ ମାତ୍ର ଭାବର ପ୍ରତିଭୂ ଯେଉଁ ଶବ୍ଦକଳ୍ପ, ତାକୁ ଆମେ ପ୍ରତୀକ କହିବାକୁ ପରାଙ୍ମୁଖ । ଜର୍ଜ ହ୍ୱେଏଲି କହନ୍ତି, "A symbol, like a metaphor does not stand for a thing or for an idea; it is a focus of relationships." ପ୍ରତୀକ ବହୁ ଜଟିଳ ଓ ପରସ୍ପର ସଂପୃକ୍ତ ଧାରଣାର ନାଭିକେନ୍ଦ୍ର । କବିଙ୍କ ସୃଜନୀ ଶକ୍ତିର ଏକାଧିକ ଅଭିଜ୍ଞା, ଅନୁଭୂତି ଓ ଇନ୍ଦ୍ରିୟ ସମ୍ବେଦନା ଶିଳ୍ପ-ରୂପ ଧାରଣ କରି ପାରନ୍ତି ଗୋଟିଏ ପ୍ରତୀକରେ । ତା ସହିତ ଦ୍ୱ୍ୟର୍ଥକତାର ସମ୍ପର୍କ ନିବିଡ଼ । ପ୍ରତୀକର ସୁନିର୍ଦ୍ଧାରିତ ଓ ଅବିସମ୍ବାଦିତ ବ୍ୟାଖ୍ୟା ହୋଇ ନ ପାରେ । ଦ୍ୱ୍ୟର୍ଥ ବା ସନ୍ଦିଗ୍ଧାର୍ଥ (ambiguity) ଆଜି କବିତାର ଅପକୃଷ୍ଟତା ହୋଇ ରହିନାହିଁ, ଉଇଲିୟାମ୍ ଇମ୍ପସନ୍ ତାକୁ ସୂକ୍ଷ୍ମକଳା କୌଶଳର ମର୍ଯ୍ୟାଦାରେ ଭୂଷିତ କରିଛନ୍ତି । ଶ୍ରୀରଥଙ୍କ 'ଜନନୀର ସ୍ନେହ', 'ଧର୍ମ ପ୍ରତି ଭୃତ୍ୟର ଉକ୍ତି' ଓ 'ଧୀବର' ଆଦି କବିତାରେ ପ୍ରତୀକକୁ ଆଶ୍ରୟ କରି ଅନେକ ସ୍ତରର ଭାବନା ମିଶି ରହିଛି । ଏଥିରୁ 'ଧର୍ମପ୍ରତି ଭୃତ୍ୟର ଉକ୍ତି' କବିତାର ପ୍ରତୀକାତ୍ମକତା ବିଚାର୍ଯ୍ୟ । ଏହି କବିତାର ସବୁଠୁଁ ନିମ୍ନ ସ୍ତରରେ ରହିଛି ଆକ୍ଷରିକ ଭାବରେ ଧର୍ମ ପ୍ରତି ଭୃତ୍ୟର ଉକ୍ତି —ପୁଞ୍ଜିବାଦୀ ପ୍ରତି ସର୍ବହରାର ଆକ୍ଷେପ ଓ ଅଭିଯୋଗ । ଏହି ଦୃଷ୍ଟିରୁ କେହି

Digitized by PPRACHIN, SOA

କେହି ତାକୁ ପ୍ରଗତି ଚେତନାର କବିତା ବୋଲି ଚିହ୍ନିତ କରନ୍ତି । କିନ୍ତୁ ଯେଉଁ କବି ଜୀବନ ମଧ୍ୟରେ ମୃତ୍ୟୁକୁ ଅନୁଭବ କରିବାର ସୂକ୍ଷ୍ମ ସଚେତନତା ସଦା ଜାଗ୍ରତ ରଖନ୍ତି, ଯାହାଙ୍କ ପ୍ରାଣରେ ଶାଶ୍ୱତ ଭାବନାଗୁଚ୍ଛ ମୁହୁର୍ମୁହୁ ଆନ୍ଦୋଳିତ ହେଉଥାଏ, ତାଙ୍କ ପକ୍ଷରେ କି ନିରୁତା ବାମପନ୍ଥୀ କବିତା ଲେଖିହୁଏ ? ଆକ୍ଷରିକ ଅର୍ଥରେ ଧର୍ମ ଓ ଭୃତ୍ୟର ଅନୁଷଙ୍ଗ ବଡ଼ ବାହ୍ୟ । ତାଙ୍କୁ ଅତିକ୍ରମ କରି କବିତାର ଉପର ସ୍ତରରେ ଠିଆ ହୋଇଛନ୍ତି ମୃତ୍ୟୁ ଓ ମହିଷ ବା ସମୟ ଓ ମଣିଷ । ସ୍ୱପ୍ନଙ୍କର ଆଶାବାଡ଼ି ଉପରେ ଭର ଦେଇ ପ୍ରେତଟା ପରି ଆସିଥିବା ଲୋକର ପ୍ରଶ୍ନଟିରୁ ମଣିଷ କ'ଣ ଅଚିହ୍ନା ରହେ ? ସ୍ୱପ୍ନାହତ କେତେ ଅପନ୍ତର, ଧୂ ଧୂ ଖରବେଳ, କୋଡ଼ିଏଡ଼ି ଶତାବ୍ଦୀଙ୍କ ଅନ୍ତ ପରି ଛିନ୍ନଛନ୍ନ ରେଳପଥ, ଶୁଖିଯାଇଥିବା ନଈ ଆଦି ସହିତ ଲୋକଟିକୁ ସମନ୍ୱିତ କରି ନିଅନ୍ତୁ ଓ ପ୍ରେତ ଭୁଲାଟିଏ କୌଶଳରେ ବ୍ୟବହାର କରୁଥିବା ଧର୍ମଙ୍କୁ 'ସମୟର ଅଭ୍ୟସ୍ତ ହାତର ନିପୁଣ ଓ ନିର୍ମମ ଖଣ୍ଡ' ସହିତ ମିଳାଇ ଦେଖନ୍ତୁ । ଧର୍ମ ଓ ଭୃତ୍ୟ ସମ୍ବନ୍ଧ ବ୍ୟାଖ୍ୟାରେ ଏହି ପ୍ରଶ୍ନଗୁଡ଼ିକର ମର୍ମାର୍ଥ ଠିକ୍ ଗ୍ରାହ୍ୟ ହେବନାହିଁ । ଗତକାଲି ନିହତ ବ୍ୟକ୍ତିର ନିଃଶ୍ୱାସରୁ ଉଦ୍ଭବ ପ୍ରଶ୍ନହିଁ କବିଙ୍କର ପ୍ରଶ୍ନ । ମଣିଷର ଅସ୍ତିତ୍ୱ ଓ ଭୂମିକା ସମ୍ବନ୍ଧରେ ଶ୍ରୀରଥଙ୍କର ଯେଉଁ ପ୍ରଶ୍ନାତୁରତା ଅଛି, ତାହା ସହିତ ବରଂ ପ୍ରଗତି ଚେତନାର ସ୍ଥୂଳତାକୁ ସମନ୍ୱିତ କରିବା କଷ୍ଟକର ବ୍ୟାପାର । ତେବେ ପ୍ରଶ୍ନକରେ ଅନେକ ବ୍ୟାଖ୍ୟା ଅନ୍ତର୍ଲୀନ ହୋଇପାରନ୍ତି, ଏପରିକି ଆପାତତଃ ବିରୋଧୀ ବ୍ୟାଖ୍ୟା ମଧ୍ୟ ତାର ନାଭି କେନ୍ଦ୍ରରେ ସମ୍ମିଳିତ ହୋଇ ପାରନ୍ତି । କବିତାଟିର ସ୍ଥୂଳ ବ୍ୟାଖ୍ୟା ଗୋଟିଏ ବ୍ୟାଖ୍ୟା ଅବଶ୍ୟ ମାତ୍ର ତାହା ଶେଷକଥା ନୁହେଁ; ସେହି ବ୍ୟାଖ୍ୟା ଆମ ଚେତନାର ସ୍ଥୂଳତାକୁ ବରଂ ସ୍ପୃଶଇଥାଏ । 'ଜନନୀର ସ୍ନେହ' କବିତାର ଜନନୀ ମଧ୍ୟ ହୋଇ ପାରନ୍ତି ସ୍ୱୟଂ କାଳ—ସନ୍ତାନକୁ ଜନ୍ମ ଦେଇ ପର ମୁହୂର୍ତ୍ତରେ ତାକୁ ତିଳ ତିଳ କରି ହତ୍ୟା କରିବ ଆଉ କିଏ ?

ଅନେକ ପରିମାଣରେ କବିତାର ସୌନ୍ଦର୍ଯ୍ୟ ଭାଷାର ଅଭ୍ରାନ୍ତତା ଓ ନୂତନତା ଉପରେ ପ୍ରତିଷ୍ଠିତ । ଶ୍ରୀରଥ ଶ୍ରମପୂର୍ବକ ନିଜର କାବ୍ୟଭାଷା ସୃଷ୍ଟି କରିଛନ୍ତି । ସାଧାରଣ ଭାଷାଠାରୁ କାବ୍ୟଭାଷାର

Digitized by PPRACHIN, SOA

ପାର୍ଥକ୍ୟ ବୁଝାଇବାକୁ ଭାଷାବିଜ୍ଞାନୀ ଜାନ୍ ମୁକୁରଭସ୍କି (Jan Mukarovsky) 'Standard Language and Poetic Language' ନାମକ ବନ୍ଧଟିଏ ଲେଖିଛନ୍ତି । ସେଥିରେ ସେ କାବ୍ୟ ଭାଷାର ବିଶେଷତ୍ୱକୁ foregrounding ଆଖ୍ୟା ଦିଅନ୍ତି, "The function of poetic language consists in the maximum of foregrounding of utterance" ଭଲ କବିତା ସାଧାରଣ ଭାଷାର ନିଷ୍ପ୍ରାଣ ଅଭ୍ୟାସଜୀର୍ଣ୍ଣ ଗତାନୁଗତିକ ପ୍ରତୀକ ଓ ଶବ୍ଦକୁ ବ୍ୟବହାର କରେ ନାହିଁ । କବିଙ୍କୁ ତେଣୁ ଅନୁକ୍ଲିଷ୍ଟ ନୂଆ ପ୍ରତୀକ ଓ ଶବ୍ଦକୁ ନିର୍ମାଣ କରି ଭାଷାର 'ଫୋରଗ୍ରାଉଣ୍ଡିଙ୍ଗ୍' ପ୍ରସ୍ତୁତ କରିବାକୁ ହୁଏ । କିନ୍ତୁ କାଳ ପରେ ତାଙ୍କର ଅନୁକାରୀ ଦଳ ସେହି କାବ୍ୟଭାଷାକୁ ବ୍ୟବହାର କରି କରି ନଷ୍ଟ କରି ଦିଅନ୍ତି, ତା'ର ସତେଜତା ଚାଲିଯାଏ; ହୃତଦୀପ୍ତି ଭାଷା ଆଉ କାବ୍ୟଯୋଗ୍ୟ ହୋଇ ରହେ ନାହିଁ । ତାହା ଶେଷକୁ କଥ୍ୟ ଭାଷାରେ ପରିଣତ ହୁଏ । ଯୁଗେ ଯୁଗେ ଏମିତି ଭାଷାର foregrounding ଓ back grounding ଚାଲିଥାଏ । ଶ୍ରୀରଥଙ୍କ କାବ୍ୟ ଭାଷାରେ ଆମେ ସେହି foregrounding ଲକ୍ଷ୍ୟ କରିଛୁ । ଆଜି ଆଧୁନିକ ଓଡ଼ିଆ କାବ୍ୟଭାଷାରେ ରମାକାନ୍ତୀତତ୍ତ୍ୱ ଆଉ ଦୁର୍ଲକ୍ଷ୍ୟ ନୁହେଁ । କବିଙ୍କ ଚାରିପାଖରେ ବେଶ୍ ଭିଡ଼ ଜମିଛି । ଭାବ ଦିଗରୁ ସେତେ ନୁହେଁ, ଭାଷା ବ୍ୟବହାର କୌଶଳ ଓ ପ୍ରତୀକଶବ୍ଦକୁ ଉପସ୍ଥାପନା ଶୈଳୀରୁ ତାଙ୍କୁ ତରୁଣ କବିଏ ଅନୁକରଣ କରୁଛନ୍ତି ଯଥେଷ୍ଟ । ଅନେକ ଅବଶ୍ୟ ତାଙ୍କ ଦେଖାଦେଖି ମୃତ୍ୟୁର କବି ! ନ ଥାଉ ପଛେ ମୃତ୍ୟୁ କି ଜୀବନ ସମ୍ପର୍କରେ ପ୍ରଶ୍ନାତୁରତା କି ସମ୍ବେଦନଶୀଳତା ! ଏଠାରେ କିନ୍ତୁ ଆମେ କେବଳ କାବ୍ୟଭାଷାର ପ୍ରଭାବ କଥା ବିଚାର କରୁଛୁ । ଅନେକେ ତାଙ୍କ କାବ୍ୟଭାଷାରୁ ମୂଲ୍ୟବାନ ଶିକ୍ଷା ଓ ଉପାଦାନ ସଂଗ୍ରହ କରୁଛନ୍ତି, ଏପରିକି ତାଙ୍କ ପ୍ରତୀକ, ଶବ୍ଦକୁ ଓ ବାକ୍ୟାଂଶବିଶେଷଣ ମଧ୍ୟ ବ୍ୟବହାର କରୁଛନ୍ତି । foregrounding ସହିତ ଆରମ୍ଭ ହୋଇଯାଇଛି backgrounding । ଏହାଦ୍ୱାରା ତାଙ୍କର କିଛି କ୍ଷତି ନାହିଁ । ଯେଉଁମାନେ ଉଚ୍ଛିଷ୍ଟ ପ୍ରୟୋଗରେ ସନ୍ତୁଷ୍ଟ ହେଉଛନ୍ତି ସେହିମାନଙ୍କର କ୍ଷତି । ଅଭ୍ୟସ୍ତ ଭାଷାରେ ଭଲ କବିତା ଲେଖି ନ ହୁଏ ନୁହେଁ । ମାତ୍ର

Digitized by PPRACHIN, SOA

ତାହା ପ୍ରବଳ ବିଷୟ । କାବ୍ୟ ଭାଷାକୁ ଶ୍ରୀରଥ ଯେ ନିଜ ପ୍ରତ୍ୟୟାନୁଗାମୀ କରିବାକୁ ଯାଇ ନୂଆ କରି ଗଢ଼ିଛନ୍ତି, ସେହି ସଂଚେତନ ରୂପକର୍ମ ମଧ୍ୟରେ ସେ ଯଶସ୍ୱୀ ରହନ୍ତି ।

ଷୋହଳ :

କବି ଶ୍ରୀ ରଥ କାବ୍ୟରୂପ ବା ଫର୍ମକୁ ନିଜ ଅନୁଭୂତିର ରୂପାୟନ ପାଇଁ ଗ୍ରହଣ କରିଛନ୍ତି । ସେହି ଅନୁଭୂତି ମଧ୍ୟରେ ଯେପରି ଯୁଗର ସାଙ୍ଗଜମାନ ନୈରାଶ୍ୟ, ବେଦନା ଓ ଅନ୍ତଃସାରଶୂନ୍ୟତା ପ୍ରକାଶ ପାଇଛି ଠିକ୍ ସେପରି ଅନ୍ୟ ପକ୍ଷରେ ତାଙ୍କ ବ୍ୟକ୍ତିଗତ ଜୀବନର ଦୁଃଖ, ଦ୍ୱନ୍ଦ୍ୱ ଯନ୍ତ୍ରଣା ଓ ମୃତ୍ୟୁବୋଧ ଜଡ଼ିତ ରହିଛି । ତାଙ୍କ କବିତାକୁ ବ୍ୟକ୍ତିକେନ୍ଦ୍ରିକ ବୋଲି ଯାହା କୁହାଯାଏ, ତାହା ଏହି ଦୃଷ୍ଟିରୁ ଠିକ୍ ଯେ, ସେହି ବ୍ୟକ୍ତି-କେନ୍ଦ୍ରିକତାର ବ୍ୟକ୍ତିଟି ହେଉଛନ୍ତି ସ୍ୱୟଂ ସେହି କବି । ତେଣୁ ତାଙ୍କୁ ଆତ୍ମକେନ୍ଦ୍ରିକ ବୋଲି କେହି ଅପବାଦ ଦେଇ ପାରିବେ ନାହିଁ । ସବସ ସେ ନିଜକୁ ଆଙ୍କିଛନ୍ତି ଅତ୍ୟନ୍ତ ସାଧାରଣ ରକ୍ତମାଂସର ମଣିଷ ରୂପେ । ସେହି ମଣିଷଟିର ହୃଦୟ ବଡ଼ ଅପରିଣାମଦର୍ଶୀ ଅବଶ୍ୟ—ସେ ଅସମ୍ଭୃତ ଅମୃତ ଅଭିଳାଷ ଯେନ ଚନ୍ଦ୍ରକୁ ହାତ ବଢ଼ାଏ ଆଉ ନ ପାଇଲେ ନିଜ ହତଭାଗ୍ୟକୁ ଅଭିସମ୍ପାତ ଦିଏ (ମୁଁ ଧିକ୍କାର କରେ, ମୋର ଭାଗ୍ୟକୁ ଧିକ୍କାରେ) । ଅମୃତାକାଙ୍‌କ୍ଷା ପୋଷୁଥିବାରୁ ସେ ନିଜକୁ ଯେତିକି ଭଲପାଏ, ଅକ୍ଷମତା ଓ ଅକୃତାର୍ଥତା ପାଇଁ ସେତିକି ସେ ନିଜକୁ ଅବଜ୍ଞା କରେ ଓ ଆଘାତ ଦିଏ (ଏହାହିଁ ଜୀବନ ମୋର, ନିଜ ପ୍ରତି ଶତ୍ରୁତା ନିଜର/ଅଜସ୍ର, ଅଜସ୍ର ଏ ପ୍ରେମ ନିଜ ପ୍ରତି—ଚତୁର୍ଦ୍ଦିଗେ, ସବୁ ସମୟରେ) । ତେଣୁ ଶ୍ରୀରଥ ଯେଉଁଠି ଏକାନ୍ତ ନିଜର ପରାଜିତ ପର୍ଯ୍ୟୁଦସ୍ତ ଯନ୍ତ୍ରଣାଦଗ୍ଧ ହୃଦୟର କଥା କହିଛନ୍ତି, ସେଠାରେ ସେ ପରୋକ୍ଷରେ ସବୁ ସାଧାରଣ ମଣିଷଙ୍କର ପ୍ରାତ୍ୟକ୍ଷୀ ଦୁଃଖଦ୍ୱନ୍ଦ୍ୱଯନ୍ତ୍ରଣାର କଥା କହନ୍ତି । କବିତର ସ୍ଥାନକାଳୋତ୍ତର ମାନବତାର ଚିତ୍ର । ତେଣୁ ତାଙ୍କର ଆବେଗାନୁଭୂତି ବ୍ୟକ୍ତିଗତ ହୋଇ ମଧ୍ୟ ନୈର୍ବ୍ୟକ୍ତିକ ରହେ ।

Digitized by PPRACHIN, SOA

ଶ୍ରୀରଥଙ୍କୁ ଆମେ ନିଷ୍ପ୍ରେମ ଜଗତ ଓ ଜୀବନରେ ପ୍ରେମର କବି ବୋଲି କହିବୁ । କବି ଗାଲିବଙ୍କ ଭାଷାରେ କହିଲେ, ଦୁନିଆର ଏହି ଭୟାନକ ଉଜାଡ଼ ମଜଲିସରେ ସେ ପ୍ରାଣୀଟିଏ ଯିଏ ନିଜର ପ୍ରେମ ଶିଖାକୁହିଁ ସର୍ବସ୍ୱ ଜ୍ଞାନ କରନ୍ତି । ଯାହାଙ୍କ ହୃଦୟରେ ପ୍ରେମ ନାହିଁ, ପ୍ରୀତି ନାହିଁ, କରୁଣାର ଆଲୋଡ଼ନ ପର୍ଯ୍ୟନ୍ତ ନାହିଁ, ଠିକ୍ ସେହିମାନଙ୍କ ସୁପରାମର୍ଶ ବିନା ଆଜ ପୃଥିବୀର ଅଚଳ ଅବସ୍ଥା ! ଏଥିରେ ଯେତେବେ କବିଙ୍କ ବିଷଣ୍ଣ ମମତ୍ୱବୋଧକୁ ଶ୍ଳେଷ ଓ ବିଦ୍ରୂପ ଆଚ୍ଛନ୍ନ କରିଥାଏ, ସେଥିରେ ବିଚଳିତ ହେବାରେ କିଛି ନାହିଁ । ସ୍ୱାର୍ଥପାଖରେ ଅପହୃତ ହୋଇଛି ମଣିଷର ବିଶ୍ୱାସ । ସତ୍‌ଶୁଭ ଆସ୍ତିକ୍ୟବୁଦ୍ଧିସମ୍ପନ୍ନ ଲୋକଟିଏ ମଧ୍ୟ ଖୋଜିଲେ ମିଳିବା ମୁସ୍କିଲ । ସଂସ୍କୃତିଚେତନା ବିପର୍ଯ୍ୟସ୍ତ ପ୍ରାୟ, ଅସ୍ତିତ୍ୱର ଉଦ୍‌ଭଟତା ଓ ନିରର୍ଥକତା ଭୟାନକ; ଦୁଃଖ, ଦୈନ୍ୟହତାଶା ଓ ପରାଜୟ ତୀବ୍ର ତଥା ପରିବ୍ୟାପ୍ତ । ବ୍ୟର୍ଥତାର ସାକ୍ଷ୍ୟ ସର୍ବତ୍ର । ତଥାପି ଶ୍ରୀରଥ ନେତିବାଦୀ ନୁହନ୍ତି । ସେ ମୃତ୍ୟୁରୁ ଅମୃତ ସନ୍ଧାନରେ ବାହାରିଛନ୍ତି, ଯଦିଓ ପ୍ରତି ପଦକ୍ଷେପରେ ତାଙ୍କ ପାଇଁ ଗନ୍ତବ୍ୟର ସୁଦୂରତା ସ୍ପଷ୍ଟତର ହୋଇ ଉଠୁଥାଏ । ଉତ୍ତରଣର ଏକମାତ୍ର ଅସ୍ତ୍ର ପୁଣି ପ୍ରେମ, ଯାହା ଅଚରିତାର୍ଥ ହେବାକୁ ବାଧ୍ୟ । ଏବେଣ ଲୋକେ ଯାହାକୁ ପ୍ରେମ ବୋଲି କହୁଛନ୍ତି; ତାହା ତାଙ୍କ ପାଇଁ ମସ୍ତିଷ୍କବିକାର ଭିନ୍ନ ଅନ୍ୟ କିଛି ହୋଇ ପାରୁନାହିଁ । ତଥାପି ନୈରାଶ୍ୟ ତାଙ୍କର ନଞର୍ଥକ ନୁହେଁ । ପ୍ରତ୍ୟାଶା ଓ ପ୍ରତ୍ୟୟର ସଂଘାତରୁ ତାଙ୍କ ନୈରାଶ୍ୟର ଜନ୍ମ ।—
'Between the idea/And the reality/Falls the shadow'
ଆଉ ସେହି ସଂଘାତର ଆଲୋଡ଼ନହିଁ ତାଙ୍କ କାବ୍ୟର ସର୍ବଧାନୀ ପ୍ରେରଣା । କବିତା—poetry of tension. ଯୁଗପତ ଆଶାନୈରାଶ୍ୟ, ବିଶ୍ୱାସସଂଶୟ, ପ୍ରେମମୃତ୍ୟୁ ଓ ଆଦର୍ଶବାସ୍ତବାଦ ଏକାଧିକ ଆବେଗମନନର ଆକର୍ଷଣବିକର୍ଷଣ ତାଙ୍କ ଚିତ୍ତରେ ଯେଉଁ ଆଲୋଡ଼ନ ସୃଷ୍ଟିକରେ, ତାହାହିଁ କବିତା ରଚନା କର୍ମରେହିଁ ଶାନ୍ତ ଓ ଆତ୍ମସ୍ଥତାରେ ପରିବର୍ତ୍ତିତ ହୋଇଥାଏ । ତେଣୁ ତାଙ୍କ ନୈରାଶ୍ୟ ମଧ୍ୟରେ ଏକ ମାନବିକ ମହିମା ଆମେ ଲକ୍ଷ୍ୟ କରୁଛୁ, ତାହା ଆମ ଅସ୍ତିତ୍ୱର ଦିବ୍ୟତା ସୂଚାଏ, ନୈତିକ ତଥା ମାନବିକ ମୂଲ୍ୟବୋଧର ଉଚ୍ଚତା ବୁଝାଏ । ଧୂଳିକଣା ପଥରେ

Digitized by PPRACHIN, SOA

କ'ଣ ସୂର୍ଯ୍ୟ ପର୍ଯ୍ୟନ୍ତ ପହଞ୍ଚିବା ସମ୍ଭବ ? ଅସମ୍ଭବ ପ୍ରାୟ । ତେବେ କ'ଣ ଚେଷ୍ଟା କରାଯିବ ? ତାହାହିଁ ସଙ୍ଗତ । ଧୂଳିକଣାର ଏହି ଚେଷ୍ଟାରେ ଯେଉଁ ନୈରାଶ୍ୟ ବେଦନା ଅଛି, ଗାଲିବଙ୍କ କବିତାରେ ସେହି ନୈରାଶ୍ୟ ବେଦନାକୁ ଯେ କେହି ଲକ୍ଷ୍ୟ କରି ପାରିବେ । ତାହାଠାରୁ ବଳି ମାନବିକ ମହିମା ଆଉ କ'ଣ ଅଛି କି ? ଆମେ କବି ଗାଲିବଙ୍କର ଅନ୍ୟ ଏକ ଶେର୍ ଗାଇ ଉପସଂହାର କରୁଛୁ,

ଉରୁଜ-ଏ ନ-ଉମ୍ମୀଦୀ-ଏ ଚଶମ-ଏ ଜଖମ ଚର୍ଥ କେଯ୍ୟାଜାନେ,
ବହାର-ଏ ଦେଖିଜାଁ ଅଜ ଆହ୍-ଏ ବେତାସୀର ହୈ ପୟଦା—

[ଆହତ ଆଖିର ନୈରାଶ୍ୟର ମହିମା ଆକାଶ ଜାଣେ ନା; ହେମନ୍ତହୀନ ବସନ୍ତ ବିଫଳ ଦୀର୍ଘଶ୍ୱାସ ମଧ୍ୟରେ ହିଁ ଜନ୍ମ ନେଇଥାଏ ।]

Digitized by PPRACHIN, SOA